

Digitized by srujanika@gmail.com

ସପନମାଟି

ଶ୍ରୀ ଗୋପୀନାଥ ମହାନ୍ତି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ରନ୍ଥପ୍ରକାଶିନୀ, ସୂତାହାଟ, କଟକ-୧

ପ୍ରଥମ ସଂସ୍କରଣ : ୧୯୫୪
ନୂତନ ସଂସ୍କରଣ : ୧୯୮୧
ପୁନର୍ମୁଦ୍ରଣ ଜୁଲାଇ : ୧୯୯୦

ମୂଲ୍ୟ : ଟ ୨୦.୦୦

Digitized by srujanika@gmail.com

ଉପହାର

ଶ୍ଲାଘ୍ୟ ଭଣୋଇଁ ଶ୍ରୀଯୁକ୍ତ ମଦନମୋହନ ମହାପାତ୍ରଙ୍କ କରକମଳରେ—

ପ୍ରିୟବର,

ଆପଣଙ୍କର ଇଦାନୀନ୍ତନ ଅବସ୍ଥା ଅବଲୋକନ କରି କିଏ ବିଶ୍ୱାସ କରିବ ଯେ ଆପଣ ଏକଦା ଅଶ୍ୱାରୋହୀ ଯୁବକ ଥିଲେ, କରିଫୁଲ୍‌ଟେରି ପାଗମଣ୍ଡିତ ଜମିଦାରପୁତ୍ର ଯୁବଜନୋଚିତ ସାଜ ଲଗିହୋଇ ନିଜଗଡ଼ 'ଅରଡ଼ାଅପଦା'ରୁ ବାହାରି ବାଲୁକାମୟ ଗୋପ ରାସ୍ତାରେ ତୀରବେଗରେ ଅଶ୍ୱ ଚାଳନା କଲା-ବେଳେ ଦର୍ଶକମାନଙ୍କର ପ୍ରଶଂସିତ ହେଉଥିଲ ଯେତେ ଅବା ସ୍ୱୀୟ ପୂର୍ବପୁରୁଷ-ମାନଙ୍କ ପରି ଆପଣ ମଧ୍ୟ ମୋଗଲଦରବାର ଅଭିମୁଖେ ଗଜପତି ଗ୍ରାମୁଙ୍କ 'ଡଗର' ଧାବିତ ହେଉଛନ୍ତି ! କିଏ ବିଶ୍ୱାସ କରିବ ଯେ ଆପଣ ବି ଦିନେ ଶୁଭ୍ର ଖଦଡ଼ ମଣ୍ଡିତ ହୋଇ, ପୃଷ୍ଠ ଦେଶରେ ଖଦଡ଼ ଗଣ୍ଠିରି ଦୋହି, ଆନତ ବକ୍ଷରୁ ପ୍ରଲମ୍ବ ହାର୍ମୋନିଆ ଉପରେ "ଝଇରେ ଅଜି ଅସିଚ ଦିନ" ଅଥବା "ଲୁଣ ମାରିବାକୁ ଚାଲ" ଉଦାତ୍ତ କଣ୍ଠରେ ଗାୟନ କରି କରି ଅମ୍ଭ ଗ୍ରାମ ନାଗବାଲିର ଗୋଟରେ ଗୋଟରେ ଗୋବିନ୍ଦପୁର ଥାନା ଅଭିମୁଖେ ଧାଡ଼ି-ଦେଉଥିଲେ ଓ ଆପଣଙ୍କ ପଶ୍ଚାତ୍ ପଶ୍ଚାତ୍ ନୂତନ ସନ୍ଦେଶ ଶ୍ରବଣ କରିବା ଆକାଙ୍‌କ୍ଷାରେ ଅଥବା ଆପଣଙ୍କ ତାତ୍କାଳିକ ଦୁର୍ଣ୍ଣୀ ଉପଭୋଗ ଲାଳସାରେ ଆମ୍ଭ ଗ୍ରାମର ଭାଲୁଆ, ବାଘା, ଟିପୁ, ଟମ୍ ପ୍ରଭୃତି ବାନରର ବୀରବୃନ୍ଦ ଓ ବାନରସେନାଏଁ ଧାଇଁଯାଉଥିଲେ ଶଙ୍ଖନାଦପଛାକେ !

କିଏ ବିଶ୍ୱାସ କରିବ ଯେ ଆପଣ ଓ ଆପଣଙ୍କ ସହକର୍ମୀଦଳଙ୍କ ଉଦ୍ୟମ ଓ ଉତ୍ସାହରେ ଅନେକେ ଚାକିରି ଛାଡ଼ିଲେ, ଅନେକେ ପଢ଼ା ଛାଡ଼ିଲେ, ଅନେକେ ଅଫିମ ଛାଡ଼ିଲେ, ଅନେକେ ବିଲାତିଲୁଗା ଛାଡ଼ିଲେ ଓ ବାଇଶିଖଣ୍ଡ ମୌଜାରେ ହଠାତ୍ ଗଜୁରିଉଠିଥିଲା ମାଣ ମାଣ କପାଗଛ ଓ ଶହ ଶହ ତନ୍ତ !

Digitized by srujanika@gmail.com

କିଏ ବିଶ୍ୱାସ କରିବ ଯେ ଆପଣ ଦିନେ ରାମରାଜ୍ୟର ସ୍ୱପ୍ନ ଦେଖୁଥିଲେ, ଠେଙ୍ଗାକୁ ପିଠେଇଥିଲେ, ହରିଜନ ଘରେ ଖାଇ ଖାଇ ବୁଲୁଥିଲେ !

ଆଜି ଅତୀତକୁ ସ୍ୱପ୍ନ ଦେଖନ୍ତୁ, କାନ୍ଦନ୍ତୁ ନାହିଁ—ହସନ୍ତୁ । ଦିନ ବୋହି-ଗଲେ ବି ଆପଣ ହସି ଆସିଛନ୍ତି, ଜଗତ ଆପଣଙ୍କୁ ଭୁଲିଲେ ବି ଦୁଃଖ ଦୁର୍ଦ୍ଦଶାରେ ଅନ୍ଧାର ବେଢ଼େଇହୋଇ ଆପଣ ଆଜି ଶୁଭ୍ର ଅଖ୍ୟାତ ହସଟିଏ । ତେଣୁ ଏ ଅପାଙ୍କ୍ତେୟ 'ସପନମାଟି'କୁ ଆପଣଙ୍କର ହାସ୍ୟବ୍ୟାଦାନମୟ ଶ୍ରୀମୁଖ ଆଗରେ ବଢ଼ାଇ ଧରିବାକୁ ମୁଁ କୁଣ୍ଠାବୋଧ କରୁନାହିଁ; ହସର ଉପାସକ ହୋଇ ମୁଁ ଏଥିରେ କେବଳ ହସିବାକୁ ଚେଷ୍ଟା କରିଛି । ଯଦି ହସ ଉହାଡ଼ରେ କିଛି କାନ୍ଦ ବି ଥିବ, ସେ ମୋର ଦୋଷ ନୁହେଁ, ପ୍ରକୃତିର ନିୟମ, କାହାରି ମନରେ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନୁହେଁ ।

ଆପଣଙ୍କ ଆତ୍ମଜ ବିପ୍ଳବୀ ସୁରେଶ ଆଉ ନାହିଁ, ଆପଣଙ୍କ ରାମରାଜ୍ୟ ପରିକଳ୍ପନାର ଅନ୍ୟତମ ଉଦ୍ୟୋକ୍ତା ଚିରହାସ୍ୟମୟ ରା. ଭାଇ ଆଉ ନାହାନ୍ତି, ଅନ୍ତ ଗ୍ରାମର ଟେକୋଲର ମହାତ୍ମା ଆଦର୍ଶବାଦୀ ବନ୍ଧୁ ଆଜି ସଂସାର ଯୁଦ୍ଧରେ କ୍ଷତବିକ୍ଷତ ହୋଇ ମୁହଁ ଲୁଚେଇଛି କୋରାପୁଟ ଜଙ୍ଗଲରେ—ଆଦର୍ଶ ସାଧନ ପାଇଁ ନୁହେଁ, ପେଟପାଇଁ; ତାର ଅବସ୍ଥା ହସିପାରିଲା ଭଳି ନୁହେଁ । କିନ୍ତୁ ସଂସାରର ସମସ୍ୟା ଓ ଜଞ୍ଜାଳକୁ ନଅନାଇଁ, ସମସ୍ତର ଗଣ୍ଡକୁ ଭ୍ରୂକ୍ଷେପ ନ କରି, ସୂର୍ଯ୍ୟ ଉଇଁଲା ବେଳଠୁ ରାତି ଅଧଯାକେ ହେଁ ହେଁ ହେଁ ହେଁ ହୋଇ ବସି ବସି ହସିପାରିଛନ୍ତି କେବଳ ଆପଣ । ତେଣୁ ହେ ଡଗରକୁଳତିଳକ, ତାମ୍ରସନନ୍ଦ-ସର୍ବସ୍ୱ, ଏ ଉପନ୍ୟାସଟି ଉପହାର ଦେବାକୁ ମୁଁ ଆପଣଙ୍କୁ ହିଁ ଉପଯୁକ୍ତ ମଣୁଛି ।

ଆପଣଙ୍କର

ଗୋପ

Digitized by srujanika@gmail.com

ଏକ

"ନମସ୍କାର !"

ଚଳନ୍ତା ଗାଡ଼ିଟା ଅଟକିଛି । ଯାଦବ ପଧାନ ମୁହଁ ଟେକି ଚାହିଁଲା । ଆବାକାବା ଲାଗୁଛି, ବିଶ୍ୱାସ ହେଉନାହିଁ ।

ନାଁ ତାର ସୁଚିତ୍ରା, ଚଳନ୍ତି ନାଁ ମିସ୍ ଦାସ; କିନ୍ତୁ ଉଚ୍ଚାରଣ ପାଇଁ କେବଳ ଏଗାର···ଟ୍ୱେଲ୍ ନମ୍ବର ଇଲେଭନ୍ ।

"ଶୁଣନ୍ତୁ । ଆପଣଙ୍କ ସାଙ୍ଗେ କଥା ଅଛି । ଆଚ୍ଛା, ବାରମ୍ବାର ସଙ୍ଘ-ସମିତିରେ ଆପଣ ଝିଅମାନଙ୍କୁ ଗାଳିଦିଅନ୍ତି କାହିଁକି କହିଲେ ?"

"କିଏ···ମୁଁ ?"

"ହଁ, ଆପଣ ।"

ମୋଟା ଖଦଡ଼ ପଞ୍ଜାବି ତଳେ ଦେହ ଉପରେ ଅଠାଳିଆ ଭାବ ଚହଟୁଛି । ପାଚି ଫମ୍ପା । ଯାଦବ କହିଲା, "କେବେ ?"

"ବାରମ୍ବାର ସମାଲୋଚନା କରନ୍ତି । ବିଶେଷତଃ ଯାହାଙ୍କୁ ଭାବନ୍ତି ବଡ଼ ଲୋକ ଘର ଝିଅ ତାଙ୍କୁ ବେଶି । କାହିଁକି ?"

ପାଦ କୁଳ ଚହଲିଲା ପରି । ମଣିଷକଥା ବଦଳିଯାଇଛି ବହିକଥାକୁ । ପ୍ରଥମଥର ମୁହାଁମୁହିଁ ହେଲେ ବି ଝାଳୋଉଥିବା ଦେହରେ ସାହସ ଠୁଳେଇ ଶୁଖିଲା ହସ ହସି ସେ କହିଲା, "ଓ, ସେଇ କଥା ! ଅପଣ କହୁଛନ୍ତି ବୋଧହୁଏ ଆମ ଅର୍ଥନୀତି ସଭାର ଆଲୋଚନା ବିଷୟ । ସେ ତ ଗାଳି ନୁହେଁ, ସମାଲୋଚନା । ଯଦି ଭୁଲ ବୋଲି କେହି ଭାବନ୍ତି, ତେବେ ତ ସେଠି ଯୁକ୍ତି କରି ପାରନ୍ତି ବିନା ଆପତ୍ତିରେ ।"

Digitized by srujanika@gmail.com

କିଏ ବିଶ୍ୱାସ କରିବ ଯେ ଆପଣ ଦିନେ ରାମରାଜ୍ୟର ସ୍ୱପ୍ନ ଦେଖୁଥିଲେ, ଠେଙ୍ଗାକୁ ପିଠେଇଥିଲେ, ହରିଜନ ଘରେ ଖାଇ ଖାଇ ବୁଲୁଥିଲେ !

ଆଜି ଅତୀତକୁ ସ୍ୱପ୍ନ ଦେଖନ୍ତି, କାନ୍ଦନ୍ତି ନାହିଁ—ହସନ୍ତି । ଦିନ ବୋହି-ଗଲେ ବି ଆପଣ ହସି ଆସିଛନ୍ତି, ଜଗତ ଆପଣଙ୍କୁ ଭୁଲିଲେ ବି ଦୁଃଖ ଦୁର୍ଦ୍ଦଶାରେ ଅନ୍ଧାର ବେଢ଼େଇହୋଇ ଆପଣ ଆଜି ଶୁଭ୍ର ଅଖ୍ୟାତ ହସଟିଏ । ତେଣୁ ଏ ଅପାଙ୍‌କ୍ତେୟ 'ସପନମାଟି'କୁ ଆପଣଙ୍କର ହାସ୍ୟବ୍ୟାଦାନମୟ ଶ୍ରୀମୁଖ ଆଗରେ ବଢ଼ାଇ ଧରିବାକୁ ମୁଁ କୁଣ୍ଠାବୋଧ କରୁନାହିଁ; ହସର ଉପାସକ ହୋଇ ମୁଁ ଏଥିରେ କେବଳ ହସିବାକୁ ଚେଷ୍ଟା କରିଛି । ଯଦି ହସ ଉହାଡ଼ରେ କିଛି କାନ୍ଦ ବି ଥିବ, ସେ ମୋର ଦୋଷ ନୁହେଁ, ପ୍ରକୃତିର ନିୟମ, କାହାରି ମନରେ କଷ୍ଟ ଦେବା ମୋର ଉଦ୍ଦେଶ୍ୟ ନୁହେଁ ।

ଆପଣଙ୍କ ଆତ୍ମଜ ବିପ୍ଳବୀ ସୁରେଶ ଆଉ ନାହିଁ, ଆପଣଙ୍କ ରାମରାଜ୍ୟ ପରିକଳ୍ପନାର ଅନ୍ୟତମ ଉଦ୍ୟୋକ୍ତା ଚିରହାସ୍ୟମୟ ର.ସ୍ୱାଇଁ ଆଉ ନାହାନ୍ତି, ଅମ୍ଭ ଗ୍ରାମର ସେକାଳର ମହାତ୍ମା ଆଦର୍ଶବାଦୀ ବନ୍ଧୁ ଆଜି ସଂସାର ଯୁଦ୍ଧରେ କ୍ଷତବିକ୍ଷତ ହୋଇ ମୁହଁ ଲୁଚେଇଛି କୋରାପୁଟ ଜଙ୍ଗଲରେ—ଆଦର୍ଶ ସାଧନ ପାଇଁ ନୁହେଁ, ପେଟପାଇଁ; ତାର ଅବସ୍ଥା ହସିପାରିଲା ଭଳି ନୁହେଁ । କିନ୍ତୁ ସଂସାରର ସମସ୍ୟା ଓ ଜଞ୍ଜାଳକୁ ନଅନାଇଁ, ସମୟର ଗତିକୁ ଭ୍ରୂକ୍ଷେପ ନ କରି, ସୂର୍ଯ୍ୟ ଉଇଁଲା ବେଳଠୁ ରାତି ଅଧଯାକେ ହେଁ ହେଁ ହେଁ ହେଁ ହୋଇ ବସି ବସି ହସିପାରିଛନ୍ତି କେବଳ ଆପଣ । ତେଣୁ ହେ ତଗରକୁଳତିଳକ, ତାମ୍ରସନନ୍ଦ-ସର୍ବସ୍ୱ, ଏ ଉପନ୍ୟାସଟି ଉପହାର ଦେବାକୁ ମୁଁ ଆପଣଙ୍କୁ ହିଁ ଉପଯୁକ୍ତ ମଣିଛି ।

ଆପଣଙ୍କର

ଗୋପ

Digitized by srujanika@gmail.com

ଏକ

"ନମସ୍କାର !"

ଚଳନ୍ତା ଗାଡ଼ିଟା ଅଟକିଛି । ଯାଦବ ପଧାନ ମୁହଁ ଟେକି ଚାହିଁଲା । ଆବାକାବା ଲାଗୁଛି, ବିଶ୍ୱାସ ହେଉନାହିଁ ।

ନାଁ ତାର ସୁଚିସ୍ମି, ଚଳନ୍ତା ନାଁ ମିସ୍ ଦାସ; କିନ୍ତୁ ଉଚ୍ଚାରଣ ପାଇଁ କେବଳ ଏଗାର···ଟ୍ୱେଲ୍ ନମ୍ବର ଇଲେଭ୍ନ ।

"ଶୁଣନ୍ତୁ । ଆପଣଙ୍କ ସାଙ୍ଗେ କଥା ଅଛି । ଆଚ୍ଛା, ବାରମ୍ବାର ସଭା-ସମିତିରେ ଆପଣ ଝିଅମାନଙ୍କୁ ଗାଳିଦିଅନ୍ତି କାହିଁକି କହିଲେ ?"

"କିଏ···ମୁଁ ?"

"ହଁ, ଆପଣ ।"

ମୋଟା ଖଦଡ଼ ପଞ୍ଜାବି ତଳେ ଦେହ ଉପରେ ଅଠାଳିଆ ଝାଳ ଚହଟିଛି । ପାଚି ଫମ୍ପା । ଯାଦବ କହିଲା, "କେବେ ?"

"ବାରମ୍ବାର ସମାଲୋଚନା କରନ୍ତି । ବିଶେଷତଃ ଯାହାଙ୍କୁ ଭାବନ୍ତି ବଡ଼ ଲୋକ ଘର ଝିଅ ତାଙ୍କୁ ବେଶି । କାହିଁକି ?"

ପାଦ କୂଳ ଚିହ୍ନିଲା ପରି । ମଣିଷକଥା ବଦଳିଯାଇଛି ବହିକଥାକୁ । ପ୍ରଥମଥର ମୁହାଁମୁହିଁ ହେଲେ ବି ଝାଳେଇଥିବା ଦେହରେ ସାହସ ଠୁଳେଇ ଶୁଖିଲା ହସ ହସି ସେ କହିଲା, "ଓ, ସେଇ କଥା ! ଆପଣ କହୁଛନ୍ତି ବୋଧହୁଏ ଆମ ଅର୍ଥନୀତି ସଭାର ଆଲୋଚନା ବିଷୟ । ସେ ତ ଗାଳି ନୁହେଁ, ସମାଲୋଚନା । ଯଦି ଭୁଲ ବୋଲି କେହି ଭାବନ୍ତି, ତେବେ ତ ସେଠି ଯୁକ୍ତି କରି ପାରନ୍ତେ ବିନା ଆପତ୍ତିରେ ।"

Digitized by srujanika@gmail.com

"ହଉ ଆସନ୍ତୁ, ଗାଡ଼ିକି ଚଢ଼ି ଆସନ୍ତୁ । ବାଟରେ କଥାବାର୍ତ୍ତା ହେବ ।"
କଣ ଶୁଣୁଛୁ !
"ନାଇଁ—ମୁଁ—ମୋର—"
"ବାଃ, ଗାଳିଦେବାକୁ ସମୟ ଥାଏ—ଗାଳି ଶୁଣିବାକୁ ସମୟ ନାହିଁ ! କହୁଚି—ଚାଲିଆସନ୍ତୁ ।"

ସୁପ୍ରିୟା ହସୁଛି ।

ତାପରେ—ଅନୁଭବ କଲବେଳକୁ ଗାଡ଼ି ଚାଲୁଛି, ଟଳମଟଳ ଅବସ୍ଥାରେ ବଙ୍କାହୋଇ ଲାଗି ରହିଛି ମଝିରେ ସେ, ଯାଦବ ପଧାନ, ପାଖେ ସୁପ୍ରିୟା ବସିଛି, ପାଖେ ଗଦାହୋଇଛି ଜିନଷ—ଫିତାବନ୍ଧା ଖୋଳ, ଲୁଗା, ଉଲ୍, କାଚଶିଶି ।

"ଅରେ, ଠିଆଟା ହେଲେ ଯେ, ବସିପଡ଼ନ୍ତୁ, ବସିପଡ଼ନ୍ତୁ ।" ସୁପ୍ରିୟା ତାର ପଞ୍ଜାବିକୁ ଓଟାରିଲା । ସହଜ ବୈଦ୍ୟୁତିକ ଚ୍ରନ୍ଦିସ୍ୱାରେ ଦୂରେଇ ଯାଉ ଯାଉ ଯାଦବ ଆରପାଖରେ ଅଜାଡ଼ି ହୋଇ ବସିପଡ଼ିଲା । ତଳଟା ସମତଳ ନୁହେଁ ଅବେ ।

ଜିନଷ ଖସିପଡ଼ୁଛି । ସୁପ୍ରିୟା ଅଙ୍କରେ ନୂଆ କିଣା ଜିନଷଗୁଡ଼ିକୁ ଚାପିଛି । ଜିନଷ ଝୁଲୁଛି । କହିଲା, "ଅହା ହା, ଗଲା ଗଲା—ସେଠି ଅସୁବିଧା ହେଉଥିବ ଯେ—ଏପାଖକୁ ଉଠି ଆସନ୍ତୁ ।"

ଭୁଷ କରି ଠିଆ ହୋଇପଡ଼ିଲା । ମୁଣ୍ଡଟା ଛାଇକଲି ଗାଡ଼ି ଛାତରେ । ପାଦତଳୁ ମୁଣ୍ଡବାଳଯାଏ କମ୍ପି ଉଠୁଥିବା ହସକୁ ପ୍ରାଣପଣେ ବ୍ରେକ ସୁପ୍ରିୟା ଶାଢ଼ି ତଳୁ ଗୋଲ ବାହାଟିଏ କାଢ଼ି ସାହାଦେବାକୁ ବଢ଼େଇଲା । କହିଲା, "ଜାଗା ଅଛୁ, ଏପାଖେ ବସନ୍ତୁ ।"

ତାର ସହାନୁଭୂତିରୁ ଆତ୍ମରକ୍ଷା କରିବାକୁ ଯାଦବ ଏପାଖର ସିଟ୍‌ରେ ହିଁ ବସିପଡ଼ି ଗାଡ଼ିର ଝରକା ଆଡ଼କୁ ଟିଟିପିଟି ପରି ଜାକିହୋଇ ରହିଲା । ଛାତି ଦମ୍ ଦମ୍ ପଡ଼ୁଛି, ମୁହଁରେ ପାଣି ନାହିଁ । ଚଳନ୍ତା ଗାଡ଼ିର ଦୋହଲରେ ବାରମ୍ବାର ଲାଜ ପାଇ ଏକ ମନରେ ଧ୍ୟାନ କରୁଛି, କେମିତି ସ୍ଥୂଳ ଦେହଟାକୁ ସୂକ୍ଷ୍ମ କରିଦେଇ ହୁଅନ୍ତା ନିମିଷକେ ଏବଂ ସେ ଉଡ଼ିପଳାନ୍ତା ।

Digitized by srujanika@gmail.com

ତେବେଣେ ସୁପ୍ରଭା ହସୁଛି । ଦେହରେ ଲହଡ଼ା ଖେଳୁଛି । କାନ ପାଖେ ଗାଲ ପାଖେ ଯେଉଁ ଚେନାକ ଦଣନ୍ତା ଜହ୍ନାବଢରେ ସରୁ ନଇବାଳ ଫେର ସେଠି ପାହାନ୍ତର ନାଲି ଚହଟିଛି । ନେଳିଆ ରୁମାଲ ମୁହଁରେ ମାଡ଼ି ସୁପ୍ରଭା ହସୁଛି ।

ଯାଦବ ଚାହିଁଲ । ମଣା ତ' ସେ ହୋଇସାରିଲଣି, ଆଉ କଣ ବାକି ଅଛି ? ଧୀରେ ଧୀରେ ତାର ରାଗ ହେଲ, ଏ ପରିସ୍ଥିତି ତାକୁ ଅଚହ୍ନା । ରାଗ ଉପରେ ତାର ଦମ୍ଭ ଲେଉଟିଲ, ଅବସ୍ଥାରୁ ଅର୍ଥ ବୋଝପାଶ ଲଗିଲ—ଏ ଲୋକହସା ଅସମଞ୍ଜସ ।

ଏ ଅଟୁଠର ଗଣ୍ଡ, ହାତ ଗୋଡ଼ ପାଏ ନାହିଁ ।

ଧନୀଘରର ଅଳକାପୁରୀରେ ସେ ମର୍ତ୍ତ୍ୟର ଚାଷୀ, ପାଦରେ ଧୂଳି, ମୁହଁରେ ରୂଢ଼ର ଭଗ୍ନାଂଶ, ଦେହରେ ମୋଟା ଖଦଡ଼, ହେଠି ଦୁଇଦିନର ଝାଳ, ମନରେ ଗୋଟାଏ ବିରୋଧୀ ତୀକ୍ଷ୍ଣତା, ଯହିଁରେ ମନ୍ଦିର କଥା ଭାବିଲେ ଅଖିକି ଦିଶେ ମଜୁରିଆ ବନ୍ଧାଣୀଙ୍କ ହାଡ଼ କୁଢ଼ ।

ଅଥଚ ସେଠି ସେ ବସିରହିଛି, ସେ—ଯାଦବ ପଧାନ ।

ଢଂ ଢଂ ବାଜୁଛି ଘୋଷଣା କଲପରି ଗାଡ଼ି ଘଣ୍ଟା ।

ଗହଳି ସହରର କୋଳାହଳ ରାସ୍ତାରେ ଦିନରେ ସେଠି ସେ ବସିରହିଛି । ଚହ୍ନାଅଚହ୍ନା କେତେ ଲୋକ ଚାହିଁ ଚାହିଁ ଯାଉଛନ୍ତି—ଧ୍ୟାତ୍ ।

ଖିଡ଼ିକଟା ଉଠେଇ ଦେବାକୁ ଯାଇ ହାତ ଖାଲି ଫେଲ ହେଉଛି । ସୁପ୍ରଭା କହିଲ, "ଖରାପଡ଼ୁଛି, ନା ? ଦଅନ୍ତୁ ଟେକ ।" ହାତ କାଢ଼ି ଆଣି ଯାଦବ କହିଲ, "ନା, କିଛି ଖରା ନାହିଁ, ଧନ୍ୟବାଦ ।" ଏ ପୁଣି କଣ ହେଲ ? ତାଙ୍କୁ ଚାହିଁ ସୁପ୍ରଭା ହସିଦେଲନା ?

ରାଗରେ ରକ୍ତର କୁହୁଳି ଉଠିଲ, ଆତ୍ମାଭିମାନ ତାତି ତାତି ଆସିଲ କାନପାକେ । ଲଗିଲ, ତାର ବ୍ୟକ୍ତିତ୍ୱକୁ ଉପହାସ ଅବଜ୍ଞାରେ ଗଡ଼େଇ ଗଡ଼େଇ ଖେଳିବାକୁ ଯେପରିକି ଏ ଅଭିମାନ ।

କଣ କହିବାକୁ ବସିଲ ।

Digitized by srujanika@gmail.com

ପୂର୍ଣ୍ଣ ପଦ୍ମଫୁଲ ନାଡ଼ ଉପରେ ଠିଆହୋଇ ସକଷ୍ଟେ ଗୃହିଲ, ଝିଗି-ହୁଏନା ।

ଶୁଣିଲ, "ଆପଣ ନିଶ୍ଚୟ ଭାବୁଥିବେ ପୁଞ୍ଜିପତି ବୁର୍ଜୋଆ ଲୋକଗୁଡ଼ାକ କେଡ଼େ ସ୍ୱାର୍ଥପର, ଆପଣା ଦରକାରରେ ମଣିଷକୁ ବାଟରୁ ବି ଧରିନେଇ ପାରନ୍ତି । ମନେ ମନେ ଖୁବ୍ ଗାଳି ଦେଉଥିବେ—ନୁହେଁ ?"

"ଆଦୌ ନୁହେଁ ।" ଦାନ୍ତ ଉପରୁ ଓଠକୁ ଘୋଷାରି ନେଲା, ହସି ହେଲନାହିଁ ।

"କହନ୍ତୁ, ସତ ନୁହେଁ ? ପୁଞ୍ଜିପତିଙ୍କି ଗାଳିଦେବାହିଁ ତ ସ୍ୱାଭାବିକ—ନା କଣ ?"

"ଗାଳିରୁ କଣ ମିଳିବ ? ଖାଲି ଗାଳିରେ କାହାର ଚରିତ୍ର ବଦଳେଇ ହୁଏ ?"

"ତେବେ ?" ସୁପ୍ରଭା ଗମ୍ଭୀର ହୋଇ କହିଲା, "କେବଳ ଗାଳି ନୁହେଁ, ଆହୁରି କିଛି !"

ଯାଦବ ଭାବି ହେଲା, ତାର କଥାଟା କଠୋର ହେଲା ନାହିଁ ତ ? କିନ୍ତୁ ଭାବିବାକୁ ସମୟ ନ ଦେଇ ସୁପ୍ରଭା ହହ୍ ହହ୍ କହିଗଲା—"ଅଚ୍ଛା ଧରନ୍ତୁ, ଯଦି ଆପଣଙ୍କ ହାତକୁ ଦିନେ ଆସିବ ଶାସନର କଳ ଏବଂ ପୁଞ୍ଜିପତି ଘରର ଝିଅଟିଏ ଆପଣଙ୍କୁ ଆସି ଭିକ୍ଷା କରିବ ଯେ ସେ ଗୃହେଁ ତାର ଆତ୍ମନିର୍ଦ୍ଧାରଣ, ତାର ସ୍ୱଚ୍ଛନ୍ଦ ଜୀବନ ନିଜ ମତରେ, ଆପଣ କଣ ତାକୁ ମନାକରିଦେବେ ?"

ଯାଦବ ହସିଲା । କହିଲା, "ଆପଣ ଥଟ୍ଟା କରୁଛନ୍ତି ।"

"ଥଟ୍ଟା ! କେବେ ନୁହେଁ । ବୁଝାନ୍ତୁ, କଣ କଲେ ଆପଣଙ୍କର ବିଶ୍ୱାସ ହେବ ଯେ ମୁଁ ଥଟ୍ଟା କରୁନାହିଁ ? ଆପଣମାନେ ତ କହନ୍ତି ପୃଥିବୀରେ ଲୋକେ ଦୁଇ ଜାତର—ପୁଞ୍ଜିପତି ଆଉ ମଜଦୁର୍ ଠିକ୍ ନୁହେଁ ?" ଯାଦବ ମୁଣ୍ଡ ହଲେଇଲା ।

"ଏବଂ ଦୁହେଁ ଦୁଇ ଶିବିରରେ । ଧରନ୍ତୁ ବିଜିତ ପକ୍ଷର ଝିଅଟିଏ ଆସିବ ବିଜେତାର ପାଦତଳକୁ । ଆଣ୍ଠୁ ମାଡ଼ି ବସି କହିବ—ଭିକ୍ଷା ମାଗୁଛି, ମୁଁ ବି ଗୃହେଁ ସନ୍ଧି—ତେବେ କଣ ହେବ ?"

Digitized by srujanika@gmail.com

"କ୍ଷମା କରନ୍ତୁ, ଏ ଗୋଟାଏ ବୁର୍ଜୋଆ ଚିନ୍ତା।"

"ଚିନ୍ତା କଥା ଛାଡ଼ନ୍ତୁ, ସମାଧାନ ଦିଅନ୍ତୁ ନା!"

"ତାର ସମାଧାନ ପ୍ରକୃତିର ଚଳନ୍ତି ନିୟମରେ ପାଇବେ।"

"କଣ କହିଲେ, ପ୍ରକୃତିର ନିୟମରେ? ମାନେ, ହାଭଲ ଜନ୍ତୁର ଦଶା! ଠିକ୍ ସେହି ଦଶା ବିଧାନ କରିବେ ଆପଣ! ହିନ୍ଦୁର ନରକ, ତତଲ କଡ଼େଇରେ ଟକ୍ ଟକ୍ ତେଲ, ମୁସଲମାନର ହେଲଭ ବେହେସ୍ତ, ଖ୍ରୀଷ୍ଟିଆନର ହେଲ୍! ମୁଁ କହି ରଖୁଛି, କୌଣସି ପୁଞ୍ଜିବାଦୀ ଘର ଝିଅ, ଯେତେଚ୍ଛା ସେତେ ପୁଞ୍ଜିବାଦୀ ହେଉ ପଛେ, ସେ କଦାପି ସିବନାହିଁ ଆପଣଙ୍କ ପାଖକୁ ଭିକମାଗି। ତା ଅପେକ୍ଷା ଆତ୍ମସମ୍ମାନ ବଞ୍ଚେଇ ଆତ୍ମହତ୍ୟା କରିବାହିଁ ଉଚିତ।"

ରୋଲ୍ ନମ୍ବର ଇଲେଭନ୍—ମିସ୍ ଦାସ୍—ଦାମୀ କଣେଇ। ସେ କଥା କହୁଛି। ଓଠ ଗାଢ଼ କରିରଖିଛି ଉତ୍ତର ପାଇବ ବୋଲି। ଦେଠି ଲିପ୍‌ଷ୍ଟିକ୍‌ର ରଙ୍ଗ। ଗୋଟାଏ ଦାମୀ ବାସ୍ନା। ନାକପୁଡ଼ା ଫୁଲି ଉଠେ। ଆଦର୍ଶର ଆର ପାଖଟା ପରି ସେ, କିନ୍ତୁ କାହିଁ, କଠିନ ହୋଇ ଆସୁ-ନାହିଁ ତ?

ଚଞ୍ଚଳ ଆଖି ନୁଆଇଁ ଦେଇ କହିଲି, "ଦେଖନ୍ତୁ, ଆତ୍ମହତ୍ୟା ନୀତି ମଧ୍ୟ ପୁଞ୍ଜିବାଦୀ ମନସ୍ତତ୍ତ୍ୱର। ହତ୍ୟା ତଳେ ବୁଢ଼ରହି ମଜଦୁ... ଭାବି ବି ପାରେ ନାହିଁ ଯେ ଆତ୍ମହତ୍ୟା ତା ଜୀବନରେ ହୋଇପାରନ୍ତା ଗୋଟାଏ ଘଟଣା। ଯାହାର ବେହଟା ଜଅନ୍ତା ଦଶିଲେ ବି ପ୍ରକୃତରେ ସେ ଗୋଟାଏ ମଲକଳ, ଯାହାର ଉପୁଜେଇବାରେ, ଭାଗ ଖାଇବାରେ ଭାଗ ନାହିଁ, ଯେ ଉପାସ, ଅରକ୍ଷ, ଅତ୍ୟାଚାରିତ, ନିକ୍ଷେପିତ, ଆତ୍ମହତ୍ୟା ତାକୁ କଣ? ଆତ୍ମହତ୍ୟା ବଡ଼-ଲୋକର ସୌକ୍।"

"ମାନିଲି, ଆମର ସେ ଏକଚ୍ଛଟିଆ। ତେବେ, ପ୍ରକୃତ ନିୟମର ବଳିତବିଧି ଏଡ଼ିବାକୁ ହେଲେ ଦେଇଆ ତ କରିବାକୁ ହେବ?"

"ପ୍ରକୃତ ନିୟମର ବଳିତ ଭୁଷ ଏପରି ନୁହେଁ ଯାହା ପାଇଁ ଆତ୍ମହତ୍ୟା କରିବା ଦରକାର।"

Digitized by srujanika@gmail.com

"କଣ ତେବେ ଉପାୟ କହନ୍ତୁ ? ଅପଣ ପ୍ରକୃତର ନୟମର ସମାଧାନହିଁ ଦେଖାଉଛନ୍ତି, ଯେଉଁଠି କ୍ଷମାର ସ୍ଥାନ ନାହିଁ, ଯେ ହାରେ ସେ ନଖ ଅଭ ଦାନ୍ତର ହାଣ ଖାଇ ଖାଇ ମରେ, କ୍ଷତବିକ୍ଷତ ହୋଇ ମରେ । ସେ ମରଣରେ ବି ଗୌରବ ନାହିଁ, ସେ ବୀଭତ୍ସ । ଶିଙ୍ଘ ଖଞ୍ଚି ଯାଇ ଲହୁଲୁହାଣ ହୋଇ ହାରିଲା ଷଣ୍ଢ ଯେତେବେଳେ ପଡ଼ିଥାଏ, ଆପଣ କଣ ଭାବୁଛନ୍ତି ଜିତିଲା ଷଣ୍ଢ ତାକୁ ଆଉ ଭୁଷାଏ ଦିଏ ନାହିଁ ? ହାରିଲା କୁକୁଡ଼ା ଯେତେବେଳେ ଶତ୍ରୁର ନଖତଳେ ଛଟପଟ ହୋଇ ଆର୍ତ୍ତଚିତ୍କାର କରୁଥାଏ ଶତ୍ରୁ କଣ ତାର ତଣ୍ଟିରୁ ଥଣ୍ଟର ଜାବ ଛାଡ଼ିଦିଏ ଭାବୁଛନ୍ତି—ଆପଣ କହିବେ, ଅମେ ହାରିବୁଁ, ସେ ଜଣାଶୁଣା, ତେବେ କି ପରିଣାମ ହେବ ଆମର—ସେଇଆ ତ ? ତା ଅପେକ୍ଷା ନାଣ୍ଟି ଟିପେ ପରି ଟିକିଏ ସାଇନାଇଡ୍, ବାଟୁଲି ପ୍ରମାଣେ ଅଫିମ, ଆମ ବୁର୍ଜୋଆ ଜାତି ପାଇଁ ଏ ପ୍ରେସ୍କ୍ରିପ୍ସନ୍ କଣ ଆପଣ ଅସଙ୍ଗତ ମନେ କରନ୍ତି ?"

ଏ କଣ ହେଉଛି ? ଯାଦବ ଭାବୁଥାଏ । ପ୍ରତ୍ୟେକ କି ପ୍ରମାଣରେ ଯାହା କିଛି ସାଧାରଣ ସବୁ ଓଲଟିଛି । ଦୁନିଆକୁ ଦେଖିବାକୁ ସାଧାରଣ ଯେଉଁ ଆଖି ହଠାତ୍ ତାର ଫୋକସ୍ ଯାଇଛି ବଦଳି, ମନ ବଦଳି ନାହିଁ ।

ପ୍ରତିମା କଥା କହୁଛି—ଯେଉଁ ପ୍ରତିମାର ଫଟୋ ଉଠାଉଥିଏ ମନେ ମନେ, ବାହାରେ ତାକୁ ଉଙ୍କାଉଥିଏ ବାଡ଼ି ।

ଏହି ସୁଚିତ୍ରା ଦାସ୍— ଯଦି ଏମ୍. ଏ. କ୍ଲାସରେ ଦେଖିଥିଲେ ବି ଯାହାର ଅଜଣା ବ୍ୟକ୍ତିତ୍ୱ ଚାରିଦିନ ଛପିରହୁଥାଏ ଲୁହାପର୍ଦ୍ଦା ଉହାଡ଼ରେ, କଲେଜର ଲମ୍ବା ବାରେଣ୍ଡା ଯଦିବା ତାର ଗତିରେ ହୁଏ ସ୍ଥିର ପାଣିର ନାଳି, ଯେଉଁଠି ସେ ଛବିରେ ପାଲଭିଡ଼ା ନାହିଁ, ଭସିଗୁଳି ଯାଏ ।

ପ୍ରତିମା କଥା କହୁଛି, ସୁଚିତ୍ରା ଦାସ ଉତ୍ତରପଡ଼ୁଛି ।

ଆଉ ସେ କିଏ ? ଭାବିବାକୁ ବେଳ ନାହିଁ । ଷଣ୍ଢ କଥା କହୁଛି, କୁକୁଡ଼ା କଥା କହୁଛି, ଲାଲ ମୁହଁରେ ଚୋପା ଚୋପା ଗାଲ, ଆଖିରେ ଅଲୁଅ ଚେକିଛି, ତତଲା ଖିର ଚୁଲି ଉପରେ ଫୁଲୁ ଫୁଲୁ ମାରିଲା ପରି ବରଫ ରଙ୍ଗର ଚେଣିମ କନା ଖୋଳ ଭିତରେ ଦେହର ମୁହଁପଟ ଢେଉପରି ଉଠୁଛି ପଡ଼ୁଛି ।

Digitized by srujanika@gmail.com

ଯାଦବ ସହଜ ହୋଇ ବସିଲା, ଆଉ କୁଣ୍ଠା ନାହିଁ । ବିକୃତ ସ୍ନେହ ପ୍ରୀତି ବ୍ୟବହାର ମୁଲେଇଲା ପରେ ବାତାବରଣ—ହର୍ଷରେ ସ୍ଫୀତ କୁମ୍ଭେ ମୋଟ ହୋଇଯାଉଥିବ, କଣ୍ଠରେ ଦୟା, ତୁଣ୍ଡରେ ସହାନୁଭୂତି । ଯାଦବ କହିଲା—"ଆପଣ ବଡ଼ ନପଟ କଥା ଭାବୁଛନ୍ତି । ଏତେଟା ନୁହେଁ । ଅପଣ କଣ ଭାବୁଛନ୍ତି ଗରିବଙ୍କ ଦଳ କେବଳ ଧ୍ୱଂସ ?"

ଗରିବଙ୍କ ଦଳ ଓ ଧ୍ୱଂସ ଏକଥା କାହିଁକି ସେ କହିପକେଇଲେ ସେ ଜାଣିପାରିଲା ନାହିଁ । ଅବାନ୍ତର କଥା କହି ହଟହଟା ହେଲା କି ଭାବି ଭାବି ଅପଣା ଖୋଳ ଭିତରକୁ କଇଁଛ ପରି ଟାଣିହୋଇ ଯାଉ ଯାଉ ଶୁଭିଲା ସେ ସୁଦ୍ରିଭ କହୁଛି, "ତେବେ···ସମାଧାନ ଦିଅନ୍ତୁ ।"

ଟାଣ ଗଳା, ଅଖି ଉପରେ ଭ୍ରୂଲତାରେ କୁଞ୍ଚ ପଡ଼ିଛି । ଯାଦବ କହିଲା, "ପ୍ରକୃତିର ନିୟମରେ ସବୁ ଅବସ୍ଥା ଆରେଇଯାଏ । ନବ ନବକୁ ଅବସ୍ଥାରେ ଖାପି ଗୁଣ ବଦଳେଇବା ପ୍ରକୃତିର ସହଜ କ୍ରମ । ସେଠି ଧ୍ୱଂସ ନାହିଁ, ସମଷ୍ଟି ସମାନ ରହେ, ଅକୃତି ବଦଳେ ।"

"ଠିକ୍ କହିଲେ, ମାତ୍ର ଦାଉରେ ନାକର ଆକୃତି ବଦଳି ହୁଏ ନାଲୁଆ ହୋଇ ଗୋଟାଏ ମେଞ୍ଚା, ସମଷ୍ଟି ସମାନ ।"

ବାଧାଦେଇ ଯାଦବ କହିଲା—"ସେତେଟା ନୁହେଁ, ସେତେଟା ନୁହେଁ, ମତେ ଭାରି ଦୁଃଖ ଲାଗୁଛି ଯେ ଆପଣ ଏପରି ଉଦ୍ଭଟଭାବେ କଥାଟା ଭାବୁଛନ୍ତି । ଜନ୍ମିବା ନାହିଁ, ମରିବା ନାହିଁ, ଗୋଟାଏ ସ୍ତରରୁ ଆଉ ଗୋଟାଏ ସ୍ତରକୁ ସୃଷ୍ଟି ଗଡ଼ିଗଲେ, ତାହାର ଭିତରେ ନବ ଗଠନ କରେ, ସେ ନୂଆ ଅବସ୍ଥାରେ ନିଜେ ନିଜେ ବଦଳୁଥାଏ, ଏମିତି ବଦଳି ବଦଳି ସେ ଅବସ୍ଥା ସହିତ ସମସ୍ତ ସହିତ ଖାପିଯାଏ । ପୁଞ୍ଜିବାଦ ଯେବେ ଧ୍ୱଂସ ହେବ, ମନୁଷ୍ୟ ଧ୍ୱଂସ ହେବନାହିଁ, ମନୁଷ୍ୟ ନୂଆ ଭାବ ସଙ୍ଗେ ସାଲିସ୍ କରିବ, ନୂଆ ଯୁଗକୁ କରିବ ଆପଣାର, ନୂଆ ଯୁଗ ତାକୁ କୁଣ୍ଢେଇ ଧରିବ ।"

ଗାଡ଼ିରେ ଝାଙ୍କ ଲାଗିଲା । ସ୍ୱପ୍ନବାଦୀ ମନର ଆବରଣ ଯେଉଁ ଜଡ଼ବାଦୀ ଦେହ ସେ ଥରେ ତାଙ୍କ ବଦଳେଇ ଦେଇ ପୁଣି ଗାଡ଼ି କରିକୁ ଚଢ଼ିହୋଇ ଲଟିରହିଲା ଆପଣାଛାଏଁ । ଖଳ ଖଳ ହସି ସୁଦ୍ରିଭ କହିଲା—"ମାନେ !

Digitized by srujanika@gmail.com

ହାତରେ ! ନୂଆ ଯୁଗ ତାକୁ ଏକଦମ୍ କୁଣ୍ଢେଇ ନେବ ! ନୂଆ ଯୁଗରେ ଅତ୍ରହ୍ୱେ ତ କିଛି କମ୍ ନୁହେଁ !”

ଯାଃ, ପଞ୍ଜାବ ଓଦା ହେଲଣି, ଝାଳ ଫିଟିଯାଉଛି । ଝାଉଁଳା ମୁହଁଟିକ ବଜାର ଚଳନ୍ତି ଯୁଅ ଆଡ଼କୁ ବଢ଼େଇ ଟିକି କରୁଣ ହୋଇ ଯାଦବ କହିଲା— “ହେବ ନାହିଁ ? ମଣିଷ ପାଇଁ ମଣିଷ କାନ୍ଦିବ ନାହିଁ କଣ କାନ୍ଦିବ ପଥର ପାଇଁ ?”

କଣ ଗୋଳମାଳିଆ ହୋଇ ବକିଗଲି, ଅତି ଭାବପ୍ରବଣ ହୋଇ ସେ ହସିଗଲା, ଆଉ ସୁଧୁରେଇ ହେବନାହିଁ, ଅପଣାକୁ ଝିଙ୍ଗାସି ହେଉଛି । କିନ୍ତୁ ତୁନି ରହିଲେ କଥାର ତାନ ଯେପରିକି ବଢ଼ିଲାଗିଛି, ଲଜ୍ଜା ବଢ଼ୁଛି, ଉପାୟ ! ଉପାୟ !

ହେଲେ ବଡ଼ ଲୁଗା ଦୋକାନରେ ତକିଆକୁ ଅଉଜି ବଶାଳ ଗଣ୍ଡି ପଡ଼ି ରହିଛି । ଆର ପାଖେ ଅନ୍ଧର ବଡ଼ ତକିଆ ଭିଡ଼ି ଦେଇ ବଡ଼ ପେଟ ବସ୍ଥ ହେଉଛି ।

ଅନ୍ଧାରରେ ଆଲୁଅ ଦିଶିଲା, ଅଡ଼ୁଆ ସୂତାର ଖିଅଟିଏ ଧରି ଯାଦବ କହିଲା—“ଏହି ପୁଞ୍ଜିପତି, ନିତି କଙ୍କାଳର ରକ୍ତ ଶୋଷିଲେ ଯାହାଙ୍କର ପୁଷ୍ଟି ଘଟେ, ସେମାନେ କଣ ଆମର ଶତ୍ରୁ ନୁହନ୍ତି ? ଆମେ ତାଙ୍କ ରକ୍ତଶୋଷା ବନ୍ଦକରିବୁ, ଫାଉମରି ଝିଟି ଉପରେ ପଡ଼ିବ ଶ୍ରମିକର ହାତୁଡ଼ି, କିନ୍ତୁ ମଣିଷକୁ ଆମେ ଆଦର ନେବୁ ନିଜର କରି । ଆମେ କାନ୍ଦୁ ତାର ଅଧୋଗତି ପାଇଁ, କାହିଁକି ତାର ଛାତି ପଥର ହେବ ? କାହିଁକି ମଣିଷ ହେବ ରକ୍ତମୁଖା ବାଘ ? ସେ ଅନ୍ୟାୟ ଛାଡ଼ୁ । ପୁଞ୍ଜିର ଦାସ ନହୋଇ ହେଉ ସଦର ଜଣେ ଭାଇ, ଆମେ ତାକୁ ଧ୍ୱଂସ କରିବୁ ନାହିଁ, କିଛି କରିବୁ ନାହିଁ, କେବଳ ତା ହାତରୁ ହିଂସାର ଅସ୍ତ୍ର ଛଡ଼େଇନେଇଯିବୁ, ତେଣିକି ସେ ଆମ ଘରର ଜଣେ ।”

“ବୁଝିଲି, ଆପଣ ବାଘକୁ ଘରକୁ ନେବେ—ଖାଇବାକୁ ଦେବେ କଣ ? ଶାଗ ?”

ପ୍ରକୃତରେ ତ ଭାବିବା କଥା ଏକା । ବାଘ ମଣ ହେବ ନାହିଁ, ମାଂସ ଛାଡ଼ିବ ନାହିଁ, ହିଂସା ଭୁଲିବ ନାହିଁ । ଗଣରେ ଜଣେ ହୋଇ ଗଣିତ ହେବା

Digitized by srujanika@gmail.com

ନାହିଁ ଯେତେ ସାମ୍ୟର ଭେକ ପିନ୍ଧ ଉଗ୍ରହେଲେ ସୁଦ୍ଧା ପୁଞ୍ଜିବାଦୀ ଅନ୍ତରରେ ପୁଞ୍ଜିବାଦୀ । ପିତୃପୁରୁଷଙ୍କ ରକ୍ତର ଗୁଣ ନଭବ ନାହିଁ ତାଠୁଁ । ସେ ସାମାନ୍ୟ ସଭ୍ୟପଦରେ ସନ୍ତୁଷ୍ଟ ରହିବ ନାହିଁ, ହେବ ଉକ୍‌ଟେଟର୍ ଶାର୍ଦ୍ଦୁଳ, ବଣରେ ବ ଗ୍ଳୁତ ଖୋଜିବ ।

କେତେ ସରଳ ଭାବେ ଝଟ୍ଟା ମାରିଲ ସୁପ୍ରଭା । ଏହି ତା ଶ୍ଳେଷ କଥାର ଅର୍ଥ । ଉତ୍ତର ଖୋଜୁଛି, କହିଦେବ—ଘାସ ଖାଇ ଶିଖିଲେ ମୁନଅଁ ଦାନ୍ତ ବ ମୁଣ୍ଡା ହୁଏ । ଜନ୍ମ ଆପଣା ସ୍ୱଭାବର ନହିତ ଗୁଣ ପଦାକୁ ଫୁଟି କାନପାଖେ ଯେପରି ଫୁଙ୍କି ଲଗିଛି—"ସେ ଅର୍ଥ ନୁହେଁ, ସେ ଅର୍ଥ ନୁହେଁ ।"

କାନମୁଣ୍ଡା ତାତିଯାଉଛି, କଣେଇ ଗୃହିଁ ଦେଖୁଛି ସୁପ୍ରଭା ହସୁଛି, ଛଳଛଳ ପାଣିରେ ଭଉଁରି ଅଗଣିତ ।

"ଆପଣମାନଙ୍କ ସାଧନାର ମହତ୍ ଉଦ୍ଦେଶ୍ୟ—ବାଘକୁ ଘରକୁ ନେବା, ନୁହେଁ ?···ପ୍ରକୃତରେ, ହସମାଡ଼ିଲେ ମୁଁ ହସେ, ମୋ ମନର ସାଧାରଣ ପ୍ରବୃତ୍ତି ମୋଦେଇ ଅଟକେଇ ହୁଏନାହିଁ । ଅପଣ ଭାବୁଥିବେ ଏ ବ ଗୋଟାଏ ବୁର୍ଜୋଆ ସ୍ୱଭାବ । ବିରକ୍ତ ହେଲେ କି ?"

"ନାଇଁତ, ନାଇଁତ, କାହିଁକି ବିରକ୍ତ ହେବି ? ବିରକ୍ତ ହେବାକୁ କଣ ଅଛି ଏଥିରେ ? ଆପଣ କଣ ଭାବୁଛନ୍ତି ମୁଁ ଏଡ଼େ ରୁକ୍ଷ ?"

ସୁପ୍ରଭା ତାର ମୁଣ୍ଡକୁ ପଛକୁ ଝାଙ୍କିଦେଇ ଯାଦବକୁ ସିଧା ଗୃହିଁ ହସି ଦେଲ । ଜଣିନେଲ ପରି ତାର ଅଶ୍ଳୀଳ ହସ, ଦାମୀ ହସ, ସେ ଖାଲି ହସ ଦ୍ୱାରାହିଁ ଦାମ୍ ଦେଇଜାଣେ ଝାଳଗଢ଼ା ଯେତେ ବହୁମୂଲ୍ୟ ପଦାର୍ଥର ।

କେମିତି ମଣିଷ ଅନାୟାସରେ ଏପରି ହସିପାରେ, ଯହିଁରେ କେବଳ ଓଠ ହସେ ନାହିଁ, କେବଳ ଅଖି ହସେ ନାହିଁ, ଦେହର ପ୍ରତ୍ୟେକ ଖଣ୍ଡ ଖଣ୍ଡ ଅବୟବ ଉଲ୍ଲାସରେ ହସିଉଠେ, ଗ୍ଳରପାଖ ପବନରେ ଚହଲିଯାଏ ସେହି ହସର ଭଉଁରି, ରୋକିହୁଏନାହିଁ, ସେ ବଳସୀ ।

ଯାଦବ ଭୁଲିଗଲ, ତରଳିଗଲ । ଭୁଲିଗଲ କେତେ ସେ ବନ୍ଧୁମେଳରେ ଏ ଶ୍ରେଣୀର ହସକୁ ସମାଲୋଚନା କରିଥିଲ । କେତେଥର ବାନ୍ଧୁ ନକୁଚି

Digitized by srujanika@gmail.com

ବୁଝେଇ ଦେଇଥିଲ—ବଡ଼ଲୋକଙ୍କର ଏହି ଯେତେ ହାବଭାବ ସେଗୁଡ଼ା ଅଭ୍ୟସ୍ତ ଓ ନକଲି । ଦର୍ପଣ ଆଗରେ ହସ ଅଭ୍ୟାସ କରାଯାଏ, ଆଖି ତଳେ ଗାଲରେ କାଳରୁ ଲେପ ମାଖି ଆଖିର ଭଙ୍ଗୀକୁ କରାଯାଏ ଗମ୍ଭୀର, ଛଳ ଛଳ ।

ସରଳ ହୋଇ ଗୃହିଁ ଯାଦବ ବ ହସିଦେଲ । ସନ୍ଦେହ ବୃତି ସାଙ୍ଗଲେ ଚଷାର ହସ । ସକାଳ କାକରରେ ଓଦା ଘାସ ପରି ସଜ ହୃଦୟକୁ ଗଳି-ଯାଏ । କହେ ମଣିଷର ମଣିଷପଣ ମୁଁ ସ୍ୱୀକାର କରୁଛି, ତବୁ ବାଦ ବିତଣ୍ଡାର ଆବରଣ ତଳେ ତାର ମୃତ୍ତିକାର ଭିତ୍ତି, କହେ ମୁଁ ବ ମଣିଷ ।

ସୁପ୍ରଭା କହିଲ—"ଏଥିପାଇଁ ତ ଭାବିଥିଲି ମୁହାଁମୁହିଁ ଥରେ କଥା ହୋଇଯିବା ନିହାତି ଦରକାର । ବାସ୍ତବିକ, ଆପଣ ଏତେ ସରଳ ! କଲେଜରେ ବକ୍ତୃତା ସଭାରେ ଆପଣ ଯେତେବେଳେ ବକ୍ତୃତା ଦେଉଥାନ୍ତି ଦେଖିଲେ ଡରମାଡ଼େ । କଥା ତେଜରେ ଦାଉ ଦାଉ ହୋଇ ନିଆଁ ଜଳି ଉଠେ, ପୁଞ୍ଜିବାଦର ମୁଇ ନିଆଁ । ଭାଷାରେ ଗରଜେ ତୋଫାନ, ପୁଞ୍ଜିବାଦୀ ଗୋଷ୍ଠୀକୁ ଛିନ୍ନଛତ୍ର କରି । ସେତେବେଳେ ଶୁଣାଳିଙ୍କ କାହିଁ-ବାଟ-କାହିଁ ଛଟପଟ ଗୃହାଣି ଦେଖିଲେ ମୁଁ ଭାବେ ଆପଣ କିଏ—ଆପଣ ଅଗ୍ନେୟଗିରି, ଅପଣ ଭୂମିକମ୍ପ—ଅଥଚ ଏତେ ସରଳ !"

"ଦେଖନ୍ତୁ, ଆପଣ ମତେ ଲଜ୍ଜା ଦେଉଛନ୍ତି ।"

"ତୁମ୍ଭମାନ ଆମେ ଦେଖୁଥାଉ, ପଛେ ଆମ ସ୍ତ୍ରୀଅମାନଙ୍କ ମେଳରେ ଆଲୋଚନା ପଡ଼େ । ବାରମ୍ବାର ମୁଁ ବୁଝାଏଁ—କଲେଜର ହତା ପାଚେରି ଟପି ନିଶ୍ଚୟ ଦିନେ ଏ ବକ୍ତୃତା ପହଞ୍ଚିବ ନଈବାଙ୍କରେ । ଅସଲ୍ଲା ତୋଫାନର ନେତୃତ୍ୱ ନେବେ ଏହି ଯାଦବ ବାବୁ । ଯୁଗର ଗତି ଆମେ ପୁଞ୍ଜିପତି ବୁର୍ଜୋଆ ମଧ୍ୟ ଦେଖିପାରୁଛୁ, ଆମେ ଅନ୍ଧ ନୋହୁଁ; ବରଂ ଆମର କ୍ଷମତା ଅଛି, ଦୂରଦର୍ଶନ ଯନ୍ତ୍ର ଅଛି—ଯାହା ମଜଦୁର ଶ୍ରେଣୀର ସ୍ୱପ୍ନାତୀତ । ତେଣୁ ମୋର ବଡ଼ ଇଚ୍ଛା ଥିଲା ଉପରେ ପଡ଼ି ମୁଁ ଚିହ୍ନାହେବି । ଆଜି ମୋର ପରମ ସୁଯୋଗ ।"

କିଏ ସେ କହୁଛି ? କିଛି ନାହିଁ । ଦ୍ୱିଗୁଣିତ ବଡ଼ ଲୋଭନୀୟ ଖାଦ୍ୟ ପଦାର୍ଥ ପରି ସଜାହୋଇ ରହିଛି ସାମ୍ନାରେ, ଥରି ଯାଉଛି, ହଲି ଯାଉଛି ।

Digitized by srujanika@gmail.com

'ପରମ ସୌଭାଗ୍ୟ'କୁ ପରମ କ ଚରମ ସୁଯୋଗକୁ ବୋଲି ସେ କହୁଥାଉଛି । ଯାଦବର ଲକ୍ଷ୍ୟ ନାହିଁ । ମୁଣ୍ଡ ନୋଇଁ ସ୍ୱପ୍ନକୁ ଚଲ ପଢ଼ିଲପରି ଯାଦବ କହିଲ, "ମୋର ବ ପରମ ସୌଭାଗ୍ୟ ।"

"ଏଇ, ଅମ ଘର ହେଲିତ, ଅସିବେ ନାହିଁ ଅପଣ ? ଅହଲୁନା ! ସରଳ ଲୋକ, କମ୍ୟୁନିଷ୍ଟ ଜାତ, ଅଭିମାନୀ ତ ନଶ୍ଚୟ ହୋଇଥିବେ । ତେବେ ମତେ ଅଉ କ ଅଭିମାନ, ଅଧିଲୁ, ଏଇ ବୁର୍ଜୋଆର ଦୁର୍ଗ, ସୁଛ ବ୍ଲାକ୍ ମାର୍କେଟିଂ, ଦୁର୍ଭିକ୍ଷ, ଏକ୍ସପ୍ଲଏଟେସନ୍, ଷଡ଼ଯନ୍ତ୍ରର କାରଖାନା ଟିକେ ଦେଖିଟିବେ ନାହିଁ ?"

ସୁଚିତ୍ରା ହସିଦେଲ ।

ଯାଦବ ଓହ୍ଲେଇପଡ଼ି ଗାଡ଼ି କବାଟ ଖୋଲିଧରି ଠିଅହେଲ ଭଦ୍ରତାର ବନୟରେ ।

ଦେଖିଲ ସୁଚିତ୍ରା ଦାସ୍ ଓହ୍ଲାଉଛି, ହାତରେ ହ୍ୟାଣ୍ଡ୍ ବ୍ୟାଗ୍, ପାଦରେ ଜକଜକ ହାଇହିଲ୍ ଜୋତା, ଗୁରୁଠଁ କ୍ଷିପ୍ର, ଝୁରୁଠୁଁ ଅହୁର ଦୁର୍ଦ୍ଧର୍ଷ ।

ଦୁଇ

ସୁଚିତ୍ରା ଦାସ୍ କହୁଯାଉଛି, "ଦୟାକରି ଟିକଏ ବସନ୍ତୁ, ମୁଁ ଅସୁଛି ।" ଯାଦବ ବସିଥାଏ ।

ସୁଚିତ୍ରା ଦାସ ତାର କଏ ? ସହପାଠିନୀ ନଶ୍ଚୟ, ସତ କଥା । ସହପାଠିନୀ ସହପାଠୀ ହୋଇ ଅନେକେ ଥାଆନ୍ତି । କ୍ଲାସରେ ଏକା ଘରେ ରହି ଏକୋଠି ଟୋଟାଏ କଳାପଟା ଓ କୌଣସି ଅଧ୍ୟାପକଙ୍କୁ କାଚ୍ଛ ଦେଲ ଗୁହିଁ ବସିବାରେହିଁ ମନର ମମତା । ଜନ୍ମବତରେ ଏକା ଜନ୍ମକୁ ଭିନ୍ନ ଭିନ୍ନ ସ୍ଥାନରୁ ଅନେକେ ଗୁହିଁଥାନ୍ତି । ଗୁହିଁରହିଲେ ଯଦ ସମସ୍ତିଙ୍କ ବ୍ୟକ୍ତିତ୍ୱରୁ ଝଲକ ଝଲକ ହୋଇ ଶକ୍ତି ଲହରେଇ ବ୍ହିଲଥିବ ସେହିଅଡ଼କୁ, ତେବେ ସବୁ ବ୍ୟକ୍ତିତ୍ୱର ଅଦୃଶ୍ୟ

Digitized by srujanika@gmail.com

ଏଣିକି ଅବଶ୍ୟ ଭେଟାଭେଟି ହେଉଥିବ ସେହି ଗୋଟାଏ ଜହ୍ନଠି, ଏକାଠି ମିଶୁଥିବ ।

ଏକାଠି ମିଶୁଥିବ ! ଭାବିଲେ ରୋମ ଟାଙ୍କୁରି ଉଠେ । କିନ୍ତୁ କେତେ ଦିନକେ ? ମାଧବ ଭାବୁଥାଏ । ଆଜି ଆମେ ଯେଉଁ ତାରାଟିକୁ ଦେଖୁଛୁ ବୋଲି ଭାବୁଛୁ ପ୍ରକୃତରେ କେତେ ବର୍ଷ ତଳର ଏ ତାର ରୂପ ? ବୈଜ୍ଞାନିକ କହନ୍ତି—ଆଜି ଦେଖୁ ତାରା ଆଜିର ହୋଇ ଆଉ ନାହିଁ, କେବେ ଥିଲା । ସେହିପରି ଆମର ବ୍ୟକ୍ତିତ୍ୱର ଶକ୍ତି ଯାଇ ଜହ୍ନଠି ପହଞ୍ଚୁ ପହଞ୍ଚୁ ଅମେ ଆଉ ନଥିବୁ, ଆମ ପରେ କେତେ ଯାଇଥିବେ ।

ଜହ୍ନ ଦିନେ ଥିବ ତ ?

ପ୍ରଫେସର୍ ନଥିବେ, କଳାପଟା ନଥିବ, ଚିହ୍ନାଜଣା ସମସ୍ତେ ଦୂରହୋଇ ଯାଇଥିବେ, ସ୍ମୃତିରେ ସ୍ମୃତି ମିଶୁଥିବ, ପାଉଁଶରେ ପାଉଁଶ ମିଶୁଥିବ, କିଏ ଦେବ କେଉଁ ବ୍ୟକ୍ତିତ୍ୱର ଚିହ୍ନଟ ? ଏଇ ସୁପ୍ରଭା ଦାସ୍, ସେ ବି ଅତୀତର ସମଷ୍ଟି । ଏକାଦିନକେ ଏ ଗଢ଼ା ହୁଏନାହିଁ । କେତେ କାରଣ ଆଉ ଫଳ ଏକାଠି କ୍ରିୟା ପ୍ରତିକ୍ରିୟା କରି କରି ପରିକ୍ରମ କରୁଥିଲେ ଆଜି ଦେଖା ଏଇ ଝିଅଟିକୁ ଗଢ଼ିବା ପାଇଁ ଏବଂ କେତୋଟି ମିନିଟ୍ ଲାଗି ଗାଡ଼ି ଭିତରେ ଆଜିକାର ଯେଉଁ ସମ୍ବନ୍ଧଶୀଳ ଜୀବନ, ତାର ପ୍ରକୃତ ପରିଚୟ ଗତିଶୀଳ ପ୍ରବଣତାରେ ଗଢ଼ିହୋଇ ମିଳିବ ଯାଇ ଭବିଷ୍ୟତରେ ।

କାହା କଥା ଭାବୁଛୁ ସେ ? କାହିଁକି ଏ ଅବାନ୍ତର ଚିନ୍ତା ?

ନିଜ ପାଖେ ନିଜେ ଧରାପଡ଼ିଗଲା ପରି, ନିଜକୁ ଦୋଷୀ ମନେକଲା । ସୁଖଦୁଃଖର ଠେଲାଠେଲି ଭିତରେ ଧିମେଇଁ ଧିମେଇଁ ଗଡ଼ଗଡ଼ିକା ଜୀବନ ଚାଲିଆସିଛି । ବାଇଶି ବର୍ଷର ବାଟ । କେଉଁଠି ସେ ଉଲ୍ଲାସରେ ମନଫୁଲାଣି ଗୀତ ଗାଇ ଗାଇ ଚାଲିଛି, କେଉଁଠି ତାର ବୁଜୁଲାଟିକୁ କରକୁ ଥୋଇଦେଇ ଗଛତଳେ ବସି ଝାଳମାରିଛି । କାହିଁ, ସୁପ୍ରଭା ଦାସ ନଥିଲା ତ ସେଠି !

ଆଜିକାର ଏ ମାଇଲ୍ ଖୁଣ୍ଟି ପାଖେ ନିରର୍ଥକ ଦେଖା, କିଛି ଫଳ ନାହିଁ । —ଡିରି ବାଟର ଅଦିନିଆଁ ପଚାର, ବୁଦ୍ଧି ଶୁଦ୍ଧି ସମସ୍ତ ନଷ୍ଟ କରୁଛି, ଆପଣାକୁ ବୋକା ବନେଇଛି । ବେଳ ଯେ ଗଲା, କାହିଁ ଗଲା ସେ ?

Digitized by srujanika@gmail.com

କିନ୍ତୁ ହାତେ ମାପି ଦୃଖଣ୍ଡେ ଚାଲନ୍ତୁଏନାହିଁ । ଯାଦବ ଭାଇନ, କାମ ଧନ୍ଦା ଛାଡ଼ି ଗମ୍ଭୀର ଉଦ୍ଦେଶ୍ୟ ଭାବି ବେଳେ ବେଳେ ନିଜକୁ ମାଙ୍କଡ଼ ନ ନଚେଇଲେ ମନ ଭିତରର ସାନ ସାନ ଆକାଂକ୍ଷା ଅପୂର୍ଣ୍ଣ ରହିଯାଏ ।

ଅପେକ୍ଷା କର, ଦେଖାଯାଉ ! ଫେରିଗଲେ ଅନ୍ତତଃ ପୁଞ୍ଜିବାଦୀ ମନସ୍ତତ୍ତ୍ୱ ବିଷୟରେ ଉଦାହରଣ ଦେଇ ବଦେ କହିବାକୁ କିଛି ଉପାଦାନ ମିଳି ଯାଇ-ଥିବ । କିନ୍ତୁ କେବଳ କଣ ସେତିକି ? ଅଜଣା ଉଦ୍ଦେଶ୍ୟ ମନ ଭିତରୁ ଠୁଆ ଦେଲା—ସେତିକି ନୁହେଁ ।

ଏ ଖାଲି ଅବସର ସମୟର କଟେଇଗଡ଼ା ନୁହେଁ, ନୁହେଁ ଖାଲି ବାଝୁଳିଝଡ଼ା ପାଇଁ କାଦୁଅ ବଳିବା, ଏଥିରେ ଅଛି ଅହ୍ୱାନ, ଦେଖି ତା ଦେଖି ଚେହାଟେହି ।

ଏହି ସୁନ୍ଦର ମଣିଷ—କ୍ଷେତ, ଆକ୍ରମଣକରି ରଖିଛି ତାକୁ ସ୍ୱାର୍ଥପର ପିଶାଚ, ତାହାର ହଳ ବୁଲୁଛି, ତାହାର ଟସଲ ଗଜୁରୁଛି, ଖାଲି ବାଘନଖୀ, କୋଇଲି-ଖିଆ, ବଣ ବିଛୁଆତି, ଗୁଡୁଚିଆ । ବିପ୍ଲବ 'ପୁକାର୍' ଦେଇଛି, ପାରିବୁ ଏଠି ମର୍ତ୍ତ ବୁଣି ? ଏହି ସୁନ୍ଦର ମଣିଷ-କ୍ଷେତ, ଏଠି ବୃଷ୍ଟି ଅଛି, ଶିକ୍ଷା ଅଛି, ବଳ ଅଛି, ଭଲ ଫଳ ଦେବ—ପାରିବୁ ?

ଇନ୍‌କିଲବ୍ ଜିନ୍ଦାବାଦ୍ !

ମହାତ୍ମାଜୀ ପୁକାର୍ ଦିଅନ୍ତା ଇନ୍‌କିଲବ୍ ଜିନ୍ଦାବାଦ୍ ।

ଜବାହାରଲାଲ୍ ପୁକାର୍ ଦିଅନ୍ତା ଇନ୍‌କିଲବ୍ ଜିନ୍ଦାବାଦ୍ ।

ରାସ୍ତାରେ ବିଶାଳ ପଟୁଆର, ଜକାଜକି ଠେଲାଠେଲି ମଣିଷଙ୍କ ଅଛିଣ୍ଡା ସୁଅ, ସେଠି ଗୋଟା ଗୋଟା ନାହିଁ, ବଡ଼ସାନ ନାହିଁ, ସେଠି ମୋଟା ପେଟା ସରୁଆ ଅଧଖଣ୍ଡିଆ ସମସ୍ତେ ଭିଡ଼ାଭିଡ଼ି, ଧୀରେ ଧୀରେ ଚାଲିଯାଉଛି ସହସ୍ରେ ପଦେ ସହସ୍ରେ ମୁଣ୍ଡ ହୋଇ ରକ୍ତବୀର୍ଯ ଦାନବର ଶିଶୁ । ସେ ଦୁରନ୍ତ, ସେ ଦୁର୍ନିବାର, ସେ ଏକ, ନା ତାର ମନୁଷ୍ୟ । ସେ ମନୁଷ୍ୟ, ଲକ୍ଷ ଲକ୍ଷ ତାର ହାତଗୋଡ଼, ଲକ୍ଷ ଲକ୍ଷ ତାର ପ୍ରହରଣ, ଭୈରବ ତାର ଧାପ, ଦୁର୍ମଦ ତାର ଅଭିଯାନ, ଅନର୍ଗଳ ଉଚ୍ଛୁଳୁଛି ତାର ଗର୍ଜନ, ଇନ୍‌କିଲବ୍ ଜିନ୍ଦାବାଦ୍ ।

Digitized by srujanika@gmail.com

ଶଙ୍କିତ ହୋଇ ଚାହିଁ ଧୀର ସ୍ୱରରେ ଯାଦବ କହିଲା—"ଆପଣ ଏ କ'ଣ କହୁଛନ୍ତି ମିସ୍ ଦାସ ? ଈର୍ଷା ହେବ ? ମୋର ? କାହାପ୍ରତି ? କାହିଁକି ?"

"ସତ କହିଲେ ? ଈର୍ଷା ହେବ ନାହିଁ ? ଈର୍ଷାତ ପୁରୁଷର ସ୍ୱାଭାବିକ ଗୁଣ । ଆପଣ କଣ ପ୍ରବୃତ୍ତିକୁ ଦମନ କରିପାରିବେ ? ଈର୍ଷା ହେବ ନାହିଁ ?"

"ଭାଗ୍ୟବାନ୍ ହେଲେ ଈର୍ଷା ହୁଏ ମିସ୍ ଦାସ, ମୁଁ ତା ନୁହେଁ ବା ହେବାକୁ ମୋର ଧୃଷ୍ଟତା ନାହିଁ । ତେଣୁ ମୋର ଈର୍ଷା ହେବାକୁ କାରଣ ନାହିଁ । ହଉ ମୁଁ ଯାଉଛି, ଆପଣଙ୍କର ବହୁତ ସମୟ ନୁକସାନ୍ କଲି, ମାଫ୍ କରିବେ ।"

ମୁହଁ ଜଳିଯାଉଥାଏ ତାତିରେ । ଆପଣା କାନକୁ ଆପଣାର ସ୍ୱର କପଟ ଫମ୍ପା ଲାଗୁଥାଏ । କେତେ ଚଞ୍ଚଳ ହରିଣ ପାଦରେ ବଡ଼ ବାରଣ୍ଡାକୁ ଦି ଖେପା କରିଦେଇ ଦୂରରୁ ଡାକିଲି—"ନମସ୍କାର ।"

ଭାବିହେଉଛି, ମନୁଷ୍ୟ ତାର ଅଭିନୟ କରି ଚାଲିଯାଉଛି । ପ୍ରୋଲିଟାରିଏଟ୍ ଅପମାନରେ ଆହତ ହୋଇଛି, ଜବାବ୍‌କୁ ଜବାବ୍ ଦେଇଛି, ଝକମକକୁ ଲୁହା, ନିଆଁ ଉପୁଜିବ ନିଶ୍ଚୟ,—ପରେ ।

ଆଉ ପୁଣି—କେମିତି ନେଳି ମୁହଁ କରି 'ହତଭମ୍ବ' ହୋଇ ଚାହିଁ-ରହିଥିବ ତାର ଯିବା ବାଟକୁ, ତଣ୍ଟିର କୋହ ଯାକି ଦେବ, ଦୁଇ ହାତର ପାପୁଲିକୁ ମୁହଁ ଉପରେ ଜାଲି ବୁଣିଦେଇ ଫୁଲିଫୁଲିକା କାନ୍ଦୁଥିବ ନିଛରେ ବଡ଼ି ଅସୁନ୍ଦର ପରି । ବେଶ୍ ପ୍ରତିଶୋଧ ।

କିନ୍ତୁ ଘଟଣାରେ ତାହା ଘଟିଲା ନାହିଁ । ପଛଆଡ଼ୁ ସହଜ ସ୍ୱରରେ ତାର ଡାକ ଶୁଭିଲା—"ଶୁଣନ୍ତୁ ।"

ସେଥିରେ ଖେଦ ନାହିଁ କି ଉଲ୍ଲାସ ନାହିଁ । ସହପାଠୀ ପ୍ରତି ଛାତ୍ରୀ ପିଲାର ମାମୁଲି ସ୍ୱର, ଯେପରି—"କାହାର କ୍ଲାସ ଅଛି ?" "ଖାତାଟା ଦେବେ କି ?"

ଦୋଦୋପାଞ୍ଚ ହେଉଛି ଶୁଣିବ କି ନାହିଁ, ସାମ୍ନାରୁ ପାହାରେଦାରଙ୍କ ଘାଗଡ଼ା ଗଳାରେ ଶୁଭିଲା, "ଏଃ—ଏଃ—କିଏ ହେ ?"

Digitized by srujanika@gmail.com

ଗମ୍ଭୀର ପୋଢ଼ ଭଦ୍ରଲୋକ, ଆଖିରେ ମୋଟା ଛଅଁଧଅଁ ଫ୍ରେମ୍‌ର ଚଷମା, ପରିଧେୟ ସୁଟ୍। ଦେହରେ ବିପୁଳ ବଳ। ଦେଖିଲେ ବିଶ୍ୱାସ ହୁଏ ଏ ମାଂସାଶୀ ଏବଂ ଦିନେ ଥିଲେ ବ୍ୟାୟାମକୁଶଳ। ମୁହଁରେ ପ୍ରାଚୀନ ବସନ୍ତ ରୋଗର ସ୍ମାରକ ଚିହ୍ନ। ବଳିଷ୍ଠ ନାକ ଅଗଟି ଅଳ୍ପ ଚେପା। ଉପନ୍ୟାସର ପରିଚ୍ଛେଦର ପ୍ରତିବନ୍ଧକ—ମୈତ୍ରୀବିଘ୍ନକ ଦୂରହଟୋ ଦୁଆରକୁ ସୁଟ୍‌ପିନ୍ଧା ପ୍ରୌଢ଼ ଭଦ୍ରଲୋକ, ଦୁମ୍ ଦୁମ୍ ମାଡ଼ି ଆସୁଛନ୍ତି, ପଚାରୁଛନ୍ତି—“ଏଃ—କିଏ ହୋ ଏଠି ? କିଏ ତୁମେ ? ଏ ପାଖକୁ କେମିତି ପଶିଲ ? କାହାକୁ ଖୋଜୁଛ ?”

ପଛଆଡ଼ୁ ପୁଣି ସୁପ୍ରଭାର ଶାନ୍ତ ସ୍ୱର—“ଶୁଣନ୍ତୁ, କଥା ଅଛି।”

କବିତା ତୁଟି ଯାଇ ଯାଦବ ପଡ଼ିଲା ଗଦ୍ୟରେ। ସାମ୍ନାକୁ ଉତ୍ତର ଦେବ, କିଏ ସେ, କେମିତି ପଶି ଆସିଲା ଧନିକର ପ୍ରାସାଦ ଭିତରକୁ, ପୁଣି ଏ ପାଖକୁ, ଯେଉଁଠି ତାପରି ଲୋକଙ୍କର ଗନ୍ଧ ପଡ଼ିଲେ ପବନ ଦୂଷିତ ହୋଇ ନାକରେ ବିସ୍ୱାଦ ଉପୁଜାଏ, ଆସେ “ଏଃ” ଏବଂ ଉତ୍ତର ଦେବ, କାହାକୁ ସେ ଖୋଜି ଖୋଜି ଆସିଛି ଏତେ ଦୂରକୁ, କଣ ତାର ଉଦ୍ଦେଶ୍ୟ। ଅଥଚ ଏ ଆକ୍ରମଣ ସତ୍ତ୍ୱେ ପୁଣି ତାକୁ ଫେରିବାକୁ ହେବ ଉଜାଣି, ସେ ଶୁଣିଥିବ, କଥା ଅଛି।

ସେ ଶୁଣିବ ନାହିଁ। ବହୁତ ଶୁଣିଲାଣି। ସାମ୍ନାରୁ ପୁଣି କୁହାଟ ଅନୁସନ୍ଧାନ କରି ମାଡ଼ିଆସୁଛି, ଲଗୁଛି ଯେତେକି ବିନା ଅଧିକାରରେ କାହା କୋଠା ଭିତରକୁ ବାଡ଼ ଡେଇଁ ସେ ପଶିଥିଲା, ଧରାପଡ଼ିଛି, । ଅଥବା ବିନା ଆଲୁଅରେ ଅନ୍ଧାରେ ଅନ୍ଧାରେ ସାଇକଲ ଚଢ଼ି ଯାଉ ଯାଉ ପୁଲିସ୍ ହାବୁଡ଼େ। ବିପଦର ପରିମାଣ ଅଧିକ ନ ହୋଇପାରେ, କିନ୍ତୁ ସେହି ଗଡ଼ିକ ସେ ଅପ୍ରସ୍ତୁତ ଦେଖି ବୋଏଁ ହୋଇ ମାଡ଼ିବସେ, ବୁଝି ପାରେ ନାହିଁ।

ଉଦ୍ଧାର କଲା ସୁପ୍ରଭା। ଜଣେ ଅବା କୋଠା ଜଗୁଆଳି, ମାଲିକ ପାଖେ ଆପତ୍ତି କରୁଛି, “ଏହି ମୋ ଭଣଜାର ସାଙ୍ଗ।” ଅଥବା ଚିହ୍ନା ପୁଲିସ ବନ୍ଧୁ, ପରିଚୟ ଦେଉଛି “ମୋ ଲୋକ ଏ”। ସୁପ୍ରଭା କହିଲା—

Digitized by srujanika@gmail.com

"ବାପା, ଆପଣ ୟାଙ୍କୁ ଚହ୍ନନ୍ତି ନାହିଁ ? ଏହି ପରି ଆମ ଯାଦବବାବୁ, ଆମ କ୍ଲାସ୍‌ରେ ପଢ଼ନ୍ତି ନାହିଁ ? କ୍ଲାସରେ ଫାଷ୍ଟ ହୁଅନ୍ତି, ସ୍କଲର୍‌ସିପ୍ ପାଆନ୍ତି, ୟାଙ୍କ କଥା ତମକୁ ମୁଁ କେତେ କହେ, ଥରେ ଯାହା ବୁଝେଇଦେବେ ଶୁଣି-ଦେଲେ ମନେରହିଯିବ ।"

କାର୍ତ୍ତିକବାବୁ ତଳୁ ଉପରକୁ ଦୁ'ଥର ମୁଣ୍ଡ ହଲେଇ ଗମ୍ଭୀର ଦଣ୍ଡେ ଠିଆ ରହି କହିଲେ—"ଓ, ତୁମେ !"

ସିନ୍ନଟିଏ ମୋଟେ, ଛକୋଣିଆ ଚଷମା ଝକ୍ କଲା, ବଳିଷ୍ଠ ଯୋମଣି ସାମାନ୍ୟ ଦାଢ଼ ଦେଖାଇ ପୁଣି ସିଧା ହେଲା, ସେତକରେ ମୂଳ ଯାଦବର, ଝିଅର ସାଙ୍ଗ, ଝିଅର ଗୋଟାଏ ନୂଆ ଖିଆଲ, ଭଲ ପାଠପଢ଼େ, ଭଲ ପାଠ ପଢ଼େଇ ପାରେ, ମୂଳ—ଟିଉଶନ ମାଷ୍ଟର, ମାସକୁ ତିରିଶି ଟଙ୍କା । ଟିଉଶନ ମାଷ୍ଟର୍, ସେ ବହି ପୋଷେ, ବହି ପୋଷାଏ । ବାସ୍ତବତାରୁ ଲୁଚି ଲୁଚି ଛପି ରହି ବହି ଉହାଡ଼ରୁ ଭାଗ୍ୟକୁ ଦାନ୍ତ ଦେଖାଏ । ଅନୁକମ୍ପାର ପାତ୍ର, ବେପାରର ପୁଞ୍ଜି ଖେଳରେ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ।

ଯାଦବ ବି ଦେଖିଲା—ଟିଉଶନ ମାଷ୍ଟର ଗୃହାଣିରେ ନୁହେଁ, କାରଣ ଏଠି ସେ ଟିଉଶନ ମାଷ୍ଟର ନୁହେଁ । ଯାଦବ ମୁଣ୍ଡ ଟେକି ଚାହିଁଥାଏ, ସିମେଣ୍ଟର ପ୍ରତିବନ୍ଧକ ନରେଖିବା ଗୃହାଣିରେ । ସେଠି ବିହ୍ୱଳଭାବ ଉହାଡ଼ରୁ ଡାଡ଼ି କାଟି ବାଟ କଢ଼େଇନେବାର ପ୍ରତିଜ୍ଞା ଝକମକ କରେ, ସିମେଣ୍ଟ ଦେହ ଦଳିଖାଏ, ଅଗକୁ ଯିବେ ଏହି ଏତେ ନା । ଡାକ କାର୍ତ୍ତିକଚନ୍ଦ୍ର ଦାସ ! ଦୁନିଆରେ ଯାହାର ଚହଲ ପଡ଼େ—କେ.ସି. ଦାସ । କେ.ସି, ଦାସ୍ କାରଖାନାର ମାଲିକ, ମଟର ଗାଡ଼ିର ମାଲିକ, ଜମିର ମାଲିକ, ଧନ ସମ୍ପତ୍ତିର ଅଫୁରନ୍ତ ଭଣ୍ଡାର । କୋଠା କାନ୍ଥରେ ପତ୍ରପତ୍ରିକାର ପୃଷ୍ଠାରେ ଚଳନ୍ତି ଗାଡ଼ିର ଦେହରେ ବଡ଼ ବଡ଼ ଅକ୍ଷରରେ ପରାକ୍ରମ ଜାଣକରେ ତାଙ୍କର ନାଁ ଦର୍ଶକର ଦୃଷ୍ଟିକୁ, ଅଟକ ରଖି କହେ ନିଜକଥା; ଠିକ୍ ଏହି ଛଅଁସିଆ ଚଷମା ପରି, ଯେ ମୁଁ କେ. ସି. ଦାସ, ସବୁ ମୋର, ମତେ ଦେଖ, ଅଣ୍ଟା ନୁଆଁଇ ବସି ମତେ ନମସ୍କାର କର, କାରଣ ଶାସନଠୁ ନେଇ ପର୍ଯ୍ୟନ୍ତ, ଉତ୍ପତ୍ତିଠାରୁ ସଂହାର ପର୍ଯ୍ୟନ୍ତ ସବୁ ଲୀଳା ମୋର, ମୋର ଗୋଷ୍ଠୀର, ମୋର ଶ୍ରେଣୀର । ଏହି ସେ;

Digitized by srujanika@gmail.com

ମାଲିକ । କିନ୍ତୁ କଣ ମରୁଛି ଏହି ମଣିଷଠା ମଣିଷ ପାଇଁ ? ତା'ର ଫ୍ୟାକ୍ଟରିର ଧୂଆଁ ବିଷାକ୍ତ କରୁଛି ପବନକୁ, ତାର କାରଖାନାର ପାଣି ବିଷାକ୍ତ କରୁଛି ନଈ ପାଣିକୁ, ସେ ଜମିକୁ ଗୁଣ୍ଡା କରୁଛି, ମଣିଷକୁ କଳ କରୁଛି, ଆଉ କରୁଛି କଣ ?

ମନେପଡ଼ନ୍ତି ଭିକାରି ଦଳ ଦଳ, ଦ୍ୱାର ଚଳନ୍ତି ପ୍ରେତ ପଟୁଆର । ମନେପଡ଼ନ୍ତି ଦଳେ ଦଳେ ଦରିଦ୍ର ସହପାଠୀ—ପାଦରେ ଜୋତା ନାହିଁ, ଦେହରେ ନାହିଁ ଦରକାର ଲୁଗା କି ଦରକାର କାମିଜ ଖଣ୍ଡେ ନାହିଁ, ଫିଟିଲଗା ପେଟରେ କିଛି ପଡ଼ୁଛି କି ନା ତାହା ଗବେଷଣାର ବିଷୟ । ଟାଳ ଗୋଟାଏ ନୂଆଁର ଆଦର୍ଶରେ କାତ ବାନ୍ଧ ବାହ ଆଣୁ ଯାକେ ସଡ଼କ ଧୂଳି ବୋଳହୋଇ ବୋଝେ ବାଟ ସ୍କୁଲ ନଡ କଲେଜ, ତାପରେ ଫେର୍ ବାହୁଡ଼ାଣି, କେଉଁଠି ଫିଉନେ, ପୁଣି ଅନ୍ଧାର ବର୍ତ୍ତୁର, ଦନ୍ତଦନ୍ତିଆ ମାଟି ଚଟାଣ ଉପରେ ପାଲ୍ ଖୋପ ପରି ଘୁଲଘର, ବାଦୁ ବସା, ଅନ୍ଧୁ, ବୁଢ଼ିଅଣୀ ବସା, ମିଞ୍ଚି ମିଞ୍ଚି ହୋଇ ନାଲି ତେଲର ଡ଼ିବରିଟି ଜଳୁଥାଏ ଅଧରାତି ପରେ ବି—ନ ପାଇଲାର ମାହାଲିଆ ଆଦର୍ଶର ଢଅଁଳିଆ ବଢ଼ ।

କେ. ସି. ଦାସ କଏ ସେ ସେଠି ?

ବଙ୍କା ଓଠ ପଥରରେ ଖୋଳେଇ ଚଡ ପରି ଯାଦବର ମୁହଁରେ ଅଙ୍କା ରହିଲାଣି କେତେ ବେଳୁ । ପଛକୁ ଚାହିଁ ସେ ପଥର ପରି ଠିଆହୋଇଛି । ଭୂତ ଦେଖିଲା ପରି ଚାହିଁରହିଛି, କାର୍ତ୍ତିକ ବାବୁ କେତେ ବେଳୁ "ବସ, ବସ" କହିଦେଇ ଗଲେଣି, ତାର ଖିଆଲ ନାହିଁ ।

ଅତ ନରମ ହୋଇ ଅତ ପାଖରେ ରହି ସୁପ୍ରଭ କଥା କହୁଛି—"ଆଃ, ମୁଁ କାହିଁକି ଯେ ଆପଣଙ୍କୁ ଡାକି ଆଣିଲି, ବଡ଼ ଅପରାଧ ହୋଇଛି, ମତେ କ୍ଷମା କରନ୍ତୁ । ଜାଣିଥିଲି, ଅନ୍ତତଃ ଜାଣିବା ଉଚିତ ଥିଲା ଯେ ଜନନ୍ଦ୍ସମାନେ ଅସ୍ୱାଭାବିକ ରକମ ଅଭିମାନୀ, ଜାଣିଶୁଣି ଆପଣଙ୍କୁ ନେଇଆସିଲି ଏପରି ପରିସ୍ଥିତିକୁ ଯେଉଁଠି କି ଅଭିମାନ ଖାଲି ଗଦା ଗଦା, ଗୋଟେଇଲେହିଁ ହେଲା । ଆପଣ ଖାଲି ପ୍ରତିଭାବାନ୍ ନୁହନ୍ତି, ଆପଣ କବିପ୍ରାଣ, ଆପଣ କବି

Digitized by srujanika@gmail.com

ପୁଣି ଧୂଳିମାଟିର କବ୍, ଏ ଶୀତଳ ପଥରର ନିର୍ଜୀବ କବରର ଭିତରକୁ ଆପଣଙ୍କୁ ଓଟାରିବା ହିଁ ମୋର ଭୁଲ ହୋଇଛି, ମୋତେ କ୍ଷମା କରନ୍ତୁ।”

ସଞ୍ଜ ପଡ଼ୁ, ହାଲୁକା ଅନ୍ଧାର ମିଶ୍ରି ମିଶ୍ରି ହୋଇ ଥରି ଥରି ଆସୁଛି । ବୃନ୍ତ ବଗିଚ୍ଚ ଚହଳାରୁ ମଶାମାନଙ୍କ ତାର ସଙ୍ଗୀତର ନେପଥ୍ୟ ଧ୍ୱନି ।

ସୁପ୍ରଭା ଦାସ ଟଳୁଛି । ତା ମନ ଭିତରେ ଏକ ଅନ୍ଧ ଗହ୍ୱରରେ ଫେରିଚ୍ୟୁ ଆଣୁଛି ଏ ନୂଆ ଧ୍ୱନି । ଦଣ୍ଡ ଗୁନ୍ତାନ ଅନ୍ଧାର ଦାସ ସଙ୍ଗରେ ନନ୍ଦୁଆଣି ଝସ୍ ଝସ୍ । ଝିଲିଲି ସୁରର ଆଳାପ ଶୁଭୁଛି ଦୂରରୁ, ଶୁଭିଯାଉଛି ପୁଣି ଲୁଚିଯାଉଛି ।

ସୁପ୍ରଭା ଦାସ ଅଳି କରୁଛି, “ମତେ କ୍ଷମା କରନ୍ତୁ···ମତେ କ୍ଷମା କରନ୍ତୁ ।”

“କାହିଁକି, କଣ ହେଲ ଯେ କ୍ଷମା କଥା ଉଠୁଛି ମିସ୍ ଦାସ ?”

“ନା, ଆଗ କହନ୍ତୁ ମତେ କ୍ଷମା କଲେ ତ ? ମୁଁ ପ୍ରତିଜ୍ଞା କରୁଛି ଏପରି ଭୁଲ ଆଉ ଜୀବନରେ କରିବି ନାହିଁ ।”

କଠୋର ପ୍ରତିଜ୍ଞା, ଦୁଇ ହୃଦୟ ମଝିରେ ବାଡ଼ ଦେଇ ଦିଏ । ମଜ୍‌ଦୁର୍‌-ବାଦୀ ଯାଦବ କଳ୍ପନାରେ ଦେଖେ ଜେଲଖାନାର ପାଚେରି, ଅଥବା ଜେଲଖାନାର ବାଘମୁହଁର ଫାଟକ, ଲୁହା ରେଲିଂ, ସେ ପାଖେ ଜଣେ, ଏପାଖେ ଜଣେ । ସୁପ୍ରଭା ଦାସ ପ୍ରତିଜ୍ଞା କରି ଲଗିଛି ।

“ଦେଖନ୍ତୁ ମିସ୍ ଦାସ୍ , ଯଦି ମୁଁ ଆପଣଙ୍କୁ ଏପରି ଭାବିବାକୁ ଅବସର ଦେଇଛି ତେବେ କ୍ଷମାମାଗିବା ଉଚିତ ମୋର, ମୁଁ ବଡ଼ ଦୁଃଖିତ, ମତେ କ୍ଷମା ଦିଅନ୍ତୁ ।”

“ମୁଁ ଆପଣଙ୍କୁ ପରିହାସ କଲି, ମୋର ଗମ୍ଭୀର ହେବା ଉଚିତ ଥିଲା, ସେଥିପାଇଁ କ୍ଷମା ନେବା ଭାର ମୋର । ମୁଁ ଆପଣଙ୍କୁ ବସେଇ ରଖିଲି, ଆପଣ ଭାବିଲଗିଥିବେ କେତେ ଆକାଶ ପାତାଳ, ଝାଳି ନିର୍ଘଣ୍ଟିଆଟାରେ, ପୁଣି ଘରକୁ ତାଙ୍କ ଅଣି ବାପାଙ୍କ ସାଙ୍ଗେ ଆଗ ପରିଚୟ କରେଇ ଦେଲିନାହିଁ । ଏଣ୍ଟର-ଟେନ୍ କରିବା ତ କାହିଁ ଦୂରର କଥା, ଭୁଲ ହୋଷ୍ଟ୍ ମୁଁ, କଣ ଯେ ଆପଣ ଭାବୁଥିବେ ସତେ ! ନାଇଁ ମୁଁ ଦୋଷୀ, ମତେ ଆପଣ କ୍ଷମା କରନ୍ତୁ !”

Digitized by srujanika@gmail.com

"ଓଃ—ଆରେ—ମିସ୍ ଦାସ୍—କଣ କହିବି ଆପଣଙ୍କୁ ? କାହିଁକି ଏତେ କ୍ଷମା ?—ନାହିଁ—ଶୁଣନ୍ତୁ ମିସ୍ ଦାସ୍—"

"ମୋ ନାଁ । ସୁପ୍ରଭା !"

ଯାଦବ ଚୁପ୍‌ହେଲ ।

ସୁପ୍ରଭା କହିଲା—"ପ୍ରତିଜ୍ଞା କରନ୍ତୁ, ଆଉ ଦିନେ ନାହିଁ—ମତେ ବଡ଼ ଦୁଃଖ ଲାଗୁଚି, କହନ୍ତୁ, ଆପଣ ମତେ କ୍ଷମା କଲେ ତ ?"

"ମୁଁ ଯାଏଁ ଏଥର ମିସ୍ ଦାସ୍ ।"

"ଯିବା ତ ବେଶି କଷ୍ଟ ନୁହେଁ, ବାପା ଆପଣଙ୍କୁ ମଟରରେ ନେଇ ପହଞ୍ଚାଇ ଦେଇ ଆସିବେ, କିନ୍ତୁ ଆପଣ ଯେପରି ତରତର ହେଉଛନ୍ତି ଜଣା-ପଡ଼ୁଛି ଅପଣଙ୍କର ରାଗ ତ ଆଦୌ କମିନାହିଁ ବରଂ ବଢ଼ିଛି ଅନେକ ଗୁଣ ।"

"ହଉ, ବହିଲ ମୁଁ । ମଟରରେ ଯିବା ଦରକାର ନାହିଁ, ଚାଲିକରି ଯିବା ମୋର ଅଭ୍ୟାସ । ଆଉ କଣ କହିବେ କହନ୍ତୁ ।"

"ଆପଣ ଆସି ବସନ୍ତୁ । ବେଶ୍...ଏଥର ? ଶୁଣନ୍ତୁ ମୁଁ ଦୁଃଖୀ ଅଟେ, କାରଣ ମା' ତ ନାହିଁ, ଅପଣ ଶୁଣିଥିବେ ହୁଏତ, ମୋର ମା—ନାହିଁ ।"

"ଓଃ, ବଡ଼ ଦୁଃଖର କଥା ।"

"ସେତିକି କହି ଯଦି ମୁଁ ସେ ଦୁଃଖ ଭୁଲିପାରିଥାନ୍ତି ! ପାଞ୍ଚ ବର୍ଷର ପିଲା ହୋଇଥିଲି, ପାଞ୍ଚ ବର୍ଷର ସ୍ମୃତି ସତର ବର୍ଷରେ ସେତେ ଉଜ୍ଜ୍ୱଳ ଦିଶେ ନାହିଁ ; ଆଉ ମା'ର ଫଟୋ ଖଣ୍ଡି ଯଦି ଅଖି ଆଗରେ ନ ଥାନ୍ତା ସେ ଦିନୁ ଏ ଯାକେ ମୁଁ ହୁଏତ ଭୁଲିଯାଆନ୍ତିଣି ମା'ର ଚେହେରା ଥିଲା କେମିତି ! "

"ମା'କୁ ମଣିଷ ଭୁଲିପାରେ ? ଫଟୋ ନ ଥିଲେ ମା ମନେ ନ ଥାନ୍ତା ? ବଡ଼ ନିଷ୍ଠୁର କଥା ।"

"ସତ କଥା ଚିରକାଳହିଁ ନିଷ୍ଠୁର ଯାଦବ ବାବୁ ! ଫଟୋ ନ ଥିଲେ ମା' ମୋର ମନେ ନ ଥାନ୍ତା, ମୁଁ ଭଲ କରି ଜାଣେ । କିନ୍ତୁ ତଥାପି ଏକଥା

Digitized by srujanika@gmail.com

ବି ସତ ଯେ ମୋର ମା' ନାହିଁ ଏବଂ ସେଥିପାଇଁ ବେଳେ ବେଳେ ଲାଗେ ଯେ ରୁଚ୍ଛା ଶୂନ୍ୟହିଁ ମୋର ଅଣ୍ଡା । ହଉ, ମୁଁ ଆସେ, ଟିକେ ବସନ୍ତୁ, ଏଁ !"

କାନ୍ଦୁରା କଥା କହୁ କହୁ ଗମ୍ଭୀରରୁ ଗମ୍ଭୀର ଦୁଃଖର ବାନଣା ବଢ଼େଇ ସୁପ୍ରଭା ଗଲା, ଭାବିବାକୁ ଅବସର ଦେଇଗଲା । ସତେ ତ, ଧନୀର ଦୁଲଣୀଟିର ବି ଶୋକ ଅଛୁ !

ଯାଦବ ମନେପକେଇଲା, ଗାଁରେ ତାର ଘର । ତାର ମା ଅଛୁ, ବାପ ଅଛୁ, ସାନ ଭଉଣୀ ଅଛୁ ମିନା, ସାନ ଭାଇ ଅଛୁ, ଦାଣ୍ଡ ଧୂଳିରେ ଗୁଡ଼ୁରୁ ଗୁଡ଼ୁରୁ—ଗଉ । ସମସ୍ତେ ଅଛନ୍ତି ତାର । ତାକୁ ସ୍ନେହ ଛଡ଼ି ଛଡ଼ି ବଢ଼େଇ-ଛନ୍ତି, ସହରକୁ ପଠେଇଛନ୍ତି, ଅପେକ୍ଷା କରିଛନ୍ତି । ମା' ନାହିଁ ! ମା' ନ ଥିଲା ଘର ସେ କଳ୍ପନା କରିପାରେନାହିଁ ।

ନା, ଦୁଃଖ ଶୋକ—ଦୁନିଆର ସବୁ ଦୌଲତଠୁ ସେ ବଡ଼ । ସ୍ନେହ ଆଦର—ଦୂଷିତ ପୁଞ୍ଜିପତିର ପଙ୍କିଳ ହୃଦୟରେ ଥିଲେ ବି ସେ ପଦ୍ମ । ମଣିଷ ମଣିଷକୁ ସ୍ୱୀକାର କରେ ତାହାରି ବଳରେ, ଆଉ ଆର୍ଥିକ ଅବସ୍ଥା ଭିଆଣରେ ସାମାଜିକ ଅବସ୍ଥା, କିଏ ବଡ଼ କିଏ ଶ୍ରେଷ୍ଠ, ଖାଲି ବାହାରର ଖୋଳପା ସେ, ଯଦିଓ ଉଗ୍ର ସାମ୍ୟବାଦୀ ଧାରଣାରେ ସ୍ୱତନ୍ତ୍ର ତାର ଆସନ ।

ଫେର୍ କିଏ ଏପରି ଭାବିଲାଣି ସେ ଯାହା ଦଶ ଜଣଙ୍କ ଆଗରେ ବଡ଼ ସଭାରେ ବକ୍ତୃତା ଦେଲାବେଳେ କହିବାକୁ ଲାଜ ଅଟକେ । ସେ ଅର୍ଥନୀତିକୁ ପଛକୁ ପେଲି ହୃଦୟର ଭାବକୁ ରଖୁଛି ସାମ୍ନାରେ; ଛି, କି ଦୁର୍ବଳତା ! କିନ୍ତୁ ସୁପ୍ରଭା ଦାସର ମା' ନାହିଁ, ମା' ଥିବା ଯଦି ପୁଞ୍ଜି ହୁଏ ତେବେ ସୁପ୍ରଭା ଦାସ ବି ପ୍ରୋଲିଟାରିଏଟ୍ ! ହାୟ, ମା' ନାହିଁ, ମୁଣ୍ଡ ଆଉଁଷିବାକୁ କେହି ନାହିଁ, ପେଟ ପୂରିନାହିଁ କହି ଉଚ୍ଛନ୍ନ ହେବାକୁ ମା' ନାହିଁ, ମେଘ ଦୁଲ୍ ଦୁଲ ଅନ୍ଧାର ରାତିରେ ଛାତିରେ ଯାକି ଶୋଇବାକୁ ମା ନାହିଁ । ଆଉ ସେ ମୋଟା ଫ୍ରେମ୍ର ଚ'ଆଁଷିଆ ଚଷମା ବିଶିଷ୍ଟ ଦୁମ୍ ଦୁମ୍ ଗୁମ୍ପା ମରଦ—ମାର ସ୍ଥାନ ପୂରଣ ସେ କରିପାରିବ ନାହିଁ କେଭେ । ଶନ୍ଦ୍ରତାବୋଧ ସ୍ଥାନାନ୍ତରିତ ହୋଇ ପଡ଼ୁଛି ତାହାଠି, ସୁପ୍ରଭା ଦାସ ମୁକ୍ତ । ସତେ ଯେପରି ସେ ବି ଗୋଟିଏ କର୍ମୀ, ଅଣ୍ଟାରେ ପଣତ ଗୁରେଇ କାନ୍ଧକୁ କାନ୍ଧ ଯୋଡ଼ି କାମ ଉପରେ

Digitized by srujanika@gmail.com

ଜଣେ ସାଙ୍ଗୀ । କିନ୍ତୁ ସେ ହାଇହିଲ୍ଡ ଜୋତା ପିନ୍ଧେ କାହିଁକି ? କାହିଁକି ତାର ବେଶରେ ଏତେ ଢଙ୍ଗ ?

ଦୁଇ ପକ୍ଷର ଧାରଣାକୁ ପାଲିଶ୍ କରି ଦେଇ ଯାଦବ ଭାବିଲା ସେଇ ପୁରୁଣା କଥା—ହାସ୍ୟ, ମଣିଷ-କ୍ଷେତ, କି ସୁନ୍ଦର, ଯେଉଁ ପୁଷ୍ଟିବାଦୀ ସମ୍ଭାରକୁ ନକାଶି ପାରିଲେ କି ସୁନ୍ଦର ବର୍ଦ୍ଧିଉଠିବ ଯେଉଁ ଗଣବାଦୀ କଲ୍ୟାଣମୟ ଭାବ । ସେଇ ମଣିଷ-କ୍ଷେତ ହେବ ଭବିଷ୍ୟତର ଉପାଦାନ ।

ଯାଦବ ସୁପ୍ରଭାକୁ କଳ୍ପନା କରୁଥିଲା ଭିନ୍ନ ରୂପରେ । ଖଦଡ଼ର ମୋଟା ଶାଢ଼ୀ, ଖଦଡ଼ ଛିଟର ସୁନ୍ଦର ବ୍ଲାଉଜ୍, ହାତ ମୁହଁରେ କଲେଇ ନାହିଁ, ପିଠି ଦେଇଁ ଲୋଟୁଛି କଳା ବେଣୀ । ଆପଣା ହାତରେ ବଳିତ ଜଳଟିଅର ତ୍ରେଟଶ ସୁପ୍ରଭା ଦାସ ଆସିଲା । ତାର ଜୋତା ଟକ୍ ଟକ୍ ଶୁଭୁଥିଲା । କହିଲା, "କି ଅଶ୍ଚର୍ଯ୍ୟ ? ଲାଜ କରୁଛନ୍ତି ? ଦୁନିଆଁରେ ଯାଧାସିଧା ସରଳ ଅପ୍ରୋଚ୍ ଛାଡ଼ି ଏତେ ବଚନିକା ଦରକାର ହୁଏ କାହିଁକି ମୁଁ ବୁଝି ପାରେନାହିଁ ।"

ତିନି

ରାତି ଆଠଟା ବାଜୁଛି, ଯାଦବ ଘରକୁ ଫେରୁଛି । ଅଧେବାଟ ଅନ୍ୟମନସ୍କ ହୋଇ କଟିଯାଉଛି । ଯେତେବେଳେ ସେ ଭାବ ଭାବୁନାହିଁ, ବହି ବହୁନାହିଁ, ପବନରେ ମିଶି ଉଡ଼ିଆସୁଛି । ମାତ୍ର ଜୀବନରେ ଘଟିଛି ଗୋଟାଏ ଘଟନା, ଅସ୍ତିତ୍ୱ ତାକୁ ଯାପ୍ଟି ଧରୁଛି, ମନ ତାକୁ ଅସ୍ୱୀକାର କରି କରିଛାଡ଼ିଇ ଲମ୍ଫ ଲଗାଉଛି ଶୂନ୍ୟରେ । ଆପଣାର ପୁରୁଣା ବ୍ୟକ୍ତିତ୍ୱରୁ ହଠାତ୍ କେତେ ଟାଆଁ ସିଆଁ ଖୋଲପା ଆପେ ଛଡ଼ିପଡ଼ୁଛି, ତଳେ ଦିଶେ କଅଁଳିଆ ନରମ ।

ଭାବିବାକୁ ଗରଜ ନାହିଁ, କେବଳ ଆଖି ବୁଜି ବାଟ କଟେଇନେବା । ତଥାପି, ବସା ପାଖ ହେଲାଣି, ସ୍ଥାନର ପ୍ରଭାବ ଅଛି, ରାତି ଆଠଟା ହେଲାଣି, ବେଳର ପ୍ରଭାବ ଅଛି । ଭାବିବାକୁହିଁ ହେଲା । ଟିକି ଟିକି ଉଙ୍କିମାରି ସେ

Digitized by srujanika@gmail.com

ଦେଖିଲ ସେ କଣ କରୁଛି । ସେ ଆପଣାକୁ ନ ମିଶା ହେବାକୁ ଗ୍ରହଣ ଦେଇଛି । ପଦେ ହାଶ୍ୟ କଥାରେ ଯେଉଁଠି ସେ ଦମ୍ଭକ ହୁଏତେଇ ପାରିଥାନ୍ତା ସେଠି କଥା ନ କହି କାନ ପାରିଛି । କାନ ପାରୁ ପାରୁ ମୁଣ୍ଡ ନୁଆଁଇଛି । ଅମଡ଼ା ମାଡ଼ି ଗ୍ରହିଯାଇଛି ନ ଯିବା ସ୍ଥାନକୁ, ଦରିଦ୍ରପଣର ଆଭିଜାତ୍ୟ ପାସୋରିଛି ।

ନିଜକୁ ଆଶ୍ୱାସି ଅତୀତକୁ ଚାଙ୍କି ପୁଣି ସେ ଭାବି ଲାଗିଲା—ସେ ଅଛି ସେହି ପୁରୁଣା ମଣିଷ, ଗାଁରେ ଗୃହୀ, ସହରରେ ପ୍ରତିଭାଶାଳୀ ଛାତ୍ର, ସ୍ୱାଧୀନ ଗଣତନ୍ତ୍ରବାଦୀ ନାଗରିକ । ଛାତ୍ର ଦଳର ନେତା । ନୂଆ ସମାଜର ନୂଆ ଭାବର ଈଶ୍ୱର ନ ହେଲେ ବି ପୁରୋହିତ । କଣ ହୋଇଛି ?

କିନ୍ତୁ ଆପଣାକୁ ଭୁଲେଇ ହେଲାନାହିଁ । ଲଜ୍ଜିତ ହୋଇ ଅନୁଭବ କଲା ସେ ଯେପରିକି ଗୋଟାଏ ନୂଆ ବ୍ୟକ୍ତିତ୍ୱରେ ଗର୍ଭବତୀ, ଭିତରେ ସେହି ଉତ୍କଣ୍ଠା, ଗୁପ୍ତରେ ଆନନ୍ଦ, ପ୍ରକାଶ୍ୟରେ ଲଜ୍ଜା । ସେଠି ସେ ବସିଥିଲି, ସେ ଖାଇ ଅଛି । ସେଠିକାର ସ୍ପର୍ଶ ତାର ନୂଆ ବ୍ୟକ୍ତିତ୍ୱର ଭ୍ରୂଣ, ଫୋପାଡ଼ ହେଉନାହିଁ, ଅନୁଭୂତିରେ ଜାଗ୍ରତ ।

ଦୀର୍ଘଶ୍ୱାସ ପକାଇ ଜାଗତିକ କ୍ରୋଡ଼ରେ ମନଦେଲା । ଉପରେ ଭାସିଲେ ଆନନ୍ଦ, ବୁଡ଼ି ବୁଡ଼ି ଭାସିଲେ ଦୁଃଖ, ଯାନ କଥାଟାକୁ ମାଜି ମାଜି ମୋଟ କରିବାକୁ କିଛି ନାହିଁ—ଯାଦବ ବଗୁଲ । ଟିଠ । ଶୀତଦିନ । ଦେହ ଉଷୁମ ଖୋଜେ, ମନ ଲୋଡ଼େ ଘରର ଉଷୁମ୍ ଓ ଅଳସ ଆଶ୍ରୟ । କମ୍ବଳ ଘୋଡ଼ି ହୋଇ ମୁହଁ ଢାଙ୍କିଦେଲେ ଆପଣାର ଗୋଟିଏ ନିଅଗ ଖୋଳ, ଖାଲି ନିଜେ, ନିଜ ଚିନ୍ତା, ସ୍ୱପ୍ନ ।

ପ୍ରକାଶ ଯାହା କରିହେବ ନାହିଁ ସେହି ହେବ ତାର ନିଘୁଞ୍ଚିଆ ବାଟର ଅସ୍ଫୁଟ କବିତା, ତାହାର ଛନ୍ଦରେ ପାଦ ପଡ଼ ପଡ଼ ଯିବ ଧୂଳିଆ ଧୂସର ଅଚିହ୍ନା ବାଟରେ ।

ବଡ଼ା ପାଖ ହେଲା ।

ଯାଦବ ଭାବୁଥାଏ—ସୁପ୍ରଭା ଦାସ୍—ସେ ସେତେ ମନ୍ଦ ନୁହେଁ ତ' !

Digitized by srujanika@gmail.com

ସ୍ୱର

ପରିଚିତ ପରିବେଷ୍ଟନରେ ପୁରୁଣା ମନକୁ ନିତିଦିନର ମଡ଼ାବାଟକୁ ଅତଡ଼ାଇ ଆଣି ଛାତ୍ର ଯାଦବ ଗମ୍ଭୀର ହୋଇ ପଶିଗଲା ତାର ଛପିଲା ବସାର ଘରୁ ଦୁଆରମୁହଁ ବାଟେ । ଘର ଅନ୍ଧାର । କାହାରି ସୋର ଶବଦ ନାହିଁ । ଦରଭଙ୍ଗା ଗଳିଘରେ ଚତୁର୍ଦ୍ଦଶର ଛାତ୍ରଙ୍କର ସାନ ମେସ୍‌ଟିଏ, ବଡ଼ ସହରର ଅସଂଖ୍ୟ ଖୋପଘର ଭିତରୁ ଗୋଟିଏ ସେ, ଖାତାରେ ନାଁ ନାହିଁ । ଏଠିକି ବେଳେ ଯେଉଁଠି ଚହଳ ପଡ଼ିଥାଏ, ପାଠପଢ଼ା ଲାଗିଥାଏ, ଜଣେ ବିଜ୍ଞାନକୁ ଜଣେ ସଂସ୍କୃତ କାବ୍ୟ, ଜଣେ ଇଂରେଜୀ ତ ଜଣେ ଅର୍ଥଶାସ୍ତ୍ର । ବାହାରର ଦୁନିଆଁ ତାଙ୍କ ଖବର ରଖେନାହିଁ । ଏମିତି କେତେ ଅଛନ୍ତି ମଉନମୁହାଁ ମଲମୁଣ୍ଡିଆ ମଣିଷ, କିଏ ଆସେ କିଏ ଯାଏ, କିଏ ରଖେ କାହା ଖବର ? ସେହି ମାନ୍ତି ଏହି ମଣିଷଜନ୍ମାଙ୍କ ମୁଣ୍ଡଗଣ୍ଡରେ ବଡ଼ ସହରର ବଡ଼ପଣ, କିନ୍ତୁ ବଡ଼ ସହରର ଗଣତି ରଖେ କୋଠାର, ମଟରଗାଡ଼ିର—ଏମାନଙ୍କର ନୁହେଁ ।

କିନ୍ତୁ ଏମାନେ ଘାସୋରନ୍ତି ନାହିଁ, ଖବର ରଖନ୍ତି । ଖବରକାଗଜ ଆସେ, ଆଲୋଚନା ପଡ଼େ ଏବଂ ଆଜିକାର ଛାତ୍ର କାଲିକାର ରାଷ୍ଟ୍ରନେତା ପରି ମନେ ମନେ ଗଢ଼େ ଭବିଷ୍ୟତର ଯୋଜନା, ବର୍ତ୍ତମାନର ପରିସ୍ଥିତିକୁ ସମାଲୋଚନା କରେ, ଆପଣାର ସ୍ୱାଧୀନ ମତକୁ ଫୋପାଡ଼ିମାରେ ପଦାକୁ, ବାଜୁ ନବାଜୁ । ଆଜି ସବୁ ଶୁନ୍‌ଶାନ୍ ଆଉ ଅନ୍ଧାର—କେହି ନାହାନ୍ତି ।

କେବଳ ଟାବଲ ଉପରେ ଟାବଲ ଥୁଆ ମେଜଆରେ କହୁଣୀ ମାଡ଼ି ମିଟିମିଟି ଲଣ୍ଠନ ପାଖେ ଏକୁଟିଆ ବସିଛି ଜୀବନ, ଚତୁର୍ଥ ବର୍ଷ ବିଜ୍ଞାନର ଛାତ୍ର । ସ୍ୱାସ୍ଥ୍ୟରେ କ୍ଷୀଣ, ରାଜନୀତିର ମତବାଦରେ ଧ୍ୱଂସକାମୀ ବାମପନ୍ଥୀ ବୈନାଶିକ, ସ୍ୱଭାବରେ ସ୍ନେହପ୍ରବଣ, ଶିଶୁପରି ସରଳ—ଜୀବନ ମହାନ୍ତି, ସେ ଯାଦବର ଅତ୍ୟନ୍ତ ଅନୁଗତ । ଧଡ଼୍‌କରି ଉଠିପଡ଼ିଲା, ହାତଭଙ୍ଗା ପୁରୁଣା ଚୌକିଟି ଦେଇଁ କଲା । ଏବେବେଳେ ନିଷ୍ଫଳ ଅପେକ୍ଷାର ଆକ୍ରୋଶମୟ ଭାବନାକୁ ଅଭିମାନରେ ତରଳେଇ ଦେଇ ଜୀବନ କହିଲା, "ଯାଦବ ବାବୁ, କୁଆଡ଼େ ଥିଲେ ଆପଣ କହିଲେ ? ଆଜି ମିଟିଂକୁ ଗଲେ ନାହିଁ ?"

Digitized by srujanika@gmail.com

"ମିଟିଂ···ହିଁ···ସତେ ତ !" ଯାଦବ ଅବାକାବା ହେଲା ।

"କଣ ଆପଣଙ୍କର ହେଲା, କହିଲେ—ଆପଣ କୁଆଡ଼େ ରହିଗଲେ ? ସେମାନେ ଯାହା ପାରି ତା କହିସିବେ, ସମସ୍ତଙ୍କୁ ମତେଇନେବେ, ତାଙ୍କର କଥା ରହିଯିବ, ଆମର କିଛି ନାହିଁ ! ଏତେ ଦିନର ଏତେ ପରିଶ୍ରମ ସବୁ ମାଟି ହେବ ! ଅପଣ···"

"ବ୍ୟସ୍ତ ହୁଅନା ଜବନ, ଯିବା ।"

"ହିଁ ଯିବା ! ଆଉ ଯାଇ କଣହେବ କହିଲେ ? ସାଢ଼େ ନଅଟା ହେବଣି । ମହାନନ୍ଦରେ ହେଣ୍ଡିମାରି ପ୍ରସ୍ତାବସବୁ ପାଶ୍ କରେଇ ନେବେଣି ସେମାନେ, ହୁଏତ ମିଟିଂ ସରିଗଲାଣି, ଆଉ ଯାଇ ନଯାଇ କଣ ଫଳ ?"

"ଦୁନିଆରେ ଖାଲି ମିଟିଂ ଆଟେଣ୍ଡ୍ କରିବାହିଁ ସବୁ ନୁହେଁ ଜବନ ! ନହେଲେ ବା ଗୋଟାଏ ମିଟିଂ ଯିବା, ଗୁଡ଼ଦିର ପିମ୍ପୁଡ଼ି ଖାଇଯିବନାହିଁ ।" କହିଦେଇ କ୍ଳାନ୍ତ ହୋଇ ଯାଦବ ବସିପଡ଼ିଲା, ଯେପରିକି ଏତିକି କଥାରେ ତାର ସବୁ ପୁଞ୍ଜି ଝାଡ଼ିଦେଲା, ଆଉ ନାହିଁ ।

ଜବନ ଅଶ୍ଚର୍ଯ୍ୟ ହେଲା । କାହିଁ, ଏହି ଲୋକଟିକୁ ଏତେ ଦିନ ଯାକେ ଏତେ ଘନିଷ୍ଠଭାବେ ଚିହ୍ନି ଆସିଛି ସେ, ଏପରି ତ କେବେ ଶୁଣିନାହିଁ ! ଏ କଣ ଆଜି କହୁଛି ! ମିଟିଂ ଆଟେଣ୍ଡ କରିବା ବଡ଼ ନୁହେଁ ! ଦଶଜଣଙ୍କ ମତକୁ ଆପଣାର ଖୁରଧାର ଯୁକ୍ତି କଥାରେ ଟିକିଟିକି କରି କାଟି ଫୋପାଡ଼ି ଦେଇ ଗଣ-ମେଳରେ ଆପଣା ଯୁକ୍ତିକୁ ଉଚ୍ଚ ମେଢ଼ ଉପରେ ଥାପିବା ଗୌରବ ନୁହେଁ ! ଏକଥା କହୁଛି ଯାଦବ !

ଯେଉଁମାନେ ତାର ମତକୁ ମାନନ୍ତି ନାହିଁ ତାଙ୍କୁ 'ଶତ୍ରୁପକ୍ଷ' କୁହାଯାଏ, ଶତ୍ରୁପକ୍ଷଙ୍କୁ 'ସେମାନେ' କୁହାଯାଏ, 'ସେମାନେ' ଶବ୍ଦଟା ଉଚ୍ଚାରଣ କଲା-ମାତ୍ରେ ଗୁଡ଼ ମଣ୍ଡି ଚକଟି ମୁହଁ ଅଣ୍ଟିଯାକେ ତୋଫାନ ଉଠିଆସେ, ହାତ-ମୁଠା କଡ଼ କଡ଼ ଡାକେ । 'ସେମାନେ' ଗୁପ୍ତସଭାରେ ତାଙ୍କ ଯୋଜନା ଗୃହୀତ କରାଇନେବେ ଅଥଚ ଯାଦବ ବସିଛି ଏଠି କ୍ଳାନ୍ତ ହୋଇ, କୁରୁକ୍ଷେତ୍ର ମଝିରେ ଗାଣ୍ଡିବ ଗଡ଼ୁଛି ତଳେ ! କି ପରିବର୍ତ୍ତନ !

Digitized by srujanika@gmail.com

"ଯାଦବ ବାବୁ, ଦେହ କଣ ଖରାପ ହେଲା ?"

"କାହିଁ ନାହିଁ ତ !"

"କିଛି ଖବର ଶୁଣିଲେ ?"

"କି ଖବର ?"

"ଘରୁ କିଛି ?"

ଚମକି ପଡ଼ି ଯାଦବ ପଚାରିଲା—"କଣ କିଛି ଖବର ଆସିଥିଲା ଜୀବନ ?"

"ନା, ମୁଁ ପଚାରୁଥିଲି ଏମିତି ।"

"କାହିଁ ନାହିଁ ତ !"

ମ୍ଳାନ ମଳିନ ହୋଇ ନେତା ଯାଦବ ବସି ରହିଛି ସ୍ୱର୍ଗରୁ ଖସିଲା ପରି । ବେଶି ଗପିବାକୁ ତାର ମନ ନାହିଁ ।

କିନ୍ତୁ ଜୀବନର ମନରେ ଅଭିମାନର ବତାସ ବହୁଛି । ଦୀର୍ଘଶ୍ୱାସ ପକାଇ ଜୀବନ କହିଲା—"ଯାଦବବାବୁ, ତାହେଲେ ମିଟିଂରେ ଆମେ ହାରିଲେ !"

"ହାରିଲେ !" ତୀବ୍ର ସ୍ୱରରେ ଯାଦବ କହିଲା, "ମାନେ ?" ତାର ଭ୍ରୂଭଙ୍ଗ ଦେଖି ଜୀବନ ଡରିଗଲା, ଅନ୍ୟଆଡ଼େ ମୁହଁବୁଲେଇ କହିଲା, "ମାନେ ଅତି ସୁସ୍ପଷ୍ଟ ।"

"ରାଜନଜଗତରେ ବିକ୍ଷୋଭ ଆଉ ବିଭ୍ରାଟ ଘଟିଛି । ନାନା ଦଳର ନାନା ମତ । ତାହାର ସୁବିଧା ନେଇ ପୁଞ୍ଜିପତି ଲଗାଇଛନ୍ତି ଖେଳ । ତାଙ୍କର ସନ୍ତାନସନ୍ତତି, ଭବିଷ୍ୟତର ରାଜା ଜମିଦାର, ମାଲିକ ଓ ସାହୁକାର, ଦେଖୁଛନ୍ତି ତ କେମିତି ଫାସିଷ୍ଟ୍ ଫ୍ରଣ୍ଟ୍ ଗଢ଼ୁଛନ୍ତି । ଆମେ ଗଲୁନାହିଁ, ସେହି-ମାନେ ଆଜି ଜିତିଯିବେ, ମିଟିଂରେ ବଖାଣିବେ ଦକ୍ଷିଣପନ୍ଥୀ ଯୋଜନା, ଲୋକେ ତାଳି ମାରିବେ, ବାହାବାଃ କହିବେ, ତାଙ୍କୁହିଁ ଭାବିବେ, ତାଙ୍କୁହିଁ ଚିହ୍ନିବେ, ଦବେଇବାକୁ ଯାଦବ ପଧାନ ତ ନଥିବେ ସେଠି ! ଆଜିହିଁ ଲାଗିବ ଆମ ଯୋଜନାରେ ପ୍ରଥମ ଧକ୍କା । ଲୋକେ ଭାବିବେ ଆମେ ପଛ ଘୁଞ୍ଚାଦେଲୁ ।

Digitized by srujanika@gmail.com

ତାପରେ କାଲି ବାଟରେ ଘାଟରେ ଯେଉଁମାନେ ଖେଞ୍ଚା ମାରିବେ, ଆପଣ ଦେଖିବେ—କଳି ହୁଗୁଳି ଯାଇଛି ।"

ବ୍ୟଙ୍ଗରେ ଅଳ୍ପ ହସି ଯାଦବ କହିଲା—"ଓଃ, ଏଇ ତୁମର ମତ ? ଏଇଥିପାଇଁ କହୁଚ ଅମେ ହାରିଲେ ବୋଲି !"

ନେତା କହୁଛନ୍ତି, "ଶୁଣ, ତୁମେ ପିଲାଲୋକ,—ଶୁଣ ଜୀବନ, ଗୋଟାଏ ଯୁକ୍ତିରେ ଜିତିବା ପାଇଁ ଯେଉଁ ଯୋଜନା, ତା ଅପେକ୍ଷା ହାରିବାହିଁ ଭଲ । କଥାରେ ଜିତିବା, ମିଟିଂରେ ଲୋକଙ୍କ ଆଖିରେ ଭେଳିକି ଲଗେଇବା—ଏ ଯଦି ହୁଏ ଆମ ଅସ୍ତ୍ର ତେବେ ଆମ ଦଳଗଢ଼ା ଚୂନା ହେଉ, କ୍ଷତି ନାହିଁ; ଏବଂ ଆମ ଦଳ ଚତୁର ବକ୍ତୃତା ଶୁଣିଲେ ଯଦି ସେମାନେ ମତ ବଦଳେଇ ପଟ ଓଲଟେଇବେ, ଯାଆନ୍ତୁ ସେମାନେ, ଆମର ଦରକାର ନାହିଁ । କୁଟାକାଠିରେ ଘର ପୂରେ ନାହିଁ ଜୀବନ ।"

ନରମ ହୋଇ ଜୀବନ କହିଲା, "ଆଜି ନ ହାରିଥିଲେ ଭଲ ହୋଇଥାନ୍ତା ।"

"ହୁଁ, ଭଲହୋଇଥାନ୍ତା, ନ ହେଲା ବା ମନ୍ଦ ହେଲା । ମନ୍ଦ ଯେପରି କହୁଚ ମୁଁ ତ ବୁଝୁଚି ଭଲହୋଇଚି । ନଇଲେ, ପରୀକ୍ଷା ହେଉ ।

"ଧନ୍ୟବାହାଦୁର୍ ଜମିଦାର ସାହେବଙ୍କ ଭୋଜି ଖାଇ ତାଙ୍କ ମଟର ଚଢ଼ି ଅସି ଗୁଣ୍ଡା ଲୋକେ ହଳଦିଆ ବାକ୍ସରେ ଭୋଟ ଦିଅନ୍ତି, ଜାଣିଛ ତ ତୁମେ ! ଆମର ପ୍ରଚାରର ଭିତରେ ଯଦି ସତର ମର୍ମ ଥିବ ଅବଶ୍ୟ ସେ ରହିବ, ବକ୍ତୃତା ତ ସାମାନ୍ୟ କଥା, କେହି ଚେଷ୍ଟା କରି ବି ତାକୁ ହଲେଇ ପାରିବେ ନାହିଁ ତିଳେ । ଓଃ, ବକ୍ତୃତା—ବକ୍ତୃତା—ବକ୍ତୃତା—ବଡ଼ ବିରକ୍ତ ଲାଗିଲାଣି ଜୀବନ—ହାତ ଗୋଡ଼ ଲାଗିବ ନାହିଁ, କେବଳ ବକ୍ତୃତାରେହିଁ କଣ କାମ ହୁଏ ?"

ତୁନିହୋଇ ବସିରହିଲେ ଦୁଇ ବନ୍ଧୁ, ଯାଦବ କ୍ଲାନ୍ତ, ଜୀବନ ବିରସ ଓ ବିରକ୍ତ । କିଛି ସମୟ ପରେ ଜୀବନ ଉଠି ପଦାକୁ ଚାଲିଗଲା । ଅନ୍ଧାର ନିସ୍ତବ୍ଧ । ଅଜଣା ପଲ୍ଲୀ ମୁହଁ ଲୁଚେଇ ରହିଛି ସହର ଭିତରେ ଅଥଚ ସହରଠୁ କେତେ ଦୂରରେ ସେ ! ସରୁ ବାଙ୍କ ରାସ୍ତା ଦାଢ଼ରେ ମିଟି ମିଟି ଲଣ୍ଠନଟିଏ ଜଳୁଛି, ସହର ସହିତ ଯୋଗସୂତ୍ରର ସଙ୍କେତ ଦେଉଛି । ଏମିତି

Digitized by srujanika@gmail.com

ଅନ୍ଧାରକୁ ଖୁନ୍ଦି କେତେ ଘାତ ତାର ଦୁଲୁକୁଛି ଭାବନାରେ, ଚିନ୍ତାରେ ବିସ୍ଫୋରଣ ଲାଗିଛି, ପଦାରେ ଘଟଣା କିଛି ଘଟିନାହିଁ ।

କେତେଥର ମନହୋଇଛି, ଦୁଃସାହସିକ ଦ୍ରାବକଠାରୁ ଅଦ୍ଭୁତ ଭୟାନକ କୌଣସି ବିପ୍ଳବକାରୀ ଶକ୍ତି କିଣି ଦେଇ ଭସ୍ମ କରିଦିଅନ୍ତା ସେ ଏହି ସ୍ଥିତି-ବାନ୍ ସମାଜରେ ବନ୍ଧା ପୁରୁଣା ଘରର ସ୍ୱାର୍ଥବାଦୀ ରୂପ, ପୁଣି ଆପଣା ଛାଞ୍ଚରେ ଗଢ଼ିନିଅନ୍ତା ।

ନୂଆ ରଙ୍ଗ ଧୂଳି ତାର ଅବଦଳା ପାଣି ଦେଖାଇ ଠାପର୍ କରୁଛି । ପୁରୁଣା କୋଠା ତାର ନଡ଼ଦେଖା କର୍କଶ ହସରେ ଆଁ କରି ଦାନ୍ତ ଦେଖାଇଛି, ଅଥଚ ଦୁନିଆଁ ବଦଳି ନାହିଁ ।

ଦୁନିଆଁ ବଦଳି ନାହିଁ, କୈଶୋରର ସ୍ୱପ୍ନ ଆବଦ୍ଧ ରହିଆସିଛି ଜୀବନ ମହାନ୍ତିର ଭବିଷ୍ୟତ କାଳର ଯୋଜନାର କଳ୍ପନାରେ, ଏତିକି । ହାତ ଗୋଡ଼ କଥା କହୁନାହିଁ । ଖାଲି ବଲ୍ଲୁତାରେହିଁ କଣ କାମ ହୁଏ ? ସତ, କିନ୍ତୁ ନିଷ୍ଠୁର । ସେ ଜୀବନ, ସେ ବୈନାଶିକ । ତାଠି ମଣିଷ ବାଟ ନାହିଁ, ଯାହାଠୁ ତାର ମତ ପାଏ ନାହିଁ ସେ ଭାବେ ସେ ଅକାମୀ, ସେ ନୈରାଶ୍ୟଗ୍ରସ୍ତ, ସେ ଦୂଷିତ, ବିନାଶହିଁ ତାପାଇଁ ଏକମାତ୍ର ସମାଧାନ, କିଏ ନ ଜାଣେ ତାର ମତ ? କିନ୍ତୁ ସେ ଖାଲି ଭାବୁଛି, ମତ କହୁଛି, ଏତିକି ମାତ୍ର ଏବଂ ଆପଣାର ନିଷ୍କ୍ରିୟତାକୁ ତର୍କରେ ମାନିନେଇ ଯାଦବର ଝେଞ୍ଚା କଥାକୁ ସ୍ୱୀକାର କରିଦେଲେ ଅସ୍ତିତ୍ୱ ଦୋହଲି ଉଠୁଛି, ତେଣୁ ଯାଦବ ପ୍ରତି ଅସ୍ୱଚ୍ଛ ବିରାଗ ।

ଅନ୍ଧାରରେ ଦୂରକୁ ଚାହିଁ ଜୀବନ ଭାବିଲା—ସେ ଏକୁଟିଆ । ଯାଦବ ବି ତାର ନୁହେଁ, ନେତା ବୋଲି ଯାହାକୁ ଆଦର ନେଇଥିଲା ତାଠି ବି ଅଛି ମାନ୍ଦାପଣ, ଅଳସପଣ, ଜଡ଼ ପଦାର୍ଥ ତାର ଆଦର୍ଶ ହୋଇପାରେ ନାହିଁ । ସନ୍ଦେହର ବିନ୍ଦୁ ମେଘ ପରି ବଢ଼ି ବଢ଼ି ଯାଉଛି, ତଥାପି ଅନ୍ଧାରେ ଅନ୍ଧାରେ ମୋହିଛି ନିରୁଣ୍ଡିଆ ପଥିକ, ଭାବୁଛି—ଭୟ ନାହିଁ, ବାହାରେ ବଳ ଅଛି ।

ଭିତରୁ ଯାଦବ ଡାକିଲା,—"ଜୀବନ, ଶୁଣିଯାଅ ।"

ଜୀବନ ଶୁଣିଲା ନାହିଁ ।

Digitized by srujanika@gmail.com

ଯାଦବ ବଳେଇଲା ନାହିଁ । ଭାବନାରେ ବୁଡ଼ିଥିଲା । ଭାବୁଥିଲା—ପରର ରୂପ ନବଦଳେଇ ଗୁଣ ବଦଳେଇବା କେଡ଼େ କଷ୍ଟ ସେ, ଯେପରିକି ହିମାଳୟ ଟାଳିଲା ପରି ।

ରାତିତାନ କଟିଗଲା ବହେ ବେଳ, ଭିତରେ ଯାଦବ, ବାହାରେ ପିଣ୍ଡା ଉପରେ କାନ୍ଥକୁ ଆଉଜି ଜୀବନ । ନିଦ ଝାଙ୍କିଲା । ରେପେଇ ଘରେ ପୂର୍ବାଖା ଦିନ ଶୋଇ ଶୋଇ ସ୍ୱପ୍ନ ଦେଖିଲା ମଫସଲଗାଁରେ ଅଇପେବା ପୂନେଇଁ ।

କେତେବେଳ ପରେ ଅନ୍ଧାରରେ ଚହଳ ପକେଇ ପିଣ୍ଡା ଚମକେଇ ପହଞ୍ଚିଗଲେ ମେସ୍ ପିଲାଏ । ଜୀବନକୁ ଝାଙ୍କିଦେଇ କିଏ କହିଲା—"ଉଠ ଉଠ ଜୀବନ ଭାଇ, ଜାଣିଛ, ଆମେ ସବୁ ଆଜି ବୟାଳିଶ ନମ୍ବରରେ ନାଁ ଲେଖାଇ ଆସିଛୁଁ ।"

ଧଡ଼ପଡ଼ ହୋଇ ଜୀବନ ଉଠିଲା । ଚାରିଆଡ଼େ ସମସ୍ତଙ୍କ ତୁଣ୍ଡରୁ ଶୁଭୁଛି ସେହି ଗୋଟାଏ କଥା—"ବୟାଳିଶ ନମ୍ବର—ବୟାଳିଶ ନମ୍ବର ।"

ଭିତରୁ ଯାଦବ ଉଠିଆସିଲା । କହିଲା—"ଧୀରେ…"

"ଆଉ ଅଛି ସେ ଧୀରେ ! ଡରୁ ଆମେ ଥୋଡ଼େ । ବୟାଳିଶ ନମ୍ବର ଜିନ୍ଦାବାଦ୍ ।"

ଜୀବନ ଛାତି ଫୁଲେଇ ଠିଆ ହୋଇଛି । ଭାବୁଛି—'ଶେଷରେ—,' ଧ୍ୱଂସର ଧୂଆଁ ତାର ଆଖିରେ, ସେ ଯେପରି ଗୋଟାଏ ଧାରଣାର ରୂପ । ଯାଦବ କହିଲା—"ବୟାଳିଶ ନମ୍ବର ଦଳରେ ନାଁ ଲେଖାଇ ଦେଲେହିଁ ସ୍ୱାଧୀନତା ଆସେ ନାହିଁ ବନ୍ଧୁଗଣ, ସେ ଖାଲି ଗୋଟାଏ ପଡ଼ିବାଣ, ଗୋଟାଏ ହୋ ।"

"ସେ ତ ଠିକ୍ କଥା," କିଶୋର କହିଲା, "କିନ୍ତୁ ସେତିକି କାହିଁକି ଅହୁରି ବି ଅନେକ କଥା ଅଛି ଯାହା କଲେ ସ୍ୱାଧୀନତା ଏତେ ସହଜରେ ଆସେ ନାହିଁ ।"

"ଯଥା ?"

Digitized by srujanika@gmail.com

"ଯଥା ଘରେ ଶୋଇ ଘୁଙ୍ଗୁଡ଼ି ମାରିବା, କାମ ନ କରି ବକ୍ତୃତା ଦେବା, ଲୋକେ କାମ କରି ଗଲେ ନିଜେ ବନ୍ଧୁ ଦର୍ଶନକୁ ଯିବା ଓ ଭୋଜି ଖାଇ ସ୍ୱଗୃହରେ ଫେରିବା ।"

ଯାଦବ ଚମକିପଡ଼ିଲା । ଚହିଁକି ଉଠି କହିଲା—"କିଏ ଯାଉଥିଲା ବନ୍ଧୁ ଦର୍ଶନକୁ କିଶୋରବାବୁ ?"

କିଶୋର ହସିଲା । କହିଲା, "ମୁଁ କଣ ଥିଲି ଯେ ଜାଣନ୍ତି ? ଏ ଖାଲି ଗୋଟାଏ ତର୍କର କଥା ।"

ଯାଦବ କହିଲା—"ଜାଣିଲେ ଯଦି ତାକୁ ଉପଯୁକ୍ତ ଦଣ୍ଡ ବିଧାନ କରିବା ଉଚିତ ।"

"ନିଶ୍ଚୟ" କିଶୋର କହିଲା, "ଯଦର ନ୍ୟାକୁ ଆସିଲେ ଦଣ୍ଡବିଧାନ ତ ହେବନି । ତାର ଦୃଷ୍ଟାନ୍ତ କଣ ଇତିହାସରେ ବିରଳ ଅଛି ?" କିଶୋର ଇତିହାସ ଅନର୍ସରେ ଚତୁର୍ଥ ବର୍ଷର ଉଜ୍ଜ୍ୱଳ ଛାତ୍ର, ବୁଝେଇଲା—"ସବୁ ଦେଶର ଇତିହାସରୁ ଆପଣମାନେ ପାଇବେ—ଅନେକ ସମୟରେ ନେତାମାନଙ୍କର ବିଚାର ହୁଏ । ଯେଉଁମାନେ ଦେଶକୁ ନଚେଇଥାନ୍ତି, ମତେଇଥାନ୍ତି, ବେଳ ଆସେ ଯେତେବେଳେ ସେମାନଙ୍କୁ ହାତଯୋଡ଼ି ଠିଆ ହେବାକୁ ପଡ଼େ ଜନମତର ଧର୍ମାଧିକରଣ ସମ୍ମୁଖରେ, କାହାର ଫାଶି ହୁଏ, କିଏ ଯାଏ ଦେଶାନ୍ତର, କିଏ ଷଡ଼ଯନ୍ତ୍ର ଗୁପ୍ତମାରୁ ହାତରେ, କିଏ ଗୁଳିବୃଷ୍ଟିରେ, କିଏ ପଛଆଡ଼ଆ ଛୁରିମାଡ଼ରେ, ସେ ବି ଗଣଦେବତାର ବିଚାରର ଦଣ୍ଡ, ଜାତିର ବିଧାନ ଶାସ୍ତି ।"

"ଅସମ୍ଭବ—ଅସମ୍ଭବ ! ଜଘନ୍ୟ ଗୁପ୍ତ ହତ୍ୟାକୁ ଆପଣ କି ସ୍ତରରେ ଥୋଉଛନ୍ତି ?"

"ଥାଉ ଥାଉ," ତର୍କର ଗତି କୋହଳେଇ ଜୀବନ ଗର୍ଜନ କଲା, "ବନ୍ଦକରନ୍ତୁ କିଶୋର ବାବୁ, ଚାଲନ୍ତୁ ଭାତ ଖାଇବା, ପଛେ ବରଂ ଏ ବିଷୟରେ ଗୋଟିଏ ଥିସିସ୍ ଲେଖିବେ ଯେ ଆମେ ସବୁ ପଢ଼ି ପଣ୍ଡିତ ହେବା ଏବଂ ଆପଣ ବି ଡକ୍ଟରେଟ୍ ଉପାଧି ପାଇବେ ।"

Digitized by srujanika@gmail.com

ସମସ୍ତେ ହସିଲେ । କିନ୍ତୁ କିଶୋରବାବୁ ଏଥିକରେ ନିଭିଯିବା ମନୁଷ୍ୟ ନୁହନ୍ତି । ବକ୍ତୃତା ପ୍ରତିଯୋଗିତାରେ ସେ ବ ସବୁବେଳେ ଆଗୁସାର । କଥା ବୁଲେଇ କହିଲେ—"ଆପଣମାନେ ଯେତେ ସାଇନ୍‌ସର ଗୁଣ ତାଙ୍କୁ ଆର୍ଟସ୍‌ର ଶୁଷ୍କ ଜ୍ଞାନର ତଣ୍ଟୁ ଗୁଡେ ନାହିଁ । କିନ୍ତୁ ଜାଣନ୍ତି ତ, ଯେଉଁଠି ସାଇନ୍‌ସରେ ଶେଷ, ସେଇଠି ଆର୍ଟସ୍ ଆରମ୍ଭ ହୁଏ ।"

ଦୀପକ କହିଲା, "ଠିକ୍ କଥା, ଯେଉଁଠୁ ସାଇନ୍‌ସ ସରିଲା ସେଇଠୁ ଗଞ୍ଜେଇ ଧୂଆଁ, ଗୁଲଖଇ, ଅଫିମ—ଅର୍ଥାତ୍ କଳ୍ପନା, କବିତା ଓ ଆର୍ଟସ୍ । ତେବେ ଏସବୁ ତ ଫାଷ୍ଟ୍ ଇୟରର ବାଦାନୁବାଦ, ଆମ ଭିତରେ କାହିଁକି ?"

ସେ ପଢ଼େ ତୃତୀୟ ବର୍ଷରେ ।

ପ୍ରଭାତ ପଢ଼େ ଫାଷ୍ଟ୍ ଇୟର୍ ଆର୍ଟସ୍ । ଗଣ୍ଡ ମଫସଲର ସ୍କୁଲ ଟପି କଲେଜକୁ ସେ ଆସିଛି । ଗାଁ ପୋଖରୀ ଓ ବରଗଛ ବିଷୟରେ କବିତା ଚେଷ୍ଟା କରେ, କହିଲା—"ଆଉ କହନ୍ତୁ ନାହିଁ, ଆଉ କହନ୍ତୁ ନାହିଁ । ଆପଣମାନଙ୍କର ଯେଉଁ ସାଇନ୍‌ସ—ଦେବାଙ୍କେ ଗୃହଲଗଲେ ତା ଗନ୍ଧରେ ପେଟରୁ ଭାତ ଉଠି-ଆସେ । ଅକ୍‌ସିଜେନ୍ ଓ ହାଇଡ୍ରୋଜେନ୍ ମିଶେଇଦେଲେ ହେଲା ଗୋଟାଏ ନାଲିଆ ଧୂଆଁ, ଖାଲି ଗୋଟାଏ ବାହାଦୁରୀ ଯେ ସେଇଥିପାଇଁ ଏତେ କହୁଛନ୍ତି ।"

ଦୀପକ କହିଲା—"ଅକ୍‌ସିଜେନ୍ ହାଇଡ୍ରୋଜେନ୍ ମିଶେଇଦେଲେ ନାଲିଆ ଧୂଆଁ ହୁଏ ପ୍ରଭାତ, ସେ ତମର ମଫସଲ ଧାରଣା । ଅକ୍‌ସିଜେନ୍ ହାଇଡ୍ରୋଜେନ୍ ମିଶେଇଦେଲେ ପ୍ରଭାତ କୁମାର ହୀରା ହୁଅନ୍ତି, ଅବଶ୍ୟ ସେଥିରେ ଟିକିଏ ଅଙ୍ଗାର ମିଶେଇବା ଦରକାର ।"

"ଆଃ ଅଙ୍ଗାର ମିଶେଇବେ, ନିଜେ ଯେମିତି ବଲ୍‌ଟର ସାହେବ !"

"ବଲ୍‌ଟର ସାହେବ ମଧ୍ୟ ବିନା ଅଙ୍ଗାରରେ ତିଆରି ହେବା ଅସମ୍ଭବ, ସମସ୍ତେ କାର୍ବୋହାଇଡ୍ରେଟ୍, ଅବଶ୍ୟ ଏସବୁ କଥା ତୁମ ଆର୍ଟସ୍‌ରେ ପଢ଼ା ହୁଏନାହିଁ । ତୁମ କବିତାରେ ସାହେବ ଦେବତା, କାରଣ ତା ଧଳାର ରଙ୍ଗ ହାଇଡାନ୍ତ ପର । କ୍ଷୀର ସାଗରରେ ଶ୍ୱେତଦ୍ୱୀପ ତାର ଘର, ନା କଣ ? କବିତା ଲେଖ, କବିତା ଲେଖ !"

Digitized by srujanika@gmail.com

"ଷ୍ଟାଲ୍ ନାଁ ଲେଖେଇ ଆସିଲ ନାଁ କିଛି କାମ ବୃଦ୍ଧି ଅଛି ?"—ଜୀବନ ପଚାରିଲା ।

ଆଗ୍ରହରେ ତାର ଉତ୍ତର ଦେଲେ ଦଣ୍ଡା ପାତି—"ଢେର ବଡ଼ କାମ ଅଛି । ଆଗ ଫ୍ୟାକ୍ଟରୀରେ ଷ୍ଟ୍ରାଇକ୍, ପ୍ରଥମ ଲକ୍ଷ୍ୟ କେ. ସି. ଦାସ୍‌ର ଫ୍ୟାକ୍ଟ୍ରୀ । ତା'ପରେ ଅନେକ କଥା···ଧୀରେ ଧୀରେ ।"

'କଣ କହିଲ ? ଷ୍ଟ୍ରାଇକ୍ !" ଯାଦବ ପଚାରିଲା—"ଭୁଲ –ଭୁଲ ବାଛୁ । ମୁଁ ସେ ମତକୁ ବିରୋଧ କରୁଛି ।"

"ଏଁ ! ଆପଣ ? ଷ୍ଟ୍ରାଇକ୍—ମଜଦୁର୍‌ର ଦାବୀର ବିରୋଧ କରୁଛନ୍ତି ଆପଣ ! ତେବେ ଏତେ କାଳ କଣ କହି ସମସ୍ତଙ୍କୁ ମତୋଉଥିଲେ ?"

ଉତ୍ତର ନ ଦେଇ ଯାଦବ କହିଲା—"ବୟାଳିଶ୍ ନମ୍ବର ଦଳକୁ ମୁଁ ଚିହ୍ନେ, ଯେ ଗୋଳମାଳ କରିଜାଣେ, ଶୃଙ୍ଖଳା ଜାଣେ ନାହିଁ, ଧ୍ୱଂସ କରି ଜାଣେ; ଗଢ଼ି ଜାଣେ ନାହିଁ, ବିପ୍ଳବ ଲଗେଇ ଜାଣେ, ସମାଧାନ ଜାଣେ ନାହିଁ । ନ୍ୟାୟ ନୀତି ନାହିଁ ସେଠି, ଉପାୟ ତାର ହିଂସାର । ଠିକ୍ ସୁବିଧାବାଦୀ ଦଳ —ଏ ମାଟିରେ ତାର ସ୍ଥାନ ନାହିଁ ।"

"ଶୁଣନ୍ତୁ ଶୁଣନ୍ତୁ ହେ ଜବନ ବାବୁ, ଆପଣହିଁ ଶୁଣନ୍ତୁ !" କିଶୋର ବାବୁ କହିଲେ, "ଆଚ୍ଛା ଯାଦବ ବାବୁ, ଆପଣଙ୍କ ପୂର୍ବ କଥାରେ ଆପଣଙ୍କୁ ମୁଁ କହୁଚି, ଆପଣଙ୍କ ଥାଳିର ଅଧେ ଭାତ ଅଦୃଶ୍ୟରେ ନେଇ ପଳେଉଛି କିଏ, ପୁଞ୍ଜିପତି ତ, ଆଉ ଯାହା କହୁଥିଲେ କହିଦେବ ?"

"ଥାଉ ।"

କୋଲାହଳ କରି ସମସ୍ତେ ଭାତ ଖାଇଗଲେ ।

ଯାଦବ ଚୁପ୍‌ଚାପ୍ ଥାଏ—ଏତେ କୋଲାହଳ ସତ୍ତ୍ୱେ ତାର ପଞ୍ଜର-କାଠି ସନ୍ଧିରେ ବାରମ୍ବାର କେଞ୍ଚାଭୁଞ୍ଚା । ଅବହେଳିତ ନେତା ପରି କର-ପତିଆ ରହି ଜନତାକୁ ଅବଜ୍ଞାରେ ଚାହିଁ ଭାବ ଲାଗିଥାଏ—ଏଇ ଜନତା, ସେ ମେରୁଦଣ୍ଡବିହୀନ ସମୁଦ୍ର—ଫେଣ, ଆଳ୍‌ଜା । ଅଥବା ଅତି ବେଶିରେ ସେ ମେଣ୍ଢାପଲ, ଯୁଆଡ଼େ ହୁରୁଡ଼େଇଲେ ସିଆଡ଼େ ଗଲେ, ଆପଣାର ସ୍ୱର

Digitized by srujanika@gmail.com

ନାହିଁ । ଏଇ ଜନତା—କେତେ ଚଞ୍ଚଳ ସେ ଉପକାର ପାସୋରେ, ମତ ବଦଳାଏ, କେତେ ଊଣା ତାର ସ୍ମରଣଶକ୍ତି—ଛିଃ !

ଜୀବନ ମହାନ୍ତିର ଗମ୍ଭୀର ଚିନ୍ତା—ବୟାଳିଶ ନମ୍ବରରେ ଯୋଗ ଦିଆହେଲା ଏଣିକି ?—ତା ପରେ ? ସେ କି କଣ ବକ୍ତୃତା ବକ୍ତୃତା ? କି ଉପାୟ କଲେ ଆଦର୍ଶ ଆସିବ ଯୋଜନାକୁ, ଯୋଜନା ଆସିବ କାର୍ଯ୍ୟକୁ ?

ଦେଶ ବିଦେଶରେ ବୟାଳିଶ ନମ୍ବର ଦଳ ପ୍ରାଚୀନ ସମାଜର ସୌଧକୁ ଓସ୍ତଚେର ପରି ନିହତଙ୍କୁ ଧ୍ୱଂସ କରିଲାଗିଛି, କେଉଁଠି ବା ଓସ୍ତଗଛ ଶାଖା ମେଲାଇଲାଣି, କିନ୍ତୁ ଏଠି ? ପରଖ କେବେ ହୋଇଛି ଏ ସୌଧର ନିହଁ କେତେ, ବଳ କେତେ ?

ଖାଇ ବସିଥାନ୍ତି, ହବୁ ଅଣ୍ଡା, କାଙ୍କର ବଜବଜ । ଭାତରେ ଗୋଡ଼ି, ଡାଲିରେ ପାଣି, ତରକାରିରେ ଧାରୁକଖାରୁର ବଡ଼ଭାଗ । କିନ୍ତୁ ହେନ୍ଦ୍ରି ଦରିଦ୍ର ଥାଳି ପାଖେ ନିତି ବସେ ରସୁଆଳ ଚନ୍ଦ୍ରାକଗଡ଼ର ବଡ଼ଭୋଜ, ଗ୍ରୁଇରେ ଭ୍ରୁଷ ଗଢ଼ାହୁଏ ଭବିଷ୍ୟତ ଲାଗି, ଭାତର ଗୋଡ଼ି ଡାଲିର ପାଣି ବାଧାଦିଏ ନାହିଁ ।

ସମସ୍ତେ ଗମ୍ଭୀର ହୋଇ ତାର ମୁହଁକୁ ଚାହିଁଲେ । କିଶୋର କହିଲା, "ତେବେ ଆପଣ ଆପଣଙ୍କ ମତ ବଦଳେଇଛନ୍ତି ?"

"ଜୀବନର ନିୟମ ପରିବର୍ତ୍ତନ, ବିନାଶ ନୁହେଁ । ପ୍ରକୃତରେ ଯଦି ଆପଣ-ମାନେ ବିଦେଶୀ ବୟାଳିଶ ନମ୍ବର ଦଳର ଇଙ୍ଗିତରେ ମାଙ୍କଡ଼ନାଚ ନାଚି-ବାକୁ ମନସ୍ଥ କରିଥାନ୍ତି, ତେବେ ମତେ ତାର ବିହିତ କରିବାକୁ ପଡ଼ିବ, ମୁଁ ବଞ୍ଚି ଥାଉ ଥାଉ ସପକୁ ବିନାଶ ହେବାକୁ ଛାଡ଼ିଦେବିନାହିଁ ।"

"ଓ—ହୋ—" ଅଧା କହି କିଶୋର ତୁନିହେଲା । ଜୀବନର ମୁହଁ ତଳକୁ । ଚୁପ୍‌ଚାପ୍ ଭିତରେ ଗୋଟାଏ ସଙ୍ଘର୍ଷର ବାତ୍ୟା, ଘଡ଼ଘଡ଼ିବେଳେ ଥମ୍ଭିଲା ପବନରେ ଅମ୍ଭିଲା ବାତ୍ୟାପରି । ଖିଆ ସରିଲାଣି, କେହି ଉଠି-ନାହାନ୍ତି । ଗଳା ଝଙ୍କାରି କିଶୋର ଆରମ୍ଭ କଲା—"ଶୁଣନ୍ତୁ ଯାଦବ ବାବୁ, ଏ ନୁହେଁ ଆପଣଙ୍କର ସେକାଳର ନେତୃତ୍ୱର ମୂର୍ତ୍ତି । ଆପଣଙ୍କର ନୂଆ କାହ୍ନୁ

Digitized by srujanika@gmail.com

ଘଷିହୁ ବୁଝାଯାଉଛୁ । ପରିଷ୍କାର ଖୋଲି କହିବେ—କାହିଁକି ଆପଣଙ୍କର ଏ ଦୁର୍ଦ୍ଦଶା ହେଲା ?"

ଯାଦବ ଧୈର୍ଯ୍ୟ ହରେଇ ମାରେ କି ନମାରେ ହୋଇ ଠିଆ ହୋଇ-ପଡ଼ିଲା । ଜୀବନ ବାଧା ଦେଇ ଉଠିପଡ଼ି କହିଲା—"ଯାହା ପାରି ତା କହି-ଗଲେ ଲୋକେ ଖାଲି କୁହାଳିଆ ବୋଲନ୍ତି କିଶୋରବାବୁ । ଆପଣଙ୍କ ଝୁଣ୍ଟି ଟିକିଏ ହୁଗୁଳା ଲାଗୁଛି କେମିତି, ବୋଧହୁଏ ବୟାଳିଶ ନମ୍ବରରେ ନୂଆ ନେତା ହେବେ ବୋଲି—ହଉ—ବନ୍ଦ କରନ୍ତୁ ।"

"ଓଃ, ଯାଦବବାବୁ ଆପଣଙ୍କ ଜନ୍ମଗତ ହିଂସ୍ରେ ପରା !"

"ସାଧୁ ସାବଧାନ, କଳିଆ କର ନାହିଁ ।"—କିଏ ଜଣେ କହିଲା । ତର୍କଟା ସବୁଦିନ ପରି ଅସମାପ୍ତ ରହିଗଲା ।

ପାଞ୍ଚ

ମେସ୍‌ରେ ସକାଳ ପାହିଲା । ଝିଠଆ ମେଘ ପରି ସ୍ୱଳମାତ୍ର ଚର୍ଚ୍ଚା କୁଆଡ଼େ ଉଡ଼ିଯାଇଛି । ସକାଳକୁ ନିତିଦିନର ବେଜକା କାମ । ଦଶ ଘିଆଳି କି ମୁଢ଼ି ଚୂଡ଼ାରେ ଦିନ ଆରମ୍ଭର ବଡ଼କନ୍ଥ ଭୋକ ମାରି କାହା ଘରେ ପିଲା ପଢ଼େଇ ଯିବା, ଅଥବା ଅବସ୍ଥା ଯଦି ଧାପେକେ ଥିବ ସ୍ୱଚ୍ଛଳ, ତେବେ ବହି ଖୋଲି ଆପଣା ପାଠ ପଢ଼ିବା । ଖରା ଯେତେବେଳେ ଅଣ୍ଟି ସିଧା ଚଢ଼େ ଉଡ଼ିଲା ଚଢ଼େଇ ପୁଣି ଏକାଠି ହୁଅନ୍ତି । ଖଡ଼ା କଣ୍ଟାରୁ ଯାହା କିଛି ହୋଇ-ଥାଏ ସେଥିରେ ଭୋଜନ ସାରି ଯାନ୍ତି କଲେଜ କେହି ନିଉଣନଲବ୍ଧ ପୁରୁଣା ସାଇକଲ ଚଢ଼ି, କେହି ବା ଚାଲିଚାଲି ।

ଯାଦବ ଏହି ପଦାତିକ ଦଳର ଓ ଜୀବନ ମଧ୍ୟ । ଉଚ୍ଛ୍ୱାସରେ ବାଟ କଟିଯାଏ । ପୁରୁଣା କଲେଜ ଲାଗେ ନିତି ନୂଆ । କେବେ କେବେ ଘଟଣା ଘଟେ, କଲେଜ ହାଲଚାଲ, କେଉଁ ଅଧ୍ୟାପକଙ୍କ ବିଦାୟ ଦେବା, ଫେରବ

Digitized by srujanika@gmail.com

ସମ୍ପର୍କିତ, କଲେଜରେ ଖଣ୍ଡ୍ ତା ବା ବକ୍ତୃତା ।

ଏବଂ ଅଦ୍ଭୁତ ଅଂ କେବେ ଥିଏଟର ବାଇସ୍କୋପ୍—କ୍ୱଚିତ୍ । ପ୍ରକୃତ ଘଟନା ଘଟେ ଅନେକ—ଅଧାରୁ କିଏ ପଢ଼ା ଛାଡ଼ି ରହିଗଲା ଅଭାବ ଯୋଗୁ, କିଏ ବେମାର ପଡ଼ିଲା, ଛୁଟିରେ ଯାଇ କିଏ ଆଉ ଫେରିଲେ ନାହିଁ । କିନ୍ତୁ ଏସବୁ ଖବରଗୁଡ଼ିକ ଆସେ ନାହିଁ, ଯେ ପଡ଼ିଗଲା ସେ ଗଲା ।

ସକାଳକୁ ଯାଦବ ଉଠି ଦେଖିଲା ଜୀବନର ମୁହଁ, କେତେବେଳୁ ନିଦଅଣି ବଢ଼େଇ ଦେଇ ଜୀବନ ପାଇକସ୍ତ ମାରି କସରତ୍ କରୁଛି, ଘରି ଆସିଲାଣି, କେବଳ ଖାଲି ଗମ୍‌ଗମ୍ ଦେହରେ ତାଟା ଅଧାକାଣ୍ଡିକୁ ବାହାରେ ଧକ୍‌କା ମାରିବା କାମ । ଜୀବନ ଦୂରରୁ କୁଦିଆସି ଧକ୍‌କା ଉପରେ ଧକ୍‌କା ଦେଉଛି, ଦେହର ମାଂସପେଶୀ ଫୁଲି ଫୁଲି ଦିଶୁଛି ଅରଣା ପଶୁ ପରି, ମୁଣ୍ଡ ବାଳ ବିସ୍ତୃତ ହୋଇପଡ଼ୁଛି ।

କେବେ କେଉଁ ଯୁଗରେ ତାଟା ଅଧା କାଣ୍ଡି ତିଆରି ହୋଇଥିଲା ଘର ଗଢ଼ାହେବ ବୋଲି, ସେତିକିରେ ସେ ରହିଗଲା । ତାପରେ ନିତି ନିତି ତା' ଉପରେ ବ୍ୟାୟାମକୁଶଳ ଜୀବନର କୋପ, ସେମିତି ସେ ଠିଆ ହୋଇ ରହିଛି ଆପଣାର ଅଦମ୍ୟ ସ୍ପର୍ଦ୍ଧା ଦମ୍ଭରତାରୁ ଟଳେ ବି ଟଳୁ ନାହିଁ । ଯାନପିଲା ପ୍ରଭାତ ବାନ୍ଧରେ ଗୁଡ଼ାଏ ପସୁ ପସୁ ଚେହେରା ଲଗିଛି ସବୁଦିନପରି ।

"ବାହାବା ଜୀବନ ବାବୁ, ଆଉ ଥରେ—କସିକି ଆଉ ଥରେ, ହୁଁ—" ଯାଦବ ହସିଦେଲା । ଅନ୍ୟଦିନ ହୋଇଥିଲେ ଜୀବନ ନିଶ୍ଚୟ କହିଥାନ୍ତା— "ଏ କ'ଣ ଯାଦବ ବାବୁ, ଆପଣ କସରତ୍ କରିବେ ନାହିଁ ?" କାରଣ ଏହି କ୍ଷେତ୍ରରେ ଜୀବନ ହିଁ ଅଗ୍ରଣୀ ଏବଂ ଦେହ ତିଆରିବାକୁ ଆପଣାର ବନ୍ଧୁଦଳକୁ ଅନୁରୋଧ କରିବା ତାର ପ୍ରଧାନ କର୍ତ୍ତବ୍ୟ, କେହି ମାନନ୍ତୁ କି ନ ମାନନ୍ତୁ ସେଥିରେ ତାର ଗୌରବ ବଢ଼େ ।

କିନ୍ତୁ ଆଜି ଜୀବନ ଗମ୍ଭୀର, ଯେପରି ସେ ଯାଦବକୁ ଦେଖି ଦେଖି ନାହିଁ । ଫୁଲୁକା ଗାଲ ଦାଉଁଳି ଦାଉଁଳି କଠୋରବାରୁ ଆସି ଠିଆହେଲେ, ଅନୁଭବ କରୁଆନ୍ତି ଖିଅର ହେବା ଜରୁରି କି ନୁହେଁ । ହାଇମାରି ମନ୍ତବ୍ୟ

Digitized by srujanika@gmail.com

ଦେଲେ "ହାଡ଼ ମାଂସର ଦେହରେ ଦରୁ ଦିନେ ଇଟା ପଥରକୁ ବାରମ୍ବାର ଭୂଷିଲେ ବି ତାର କିଛି କ୍ଷତି ହୁଏ ନାହିଁ ଜୀବନବାବୁ, ପରିଶ୍ରମ ବୃଥା ।"

"ଅଦ୍ଭୁଲ ଅବୁଝାକୁ ବୁଝାଇଲା ପରି, ନୁହେଁ ?" ଗମ୍ଭୀର ହୋଇ ଜୀବନ ଉତ୍ତର ଦେଲା, "ଆପଣ କ୍ଳାନ୍ତ ହୁଅନ୍ତୁ, ଏ ଆପଣଙ୍କର କାମ ନୁହେଁ ।"

କିନ୍ତୁ ଯାଦବ ପ୍ରତି ପଦେ କଥା ବି ନାହିଁ । ଦୀପକ ବଡ଼ପାଟିରେ ପାଠ ଘୋଷୁଛି, ଟିଉସନକୁ ଯିବାପୂର୍ବରୁ ଏହି ଘଣ୍ଟାକ ସେ ସମୟ ପାଏ । ରମେଶ ଗାଧୋଇସାରି ସ୍ତୋତ୍ର ପଢ଼ୁଛି, ତାର ବିଶ୍ୱାସ ଭକ୍ତିରେ ପାଠ ଭଲ ହୁଏ, ଯଦିଚ ପୂଜା ଓଷା ଶୌଚସ୍ନାନ ସତ୍ତ୍ୱେ ଗୋଟିଏ ଶ୍ରେଣୀରେ ତାର ହେଲାଣି ଯୋଡ଼ିଏ ବର୍ଷ । ଯାଦବ ଘୁରିଆଡ଼କୁ ଚାହିଁଲା, ହୁଏତ ଆଜି କିଛି ବିଶେଷତ୍ୱ ନାହିଁ, ସବୁଦିନ ଯେପରି ଆଜି ସେପରି, କିନ୍ତୁ ଗତ ଦିନର ଅନୁଭୂତି ପୁଣି ଥରେ ଡେଇଁଉଠି ମନେ ମନେ ତାକୁ ଚେତେଇଦେଲା, ଚିହ୍ନା ପରିବେଷ୍ଟନୀ ଆଉ ଚିହ୍ନା ନୁହେଁ, ବାଟ ନିଅଁର । ସହର କନ୍ଦରେ ଏହି ଶ୍ରେଷ୍ଠ ମେସ୍‌ଟି, ଏଇଠି କଟିଗଲା ପ୍ରାୟ ଛାତ୍ର ଜୀବନରୁ ବାରପଣ, ଆଉ ବେଶି ଡେରି ନାହିଁ । କିନ୍ତୁ ଦିନ ଏଠି ଜଣାପଡ଼ୁନାହିଁ, ବସାଟି ପ୍ରତ୍ୟେକ ନିଜ ଘର ଏବଂ ସାଙ୍ଗ ସାଥୀ ଏଇ ଯେଉଁମାନେ ନାନା ଦିଗରୁ, ନାନା ଦେଶରୁ, ସେହିମାନେ ହୋଇଛନ୍ତି ଏଠି ତାର ଗରବର କୁଟୁମ୍ବ, ତାଙ୍କର ସୁଖ ଦୁଃଖରେ ଭାଗୀ ହୋଇ ଯାଦବ ଏଠି ପଡ଼ିଥିଲା ତାର ସହରର ସଂସାର । ଅନେକଥର ଭାବିଛି, ମଣିଷର ଜନ୍ମଗତ ଘରସଂସାର ବୋଲି କିଛି ନାହିଁ, ବନ୍ଧୁ ସହକର୍ମୀ ବା ସହପାଠୀଙ୍କ ତୁଲେ ଜୀବନର ଯେତେ ଭାଗ ବିତେ, ଘର ଛାଡ଼ି ବାହାରର ବସାରେ ପର ଭୂଇଁକୁ ଆପଣାର କରି ଯେତେ ବେଳ କଟେ, ଜନମ ମାଟିର ସ୍ମରଣବେଢ଼ା ଦିନଠାରୁ ସେ ଅନେକ ବେଶି, ଘର ଖାଲି ନା, ବାହାର ବି ଅସଲ ଘର ।

ଏହି ବସାକୁ ସେ ନିଜର କରିଥିଲା, ଆଜି ତାକୁ ପର ଲାଗୁଛି । ଦାର୍ଶନିକ ପରି ଭାବିଲାଗିଲା, ନିଜର ରଙ୍ଗ କାହାରି କିଛି ନାହିଁ, ସବୁ ସମୟର ରଙ୍ଗ, ଘଟଣାର ରଙ୍ଗ, ପରିବେଷ୍ଟନୀର ରଙ୍ଗ, ଆଜି ଏଠି ମଣିଷ ବଦଳିଛନ୍ତି, ତାଙ୍କର

Digitized by srujanika@gmail.com

ସ୍ୱଭାବ ବଦଳିଛି, ଉଦ୍ଦେଶ୍ୟ ବଦଳିଛି, ଚେଷ୍ଟା ସେମାନେ ପର, ସେ ଘର ।

ଅଭିମାନ ଆସୁଥାଏ—ଏଇ ଜୀବନ ବି ! ପ୍ରଶାନ୍ତ, ଦୀପକ, କିଶୋର, ରମେଶ ଏବଂ ଅଙ୍କୁର ଯେତେ ଗଲେଣି ବା ଅଛନ୍ତି । କେହି ତାକୁ କିଛି କହୁ-ନାହାଁନ୍ତି, ତଥାପି ଆପଣା ଭିତରେ ଅନୁଭବ କରୁଛି ସେ ପରିବର୍ତ୍ତନ । ଏ ସ୍କୁଲୀର ଇତିହାସ ପୃଷ୍ଠା ଓଲଟେଇଛି ତାକୁ ମାତ୍ରପରି କରିକି ଆଡ଼େଇଦେଇ । ଆଜି ଏ ଧ୍ୱଂସକାମୀ, ବିପ୍ଳବକାମୀ ପ୍ରତିଜ୍ଞା, ବିଦ୍ୟାଳୟ ନନ୍ଦର ସହିତ ସହଯୋଗ—ଅପଣାର ଉଗ୍ରପନ୍ଥୀ ବକ୍ତୃତାମାନଙ୍କର— ଇଙ୍ଗିତ ଓ ସଙ୍କେତ କରି ଥିଲା ସେ ମନକୁ ଅଣ୍ଟାଳି ଭାବିନାହିଁ କେବେ, କିନ୍ତୁ କାଲିକା ଆଜିକା ଭିତରେ ପ୍ରଭେଦ ଅନେକ, ଏ ଅବସ୍ଥାକୁ ସେ ମୁହାଁମୁହିଁ ଗ୍ରହିପାରୁନାହିଁ ।

ମୁଣ୍ଡ ଭିତରେ କରୁଣ ଧାରଣାଗୁଡ଼ାକ ଝିଁ ଝିଁ କରୁଥାଏ, ନନ୍ଦ-ନନ୍ଦନର ପୁରୁଣା ପିଣ୍ଡି ଉପରେ ଠିଆହୋଇ ଯାଦବ ଭାବୁଥାଏ ବିଚ୍ଛେଦର ଭାବନା, ଦାଣ୍ଡ ଦୁଆରମୁହଁ ସେପଟୁ ନୂଆ ସ୍ୱରରେ କରୁଣ ହୋଇ ଅନୁନୟ ଶୁଭିଲା—"ଆମେ ଆସିପାରୁ କି ?" ଏବଂ ତାପରେ ଚଟି ଖସ୍ ଖସ୍ କରି ଘର ଭିତରକୁ କେଉଁମାନେ ଦରୁ ପଶିଆସିଲେ । ଆଶ୍ଚର୍ଯ୍ୟ ହୋଇ ପିଲାଏ ଦେଖିଲେ ଛପା ଶାର୍ଟ ପିନ୍ଧା ଅଚିହ୍ନା କିଶୋରୀ ଯୋଡ଼ିଏ, ହାତରେ ବ୍ୟାଗ ଓହଳିଛି, ଦାଣ୍ଡଘର ଟପି ଦୁଆର କଡ଼ର ଲମ୍ବା ପିଣ୍ଡାଉପରକୁ । ଅବଲୀଳା କ୍ରମେ ବିନା ସଙ୍କୋଚରେ ସମ୍ଭାଷଣ ଆସିଲା, "ଏଇ ତ କୁଆଁରୀ ତର ମେସ୍ ? ଜୀବନବାବୁ, ଯାଦବବାବୁ, କିଶୋରବାବୁ ହେଉକା ଏଇଠି ଥାଆନ୍ତି ତ—ନା ଆମର ଭୁଲହେଲା ?"

ଦୀପକର ପାଠ ଘୋଷା ବନ୍ଦହେଲା, ଦୁଆର ମୁହଁଯାକେ ଆସି ଭିତରେ ରହି ସେ ପଦାକୁ ଚାହିଁଲା । ରମେଶର ସ୍ପ୍ରୋଜ ହଠାତ୍ ଯେପରି ଅନୁସ୍ୱାର ବିସର୍ଗ ସନ୍ଧିରେ ଅପ୍ କରି ଅଟକିଗଲା । ଜୀବନ କହେରତ୍ ଗ୍ରାଉଣ୍ଡ ଅଧା କାନ୍ଥ ଆଡ଼ପାଖେ ଆଶ୍ରୟ ନେଇ ବସ୍ତ୍ର ଭିକ୍ଷା କଲା—"ହେଇ ପ୍ରଶାନ୍ତ, ମୋର ଶେଷ୍ଟିଟା କାମିଜଟା ଜଲ୍ଦି —" ଯାଦବ ତାର ଗମ୍ଭୀର ମୁହଁ ବୁଲେଇ ରଖିଲା ନୂଆ ଚହଲର ଉତ୍ପତ୍ତିସ୍ଥଳ ଆଡ଼କୁ । ଧୀରେ ଧୀରେ ଗୃହଆଡ଼କୁ ପିଲାଏ

Digitized by srujanika@gmail.com

ଯାଦେ ପାଦେ ଆଗେଇଲେ, କେହି ଫୁଙ୍ଗା ଦେହ ଉପରେ କାନଛାଣି, କେହି ତରତରରେ ଗେଞ୍ଜି ପିନ୍ଧି ପିନ୍ଧି । କିନ୍ତୁ କାହାର ତୁଣ୍ଡରେ କଥା ପଦେ ନାହିଁ ।

"ଦେଖ ଶୁଭ୍ରାଦ୍", ଶେଡ଼ୀଟି କହିଲ ବଡ଼ଟିକୁ ଓ ହସିଦେଲ, "କେତେ ବଡ଼ ଭୁଲଟାଏ ତୁମେ କଲ କହିଲ ! ଏ କୋଉ ଜାଗା, କୋଉଠି କ ଅସିଛଲ ? ଏ ଯେପଶକ ହରଜନଙ୍କ ମନ୍ଦର ପ୍ରବେଶ !"

ଶୁଭ୍ରା ସାମାନ୍ୟରେ ଦାନ୍ତଟିପି ହସିଲ, କହିଲ—"ରହ ଛନ୍ଦା, ତୁ ଚୁପ୍ କର୍ ।" ଛନ୍ଦା ମୁଣ୍ଡ ପୋଛ ତୋଳା ବୁଲେଇଆଣିଲ, ଶୁଭ୍ରା ଉତ୍ତର ପାଇଁ ଅପେକ୍ଷା କଲ, ତା'ପରେ ଝାଣ ହୋଇ କହିଲ—"କଣ, ଏଠୁ ଉତ୍ତର ପାଇ ବାର ମଧ୍ୟ ଆଶା ନାହିଁ ନା ଆମେ କେଉଁ ବଣ୍ୟଜନ୍ତୁ, ଯାହାକୁ ସମସ୍ତେ ମିଣି ଦେଖିବା ହିଁ ଚଳେ, କଥା କହିବା ମନା !"

ପ୍ରଶ୍ନର ମୂନ ଏଡ଼େଇ ଦେଇ ଯାଦବ କହିଲ—"ଆପଣମାନେ କାହାକୁ ଖୋଜୁଛନ୍ତି ?" ଶୁଭ୍ରା ଚାହିଁଲ ଛନ୍ଦାକୁ । ଶୁଭ୍ରାର ପିଠିଆଡ଼େ ଅନ୍ଧକପଡ଼ ଛନ୍ଦା କହିଲ—"ତୁମେ କହ ।" ତା'ପରେ ତାର ନଖ କାମୁଡ଼ିବାରେ ମନଦେଲ ।

ଜୀବନ ଅସିଲ, ତୋଶିଆ ଅଧାକାମିଜ ଖଣ୍ଡେ ସେ ପିନ୍ଧିସାରଛି । ତନ ଥର ଗଲା ଝଙ୍କାରି ଜୀବନ ପରମ ସମ୍ଭ୍ରମରେ କହିଲ—"ଏଇ ଆମର କୁଅଡ଼ର୍ସ ମେସ୍, ହେଇ ହେଠି ଯାଦବବାବୁ, ମୁଁ ଜୀବନ । କଶୋରବାବୁ ବ ଅଛନ୍ତି । କ ଉପାୟରେ ଆମେମାନେ—"

"ଓ, ତାହେଲେ ଭୁଲ ହେଇନାହିଁ ଛନ୍ଦା । ମାଲେ ମଣିଷ ଭୁଲ କଲେ କ ଯେ ଅପ୍ରସ୍ତୁତ ହୁଏ ! ଆମୁକୁ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି, ନୁହେଁ ? ଅମେ ବ ବସ୍ୟାଲଣ ନମ୍ବର ।" ଶୁଭ୍ରା ଓ ଛନ୍ଦା ଦହେଁ ହସିଉଠିଲେ । ସମସ୍ତିଙ୍କ ଅଦ୍ଭୁତ ଭାବ ମଝିରେ ଯାଦବ କହିଲ—"କିନ୍ତୁ ମୁଁ ତ ବସ୍ୟାଲଣ୍ ନମ୍ବର ନୁହେଁ, ମୋ ସଙ୍ଗେ କାହାର କ କାମ ଥାଇପାରେ ?"

ଛନ୍ଦା ତାର ଉତ୍ତର ଦେଲ, ହସିଲ ଆଖି ଛଳଛଳେଇ କହିଲ—"ତା' ହେଲେ ଆପଣଙ୍କ ସଙ୍ଗେ ତ ଆମର ବେଶି କାମ ! ନୁହେଁ ଶୁଭ୍ରାଦ୍, ଯେ

Digitized by srujanika@gmail.com

ଆମର ଦଳରେ ମିଶିନାହାନ୍ତି ତାଙ୍କୁ ଦଳକୁ ଆଣିବା ଦଳର ଧର୍ମ ।"

"କିନ୍ତୁ ମୁଁ ବିଧର୍ମୀ, ମୁଁ ଗୃହେଁ ମୋର ପାଠପଢ଼ା, ମୋର କେରିଅର୍, ମୋର ବ୍ୟକ୍ତିଗତ ଜୀବନ, ଆପଣମାନେ ବୋଧହୁଏ ଭୁଲଜାଗାକୁ ଆସିଛନ୍ତି "—ଯାଦବ କହିଲା ।

ଗୋଟାଏ ଦଳର କେଇଟା ଗୁଣ୍ଡାର ଅଭଦ୍ରତା ଯୋଗୁଁ ମନରେ ସାହସ ଆସିଥିଲା, ପୁଣି ଅପ୍ରୀତିକର ତର୍କ ଦେଇଥିଲା ମନରେ ବଳ, କିନ୍ତୁ କହିଦେଇ କଥାର ଫଳାଫଳ ବିଗୁରି ଦୁଃଖିତ ହେବା ପୂର୍ବରୁ ସାପପରି ଡଂସି ଉଠି ଶୁଭ୍ରା ଆକ୍ରମଣ ଚଳାଇଥିଲା । ମୁହୂର୍ତ୍ତିକେ ତାର ଭିନ୍ନ ରୂପ । କହିଲା—"ରହ ଛଦା, ତୁ ଚୁପ୍ କର୍ । ଓଃ ବିଧର୍ମୀ ! ଖିରି ଆପଣଙ୍କର ଧର୍ମ ଆଉ କେରିଅର୍, ଆଉ ବ୍ୟକ୍ତିଗତ ଜୀବନ ! କିଏ ଏସବୁ କଥାର ଫର୍ଦ୍ଦା ଚିକିଏ ଶୁଣନ୍ତି ଆପଣଙ୍କଠୁ ? ପଶୁ ପଶୁ ମୁଣ୍ଡରେ ଗୃଳ ବାଜିଛି, ସ୍ୱାର୍ଥ ନାଁ ଭଦ୍ରତା ଆଉ ରୁଚି ! କିଏ କହିବେ କହନ୍ତୁ, ତର୍କ କରିବ । ଖିବନ୍ତୁ ନାହିଁ ଆମେ ଆପଣଙ୍କଠୁ ଗୃନ୍ଦା ମାଗି ଆସିଛୁ ।"

"ଦେଖନ୍ତୁ, ଆପଣ ମତେ ଭୁଲ ବୁଝି ବୃଥା ଖିଗୁଛନ୍ତି । ମୁଁ ଖାଲି ମୋ ନିଜ କଥା କହିଲି ତ, ଆଉ କିଏ କଲି ? ମୁଁ ତ କିଛି ଆପଣଙ୍କ ଉଦ୍ଦେଶ୍ୟରେ ବାଧା ଦେଉନାହିଁ ।"

"ଫେର୍ ଉଦ୍ଦେଶ୍ୟ ! ଖିବୁଛନ୍ତି ଆମର କିଛି ଉଦ୍ଦେଶ୍ୟ ଥାଇପାରେ ? ଆଚ୍ଛା, ଏଇ ସାମାନ୍ୟ କଥାଟା ଆପଣଙ୍କ ମୁଣ୍ଡରେ ଗଳୁନାହିଁ ଯେ ଧନେ ନାହିଁ କାଳେନାହିଁ କାହିଁକି ହଠାତ୍ ଆମେ ଆଜି ଆସିଲୁଁ ? ସେତେବେଳୁ ଆମକୁ ଏପରି ଠିଆ ହୋଇ ରହିବାକୁ ପଡ଼ୁଛି ।"

ଯାଦବ ଧୀରେ ଧୀରେ ପିଠି ବୁଲେଇଲା । ଅନ୍ୟମାନେ ବଡ଼ ବ୍ୟସ୍ତହୋଇ ପଡ଼ିଲେ, ବାସ୍ତବିକ ତ, ଭଦ୍ରମହିଳା ଦୁହିଁକୁ ଠିଆ କରି ଦିଟା ହୋଇଛି । କିନ୍ତୁ କାହିଁ ଚୌକି ? ଯାହାହେଉ ହାତଭଙ୍ଗା ଚୌକିଟି ପଦାକୁ ଆସିଲା ଏବଂ ଜବନର ବଳିଷ୍ଠ ହାତରେ ଟେକା ହୋଇ ଗୋଟିଏ ଛାଟିଲା । ଶୁଭ୍ରା ଇଙ୍ଗିତ ଦେଲା—"ବସ୍ ଛଦା ।" ଯାଦବ ସଙ୍ଗେ ଅହେତୁକ ତର୍କଯୁକ୍ତ

Digitized by srujanika@gmail.com

ଅବସ୍ଥାକୁ ସରଳ କରିଦେଇଥିଲା । ଅନ୍ୟମାନେ ପାଖକୁ ଆସିଲେ । କିଶୋର ବାବୁ କଅଁଳେଇ ପଚାରିଲେ, "ଆପଣମାନେ କୁଆଡ଼େ ଆସିଲେ ?"

"ବେଶ୍, ପ୍ରଥମେ ବୁଦ୍ଧିମାନ୍ ପ୍ରଶ୍ନ—" ଶୁଭ୍ରା କହିଲା । କିଶୋର ବଡ଼ ଖୁସି ହେଲେ, କହିଲେ—"ମୁଁ ଟିକିଏ ତେଣେ ବ୍ୟସ୍ତ ଥିଲି ।" ତାର ଆଗ୍ରହ ଥରଥର ମୁହଁକୁ ଚାହିଁ ଛନ୍ଦା ନିଜ ମୁହଁରେ ମେଞ୍ଚାଏ ଲୁଗା ମାଡ଼ିଦେଲା । ବଚନିକା ନ ବଢ଼ାଇ ଶୁଭ୍ରା କହିଲା—"ଓ, ଅସଲ କଥା କୁହାହୋଇନାହିଁ ସେ ଏପର୍ଯ୍ୟନ୍ତ । କାଲି ସନ୍ଧ୍ୟାରେ ଆପଣମାନେ ବିପ୍ଳାକଣ ନମ୍ବରରେ ଜଏନ୍ କରିଦେଲେ, ତେଣୁ ଆପଣମାନେ ଓ ଆମେ ହେଲେଁ ଏକାଠି । ଆମେ ବି ବିପ୍ଳାକଣ ନମ୍ବର, କିନ୍ତୁ କାଲିକାର ନୂଆ ନୋହୁଁ, ଅନେକ ଦିନର । ଆପଣ-ମାନେ ଆସିଲାପରେ ନିଷ୍ପତ୍ତି ହେଲା ଆମେ ଆପଣମାନଙ୍କୁ ଭେଟିବାକୁ ଆସିବୁ ଓ ସମସ୍ତ ସ୍ଥାନ ଠିକ୍ କରି କାର୍ଯ୍ୟ ଆରମ୍ଭ ହେବ । ଜାଣନ୍ତି ତ, ପ୍ରଥମେ କେ. ସି. ଦାସ୍ କାରଖାନାରେ ଷ୍ଟ୍ରାଇକ୍ ହେବ । ଖାଲି ତୁଣ୍ଡରେ କହିଦେଲେ ତ ହୋଇଯିବ ନାହିଁ, ବହୁତ ପରିଶ୍ରମ ଦରକାର । ଆପଣମାନେ ଯେତେ-ବେଳେ ବାହାରେ ବାହାରେ ଯାଇ ଶ୍ରମିକଙ୍କୁ ମତେଇବେ ଆମେ ଅନ୍ଦରରେ ବୁଲି ମନ୍ତ୍ର ପୋତିବୁଁ ତାଙ୍କ ସ୍ତ୍ରୀଲୋକଙ୍କ ମୁଣ୍ଡରେ, ସେଇଟା ଅସଲ କାମ । କିନ୍ତୁ ଆମ ଦୁଇଦଳର ଘନିଷ୍ଠ ଯୋଗସୂତ୍ର ଦରକାର । ବେଶି ପରିଚୟର ପ୍ରୟୋଜନ ନାହିଁ—ମୁଁ ଶୁଭ୍ରା, ସେ ଛନ୍ଦା ଏବଂ ଆପଣମାନେ ସବୁ କିଏ କିଏ ନିଜେ କହିଦେଲେ ଚଳିବ ।"

କିଶୋର କହିଲେ—"କିନ୍ତୁ ଜୀବନବାବୁ, ଯାଦବବାବୁଙ୍କୁ ଖୋଜୁଥିଲେ କାହିଁକି ? ସେମାନେ ତ ଜଏନ୍ କରିନାହାନ୍ତି ।"

ଛନ୍ଦା କହିଲା—"ସେମାନେ କଣ ଛାତ୍ର ସମ୍ପ୍ରଦାୟରୁ ବାହାର ? ସେମାନେ ନିଜେ ନ ଯାଇ ତାଙ୍କ ନା ଲେଖା ହୋଇଯାଇଛି । ଛାତ୍ରଦଳର ବିଶିଷ୍ଟ କର୍ମୀ ବୋଲି ନା ପଡ଼ିଛି, ଆଉ କାମ ବେଳକୁ କଣ ପଳେଇବେ ? କାହିଁ ବିଶ୍ୱାସ ହେଉନାହିଁ ତ ! କହନ୍ତୁ ଜୀବନ ବାବୁ, ଆପଣ କଣ ମିଶିବେ ନାହିଁ ?"

ବହଳ ବାଙ୍କୁଲି ଆଖିପତା ତଳୁ ଡୋଳା ଦୋଟି ତାର ଟେକି ହୋଇ

Digitized by srujanika@gmail.com

ରହିଲା । ଏଠରେ କୌତୁକରେ ମିଞ୍ଚି ମିଞ୍ଚି ହସ । ଥଙ୍ଗେଇ ଥଙ୍ଗେଇ ହୋଇ ନବନ କହିଲା—"ହଁ, ମୁଁ ବ ଧକ ଯେ, ତେବେ…"

"ଅଉ ତେବେ ଫେବେ କଣ ? ଆସିବେ ତ ? ଦେଖନ୍ତୁ, ଗ୍ରୁଷଦଳର ସବୁ ଦାୟିତ୍ୱ । ଅମେ ହେବା ମାଟିଦୀପ, ଆମକୁହିଁ ଆଶ୍ରା କରି ଦେଶର ଭାଗ୍ୟ ଉଜ୍ଜ୍ୱଳ ହୋଇ ଜଳି ଲଗିଥିବ ଯୁଗେ ଯୁଗେ । ପଞ୍ଜାବରେ ମହାରାଷ୍ଟ୍ରରେ ମୁଁ ଦେଖି ଆସିଲି ଗ୍ରୁପମାନେ କେଡ଼େ ବିଚକ୍ଷଣ, ଭବିଷ୍ୟତର ଭାଗବଣ୍ଟା ବେଳେ ତାହେଲେ ସେମାନେ ହିଁ କଣ ନେତୃତ୍ୱ ନେବେ ଆମେ ହେବୁ ହରବାହା ? ନା ଯାଦବ ବାବୁ, ଆପଣଙ୍କ ନାଁ ମୁଁ ବହୁତ ଶୁଣିଥିଲି, ଆପଣହିଁ କହନ୍ତୁ ।"

"କ୍ଷମା କରିବେ ଶୁଭ୍ରା ଦେବ," ଯାଦବ କହିଲା, "ବସ୍ୱାଳଣ ନମ୍ବର ହିସବ ମୁଁ ଏକମତ ନୁହେଁ ।"

"କାରଣ ?"

"କାରଣ ମୋର ନିଜର ବିବେଚନା, ମୋର ସ୍ୱାଧୀନ ଚିନ୍ତା, ମୋର ମତାମତ ।"

"ତେବେ ଦୁଃଖରେ ସହିତ ବୁଝିବାକୁ ପଡ଼ିବ ଆମକୁ କି ଯେ ସେହି ପ୍ରସିଦ୍ଧ ଯାଦବ ପଧାନଙ୍କ ବକ୍ତୃତା ଶୁଣିଲେ, ଲେଖା ପଢ଼ିଲେ ଗ୍ରୁପ ସମାଜ ଦୁଲୁ ଦୁଲୁ କମ୍ପେ ସେ ଅସଲ ଭିତରେ କେବଳ ଜଣେ ଦକ୍ଷିଣପନ୍ଥୀ ?"

"ଓ, ବଡ଼ ଉଗ୍ର ଆପଣଙ୍କ ଯୁକ୍ତି ଶୁଭ୍ରା ଦେବ ! ବସ୍ୱାଳଣ ନମ୍ବର ନ ହେଲେ ହଠାତ୍ ଯେ ପେଣ୍ଡୁଲମ୍ ଝାଙ୍କି ଆସେ ଦକ୍ଷିଣ ପନ୍ଥାକୁ ତାହା ମତେ ଜଣାନଥିଲା ।"

"ଆଚ୍ଛା, ତା ବା ନକହିଲି, ତେବେ କଣ ଆପଣ ମଟିମଟିଆ ମାନ୍ଦା-ଦଳ—କରିବେ ନାହିଁକି ନ କରିବେ ନାହିଁ, କହନ୍ତୁ ଆପଣଙ୍କ ସ୍ୱରୂପ କଣ ?"

"ମହାତ୍ମା ଗାନ୍ଧୀ କଣ ମାନ୍ଦା ଦଳର ?"

"ଓ ଭଗବାନ୍ ! ତେବେ ଆପଣ ଗାନ୍ଧିଆଇଟ୍ ! କିନ୍ତୁ କାହିଁ, ଖଦିଆଡ଼େ କେଉଁଠି ତୁଳାର ରୁଆଁ ନାହିଁ, ଚରଖା ତ ସ୍ୱପ୍ନ । ତେବେ ଆପଣ ମାନ୍ଦା

Digitized by srujanika@gmail.com

ଭାବରେ ଗାନ୍ଧିଆଇଟ୍, ଅର୍ଥାତ୍ ଧ୍ୟାନ କରନ୍ତି ଗାନ୍ଧିଙ୍କୁ କରନ୍ତି ନାହିଁ କିଛି ।
ଶୁଣୁଚ୍ କି ଛନ୍ଦା !"

ଛନ୍ଦା ବୁଝିଲା, ଏ ତାକୁ ହସିବାକୁ ଇଙ୍ଗିତ ।

ଶୁଭ୍ରାଦେବୀ କହିଗଲେ—"ଆପଣ ଗାନ୍ଧିବାଦୀ କି ନା ମୁଁ ଜାଣେ ନାହିଁ, କିନ୍ତୁ ଯଦି ହୋଇଥାନ୍ତି ତେବେ ତା ବିରୁଦ୍ଧରେ ମୋର ଦୁଇଟା ଯୁକ୍ତି ଅଛି । ପ୍ରଥମେ—ଫେସନ୍ ଦିଗରୁ । ବହୁତ ପୁରୁଣା ସେ, ସେଥିରେ ଆଧୁନିକତାର ଲେଶ ମାତ୍ର ନାହିଁ ।"

ଯାଦବ ଚଞ୍ଚଳ ହୋଇ କହିଲା—"ମୁଁ ପ୍ଲେବୋଇ ନୁହେଁ, ମୋର ଫେସନ୍ ଦରକାର ନାହିଁ । ଆଉ ଯଦି ପୁରୁଣାପଣିଆ ଗାନ୍ଧୀବାଦର ଦୁର୍ବଳତା ମୁଁ କହିବ ସେଇଟା ତାର ପ୍ରଧାନ ମହତ୍ତ୍ୱ, ସତ୍ୟ ସବୁଦିନେ ପୁରାତନ ।"

"ଓଃ, କି ବାବା ରେ୍କମ୍ ! ଅଧୀର ହୁଅନା ଛନ୍ଦା, ମୁଁ ସ୍ୱୀ ଅପେକ୍ଷା ଅନେକ ବେଶି ସହୁଛି । ଅଭ୍ୟାସ କର, ଦେହସହା ହୋଇଯିବ । ହଁ, ଆପଣ ପୂର୍ବେ ପଚାରୁଥିଲେ, କିନ୍ତୁ ଗାନ୍ଧୀବାଦର ଆଉ ଗୋଟାଏ ଭୁଲ କଣ ଜାଣନ୍ତି, ସେ ଖାଲି ଅନୁନୟ କରେ, ପ୍ରାର୍ଥନା କରେ, ଖାଲି କନ୍ଦାବୋବା । ଯେ ପଥର, ତାଠି ଯୁଗଯୁଗର ଅଶ୍ରୁ ବ୍ୟର୍ଥ ହୁଏ । ସେ ତର୍କ ବୁଝେ ନାହିଁ, ସୁତରାଂ ସେଠି ଗାନ୍ଧୀବାଦ ହୁଏ ବିଫଳ । ଉଦାହରଣ ଦେବା କଣ ପ୍ରୟୋଜନ ?"

"ନା, ପ୍ରୟୋଜନ ନାହିଁ । କିନ୍ତୁ ଆପଣ ବୃଥା ପରିଶ୍ରମ କରୁଛନ୍ତି ଶୁଭ୍ରା ଦେବୀ, ମତେ ଆପଣ ଯେଉଁ ଦାବୀ କହିଲେ, ମୋର ବ୍ୟକ୍ତିତ୍ୱ ମୁଁ ଅତୁଟ ରଖିଥିବ, ମୁଁ ବିଦେଶୀ ବସ୍ତ୍ରାଳୟ ନମ୍ବରର ଖେଳ କରେଇ ନୁହେଁ ।"

"ବେଶ୍ ଆପଣଙ୍କ ଇଚ୍ଛା, ଆପଣଙ୍କ ବ୍ୟକ୍ତିତ୍ୱ କେହି ଛଡ଼େଇ ନେଉ ନାହିଁ ଯେ ଆପଣ ଏତେ ଅଧୀର ହେଉଛନ୍ତି । କିନ୍ତୁ ଆପଣଙ୍କର କଣ ସନ୍ଦେହ ସବୁଅଛି ତର୍କ କରି ସମାଧାନ କରିଦେଲେ ଭଲହୁଅନ୍ତା ।"

ଯାଦବ ନିରୁତ୍ତର ରହିଲା ।

ଛନ୍ଦା ମୁହଁ ଟେକି ଅଟକି ହେଲା ପରେ ଅଳକଲା—"ସତେ ଆପଣ ଆସିବେ ନାହିଁ ?"

Digitized by srujanika@gmail.com

"ଆଉ, ଆଉ ଧନେ ଛନ୍ଦା, ଯିବା ଚାଲ । ଆପଣମାନେ ଆଜ ସନ୍ଧ୍ୟା ପରେ ଆସିବେ, ଅଗ୍ନିଙ୍କ ବଗିଚ୍ଚ ପରେ ବଡ ସାଢ଼େ ସାତଟାରେ ମିଟିଂ । ହଉ, ନମସ୍କାର,...ଏଁ !"

ସେମାନେ ଚାଲିଗଲା ପରେ ସମସ୍ତେ ଏକା ସାଙ୍ଗରେ କଥା କହି ଉଠିଲେ, କେହି କାହାରକୁ ଅପେକ୍ଷା କରୁନାହାନ୍ତି, ଏକାବେଳକେ ସମସ୍ତେ ଉଦ୍‌ବେଳ । ସେମାନେ ସାମ୍ନାରେ ଥିଲାବେଳେ ଯେଉଁ ଚାଞ୍ଚଲ୍ୟ ଏତେଗୁଡ଼ିଏ ପୁରୁଷପିଲାଙ୍କ ଭିତରୁ ଥିବା କୁତୁହଳକୁ ମାଡ଼ି ରଖିଥିଲା ହଠାତ୍ ଯେପରିକି ତାହା ଉଠିଯାଇଛି, ତାପରେ ପ୍ରଶ୍ନ ପ୍ରଶ୍ନ ପ୍ରଶ୍ନ ଅଛନ୍ତା ଆଲୋଚନା, ତାହାର ମଝିରେ ନିଜର ବେଣ୍ଟେଭଳିକୁ ଲକ୍ଷ୍ୟ କେବେ ନହୋଇଥିବା କଥା ଅଜା ଘଟିଛି, ଆପଣାର ନିହିତ ଗୁଣ ପ୍ରତି ସଚେତନ କରି ଦେଇ ଯାଇଛି ସମସ୍ତିଙ୍କୁ ।

ବିରକ୍ତ ହୋଇ ଯାଦବ କହିଲା, "ନାଚ୍ ଏଥର ବର୍ଷ୍ୟାକାଳ ନମ୍ବରରେ ଚାଲିବ, ତେବେ ଆଉ ଏ ମେସ୍ କାହିଁକି ? ଅଉ ଯେଉଁଠି ହେଲେ ଗୋଟିଏ ସୈନ୍ୟ ଗ୍ରୁପ୍ତି ଖୋଲିଲେ ତ ହେବ । କିନ୍ତୁ ଏଡ଼ାଏଡ଼ି ଗଲେ, ଗ୍ରୁପ୍ ବୃଦ୍ଧି ବର୍ଜି ହୁଅ ନାଗରେ ।"

"ଅପଣ ଏଇ ଯେଉଁ କଥା କହୁନ୍ତି ଯାଦବବାବୁ—ଏଡ଼େ ରାଥିକ୍-ସନେଶ କଥା ମଣିଷ କାନରେ ଶୁଣିବ ନାହିଁ । ଦେଖାଯାଉ, କାମ ଚାଲୁ ଏ ବି ତ ଗୋଟାଏ ମଜା—ଏଥିରେ ଏତେ ସିରିଅସ୍ ନ ହେଲେ କଣ ଚଳିବ ନାହିଁ ?"

ଗିରିଆଡ଼ୁ ସମର୍ଥନ ଆସିଲା, "ନିଶ୍ଚୟ ନିଶ୍ଚୟ, କଣ କ୍ଷତି ହେବ ?"

"ତା ମତେ କହିବାକୁ ହେବ ନାହିଁ କିଶୋରବାବୁ, ନିଜ ମନକୁ ପଚାରିଲେ ବୁଝିପାରିବେ । ଆଜିକାର ଏ ଉପଦ୍ରବ, ଏ କିଛୁ କମ୍ କଥା ? ବାରମ୍ବାର ଯଦି ଏମାନେ ଆସୁଥିବେ ଅଥବା ଆପଣମାନଙ୍କୁ ଯିବାକୁ ପଡ଼ୁଥିବ ତେବେ ପାଠ ହେବ ଯଥେଷ୍ଟ । ଆପଣଙ୍କ ଇତିହାସରେ ତାର ଅସଂଖ୍ୟ ଉଦାହରଣ ପାଇପାରିବେ ।"

Digitized by srujanika@gmail.com

ଏହା ପରେ ଆଉ ସୂତ୍ର ଖୋଲୁ ନାହିଁ, ହାଉ ହାଉ ଖୋଲେ । ଯାଦବ ଯେତୋଟି କଥା କହିଲ ସେତକ ଫାଙ୍କଟା ଓସାର ହୋଇଗଲ ତା ଭିତରେ ଏବଂ ସ୍ଥାନକାଳ ଭିତରେ । କଥା କହି ସେ ବୁଝିପାରେନାହିଁ କାହିଁକି ତାର କଥା ଏତେ ଉଗ୍ର ହୁଏ । ସବୁ ଭିତରେ କଣ ତାଠି ପରିବର୍ତ୍ତନ ଘଟିଯାଇଛି, ବିପ୍ଳବୀ ଭାଷା ଉବୁଜିଯାଇ ଅସିଛି ଧର୍ମଯାଜକର ରକ୍ଷଣଶୀଳ ବାଣୀ, ହେତୁ ସେ ବୁଝିପାରେ ନାହିଁ, କଲ ପରି କଥା କହେ, ପୁଣି ଆପଣା ଉପରେ ବିରକ୍ତ ହୁଏ, ରାଗେ । ଜୀବନ ତାର ପାଖ ପଶୁନାହିଁ, ବହି ଧରି ସେ ବସିଲଣି ଆଉ ମୁଣ୍ଡ ଟେକୁ ନାହିଁ । କିଶୋର ଗୋଟିଏ ଯାନ ଦାଲ ଗଡ଼ି ବସି ଝୋଲା ମାରୁଛି ।

ଧାପକ କହିଲ, "ଗୋଟାଏ କଥା ମନେପଡ଼ୁଛି ଯାଦବବାବୁ । ଲୋକେ କହନ୍ତି, ଖବରକାଗଜ କହେ, ମହାତ୍ମା ଗାନ୍ଧୀ ବେଳେ ବେଳେ ମହାଭାରତର ଯମୁନା ନଦୀ ପରି ଉଜାଣି ବହନ୍ତି, ସେତେବେଳେ ସମସ୍ତଙ୍କର ସବୁ ସୂତ୍ର ତାଙ୍କଠି ବିଫଳ ହୁଏ । ବୁଢ଼ା ତାଙ୍କ ଆଣ୍ଠୁ ଉପରେ ଗାଦ ମାଡ଼ି ବସି ବଖାଣନ୍ତି ଠିକ୍ ଓଲଟା କଥା ।"

"ଆପଣାର ବିଶ୍ୱାସ ଉପରେ ଅଟଳ ରହିବାହିଁ ମହାତ୍ମାମାନଙ୍କ ଲକ୍ଷଣ··· କହନ୍ତି ମାଠନପୁଣା ଯଦବା ସ୍ଥବନ୍ତି ।"

"ବେଶ୍ ବୁଝାଯାଉଛି ଆପଣଙ୍କ ମତ ଯାଦବବାବୁ !" କିଶୋର କହିଲ, "ଯେ ଯାହା ବୁଝୋଉ ବୁଦ୍ଧିର କବାଟଟା ବନ୍ଦ ରଖି ଆପଣ ବାହାଦୁର ନେବେ । କିନ୍ତୁ ଇଂରେଜୀରେ ଗୋଟାଏ କଥା ଅଛି—ଝେଟରର ଗୁଆଁର ପଣ—ଅବଶ୍ୟ କଥାଟା କେତେଦୂର ପ୍ରଯୁକ୍ୟ ଠିକ୍ କହିହେଉନାହିଁ ।"

"ମୁହିଁ ସମ୍ଭାଳ, କିଶୋରବାବୁ, ସବୁଥିରେ ଗୋଟାଏ ସୀମା ଅଛି ମନେରଖିବେ ।"

"ବେଶ୍ ମନେଅଛି ଯାଦବବାବୁ, କିନ୍ତୁ ଆପଣ ଏଇଟା ବି ମନେ ରଖନ୍ତୁ ଏଠି ଫ୍ୟାସିଜିମ୍ ଆଦୌ ଚଳିବ ନାହିଁ । ଆପଣ ଏ କଣ କହୁଛନ୍ତି ? ଏତେଦିନ ଆପଣଙ୍କୁ ମାନିଆସିଲୁ, ବଲିତା ଦେଲବେଳେ କହୁଥିଲେ ବଡ଼

Digitized by srujanika@gmail.com

ବଡ଼ କଥା, କହୁଥିଲେ ନିହାତ ସ୍ୱାର୍ଥ ଗୋଡ଼ରେ ମାରିବା କୁରାଢ଼ି, କୋଠା ଉପରେ ହାତୁଡ଼ି ପିଟିବା, ଅମଳତନ୍ତ୍ରକୁ ଦାଆରେ କାଟିପକେଇବା, ଏହା କରିବା ତେହା କରିବା, ଆଉ ଯେତେବେଳେ ଅସଲ କାମ ଆସିଲା, ବିପ୍ଳବ ଆସି ଦୁଆରେ କଡ଼ା ହଲେଇ ଡାକଦେଲା, ଆପଣ ପାଲଟିଗଲେ ପ୍ରତିକ୍ରିୟାଶୀଳ ମୂର୍ତ୍ତି, ସତେ କି ଏକା ରାତିକେ ଆପଣଙ୍କ ମୁଣ୍ଡରେ ବାଢ଼ି ଉଠିଲା ମସ୍ତବଡ଼ ଗୋଟାଏ ଚୁଟି । ଏକେଣ କଥା ନା କଣ ?"

"ରକ୍ଷିଦିଅନ୍ତୁ ଆପଣଙ୍କ ନାଲି ଆଖି ଜୀବନବାବୁ, ମୁଁ ବି ମୋର ସ୍ୱାଧୀନ କଥା କହେ । ପଶୁବଳରେ ଫ୍ୟାଜମ୍ ଜାରି କରି ନିଜ ବାର କଟ୍ଟରତ୍ୱର ପରାକ୍ରମ ଦେଖାଇ ସାଧାସିଧା ଯୁକ୍ତିକୁ ଯଦି ଭାଙ୍ଗିବାକୁ ଆସିବେ ମାଡ଼ ଦ୍ୱାରା, ତେବେ ସେ ଆପଣଙ୍କ ଇଚ୍ଛା, କିନ୍ତୁ ତାର ଫଳ ବି ଆପଣମାନେ ଭୋଗିବେ । ଅତଏବ ଯାଦବବାବୁ ହଠାତ୍ ଆଜି ଲାଗୁଛି ଯେପରି ପୋଲ ବେଲୁନ୍‌ଟାରେ କେଉଁଠି କିଏ ଆଲପିନ୍‌ରେ ଭୁଷିଦେଇଛି ଆଉ ସେଥିରେ ପବନ ନାହିଁ । ବେଶ୍ ଆପଣ ରହିବେ ତ ରହନ୍ତୁ ଏଥର ମନ ଇଚ୍ଛା ।"

"ଜୀବନ—" ଯାଦବ ଉଚ୍ଚ ଆଳକୁ ଯାଇ ଡାକିଲା । ତାର ଆଖି ଲୁହ ଟଳଟଳ ।

ଜୀବନ ଆସିଲା । ଯାଦବ ଥରୁଛି । ଅତି କଷ୍ଟରେ ମନର ଅବସ୍ଥା ଗୁପ୍ତ ରଖିଛି । "ମୁଁ ଚାଲିଲି ଜୀବନ, ଏଠି ଆଉ ମୋ ପାଇଁ ସ୍ଥାନ ନାହିଁ ।"

"ଧ୍ୟାତ୍, ଏ କଣ କହୁଛନ୍ତି ! ଚାଲିଯିବେ ? କାହିଁକି ? ସାମାନ୍ୟ ବାତ୍ ବିତଣ୍ଡା ଲାଗି ମଣିଷ ଏମିତି ଚାଲିଯାଏ ?"

"ସାମାନ୍ୟ ! ତୁମେ ବି ସ୍ଥା କହୁଛ ଜୀବନ !"

"ନୁହେଁ ତ ଆଉ କଣ ? କିଶୋରଟା ହବୁଦ୍ଧନେ ଏମିତି, ତାର କାଣ୍ଡଜ୍ଞାନ ନାହିଁ ।"

"କେବଳ କିଶୋର ନୁହେଁ……" ରୁଦ୍ଧରୁଦ୍ଧକା ଯାଦବ କହିଲା, "ମୁଁ ଠିକ୍ ବୁଝେଇପାରୁନାହିଁ, ଆଉମତେ ଆଉ ପଚାରନା, ମୁଁ ଯାଏ ।"

Digitized by srujanika@gmail.com

"ଆଉ ମୁଁ ?"

"ତୁମର ଇଚ୍ଛା । ନିଜେ ତ ଶୁଣିଲ ତୁମେ ବି ବୟାଳିଶ ନମ୍ବରରେ ଯୋଗଦେଲ । ସେଇ ଯଦି ତୁମର ମତ ତେବେ ଆମର ବାଟ ଭିନେ । ମୁଁ ବିଶୃଙ୍ଖଳାବାଦୀ ନୁହେଁ, ମୁଁ ଚାହେଁ ସଂଗଠନ । ଆମ ସମ୍ପ୍ରଦାୟରେ ବିଶୃଙ୍ଖଳା ପଶିଲାଣି, ଧୀରେ ଧୀରେ ପରିବର୍ତ୍ତନ ହେବ ଅନେକ । ଛାତ୍ରସମାଜକୁ ଜାଣେ ମୁଁ, ଏମାନଙ୍କ ଉତ୍ତେଜନା କୁଟା ନିଆଁ ପରି । ସମସ୍ତେ ନେତା ହେବେ, ହେଉଛନ୍ତି । ଅଲକ୍ଷ୍ୟରେ ନେତା ରହିବ ବୟାଳିଶ ନମ୍ବର ଦଳର କର୍ମକର୍ତ୍ତାମାନେ ସରଙ୍କୁ ଟେକି ମନର ଅରମାନ ମେଣ୍ଟାଇବେ । ସବୁ ଚୂନା ହେବ, ପରିଣାମରେ ମିଳିବ ଦୁଃଖ, କଷ୍ଟ, ମାଡ଼, ଜେଲ, ଗଣ-ଅନୁଷ୍ଠାନର ଭଙ୍ଗା ଇଟା ଗୋଟେଇ ନେଇ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ଗଢ଼ିବେ ଅଫିସର ବଡ଼ ଇମାରତ୍ । ଯୁଦ୍ଧରେ ଜିତି ତାଙ୍କର ହାତ ଟାଣ ହେବ ।"

"ଏକଥା ଆପଣ ଦଳରେ ଥାଇ ବୁଝେଇ ପାରିଲେ କଣ ମନ୍ଦ ହୁଅନ୍ତା ଯାଦବବାବୁ ? ନିଜେ ଏପରି ଅନ୍ତର୍ଦ୍ୱନ୍ଦ୍ୱକୁ ଅପସରି ଯିବା ଛଡ଼ା । ହୁଏତ ଆପଣଙ୍କ ମତହିଁ ଠିକ୍—ଦଳସ୍ଥବେ ଏହି ମତରେ ପ୍ରଚୁର କାର୍ଯ୍ୟ ଚଳେଇ ପାରିଲେ—"

"କାହାକୁ ବୁଝେଇବି ? ହୁଏତ ଅବସର ଥିଲା, ଆଜି ତା ନାହିଁ । କାଲି ସ୍ୱତରେ ତୁମେ ଯେତେବେଳେ କହୁଥିଲ ସଭାକୁ ନଯାଇ ଘୋର ହତ ହେଲି ମୁଁ ତାର ମର୍ମ ବୁଝିପାରିନଥିଲି । କିନ୍ତୁ କାହିଁ ମୁଁ ଜାଣେନା ଏମିତି ଭିତରେ ଭିତରେ ପ୍ରଚୁର ଚାଲି ଚାଲି କଥା ଏବେ ବାଟକୁ ଆସିଲାଣି ବୋଲି । ଯୁଗ ଆପେ ବୁଝେଇବ ଯାହା ଯେତେବେଳେ ଦରକାର, ମଣିଷ ପାରିବ ନାହିଁ । ହଉ ମୁଁ ଚାଲିଲି ଜୀବନ ।"

ଜୀବନ ବାଧା ଦେଇ ପାରିଲା ନାହିଁ । ଦ୍ୱାରରେ ବାହା ଛକିଦେଇ ଠିଆ ହୋଇ ରହିଲା କାଠ ପିତୁଳା ପରି । ଚାଲିଯାଉଛନ୍ତି ଯାଦବ ପ୍ରଧାନ । ଏ ମେସ୍‌ରେ ମୁରବି ପରି ଥିଲେ । ସେଇ ଦେଇଥିଲେ ନାଁ—"କୁଆଁ ତସ୍ ମେସ୍ ।" ଏହି ଚାଳଘରେ କେତେ କଥା ନ ଘଟିଛି, ହାତଲେଖା ମାସିକପତ୍ର, ତର୍କସଭା, ସପ୍ତାହକେ ଥରେ ସାହିତ୍ୟ ସଭା । ଆଦର୍ଶମୟ ବିପୁଳ ଜୀବନ ପାଇଁ ଏହି

Digitized by srujanika@gmail.com

ମେସ୍ ଦେଇଛୁ ଯୋଜନା, ନୀରବରେ କାର୍ଯ୍ୟ କରିଛୁ । ସବୁଠି ପଡ଼ିଛୁ ଯାଦବର ମୋହର ।

ସାମାନ୍ୟ ବନ୍ଧଣାଟି ଗୋଟେଇ ସାରିଲଣି, ବନ୍ଧୁ ବାକ୍ସ ଓ ସୁଟ୍‌କେସ୍ ପ୍ରସ୍ତୁତ । ଯାଦବ ଚାଲିଯାଉଛି, ଆଉ ସେ ଫେରିବ ନାହିଁ । ତେବେ କାହିଁକି ଏଠି ପଡ଼ିରହିଥିବ ଜୀବନ ? କିନ୍ତୁ କାହିଁ, ପଛରେ ଗୋଡ଼ାଇ ଯାଇ ହେଉନାହିଁ !

ଯାଦବ ପଧାନ ତାର କଳନଚପାତ ଟେକିଧରିଲା । ଏଥର ସେ ଚାଲିଯିବ । ହୁଏତ ସବୁ ନେତା ସବୁ ଦଳପତିଙ୍କ ଏମିତି ଦଳଛଡ଼ା ହୋଇ ଚାଲିଯିବାକୁ ପଡ଼େ ଦିନେ । ଜୀବନ ଦୀର୍ଘଶ୍ୱାସ ପକେଇଲା ।

ଆପଣା ବୋଝ ବୋହି ଯାଦବ ପଧାନ ଚାଲିଗଲା ଧୀରେ ଧୀରେ ।

ଛଅ

ଶୁଭ୍ରା କହିଲା, "ଛନ୍ଦା, ଦେଖ୍ ତ କିଏ ଡାକୁଚି ।"

"କୋଉ ଭିକାରି ହେଇଥିବ ଶୁଭ୍ରାଦି, ହୁଁ ପଢ଼, କଣ ବାହାରିଚି ମାର୍କସିଜମ୍ ବିଷୟରେ ।"

"ଯେ ଆସି ଡାକେ ସେ ନିଶ୍ଚୟ ଭିକାରି ଛନ୍ଦା । ଆପଣାର କାମ ନ ଥିଲେ କେହି କାହା ଦୁଆରକୁ ଆସେନାହିଁ ।"

"ଅଚ୍ଛା, ତୁମେ ଏତେ ବସ୍ତୁବାଦୀ ହେଲ କେମିତି ଶୁଭ୍ରାଦି । ମା' ପେଟରୁ ପଡ଼ି ମଣିଷ ଏମିତି ହୁଏନାହିଁ । ମଣିଷର ବିଶ୍ୱାସ ଥାଏ, ସ୍ୱପ୍ନ ଥାଏ, ଆଶା ଥାଏ, ଭରସା ଥାଏ, କିନ୍ତୁ ତମର—ତମେ ଯେମିତି କଣ କିଅବା । କଣ ସ୍ତ୍ରୀ ପିଠିଆଡ଼େ ତମ ଜୀବନର ଅଭିଜ୍ଞତା କହିବ ନାହିଁ ଟିକିଏ ?"

"ତୁ ଯେଉଁ ପରିମାଣରେ ଏତେ ବିଶ୍ୱାସ ସ୍ୱପ୍ନ ଆଉ ଆଶା ଧରି ଆରମ୍ଭ କଲୁଣି ଛନ୍ଦା ତୋ ପାଠ ମାର୍କସିଷ୍ଟ ବୁଝେଁ କ ତୋ ବାଟ ବଦଳାଇଣ ନମ୍ବର

Digitized by srujanika@gmail.com

ନୁହେଁ । ତତେ କହୁଲି କଣ କରିବାକୁ ନା ତୁ କହୁଚୁ ଖାଲି କଥା, ଯିବୁ ନାଇଁ ?"

"କହୁଲି ପରା, ଜ୍ୱର ହୋଇଥିବ, ମତେ ଭାରି ଅଳସ ଅଳସ ଲାଗୁଚି ଶୁଭ୍ରାଦ ।"

"ଜ୍ୱର ଏମିତ ମଉସା ମଉସା ଗର୍ଜନ କରେ ନାହିଁ—ବୁଝିଲୁ,ଯା ଦେଖି ଆ ।"

ଛନ୍ଦା ଗଲା, କିନ୍ତୁ ଗଲାବେଳକୁ କେହି ନାହିଁ । ଆରପାଖେ କବାଟ ଖୋଲିବା ଶବ୍ଦ ହେଲା । କିଏ କହୁଚ, "ଆରେ ଏତେବେଳେ କୁଆଡ଼େ ?" ଖାଲି ବସ୍ତାକୁ ଗୃହିଁ ଛନ୍ଦା ଫେରିଆସି କବାଟ ବନ୍ଦ କଲା, କହିଲା, "ଦେଖିଲି, କଣ କହୁଥିଲି, ଏପାଖେ ନପାଇ ସେପାଖକୁ ଗଲାଣି ।"

ଶୁଭ୍ରା ହସିଦେଲା । କହିଲା, "ହଉ, ତୋ ମନ ନହେଲେ ତୋଦ୍ୱାରା କରେଇବ କିଏ କହୁ ? କିନ୍ତୁ ଯେତେ ତତେ ଦେଖୁଚି ସେତିକି ମୁଁ ଭାବୁଚି ତତେ ଏଥିରେ କାହିଁକି ପୁରେଇଲି ? ଯାହା ଏ କାମରେ ଦରକାର ତା ତୋର ନାହିଁ, ଯାହା ତୋଠି ଅଛି ତାହା ଏ କାମରେ ଦରକାର ନାହିଁ ।"

"ତାହେଲେ ତୁମେ ଜମା ଖର୍ଚ୍ଚ କାଟି ଥାଉଛ ଶୁଭ୍ରାଦ, ଏତେ ଚଞ୍ଚଳ ?"

"ମତେ ଏତେ ତାରିଫ୍ କରନା ଛନ୍ଦା, ମୁହଁକୁ ମୁହଁ ଏମିତ କହୁ—ଲଜ୍ଜା ଲାଗେ ।"

"ତମେ ପରା କୁହ ଲଜ୍ଜାଟା ଚରମ ଦୁର୍ବଳତା, ସେଇଟାକୁ ରଖିଚ କାହିଁକି ?"

ଶୁଭ୍ର ହୋ ହୋ ହସି ଛନ୍ଦାକୁ କୁଣ୍ଢେଇ ପକେଇଲା । କହିଲା, "ରୋଗୀ ଲୋକ ସୁସ୍ଥ ଲୋକକୁ ଦେଖିଲେ ହିଂସା କରିବା ଆଗରୁ ଯେମିତ ପ୍ରଶଂସା କରେ, ତତେ ଦେଖି ତୋ କଥା ଶୁଣି ମତେ ସେମିତ ଲାଗେ ।"

"ତମେ କଣ ରୋଗୀ ? କି ରୋଗ ତମର ଶୁଭ୍ରାଦ ?" ତାର ବେକକୁ କୁଣ୍ଢେଇ ଧରି ଛନ୍ଦା ପଚାରିଲା, "କହ, ମୋ କାନରେ କହ, କାହାଆଗେ କହିବିନାହିଁ, ରାଣ ଅଛି ।"

Digitized by srujanika@gmail.com

"ଧ୍ୟାତ୍, ଫେର୍ ଗେହ୍ଲା ହଉଚ । କଣ କହୁଥିଲ୍—ତୋର ରୂପ ଅଛି, କିନ୍ତୁ ସେଥିରେ ନାଟକ ଚାଲିବ; ଅମର ଅବଶ୍ୟ ଫିଲ୍ମ ନାଇଁ ନଇଲେ··· ଏରୂପ କିନ୍ତୁ କାମରେ ଲଗିବ ନାହିଁ । ତୋର ଲଜ୍ଜା ଅଛି, ସଙ୍କୋଚ ଅଛି, ନାରୀତ୍ୱର ଯାହାଯାହା ଅସୁବିଧା ସବୁ ଅଛି—ସେ ବି ପ୍ରଧାନ ପ୍ରତିବନ୍ଧକ ହେବ ଏ ସବୁ କାମରେ ।"

"ତୁମଠି କଣ ପୁରୁଷତ୍ୱ ଅଛି ଶୁଭ୍ରାଦି ?"

ଶୁଭ୍ରା ହସିଲ, କହିଲ, "ଦେହର ପୁରୁଷତ୍ୱ ଯଥେଷ୍ଟ ନୁହେଁ; ମନର ପୁରୁଷତ୍ୱହିଁ ଅସଲ ଏବଂ ତା ମୋର ଅଛି ତୋର ନାହିଁ, ତେଣୁ ତୁ··· ନିପଟ ଓଲୁ, ବିପ୍ଳବ କାମପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ରହ ମୁଁ କହି ଦେଉଛି, ତାପରେ ବରଂ ମାର୍କସିଜମ୍ କଥା ପଢ଼ୁ ।"

"କଥା ଭୁଲନା, ଶୁଣ । ସମସ୍ତ ଅସିଛୁ । ଜେ. ସି. ଦାସ୍ କାରଖାନାରେ ଷ୍ଟ୍ରାଇକ୍ ଖାଲି ସପର ଧୂଆଁ ବାଣ ନୁହେଁ—କଠିନ କାମ । ନାଗପୁରରେ ଅମିଦାବାଦରେ ମୋର ଯଥେଷ୍ଟ ଅଭିଜ୍ଞତା ଅଛି; ତେଣୁ ପଠେଇଲେ ଏଠିକି । ଅସୁ ଅସୁ ପ୍ରକାଣ୍ଡ ଯୋଜନା । କିନ୍ତୁ ତୋପରି ଲଜକୁଲୀ ନରମ ପୁତୁପୁତୁ ମଣିଷ ଯଦି ହେବେ ଏ ଯୁଦ୍ଧର ସେନାପତି ଏବଂ ସେ ମେସର ପିଲଙ୍କ ପରି ତୁଚ୍ଛା ମେଣ୍ଢାପଲ ହେବେ ସୈନ୍ୟ ତେବେ ଆମ କାମ ଖୁବ୍ ଆଗେଇବ ଜାଣିନେ ! ସଦର ପଇସା, ଅମର ସମୟ, ଆଉ ପରିଶ୍ରମ-ବେଷ୍ଟ୍ ହେଉଛି ଅଉ ।"

"ହେଇ ଘଣ୍ଟାକୁ ଦେଖ ଶୁଭ୍ରାଦି କେତେ ବାଜିଲାଣି, ତମେ ଖାଇବ ନାହିଁ ?"

"ସେ ତ ବି ଏ ଦେଶରେ ଘୋର ଅଭାବ, ଲୋକ ସମ୍ଭାଳି ପାରିବେ ନାହିଁ ଦଣ୍ଡେ ଘଡ଼ିଏ । ସ୍ୱାଙ୍କଦ୍ରାସ୍ କି କାମ ହେବ ? ନାଗପୁରରେ ଥିଲାବେଳେ ଥରେ ପାଞ୍ଚଦିନ ମୋତେ ଉପାସରେ ପଡ଼ିବାକୁ ହୋଇଥିଲା, ହଙ୍ଗଂଟନ୍ ମରିବା ପରେ ପରେ । ଲୋକ ଦାଉରେ ଯଦି ପଦାରେ ମୁହଁ ଦେଖେଇଥାନ୍ତି ସବଗଲ ମୋ କଥା ।"

Digitized by srujanika@gmail.com

"ତମେ କ ଯେ ଭୟାନକ କଥା କହ ଶୁଭ୍ରାଦ୍ଧ ଶୁଣିଲେ ଡର ମାଡ଼େ । ଫେର୍ କୋଉ ହ୍ୱାଡ଼୍‌ଂଟନ୍ ବାହାର କଲଣି ? ଆଚ୍ଛା, ଏତେ ଯେ କରୁଚ, କଣ ହେବ । ନେତା ? ସରଳା ଦେବୀ ? ଚ୍ୟାଂକାଇଶେକ୍ ? ନା ମନ୍ତ୍ରୀ ନା କଣ ?"

"ମୁଁ ହେବ ସାଧାରଣ ଶ୍ରମିକ ।"

"ସେଥିପାଇଁ କଣ ଏତେ ବିପଦ ଭିତରକୁ ଯିବା ଦରକାର ପଡ଼େ ?"

"ସ୍ୱାଧୀନ ଦେଶର ସ୍ୱାଧୀନ ଶ୍ରମିକ ହେବାର ଇଚ୍ଛା ଥିଲେ ପଡ଼େ ।"

"ତମେ ଯିବା ଇକନମିକା, ସବୁ ବୁଝ, ମୁଁ ବୁଝେନାହିଁ । ମୁଁ ଖୁଦ୍ଦେହିଁ ସାଧନାର ସିଦ୍ଧି, ପରିଶ୍ରମର ପୁରସ୍କାର । ଏତେ ପାର୍ଟି ଚକିତ କଣ ମିଳିବ ଆଗ ସେଇଆ କହ ?"

"ଦଳ ବା ପାର୍ଟିକୁ କ୍ଷମତାରେ ପ୍ରତିଷ୍ଠା କରେଇ ପାରିଲେ ନମିଳିବ କଣ ଏପରି କିଛି ନାହିଁ । ଖଦଡ଼ ପିନ୍ଧି ବି ରାଜତ୍ୱ କରିବା ସମ୍ଭବ ହୁଏ । ମଜୁରିଆ ଷ୍ଟାଲିନ୍‌ର କ୍ଷମତା ଜାର୍‌ଠୁ ଢେର୍ ବଡ଼ ଏବଂ ଚ୍ୟାଂକାଇଶେକ୍— ସେ ଚୀନ୍‌ର ଡ଼ିକ୍‌ଟେଟର୍ । ଅତଏବ ଆମର ବି ଭବିଷ୍ୟତ୍ ନଥାଇ ପାରେ ନୁହେଁ ।"

ମୁହୂର୍ତ୍ତକେ ଜଳଉଠିଲ ଶୁଭ୍ରାର ଶୀର୍ଣ୍ଣ ପାଣ୍ଡୁର ମୁହଁରେ ଜ୍ୟୋତି । ଅଭିଭୂତା ହୋଇ ଚନ୍ଦା ଗୃହିଁ ରହିଲ ଯେପରି ସେ ଅବତାର ଦେଖୁଚି । ରଙ୍ଗ ବୋଳା ମୁଖାର ଆଖିବାଟେ ଛୁଟିଚି ତେଜ, ସେ ଅଦ୍ଭୁତ । ପୁଣି ସେ କଷ୍ଟୁଭ ହୋଇ ହେଲ ସ୍ୱାଭାବିକ । ହସିଦେଇ ତାର ଲମ୍ବ ଲମ୍ବ ମଲ୍ଲୀକଡ଼ ପରି ଦାନ୍ତର ଶ୍ରେଷ୍ଠ ଅବଦାନ ସହିତ ଶୁଭ୍ରା କହିଲ, "କଣ ଏମିତ ମତେ ଗୃହିଁ ଦେଖୁଚୁ କହିଲୁ ?"

"ଦେଖୁଚ ତମର ଭିତରଟା ।"

"ମୋର ଭିତରଟା, ମୋର ଶରୀର ଢିଢ଼ ଉପରେ ମୁଁ ପିନ୍ ମାରି ଦେଖେ ନାହିଁ ଚନ୍ଦା, ବୃଥା ଚେଷ୍ଟା, ଅନେକ ଫେଲ୍ ମାରିଛନ୍ତି ।"

Digitized by srujanika@gmail.com

"ସେମାନେ ମୋ ପରି ସ୍ଥିର ହୋଇ ନ ଥିବେ, ହୁଏତ ପୁରୁଷ ।" ଶୁଭ୍ରାର ମୁହଁ କଳାକାଠ ପଡ଼ିଗଲା । କଥା ବାଗେଇ ଦେଇ ଛନ୍ଦା କହିଲା, "ଅର୍ଥାତ୍ ସେମାନେ ହୁଏତ ପୁରୁଷଙ୍କ ଥିବା ସ୍ତ୍ରୀଜାତ, ଯେପରି ତୁମେ ଗୃହିଁ । ତାର ଓଲଟା ମୁଁ, ତେଣୁ ମୁଁ ତୁମକୁ ଦେଖିପାରୁଚ । ଶୁଭ୍ରାଦି, ମୋ କଥା ମାନିବ, ତୁମେ ଆଗ ବାହାହେଇପଡ଼ "

ଶୁଭ୍ରା ହାତରେ ମୁହଁ ମାଡ଼ି ତୁନି ହୋଇ ବସିପଡ଼ିଲା । ଛନ୍ଦାକୁ ଶୁଭିଲା ଯେପରି ଗୋଟାଏ ଯାନ "ଉଃ" । ପାଖକୁ ଗଲା, ଝୁଙ୍କି ପଡ଼ିଲା । ହାତରୁ ମୁହଁ ଅଲଗେଇ କହିଲା, "ଶୁଭ୍ରାଦି, କଣ ମୁଁ ଏଣୁ ତେଣୁ କହିଦେଲି । ମୁଁ ଜାଣିନାହିଁ ଶୁଭ୍ରାଦି, ମତେ କ୍ଷମାକର ।" ଶୁଭ୍ରା କିଛି କହିଲାନାହିଁ । ତାପରେ ଶାଢ଼ୀ ପଣତରେ ମୁହଁ ଉପରେ ଥରେ ରଗଡ଼ି ନେଲା । ଝରକା ବାଟେ ପଦାକୁ ଗୃହିଁ କହିଲା, ହଠାତ୍ କାହିଁକି ମୁଣ୍ଡଟା ବୁଲେଇ ଦେଲା ଲେ । ଏଠିକାର ଏଇ ଗଛ ମାଳ ମାଳ, ଧୂଳି ରାସ୍ତା ଆଉ ମାଟିଘର ମୁଲକର ଜଳବାୟୁ କେମିତି ମତିରେ ମତିରେ ମୋର ନର୍ଭସ୍ ଅଣେ, ଦେହରେ ଯାଏ ନାହିଁ ।"

"ହଉ, ତୁମେ ଖାଇବ ଚାଲ, ଡେରହୋଇଗଲା । ହେଇ ଯାଃ, ଆମ ଗାଡ଼ି ପେଁ ପେଁ କଲଣି । ଯାଉ ପଛେ ତମକୁ ନ ଖୁଆଇ ଛାଡ଼ୁଛୁ କଏ ? ଅସିଲ, ପୁନାଣି ପଶ !"

ଯାଦବର ମଉସା ଘର । ଏପରି ମଉସା ପିଇସା ସମସ୍ତଙ୍କର ଥାନ୍ତି ସହରରେ, ନିତାନ୍ତ ପ୍ରୟୋଜନ ନ ପଡ଼ିଲେ କେହି ଏମାନଙ୍କୁ ଖୋଜନ୍ତି ନାହିଁ । ନଗାମଣି ମଉସା—ଚନ୍ଦ୍ରଶେଖର ପିଇସା—ସର୍ବେଶ୍ୱର ଅଜା—ଅସଂଖ୍ୟ ତାଙ୍କର ନାଁ, କିନ୍ତୁ ସେ ନାଁ କିଛି ସୂଚନା ଦିଏ ନାହିଁ, ଯେପରି ସୂଚନା ମିଳେ ସାଧାରଣ ପାନଦୋକାନରେ ପରିଚିତ ଫିଲ୍ମ ଅକ୍ଟ୍ରେସର ଛବିରୁ ବା ଖବରକାଗଜରେ ବିଖ୍ୟାତ କ୍ରିକେଟ୍ ଖେଳାଳିର ନାଁରୁ । କିନ୍ତୁ ଏମାନେ ଥାଆନ୍ତି, ସହରର ମଉସା ପିଉସା ।

ସମାଜର ମୁରବି, ଅନେକ ଘରେ ଗୃହସ୍ଥ, ବାହାରେ କେହି ମଲେ କ ଗଲେ ଏମାନଙ୍କର କିଛି ଯାଏନାହିଁ । ତଥାପି ବନ୍ଧୁତ, ଯାଦବ ଭାବିଲା ଏବଂ

Digitized by srujanika@gmail.com

ମଉସା ଘର ତାର ନିତାନ୍ତ ପର ନୁହନ୍ତି ଯଦିଓ ତାଙ୍କ ବସାକୁ ଯାଇନାହିଁ ଦିବର୍ଷ ହେଲା । ବାପାଙ୍କର ବାଲ୍ୟ ବନ୍ଧୁ—ଯଦିଓ ବୋଉଙ୍କର ଭଉଣୀ କେହି ନୁହଁନ୍ତି । ଏ ପଡ଼ାରେ ତାଙ୍କ ନାଁ ଜାଣ । ଉମାକାନ୍ତ ମଉସା ସହରର ବନ୍ଦ୍ୟାବନ୍ତ ବ୍ୟବସାୟୀ ସମ୍ପ୍ରଦାୟର ଜଣେ, ଅର୍ଥାତ୍ ସେ ଓକିଲ ।

ଗୋଟିଏ ଅଞ୍ଚଳରେ ଚାଲ୍ଲା ମେସ୍‌ରୁ ଯେତେବେଳେ ଯାଦବ ବୁଜୁଲା-ବୁଜୁଲି ଯାକ ବାହାରି ଆସିଲା ସେତେବେଳେ ତାର ପ୍ରଥମ ଚିନ୍ତା ହେଲା ବସା । ହଠାତ୍ ଦିନ ଦଶଟା ବେଳେ ଇଚ୍ଛା କଲେ କେଉଁଠି ସ୍ଥାନ ମିଳେ ନାହିଁ । ଏ ସହର, ପ୍ରତି ଗୃଖଣ୍ଡିକ ମସାଚୂପା, ପ୍ରତ୍ୟେକ ଗଛତଳେ ବି ଯେଉଁ ଗୋରୁ ଅଛନ୍ତି କି ଯେଉଁ ଭିକାରି ପଡ଼ିଛନ୍ତି, ସେମାନେ ତାଙ୍କ ଅଧିକାର ଓ ଦଖଲ ବଜାୟ ରଖିବାକୁ ଲଢ଼ିବାକୁ ପ୍ରସ୍ତୁତ । ଚିତ୍ତବନ୍ଧୁ ମଉସା ଘରଛଡ଼ା ଆଉ କେତେ ଆତ୍ମୀୟସ୍ଥଳ ଅଛି ସତ, ସମସ୍ତ ମାପି ଦାମ ଦେଇଦେଲେ ବୁଜୁଲା ଥୋଇ ନିଜେ ଲଟିସିବାକୁ ସ୍ଥାନ ମିଳିବ । କିନ୍ତୁ ପୁରୁଣା ଡୋର କଟେଇଥିବା ନିଃସଙ୍ଗ ମନ କେମିତି ଖୋଜିହେଲା ପୁରୁଣା ଗଚ୍ଛିତର ଆଶ୍ରୟ ।

ଅନ୍ୟ ସ୍ଥାନ ନଜୁଟିବା ପର୍ଯ୍ୟନ୍ତ ଅନ୍ତତଃ ଦିନେ ଦୁଇଟିଏ ସେ ମଉସାଙ୍କ ଆତିଥ୍ୟ ଦାବୀ କରିବ ବୋଲି ସ୍ଥିର କଲା ଏବଂ ଅବହେଳାରେ ଦାଣ୍ଡଦୁଆରେ ଠିଆ ହୋଇ ଚଢ଼ିଗୁଡ଼ିଲା, "ମଉସା, ମଉସା ।"

ଉତ୍ତର ନାହିଁ । ଦବକ ଲାଗିଲା । ବଡ଼ କୋଠାଘର ମାଡ଼ିପଡ଼ିଲା । କିନ୍ତୁ ଆର ପାଖେ ଦରଜା ଖୋଲିଲା, ମାଉସୀ ପଚାରିଲେ, "ଆରେ, ଏତେବେଳେ କୁଆଡ଼େ—ଯାଦବ ! ଆସ ଆସ, ଭିତରକୁ ଆସ ।"

ସାମାନ୍ୟ କଥାଭାଷା ଓ ଜଳଯୋଗ ପରେ ଯାଦବ କଲେଜ ବାହାରିଲା । ମାଉସୀ ଅଭିମାନ କଲେ—"ଏମିତି ହେଲେ ମଣିଷ ଆସନ୍ତି ? ଆମେ ଅଛୁ —ଆପଣାକୁ ପର କରିଦେଲ—ଏଇଠି ଥାଅ ଦିନେ ଆସ ନାହିଁ—ଆଜି ଆଇଲ ଯେ ପୁଅଟା ହିଁରେ ହୋଇ ବସି ଖାଇଲା ନାହିଁ ଗଣ୍ଡିଏ । ଆଜି କଲେଜ ନଗଲେ କଣ ହୁଅନ୍ତା ନାହିଁ ? ଆଲୋ ଝିଅ, କୁଆଡ଼େ ଗଲୁ ସେ ଝିଅଟା ତାର ବି ଖାଇବାକୁ ମନ ନାହିଁ । ତମେତ ବହୁତ ଦିନ ହେଲା ତାକୁ

Digitized by srujanika@gmail.com

ଦେଖିନଥିବ ଯାଦବ, ସେ ବୋର୍ଡିଙ୍ଗରେ ଥିଲ, ଝିଅ ମୋର ହେଠି ଶୁଖି ଶୁଖି ଗଲ, ମୁଣ୍ଡରେ ବେତାଏ ଉକୁଣୀ ନେଇ ଆସିଲ ବାହାରି । ତା ଗୋଡ଼ ତ ତଳେ ପଡ଼ିବ ନାହିଁ ଦେଖିଲେ, କମି ଫୁଲେଇଟିଏ କି ସିଏ—ଏଇ ପରେ ନ ପଚାରୁ ! ଝିଅଟି ଆସିବଟି, ମୋ ରାଣ, ଖାଇକି ଯାଇନା, କଷ୍ଟେ ଝିଅଟି ଆସିବଟି ?"

ସାତ

କ୍ଲାସ୍ ଆରମ୍ଭ ହୋଇଯାଇଥିଲ, ଏମ୍. ଏ. କ୍ଲାସ୍, ପୁଣି ଯୁଗ ଧାସରେ ଉଭେଇ ଯାଉଥିବା ଇଂରେଜି ସାହିତ୍ୟର କ୍ଲାସ୍, ପୂର୍ବ ଗ୍ରୁପ ସବୁଦିନେ ହୁଅନ୍ତି ନାହିଁ । ଅଭିନୟ କଲାପରି ଅଧ୍ୟାପକ ବକ୍ତୃତା ଦେଇ ଯାଉଛନ୍ତି, ବିଷୟ ରୋମାଣ୍ଟିକ୍ କବିତା, ଯୁଦ୍ଧୋତ୍ତର ଦଳାଦଳି ଅଭାବ ଅନାଟନଠୁ ବହୁତ ଦୂରରେ ସେ, ଯେତେବେଳେ ଫ୍ଲୁଟେଡ୍ ଥିଲ, କବି ଓ୍ୱାର୍ଡସ୍‌ଓ୍ୱର୍ଥ କୋଇଲିର କୁହୁ ଶୁଣି ପ୍ରଶ୍ନ ପଚାରୁଥିଲେ, "କହ କୁ କୁ, ତତେ ଚଢ଼େଇ କହିବି କି ଅଶରୀରୀ ସ୍ୱରହିଁ କହିବି ?" କବି କୋଲରିଜ୍ ଅହିଫେନର ମଧୁରିଆ ନିଶାରେ ମାତି ଗୋଟାଏ ମଲା ଚଢ଼େଇ ବିଷୟରେ ଗାଇ ପାରୁଥିଲେ କଥିଁଲ ମରମଭରର କାବ୍ୟ । କବି କୀଟସ୍ ଜଣେ ଅସ୍ତ୍ରଚିକିତ୍ସାକାରୀ ଡାକ୍ତର ହୋଇ ଯୁବା ସୁନ୍ଦରୀର ମୁକୁଳା ବାଳକୁ ସ୍ମରଣ କରି ବେହୋସ ହୋଇପାରୁଥିଲେ । କବି ଶେଲି ପବନରେ ବୁଲୁଥିଲେ ଆକାଶଯାକ – କେବେ ଭରଢିଆ ପକ୍ଷୀର ଡେଣାତଳେ, କେବେ ମେଘବାହାନରେ, କେବେ ତୋଫାନ ସଙ୍ଗେ, ବିଶ୍ୱର ବଡ଼ ବଡ଼ ସୃଷ୍ଟିକୁ କରିପାରୁଥିଲେ ଭାବର ମୃଣ୍ମୟୀ ମୂର୍ତ୍ତି । ତରୁଣ ଅଧ୍ୟାପକ କରୁଣ ଭଙ୍ଗୀରେ ଚାଳିଯାଉଛନ୍ତି ରୋମାଣ୍ଟିକ୍ କବିତା । ଯାଦବ ଅଟକି ଠିଆହେଲ । ସେପାଖେ ସୁପ୍ରଭା ବସିଛି ସଖୀ ମେଳରେ । ସୁପ୍ରଭା ଆଖିପତା ବି ଥରେଇଲ ନାହିଁ । ଯାଦବ ଧୀରେ ପଶିଯାଇ ଚାଲିଗଲ ପଛକୁ ।

ରୋମାଣ୍ଟିକ୍ କବିତାକୁ କଳାପଟା ପାଖେ ଛାଡ଼ିଦେଇ ପଛଆଡ଼େ ବସିଛି

Digitized by srujanika@gmail.com

ଗପ । ନାଟ୍ ମଟ୍ ଏକାଠି ମୁହାଁ ଯୋଡ଼ନ୍ତନ୍ତି, ଗୃକର ପାଇଁ ଦରଖାସ୍ତ ଦେଇ ଆସିଥିଲେ, ବଡ୍ଡବଡ୍ଡ ବେଲର ମୁହାଁମୁହାଁ ନିମନ୍ତ୍ରଣ କାଗଜ ମିଳାଛୁ, ପ୍ରଶ୍ନ ହେଉଛି ଯେଉଁ ସେମାନେ ପଗୃଣ ପାରନ୍ତି କଅଣ, କ କ ବିଷୟରେ ପ୍ରସ୍ତୁତ ହୋଇଗଲେ ଗୃକିରିଟା ନିଧାର୍ଯ ମିଳିବ—କମ୍ ନୁହେଁ, ଶହେ ଟଙ୍କାରେ ଆରମ୍ଭ । ଆରପାଖେ, ଚୂନିଲାଲ ଅଗରୱାଲକୁ ବେଢ଼ି ଗୋଟିଏ ଗ୍ରୁପଦଳ, ନଗେନ୍, ଖଗେନ୍, ନମାଜ ଓ ହରମୋହନ । ଆଲୋଚ୍ୟ ବିଷୟ ବ୍ୟବସାୟ । “ଏଇ ଯାଦବ ବାବୁ ଆସିଲେ ଏତେ ଡେରିରେ । ବାବା, ଇଂରେଜ ତ ଚାଲେ ଉଠିଯାଉଛି ଆଉ ତା ପ୍ରତି ଏତେ ମମତା ବା କାହିଁକି ? ଆସନ୍ତୁ ଯାଦବ ବାବୁ, ପାନ ନିଅନ୍ତୁ, ହାମର୍ କଥା ପଡ଼ିଥିଲା ଦୁନିଆଁରେ ବେକୁଫ କିଏ କିଏ । ପ୍ରଥମ ବେକୁଫ୍ ଯେ ଆଜିକାଲି ପଇସା ଖର୍ଚ୍ଚ କରି ପାଠ ପଢ଼େ, ଫ୍ରୀରେ ପଢ଼ିପାରିଲେ ସେ ତ ଦୁସ୍ରା କଥା । ଦ୍ଵିତୀୟ ବେକୁଫ୍ ଯେ ଏମ୍. ଏ. ପଢ଼େ, ଗୃକିରିରେ ବି କାମ ଦେବ ନାହିଁ । ମ୍ୟାଟ୍ରିକ୍ ଫେଲ ହୋଇକରି ଲୋକେ ଡିଷ୍ଟ୍ରିକ୍ଟ ମ୍ୟାଜିଷ୍ଟ୍ରେଟ୍ ହେଲେଣି, ଟଙ୍କାରେ ତ ବହୁତ କାଫି । ଆଉ ତିସ୍ରା ବେକୁଫ୍, ବୁଝିଥାଇ ଜାଣିଥାଇ ଯେ ବେପାର ଛାଡ଼ି ପରର ନୌକରି କରେ । ଆଃ, ଶୁଣନ୍ତୁ ନା, କିଏ ନୋଟ୍ ଖାତା ବାହାର କଲେ, ସେ ନୌକରି କରିଛୁ ମେ ପାଠ ଗାଇଯିବ ନକଲେ ମାସକୁ ତାର ଦେଢ଼ଶ ଟଙ୍କା ସେ କମାଇବ କି ପରି ? ଆଉ ଦର୍ଶ୍ମାଡ଼ିଣ ଭି ତ କେହ୍ଵଦେଇଛୁ ଯେ ବେଟା ପଢ଼ାଏ ସେ ନିର୍ଭ୍ରମ୍ ବେକୁଫ୍ —ଯେ ନକାଣେ ସେ ପରକୁ ପଢ଼ାଏ, କି ନାହିଁ ?”

“କହନ୍ତୁ କହନ୍ତୁ ଚୂନିଲାଲବାବୁ, କଥା ବନ୍ଦ ହେଲା, କିଏ କହୁଥିଲେ ପସ୍ ବାଲ୍ନି କରେଇ କେମିତି ହେବ ? ହୁଁ ।”

“ଆରେ ଖଗେନ୍ ବାବୁ; ଆପଣ ଏତେ ତରବର ହେଉଛନ୍ତି କାହିଁକି ? ପନ୍ଥଲେ ତ ଏକ ରୋଲିଂ ମେସିନ୍, ଏକ୍ ଲେଥ୍ ମେସିନ୍ ଲଓ ତବ୍ ପୁଚ୍ନା । କିଏ ଏଥିରେ କଷ୍ଟ କାମ ଅଛି ? ଦଶପାଞ୍ଚଜଣ ଏକାଠି ହେଲେ ଟଙ୍କା ବାହାରିଲା, ଜିବା ଟଙ୍କା—କିଏ ଲାଖ୍ କି କରୋଡ଼୍ ?”

“ପ୍ଲୀଜ୍”···ସେପାଖରୁ ଆପତ୍ତି ଆସିଲା, “ବଡ୍ର ଡିସ୍ଟର୍ବାନ୍ସ ହେଉଛି, ରୋମାଣ୍ଟିକ୍ ପୋଏଟ୍ରୀ ସେତେ ସହଜ ନୁହେଁ ଭାଇ,” ହେଇ ମହିରେ ଥୋଡ଼ାଏ ମିସ୍ କରିଗଲି ।”

Digitized by srujanika@gmail.com

"ତବ୍ ଥୋଡ଼ା ଝିସ୍‌ମିସ୍ ଖାଲେ । ରଘୁବାବୁ ଓ ରଘୁବାବୁ; ଆମର କରେଇ ବାଲ୍‌ଛି କଥା ପଡ଼ିଛୁ । ଆପଣଙ୍କ ରୋମାଣ୍ଟିକ ପୋଏଟ୍ସ୍, ସେଠି ଦରକାର ନାହିଁ ବିଲ୍‌କୁଲ୍ । କଣ ତାକୁ କରେଇରେ ଖଜବା ନା ବାଲ୍‌ଛିରେ ଛାଲବା ?"

ସେପାଖରୁ ଅଧ୍ୟାପକ—"ସାଇଲେନ୍‌ସ ପ୍ଲିଜ୍"

"ସ୍ପେସ୍ ପ୍ଲିଜ୍"

"ନୋ ପ୍ଲିଜ୍ ।"

"ଓଃ, ଓଡ଼ିଆରେ ବୁଝେଇଦଉଚ—ଶାନ୍ତ ଶାନ୍ତ ଶାନ୍ତ ।" ସେପାଖରୁ ମହଲା ମହଲରୁ—"ନନ୍‌ସେନ୍‌ସ ।"

ଗୃହୋଲ୍ ହାସ୍ୟରୋଳ । ଦୁର୍ଭାଗ୍ୟବଶତଃ ଜଣକର ନା ଶାନ୍ତ, ମୁହଁ ଝାଳେଇ ଯାଉଚ । ଗୋଳମାଳକୁ ଭ୍ରୂକ୍ଷେପ ନକରି ଅଧ୍ୟାପକଟି ପଢ଼େଇ ଯାଉଚନ୍ତି, ପରିଧେୟ ସାହେବ ପୋଷାକ, ତୁଣ୍ଡରୁ ଇଂରେଜୀ ଅନର୍ଗଳ, କିନ୍ତୁ ସାଧାରଣ ଭାରତୀୟର ସ୍ୱପ୍ନିଳତା ଉଛୁଳି ପଡ଼ୁଛି ମୁହଁରେ, ଆଖିରେ ଚଉଡ଼ା କପାଳ ଉପରର ଅଲଗା ବାଳରେ । ଚିତ୍ରମାତୃଦତ୍ତ ଅଧ ଗୋରା ରଙ୍ଗ ତାଙ୍କର ଜାତୀୟ ଭାବୁକତାକୁ ଲୁଚେଇପାରୁନାହିଁ ।

"ଏଇ ଇଂରେଜ ଜାତି"...ନମାଜ କହିଲ, "ସେ ଦଣ୍ଡୀଧର ବଟେ, ଦଣ୍ଡୀଧର ଶାସନ କରେ, ପୁଣି ଲେଖେ ରୋମାଣ୍ଟିକ୍ କବିତା; କିନ୍ତୁ କେତେ ଦୂର ତାର ଜାତିର ଲୋକ ବୁଝନ୍ତି ତାର କବିତାର ଭାବ ? ରୋମାଣ୍ଟିସିଜମ୍ ବିଳାତ ଉପରେ ଅଦ୍ଭୁତ ପୂର୍ବଦେଶର ଗୁଛ; ତେଣୁ ଆମେ ତାକୁ ଯେତେ ବୁଝୁଁ ସେମାନେ ତା ପାରନ୍ତି ନାହିଁ ।"

"ଅବିକଳ ବଙ୍ଗଦେଶର ଲୋକେ ରବିଠାକୁର ବୁଝିଲା ପରି ।" ହର-ମୋହନ କହିଲା ।

"କଣ ହେଲା ବଙ୍ଗ ଦେଶର ଲୋକଙ୍କର ?" ନଗେନ୍ ଝେଙ୍କିଲା । ତା ଘର ଉତ୍ତର-ବାଲେଶ୍ୱରରେ । "ବଙ୍ଗ ଦେଶର ଲୋକେ ରବିଠାକୁର ବୁଝନ୍ତି ନାହିଁ ତ ବୁଝେ କିଏ ପଗ୍ଗୁର ?"

Digitized by srujanika@gmail.com

"ବୁଝିବା ଅସମ୍ଭବ କାରଣ ସେ ଦେଶର ସନ୍ଧ୍ୟାସନ୍ଧ୍ୟା ମାଟିରେ ରବି-ଠାକୁର ଥିଲେ ଆନାଡନକମ୍ । ଏକ ଦୁଇ ତିନ ଚାରି ଯେଉଁଠି ସାଧାରଣ ଛନ୍ଦ ସେଠି ରବିଠାକୁର ବୁଝିବା ଅସମ୍ଭବ; ଏଇ ଶୁଣ—"ତାପରେ ହରମୋହନ ଫୁଟ୍‌କି ଫୁଟେଇ ଆବୃତ୍ତି କଲା—

"ଏଇ ଖାନେ ଏଇ । ତରୁତଳେ
ତୋମାୟ୍ ଅମାୟ୍ । କୁତୂହଳେ
ଜୀବନେର୍ ବାକୀ । ଯେ କଟା ଦିନ୍
କାଟିଏ ଦେବ । ଅବହେଳେ
ତାଧିନ୍‌ଧିନ । ଧେଇକ୍ ନାଚ ।"

ନଗେନ୍ ଖେପ୍‌ପା ହେଲା । କହିଲା, "ତାହେଲେ ଚଣ୍ଡୀଦାସଙ୍କୁ ବି ଆନାଡନକମ୍ କହିବ ?"

"ଆରେ ଚଣ୍ଡୀଦାସ ତ ଖାଣ୍ଟି ଓଡ଼ିଆ, ତାଙ୍କର ପଦବୀ ପରି 'ବଡ଼ୁ' ! ବଡ଼ୁ, ଗରବଡ଼ୁ ଏସବୁ ଓଡ଼ିଆ ସଂଜ୍ଞା ନା ବଙ୍ଗାଳୀ ସଂଜ୍ଞା, ହେଁ ।"

"ଦେଖନ୍ତୁ ଆପଣଙ୍କେ ଅଥଣ୍ଟି ।"

"ଅଥଣ୍ଟି ଅଦ୍ୟାପି ବଞ୍ଚିଛନ୍ତି; ଇଚ୍ଛା ହେଲେ ଦେଖାକରିପାର—ରମା ବଲ୍ଲଭ ମହାନ୍ତି—ପ୍ରକାଣ୍ଡ ଚୁଟି, ବିରାଟ ବଟୁଆ, ବିଶାଳ ମାଳି—ଜନସ୍ପୃହ୍ ।"

ନମାଜ ବାଧାଦେଲା, କହିଲା, "ବଡ଼ ଅପ୍ରୀତିକର ଅଶୋଭନ ଏ ତର୍କ । କବି କୌଣସି ଦେଶରନୁହେଁ, ସାରା ମନୁଷ୍ୟଜାତିର । ଆମ ଉର୍ଦ୍ଧ୍ୱରେ ଗୋଟିଏ କଥା ଅଛି ।" ହରମୋହନ କହିଲା, "କିନ୍ତୁ ରବିଠାକୁର୍ ଲଣ୍ଡନରେ ପହଞ୍ଚି କଣ କହିଥିଲେ ଜାଣନ୍ତି, କହିଲେ – ଅମି ବାଂଲାର କବି –"

ନଗେନ୍ କହିଲା, "ଆଉ କଣ କହନ୍ତେ ?"

"ଆଉ, ଯେ ଯାହା କହୁ ।" ନମାଜ କହିଲା, "ଅମର ବିଶ୍ୱାସ କେହି ଛଡ଼େଇ ନେଇପାରିବେ ନାହିଁ । ଇବ୍‌ସେନ ତାଙ୍କୁ ଗ୍ରହଣ କରିଥିଲା ଇଉରୋପର କବି ବୋଲି । ରୋମାରୋଲା ଗ୍ରହଣ କରିଥିଲେ ଫ୍ରାନ୍ସର କବି ବୋଲି ।

Digitized by srujanika@gmail.com

କିବା ସବୁ ଦେଶର ବନ୍ଧୁ, ସ୍ୱପ୍ନ। ଭଳେ ହୋଇପାରେ, ସ୍ୱବ ସମାନ ।"

"କିନ୍ତୁ ବଙ୍ଗ ଦେଶରେ –" ଝଗେନ୍ ଘା ଦେଲା ।

"ଓଃ, ଥାଉ ସ୍ୱଇ ବଙ୍ଗ ଦେଶ ଓଡ଼ଶା ଦେଶ ।"

ତେଣୁ ପୁଣ୍ୟଆସି ଚୁନ୍ନିଲାଲ୍ ଅଗରଓ୍ୱାଲ ତର୍କରେ ଯୋଗ ଦେଲା, କହିଲା "ଦେଶ କଥା ହାମ୍‌କୋ ସ୍ୱଇ ପୁଚ୍ଛେ । ଯୋଉଠି ପର୍ମିଟ. ଯୋଉଠି ବେପାର ସେଠି ଆମର ଦେଶ । ହଁ।, ମାରଓ୍ୱାଡ଼ୁର୍ ଝଣ୍ଡା ଟାଙ୍ଗାରହେ । ଛାଡ଼, କାହିଁକି ଏସବୁ ଗପ ପଢ଼ୁଛୁ ? ଏଥିରୁ କିଛୁ ମିଳିବ ? ବରଂ ଚାଲଓ ଗ୍ରେଲିଂ ମେସିନ୍, ଢ଼ାଲ ବାଲ୍‌ଟି ।"

ବିରକ୍ତ ହୋଇ ଯାଦବ ତାର ନୋଟ୍ ଖାତା ଉପରୁ ମୁହଁ ଉଠେଇଲା । କହିଲା, "ଚୁନ୍ନିଲାଲ ବାବୁ, ଆପଣ ଯଦି ସାହିତ୍ୟ ପ୍ରତି ଏତେ ବୀତସ୍ପୃହ ତେବେ ସମୟ ନଷ୍ଟ କରି ଏମ୍. ଏ. ପଢ଼ି ଆସିବାର କି ପ୍ରୟୋଜନ ?"

"ପ୍ରୟୋଜନଟା ମୋର ନୁହେଁ ଆଜ୍ଞା, ବାପାଙ୍କର । ଜାଣନ୍ତି ତ ଯାହାର ଯାହା ନାହିଁ ସେ ତାକୁହିଁ ଝୁରେ । ତେଣୁ ବାପାଙ୍କର ଏ ଗୋଟାଏ ଖିଆଲ । ପିଲାଦିନେ ଯାହା ସେ କରିପାରିନାହାନ୍ତି ତା ବର୍ତ୍ତମାନ କରୁଚନ୍ତି, ତେଣୁ ନାଁଟା ସିନା ମୋର, ଏକ ସାଙ୍ଗରେ ଏମ୍. ଏ. ଲ. ପଢ଼ିବାର ଦାୟିତ୍ୱ ଓ ଗୌରବ ଉଭୟହିଁ ବାପାଙ୍କର, ମୁଁ ଖାଲି ନିମିତ୍ତମାତ୍ର ।"

ଚୁନ୍ନିଲାଲ ହସିଲା, ତାର ଥଲ୍ଥଲପେଟ ନାଚନାଚକା ହେଇଗଲା ହସର ଗୁଡ଼ାଏ ଢ଼େଉ ଧରଯାକ । ସମସ୍ତେ ଜାଣନ୍ତି ଚୁନ୍ନିଲାଲ୍ ମେଧାବୀ ଏବଂ ପଢ଼ା ଶେଷରେ ବିଲାତ ଯିବାର ବାସନା ରଖେ, ଯଦିଚ ବାହାରେ ଏ ଗୋଟାଏ ତାର ଛଇ । ବନ୍ଧୁତା ସରିଆସୁଥାଏ, ଏଣିକି ପ୍ରଶ୍ନୋତ୍ତରର ବେଳ । ଚୁନ୍ନିଲାଲ୍ ଉଠି ଠିଆହେଲା, ସତେକି ତାର ବାଲ୍‌ଟି କରେଇ ମିଲ୍ ବିଷୟରେ ଝଟେ ପର୍ମିଟ୍ ମାଗିବ । ଠିଆହେଲେ ତାର ଭଙ୍ଗୀ ଦେଖି ସମସ୍ତେ ହସନ୍ତି । ପଚାରିଲା, "ଏଇ ଯେଉଁ ରୋମାଣ୍ଟିସିଷ୍ଟ କବିତା ତାକୁ ଶଅଲିଷ୍ଟ ବୋଲି କହିଲେ କିଛି ଆପତ୍ତି ଅଛି କି ? କେଉଁଠି ଏ ଦୁଇଟା ମଝିରେ ବାଡ଼ ? ଏବଂ କବିତା ଯଦି ଜୀବନର ସତ୍ୟହିଁ ହୁଏ ତେବେ ଜୀବନର କେଉଁ ଦିଗଟା ହେବ

Digitized by srujanika@gmail.com

ରୋମାଣ୍ଟିସିଷ୍ଟ ଓ କେଉଁ ଲୋକଟା ହେବ କ୍ଲାସିଷ୍ଟ ?"

ସାର କହିଦେଇ କୋଠରୀ ଭିତରେ ହାତ ହଲେଇ ଦେଲେ। ଗୋଟାଏ ଫାଳେ ଛାତ୍ରୀଦଳ ବସିଛନ୍ତି। କୋଡ଼ା ଝେସ ଝେସ୍ କରି ଖାତା ଝେସ୍ ଝେସ୍ କରି ପ୍ରଶ୍ନର ଭଙ୍ଗୀ ବତୁଛରେ ସେଦିଗରୁ ଆପତ୍ତି ଉଠୁଛି, ମୁହଁ ବଙ୍କା, ସମ୍ଭୋଗ ଲୁଚିରଖା ହସର ଫୁସ୍ ଫୁସ୍। କହିଦେଇ ବସିପଡ଼ି ବନ୍ଧୁମାନଙ୍କ ଆଗରେ ଆପଣାକୁ ପ୍ରଚୁର ସାବାସ୍ ଦେଲି – "ଓଡ଼ିଶାରେ ମଧୁମାଛି – ଅର୍ଥାତ୍ ବୁଢ଼ୀ। ଦେଖିଛୁ ଛାତ୍ରୀଙ୍କ ସଦର ମିନଟ୍। ତାପରେ ତ ଢଂ ! ବେଶ୍ ଏଥର କଥା ପଡ଼ୁ।"

ଅଧ୍ୟାପକଙ୍କ ଉତ୍ତରକୁ ଅପେକ୍ଷା ନକରି ସେତେବେଳେ ଚୂନିଲାଲ୍ ତାର ଖାତାରେ ମନଦେଲା ସାଦର ବୁଝିଲା ଆଲୋଚନାରେ। ଏଥି ତାର ବେଳ, ସେ ପାଠ ବିଷୟରେ ଟିପ୍ପଣୀ ସଂଗ୍ରହ କରିବ, ଅନ୍ୟାନ୍ୟ ବହିର ନାଁ ଗାଁ ଲେଖିନେବ, ତାପରେ ସେ ଲେଖିବ ପ୍ରବନ୍ଧ। ବହୁ ଯୁଗରୁ ସାହିତ୍ୟରେ ଏ ଅସଲ କଳିମର୍ଜ୍ଜି 'ରୋମାନସ୍' ଓ 'କ୍ଲାସିକ୍ସମ୍' ବିଷୟରେ ବାଦବିତଣ୍ଡା। ହରମୋହନ ଟ ଖାତାରୁ ମୁଣ୍ଡ ଉଠେଇଲା। ସମାଲୋଚକ ହେବାକୁ ତାର ଝୁଙ୍କ କମ୍ ନୁହେଁ ଏବଂ ମୁହେଁ ମୁହେଁ ସେ ମାସିକପତ୍ରର ଲେଖକମାନଙ୍କର ଓ ଆଧୁନିକ ସାହିତ୍ୟିକମାନଙ୍କର ପଦେ ପଦେକେ ଖୁଣ କାଢ଼େକରେ, ସମ୍ଭବ ପରୀକ୍ଷାରେ ନମ୍ବର ପାଏ କମ୍ – "ମହାନ୍ତି ! ସେ ଇନସିପିଡ୍। ମାନସିଂ ! ସେ ଏସ୍ଥେଟିକ୍। ମହାପାତ୍ର ! ସେ ଏଫାର୍ଭେସେଣ୍ଟ। ନନ୍ଦ ! ସେ ମଡ଼ଲିନ୍।"

ଏହାପରେ ତାର ସାରଗର୍ଭକ ମନ୍ତ୍ର। ଥାଇ ଥାଇ ସେ ଚିତ୍କାର କଲା, "ପ୍ରକୃତରେ ତ ସାର୍ – କ୍ଲାସିକ୍ସମ ଓ ରୋମାନସ୍ – କାହିଁ ଅଷ୍ଟେଟିକ୍ସଙ୍କ ପୋଏଟ୍ରିକ୍ସ ବହିରେ ସେଥିରୁ ଭେଦ କହୁଛି ଲେଖାନାହିଁ ! ଯଦି ଏ ପ୍ରଶ୍ନର ଉଦାହରଣ ଉପରେ ସ୍ଥିର ଅର୍ଥ ନିରୂପିତ ହେବ ତେବେ ମୁଁ ପଚାରେ— ଧୂପ ବତିଟି କ୍ଲାସିକ୍ସମ୍ ନା ରୋମାନସ୍ ?"

ବେଶ୍-ବେଶ୍-ବେଶ" ପଛଆଡ଼୍, ମନ୍ତବ୍ୟ ଶୁଭିଲା ଏବଂ ଛାତ୍ରୀମାନଙ୍କ ଅଞ୍ଚଳରେ ଚହଲ ପଡ଼ିଲା ବହୁତ, ଯଦି ଲାଜ ମୁହଁ, ଝାଙ୍କୁଆ ମୁହଁ, ଦାନ୍ତରେ

Digitized by srujanika@gmail.com

ଜାନ ବା ଚଟାଣରେ ଚଟି ଘୋସରକୁ ଚହେଲ ବୋଲି ଶୁଣାଯାଏ । ତରୁଣ ଅଧ୍ୟାପକ ତାର ଉତ୍ତର ଦେଉଥାନ୍ତି—“ଶୁଣନ୍ତୁ, କବି ଲେଖେ କବିତା ସେ ତାର ଅନ୍ତରର ଅନୁଭୂତିରେ ଜୁଡ଼ୁବୁଡ଼ୁ…”

ପଢ଼ଆଡ଼୍ – ମଡ଼ାଲନ୍”

ତାର ଉଚ୍ଛ୍ୱାସରେ ଥରଥର –”

“ହ୍ୱଶ୍…ଗ୍ଲୋଃ”

“ତାର ଆଶା ନିରାଶା, ହସକାନ୍ଦମସ୍ତ ଉଠପଡ଼ ଜୀବନର ଅଲଭ୍ୟ ଭାଷା, ସେ ତାର ଜୀବନର ଚରମ ସତ୍ୟ, ତାର ନାଲି ରକ୍ତରେ ଧଅର ସଜାସଜ ଗୋଲାପର ପାଖୁଡ଼ା ଗୋଟି ଗୋଟି । ଭାଷା ଖାଲି ସଙ୍କେତର ଧ୍ୱନି, କବିତା କବିର ଜୀବନର ସଙ୍କେତ ପଦେ ପଦେ, ତେଣୁ ସେ କାବ୍ୟର କବିକୁ ସତ୍ୟ, ସେ ତାର ରିଅଲିଜିମ୍ । କିନ୍ତୁ ଆମେ ଏ ଦୁନିଆଁର ଦଶଲୋକେ ଅମୁକୁ କଣ ସେ ? ଆମେ ସେ ଉଚ୍ଛ୍ୱାସରେ ସ୍ପନ୍ଦିତ ହୋଇନଥାଉଁ, ଆମର ନାହିଁ ସେ ରଙ୍ଗ ପାଇଁ ଆଖି, ସେ ସଙ୍ଗୀତ ପାଇଁ କାନ । ଅମୁକୁ ମୋଟାମୋଟିରେ ସେ ଗୋଟାଏ ପ୍ରକାର, ସାଧାରଣ ମଣିଷର ତର୍କବାଦୀ ସମାଲୋଚନାରେ ଆମେ ତାକୁ ଶ୍ରେଣୀ ବିଭାଗ କରୁ, କହୁ ଏଥିରେ ସ୍ୱପ୍ନ ଆଦର୍ଶ ଅଛି, ଅଛି ମାୟା କୁହୁଡ଼ିର ରଙ୍ଗରଙ୍ଗର କଣିକା, ଅଟତର ଦ୍ୟୋତନା ଅଛି ଧ୍ୱଂସସ୍ତୂପର ବୁନିଆଦ ଅଛି, ସେ ରୋମାଣ୍ଟିସିଜିମ୍ । ଯେଉଁଥିରେ ତା ନାହିଁ ଅମେ ତାକୁ କହୁଁ ରିଅଲିଜିମ୍ । କିନ୍ତୁ ଜୀବନ କଳାକୁ ଅନୁକରଣ କରେ ଏବଂ ଜଣକର କବିତାର ମାୟାକୁହୁଡ଼ି ହୋଇପାରେ ଅନ୍ୟଜଣଙ୍କର ବାସ୍ତବ ଜୀବନର ଗ୍ରନ୍ଥି ପାଇଁ ଉପାଦାନ । ଜଣକୁ ଯାହା ରୋମାଣ୍ଟିସିଜିମ୍ ଅନ୍ୟ ଜଣେ ଅନୁଭୂତିରେ ବଞ୍ଚି ପ୍ରମାଣ କରିପାରେ ତାହା ରିଅଲିଜିମ – ନାନା ହୃଦୟରେ କବିର ପୁନର୍ଜନ୍ମ ଘଟେ, ଜୀବନ ସହିତ ସମାନ ଛନ୍ଦ ରଖିଲେ ରିଅଲିଜିମ୍ ବା ରୋମାନ୍ସ ଏ ଶ୍ରେଣୀବିଭାଗ ଉଠେ ନାହିଁ, ଏ ବିଭାଗ କେବଳ ଅସମ୍ପୂର୍ଣ୍ଣତା ପାଇଁ । ସତ୍ୟର ଫଙ୍କାଭେଦ ନାହିଁ, ସତ୍ୟର ସମତଳ ଉପରେ ରୂପ ମଧ୍ୟ ପାର୍ଥକ୍ୟ ହରାଏ, ରୂପ ରସ ଗନ୍ଧ ବିଲୀନ ।”

“ବ୍ୟୋମ !”

Digitized by srujanika@gmail.com

ତାପରେ କଣ ଯାଦବ ସେ ବକ୍ତୃତାକୁ ଲେଖିନେଉଥିଲା, ପଛଆଡ଼ୁ ବ୍ୟୋମ ଓ ହସ ଶୁଣି ବିରକ୍ତହୋଇ ମୁହଁ ବୁଲେଇ ଦେଖିଲା, ଚୁନିଲାଲ୍ ହସୁଛି । ଅଧ୍ୟାପକ ନୀରବ । ଉଚ୍ଛ୍ୱାସର ଗୁଡ଼ାଏ କହିସାରି ସେ ମୁହଁ ପୋଛୁଛନ୍ତି । ଗ୍ଲବୀମହଲରେ ଦିଶୁଛି ଅସମ୍ପୂର୍ଣ୍ଣ ଲେଖା ମଝିରେ ବକ୍ତ୍ର ମୁହଁର ଭଙ୍ଗୀ ।

ହଠାତ୍ ଘଣ୍ଟା ବାଜିଲା । ବକ୍ତୃତାର ଅଧା କୁହା କଥା ଅକୁହା ରହିଗଲା, କ୍ଲାସ୍ ଭାଙ୍ଗିଗଲା । ସମସ୍ତଙ୍କ ପଛରେ ମାଣ୍ଟେଇ ସୁପ୍ରଭା ଆଗେଇ ଗଲା ଯାଦବପାଖକୁ । କହିଲା, "ଦେବେ କି ଖାତା ଟିକେ, ମୁଁ ଲେଖିଛି ଏଠିକି ହୂଁ-ଜୀବନ କଳାକୁ ଅନୁକରଣ କରେ ଏବଂ—ତାପରେ ?"

ଯାଦବ ଖାତାଟି ବଢ଼େଇଦେଲା । ସୁପ୍ରଭା କହିଲା, "ଇଃ, କି ତରବରରେ ଲେଖିଛନ୍ତି ! ପଢ଼ି ଦିଅନ୍ତୁନା, ମୁଁ ପଢ଼ିପାରୁନାହିଁ ।" ଗମ୍ଭୀର ହୋଇ ଯାଦବ ପଢ଼ିଗଲା ହେଉଠୁ ଶେଷଯାକେ, "ଜଣକର କବିତାର ମାସ୍ଟାକୁହୁଡ଼ି—"

"କି ଅଦ୍ଭୁତ ଆପଣ ! ହସି ଆସେ ନାହିଁ ! ହଉ ଥାଉ, ଖାତାଟି ରହିଲା, ଫୋର୍ଥ ପିରିୟଡ୍ ପରେ ପାଇବେ, ଯାଏଁ ।" ଚାଲିଗଲେ ପରେ—"ଗୋଟାଏ ସ୍ତ୍ରୀ ଉପାଧି, ପ୍ରାଚୀନ", ଚୁନିଲାଲ ଠିଆହୋଇଛି । ଯାଦବ ବୁଲିଲା । ଚୁନିଲାଲ କହିଲା—"ଖାତା ବଦଲ ଓ ଖାତାର ପାଖୁଡ଼ା ତଳେ···"

ନଶୁଣିଲାପରି ଯାଦବ ମୋହିଲା ଲାଇବ୍ରେରୀକୁ ।

ଆଠ

ଅଢ ବିଷ୍ଣାଦରେ ସେ କହିଦେଇଗଲା—"କି ଅଦ୍ଭୁତ ଅପଣ ! ହସି ଆସେ ନାହିଁ ।" ଅଢ ନବୁଲେ ସେ ବିଷ୍ଣାଦ, ଧୈର୍ଯ୍ୟର ଚୁଲିକେଇ ଜଳ

Digitized by srujanika@gmail.com

ଋତ । ସେ ନରେ୍ଲୋରେ ସ୍ୱପ୍ନ ଉଏଁ, ଫେର୍ ମିଳେଇଯାଏ ଆଉ ଗୋଟାଏ ସ୍ୱପ୍ନରେ । ତାର ଅବୟବ ନାହିଁ, ନିର୍ଦ୍ଦିଷ୍ଟତାର ବନ୍ଧନ ନାହିଁ, ସେ ଅନୁଭୂତ । ଗୋଟାଏ ପ୍ରକାରର ଭଙ୍ଗୀରେ ଦେହ ଯନ୍ତ୍ର ନିଶ୍ଚଳ ହୋଇ ପଡ଼ିରହେ କେତେବେଳ, ତାର କେଉଁ କେନ୍ଦ୍ରରେ ବାଜୁଥାଏ ଉଦାସୀ ତୋଫାନର ସଙ୍ଗୀତ, କେଉଁ କେନ୍ଦ୍ରରେ ଅଙ୍କି ହେଉଥାଏ ଅକୁହା କଥାର ଅଦେଖା ଛବି । ଯାଦବ ବହି ଉପରେ ମୁହଁ ଢାଳିଦେଇ ବସିଥାଏ ।

ଏମିତ କେତେ ଲୋକ ଆସନ୍ତି ଏହି ମନ୍ଦିରକୁ, ଚେଇଁ ଚେଇଁ ସ୍ୱପ୍ନ ଦେଖନ୍ତି । କେତେ କୈଶୋରର ସ୍ୱପ୍ନର ଧାସ ରଙ୍ଗେଇ ଦେଇଯାଏ ପୁରୁଣା ବହିର ପୁରୁଣିଆ ହଳଦିଆ ପୃଷ୍ଠାକୁ, ସ୍ୱପ୍ନ ନିଭିଯାଏ, ମଣିଷର ଜୀବନର ପୃଷ୍ଠା ପୁଣି ହଳଦିଆ ହୋଇ କେବେ ଗୁଣ୍ଡା ହୋଇ ଝଡ଼ିପଡ଼େ । ଯାଦବର ଦେହ ପୁରାତନ ପଢ଼ିବାର ଭଙ୍ଗୀ । ବାସ୍ତବତାର କର୍କଶ ବଳ୍କଳ ଫୋପାଡ଼ି ଦେଇ ଅମଡ଼ା ମାଡ଼ି ଧାଇଁ ପଳାଇଛି ତାର ଆତ୍ମା, ସେ ଅଧ୍ୟାପକଙ୍କ ବକ୍ତୃତାକୁ ବିଶ୍ଳେଷି ଦେଖୁନାହିଁ, କେବଳ ଅନୁଭବ କରୁଛି । ଗୋଟାଏ କରକୁ ବଡ଼ ବଡ଼ ବହି ଆଲମାରିର ବାଡ଼, ତା ଆରପାଖେ ସ୍ଥାନ ସ୍ଥାନ ବହି ଗୁମ୍ଫା ଅଛି, ଯେଉଁଠି କି ପ୍ରବେଶ କେବଳ ଅଧ୍ୟାପକଙ୍କର ଅଥବା ଗ୍ରନ୍ଥୀମାନଙ୍କର । ସ୍ୱପ୍ନ ମାଦା ହେଲ ବେଳକୁ ପୁଣି କିଏ ଯେପରି ତାକୁ ଉସ୍କେଇ ଦେଉଛି, ମନେ ମନେ ଯାଦବ ଆନନ୍ଦ ପାଉଛି, ଯଦିଚ ତାର ସଂସ୍କାରମୟ ମନ ସ୍ୱୀକାର କରିବ ନାହିଁ ସେ ଧାରଣାକୁ ।

କାନ୍ଧରେ କାହାର ହାତ ପଡ଼ି ତାର ଚଅାଁ ସ୍ୱପ୍ନ ଭାଙ୍ଗିଗଲା । ଦେଖିଲା ଚୁନିଲାଲ ତାର ସିଗାରେଟ୍ କେସ୍ ଖୋଲିଧରିଛି । କହିଲା—"ପ୍ଲିଜ୍ଏ, ଲଗାନ୍ତୁ ଖଣ୍ଡେ ସିଗାରେଟ୍ ଆଜ୍ଞା ।"

"ଧନ୍ୟବାଦ ଚୁନିଲାଲ ବାବୁ, କିନ୍ତୁ ଆପଣ ତ ଜାଣନ୍ତି ମୁଁ ସିଗାରେଟ୍ ଖାଏ ନାହିଁ ବୋଲି ।"

"ଧନ୍ୟବାଦଟା ସାହେବୀ, ମନାକରିବାଟା ଦେଶୀ, ମଝିରେ ତାର ସନ୍ଧିରେ ଯେଉଁ 'କିନ୍ତୁ'ଟି ସେଇଟି ଉଭୟ ଆନ୍ତର, ଅର୍ଥାତ୍ ବଙ୍ଗାଳି, କହନ୍ତୁ ଠିକ୍ ହେଲା କି ନାହିଁ ?"

Digitized by srujanika@gmail.com

"ଆପଣଙ୍କୁ କଥାରେ କିଏ ପାରିବ କହନ୍ତୁ ? ହଉ ମୁଁ ହାରିଲି । ବଡ଼ କାର୍ଯ୍ୟବ୍ୟସ୍ତ ଅଛି, ଗୋଟାଏ ପ୍ରବନ୍ଧ ତିଆରି କରୁଛି ।"

"କଣ ରିଆଲିଜିମ୍ ଓ ରୋମାନ୍ସ ବିଷୟରେ ? ବେଶ୍ ବେଶ୍, ସେତ ଆପଣ ସବୁବେଳେ କରୁଥିବେ । ଲଗାନ୍ତୁ ଗୋଟାଏ ସିଗାରେଟ୍, ତା ପରେ କଥା ଭାଷା । ସିଗାରେଟ୍ ପ୍ରତି ଆପଣଙ୍କର ଏତେ ବିଦ୍ୱେଷ କାହିଁକି ? ଏ ତ ବିଳାସ ଦ୍ରବ୍ୟ, ଏଥିରେ ନିଆଁ ଲଗେଇବା ହିଁ କର୍ତ୍ତବ୍ୟ । ଆପଣ ମଫସଲରେ ବି ଦେଖିଥିବେ ଅନେକେ ଅଛନ୍ତି ଯେଉଁମାନେ ଖଦଡ଼ପିନ୍ଧି ଦେଶସେବକ ଭେକ ଧରି ଜାଳୁଛନ୍ତି ନିତି ସିଗାରେଟ୍—ଆପଣଙ୍କର ଆପତ୍ତି କଣ ?"

"ଛାଡ଼ନ୍ତୁ ସେ କଥା, ବରଂ ଆପଣ ଲଗାନ୍ତୁ ।"

"ମୁଁ ତ ଲଗେଇବି ହିଁ, ଜୀବନରେ ଯଦି କିଛି ସୁଖ ଅଛି ତେବେ ସେ ଏଇ ସିଗାରେଟ୍, ମୁଁ ଆଉ କିଛି ବୁଝେ ନାହିଁ । ଆଚ୍ଛା, ଆପଣଙ୍କୁ ଗୋଟିଏ କଥା ପଚାରିବାର ଥିଲା, ଆପଣ ରାଗିଲେ କି ?"

"କାହିଁକି ?"

"ଆପଣ ଖାତା ଦେଇ ନେଲା ବେଳେ ମୁଁ କଣ ଟିକିଏ କହିଦେଲି । ମୋ ମନରେ ଭାରି ଅନୁତାପ ହେଲା, ସେଇଟା ଆପଣଙ୍କୁ କହିବାକୁ ଆସିଥିଲି । କିନ୍ତୁ ଜାଣନ୍ତି ତ ମୁଁ ବି ମଣିଷ ଏବଂ ଈର୍ଷା କରିବା ମଣିଷର ସହଜାତ ଗୁଣ । ତେଣୁ ମନରେ ଧରିବେ ନାହିଁ, ମୋର ତୁଣ୍ଡକୁ ଲଗାମ ନାହିଁ । କିନ୍ତୁ କାହାରି ବାଟ ଓଗାଳିବା ମୋର ପ୍ରକୃତି ନୁହେଁ । ଆପଣ ମୋତେ ଭୁଲ ବୁଝିବେ ନାହିଁ ।"

ଶେଷ ଆଡ଼କୁ ଯାଦବର କାନ ଠିଆହୋଇଗଲା, ବହିର ପୃଷ୍ଠା ଓଲଟାଇ ସେ ପଚାରିଲେ—"ଆପଣଙ୍କ କଥା ମୁଁ ଆଦୌ ବୁଝିପାରୁନାହିଁ ଚୂନିଲାଲ ବାବୁ ! ଆପଣ କେବଳ ନିଜର କଳ୍ପନାକୁ ଅନ୍ୟଠିଁ ଥାପି କଣ ସବୁ କହିଯାଉଛନ୍ତି । ସାଙ୍ଗର ଲୋକ ଜଣେ, ସେ ଯଦି ଖାତା ମାଗିଲା ଏବଂ ମୁଁ ଦେଲି ସେଥିରେ ଦୋଷ କିଛି ଅଛି କି ?

Digitized by srujanika@gmail.com

"ଆରେ ରାମଚନ୍ଦ୍ର, କିଏ କହିଲା ଦୋଷ ଅଛି ବୋଲି । ମୁଁ କଣ କହିଲି ? ସାଙ୍ଗର ଲୋକଙ୍କୁ ସବୁ କହିଆଯାଇପାରେ । ମୋହିନୀ ବାବୁ କଣ ପଢ଼ାଉ-ଥିଲେ—ସାଙ୍ଗର ଲୋକଠି ଅଛି ଦୁଆତ ଆପଣଙ୍କର କାଳି ନାହିଁ, ଦୁଆତ ମାଗି କଲମ ବୁଡ଼େଇ ଲେଖିଲେ କିଛି ଦୋଷ ନାହିଁ । ସେହିପରି, ମୁଁ ଆଜି ଆପଣଙ୍କ ଘରେ ଅତିଥି ହେବି, ମୋର ବିଛଣା ନାହିଁ କି ଖଟ ନାହିଁ, ଆପଣ-ଙ୍କର ଅଛି, ଅତଏବ…"

"ଓଃ, ଥାଉ ଥାଉ, ଏ ସବୁ ବୃଥା ତର୍କ ।"

"କିନ୍ତୁ ସାମ୍ୟବାଦୀ ଦୁନିଆଁରେ ବନ୍ଧୁକୁ ଦେବାକୁ ଅସ୍ୱୀକାର କରିବେ ଆପଣ କେଉଁ ଜିନିଷ ? ଆପଣ ତ ସାମ୍ୟବାଦୀ ନା ନୁହଁନ୍ତି ?"

"ଆପଣ ବୃଥା ମୋ ସାଙ୍ଗେ ଲଗିଛନ୍ତି, କାମ ମାରିହେଉଛି ।"

"ଏ ତ ସାମ୍ୟବାଦୀ କଥା ନୁହେଁ, ଏ ବ୍ୟକ୍ତିତ୍ୱବାଦୀ ଫାସିଜିମ୍ । ଆପଣ ଯଦି ଆପଣଙ୍କ ବନ୍ଧୁପାଇଁ ସାମାନ୍ୟ ସମସ୍ତ ଟିକିଏ ଦେଇପାରିବେ ନାହିଁ ଏବଂ ଆପଣଙ୍କ ବ୍ୟକ୍ତିତ୍ୱଟାକୁ ହିଁ ବଡ଼ ବୋଲି ଦେଖିବେ, ତେବେ କେଉଁ ଦୁଃସାହସରେ ଆପଣ ଗଢ଼ିବେ ଗଣତାନ୍ତ୍ରିକ ଯୋଜନା ? ଗଣତାନ୍ତ୍ରିକ ହେଲେ ଆପଣଙ୍କୁ ଭାଗ ଦେବାକୁ ହିଁ ହେବ ଏବଂ ତାହା ପୁଣି ଅକୁଣ୍ଠିତ ଚିତ୍ତରେ ।"

"ସେ କଥା ଦେଖାଯିବ । ହଉ, ସରିଲା ତ ?"

"ସରିବ କୁଆଡ଼ୁ, ଏ ତ ଆରମ୍ଭ ମାତ୍ର ।"

"ଆପଣ ମତେ ପାଗଳ କରିଦେବେ ।"

"ସେ ଶକ୍ତି ମୋର ନାହିଁ, ଯାହାଙ୍କର ଅଛି ସେମାନେ ଅଛନ୍ତି ସେମାଙ୍କେ । ଫିଜିକ୍ସ ପ୍ରଫେସର୍ ଥରେ ପାଗଳ ହୋଇଥିଲେ ଜଣକପାଇଁ, ସେ ଆମର ବହୁ ପୂର୍ବରୁ । ଅନେକେ ପାଗଳ ହୁଅନ୍ତି, ପଢ଼ଙ୍ଗ ପାଗଳ ହୁଏ ନିଆଁରେ ପଡ଼ିବାକୁ । ସେ ଧର୍ମଟା ପତଙ୍ଗର କି ଦୀପର କହିବା ମୁସ୍କିଲ, କିନ୍ତୁ ମୋର ନୁହେଁ ମୁଁ ନିଶ୍ଚିନ୍ତ । କିନ୍ତୁ କହନ୍ତୁ, ଆପଣତ ପାଗଳ ହେବେନାହିଁ, ନାଁ ହେବେ ?"

Digitized by srujanika@gmail.com

ଆପଣ କେଡ଼େ ସୁନ୍ଦର କଥା କହୁଛନ୍ତି ଚୂନିଲାଲ୍ ବାବୁ, ଏସବୁ ଏକାଠି ଲେଖିପକେଇଲେ ହୁଅନ୍ତା ଗୋଟିଏ ଏକାଙ୍କ ନାଟିକା, ଲେଖନ୍ତୁ ନା ।"

"ଏଗୁଡ଼ା ଖାଲି 'ସଲିଲକି'ରେ ଯିବ, ତା ମଧ୍ୟ ଆଜିକାଲିକା ନାଟକର ଫ୍ୟାସନ୍ ନୁହେଁ । କିନ୍ତୁ ଆପଣ ଯଦି ନାଟକ କହିବେ ମୁଁ ତାକୁ ଲେଖିବି ।"

"ପ୍ରତ୍ୟେକ ଲୋକର ଜୀବନର କଥା ସତ ସତ ଲେଖିପକେଇଲେ ସେ ହେବ ନାଟକ । ସମସ୍ତେ ଆପଣାର ଅଭିଜ୍ଞତାକୁ ପଦର୍ଶକରି ବୁଲନ୍ତି, ନାଟ୍ୟକାରର ଦେଖା ନାହିଁ । ମୋର କି ଅଭିଜ୍ଞତା ? ନୀରସ, ଦରିଦ୍ର ମଜଦୁର୍ ଶ୍ରେଣୀର ଜଣେ ମୁଁ, ଆପଣଙ୍କର କିଛି କାମରେ ଆସିବି ନାହିଁ । ବରଂ ଆପଣଙ୍କ ନିଜର—"

"ସେଇଠି ମୁଁ ଏକମତ ନୁହେଁ । ନିଜର ନାଟକ ନିଜେ ଲେଖି ହୁଏ ନାହିଁ, ବାଧାଦିଏ ଚେତନ ମନ । ଉଚାଙ୍ଗ ଶିଳ୍ପ ସାଧାରଣ ସ୍ତରକୁହିଁ ଚଷେ କରେ, ମାଟିରୁ ଉଠାଏ ସ୍ୱପ୍ନ, ଘାସରୁ ଦେନେ କବିତା, ସୁତରାଂ ଆପଣ ଯଦି ନିଜକୁ ସାଧାରଣ ସ୍ତରର ବୋଲି ବିଗ୍ଭରନ୍ତି, ତେବେ—"

"ଆପଣ କଣ ଭାବନ୍ତି ମୋର ଅସାଧାରଣ ସ୍ତର ?"

"ଦେଖନ୍ତୁ, ସେ କଥା କହିବ ଭବିଷ୍ୟତ୍, ଏତେ ତରତର ହୁଅନ୍ତୁ ନାହିଁ । ଆପଣଙ୍କର ସ୍ତର ଯେ କଣ ତା ଆପଣ ନିଜେ ଜାଣନ୍ତି ନାହିଁ ହୁଏତ !"

"ଆପଣ ମତେ ଥଟ୍ଟା କରୁଛନ୍ତି, ଏଇ ହେଲ ବୁର୍ଜୋଆ ଶ୍ରେଣୀର କଥା । ଏକଥା କଣ ଆପଣ ଅସ୍ୱୀକାର କରିବେ ଯେ ମୁଁ ପୁଞ୍ଜିପତି ନୁହେଁ ?"

"ସେଥିରେ ଅସ୍ୱୀକାର କରିବାର କଣ ଅଛି ଯାଦବବାବୁ ? କିନ୍ତୁ ତହିଁରେ ଆପଣଙ୍କର ଶ୍ରେଣୀ ନିର୍ଦ୍ଧାରଣ ହେବନାହିଁ । ପୈତୃକ ପୁଞ୍ଜି ଥିଲେ ଯେ ମଣିଷ ପୁଞ୍ଜିବାଦୀ ହେବ ତା ବି ଠିକ୍ ନୁହେଁ ଏବଂ ମଇଳା ପୋଷାକ ଦେଖିଲେ ଅରଖା ବି ଠିକ୍ ନୁହେଁ । ବସ୍ତୁତଃ ଦେଖିବେ ଯେଉଁମାନଙ୍କର ଅର୍ଜିତ କିଛି ନଥାଏ, ସୁବିଧା ପାଇଲେ ସେମାନେହିଁ ହୁଅନ୍ତି ସବୁଠୁ ବଡ଼ ଫ୍ୟାସିଷ୍ଟ ।

Digitized by srujanika@gmail.com

ଯେ ଉପାଦାନ ଅଭାବରୁ ଜନ୍ତୁଙ୍କି ମାର୍ଗ ଧରନ୍ତି ଉପାଦାନ ମିଳିବା ସାଙ୍ଗେ ସାଙ୍ଗେ ସେ ପ୍ରବୃତ୍ତି ମାର୍ଗ ନ ଧରିବ ଏପରି କିଛି ଗ୍ୟାରେଣ୍ଟି ଅଛି ?"

ସରିଗଲା ପରେ ଯାଦବ ପଚାରିଲା—"ମାନେ ?"

ଚନ୍ଦ୍ରଲାଲ ହସି ହସି ଗଡ଼ିଗଲା, କହିଲା, "ମାନେ ବୁଝିବାକୁ ଅଧ୍ୟାପକ ଦରକାର ନାହାନ୍ତି, ସରଳ ସୂତ୍ର ହେଉଛି ହେନ୍—ପେନ୍—ପ୍ୟାଡ଼୍—ଲେଡ଼ି, ଅର୍ଥାତ୍ ଅକ୍ଷର ବା ଅଭୁକ୍ତ ଭୋଗର ଲୋଭ, ପଦମର୍ଯ୍ୟାଦାର ବା ପ୍ରଭୁତ୍ୱର ମୋହ, ଧନ ସମ୍ପତ୍ତିର ଆକର୍ଷଣ ଏବଂ ନାରୀ, ରୂପ ଗୁଣ ସମେତ । ଏଇ ଚାରିଟା ଭିତରୁ ଯେ କୌଣସି ଗୋଟାଏ ଅଥବା ବା ଅଧିକ ଭିତର ଆକର୍ଷଣ ମଣିଷକୁ ଶ୍ରେଣୀଚ୍ୟୁତ କରିପାରେ, ଶ୍ରେଣୀମାନେ ଜାତିର ଶ୍ରେଣୀ ହେଉ ବା ଆର୍ଥିକ ଶ୍ରେଣୀ ହେଉ । ସୁତରାଂ ଆଜି ଯେ ଭାଇ ମଜଦୁର୍ ମଜଦୁର୍ ପାଟି କରୁଛି କାଲି ସେ ଆରପାଖେ ଥାଇ ମୂଲଆଙ୍କୁ ଗୁଳି ଚଳେଇବାକୁ ହୁକୁମ ଦେଉଥିବ; ଆଜି ଯେ ସ୍ୱାଧୀନତା ସ୍ୱାଧୀନତା ବୋଲି ଗର୍ଜୁଛି, କାଲି ଦେଖିବ ସେଇଲୋକ ସେ ଡିକ୍‌ଟେଟର୍ ହୋଇଯାଇଥିବ; ସାଧାରଣ ନାଗରିକଙ୍କ ମୁହଁରେ ଠୁଣ୍ଡି ବାନ୍ଧିବାକୁ ଆଇନ୍ ଗଢ଼ିଥିବ, ଏ ତ ଇତିହାସର କଥା, ଇତିହାସର ପୁନରାବୃତ୍ତି ହୁଏ ବୋଲେ ବୋଲେ, ସୁତରାଂ ତମ୍ବୁରୁ ଦେଖି କହି ହେବନାହିଁ କାହାର କି ଶ୍ରେଣୀ, କିଏ କାଉ, କି କୋଇଲି, କିଏ ସାପ, କିଏ ଗୋଧି । ଧରନ୍ତୁ ଯଦି ଆପଣଙ୍କର ଚତୁର୍ଥ ମୋହ ଉପୁଜେ, ଅର୍ଥାତ୍ ଲେଡ଼ି—"

ବାଧାଦେଇ ଯାଦବ କହିଲା, "ଓଃ, ରହନ୍ତୁ—"

ନମାନି ଚନ୍ଦ୍ରଲାଲ କହିଗଲା, ଏବଂ ତା ସହିତ ଆଉ ଗୋଟାଏ ମୋହ ଜୁଟେ—ହେନ୍ ଅର୍ଥାତ୍ ଅନନୁଭୂତ ଭୋଗର ପ୍ରଲୋଭନ, ତେବେ ସ୍ୱେଦଭରର ଖୋଳ କେବେ ହେଲେ ସମ୍ଭାଳି ରଖିପାରିବେ ନାହିଁ ଆପଣଙ୍କୁ ।"

ଯାଦବ ଉତ୍ତେଜନାରେ ଠିଆହୋଇ ପଡ଼ିଥାଏ । ଚନ୍ଦ୍ରଲାଲ କହୁଥାଏ, ଘଣ୍ଟା ବାଜିଲା—ଢ଼ିଂ । ବନ୍ଧ ଆଲମାରି ଆରପାଖରୁ ଗ୍ରନ୍ଥୀଦଳ ଧାଡ଼ି ହୋଇ ବାହାରି ଆସିଲେ । ଚନ୍ଦ୍ରଲାଲ୍ କହିଲା, "ଓଃ, କି ସୁନ୍ଦର ନାଟକ ଏବଂ ଏଥିରେ ମୁଁ ଗୀକ ନାଟକର ଡ଼ଉ—ଏକ୍—ମେସିନା ଅର୍ଥାତ୍ ଖୁମ୍ବ ଭିତରୁ ନୃସିଂହ—ନାଁ ମୁଁ କୋରସ୍—ନା ନସ୍ୟ—ନାଁ କଣ ? ହଉ ନମସ୍କାର ।"

Digitized by srujanika@gmail.com

ମିଲଟେର ମାର୍ଚକରି ଚାଲିଗଲ୍ ଧୁମ୍ ଧୁମ୍ ଚାଲିଗଲ ଛାତ୍ରୀ ଦଳର ଆଗେ ଆଗେ । ଝଗରେ ଫଁ ଫଁ କରି ଯାଦବ ଠିଆହୋଇ ରହିଲା ଛାତ୍ରୀଦଳର ପିଠି ଉପରକୁ ଦୁର୍ବାସା ଆଖି ଯୋଖି । ଓଃ, କି ଆଶ୍ଚର୍ଯ୍ୟ ! କେତେ କଣ କହି ଚାଲିଗଲା ! ରୋକ ହେଲ ନାହିଁ ! କଣ ସେ ସ୍ୱଭାବ ! ଏଡ଼େ ତାର କହିବାଳିଆ ପଣ ! ଦୁଃଖର କଥା ଏତକ, ଏ ଅନ୍ୟାୟକୁ ପ୍ରତିକାର ନାହିଁ ।

"କ୍ଲାସକୁ ଯିବେ ନାହିଁ କି ?"

ଚମକ ପଡ଼ିଲ । ସୁପ୍ରଭା ଦାସ । ମୋଟା ମୋଟା ବହିଗୁଡ଼ାଏ ଧରିଛି । ଅତି ପାଖରେ ଠିଆହୋଇଛି । ମରୁଭୂମିରେ ତୋଫାନର ଧୋନ୍ଦିରୁ କାକର ଲୋନ୍ତ ଲୋନ୍ତ । ନହୁଆ ସକାଳକୁ ଦୃଷ୍ଟିର ଛବି ବଦଳେଇ ଆଣିବାକୁ ସମୟ ଲଗିଲ । ଯାଦବ କହିଲ, "ଆପଣ ଯାଇ ନାହାନ୍ତି ?"

"ନା—ହେଇ ନିଅନ୍ତୁ ଆପଣଙ୍କ ଖାତା, ମୋର ସାନ ମତାମତ ଦପଦ ସେଥିରେ ଲେଖିଦେଇଛି ।"

ଅତି ଆଗ୍ରହରେ ଯାଦବ କହିଲ, "କାହିଁ ? କାହିଁ ?"

"ସେ ନଛି ନୁହେଁ ମ, ଥାଉ, ପରେ ଦେଖିବେ । ଆପଣଙ୍କ ନୋଟ୍‌ସ ପାଇଁ ବିଶେଷ ଧନ୍ୟବାଦ ଏବଂ ଆପଣଙ୍କ ତର୍କ ଯୁକ୍ତି ପାଇଁ ମଧ୍ୟ ।"

"କଣ ତର୍କ ଯୁକ୍ତି ?"

"ଆଃ, ଜାଣିନାହାନ୍ତି ସତେକି ! ଆପଣ ଦୁହେଁ ବର୍ତ୍ତମାନ କଣ କରୁଥିଲେ ? ସେଇ ସ୍ୱପ୍ନବାଦ ଓ ବସ୍ତୁବାଦ ବିଷୟରେ ତର୍କ ତ ! ବନ୍ଧୁଟି ଆପଣଙ୍କର ସେ ବସ୍ତୁବାଦର ଉତ୍କର୍ଷ ପ୍ରତିପାଦନ କରୁଥିଲେ, ଆଉ ଆପଣ ଦେଖାଉଥିଲେ ସ୍ୱପ୍ନବାଦ ଇନଡ୍ରାକ୍ଟିସ, ମୁଁ ଦୁଇ କଥା ମିଳେଇ ପଢ଼ୁଥିଲି । ଆଗରୁ ଚାଲି-ଯାଇଥିଲେ ଏଡ଼େ ସୁନ୍ଦର ଆଲୋଚନାଟା ମୁଁ ହରେଇଥାନ୍ତି ପରା !"

"ଆପଣ ଆମ କଥା ଶୁଣୁଥିଲେ !"

"ଭୁଲନ୍ତୁ ନାହିଁ, ମୁଁ ସ୍ତ୍ରୀ ଜାତି ! ଆମର କାନ ପାତଳ, କାନେଇବା ଆମ ସ୍ୱଭାବ !"

Digitized by srujanika@gmail.com

"ଆରେ ରାମଚନ୍ଦ୍ର, କିଏ କହିଲା ଦୋଷ ଅଛି ବୋଲି । ମୁଁ କଣ କହିଲି ? ସାଙ୍ଗର ଲୋକଙ୍କୁ ସବୁ ଦିଆଯାଇପାରେ । ମୋହିନୀ ବାବୁ କଣ ପଢ଼ାଉ-ଥିଲେ—ସାଙ୍ଗର ଲୋକଠିଁ ଅଛି ଦୁଆତ ଆପଣଙ୍କର କାଳି ନାହିଁ, ଦୁଆତ ମାଗି କଲମ ବୁଡ଼େଇ ଲେଖିଲେ କିଛି ଦୋଷ ନାହିଁ । ସେହିପରି, ମୁଁ ଆଜି ଆପଣଙ୍କ ଘରେ ଅତିଥି ହେବି, ମୋର ହିଁଛଣା ନାହିଁ କି ଖଟ ନାହିଁ, ଆପଣ-ଙ୍କର ଅଛି, ଅତଏବ..."

"ଓଃ, ଥାଉ ଥାଉ, ଏ ସବୁ ବୃଥା ତର୍କ ।"

"କିନ୍ତୁ ସାମ୍ୟବାଦୀ ଦୁନିଆଁରେ ବନ୍ଧୁକୁ ଦେବାକୁ ଅସ୍ୱୀକାର କରିବେ ଆପଣ କେଉଁ ଜିନିଷ ? ଆପଣ ତ ସାମ୍ୟବାଦୀ ନା ନୁହଁନ୍ତି ?"

"ଆପଣ ବୃଥା ମୋ ସାଙ୍ଗେ ଲାଗିଛନ୍ତି, କାମ ମାରିହେଉଛି ।"

"ଏ ତ ସାମ୍ୟବାଦୀ କଥା ନୁହେଁ, ଏ ବ୍ୟକ୍ତିତ୍ୱବାଦୀ ଫାସିଜିମ୍ । ଆପଣ ଯଦି ଆପଣଙ୍କ ବନ୍ଧୁପାଇଁ ସାମାନ୍ୟ ସମସ୍ତ ଟିକିଏ ଦେଇପାରିବେ ନାହିଁ ଏବଂ ଆପଣଙ୍କ ବ୍ୟକ୍ତିତ୍ୱଟାକୁ ହିଁ ବଡ଼ ବୋଲି ଦେଖିବେ, ତେବେ କେଉଁ ଦୁଃସାହସରେ ଆପଣ ଗଢ଼ିବେ ଗଣତାନ୍ତ୍ରିକ ଯୋଜନା ? ଗଣତାନ୍ତ୍ରିକ ହେଲେ ଆପଣଙ୍କୁ ଭାଗ ଦେବାକୁ ହିଁ ହେବ ଏବଂ ତାହା ପୁଣି ଅକୁଣ୍ଠିତ ଚିତ୍ତରେ ।"

"ସେ କଥା ଦେଖାଯିବ । ହଉ, ସରିଲା ତ ?"

"ସରିବ କୁଆଡ଼ୁ, ଏ ତ ଆରମ୍ଭ ମାତ୍ର ।"

"ଆପଣ ମତେ ପାଗଳ କରିଦେବେ ।"

"ସେ ଶକ୍ତି ମୋର ନାହିଁ, ଯାହାଙ୍କର ଅଛି ସେମାନେ ଅଛନ୍ତି ସେମାଖେ । ଫିଜିକ୍ସ ପ୍ରଫେସର୍ ଥରେ ପାଗଳ ହୋଇଥିଲେ ଜଣକପାଇଁ, ସେ ଆମର ବହୁ ପୂର୍ବରୁ । ଅନେକେ ପାଗଳ ହୁଅନ୍ତି, ପଡଙ୍ଗ ପାଗଳ ହୁଏ ନିଆଁରେ ପଡ଼ିବାକୁ । ସେ ଧର୍ମଟା ପତଙ୍ଗର କି ଦୀପର କହିବା ମୁସ୍କିଲ, କିନ୍ତୁ ମୋର ନୁହେଁ ମୁଁ ନିଶ୍ଚିନ୍ତ । କିନ୍ତୁ କହନ୍ତୁ, ଆପଣତ ପାଗଳ ହେବେନାହିଁ, ନାଁ ହେବେ ?"

Digitized by srujanika@gmail.com

ଆପଣ କେଡ଼େ ସୁନ୍ଦର କଥା କହୁଛନ୍ତି ଚୁନିଲାଲ୍ ବାବୁ, ଏସବୁ ଏକାଠି ଲେଖିପକେଇଲେ ହୁଅନ୍ତା ଗୋଟିଏ ଏକାଙ୍କ ନାଟିକା, ଲେଖନ୍ତୁ ନା ।"

"ଏଗୁଡ଼ା ଖାଲି 'ସଲିଲକି'ରେ ଯିବ, ତା ମଧ୍ୟ ଆଜିକାଲିକା ନାଟକର ଫ୍ୟାସନ୍ ନୁହେଁ । କିନ୍ତୁ ଆପଣ ଯଦି ନାଟକ କହିବେ ମୁଁ ତାକୁ ଲେଖିବି ।"

"ପ୍ରତ୍ୟେକ ଲୋକର ଜୀବନର କଥା ସତ ସତ ଲେଖିପକେଇଲେ ସେ ହେବ ନାଟକ । ସମସ୍ତେ ଆପଣାର ଅଭିଜ୍ଞତାକୁ ପଦର୍ଶନ କରନ୍ତି, ନାଟ୍ୟ-କାରର ଦେଖା ନାହିଁ । ମୋର କି ଅଭିଜ୍ଞତା ? ଗରିବ, ଦରିଦ୍ର ମଜଦୁର୍ ଶ୍ରେଣୀର ଜଣେ ମୁଁ, ଆପଣଙ୍କର କିଛି କାମରେ ଆସିବ ନାହିଁ । ବରଂ ଆପଣଙ୍କ ନିଜର—"

"ସେଇଠି ମୁଁ ଏକମତ ନୁହେଁ । ନିଜର ନାଟକ ନିଜେ ଲେଖି ହୁଏ ନାହିଁ, ବାଧାଦିଏ ଚେତନ ମନ । ଉଚ୍ଚାଙ୍ଗ ଶିଳ୍ପ ସାଧାରଣ ସ୍ତରକୁହିଁ ଚଷ କରେ, ମାଟିରୁ ଉଠାଏ ସ୍ୱପ୍ନ, ଘାସରୁ ଦେଖେ କବିତା, ସୁତରାଂ ଆପଣ ଯଦି ନିଜକୁ ସାଧାରଣ ସ୍ତରର ବୋଲି ବିଚାରନ୍ତି, ତେବେ—"

"ଆପଣ କଣ ଭାବନ୍ତି ମୋର ଅସାଧାରଣ ସ୍ତର ?"

"ଦେଖନ୍ତୁ, ସେ କଥା କହିବ ଭବିଷ୍ୟତ୍, ଏତେ ଭରତର ହୁଅନ୍ତୁ ନାହିଁ । ଆପଣଙ୍କର ସ୍ତର ଯେ କଣ ତା ଆପଣ ନିଜେ ଜାଣନ୍ତି ନାହିଁ ହୁଏତ !"

"ଆପଣ ମତେ ଥଟ୍ଟା କରୁଛନ୍ତି, ଏଇ ହେଲା ବୁର୍ଜୋଆ ଶ୍ରେଣୀର କଥା । ଏକଥା କଣ ଆପଣ ଅସ୍ୱୀକାର କରିବେ ଯେ ମୁଁ ପୁଞ୍ଜିପତି ନୁହେଁ ?"

"ସେଥିରେ ଅସ୍ୱୀକାର କରିବାର କଣ ଅଛି ଯାଦବବାବୁ ? କିନ୍ତୁ ତହିଁରେ ଆପଣଙ୍କର ଶ୍ରେଣୀ ନିର୍ଦ୍ଧାରଣ ହେବନାହିଁ । ପୈତୃକ ପୁଞ୍ଜି ଥିଲେ ଯେ ମଣିଷ ପୁଞ୍ଜିବାଦୀ ହେବ ତା ବି ଠିକ୍ ନୁହେଁ ଏବଂ ପ୍ଲେଟୋ ପାଖୁ ଦେଖିଲେ ଅରଟା ବି ଠିକ୍ ନୁହେଁ । ବସ୍ତୁତଃ ଦେଖିବେ ଯେଉଁମାନଙ୍କର ଅଳିଡ଼ କିଛି ନଥାଏ, ସୁବିଧା ପାଇଲେ ସେହିମାନେହିଁ ହୁଅନ୍ତି ସବୁଠୁ ବଡ଼ ଫ୍ୟାସିଷ୍ଟ ।

Digitized by srujanika@gmail.com

ଯେ ଉପାଦାନ ଅଭାବରୁ ନିବୃତ୍ତି ମାର୍ଗ ଧରିଛୁ ଉପାଦାନ ମିଳିବା ସାଙ୍ଗେ ସାଙ୍ଗେ ସେ ପ୍ରବୃତ୍ତି ମାର୍ଗ ନ ଧରିବ ଏପରି କିଛି ଗ୍ୟାରେଣ୍ଟି ଅଛି ?"

ଭାବିଲା ପରି ଯାଦବ ପଚାରିଲା—"ମାନେ ?"

ଚନ୍ଦ୍ରଲାଲ ହସି ହସି ଗଡ଼ିଗଲା, କହିଲା, "ମାନେ ବୁଝିବାକୁ ଅଧ୍ୟାପକ ଦରକାର ନାହିଁ, ସରଳ ସୂତ୍ର ହେଉଛି ହେନ୍—ପେନ୍—ପ୍ୟାଡ଼ି—ଲେଡ଼ି, ଅର୍ଥାତ୍ ଅଭୁକ୍ତର ବା ଅଭୁକ୍ତ ପେଟର ଲୋଭ, ପଦମର୍ଯ୍ୟାଦାର ବା ପ୍ରଭୁତ୍ୱର ମୋହ, ଧନ ସମ୍ପତ୍ତିର ଆକର୍ଷଣ ଏବଂ ନାରୀ, ରୂପ ଗୁଣ ସମେତ । ଏଇ ଚାରିଟା ଭିତରୁ ଯେ କୌଣସି ଗୋଟାଏ ଦୁଇ ବା ଅଧିକ ଗୁଡ଼ିକର ଆକର୍ଷଣ ମଣିଷକୁ ଶ୍ରେଣୀଚ୍ୟୁତ କରିପାରେ, ଶ୍ରେଣୀମାନେ ଜାତିର ଶ୍ରେଣୀ ହେଉ ବା ଆର୍ଥିକ ଶ୍ରେଣୀ ହେଉ । ସୁତରାଂ ଆଜି ଯେ ଖାଲି ମଜଦୁର୍ ମଜଦୁର୍ ପାଟି କରୁଛି କାଲି ସେ ଆରପାଖେ ଥାଇ ମୂଲିଆଙ୍କୁ ଗୁଳି ଚଳେଇବାକୁ ହୁକୁମ ଦେଉଥିବ; ଆଜି ଯେ ସ୍ୱାଧୀନତା ସ୍ୱାଧୀନତା ବୋଲି ଗର୍ଜୁଛି, କାଲି ଦେଖିଲା ବେଳକୁ ସେ ଡିକ୍ଟେଟର୍ ହୋଇସାରିଥିବ; ସାଧାରଣ ନାଗରିକତା ମୁହଁରେ ତୁଣ୍ଡି ବାନ୍ଧିବାକୁ ଆଇନ୍ ଗଢ଼ିଥିବ, ଏ ତ ଇତିହାସର କଥା, ଇତିହାସର ବୃଦ୍ଧି ହୁଏ ବଳେ ବଳେ, ସୁତରାଂ ଉପରୁ ଦେଖି କହି ହେବନାହିଁ କାହାର କି ଶ୍ରେଣୀ, କିଏ କାଉ, କି କୋଇଲି, କିଏ ସାପ, କିଏ ଗୋଧି । ଧରନ୍ତୁ ଯଦି ଆପଣଙ୍କର ଚତୁର୍ଥ ମୋହ ଉପୁଜେ, ଅର୍ଥାତ୍ ଲେଡ଼ି—"

ବାଧାଦେଇ ଯାଦବ କହିଲା, "ଓଃ, ରହନ୍ତୁ—"

ନମାନି ଚନ୍ଦ୍ରଲାଲ କହିଗଲା, ଏବଂ ତା ସହିତ ଆଉ ଗୋଟାଏ ମୋହ ଜୁଟେ—ହେନ୍ ଅର୍ଥାତ୍ ଅନନୁଭୂତ ପେଟର ପ୍ରଲୋଭନ, ତେବେ ସ୍ୱେ ଖଦେଡ଼ର ଖୋଳ କେବେ ହେଲେ ସମ୍ଭାଳି ରଖିପାରିବେ ନାହିଁ ଆପଣଙ୍କୁ ।"

ଯାଦବ ଉତ୍ତେଜନାରେ ଠିଆହୋଇ ପଡ଼ିଥାଏ । ଚନ୍ଦ୍ରଲାଲ କହୁଥାଏ, ଘଣ୍ଟା ବାଜିଲା—ଢ଼ିଂ । ବନ୍ଦ ଆଲମାରି ଆରପାଖରୁ ଗ୍ରୁଣ୍ଡିଦଳ ଧାଡ଼ ହୋଇ ବାହାରି ଆସିଲେ । ଚନ୍ଦ୍ରଲାଲ୍ କହିଲା, "ଓଃ, କି ସୁନ୍ଦର ନାଟକ ଏବଂ ଏଥିରେ ମୁଁ ଗ୍ରୀକ ନାଟକର ଡ଼ିଉ—ଏକ୍ସ—ମେସିନା ଅର୍ଥାତ୍ ଖମ୍ବ ଭିତରୁ ନୃସିଂହ—ନାଁ ମୁଁ କୋରସ୍—ନା ନର୍ତ୍ତକ—ନାଁ କଣ ? ହଉ ନମସ୍କାର ।"

Digitized by srujanika@gmail.com

ମିଲଟେଶ ମାର୍ଗରେ ଚଳୁଥିଲେ ଧୂମ୍ ଧୂମ୍ ଚାଲିଗଲା ଗ୍ରୁଆଁ ଦଳର ଆଗେ ଆଗେ । ଦଗରେ ଫଁ ଫଁ କରି ଯାଦବ ଠିଆହୋଇ ରହିଲା ଗ୍ରୁଆଁଦଳର ପିଠି ଉପରକୁ ଦୁଇଟା ଆଖି ଯୋଖି । ଓଃ, କି ଆଶ୍ଚର୍ଯ୍ୟ ! କେତେ କଣ କହି ଚାଲିଗଲା ! ଶେଷ ହେଲା ନାହିଁ ! କଣ ସେ ସ୍ୱଭାବ ! ଏତେ ତାର କୁହାକୁହି ପଣ ! ଦୁଃଖର କଥା ଏତକ, ଏ ଅନ୍ୟାୟକୁ ପ୍ରତିକାର ନାହିଁ ।

"କ୍ଲାସକୁ ଯିବେ ନାହିଁ କି ?"

ଚମକି ପଡ଼ିଲା । ସୁପ୍ରଭା ଦାସ । ମୋଟା ମୋଟା ବହିଗୁଡ଼ିଏ ଧରିଛି । ଅତି ପାଖରେ ଠିଆହୋଇଛି । ମରୁଭୂମିରେ ତୋଫାନର ଧୋଞ୍ଚିରୁ କାକର ଟେଲି ଟେଲି । ନଦୁଆ ସକାଳକୁ ଦୃଷ୍ଟିର ଛବି ବଦଳେଇ ଆଣିବାକୁ ସମୟ ଲାଗିଲା । ଯାଦବ କହିଲା, "ଆପଣ ଯାଇ ନାହାନ୍ତି ?"

"ନା—ହେଇ ନିଅନ୍ତୁ ଆପଣଙ୍କ ଖାତା, ମୋର ଯାନ ମତାମତ ଦପଦ ଯେଥିରେ ଲେଖିଦେଇଛି ।"

ଅତି ଆଗ୍ରହରେ ଯାଦବ କହିଲା, "କାହିଁ ? କାହିଁ ?"

"ସେ କିଛି ନୁହେଁ ମ, ଥାଉ, ପରେ ଦେଖିବେ । ଆପଣଙ୍କ ନୋଟ୍‌ସ ପାଇଁ ବିଶେଷ ଧନ୍ୟବାଦ ଏବଂ ଆପଣଙ୍କ ତର୍କ ଯୁକ୍ତି ପାଇଁ ମଧ୍ୟ ।"

"କଣ ତର୍କ ଯୁକ୍ତି ?"

"ଆଃ, ଜାଣିନାହାନ୍ତି ସତେକି ! ଆପଣ ଦୁହେଁ ବର୍ତ୍ତମାନ କଣ କରୁଥିଲେ ? ସେହି ସ୍ୱପ୍ନବାଦ ଓ ବସ୍ତୁବାଦ ବିଷୟରେ ତର୍କ ତ ! ବନ୍ଧୁଟି ଆପଣଙ୍କର ଯେ ବସ୍ତୁବାଦର ଉତ୍କର୍ଷ ପ୍ରତିପାଦନ କରୁଥିଲେ, ଆଉ ଆପଣ ଦେଖାଉଥିଲେ ସ୍ୱପ୍ନବାଦ ଇନ୍‌ଭ୍ରାକ୍‌ଟିସ, ମୁଁ ଦୁଇ କଥା ମିଳେଇ ପଢ଼ୁଥିଲି । ଆଗରୁ ଚାଲି-ଯାଇଥିଲେ ଏତେ ସୁନ୍ଦର ଆଲୋଚନାଟା ମୁଁ ହରେଇଥାନ୍ତି ପରା !"

"ଆପଣ ଆମ କଥା ଶୁଣୁଥିଲେ !"

"ଭୁଲନ୍ତୁ ନାହିଁ, ମୁଁ ସ୍ତ୍ରୀ ଜାତି ! ଆମର କାନ ପାତଳ, କାନେଇବା ଆମ ସ୍ୱଭାବ !"

Digitized by srujanika@gmail.com

"ଓଃ"—ଯାଦବ କିଛି କହିପାରିଲା ନାହିଁ ।

"ଏ ଦୁଇ ବାଡର ଚଳନ୍ତି ଛବି ଆମେ ନିତି ଦେଖୁଁ, ଭୁଲନ୍ତୁ ନାହିଁ ଆମେ ଗ୍ରହଦଳରେ ଷ୍ଟାରୀ । ଆମ ଗାଡ଼ି ଆଗରେ ସାଇକେଲ ଦୌଡ଼େଇ କିଏ ଦୁର୍ଘଟଣାରେ ପଡ଼େ, କିଏ ହୁକାପରି ବସିଥାଏ, ଦନ୍ତୁଦନ ଶୁଖିଯାଏ, କିଏ ଛବି ଆଙ୍କେ, କିଏ ଚିଠି ଲେଖେ, କିଏ ହଲାଏ ରୁମାଲ, କିଏ ସିଟି ମାରେ—"

"ଓଃ କି ଭୟାନକ "

"କିଛି ନୁହେଁ—ଆପଣ ଡରୁଛନ୍ତି କାହିଁକି ? ଫେର୍ ଭୁଲନ୍ତୁ ନାହିଁ ଆମେ ଜନ୍ମରୁ ବସ୍ତୁବାଦୀ । ସ୍ୱାମୀ ପଇସା କମାଏ, ସ୍ତ୍ରୀ ହିସାବ ରଖେ, ସ୍ୱାମୀ ପରିବା କିଣେ, ସ୍ତ୍ରୀ ପରିବା କାଟେ, ଏହାଛଡ଼ା ପିଲଙ୍କୁ ପରିଷ୍କାର ରଖିବା ଇତ୍ୟାଦି ଏସବୁ ବି ତ ସ୍ତ୍ରୀର କାମ । ସନ୍ତାନର ଲାଳନ ପାଳନ କାର୍ଯ୍ୟରେ ଶୁଣେ ବେଶ୍ ସୁନ୍ଦର ଏବଂ ସ୍ନିଗ୍ଧ, କିନ୍ତୁ କାର୍ଯରେ ସେ ଯେଉଁ ଅସନା, ଯେଉଁ ପରିଶ୍ରମ ଯେଉଁ ଉଜାଗର, ଯେଉଁ କ୍ଳାନ୍ତି ସ୍ୱାମୀ ତାର କେତେ ଭାଗରୁ କେତେ ଭାଗ କରେ କହନ୍ତୁ ? ସୁତରାଂ ଆମେ ନିତି ଦେଖୁଁ ଏହି ଜଡ଼ ବସ୍ତୁ, ସେଇ ଆମର ପେଶା—"

"ଯେ କଣ ହେଉଛୁ ସୁପ୍ରଭା ଦେବୀ ? କାହିଁକି ଏ ଅପମାନଜନକ—"

"ସୁତରାଂ ବସ୍ତୁର ଧୂଳି କାଦୁଅ ଆମର ଅପରିଚିତ ନୁହେଁ, ଆମେ ତାକୁ ଡରୁନାହିଁ ବି । କହିପାରିବେ—ଆପଣଙ୍କର ସେ ବନ୍ଧୁ ଟି—କାହିଁକି ସେ ଏଭଳି ତର୍କ ଲଗେଇଥିଲେ କି ପ୍ରଚ୍ଛନ୍ନ ଇଙ୍ଗିତରେ କି ଦୁଃସାହସରେ ?" ଥରଥର କରି କହୁ କହୁ ସୁପ୍ରଭା ଦାସ ମଝିରେ ଭାଙ୍ଗିଯାଇ କାନ୍ଦିପକେଇଲା । ଯେଉଁ ତେଜରେ ସେ ଜଳିସି ଉଠିଥିଲା ହଠାତ୍ ସେ ଲୁଚିଯାଇ ହେଲା ମେଘର ଅନ୍ଧାର । ଖାତାଟି ଟେବୁଲରେ ଥୋଇ ଦୁଇ ମୁହଁ ପୋଛି ବୁଲିଯାଇ ଆଗକୁ ପାଦ ପକେଇଲା । ଯାଦବ ମୁଣ୍ଡରେ ହାତ ଦେଇ ବସିପଡ଼ିଥିଲା, ଥରଥରରେ ଉଠି ପଛଆଡ଼ୁ ଧାଇଁଯାଇ ଡାକିଲା, "ଶୁଣନ୍ତୁ, ଶୁଣନ୍ତୁ ।" ଇଚ୍ଛା ହେଲା ସେ ଏହି ଦୁର୍ବଳା ଝିଅଟିକୁ ହାତଟି ଧରି ତାର ଲୁହ ପୋଛିଦେବ ।

Digitized by srujanika@gmail.com

ଅତି ଦୁଃଖରେ ଛଟପଟ ହୋଇ ପାଖକୁ ଯାଇ ଚାରିଆଡ଼କୁ ଚାହିଁ ଦେଲା । ଏତେ ବଡ଼ ଲାଇବ୍ରେରୀଟି ଫାଙ୍କା ପଡ଼ିଛି । ଅତି ଦୂରରେ ଦୁଇଟି ସାନ ପିଲା କୁଡ଼ୁରୁକାଡ଼ୁରୁ ହେଉଛନ୍ତି, ଷ୍ଟୁଲ ଉପରେ ଆପଣା ସ୍ଥାନରେ ବସି ବୁଢ଼ା ଲାଇବ୍ରେରିଆନ୍ ବାବୁ ତଳକୁ ମୁହଁ ପୋତି କଣ ଲେଖୁଛନ୍ତି, ଜାଣିକି ସାଧୁ ଥିବେ, ଆଉ କେହି ନାହିଁ, କଲେଜ ଯିବା ବାଟ ପଡ଼ିଛି, ସାମ୍ନାରେ ନିର୍ଜନ । କିନ୍ତୁ କହି ହେଲା ନାହିଁ, ତଣ୍ଟିରେ ଗୁଣ୍ଡା ଅଟକିଲା ପରି ସୁପ୍ରଭା ଅଟକିଛି, ପଚାରିଲା, "କଣ ?"

"ମୁଁ ଭାରି ଦୁଃଖିତ ।"

ମନହେଉଥାଏ ଚନ୍ଦ୍ରଲାଲ୍‌କୁ ସେଇଠି ହେଚ ଗୁଣ୍ଡା କରି ଫୋପାଡ଼ି ଦିଅନ୍ତା ପଡ଼ିଆରେ ଘାସର ଖତ ହେବାକୁ । କିନ୍ତୁ ସୁପ୍ରଭା ମୁଣ୍ଡ ନୁଆଁଇ ଠିଆ ହୋଇଛି । ତା'ର ନୀରବତା ଭିତରେ ଯେମିତି ସେ ଯାଦବ ମନର କେଉଁ ଅସମ୍ପୂର୍ଣ୍ଣ ରୂପ ହୋଇ ଆତ୍ମଜା ଆସିଛି ପାଖକୁ, ସେଠି ପୋଷାକର ପାର୍ଥକ୍ୟ ନାହିଁ କି ବ୍ୟବଧାନ ନାହିଁ । ଦୁହେଁ ନୀରବ ।

ସୁପ୍ରଭା ହସିଲା । କହିଲା, "ଏ କଥା ଥାଉ ନୁହେଁ ' କ୍ଲାସକୁ ଯିବା ଯେ ।"

ଅଜାଣତରେ ଯାଦବ ବି ହସିପକେଇଲା । ସୁପ୍ରଭା ତା'ର ମୁହଁକୁ କଣେଇ ଚାହିଁଲା, ତାପରେ ମୁରୁକିଲା । ଯାଦବ ଅନୁଭବ କଲା ଦୂରତା ଯେତେ ହେଉ ସେ ଯେପରିକି ଏକାଠି ହୋଇ ଚାଲିଛି, ସେଥିରେ ଆନନ୍ଦ ଅଛି, କିନ୍ତୁ ବିଶ୍ଳେଷି ଦେଖିବାକୁ ମନ ଯାଉନାହିଁ । ପଛେଇ ରହିଲା ।

ଦୁଇ ବ୍ୟକ୍ତିତ୍ୱର କଳାକଳିରେ ସେ ଅନୁଭବ କରୁଥିଲା ଯେପରିକି ସୁପ୍ରଭାହିଁ ବଡ଼, ତାକୁ ପ୍ରତିବାଦ କରିବାକୁ ବି ନିଜର ବଳ ନାହିଁ । ପଛରେ ରହି ଆପଣାକୁ ତଉଲୁ ଥିଲା—ମେସକୁ । ରାଜନୀତି କଥା ଭାବୁଥିଲା । ପାଦ ତଳେ ପଡ଼ିଆରେ ଧୂସର ଧୂସର ପବନରେ ଉଡ଼ି ଚାଲିଗଲା ଖଣ୍ଡେ କାହାର ଲେଖା କାଗଜ, ପିଲା ଖେଳ ଖେଳ ଯାଦବ ତାକୁ ଧରିବାକୁ ଚେଷ୍ଟା କଲା, ହାତରେ ଧରିଦେଇ ପବନରେ ପୁଣି ଉଠି ଚାଲିଗଲା ପୃଷ୍ଠାଟି—ଏଇ—ଉପରକୁ ଉଠିଲାଣି—ତଳେ ଘୁସୁରିଲାଣି, ଉଡ଼ି ଉଡ଼ି ସେ ଚାଲିଛି—ଅଜଣା

Digitized by srujanika@gmail.com

ହାତର ଲେଖା ଅନୁଚ୍ଛେଦ ବାଛୋଇ ପରି ଛୁଣ୍ଡା ପୃଷ୍ଠାଟିଏ—ମୁଠା ଏଡ଼େଇ ଉଡ଼ି ଉଡ଼ି ଚାଲୁଛି ।

ନଅ

ଆପଣ—ଆଜି—ଆସିବେ ।

ଆପଣ ଆପଣାର ହୋଇ ତୁମେ । ଆଜି ଆତୁର ହୋଇ ହୁଏ ବର୍ତ୍ତମାନ ଏହିକ୍ଷଣି । ଆସିବେ—ସେ ନ ପାଇବାର ମୋହ ହେପାଖେ ଅଧଆଉଜା କବାଟ ଦୁଇଫାଳ, ଆସ୍ତେ ଠେଲିଦେଲେ ଫିଟିଯିବ । ଅକ୍ଷର ନାଚିଯାଏ । ସିନେମାର କମିଆଁ ଚହଟାଇ ଉଭାହୁଏ ଗୋଟିଏ ଛବି, ନଭିତରେ ଥାଇ ଅନୁଚ୍ଛେଦରେ ନିଘାରେ ପଡ଼ିଥିବା ଜଣଙ୍କର ନଦେଖିବା ଚାହିଁ, ଦୃଷ୍ଟିକୁ ବାନ୍ଧି ରଖେ, ପାଦରେ ପଡ଼େ ବେଡ଼ି । ଛବି ଦେହ ହଲାଏ, ହସେ, ଦୁନିଆଁର ଦୃଷ୍ଟିରୁ ଉହ୍ୟାଳ ହୋଇ ଅନ୍ତରକୁ ଶର ଫିଙ୍ଗିଲା ପରି, ସ୍ୱପ୍ନରେ ଡ଼ାକେ—ଆସିବେ । ଶୁଣାଳି ଭାବେ ସେ ଏକା ଶୁଣୁଛି, ଅଉ କେହି ନୁହେଁ । ଛବି ନାହିଁ । ଖାତାରେ ଲେଖାଅଛି ଅକ୍ଷର । ଯାଦବ ଦେଖୁଛି କ୍ଲାସ୍‌ରେ ସେ ବସିଛି, ଦୁମ୍ବୁ ଦୁମ୍ବୁ ଚାପ ପଢ଼ୁଛି, ଦେହ ଭିତରେ ଉଷ୍ଣତା, କ୍ଲାସ୍‌ର ଜନତା ମେଳରେ ନ ଦେଖିଲା ନ ଭାବିଲା ଅଖି ସେ ଥାପିଛି ତାର ଖାତା ଉପରେ ଯେଉଁଠି ସୁପ୍ରଭା ଦାସ୍‌ର ଗୋଲ ଗୋଲ ଅକ୍ଷରରେ ଲେଖାରହିଛି "ଅପଣ ଅଜି ଅସିବେ ।" ନାଁ ନାହିଁ । କପାଳର ଝାଳ ପୋଛିଦେଲା । ସାମ୍ନାକୁ ଚାହିଁଲା, ପଢ଼ା ଚାଲିଛି, କେତେ କଣ କହିଗଲେଣି, ସେ ଶୁଣିନାହିଁ, ପାଠପଢ଼ାର ପାହାଚ ମଝିରୁ ଖସିଗଲାଣି । ପଡ଼ୋଶୀ ଚାରର ବନ୍ଧୁକୁ ଚାହିଁଲା, ଆପଣା ବନ୍ଧରେ ସ୍ଥାନ ନେଇ ଆଙ୍ଗୁଠି ରଖିଲା, ଅନ୍ଧାର ବାଲ୍‌ବିଲ୍ ଗୁମ୍ଫା ଭିତରୁ ଆପଣାକୁ ଉଦ୍ଧାର ନେଇ ଥୋଇଦେଲା ରାଜପଥରେ ।

ଆସିବେ ବୋଲି କହିଦେଲେ ହିଁ କାହାର ଅର୍ଥ ବା ହୁଏ ନାହିଁ—ଆପଣା ଅନ୍ତରର ମଧୁରିଆ ଅଠାଳିଆ ମୋହକୁ ଜାଣି ନଜାଣିଲା ପରି ଏଡ଼େଇଦେଇ

Digitized by srujanika@gmail.com

ଯାଦବ ଭାବିଲା । ଏଇ ତାର ପ୍ରଥମ ଅନୁଭୂତି, କିନ୍ତୁ ଅଦ୍ଧନାଆଁ ପରିଣ ଉପରେ ଅଦ୍ଧନାଆଁ ବାରମ୍ଭ ଅଜାଡ଼ି ଦେଇ ଯାଦବ ଭାବିଲା, ସ୍ୱେବ ଯିବ । ଆପଣାର କର୍ତ୍ତବ୍ୟ ଅଛି, ଭବିଷ୍ୟତ୍ ଅଛି । ଦବିଲ ଛାତିର ନରମା ଅନୁଭୂତି ଛାତି ତାର ନିଆରା ବାଟ । ଭାବିଲେ ସେ ଫୁଲିଉଠେ, ତାର ବ୍ୟକ୍ତିତ୍ୱ ବଢ଼ିଯାଇ ଝଣିକ ଉଠି ମେଘପରି ପ୍ରକାଣ୍ଡ ହୋଇ ଆଗକୁ ଭାସି ଚାଲିଯାଏ । ସେତେବେଳେ ମଣିଷର ସାଧାରଣପ୍ରକୃତି ତାକୁ ଦିଶେ ଅତି ଶ୍ରେଷ୍ଠ, ଅତିହେୟ । ନିଜ ବ୍ୟକ୍ତିତ୍ୱର ଅହମିକା ଉପରେ ଉଚ୍ଚ ହାଉଦାରେ ସବାର ହୋଇ ବସି ସେ ତାର ଖାତା ଉପରେ ଲେଖାହୋଇଥିବା ସୁପ୍ରଭା ଦାସର ବାଇଶଣ ମର୍କ ଅକ୍ଷରକୁ ତରାଟି ଚାହିଁଲା । ପୁଣି ମୁହଁରେ ଆଖିରେ ବାଜିଲା ସତେକି କୁଆଡ଼ୁର କେଉଁ ଅଦେଖା ବୁଢ଼ିଆଣି ଜାଲର ଅଉଆ ଝିଅ । ଦୀର୍ଘଶ୍ୱାସକୁ ଚେକିରେକିବା ଇଞ୍ଜିନ୍‌ର ବାମ୍ପ ପରି ଛାଡ଼ି ଯାଦବ ଉଚ୍ଚାରିଲା—"ଉଁଃ ।"

ସୁପ୍ରଭା ଦାସକୁ ପରୋକ୍ଷରେ ଅନୁକମ୍ପା ଜଣାଇ ଯେପରି ସେ ମନକୁ ମନ ସମବେଦନା ଢାଳି ଦେଇଆସିଲା—ସେ ଯିବ ନାହିଁ, ସେ ଯାଇପାରିବ ନାହିଁ—ହୁଏତ ବା କେତେଦିନ ପରେ—ଯଦି ସମ୍ଭବ ହେବ ତେବେ, ତଥାପି ସେ ମିଛି ମିଛି ଆଶା—କାମିକା ମଣିଷର ଦାମିକା ମୁହୂର୍ତ୍ତଗୁଡ଼ିକ କାହାରି ନୈଠିକଖାନା ଘରେ ବନ୍ଦୀ ଦେବାପାଇଁ ନ ଥାଏ—ବୃଥା ।

କିନ୍ତୁ ସମ୍ମୋଧିଲୁ ଯାହାକୁ ମୁହଁଟି ତାର ତଳକୁ ଅଛି, ନିବିଷ୍ଟ ମନକୁ ଚତୁର୍ଥୀର ସମ୍ପ୍ରଦାନ ମୁଦ୍ରାରେ ଅଧ୍ୟାପକଙ୍କ ଚଟ୍ଟୋରେ ନମସ୍କାରଦେବ ସୁପ୍ରଭା ଦାସ ପ୍ରଶ୍ନଚିହ୍ନଟିଏ ପରି ବସିଛି । ସେ ହେଲ୍ ନମ୍ବର ଟେଲେଭେନ୍, ମଣିଷ ନୁହେଁ ।

ଭୂଷଣ୍ଡ ପଡ଼ିଥିବା ବ୍ୟକ୍ତିତ୍ୱର ମେଢ଼କୁ ଝିରି ଦେବାକୁ ଯାଦବ ହଜାଇଲା ତାର ରାଜନୀତିର ମତବାଦ, ତାର ଯୋଜନା, ତାର ଅର୍ଦ୍ଧେଶ । ଦେଶ-ମା —ବିପନ୍ନା ମାତା ମୂର୍ତ୍ତି—ଭାବିଲେ ଛାତି ଭିତରେ ଗୁଡ଼େଇ ହୋଏ । ଗଣ-ଭିଡ଼ ପତିଆରରେ ବଡ଼ ବାଜା ସଙ୍ଗତ ପାଦପକାଇ ଚାଲିଲେ କାମିକର କାଣ ପାଇଁଛି । କେମିତି ମଟ୍ ମଟ୍ ଲାଗେ, ଭଲଲାଗେ ।

Digitized by srujanika@gmail.com

ଦରିଦ୍ର—ଅହା ! ଆହା'ର ରୂପ ଗଢ଼ିବାକୁ ଲଗେ ପାଞ୍ଚ ମିନଟ୍ । ଆପଣାର ଯେତେ ଦୁଃଖ ଅଙ୍ଗେନିଭେଇଥିବା, ଶୁଣିଥିବା, ଦେଖିଥିବା ସବୁ ପ୍ରକାର ଦୁଃଖ । ଆଶାକରି ଇଚ୍ଛାକରି ଯୁଝ ଅନ୍ୟମାନେ ପାଉଥିଲାବେଳେ, ବା ଅନ୍ୟମାନେ ପାଉଥିବାର ସମ୍ଭାବନା ଥିଲାବେଳେ, ନିଜେ ନପାଇବାର ଦୁଃଖ । ସେଇଠି ଆସେ ତାର ସମତାର ଆଣ୍ଠୁ ଏବଂ ସୁପ୍ରଭ ଦାସ କ୍ଲାସ୍ ସାରି ହ୍ୟାଣ୍ଡବ୍ୟାଗ୍ ଓହଳାଇ ଚାଲିଯାଇ ତାର ଗାଡ଼ିରେ ବସେ ।

ବିଦ୍ରୋହ—ନିଆଁ—ତୋଫାନ—ମେଘ—ଘଡ଼ଘଡ଼—ଯେଠି ପ୍ରତିଶୋଧ ଜିଭ ଲହଲହ କରି ସବୁ ଚାଟିପକାଏ, ଆପେ ଆପେ ଆସେ ରକ୍ତର ବର୍ଷା, ରକ୍ତର କଳ୍ପନା ଝାଙ୍କିଦେଇ ଛାଇଁପକାଏ ସଭ୍ୟତାର ଭେକ ତଳୁ ଶିକାରୀ ଗୁମ୍ଫା ମରଦକୁ, ରକ୍ତର କବିତାର ଜୁଆର ବୋହିଯାଏ । ସେହି ଘଡ଼ଘଡ଼ ଚଡ଼ଚଡ଼ ଭିତରେ ଯାଦବ କଣେଇଁ ଚାହେଁ ବୟାଳିଶ ନମ୍ବରକୁ—ଯେଉଁ ଦଳର ସେ କେହି ନୁହେଁ । ମା' ଓ ବୟାଳିଶ ନମ୍ବରକୁ ପାଖ ପାଖ ଥୋଇ ଭାବେ ମା' କଳ୍ପନା, ତାକୁ ଆପଦରୁ ରକ୍ଷା କରିବାକୁ ହେବ । ମା'ର ରୂପ ହୁଏ ଭଉଣୀର —ତାପରେ ଜଣେ ଚହ୍ଲା ଝିଅର—ଚୁନିଲାଲ ଅଗରୱାଲ ସଡେନ୍ ଝିଙ୍କା ଓଟ୍ରା କରୁଛି ଜଣକୁ ଏବଂ ସେ ଜଣକ ପାଟି କରୁଛି ।

ଚମକିପଡ଼ି ବାହୁ ଉପରୁ ଫର୍ମା ଦୃଷ୍ଟି ପଦାକୁ କାଢ଼ିଲା ବେଳକୁ କ୍ଲାସ୍ ଶେଷ ସରିଗଲାଣି, ସମସ୍ତେ ଚାଲିଯାଉଛନ୍ତି ।

ଦଶ

ସୁପ୍ରଭା ଦାସର ଗାଡ଼ିର ସିଠି ଆଡ଼ଟା ଦୂରରେ ଉଭେଇଯାଉଛି ଧୂଳି ମେଘ ପଛଆଡ଼େ, ବଣପରି ଗହଳର ଉଚ୍ଚ ଅଳରେ । ଏଇ ସେ ଗଲା, ପୁଣି କାଲି ସକାଳେ ସୂର୍ଯ୍ୟ ଉଇଁବ, ଦିନମାନର ଯୋଜନା ନିର୍ଘଣ୍ଟପରି ସେ କ୍ଲାସକୁ ଆସିବ—ସେ ପର୍ଯ୍ୟନ୍ତ ସେ ଯାଉ । ତାଠୁଁ ଦୂରତା ଅନୁସାରେ ଆକ୍ରମଣର

Digitized by srujanika@gmail.com

ବେଗ, ଧାପର କୋପ, ଧୀରେ ଧୀରେ କମିଅସୁଛୁ । କିନ୍ତୁ ରହିଯାଇଛୁ ସାମାନ୍ୟ କିଛୁ ଅଁଣ୍ଡ଼ାର ଦାଗ, ଫାଙ୍କା ଭାବନାରେ ଯେଉଁ ଦରଜ ଲଗେ, ଅଁଣ୍ଡ଼ା ଦାଗରେ ଝୀଳ ଲଗିଲ ପରି । ଯାଉ ସେ. ନିମନ୍ତ୍ରଣ ଏଡ଼ିବାକୁହିଁ ହେବ । ଗହଳ ରାସ୍ତାରେ ଚାଲ ଚାଲ ଯାଉ ଯାଉ ଯାଦବ ଅନୁଭବ କରୁଛୁ ସିଧା ବାଟର ନଚ୍ଛଟିଆ ବାଟୋଇ ସେ ହିଁ । କେତେ ଭୋଟା, ଗାଁ, ଫୁଲଭର୍ତ୍ତି ବଗିଚା, ଛୁଇଁତଳିଆ ପୋଖରୀ । କରରେ କେତେ ସ୍ନେହ ମଣିଷଙ୍କ ବାସଘର, ହସିଲି ଓଠରେ ବାଟପାଗ୍ରେଟା ନିମନ୍ତ୍ରଣ, ଦୁନିଆଁର ସବୁ ସ୍ନେହର ବନ୍ଧନ ତାର ବାଟର ଦୁଇ କରରେ । କିନ୍ତୁ ଅଟକିବାକୁ ହେବ ନାହିଁ, ବେକ ଭାଙ୍ଗି କଣେଇ ଚାହିଁବା ମନା । ସଲଖ ଅଦୃଷ୍ଟ ପରି ସିଧା ବାଟ ଡ଼ାକୁଛୁ "ଚାଲ ଚାଲ" । ପାଦର ବେଗରେ ବୀରପଣ ବଢ଼ିଯାଉଛୁ, ଦେହର ଆବରଣ ତ୍ୟାଗର ଭେକ, ଗେରୁଆ । କୈଶୋରର ଝିଅଲି ମନରେ ଆଦର୍ଶର ମହାନେକା ଅତ ଦୂରରେ ସେ, ଯିବାକୁହିଁ ହେବ ।

ଆପଣାର ପରବେଷ୍ଟନୀ ମନେପଡ଼ୁଛୁ । ଲଗୁଛୁ ଉଦାସ । ପୁରୁଣା ମେସ୍‌ରୁ ବସା ଉଠିଛୁ, ଘର ନାହିଁ, ଭଲ, ସେ କ୍ଷେତ୍ରଡ଼ । ଜୀବନ ମହାନ୍ତ ତାର ଦଳ ବାଛୁନେଇଛୁ, ମେସ୍‌ର ଅନ୍ୟାନ୍ୟ ଯେଉଁମାନେ ସମସ୍ତେ ଦସ୍ଖାଲଣ ନମ୍ବର । ତାର କେହି ନାହିଁ । ସେ ବି ଭଲ, ସେ ତା'ର ବଡ଼ପଣ । ବଳିଷ୍ଠ ବ୍ୟକ୍ତିତ୍ୱ ମେଣ୍ଢା ପଲର ସାଧାରଣ ଦଳରୁ ଅଲଗାହୋଇ ଫିଟିପଡ଼େ । ଅନ୍ଧ ନିର୍ଦ୍ଦେଶରେ ଅଡ଼େଇ ହୋଇ ଚାଲିବାକୁ ତାର ବିବେକ ଘୃଣାକରେ । ସେ କେବଳ ମଣିଷ ନୁହେଁ, ସେ ଯାଦବ ପଧାନ, କେତେ ଯତ୍ନରେ ଛୁଟିକାଟି ହୋଇ ମାଜିହୋଇ ପାଲିସ୍‌ହୋଇ ସାଇତା ହୋଇଥିବା ଗୋଟାଏ ବ୍ୟକ୍ତିତ୍ୱର ରୂପ, ମାର୍ଜିତ କେତେ ରୁଚିର ସମାବେଶ, କେତେ ଉନ୍ନତ ଆଦର୍ଶର ସ୍ରୋତ । ଭୟନାହିଁ, ତାର ସିଧା ବାଟ ।

"ହଂସାକୁ ହଂସା ହିଁ କାଟେ"—ଶୁଭ୍ରା କହୁଥାଏ—"ଜପ ତପ ସେଠି ବିଫଳ । ଦମ୍ପତ୍ତିଙ୍କ ମୁଣ୍ଡରେ ହାତୁଡ଼ିରେ କଣ୍ଟା ପିଟି ପିଟି ପୂରେଇବାକୁ ହେବ ଏହି ଧାରଣାଟା ଛିଦା, ସବୁ ଯାହା ତାହା ତରକାଲି ହତ, ଯେତେ ଲୁଚକାଳି ଖେଳିଲେ ବି ମେଘ ଫାଟରେ ସୂର୍ଯ୍ୟପରି ସତଟା ଫୁଟି ବାହାରେ,

Digitized by srujanika@gmail.com

ଚେତେଇ ଦଏ ଯେ, ଅନ୍ଥ, ତୁ ବୁଝୁନୁ କାହିଁକି ? ସାଧାରଣ ଉଦାହରଣ ଦେଖ୍, ବାଗରେ ମାଙ୍କଡ଼ ପଶିଛନ୍ତି, ବାଇଗଣ ଭେଣ୍ଡି ଛିଣ୍ଡେଇ ଖାଉଛନ୍ତି, ଗଛକୁ ମୋଡ଼ୁଛନ୍ତି ଭାଙ୍ଗୁଛନ୍ତି—ତୁ ଯାଇ ସେଠି ହାତଯୋଡ଼ି କହିବୁ, ହେ, ଗେଧ ମହାଶୟ—"

ଛନ୍ଦା ଅନୁକରଣକର କହିଲା—"ବାଃ, ବେଶ ଶୁଭୁଚେତ, ଗୋଟିଏ ଗଦ୍ୟ କବିତାର କଣାଣ ପରି, ହେ—ଗେଧ ମହାଶୟ ।"

"ଆରେ, ତୁ ସିମ୍ବଲିଜ୍ମ ବୁଝୁ, ଏ ପଲିଟିକ୍ସ ଯେମିତ କଣ ? ହେ ଗେଧ ମହାଶୟ, ତୁମେ ଏ ଗଛ ଲଗେଇନା, ତୁମେ ଏଠି ଅଞ୍ଜୁଳାଏ ବ ପାଣି ଢାଳିନା, ମଞ୍ଜି ପୋତିନା, ଏ ତୁମର ଅନ୍ୟାୟ, ଘୋର ଅନ୍ୟାୟ, ତୁମେ ଯାଅଣ୍ଟା ନ ହେଲେ ମୁଁ ରୁଷିବି, କାନ୍ଦିବି, ଉପାସ ପଡ଼ିବି, ହଙ୍ଗର ଷ୍ଟ୍ରାଇକ୍ କରିବି । ଗେଧ କଣ କହିବ ?"

"ଗେଧ ପଢ଼ିବ ଗଦ୍ୟ କବିତାରେ ଭଣେଇ, ମୁଁ କହୁଚି ଶୁଣ—

ଶୁଣ ଶୁଣ ବର୍ତ୍ତମାନର ଲୋକେ,
ଭବିଷ୍ୟତର ଲୋକେ,
ଅତୀତର ଲୋକେ,
ଶୁଣ ମର୍ତ୍ତ୍ୟର ମାନବ,
ମୁହିଁ ଅଟେ ଚତୁର୍ଭୁଜ ଗେଧ, କଳା ମିଶ୍ ମିଶ୍,
ନୁହେଁ ମୁଁ ଦ୍ୱିଭୁଜ ଅଦ୍ଭୁତ, ତୁମ ପରି ।
ନୁହେଁ ମୁଁ ସରଳରେଖା, ନୁହେଁ ବୃତ୍ତ, ନୁହେଁ ମୁହିଁ ବିନ୍ଦୁ ।
ଖେପା ମାରି ଦେହିଁ ପାରେ ସିନ୍ଧୁ,
ବତୁଳ ମୋ ଯୌବନ ଅଭିସାର,
...ଧାତ୍"

"ଇସ୍, କୁଳ କୁଳ ହଉଚୁ ଖରା—"

Digitized by srujanika@gmail.com

"ନଇଲେ ତୁମେ କହନ୍ତ ପ୍ରାଚ୍ୟ ଭଙ୍ଗୀରେ ଏମିତ ବଙ୍କା ହୋଇ—"ଶେଧ ତୁଲେ ଦୁଷ୍ଟ, ଖର ଦୁଷ୍ଟ—"

"ଜାଣିଚୁ, ତୁ ଯାହା କହୁଚୁ ତାକୁ ମନୋବଞ୍ଛାନ ଅନୁସାରେ ବିଶ୍ଳେଷଣ କରିଦେଲେ କଣ ସେଥିରୁ ମାନେ ବାହାରିବ ?"

"ଏମିତ ଦାମିକା କଥା ମୁଁ କହିଦେଲି ? ତା'ହେଲେ ଆହୁରି ଶୁଣ—ମୁହିଁ ଶେଧ, ନୁହେଁ ଗିଧ, ନୁହେଁ ବୋଧ ସାମାନ୍ୟ ପ୍ରତିରେ, ହେ କୁମାରୀ—"

"ଉଃ, କି ମନୋବୃତ୍ତି ତୋର ! ବୟସ୍ ମଣିଷକୁ ଏମିତ କରେ ?"

"ଖର ଲୋଭ ହଉଚି ନୁହେଁ, ଶୁଭ୍ରାଦ ? ଲେଖିପକେଇ ତମ ନାଁ ଦେଇ ଛପେଇଦଅ ମୁଁ ଖର ଖୁସିହେବି ।"

"ହଉ, ବହୁତ ହେଲା, ତମର ସମସ୍ତିଙ୍କ ଦଶା ହେଉପଣ । ଟିକିଏ ଅପେକ୍ଷା କରି ପାରିବ ନାହିଁ—ତର ସହିବ ନାହିଁ ।"

"ସେଇଥିପାଇଁ ମହା ଶେଧ ଉପାଖ୍ୟାନ କହୁଥିଲ ଶୁଭ୍ରାଦ । ପ୍ରକୃତରେ—ମଣିଷ ଯାହା କହେ ସେ ତା'ର ମନ ଭିତରେ ବାସ୍ତବ ଚିନ୍ତାର ସରଳ ବା ରୂପାନ୍ତରିତ ପ୍ରକାଶ ।"

"ଦର୍ଶନ-ପ୍ରକାଶ ପଢ଼ିଥିଲୁ ବୋଧହୁଏ । ସେମିତ ନାଇଁ, ଫ୍ରଏଡ୍ ପଢ଼୍ ବୁଝିବ ।"

"ସମସ୍ତେ କହନ୍ତି ଫ୍ରଏଡ୍ ପଢ଼୍—ଫ୍ରଏଡ୍ ପଢ଼୍, ସେଥିରୁ କି କିଛି ବୁଝି ହୁଏ ? ମୁଁ ତ ଭାବେ ସେ ଗୋଟାଏ ଫ୍ୟାସନ୍ । ଗୋଟାଏ ପ୍ରସିଦ୍ଧ ଫିଲ୍ମ ଦେଖିନାହିଁ କହିଲେ ଯେମିତ ସମାଜରେ ମୁହଁ ଟେକିହୁଏ ନାହିଁ, ସେମିତ ଗୋଟାଏ ଚଳନ୍ତି ନା ତାକୁ ବହି ପଢ଼ିନାହିଁ କହିଲେ ମାଢ଼ପଡ଼େ । କେନ୍ତ ନାମଜାଦା ଫିଲ୍ମ ଚନ୍ଦଣା ଦେଖି ଯେମିତ ମୁଁ ବୁଝିପାରେ ନାହିଁ, ଏସବୁ ବହି ସେମିତ ମୋର ଦୁର୍ବୋଧ ।"

"ଦେଖ୍, ଆମେ ଶେଧ ମାଙ୍କଡ଼ଠୁ ଆରମ୍ଭ କରି ପହଞ୍ଚିଲେଣି ଫ୍ରଏଡ୍ ପର୍ଯ୍ୟନ୍ତ ।"

Digitized by srujanika@gmail.com

"ସେଇ ବୋଧହୁଏ ଫ୍ରଏଡ୍‌ଙ୍କ ଦର୍ଶନର ଉଦାହରଣ ଏବଂ ଆଧୁନିକତାର ସ୍ୱ । ଗପ କହ, ଟେଲ୍‌ଷା ଉପନ୍ୟାସ କହ, ରାଜନୀତି କହ, ଥରେ ଆରମ୍ଭ ହେଲେ କହି ହବନାହିଁ ଗଡ଼ି ଗଡ଼ି ସେ କେଉଁଠି ବାଟ ଯିବ । ଯାଉ ଯାଉ ଫ୍ରଏଡ୍ ତ ପ୍ରଥ ବାଙ୍କରେ ହାବୁଡ଼ିବେ ।"

"ଏଇଥିପାଇଁ ତତେ ଭଲଲାଗେ ଛନ୍ଦା, ତୁ ବାଜେ ବକିଲେ ବି କିଛି ହେଲେ କହୁ । ମନଟା ସବୁ କାମରେ ଲଗାନ୍ତୁ, ଶୁଣ, ବି ସିରିଅସ୍—"

"ପ୍ରଥମେହିଁ ପଚାରୁଛି ଶୁଣ ଶୁଭ୍ରାଦ୍ଧ । ଆମର ଏ ଓଡ଼ିଆ ଭାଷାରେ ପଦେ ପଦକେ ଇଂରେଜି ମିଶାଇ ଆମେ ସବୁ କଥା କହୁଥିବା ତେବେ ପଚାଶ ବର୍ଷ ପରେ ଆମର ଭାଷାର ଚେହେରା କେମିତି ହେବ ? ତୁମେ କହୁଚ ବି ସିରିଅସ୍—ଅର୍ଥାତ୍ ଗୁରୁ ଗମ୍ଭୀର ହୁଅ । ଗୁରୁ ଗମ୍ଭୀର ହୋଇ ବେଳେ ବେଳେ ଏ କଥା ଭାବିଲେ ମତେ ଡାଟକା ଲାଗେ ।"

"ଅଃ—ବାଜେ ବକନା ! ଯେମିତି ହଉ ଭାବ ପ୍ରକାଶ କରିଦେଲେହିଁ ଚଳିବ । ପଢ଼ିଲେ ଇଂରେଜି କହିବା ଓଡ଼ିଆ, ବୁଝିବା ତ ସ୍ୱାଭାବିକ । ତୁ ତାକୁ କାନରେ ଗଣ୍ଠି ପକେଇ ବସିଚୁ । ଭ୍ରୁରୁଡ଼ୁ ମାରି ହୁରୁଡ଼ାନା ମତେ—ହେଲାତ ଏଥର ? ବେଶ୍ ତଟେ ଯାହା ବୁଝୋଉଥିଲ—"

"ଏଇ ଅଃ ଆଉ ଉଃ, ଆଉ ଇସ୍ ଆଉ ଉଶ୍—"

"ଫେର୍—"

"ଫେର୍ ବି ଭୁଲିଯାଇଥିଲ, ଏସବୁ କଣ ନକହିଲେ ନଚଳେ ?"

"ତୋର ଚଉଁରିଭୁଣ୍ଡୀ ଦରକାର ହେଲାଣି—"

"ଧରନ୍ତୁ ଗୋଟାଏ ଆଣି—"

"ଶୁଣ ଶେଷକୁ ସ୍ପଷ୍ଟ କଲେ ଶେଷ ଖେଞ୍ଚି ଗୋଡ଼େଇବ । ସେ ପଥର ତାଠି ଯୁଗଯୁଗର ଅସ୍ତ୍ର, ସଫଳ ହୁଏ ।"

"ଶେଷ କଣ ପଥର ?"

"ମଣିଷର ସାଧାରଣ ପ୍ରବୃତ୍ତି ନାହିଁ ଯାହାଠି, ମଣିଷର ଦୁଃଖ କାକୁତି ଯେ ବୁଝିପାରିବ ନାହିଁ, ଶୁଣିପାରିବ ନାହିଁ—"

Digitized by srujanika@gmail.com

“କିନ୍ତୁ ଗୋଧ ଆଉ ମଣିଷ ଭିତରେ ଅନେକ ସାମଞ୍ଜସ୍ୟ ଅଛି, ଏକଥା କଣ ତୁମେ ଅସ୍ୱୀକାର କରୁଛ ?”

ଗୋଧ ଟେଙ୍କି ଗୋଡ଼ାଇବ, କାମୁଡ଼ି ଧାଇଁବ । କାନ୍ଦଣା, ଭୁଷା, ହଙ୍ଗର ଷ୍ଟାଇକ୍ ସବୁ ବିଫଳ ହେଠି । ତା ଅପେକ୍ଷା ଟେକା ଫୋପାଡ଼ିବୁ, ବାଡ଼ି ଉଞ୍ଚେଇବୁ, ହିଂସାକୁ ଭେଟିବୁ ହିଂସା ଧରି, ତଲେ ପ୍ରତିରୋଧ ନରହି ଚଳେଇବୁ ଝରି ପିସ୍ତଲ, ଏଇ ଗୋଧ—”

ପର୍ଦ୍ଦା ଠେଲି ଭିତରକୁ ପଶିଲା ଯାଦବ ପଧାନ । କଲେଜରୁ ଫେରିଛି । ମଉସା ଘର । ସେଇତବେଳେ ଶୁଭ୍ରା ବ୍ୟାଖ୍ୟାନ କରୁଛି ଦୀପ୍ତ ଭଙ୍ଗୀରେ ତାର ନିଜର ସାର୍ଥକତା, ମୁହଁକୁ ଯଥା ସମ୍ଭବ ଭୟଙ୍କର କରିଛି, ହାତରେ ପିସ୍ତଲ ପରିବର୍ତ୍ତେ ଝରେଇ ପାନ ଭୁଲବାଡ଼ି । ଛନ୍ଦା ପଡ଼ିଛି ସେହି ମନ୍ତ୍ରର ଜାଲରେ ତାର ଶେହ୍ଲାଳିଆ ଅଳଅଳ ଅଳୁଳି ଭଙ୍ଗୀ ମଝିରେ । ହଠାତ୍ ପଡ଼ି ଯାଇଛି ଗୋଟାଏ ଅହେତୁକ ପୂର୍ଣ୍ଣଚ୍ଛେଦ ଏବଂ ସେ ଶୁଭ୍ରାର ଆଖିକୁ ଚାହିଁ ରହିଛି ଆଖିରେ ବଶୀଭୂତା ହେଲ ପରି ।

ଯାଦବ ଆସି ଟକ୍କାହୋଇ ଠିଆ ହେଲା ।

ଡ଼୍ରାର ଛିଣ୍ଡିଯାଇ ଅଜାଡ଼ି ହୋଇପଡ଼ିଲା ପରି ଛନ୍ଦା ଆପଣାକୁ ମନେ ପକେଇ ହସିଉଠି ହସ ବେକ ଘୋଟେଇ ହୋଇପଡ଼ି ଦୂରକୁ ପଳେଇଲେ । ବିଶ୍ୱବିପ୍ଳବୀର ଆଦର୍ଶକୁ କାର୍ଯ୍ୟରେ ପରିଣତ କରି ଗର୍ବ କରି ବିରକ୍ତ ହୋଇ ଭ୍ରୂଲତା ଟାଙ୍କି ଶୁଭ୍ରା ହାଙ୍କିଲା—

“ଯ୍ୟା ମାନେ ?”

ଉତ୍ତର ନାହିଁ ।

“ମୁଁ ପଚାରୁଛି, ଯ୍ୟା ମାନେ ?”

ବିବ୍ରତ ହୋଇ ଯାଦବ କହିଲା, “କାହାର ?”

“ଆପଣଙ୍କୁ ଆଜି ଦେଖିଛି ମନେହେଉଛି ।”

“ନିଶ୍ଚୟ ।”

Digitized by srujanika@gmail.com

"ଓଃ, ନମସ୍କାର ! ଆପଣ କ୍ୟାଜ୍‌ଲ୍ଂ ଶ୍ରୀ ଯାଦବ ପଧାନ, ହଠାତ୍ ଏପରି !" କ୍ୟାଜ୍‌ଲ୍ଂ ଶୁଣି ଯାଦବ କାନମୁଣ୍ଡା ଖଁ ଖଁ କଲା । କହିଲା "ମୁଁ କିଛି ବୁଝି-ପାରୁନାହିଁ ।"

"ତେବେ କଅଣ ଶେଷରେ ଆପଣଙ୍କର ମତ ଫେର୍ ଥରେ ବଦଳିଲା ଯେ କହିବାକୁ ଆସିଛନ୍ତି ? ତେବେ ହଠାତ୍ ?"

"କଅଣ ଆପଣ କହୁଛନ୍ତି ?"

"ନାଁ ଆପଣ ଶତ୍ରୁ ପକ୍ଷର ଗୁଇନ୍ଦା ।"

"ଅପମାନଜନକ କଥା କହିବା କଣ ଆପଣମାନଙ୍କର ସ୍ୱଭାବ ନାଁ ନାସ୍ତିକର ବଜ୍ରକବଚ ଅଙ୍ଗକୁ ସାନ୍ତ୍ୱ ପରି ଥିଲେ ଏପରି କଥା ଅବଲୀଳାକ୍ରମେ କୁହାଯାଇପାରେ ? ମୁଁ ବଡ଼ ଦୁଃଖିତ ହୋଇଛି ମିସ୍ ।"

"ବାଃ, ବେଶ୍ ତ ସଂସ୍କୃତ କହୁଛନ୍ତି । ନାସ୍ତିକର ବଜ୍ରକବଚ ନଥିଲେ କଣ କରନ୍ତେ ଆପଣ ? ଓ, ନାସ୍ତି ଅବସ୍ଥା···ନୁହେଁ ? ତାହେଲେ ଆପଣଙ୍କ ଅହିଂସା ନୀତିରେ ବଧ ପାଇଁ ମଧ୍ୟ ବନ୍ଦୋବସ୍ତ ଅଛି ! ତେବେ ଜାଣିରଖନ୍ତୁ କେତେକ ଜନ୍ତୁ ମଧ୍ୟ ଅବଧ୍ୟ ।"

ଛନ୍ଦା ତାର କାନପାଖରେ କହିଲା, "ଯଥା··· ।"

"କଣ ଆପଣଙ୍କର ଅନିଷ୍ଟ କଲି ଯେ ଏତେଗୁଡ଼ାଏ ଶୋଧି ପକାଉଛନ୍ତି ଆପଣ—ମୁଁ ବୁଝିପାରୁନାହିଁ । ବାସ୍ତବିକ ଆପଣମାନଙ୍କୁ ଏଠି ପୁଣି ଦେଖିବାର ସୌଭାଗ୍ୟ ମୁଁ ଆଶା କରିନଥିଲି ।"

"ତେବେ କୋଉଠି ଦେଖିବାର ଦୁର୍ଭାଗ୍ୟ ଆଶାକରି ଆପଣ ଆସିଛନ୍ତି ?" ଯାଦବ ରାଗିଲାଣି । କହିଲା, "ଏଠିତ ବସ୍ତିଲାଇଣ୍ ନମ୍ବରର କେହି ନାହାନ୍ତି । ତେବେ କଣ ଆପଣମାନେ ଆସିଥିଲେ ଗୃହା—"

"ଶୁଣୁଛୁ ଛନ୍ଦା, ହସ୍ ଟଙ୍ଗ୍ ଦ ଲିମିଟ୍ ! କଣ କହିଲେ, କଣ କହିଲେ ! ଡ଼ାକବେ ଛନ୍ଦା, କେହି କଣ ନାହିଁ ?"

ଯାଦବ କିଛି ନକହି ଉତ୍ତରକୁ ଯିବାପାଇଁ ଆଗକୁ ମାଡ଼ିଲା । ଛନ୍ଦା ଏତେ ବେଳ ଯାଏ ଚୁପହୋଇଥିଲା, ହଠାତ୍ ଚଞ୍ଚଳ ହୋଇ ଉଠି ଢଙ୍ଗରେ

Digitized by srujanika@gmail.com

କବାଟ ପାଖେ ଠିଆହୋଇ ବାଟ ଓଗାଳି ପକାଇ କହିଲା, "ଠିଆ ହୁଅନ୍ତୁ ଯାଦବବାବୁ, ଡେଣେ କୁଆଡ଼େ ଯାଉଛନ୍ତି, ଅନେକ କୈଫିୟତ୍ ଦେବା ବାକି ରହିଛି ଯେ !"

"ଉଠନ୍ତୁ ମୁଁ ଯାଏଁ; କାହାକୁ କୈଫିୟତ୍ ଦେବାକୁ ମୁଁ ଏଠିକି ଆସି ନାହିଁ ।"

"ଦାହାକର ପଦାକୁ ଯିବେ କି ?"

"କେବେଭେ ନୁହେଁ ।"

"କି ମୁସ୍କିଲ୍ ! ହେ ବୋଉ !"

ଯାଦବ ଜାବାହୋଇ ଦୂରେଇ ଦୂରେଇ ଗୃହକୁ ଗଲା । ବୋଉ ଆସିବାକୁ ଡେରି ହେଲା ନାହିଁ । କହିଲେ, "କଣ ଲୋ ଛନ୍ଦା ?"

"ମାଉସୀ ଦଣ୍ଡବତ", ଆଣ୍ଠୁପାଇ ଯାଦବ ଲଟିରହିଲା ।

"ଆରେ ! ଯାଦବ ! ଭିତରକୁ ଆହ, ଭିତରକୁ ଆସ । କଲେ, ତୋ ଭାଇକି ଏ ଦାଣ୍ଡଘରେ ଠିଆ କରେଇ ରଖିଚୁ, କେବେ ତୋର ବୁଦ୍ଧିହବ—ରୁ ପରପର କରବୁଟି ! ହେଇ ବାପା ଦେଖ, ତମ ଭଉଣୀର ବୁଦ୍ଧି । ପିଲାଦିନୁ ତ ରହିଲା ଯାଇ ବୋଡ଼ିଂରେ, କଣ ଶିଖିଲା ନା ଜାଣିଲା ? ତମ ମଉସାଙ୍କ ଶୁଣନ୍ତୁ, ପଗୁର ନାହିଁ ମଟେଭ କହୁ ।"

"ମାଉସୀ ମୁଁ ଆସିଛି ମୋ ଜନମଭଳିକ ନେଇଯିବାକୁ, କଲେଜ ପାଖେ ଗୋଟାଏ ମେସ୍—"

"ହଉ, ଥାଉ ଆଉ, ଆସ ଭିତରକୁ ଆସ ।"

"ମୁଁ ଯିବିଘର ।"

"ଥାଉ, ସ୍ରେଫବ ହନା । ଗୃହବଟି ।"

ଛନ୍ଦା ଶୁଭ୍ରା ପଦାକୁ ଛୁ କଲେ ।

ଶୁଭ୍ରା କହିଲା, "ମୁଁ ଯାଉଛି ଛନ୍ଦା ।"

"ଆଉ କୈଫିୟତ୍ ଗୁଡ଼ାକ ?"

"ଭାକ୍, ଛାଡ଼୍ ମୁଁ ଯାଏଁ ।"

Digitized by srujanika@gmail.com

"ତୁମେ ତ ବେଶ୍ ଜିଷ୍ଟ୍ରୁଡ ପାଇ ଗୃହସିକ, ମୋର ନିଷ୍ଟ୍ରୁତ ନାହିଁ, ମାଉସୀ—ଭାଇ । ଧେତ୍, କଣ ସେ ଭାବୁଥିବେ ଶୁଭ୍ରାଦ୍ର !"

"ଏତେ ଚଞ୍ଚଳ ଲେଉଟି ପଡ଼ିଲୁ ଛନ୍ଦା । କିଛୁ ଲଜ୍ଜା ନାହିଁ । ହେଇ ଦେଖ ସେ ପାଟର ସେ ଗଛଟା ଏଇଛା କେମିତ ଦିଶୁଛି, ଗ୍ରୀଷ୍ମା ବେଳେ ଦିଶୁଥିଲ କେମିତ । ଯାହାର ଆପଣାର ଯେପରି ରଙ୍ଗ ଥାଉ ଧନର ବିଭିନ୍ନ ବେଳାରେ ଆଲୁଅର ନୂଆ ନୂଆ ରଙ୍ଗରେ ସେ ନୂଆ ନୂଆ ଦିଶେ, ତାର ନୂଆ ଅର୍ଥ ହୁଏ । ପଛକଥା ପାଇଁ ଅନୁଶୋଚନା ନାହିଁ, ଭବିଷ୍ୟତ୍ ପାଇଁ ଅଛୁ ଆଶା ।"

"ଏ ତୁମର ଦର୍ଶନ ଶାସ୍ତ୍ର ଶୁଭ୍ରାଦ୍ର ।"

"ଦର୍ଶନ ଶାସ୍ତ୍ର ନଥିଲେ ଜୀବନ ଦୁର୍ବହ ହୁଅନ୍ତା ଛନ୍ଦା । ପଡ଼ିଗଲେ ହାରିଗଲେ ଆପଣାକୁ ବୋଧଦେବାକୁ ସୁଦ୍ଧା ସମ୍ବଳହୋଇ କିଛୁ ନଥାନ୍ତା ।"

ଏଗାର

ଯାଦବ ଖାଇବସିଥାଏ, ଆଉ ଭାବୁଥାଏ—ଏ କଣ ସେ ନାଟକ ଦେଖୁଛୁ ନା କରୁଛୁ ? ମାଉସୀ ଦର୍ଶକବୃନ୍ଦ, ମଉସୋ ନାହାନ୍ତି, ଆସିଲେ ହେବେ ହୁଏତ ନେପଥ୍ୟେ କୋଳାହଳ । ଭଲ ଅଭିନୟ କରୁଛୁ ଛନ୍ଦା, ଥାଳିଆଟି ଧରି ଅଧା ନଇଁପଡ଼ି ସସ୍ନେହ ଅନୁରୋଧ କରୁଛି—ଆଉଟିକିଏ ଦିଏ, ନା' ଆଉ ଟିକିଏ, ଟିକିଏ, ଦେଖୁତୁ ବୋଉ ମନାକରୁଛନ୍ତି !" ମୁହଁରେ ଅଜସ୍ର ଗ୍ରାସ ଭର୍ତ୍ତିକରି ଆପତ୍ତିକଲେ ସ୍ୱରଟା ଗହ୍ୱରରୁ ବାହାରିଲ ପରି ଶୁଭେ, ସେଠି ନାଁ—ହାଁ ଉଭୟ ସମାନହୋଇ ମିଶିଯାଏ । କିନ୍ତୁ ଛନ୍ଦା ମାନେନାହିଁ, ବଳାଏ, ଯାଦବର ଅସ୍ଥିର କରୁଣ ବାଚଣ ଏଡ଼େଇ ହସିଦିଏ । କେତେ ମିନଟ୍ର ନୂଆ ସୁଅ ଗ ଏ, ଯାଦବ ମନକୁମନ ଆଲୋଚନା କରୁଥାଏ—ଏ କଣ ସତ ହୋଇପାରେ ? ବହିରେ ଥାଏ ସ୍ତ୍ରୀଲୋକମାନେ ଅଭିନନ୍ଦକୂଳୋ ।

Digitized by srujanika@gmail.com

ସତରେ କଣ ତାହାହିଁ ? ଅଥବା ଏ କେଉଁ ବିଚିତ୍ର ସ୍ନେହ, ଲୋକାଗ୍ରତରେ ଗୋଟାଏ ସମ୍ବନ୍ଧର ଫମ୍ପା ନାଁ ଶୁଣିଲମାତ୍ରେ ତାର ସୁଅମୁହଁ ଫିରିଯାଏ, ତେଣିକି ସବୁ ସରଳ ।

ଛନ୍ଦା ବସିଛି କେତେ ଦିନର ଚହ୍ଲା ହିଅଟିଏ ପରି । ଥରେ ଗୁହିଁଦେଲେ ମନ ଧନ୍ଦାଳହୁଏ—କେଉଁଠି ଦେଖିଥିଲି ? ଗାଁଗହଳରେ କେଉଁ ଘରେ, ଅସରନ୍ତ ଧୈର୍ଯ୍ୟର କଥାକୁହା ମାଟି ପ୍ରତିମା ପରି ଏମିତ ସେ ବଳେଇ ବଳେଇ ଖୁଆଉଥିଲ । ଦୂରର କେଉଁ ଚୂଲଘରେ ମାଟିପରେ, ଏମିତ ନିବେଦ ସ୍ନେହରେ ଅଖି ଉଛୁଳେଇ କଏ ବସି ପାନ ଭଙ୍ଗୁଥିଲ । କେତେ ଚଳି ଭାସି ଚୂଲଥାଏ । ସବୁଠି ସେ ଏକା ପ୍ରକାର, ପରିବର୍ତ୍ତନହୀନ, ସଙ୍କୁଚିତ ଦେହରେ ଛନ୍ଦନ୍ତନ ନାରୀ ମୂର୍ତ୍ତି, ଦେଶର ରୂପକ । ଏବୋତ୍ତ୍ରର ସବୁଠି, ସେହି ଧୈର୍ଯ୍ୟ, ସେହି ଶୀଳ, ସେହି ସ୍ନେହ, ସେହି ଏକାପରି ଭଙ୍ଗୀ ବସିବାମୁଦ୍ରାରେ, ମାଗେ ନାହିଁ, ଯାଚେ । କେଉଁଶିଖିନାହିଁ ଜାଣିଛି ଖାଲି ତ୍ୟାଗର ଦୀକ୍ଷା, ଦାନର ଗରିମା, ତାଠିଁ କାମନା ନାହିଁ । ସେହି କଣ ଛନ୍ଦା, ନା ତୁଚ୍ଛା ଅଭିନୟ ? ଆଜି ଶୁଭ୍ରା ସେ ଫୁଲ ତୋଳାର କଣ୍ଠା ପରି ଛନ୍ଦା ସଙ୍ଗେ ସଙ୍ଗେ ସେ ବି ସ୍ୱତନ୍ତ୍ରରେ ଆସେ, ଛୁଣ୍ଡ୍ରାଇ ହୁଏ ନାହିଁ, ଶୁଭ୍ରାର ସମ୍ପର୍କ ଲଗିଯାଇ ଛନ୍ଦା ସବୁଣେ ଆଉ ପ୍ରକାରେ, ତାର ବିନମ୍ରତାର ଅତଥ୍ୟ କେବଳ ଗୋଟିଏ ସାମୟିକ ସାଲସ୍ର ଭଙ୍ଗୀ, ସେ ପ୍ରକୃତ ନୁହେଁ । କେତେଥର ମନହୁଏ, ପଷ୍ଟୁରନ୍ତା ପଚେ ସକାଳର କଥା, ଉପର ଓଳିର କଥା, ପୁଣି ସେ ନାଟଗୋଷ୍ଠୀ ଅନ୍ତର ପଞ୍ଚପତନ; କିନ୍ତୁ ଶେଷ ଅଙ୍କର ପର୍ଦ୍ଦା ତ ସେ କେବେ ନୁହେଁ, କେବଳ ମଞ୍ଚର ଦୃଶ୍ୟ ପରେ ବ୍ୟବଧାନ । ସମସ୍ତେ ନିଶ୍ୱାସ ମାରିବେ । ରଙ୍ଗମଞ୍ଚ ସଜା ହେଉଥିବ । ଅଭିନେତ୍ରୀ ଅଭିନେତା ନୂଆ ବେଶ ପିନ୍ଧି ପ୍ରସ୍ତୁତ ହେଉଥିବେ । ଶୁଭ୍ରା ନିଷ୍ପ୍ରଭ ରଙ୍ଗ ବୋଳିହୋଇଛି । ଛନ୍ଦା ବି ନୂଆ ସାଜ ପାଇଁ ଅଭ୍ୟନ୍ତରକୁ ଯିବ, କଣ ହେବ ତା'ପରେ ? ପର୍ଦ୍ଦାରେ ଅଣ୍ଟେଇ ଲଗିଛି କେଉଁଠି, ପର୍ଦ୍ଦା ଉଠୁନାହିଁ । ବିରକ୍ତିରେ ଅଧୈର୍ଯ୍ୟଶୀଳ ହୋଇ ବାରମ୍ବାର ଇଚ୍ଛା ହେଲଣି ପଚାରିବାକୁ—ତେଣ କାହିଁକି ? କଣ ହେବ ତା'ପରେ ? ଅଭିନୟ ନ ହେଲେ ବି ଅନ୍ତତଃ ତାର ଅଭ୍ୟାସ ବନ୍ଦ ହେଲ କାହିଁକି ? ବାରମ୍ବାର ଅଗ୍ରହ ବଳେଇଲଣି ଏ ନକଲି ପର୍ଦ୍ଦାକୁ ଛିଣ୍ଡିଦେଇ ଦେଖନ୍ତା ସେ ଛନ୍ଦା

Digitized by srujanika@gmail.com

ଣୁ ଭ୍ରାନ୍ତର ଅସଲ ରୂପଟା ବଦଲାବଦଲ ହୋଇ ଅଭିନୟର ରୂପଟା ହିଁ ତ ଇନ୍ଦ୍ରିୟଗ୍ରାହ୍ୟ ସୃଷ୍ଟିର ପ୍ରକୃତ ରୂପ । ଭବି ଭବି ଯାଦବ ଯୁକ୍ତି ଯୋଡ଼େ, ସେକନ ସଙ୍ଗେ ସଙ୍ଗେ ତଣ୍ଟିଯାକେ ଉଠି ଉଠି ଆସେ କୁତୂହଳ ମେଣ୍ଟାଇ-ବାକୁ ଅଦମ୍ୟ ଇଚ୍ଛାରୁ ମୁନିଆଁ ପ୍ରଶ୍ନ । ତୁଣ୍ଡରେ ସେ ଅଟକିଯାଏ, ମଉନ-ମୁହିଁ ଛନ୍ଦାର ଭସା ଟଳଟଳ ଆଖି ନୀରବରେ ଯେପରିକି ମିନତି ଜଣାଏ—ଚୁପ୍, ଗୁନ୍ଥୁଅ, ଟିକିଏ ସହିଯା, ସନ୍ଧଢ଼ିର ଏ ତୁନ୍‌ତାନ ସାଲସ୍, ଥାଉ ଏ ଯେତେବେଳଯାକେ ଥିବ ।

"ଏତେ଼ ଚଞ୍ଚଳ କଣ ଉଠିବେ ମ, ଦେଖୁତୁ ବୋଉ ନାହିଁ କରୁଛନ୍ତି ।" କେତେ ବଡ଼ ପାପ ସେ କରୁଛୁ ! ନାହିଁ କରୁଛୁ !

"ଘୁନାଟି ପରି, ଯାଦବ, ୟା'ନା ଗୋଟାଏ କଥା ବାପା, ନଇଲେ ଛନ୍ଦା ମୁହଁ ଶୁଖିଯିବ । ଜାଣିଚଟି ତାକୁ, ଯାହା ଜିଦ ଧରିଥିବ ସେଇଆ, ନଇଲେ ତମର ଭଉଣୀ ରୁଷିବ, ଉପାସ ଶୋଇବ, ମୋର ବା କଣ ହବ, କ'ଣ—"

"ଆଉ ଟିକିଏ ଦଉଚ, ହଉ, ୟା'ପରେ ଆଉ ପଛେ ମନାକରିବେ ମୁଁ ଜମା ଶୁଣିବିନାହିଁ । ୟା'କୁ ମୁଁ ନିଜେ କରିଚ ।"

କହିଦେବ ? ଛନ୍ଦା, ଏଇ କଣ ତମର ବସ୍ଥାଳଣ ନମ୍ବର ରାଜନୈତିକ ଦଳର ଉପାସ୍ୟର ନମୁନା ? କହ, ଉତ୍ତରଦିଅ, ଯେତେବେଳେ ଅବଶ୍ୟ ବର୍ମି ପର ଥିଲେ ତମର ନିଆଁଗିଳୁଣୀ ଶୁଭାଦ । କାହାନ୍ତି ସେ ? କାହିଁ ତାଙ୍କର କଥାର ପରିଣତି ? ଯୁଦ୍ଧ କରିବ ପରି ?

ହୁଁ...ନା ।

ଏ ଛନ୍ଦା ସେ ନୁହେଁ । ସେ ରଙ୍ଗମଞ୍ଚ ୟା'କୁ ଚହ୍ନେନାହିଁ ।

ଆଲୁଅ ବଦଳିଛି, ପଦାର୍ଥ ଓ ମଣିଷଙ୍କର ପାରିପାର୍ଶ୍ୱିକ ଓ ସମ୍ବନ୍ଧିତ ଅବସ୍ଥିତିର ପରିବର୍ତ୍ତନ ଘଟିଛି ।

ଚହ୍ନି ହେଉନାହିଁ ସେ'ସିଏ କି କିଏ ।

(ତେବେ ମଣିଷ କଣ ଓ କିଏ ? ନା ଧରି ଡାକଲେ ବୁଝାଏ କାହାକୁ ବା କେଉଁ ଭବରାଜିଗୋଲା କେଉଁ ନିର୍ଦ୍ଧାରିତ ଛବିକୁ ? କେଉଁ ରୂପଟା ସ୍ଥାୟୀ

Digitized by srujanika@gmail.com

ବହୁରୂପୀ ସେହି ଜନ୍ତୁର, ଯାହା ନା ମଣିଷ ? ନିଜେ ଭାବିବାକୁ ଗଲେ ଭାବନାର ଯନ୍ତ୍ର କଣ ଯାହାର ପରିବର୍ତ୍ତନ ନାହିଁ, ଯାନ୍ତ୍ରିକ ପ୍ରମାଦ ନାହିଁ ? ନିଜେ ଦେଖିବାକୁ ଗଲେ କେଉଁ ଦୃଷ୍ଟିକୋଣ ହିଁ ଆପଣା ବ୍ୟକ୍ତିତ୍ୱ ମାପି ଠିକ୍, ଠିକ୍ କେଉଁ କାଚ କେଉଁ ଚଷମା ଯାହାକୁ ଦେଖାଇ ସବୁବେଳେ କହିପାରିବ ତାର ବ୍ୟକ୍ତିତ୍ୱର ଅପରିବର୍ତ୍ତନୀୟ ଦୃଷ୍ଟି ମାଧ୍ୟମ ବୋଲି ?

ଭରି ଭରି ଛନ୍ଦା ଗୋଟାଏ ପ୍ରଶ୍ନଚିହ୍ନ ହୋଇ ମିଳେଇଯାଏ, ଶୁଭ୍ରାଦ୍ରିର ଡେଙ୍ଗରୁ ଝଡ଼ିପଡ଼େ କଣ୍ଟା ।

ନାଁ ହଜିଯାଏ ।

ରହେ ଗୋଟାଏ ମମତାମୟୀ ଛବି, ତାର ଆତ୍ମସମର୍ପଣ ହିଁ ତାର ଆକର୍ଷଣୀ ଶକ୍ତି । ମାଝିରେ କୁହୁଡ଼ି ପହଁରି ବାରମ୍ବାର ମନ ଆପଣାକୁ ଆପେ ପ୍ରବୋଧ ଦିଏ ।

"ଆଶଙ୍କ ସେ ଯଦଗ୍ନିଂ ତଦିଦଂ ସ୍ପର୍ଶକ୍ଷମଂ ରତ୍ନଂ ।,'

ଖିଆପିଆ ସରିଲା । ମଉସା ଆସିଲେ, ସାଧାରଣ ଦୁଃଖସୁଖ, ଗପସପ ଲାଗିଗଲା । ବହୁତ ଦିନ ପରେ ଦେଖା, ଆପଣା ଅତୀତ ପୁଣି ଥରେ ନିଜ ରୂପ ଦେଇ ଯେପରିକି ଦୁଆର ମୁହଁରେ ଠିଆ ହୋଇଛି । ବ୍ୟବସାୟୀ ମଉସା ମଧ୍ୟ କଅଁଳ ହୋଇ କହୁଛନ୍ତି—"ବୁଝିଲ ଯାଦବ, ଆଜି କେଡ଼େ ଖୁସି ଲାଗୁଛି ମତେ ? କାଲିପରି ଲାଗୁଛି ଯେତେବେଳେ ତୁମ ବାପା ଅଉ ମୁଁ ଏକାଠି ଗାଁ ଇସ୍କୁଲରେ ପଢ଼ୁଥିଲୁଁ । ତୁମରି ପରି ଟେହେରଟି ଥିଲା ତାର, ଅଉ ଟିକିଏ ସାନ, ଆଉ ଟିକିଏ ପାତଳ, କିନ୍ତୁ ଅବିକଳ ଏକା ମୁହଁର ଛାଞ୍ଚ । ଆମେ ବସିଥିଲୁ ସଙ୍ଗାତ, ସେକାଳେ ସେଇଥିଲା ଆମ ବନ୍ଧୁତାର ଏଟିକେଟ୍, ଆଜି କାଲି ଦୁନିଆଁରୁ ସଙ୍ଗାତ ଶବ୍ଦ ଉଭେଇଯାଇଛି । ମୁଁ ଭଲ ପଢ଼ୁଥିଲି, ତାର ମୋର ବାଦବୁଦିଆ ହୋଇ ପଢ଼ୁଥିଲୁ, କିନ୍ତୁ କି ବନ୍ଧୁତା, କି ସ୍ନେହ । ଅଲଗା ହେଲୁଁ ଆପଣା ଆପଣା କର୍ମ ଦେଇ, ସେ ରହିଲା ଗାଁରେ, ତାର ଜମି ବାଡ଼ି ଗାଈଗୋରୁ । ମତେ ମୋର ସଂସ୍ଥାନ ଠିଆ କରିବାକୁ ଆସିବାକୁ ହେଲା ଗାଁରୁ ସହରକୁ ।"

"ତମେ କଣ ସେଥିପାଇଁ ଦୁଃଖିତ ବାପା ?" ଛନ୍ଦା କହିଲା ।

Digitized by srujanika@gmail.com

"ଏଇ ବାହାରେ ଆଜକାଲିକା ଯୁଗର ମତ । ଦୁଃଖିତ ମୁଁ ଅବଶ୍ୟ ! କଏ ନୁହେଁ ? ସହର—ଆଃ, କ ଜଞ୍ଜାଳ ?"

"ଆଉ ଗାଁ ମାନେ ! ମଶା, ମ୍ୟାଲେରିଆ, ହଇଜା, ବସନ୍ତ··· ବର୍ଷାଦିନେ ଘରଘାକ ସାପ ବଗ୍ଧ ସାଲୁ ସାଲୁ । ଅସନା, ଗୋବର, କାଦୁଅ, ପାଚ । ରୋଗରେ ପଡ଼ିଲେ ପାଞ୍ଚ କୋଶ ଭିତରେ ଡାକ୍ତରଖାନା ନାହିଁ । ସେଥିପାଇଁ ଦୁଃଖିତ ନହେଲେ ହବ କୋଉଥିପାଇଁ ।"

ଯାଦବର ଆଖି ଡେଜିଉଠିଲା, କିନ୍ତୁ ମନର କଥାକୁ ଦାବି ରଖି ସେ ତୁନିହୋଇ ବସି ରହିଲା । ଉତ୍ତର ଦେଲେ ମଉସା, ଦୀର୍ଘଶ୍ୱାସ ପକାଇ କହିଲେ, "ଏ କଥା ତୁମର ଆଧୁନିକତା ନୁହେଁ । ଆଜକାଲି ଗାନ୍ଧୀ ଯୁଗରେ ତୁମେ ସବୁ ପୁରୁଣା ମରହଟିଆ ମଣିଷ । ଏ ଯୁଗର ଡାକ—ଗାଁକୁ ଲେଉଟ । ତା ତ ତୁମେ ଶୁଣିଲ ନାହିଁ । ସେଣୁ ଗାଁ ସପତ୍ତି ଭୂତ ଖାଉଛନ୍ତି, ତୁମେ ଏଠି କୋଠାଘରେ ରହି ଖାଉଚ ସହରର ଧୂଳି ପବନ । ଭଲ ତମ ଇଚ୍ଛା ।

ବୁଝିଲ ଯାଦବ, ଶୁଣ, ମା ଝିଅ ପୁଅ ସମସ୍ତିଙ୍କ ମତ ଏକାପରି । ମାହାଳିଆ ଟଙ୍କା ଗୁଡ଼ାକ ସାରା ଗାଁରେ ପରବାଡ଼ କରି, ଧନେ ହେଲେ ମାଡ଼ିଲେ ନାହିଁ । ଗାଁରେ ଏତେ ମଣିଷ ରହିଛନ୍ତି ତାହାଙ୍କେ ଗାଁ ଯାଇ ତୋଡ଼େଇ ନାହିଁ, ଖାଲି ପାଟି ଆଁ କରି ବସିଚ ଏଇମାନେ ଟଲେ ନାମୁହିଦ । କାହିଁକି, ସନାତ ବି ତ ଗାଁରେ ରହିଚ, ତା ପୁଅ ହେଇତ ଏମ୍. ଏ. ପଢ଼ୁଛି, କଣ ତାର କମ୍ ? ସେତେଥର ଅନେ ମତେ ଆସି ଥରେ ସଙ୍ଖୁଳିମାଏ, କହେ ଗାଁକଥା କଣ ବୁଝିଚ ? ଏମାନେ କଣ ଶୁଣିବେ ? ସବୁ ଏଇ ମାଁଙ୍କ ଗୁଣରୁ—"

"ଆରେ, ମତେ ଫେର୍ କାହିଁକି ଯୋଡ଼ୁଚ କହିଲ ? ମୁଁ କଣ ନାହିଁ କଲି ? ତମେ ତ କହିଲ ଝିଅ ରହୁ କୋଡ଼ିଂରେ, ପୁଅ ରହୁ ବନାରସରେ, ସେ ଧନ ଗାଁକୁ ଗଲେ ଜନାର୍ଦ୍ଦନେ ଯାଇ ନେଇଆସିବ, କଜେ ହାଇଁପାଇଁ ହେବ, ମୋ ଉପରେ ଗରଗର । ଯାଦବ ତ ଆସିଛି, ତମ ଝିଅ ପାଇଁ ତମ ମନମାଫି ଗୋଟିଏ ମଫସଲ ଘର କରୁନା, ଝିଅ ଗାଁରେ ରହିବ—"

ଇନା ମୁଣ୍ଡ ପୋତିଲା, ଯାଦବ ମୁହେଁ ବୁଲେଇନେଲା, ମାଉସୀଙ୍କ ମୁହଁରେ ଗୋଟାଏ ବଡ଼ିଆ ହସ, ମଉସା ଗମ୍ଭୀର, କ୍ଲାନ୍ତ, ଦେଖିଲେ ଦୟା ହୁଏ । ଚୋଳି ହେଲା ପରି କହିଲେ, "ଦେଖାଯାଉ, ଭଗବାନଙ୍କ ଇଚ୍ଛା ।"

Digitized by srujanika@gmail.com

ଠିକଏ ରଦ୍ଧ ମଉସା କହିଲେ—"ଏମ୍. ଏ. ସାଙ୍ଗେ ଲ' ନେଲନାହିଁ ଯାଦବ ?"

"ନା ।"

"ହ୍ୱାଟରେ କଣ କରିବ ?" ନିଜ ପ୍ରଶ୍ନର ନିଜେ ଉତ୍ତର ଦେଇ କହିଲେ, "ଚାକିରି ? ଉଙ୍ଗାତର ମନର ଅଭିମାନ ମେଣ୍ଟିପାରେ ମୁଁ ବିଶ୍ୱାସ କରୁଛି, କିନ୍ତୁ ଚାକିରି କରିବା ମୋର ମତ ନୁହେଁ ।" ଯେପରିକି ତାଙ୍କ ମତ ଉପରେ ଯାଦବର ଭବିଷ୍ୟତ ନିର୍ଭର କରୁଛି, ସେହିପରି ଜୋର୍ ଦେଇ ମଉସା କହିଲେ—

"ମୋର ମତ କେବେ ନୁହେଁ ତୁମେ ଚାକିରି କର ।"

"କାହିଁକି ନହେବ, ତୁମେ ପରା ଚାକିରି କରିନା ।"

ମାଉସୀ ଦୁଆଦେଲେ, "ଖାଲି ଆମର ଆଗରେ କହିବ ଯେ ତୁମ ସାଙ୍ଗ ପଢ଼ୁଆମାନେ ଜଜ୍ ମେଜେଷ୍ଟ୍ରର୍ ହେଲେଣି । ତାଙ୍କର ପାଖେ ଠିକଲଢ କରିବାକୁ ତମେ ପୋଷାକ ଛଡ଼ାଇଯାଅ, ଘରକୁ ଆସି କହ, ସେ ମାଧିଆଟା ହୋ ମୋର ସାଙ୍ଗ ପଢ଼ୁଥିଲ, ଆଜି ଲମ୍ବା ଲମ୍ବା କଥାଗୁଡ଼ାକ କହୁଛି !"

ଛନ୍ଦା ହସୁଥାଏ । ଯାଦବ ନିଜାଙ୍କର ପଢ଼ୁଥାଏ ଏହି ଯାନ ପଣବାରହିର ଭିତର ମନର କାହାଣୀ, ହସ ଦେଉଥାଏ ।

ମଉସା କହିଲେ, "ଯେପରି ସମସ୍ତେ କହନ୍ତି, କଟର ଘରେ ହଜୁର୍ ହଜୁର୍, ବାହାରେ ମନକୁ ଯାହା ଆଇଲା । ସେ ଖାଲି ବେଉସାର କଥା । ଆମେ ଯେତେବେଳେ ମାଧିଆକୁ ହଜୁର୍ ଡାକୁ ସେତେ କଣ ସେ ଡାକ ମାଧିଆକୁ ? ସେ ତାର ବସିବା ଚୌକିକୁ, ସେ ଦେହ କାଠକୁ ନମସ୍କାର । ସେଥିରେ କିଏ ବସିଚି ଆମର ତହିଁରେ କି ଯାଏ ହୋ—ଆମେ ତାର ଖୋଉ କି ଯାଉଁ—ଏଁ ?"

"ସେଥିରେ ଯେ ବସେ ସେ ବସିଲେ କିଛି ପାପ ହେଉ ନାହିଁ ।"

"ପାପ କରୁ କି ପୁଣ୍ୟକରୁ ସେ ପାଏ ଛେନା । ହାକିମର ଅଙ୍କ କଷି ଦେଖିଲେ ଗୋଟାଏ ମକଦ୍ଦମାକୁ ଏକଲ ଘଣ୍ଟି ଟଙ୍କା ପାଇଲେ ଚୌକିବସା

Digitized by srujanika@gmail.com

ପାଏ ଉନପାଞ୍ଚଶ । ଆରେ, ଗ୍ରୀକର ଖାଲି ଭୂତ ପାଇଁ ଭୂତ ଖଟଣି । ତମ ପୋଷାକ, ତମ ସିଗାରେଟ୍, ତମ ଛଇ ଯୋଗୋଉ ଯୋଗୋଉ ଭଣ୍ଡାରମୁଠି ଝାଡ଼ୁଝାଡ଼୍ । ଗ୍ରୀକରେ କିଛି ନାହିଁ ବାବୁ, ମୋର ବେଉସା ଅଛି, ତମ ବାପାର ଅଛି ଜମି, ଆମର କିଛି ଅଭାବ ନାହିଁ । ଓକିଲାତି କଲେ ମାନସମ୍ମାନ ଅରଜି ସମାଜରେ ଜଣେ ହୋଇ ବ୍ୟାଙ୍କରେ ଟଙ୍କା ଜମେଇଁ ଦଶ ବର୍ଷରେ ତୁମେ ହୋଇସାରଥିବ ମଣିଷ । ମୁଁ କହୁଛି—ଲ' ପଢ଼ ।"

"ହଉ ଆଉ କିଛି କହ"—ମାଉସୀ କହିଲେ ।

"ତୁମେ ତ ମାଇକିନିଆ ଲୋକ, ଜାଣିନାହିଁ, ତୁମେ ଇକନମିକ୍ସ ପଢ଼ିଥିଲେ ବୁଝିଥାନ୍ତ ମଣିଷର ଭବିଷ୍ୟତ ନିର୍ଭରକରେ ତାର ମୂଟବମାନଙ୍କ ଦୂରଦୃଷ୍ଟି ଉପରେ । ହଉ, ଏ ବିଷୟରେ ପଛକୁ କଥାଭାଷା ହେବ ।"

"ଯା ଛନା, ଯାଦବକୁ ତା ବଖୁରି ଦେଖେଇଦେ, ପାନଫାନ ଦେ, ଚର୍ଚ୍ଚା କର ଶିଖ୍, ମୁଁ ଟିକିଏ ଗ୍ରୁଡ଼ଯାଉଛି ।"

ବାର

ପହିଲି ସଞ୍ଜରେ ଘରର ଆଲୁଅ ଦଣେ ବଡ଼ ମଧୁରିଆ, ଦିନ ସାରର ଗୁମ୍‌ସୁମ୍ ପରେ ମନର ଧୂମୁରି ଚନ୍ତାକୁ କରେକେ ଆଉଜେଇଦେଇ ହଠାତ୍ ସେ ଭୂଷ୍କର ଜଳିଉଠେ, ଅନ୍ଧାର ପିଠିରେ ମଶାଲ ପରି ଗୃହଆଡ଼େ ଆଶ୍ୱାସ ଓ ଭରସାର କଣିକା ବିଛେଦେଇ ପ୍ରଚାର କରେ ମଣିଷ ସଭ୍ୟତାର ମୃତ୍ୟୁଞ୍ଜୟୀବାଣୀ, ଯେ ଜୀବନ ମରଣର ବନ୍ଧୁ, ସେ ମରଣକୁ ଡରେ ନାହିଁ, ଦୁଃଖକଷ୍ଟ ନିରାଶା ନିପୀଡ଼ନ ଜୀବନ୍ତ ଅବସ୍ଥାରେହିଁ ସମସ୍ତେ, ତେଣୁ ତହିଁରେ ଡରି ପଳେଇବା ଭଲ କିଛି ନାହିଁ । ପହିଲି ସଞ୍ଜରେ ଘରର ଆଲୁଅ ହାଲୁକା ଚନ୍ତା ଆଣେ, ସେହି ଘଡ଼ିକ ସେ, ଓଜନ ଅଳଙ୍କାର ପରି ସ୍ୱାଦ ଦିପହରର ଗମ୍ଭୀର ଆଭରଣ ଥାଏ ଦୂରରେ, ନିଶା ବାଢର ନିରାଶ୍ରୟ

Digitized by srujanika@gmail.com

ସୁବୁଦ୍ଧି ଦେବେନାହିଁ ବି ନଥାଏ, କର୍ମ ଯେପରି କଅଁଳ ହୋଇ ଧୋବ ଫର ଫର ଦିଶେ ଜୀବନ, ଅନ୍ତେ ଏମୁଣ୍ଡ ସେ ମୁଣ୍ଡ ଥରେ ଚଢ଼ିଯିବାକୁ । ଦାୟିତ୍ୱ ମୁଣ୍ଡାଇବାକୁ ସେ କହୁନାହିଁ, କହୁନାହିଁ ଭଙ୍ଗା ବ୍ରିଜ୍ ପାଇଁ ଭଙ୍ଗା ଗିଲସ ପାଇଁ ଦୁଃଖ କରିବାକୁ, କମ୍ବା ଝିଙ୍କିଲ ପାଖୁଡ଼ାକୁ ନରେଖି ବସି କରିବାକୁ ବିଳାପ । ସେତକ ସେ ତରଳ ହୃଦର ବେଳ, ନିର୍ବୁଦ୍ଧିଶ ଟଳମଳିହେବା ପାଇଁ ଅବସର, ଜାଣି ଜାଣି ସାନ ସାନ ମୂର୍ଖତାରେ ମାତି ନିଘରେ ଭୁଲ କରି ଶସ୍ତା ଆନନ୍ଦ ଗୋଟାଇବାର ସହଜ ସମୟ ସେତିକ ।

ଯାଦବର ଦୃଷ୍ଟିରେ ସେଦିନ ପିକ୍‌ନିକ୍‌ର ଅର୍ଥ ଥିଲା ସେତିକ, ଦିନ ଗୋଟାକ ଥିଲା ଯେପରିକି ଗୋଟାଏ ମନଖୋଲା କସରତ୍, ହସଠୁ ବଳିତ ତମାଉ ସେ, କାନ୍ଦ ବି ନୁହେଁ, କେବଳ ଯୋମଣି ଟାଣି କରି ଶାଣୁଆ ଅଖିରେ ଗୁହିଁ ରହି କଳନାମ । ସେ ଅପ୍ରାକୃତ ଥିଲା, ଯାଦବର ସାଧାରଣ ବ୍ୟକ୍ତିତ୍ୱକୁ ଘୋଡ଼େଇବା ଲାଗି ବାରମ୍ବାର ଭେକ ବଦଳାଇବାର ଆବଶ୍ୟକତା ଅଣି ଦେଇଥିଲା । ତା'ପରେ ବିଶ୍ରାମ, ଘରୋଇ ସ୍ନେହ, ଅପଣେଇବାର ମୋହ ବନ୍ଧନ । ଏଣିକ ଟାଣକା ମାଂସପେଶୀ ଢିଲା କରି ଦେହ ଅଳସେଇ ଜାଣିତା ମନର ଲଗାମ ଓ ବୋଝ ଅଲଗେଇ ଛଣେ କ ଘଣ୍ଟାଏ ମଣିଷ ଭଳି ନିଶ୍ୱାସ ମାରନ୍ତା ଟିକିଏ, ମନଇଛା ପବନ ଛାଡ଼ନ୍ତା, ମୁହଁ ବିକୃତ କରନ୍ତା, ଗୋଡ଼ ଛାଟନ୍ତା, ଯାହା ଯେପରି ତାର ନିଭୃତ ମନ ଗୁହେଁ । ଯାଦବ ଅନୁଭବ କରୁଥିଲା ସେ ନେତା ନୁହେଁ, ଛାତ୍ର ନୁହେଁ, ଦାୟିତ୍ୱବହା ସରକାର ନୁହେଁ, ଜଣେ ସାଧାରଣ ମଣିଷ, ଅତି ସାଧାରଣ ହୋଇ ଧାରଣା ଓ ଗମ୍ଭୀର ଜୀବନର ଚଷମା କାଢ଼ିଦେଇ ସରଳ ହୋଇ ସବୁକଥାକୁ ଦେଖିବାକୁ ଇଚ୍ଛୁକ ମୁହାଁ-ମୁହିଁ । ସେ କାମ କରିବାକୁ ଗୁହେଁ ନାହିଁ, ବୁଦ୍ଧିରେ ତଉଲିବାକୁ ଇଚ୍ଛୁକ ନୁହେଁ, ଲେଖିରଖି ଭବିଷ୍ୟତ ପାଇଁ ସମ୍ପାଦନା ତାର ଉଦ୍ଦେଶ୍ୟଠୁ ବହୁ ଦୂରରେ । ଅଳ୍ପ ଲାଗିଥିବା ପକ୍ଷ ପଡ଼ର ରଙ୍ଗ ପଡ଼ିଥିଲା ତାହା ମନରେ, ସୈନିକ ତାର ଅଶୁଦ୍ଧ ଓହ୍ଲେଇଦାଇଥିଲା ।

ଆଗେ ଅଗେ ଗୁଲିଛି ଛନ୍ଦା, ଏଥର କ ଟ୍ରେନେଣ୍ଟିକ ଦଳର ପତାକା ଧାରଣୀ ନେତ୍ରୀ ନୁହେଁ, ମାଉସୀ-ଝିଅ ଭଉଣୀ, ଅପଣା ଭଉଣୀର ଅନ୍ୟରୂପ ।

Digitized by srujanika@gmail.com

ଛନ୍ଦା ନାରୀ । ସ୍ତ୍ରୀ ଜାତୀୟ ଜୀବ । ତାର ପିଠିଆଡ଼ ଦିଶୁଛି । ସାମ୍ନାରୁ ଚାହିଁଲେ ତାର ଆଖିରେ ଦୃଷ୍ଟି ଅଟକିରହୁ ଦିଶେ ଖାଲି ଚୂର୍ଣ, ଆଦର୍ଶମୟ ବ୍ୟକ୍ତିତ୍ୱ, ଯେଉଁରୁ ସେ ପ୍ରତିବନ୍ଧକ ନାହିଁ, ଦେହଟି ନଜରରେ ପଡ଼େ, ବକ୍ଷୋମାଂସର ସମଷ୍ଟିର ଦୈର୍ଘ୍ୟ ପ୍ରସ୍ଥ ଓ ସ୍ଥୂଳତା, ତାର ରୂପର ବୈଶିଷ୍ଟ୍ୟ । ସେଇଆକୁ ଅବଲମ୍ବନ କରି ମନେ ମନେ ସ୍ଥିର ହୋଇଯାଏ ଜୀବ ପ୍ରତ୍ୟେକର ବୈଶିଷ୍ଟ୍ୟତାରୁ କେତୋଟି । ନାରୀ କାମନାର ଆଧାର, ପିପାସା ମେଣ୍ଟାଏ, ସନ୍ତାନ ଉପୁଜାଏ । ଛନ୍ଦା ବି ନାରୀ ।

"ଆପଣ ଏଇଠି ରହିବେ ।" ଛନ୍ଦା ନିଷ୍ପତ୍ତି ଦେଲା ।

"ଏଇଠି ରହିବ !"

"ହଁ, ଏଇଠି ରହିବେ ।"

"ଆଉ ତୁମେ ?" ଯାଦବର ପାଟିରୁ ଖସିଗଲା ।

"ଛି, 'ତୁମେ' କଣ ? ମୁଁ ପରା ସାନ ଭଉଣୀ ! ମୋ ବଖରା...ହେଇ ସେପାଖେ । ବେଶୀ ଦୂର ନୁହେଁ ତ, ବାରମ୍ବାର ଆସି ବିରକ୍ତ କରୁଥିବ ।"

ଯାଦବର କପାଳ ଉପରେ ଫିଟିଗଲା ମନ ଭିତରର ଦ୍ୱନ୍ଦ୍ୱର ଝାଳ । ଆପଣରୁ ତୁମେ, ତୁମେରୁ ତୁ—ସବୁ ହଠାତ୍, ଅତି ହଠାତ୍, ପାଟି ଲେଉଟେ ନାହିଁ, ଦାନ୍ତ ଅଟିଯାଏ । ଅଥଚ ଜୀବନ ବାରମ୍ବାର ଆଣେ ଏହିପରି କେତେ ଅଣୁ ନିଷ୍ପତ୍ତି ଦାବୀକରୁଥିବା ଜଟିଳ ସମସ୍ୟା, ସମୟ ଦିଏନାହିଁ ।

"ମୁଁ ପରା କାଲି ହଷ୍ଟେଲକୁ ଚାଲିଯିବା କଥା ଛନ୍ଦା, ଏଠି ରହିବି କେମିତି ?"

"କିଏ କହିଲା ଆପଣ ହଷ୍ଟେଲକୁ ଯିବେ ? ଆରେ ?"

ଯାଦବ ନିରୁତ୍ତର ହେଲା ।

ସାମ୍ନାରେ ମଣିଷର କଅଁଳ ହୃଦୟ ଖୋଲିପଡ଼ିଛି, ତାର ଯନ୍ତ୍ରରେ ଅସଂଖ୍ୟ ତାର, ଆତ୍ମିକ ଗୋଲାକାରିଆ ଦିଶୁଛି । ଅଜାଣତରେ ଭୁଲ୍ ତାରରେ ଅଙ୍ଗୁଳି ଠୁକାଣିଲେ ବେସୁରା ବାଜିବ, ସୁନ୍ଦର ସନ୍ଧ୍ୟା ନଷ୍ଟ ହେବ ।

Digitized by srujanika@gmail.com

ଛନ୍ଦା ଅଲମାରିକୁ ଅଉଜି ଠିଆ ହୋଇଛି, କାଠ ଉପରେ ଆଙ୍ଗୁଠି ଖେଳାଉଛି, ସତେ ଅବା ସୂକ୍ଷ୍ମ ଧ୍ୱନି ଉପୁଜାଇବାର ବ୍ୟର୍ଥ ପ୍ରୟାସରେ ।

"ନା—ଛନ୍ଦା—ସେ ଅସମ୍ଭବ—ତା ହେବ ନାହିଁ—ମୁଁ ମୁଁ—" କଥା ମଝିରେ ସେ ଅଟକିଗଲା ।

ମିନିଟିଏ ଶୁନଶାନ, ଅନୁଭବ କଲା ଯେପରିକି ଗନ୍ଧ ପୁଷ୍ପର ସ୍ୱର ଝରି ନୂଆ ବେଳ ଆସିଥିଲା, ଲେଉଟି ଫେରିଗଲା ।

ସଙ୍ଗୀତର ଝଂକାର ପରିବର୍ତ୍ତେ ସେ କଲରବହିଁ କରିଛି, ପୁରୁଣା ସମୟକୁ ଆଉ ପାଚ୍ଛେଟି ଆଣି ହେବନାହିଁ, ସଙ୍ଗୀତ ହେବନାହିଁ, ଗୋଟାଏ କଣ ଝଣ୍ କରି ଛିଣ୍ଡିଗଲା ।

ଦୁହେଁ ଦୁଇପାଖେ, ମଝିରେ କାହାର ଅଦୃଶ୍ୟ ଶବ—ଯେ ନୀରବରେ ଆସିଥିଲା, ନୀରବରେ ମରିଛି ।

"ଆପଣ ବୋଧହୁଏ ଖୁବ୍ ନିର୍ଘଣ୍ଟବାଦୀ—" ଉଦାସ ହୋଇ ହସି ଛନ୍ଦା କହିଲା । ତାର ମ୍ଳାନ ହସରେ ମିନତିର ଝରୁ ଜାଲ, ଛିଣ୍ଡିଥିବା ତାର ଯୋଡ଼ିହୁଏ, ପାକୁଟା ଲହରି ଫେରିଆସି ବାଜେ ଦ୍ୱିଗୁଣ ବେଗରେ ।

"ନିର୍ଘଣ୍ଟବାଦୀ ! ହଁ, ମୁଁ ଆଦର୍ଶବାଦୀ ।"

"କାହିଁ ଦୁଇଟିଯାକ କଥା ଏକା ନୁହେଁ ତ ! ନିର୍ଘଣ୍ଟବାଦ ସ୍ନେହ ମମତାକୁ ଅସ୍ୱୀକାର କରେ, ଭବେ ସେ ଜଞ୍ଜାଳ, ସେ ଅଡ଼ୁଆ । ଆଦର୍ଶବାଦୀ ସବୁବେଳେ ପଣ କରି ନିଷ୍ଠୁର ହୁଏନାହିଁ, ଆଦର୍ଶ ଅକ୍ଷୁଣ୍ଣ ଥିଲେ ସ୍ୱଚ୍ଛନ୍ଦରେ ସେ ପରିସ୍ଥିତିର ପରିବର୍ତ୍ତନ ସଙ୍ଗେ ଛନ୍ଦ ରଖି ତାଳ ଦେଇ ଯିବାକୁ ହେୟ ମନେ କରେ ନାହିଁ । ଆଦର୍ଶବାଦୀ ଜିପାଦ୍ଧର ଦାସ ନୁହେଁ ।"

ଯାଦବ ହସିଲା । କହିଲା, "ଆଦର୍ଶର କଣ୍ଠ ପହଞ୍ଚିବାକୁ ହେଲେ ନିର୍ଘଣ୍ଟ ମାନିବାକୁହିଁ ହେବ । ଯେ ଦୂର ବାଟରେ ଦାଟୋଇ, ବାଟ ଭୁଲି ଅଳସେଇ ବନ୍ଧୁ ସଖୋଳ ଆନନ୍ଦ କରି କରି ଗଲେ ତାର ଚଳେ ନାହିଁ ।"

ଧକେଇ ହେଲା, କଥାଗୁଡ଼ାକ ତୁଣ୍ଡରୁ ବାହାରିଗଲା ପରେ ସେ ଭାବିଲା ତାର ଭାଷା ମାର୍ଜିତ ନୁହେଁ, କଥାଗୁଡ଼ିକ ଅଭଦ୍ର ।

Digitized by srujanika@gmail.com

"ବନ୍ଧୁ ସନ୍ତୋଷ ଖୋଲିଲେ କେବଳ ଆପଣାର ଆନନ୍ଦ ହୁଏ ନାହିଁ, ବନ୍ଧୁର ଆନନ୍ଦ ହୁଏ ବୋଧହୁଏ ବେଶି । ଏ ଦୁଃଖୀ ଦୁନିଆରେ ଅନ୍ୟକୁ ଖୁସି କରେଇବା ଅପେକ୍ଷା ଆଉ କିଛି ବଡ଼ ପୁଣ୍ୟ କାମ ଅଛି ?"

ହସି ହସି ଆଲମାରି ଉପରେ ମୁଣ୍ଡ ରଖି ସେ ଢଳିପଡ଼ିଲା । ଯାଦବ କହିଲା, "ତୁମେ ବଡ଼ ଛନ୍ଦା, ଠିଆହୋଇ ରହିଛ ଯେ !" କଥାବାର୍ତ୍ତାରୁ ଦେଖୁଛି ସେ ଅପଣାର ସମକକ୍ଷ ଜଣେ ମଣିଷ, କେବଳ ମଣିଷ ନୁହେଁ, ଆଧୁନିକା ଶିକ୍ଷିତା ନାରୀ, ମନେପଡ଼ିଲେ ମାଡ଼ ପଡ଼େ, ସ୍ମୃତିସମନ୍ୱୟରେ ମନେପଡ଼ନ୍ତି କଲେଜର ଛାତ୍ରୀ ।

ସେମାନଙ୍କ ପରିଧେୟରେ ଧୋବାଘର ଇସ୍ତ୍ରିର ସଦ୍ୟ ଭାଙ୍ଗ, ଭେଳରେ ଦୁର୍ବଳତା ଦିଶେ ନାହିଁ, ଆଗ ରାସ୍ତା ଛାଡ଼ିଦେବାକୁ ପଡ଼େ, ଅସନ ଛାଡ଼ି ଠିଆ ହୋଇପଡ଼ି କହିବାକୁ ହୁଏ, "ଆପଣ ବସନ୍ତୁ, ମୁଁ ଠିଆହେବି ।"

କିନ୍ତୁ ଛନ୍ଦା ଲଜ୍ଜିତା ହେଲା । କହିଲା, "ଆପଣ 'ତୁମେ' କହିଲେ ମତେ ଲାଜମାଡ଼ୁଛି । ହଉ ମୁଁ ଯାଏଁ ।"

ଅଥଚ ସେ ମାଣ୍ଡେଇ ରହିଲା ।

"ଆଉ, ମୁଁ ତୁମେ ହିଁ କହେ, କ୍ଷତି ଅଛି କି ?"

ଛନ୍ଦା ହସିଦେଲା । ଗେହ୍ଲାଳିଆ ହୋଇ କହିଲା, "ମୋ ସାଙ୍ଗେ ଏମିତି ଲାଗେଇଲେ ମୁଁ କାନ୍ଦିବି ଯେ !"

"ନାହିଁ ନାହିଁ ଛନ୍ଦା, ଶୁଣ ମୋ କଥା । ଦିନେ ଦେଖା ବିଦୁଷୀ ବୁଦ୍ଧିମତୀ ଭଉଣୀକୁ ହଠାତ୍ ତୁ ବୋଲି ଡାକିବାକୁ ଉଣ୍ଡରୁ ବାହାରେ ନାହିଁ, ଯାହାର ଯାହା ପ୍ରାପ୍ୟ ସେ ତା ପାଇବା ଉଚିତ ।"

"କିନ୍ତୁ ଭଉଣୀ ବିଦୁଷୀ ହେଲେ ବି ତାର ଭଉଣୀପଣ ହରାଇ ନାହିଁ, ତୁ' ବୋଲି ଡାକିଲେ ବି ସେ ଭଉଣୀହିଁ ରହେ, ସୁତରାଂ ମୂଳରୁ ତୁ କହିଲେ କିଛି ଆପତ୍ତି ଅଛି ?"

ତାର ଛୁଞ୍ଚଡ଼ା ଗୁହାରିରେ ଯେପରିକି ସଂକଳ୍ପର ସୂଚନା ରହିଛି, ତାର କାହାଣୀରେ ଅଛି ନିର୍ମମ ମୋହମୁଦ୍‌ଗର, ତଥାପି ଡର ହୁଏ ନାହିଁ, ବିକୁଳ

Digitized by srujanika@gmail.com

ପର ନାଙ୍କର ସ୍ୱରୂପ । ଗଳାର ସୁଅ ଅଟ୍ଟଣ୍ଡା ରଖିବାକୁ ଯାଦବ ପ୍ରବଳ, "ଅ.ପତ୍ତି ଆଦୌ ନାହିଁ, କିନ୍ତୁ ଗୋଟିଏ କଥା ତ ମାନିବାକୁ ହେବ ? ହଠାତ୍ ଏକା-ଥରେ ଦୁଇ ଦୁଇ ପାହାଚ ଡେଇଁ ଡେଇଁ ଯିବା କଣ..."

କଣ ପରେ ଆଉ ଶବ୍ଦ ନାହିଁ...ସଙ୍ଗତ ? ସୁନ୍ଦର ? ଭଲ ? ଉଚିତ ? ସବୁଥିରେ କେଁ ଅଛି, କାରଣ ଯେଉଁ ଭାବନାର ବାହକ ଏହି ଭାଷା ସେଥିରେ ବି କେଁ ଅଛି, ମନ ଗହ୍ୱରର ଭୂତ, ପ୍ରକାଶ କରି ହୁଏ ନାହିଁ ।

ଛନ୍ଦା ଆଦୌ ଦବିଲା ନାହିଁ । ହଠାତେ ସେ ଗୁରୁ ଧାରଣାକୁ ସହଜରେ ଉଡ଼େଇଦେଇ କହିଲା, "ଆପଣ କଣ ନିର୍ଘଣ୍ଟ ମାନନ୍ତି ବୋଲି କ୍ଲାସକୁ ଗଲା ବେଳେ ପ୍ରତି ପାହାଚରେ ଗୋଡ଼ ଦେଇ ଉପରକୁ ଚଢ଼ନ୍ତି, ଠିକ୍ ବୁଢ଼ାଲୋକ ପରି ନାଁ ବେଳେ ବେଳେ ଡେଇଁ ଡେଇଁ ଯାଆନ୍ତି ? ମୁଁ ତ ସାନ, ମୋ କଥାର ମୁଁ ଦାୟିତ୍ୱ ନିଏନାହିଁ, କିନ୍ତୁ ଏତିକି ମୁଁ କହିବି ଯେ, ପିଲାଙ୍କନେ ଦି ଦି ପାହାଚ ଡେଇଁଯିବାକୁ ବଡ଼ ଭଲଲାଗେ, ଯଦିଓ ବୁଢ଼ାମାନେ ଆତଙ୍କରେ ପାଟି କରୁଥାନ୍ତି ପଡ଼ିଯିବ ପଡ଼ିଯିବ । ପିଲାଙ୍କନେ ଯଦି ମଣିଷ ଖୋଜ ଗଣି ଗଣି. ପାହାଚ ଚଢ଼ିବେ ତେବେ ବୁଢ଼ାଙ୍କନେ କରିବେ କଣ ? ମନ୍ଦିର ପାହାଚ ଅଛୁଆଁ ପଡ଼ି ରହିଲେ ଜଗତର କିଛି କ୍ଷତି ହେବ ?"

ଯାଦବ ଆଶ୍ଚର୍ଯ୍ୟ ହୋଇ ଅନେଇଁ ରହିଲା ।

କଥାକୁ କଥା କାଟେ, କିନ୍ତୁ ଏକଥାର ଯେପରିକି ଉତ୍ତର ନାହିଁ ।

ଛନ୍ଦାର କଣ୍ଠ ସୁନ୍ଦର ଶୁଭୁଛି, ଛନ୍ଦାର ରୂପ ଏଡ଼ି ହୁଏନାହିଁ । ତାର ବ୍ୟକ୍ତିତ୍ୱର ସ୍ପର୍ଶ ଯେପରିକି ନଛୁଇଁଲେ ବି ଅଭିଭୂତ କରି ରଖିଛି ସ୍ପର୍ଶ ଅନୁଭୂତିକୁ, ତାର କିପରି ସୁବାସ ଅଛି ଯାହାର ବିଶ୍ଳେଷଣ ନାହିଁ । ଶୁଣୁ ଶୁଣୁ ଲାଗୁଛି ଛନ୍ଦା ସତେକି ତାହାର କଳା ହରିନେଇ ତାହାର ଉପରେ ବଢ଼ି ବୁଲିଯାଉଛି ଗୋଟାଏ ସୁନ୍ଦର ଛତୁ ପରି । ଏ ଅପଘାତ ନୁହେଁ, ଏ ଆତ୍ମଘାତ ହେବା ଅବସ୍ଥା ।

ଗ୍ରହଣ ଲାଗିଛି, ଛନ୍ଦା ହସୁଛି ।

Digitized by srujanika@gmail.com

କିନ୍ତୁ ଭାବୁ ଭାବୁ ମନେହେଲା ଯେପରିକି ପୁଣି ତାହା ଭିତରୁ ଫୁଟି ବାହାରୁଛି ସକାଳ ଓ ଗୋଧୂଳିର ସେହି ଛନ୍ଦ, ଶୁଭ୍ରାର ସାଙ୍ଗୀ ସେ, ଉପାସ୍ୟ କଥା ଖାଲି ସମସ୍ତ ଖର୍ଚ୍ଚ କରେ ନାହିଁ, ମଣି ସାହାଡକୁ ନ ଅନେଇଁ ତୋଫାନ ଘର ମାଡ଼ିଗଲେ, ସେ ସ୍ଥିତବାନ୍ ନିର୍ଦ୍ଦିଷ୍ଟ, ନୀତି ବା ପରମ୍ପରାଗତ ସାମାଜିକ ଗଠନକୁ ସମ୍ମାନ କରେ ନାହିଁ, ହିଂସାବାଦର ବୈନାଶିକ ପନ୍ଥାର କର୍ମୀ ଜଣେ, ଆପଣାକୁ ସେ କ୍ଷାନ୍ତ ଦିଏ ନାହିଁ, ତେଣୁ ପରକୁ ବା କାହିଁକି ଦେବ ଗତିବନ୍ଧନ ବିଶ୍ରାମ ? ଆଦର୍ଶ ରୂପରେ ସେ ଗୋଟାଏ ଉଦ୍ଦାମ ଉଚ୍ଛ୍ୱାସ, କଥା କହେ ମଣିଙ୍କର ଗ୍ରୁପକୁ, ଯେଉଁଠି ଶୋଇଲା ତୋଫାନକୁହିଁ ତାର ଅଙ୍ଗୁଳିର ଶେଷଧା ବାଜେ, ଗ୍ରୁପ ଟଳିଏ, ତୋଫାନର ନିଦ ଭାଙ୍ଗେ ।

ଆଉ ସେ କିଏ ? ସେ କି ଡ. ଯାଦବ ପ୍ରଧାନ, ଯେଉଁଅନ୍ଧ ଭଲ ପାଉଥିଲା! ସ୍ୱପ୍ନର ନେତ୍ରୀ ଥିଲା ତାର କଳ୍ପନାରେ । ନନ୍ଦା ତାହାର ନାଶ ମୂର୍ତ୍ତି । ଆପଣା ଅଭ୍ୟନ୍ତରର ମାନସପୁତ୍ରୀ ରୂପ ଯେମିତି ସାମ୍ନାରେ ଠିଆ ହୋଇଛି, କବି ଆଗରେ ତାର କାବ୍ୟନାୟିକା ।

କିନ୍ତୁ ଅନ୍ୟ ଭାବନା ଆସିଲା । ମନେପଡ଼ିଲେ ଦେଶର ବନ୍ଧୁମାନେ, ବିପ୍ଳବର ନମ୍ବର ସମ୍ପ୍ରଦାୟର ନୂଆ ନେତୃତ୍ୱ, ଯେଉଁଠି ସେ କେହି ନୁହେଁ । ବିଦ୍ରୋହରେ ମୁହଁର ଛବି କଠିନ ହେଲା, ରଙ୍ଗ ଆଖିରେ କାବ୍ୟନାୟିକା ଦେଖିଲା ଅଗ୍ନି, ଘର, ଶର ।

ସ୍ୱପ୍ନ ଉଡ଼ିଗଲା । ଅନ୍ୟମନସ୍କ ହୋଇ ଭାବୁ ଭାବୁ ନନ୍ଦା ଶୋଇଯାଇଛି । ନିଦ୍ରା ଆସିନାହିଁ, ସମସ୍ୟାର ହେତୁ ଅନ୍ତର୍ହିତ ହୋଇଯାଇଛି ମନଭୁଲା ଉପନ୍ୟାସର ପରିଣତ ପରି ।

କ୍ରୋଧରେ ଅଜସ୍ର ପ୍ରଶ୍ନର ବାଣ ହାତପାଆନ୍ତରେ ସଜାହୋଇରହିଲା । ସତ୍ୟରତ୍ନା—ଏ ମନୋଭାବ ଯେମିତି ଦେଶକୁ କେଉଁ ବାଟରେ ଗଢ଼ି ନେବାକୁ ବସିଛ ତୁମେ ନନ୍ଦା, ତୁମେ ଏବଂ ତୁମର ଦଳ ? ଭାରତର ଐତିହାସିକ ଆଦର୍ଶ ଥିଲା ଶାନ୍ତି, ଐଶ୍ୱର୍ଯ୍ୟ ନୁହେଁ, ଥିଲା ଚିରନ୍ତନୀ ସ୍ଥିତ—ଦ୍ୱନ୍ଦ୍ୱର ହାତବେଲା ଟଳ ନୁହେଁ । ଭାରତର ଐତିହାସିକ ଆଦର୍ଶରେ ଉପାସ୍ୟ ଓ ଅଭୀଷ୍ଟ ଥିଲା ଅଭିନ୍ନ, ଅପବିତ୍ର ହାତରେ ଭାରତ ଦେବପୂଜା କରିନାହିଁ, ଅପବିତ୍ର

Digitized by srujanika@gmail.com

ମନରେ କରିନାହିଁ ବେଦାଭ୍ୟାସ । ତୁମେ ତାର ପରମ୍ପରାଗତ ଧର୍ମ ନଷ୍ଟ କରିବ, ଦବ କଣ ତା ବଦଳରେ ? କୈଫିୟତ୍ ଦିଅ, ବିଦେଶୀ ବସ୍ତ୍ରାଳୟ ନମ୍ବର, କେତେ ସମୟ ପାଇଛ ତୁମର ଏ ଭାବଧାରାର ଅନୁଶୀଳନ ତାର ଉପାଦେୟତା ବିଷୟରେ ପ୍ରମାଣ ଦେବାକୁ ? ସବୁ ଧ୍ୱଂସ କରିଦେବ, ରକ୍ଷଣ-ଦଳ ଡୁବାଇ ଯଜ୍ଞକୁଣ୍ଡ ଅପବିତ୍ର କରିଦେବ, ଦେବ କଣ ତା ବଦଳରେ ? ପୃଥିବୀରେ ନିଆଁ ଲଗିଛି, ପୃଥିବୀକୁ ଉନ୍ମାଦ ରୋଗ ଘୋଟିଛି, ସେହି କଣ କାରଣ ଭାରତକୁ ଉନ୍ମତ୍ତ କରିବାକୁ ? ତୁମେ ଅମୃତ ବାଣ୍ଟୁନାହିଁ, ବାଣ୍ଟୁଛ ହିଂସାର ବିଷ, ଦ୍ୱେଷର ବିଷ, ଅଶାନ୍ତିର ବିଷ, ଗୋଟାଏ ବିଦେଶୀର ମାୟାରେ ପଡ଼ି ଭାରତ ହେଲା ଅସ୍ଥିକଙ୍କାଳସାର, ଅଉ ଗୋଟାଏ ବିଦେଶୀର କାନ-କୁହାରେ ପଡ଼ି ତୁମେ ସେ ଅସ୍ଥିକଙ୍କାଳକୁ ବି ଭସ୍ମ କରିବାକୁ ବସିଛ । ପିତୃପିତାମହଙ୍କ ଅଧିକାର ତୁମେ ମାନିବାକୁ ବାଧ୍ୟ, କାହା ଅନୁମତିରେ ତୁମେ ଚାନ୍ଦା [?] ଯୋଗ ଦେଉଛ ବସ୍ତ୍ରାଳୟ ନମ୍ବରରେ ? ଅନୁତାପ କର, ପ୍ରତିଜ୍ଞା କର ଆଉ ଏଣେ [?] ହେବ ନାହିଁ ।

ସମ୍ଭ୍ରମପୂର୍ଣ୍ଣ [?], ସମ୍ଭ୍ରମମୟ [?] ପ୍ରଶ୍ନାବଳୀ, ବାରମ୍ବାର ଯାହା ଅପର ପକ୍ଷରୁ ଶୁଣିବାକୁ ମିଳେ, ନିର୍ବୋଧ ତର୍କ ଛଳରେ ଯାଦବ ତାର ଉତ୍ତର ଦେଇଥିଲା । ବିଦ୍ରୂପଭରିତମୟ [?] ଉଚ୍ଛ୍ୱାସର ଭାଷାରେ, ଜନତା ମନର ଧ୍ୱଂସକେନ୍ଦ୍ରରେ ପଶୁଭୂମିରେ [?] ପ୍ରବେଶିଥିଲା ତାର ବାଣୀ । ଆଜି ପଡ଼ି ଫେଲିଛି [?], ଶତ୍ରୁର ଆୟୁଧ ତାର ନିନ୍ଦର ପ୍ରହରଣ ।

ମନ ଉଦ୍‌ବେଗରୁ ଉପୁଜିଥିବା ଅକୁହା ପ୍ରଶ୍ନ ବସିଛି ପ୍ରାଚୀନ ସମ୍ଭାରର ପ୍ରାଚୀନ ମନ୍ଦିରପରି । ଅତୀତରେ ତାର ପୋତା ମୂଳଦୁଆ, ଅନ୍ଧାର ଭବିଷ୍ୟତକୁ ତାର ଆକାଶୀ ଚୂଡ଼ା । ଆପଣାର ପ୍ରଶ୍ନ ସେ ଏହି ମନ୍ଦିରକୁହିଁ ସ୍ମରଣ ପକାଏ, ମନ୍ଦିର ପୃଷ୍ଠପଟର ସମାଜ ଗଠନର ଧାରଣାରେ ସ୍ଥାପେ ଆସ୍ଥା । ଦ୍ୱାର ଖୋଲି ଯାଏ, ଅନ୍ଧାର ଗର୍ଭଗୃହରେ ଦିଶେ ଆଶ୍ୱାସର ବାଟ, ଦିଅଁ ଦୀପ, ପ୍ରାଚୀନତାର ବାସ୍ନା ଆସେ ଚଢ଼ାକୁ—ଘିଅ, ଝୁଣା, ଫୁଲ, ଧଣ୍ଡା, ଚନ୍ଦନ, ତୁଳସୀ, ପଥରର ଛିମ୍ପି [?], ଶିଉଳି । ଇତିହାସର ଓଲଟପାଲଟ ଧ୍ୱଂସ ପ୍ଲାବନ ମଡ଼କ ଦୁର୍ଭିକ୍ଷକୁ ଉପେକ୍ଷା କରି ମୁରୁକି ହସୁଥାଏ ପରମ୍ପରାମସ୍ତ ଦେବତା ।

Digitized by srujanika@gmail.com

ଫଣ୍ଡାପର ନୂଆ ଯାଦବ ପଧାନ ପୁରୁଣା ଯାଦବ ପଧାନଙ୍କୁ ପାଞ୍ଚ ଭଲେ ବସି ଭୂପରେ ବହି ତେଜାର କରୁଥାଏ—ହେଇ ଦେଖ, ଏଠି ଶାନ୍ତି ଘର, ଏଠି ବର୍ଣ୍ଣାର ଘର, ଏଇ ବଉଳର ଆସ୍ ।

ଉପାର ଅପାଉକୁ ସ୍ଥରପାଉ ଦେବାକୁ ଯାଦବ ପ୍ରଧାନ ବଦଳୁଛି । ଅତୀତ ଆଉ ବର୍ତ୍ତମାନର ଦୁଇଟା ଯାଦବ ପଧାନ ମଝିରେ ଗୋଟିଏ ନାଗ୍ନ, ସେ ସ୍ଥପଣ ବଦଳୁ ଜଳଶୋଷଣ ଅଭ୍ୟାସ ରହିବ, ଯାଉଠୁଁ ଜଳଣୀର ଅଧିକାର ହାତେଇ ଦେଇ ନେବ 'ବୁ' ସମ୍ବୋଧନ ।

ଉପା ସୁନ୍ଦର ଘରଟି । କାଠ ଓ ଜାନାଳର ସୁନ୍ଦର କାରୁକାର୍ଯ୍ୟ ଆଲୁଅରେ ବାସ ଦେଉଛି—ତାର ପାହାଡ଼, ତାର ରଙ୍ଗ, ତାର କାଚର କଡ଼ା ଆଉ ହାତ ।

ଘରଟି ସୁନ୍ଦର ସଜା ହୋଇଛି । ପର୍ଦ୍ଦା ଦାନ୍ତୁ ଟେବୁଲ, କାଠଆଲମାରି, କାନ୍ଥରେ ଝୁଲୁଛି ଛବି, ସୁନ୍ଦର ଉପର ଦୃଶ୍ୟ । ଖଟରେ ଧୋବ ଧବ୍ ଧବ୍ ସୁନ୍ଦର ଭଲେ ଭଳେ ଉପର ତୋଡ଼ । ପାଖ ଟେବୁଲ ଉପରେ ସୁମା ଛବି ହୋଇ ବୁଡ଼ାର୍ଥ ଅଳ୍ପ ଉପର ସମ୍ଭବତଃ ଓଡ଼ିଶୀ । କରବେ ଅସ୍ଥାନ ଉପରେ ତାର ଦଶଣ ଓ ରୂପଲା ରୂପର ଘଡ଼ିରେ ସଜା ହୋଇ ଶୁଆ ଦିଆଯାଇଛି ।

ଏହି ହେବ ତାର ଘର !

ଭାବୁ ପଡ଼ିଲେ ମନେ ମନେ ।

ବାବୁ ଅବଶ୍ୟ ଖୋଜିଲେ । ଡୁଆ ଆକୋଣରେ ହରୁବପଡ଼ିଲ ଶଦ୍ଦେଶର ଦ୍ୱାରବ । ଜଳିଲ, ଏ ତାର ଘର କଦାପି ନୁହେଁ । ଏହି ମୁହୂର୍ତ୍ତରେ ଏ ଖୁଣ୍ଟକୁ ଖୋଜିପାଇ ପାରିଲେ ତାର ପ୍ରାଣ ଶାନ୍ତ ପାଆନ୍ତା । ଏ ତା' ପାଇଁ ଲଜ୍ଜାର ବାସ୍ତାର ।

Digitized by srujanika@gmail.com

ଛତର

ଧାରଣା ଆସିଲା, ଧାରଣା ଗଲା, କସୋଟି ହେବାକୁ ଛଦା ଅବକାଶ ଦେଇନାହିଁ । କଇଁଛ ପରି ବେକ କାଢ଼ି କଇଁଛ ପରି ପୁଣି ଖୋଳପା ଭିତରେ ; ପଶିଗଲା ଯାଦବର ନୂଆ ବ୍ୟକ୍ତିତ୍ୱ । ଛଦାର ନୂଆ ପରିକଳ୍ପନାକୁ ଉପେକ୍ଷା କରିବାକୁ ଚେଷ୍ଟା କଲା । ଦନେ ନାହିଁ କାଲେ ନାହିଁ ଛଦା ତାର କିଏ ? କିନ୍ତୁ ବାରମ୍ବାର ଖବ ହେଲା ସେହି କଥା । ଅଟନ୍ତା ସେ ନୁହେଁ, ବାପାଙ୍କ ପଦ୍ମପାଠୀଙ୍କର ଝିଅ । ଅଥଚ କଣ ତାର ସେ ଚର୍ଚ୍ଚିଛି ? କଣ ସେ ପଢ଼େ, କଣ ତାର ମତାମତ, ରୁଚି ଅରୁଚି ? କେଉଁଠି ତାର ବଳ, କେଉଁଠି ତାର ଦୁର୍ବଳତା ? ପାଖରେ ଥାଇ କେତେ ଦୂରକୁ ସେ ଅପସରି ଯାଉଛି । ଅଳ୍ପ କଥା ଭାଷାରେ ସୂଚନା ମିଳୁଛି ତାର ନୂଆ ନୂଆ ଦିଗର । ଫୁଲ ପରି ଦିଶେ, ଛୁଇଁଲେ ଲାଗେ କାଣ୍ଟୁଆଁ ଦାନ୍ତୁଆ, ଆଘାତ ଦେଲେ ଝରିକି ଉଠେ ନିଆଁ । ସେ ଗୋଟାଏ ମାୟା ।

ଅଥବା ତାର ନିଜତ୍ୱ ନାହିଁ, ଶୂନ୍ୟତା ମନର ପ୍ରବଣତା ଅନୁସାରେ ସେ କେବଳ ଗୋଟାଏ ଅନ୍ଧବିଶ୍ୱାସ, ଭାବିଲେ ମାଡ଼ି ପଡ଼େ, ନଭାବିଲେ ତାର ଅସ୍ତିତ୍ୱ ନାହିଁ, ସହରର ଏତେ ଝିଅଙ୍କ ପରି ଜଣେ ସେ, ଅଧିକା କିଛି ନାହିଁ । ଟିକିଏ ଫାଜିଲ, କୁହାଳିଆ ଟିକିଏ, ମୁହଁ ସଜେଇବାକୁ ତର୍କର କଥା ଗୋଟେଇ ରଖିଛି । ତାର ଗୋଟାଏ ବିପ୍ଳବୀ ମତ—ଗୋଟାଏ ନୂଆ ପ୍ରକାରର ଅଳଙ୍କାର ପରି । ବାଇସ୍କୋପର ରୁପେଲି ପର୍ଦ୍ଦାରୁ ହେପରି କେତେ କେତେ ନଟ ଓହ୍ଲାଏ ସହରର ସଡ଼କ ଧୂଳିକୁ—ନୂଆ ବ୍ଲାଉଜ, କଙ୍କଣ, କାନପାଶା, ତାହାରି ପରି ଶିଖିଲା ତାର ନୂଆ ନୂଆ ଦୃଷ୍ଟିକୋଣ, ନୂଆ ନୂଆ ବୋଲି । ତାର ଭିତ୍ତି ନାହିଁ, ବୁନିଆଦ ନାହିଁ । ସେ ବୁଝେ ନାହିଁ ସେ କଣ କହୁଛି । କେବଳ ବିଦେଶୀ ମତବାଦର ଗ୍ରାମୋଫୋନ୍ ରେକର୍ଡ଼ ହୋଇ ଗାଁଗହଳରେ ବାଜି ଚମତ୍କୃତ କରେ ଅନଭିଆଁ କଲେଜପିଲା ବାର୍ଣ୍ଣାଡଶ ହାକିମ ପରି ।

ଗୋଟାଏ ଚୌକିରେ ଏକପ୍ରକାର ବସି ବହୁତ ବେଳ କଟିଛି, ସାମାନ୍ୟ ଗତ ଶବ୍ଦରେ ସମାଧି ଭାଙ୍ଗିଗଲା । ବଡ଼ ଦର୍ପଣରେ ଅସ୍ପଷ୍ଟ ହୋଇ ଠିଆ

Digitized by srujanika@gmail.com

କିନ୍ତୁ ଭାବୁ ଭାବୁ ମନେହେଲା ଯେପରିକି ପୁଣି ତାହା ଭିତରୁ ଫୁଟି ବାହାରୁଛି ସକାଳ ଓ ଗୋଧୂଳିର ସେହି ଛନ୍ଦ, ଶୁଭ୍ରାର ସାଙ୍ଗୀ ସେ, ଉପାସ୍ୟ କଥା ଭାବି ସମସ୍ତ ଖର୍ଚ୍ଚ କରେ ନାହିଁ, ମଝି ପାହାଡକୁ ନ ଅନେଇଁ ତୋଫାନ ପରି ମାଡ଼ିଗଲେ, ସେ ସ୍ଥିତିବାନ୍ ନିର୍ଘଣ୍ଟ, ନୀତି ବା ପରମ୍ପରାଗତ ସାମାଜିକ ଗଠନକୁ ସମ୍ମାନ କରେ ନାହିଁ, ହିଂସାବାଦର ବୈନାଶିକ ପନ୍ଥାର କର୍ମୀ ଜଣେ, ଆପଣାକୁ ସେ ଶାନ୍ତି ଦିଏ ନାହିଁ, ତେଣୁ ପରକୁ ବା କାହିଁକି ଦେବ ଗତିବନ୍ଧନ ବିଶ୍ରାମ ? ଆଦର୍ଶ ରୂପରେ ସେ ଗୋଟାଏ ଉଦ୍ଦାମ ଉଚ୍ଛ୍ୱାସ, କଥା କହେ ମଣିଷର ଶ୍ରୁତିକୁ, ସେଠି ଶୋଇଲା ତୋଫାନକୁହିଁ ତାର ଅଙ୍ଗୁଳିର ଖୋଞ୍ଚା ବାଜେ, ଶ୍ରୁତି ଦିଏ, ତୋଫାନର ନିଦ ଭାଙ୍ଗେ ।

ଆଉ ସେ କିଏ ? ସେ କି ଡ. ଯାଦବ ପ୍ରଧାନ, ଯେଉଁଠି ଭଲ ପାଉ ଥିଲା ! ବିପ୍ଳବର ନେତୃତ୍ୱ ଥିଲା ତାର କଳ୍ପନାରେ । ଛନ୍ଦା ତାହାର ନାରୀ ମୂର୍ତ୍ତି । ଆପଣା ଅଭ୍ୟନ୍ତରର ମାନସପୁତ୍ରୀ ରୂପ ଯେମିତି ସାମ୍ନାରେ ଠିଆ ହୋଇଛି, କବି ଆଗରେ ଉଭା କାବ୍ୟନାୟିକା ।

କିନ୍ତୁ ଅନ୍ୟ ଘଟଣା ଆସିଲା । ମନେପଡ଼ିଲେ ଯେମିତି ବନ୍ଧୁମାନେ, ବିପ୍ଳବର ନମ୍ବର ସମ୍ପ୍ରଦାୟର ନୂଆ ନେତୃତ୍ୱ, ଯେଉଁଠି ସେ କେହି ନୁହେଁ । ବିଦ୍ରୋହରେ ମୁହଁର ହସ କଠିନ ହେଲା, ରକ୍ତ ଆଖିରେ କାବ୍ୟନାୟିକା ହସିଲା ଅବଜ୍ଞା, ପର, ଶତ୍ରୁ ।

ସ୍ୱପ୍ନ ଉଭେଇଗଲା । ଅନ୍ୟମନସ୍କ ହୋଇ ଭାବୁ ଭାବୁ ଛନ୍ଦା ଚାଲିଯାଇଛି । ନାହିଁ ଧରିନାହିଁ, ସମସ୍ୟାର ହେତୁ ଅନ୍ତର୍ହିତ ହୋଇଯାଇଛି ମନଭୁଲା ଉପନ୍ୟାସର ପରିଚିତ ପରି ।

କ୍ରୋଧରେ ଅଜସ୍ର ପ୍ରଶ୍ନର ବାଣ ହାତପାଆନ୍ତରେ ସଜାହୋଇରହିଲା । ପଚାରନ୍ତା—ଏ ମନୋଭାବ ଯେମିତି ଦେଶକୁ କେଉଁ ବାଟରେ ଘଉଡ଼ି ନେବାକୁ ବସିଛ ତୁମେ ଛନ୍ଦା, ତୁମେ ଏବଂ ତୁମର ଦଳ ? ଭାରତର ଐତିହାସିକ ଆଦର୍ଶ ଥିଲା ଶାନ୍ତି, ଐଶ୍ୱର୍ଯ୍ୟ ନୁହେଁ, ଥିଲା ଚିରନ୍ତନୀ ସ୍ଥିତି—ଦୌଡ଼ର ହାବେଳ ଗତି ନୁହେଁ । ଭାରତର ଐତିହାସିକ ଆଦର୍ଶରେ ଉପାସ୍ୟ ଓ ଅଭୀଷ୍ଟ ଥିଲା ଅଭିନ୍ନ, ଅପବିତ୍ର ହାତରେ ଭାରତ ଦେବପୂଜା କରିନାହିଁ, ଅପବିତ୍ର

Digitized by srujanika@gmail.com

ମନରେ କରନାହିଁ ବେଦାଭ୍ୟାସ । ତୁମେ ତାର ପରମ୍ପରାଗତ ଧର୍ମ ନଷ୍ଟ କରିଦ, ଦବ କଣ ତା ବଦଳରେ ? କୈଫିୟତ୍ ଦିଅ, ବିଦେଶୀ ବସ୍ତ୍ରାଳୟ ନମ୍ବର, କେତେ ସମସ୍ୟ ପାଇଛ ତୁମର ଏ ଭାବଧାରାର ଅନୁଶୀଳନ ତାର ଉପାଦେୟତା ବିଷୟରେ ପ୍ରମାଣ ଦେବାକୁ ? ସବୁ ଧ୍ୱଂସ କରିଦେବ, ରାକ୍ଷସ-ଦଳ ପୁରାଇ ଯଜ୍ଞକୁଣ୍ଡ ଅପବିତ୍ର କରିଦେବ, ଦେବ କଣ ତା ବଦଳରେ ? ପୃଥିବୀରେ ନିଆଁ ଲଗିଛି, ପୃଥିବୀକୁ ଉନ୍ମାଦ ରୋଗ ଘୋଟିଛି, ସେହି କଣ କାରଣ ଭାରତକୁ ଉନ୍ନତ କରିବାକୁ ? ତୁମେ ଅମୃତ ବାଣ୍ଟୁନାହଁ, ବାଣ୍ଟୁଛ ହିଂସାର ବିଷ, ଦ୍ୱେଷର ବିଷ, ଅଶାନ୍ତିର ବିଷ, ଗୋଟାଏ ବିଦେଶୀର ମାୟାରେ ପଡ଼ି ଭାରତ ହେଲା ଅସ୍ଥିକଙ୍କାଳସାର, ଆଉ ଗୋଟାଏ ବିଦେଶୀର କାନ-କୁହାରେ ପଡ଼ି ତୁମେ ସେ ଅସ୍ଥିକଙ୍କାଳକୁ ବି ଭସ୍ମ କରିବାକୁ ବସିଛ । ପିତୃପିତାମହଙ୍କ ଅଧିକାର ତୁମେ ମାନିବାକୁ ବାଧ୍ୟ, କାହା ଅନୁମତରେ ତୁମେ ଛିଣ୍ଡା ଯୋଗ ଦେଉଛ ବସ୍ତ୍ରାଳୟ ନମ୍ବରରେ ? ଅନୁତାପ କର, ପ୍ରତିଜ୍ଞା କର ଆଉ ତେଣେ ଯିବ ନାହିଁ ।

ସଙ୍କୁଚିତମୂର୍ତ୍ତି, ସଙ୍କୁଚିତମସ୍ୟ ପ୍ରଶ୍ନରାଜି, ବାରମ୍ବାର ଯାହା ଅପର ପକ୍ଷରୁ ଶୁଣିବାକୁ ମିଳେ, ବିବିଧ ତର୍କ ଛଳରେ ଯାଦବ ତାର ଉତ୍ତର ଦେଉଥିଲା । ଦିକ୍ଚକ୍ରସଙ୍କୁଚିତମସ୍ୟ ଉଚ୍ଚ୍ୟାରିତ ଭାଷାରେ, ଜନତା ମନର ଧ୍ୱଂସକେନ୍ଦ୍ରରେ ଯକ୍ଷୁଭୁହାରେ ପ୍ରବେଶିଥିଲା ତାର ବାଣୀ । ଆଜି ପଟ ଓଲଟିଛି, ଶତ୍ରୁର ଆୟୁଧ ତାର ନିଜର ପ୍ରହରଣ ।

ମନ ଉଦ୍‌ବେଗରୁ ଉପୁଜିଥିବା ଅକୁହା ପ୍ରଶ୍ନ ଦିଶୁଛି ପ୍ରାଚୀନ ସଂସ୍କାରର ପ୍ରାଚୀନ ମନ୍ଦିରପରି । ଅତୀତରେ ତାର ପୋତା ମୂଳଦୁଆ, ଅନ୍ଧାର ଭବିଷ୍ୟତକୁ ତାର ଆକାଶୀ ଚୂଡ଼ା । ଆପଣାର ପ୍ରଶ୍ନ ସେ ଏହି ମନ୍ଦିରକୁହିଁ ସ୍ମରଣ ପକାଏ, ମନ୍ଦିର ପୃଷ୍ଠପଟର ସମାଜ ଗଠନର ଧାରଣାରେ ସ୍ଥାପେ ଆସ୍ଥା । ଦ୍ୱାର ଖୋଲି ଯାଏ, ଅନ୍ଧାର ଗର୍ଭଗୃହରେ ଦିଶେ ଆଶ୍ୱାସର ଦୀପ, ସିଅଦୀପ, ପ୍ରାଚୀନତାର ବାସ୍ନା ଆସେ ପଦାକୁ—ସିଅ, ଝୁଣା, ଫୁଲ, ଧୂଣା, ଚନ୍ଦନ, ତୁଳସି, ପଥରର ପିମ୍ପି, ଶିଉଳି । ଇତିହାସର ଓଲଟପାଲଟ ଧ୍ୱଂସ ପ୍ଲାବନ ମଡ଼କ ଦୁର୍ଭିକ୍ଷକୁ ଉପେକ୍ଷା କରି ମୂରୁକି ହସୁଥାଏ ପରମ୍ପରାମସ୍ୟ ଦେବତା ।

Digitized by srujanika@gmail.com

ହେବାର ଶହଦର୍ସେଲ ଭଙ୍ଗୀ । ଯେପରିକ ମୂର୍ତ୍ତିମତୀହୋଇ ଠିଆ ହୋଇଛନ୍ତି ପ୍ରେମ୍‌ଚନ୍ଦ୍ରା ଛବି କୌଣସି ପ୍ରସିଦ୍ଧ ଅଭିନେତ୍ରୀର ।

ଶୁଭ୍ରାଦ୍ଧ !

ଚମକି ଲଗିଲେ ବି ଡାକ୍ତର ଅପ୍ରସ୍ତୁତ ଭାବ ଦେଖି ହସମାଡ଼ିଲା । ଭୁଲ ପଡ଼ିଲା । କହିଲେ, "କ୍ଷମା କରିବେ, ଛନ୍ଦାର କୋଠରି ବୋଲି ଭାବିଥିଲି ଛନ୍ଦା ଏଠି ଥିବ । ଆପଣ…"

"କ୍ଷମା ମାଗିବାର କଣ ଅଛି ? କିନ୍ତୁ ଛନ୍ଦା ଏଠି ରହେନାହିଁ, ଏଇଟା ମୋ କୋଠରି । ଛନ୍ଦା ରହେ ତେଣେ ।"

ହସିଲେ । କହିଲେ, "ତେବେ କଣ ଅପଣ କହୁଚନ୍ତି, ଏଇ ଶାଢ଼ୀ, ଏ ବ୍ଲାଉଜ୍, ଏସବୁ ଆପଣଙ୍କର ? ନାଁ, ମୋର ଭୁଲ ହୋଇନାହିଁ, ଅପଣହିଁ ନୂଆ ଆଗନ୍ତୁକ, ଯଦଚ ନୂଅହିଁ ପୁରୁଣା ଅପେକ୍ଷା ପାଇଥାଏ ବେଶି ଅଧିକାର ।"

ଯାଦବ ଭୁଲପଡ଼ି ଦେଖିଲା, ଲୁଗା ଅଲଗୁଣିରେ ଶେଷ ପ୍ରମାଣ ହୋଇ, ତଥାପି ରହିଯାଇଛି ଲୁଗାଟିଏ, ବ୍ଲାଉଜ୍‌ଟିଏ । ବସ୍ତ୍ର ବଦଳା ହୋଇଛି, କାହିଁକି ସେ ଜାଣେ ନାହିଁ । ହସିଉଠି କହିଲା, "ବସ୍ତ୍ରାଳିଣ ନମ୍ବର ରାଜନୈତିକ ଦଳରେ ନାଁ । ନହେଲେଇଲେ ମଣିଷ ଶାଢ଼ୀ ବ୍ଲାଉଜରେ ହିଁ ଅଧିକାରୀ ହୁଏ ନାହିଁ ।"

"ଓଃ ! ତଥାପି ! ଛନ୍ଦା ମୋର ବନ୍ଧୁ, ଆପଣ ତାର ଆତ୍ମୀୟ । ଆପଣଙ୍କ ଅଭିଧାନରେ ଯାଳିମ୍ ବୋଲି କଣ ଶବ୍ଦ ନାହିଁ ? ଜାଣନ୍ତି, ଆମେରିକାର ଆଦିମ ଅଧିବାସୀ ରେଡ୍ ଇଣ୍ଡିଆନ୍ ମଧ୍ୟ ଯୁଦ୍ଧ ଶେଷରେ କୁରାଢ଼ି ପୋତି ଦେଇ ଶାନ୍ତିଚୁକ୍ତି ସହିତ ମିଶି ଧୂଆଁ ଟାଣେ ।"

ପୁଣି ହସ । ଯାଦବ କହିଲା, "ଆମେରିକା ବହୁ ଦୂର । କିନ୍ତୁ ଧୂଆଁ ମୋଠି ନାହିଁ, କାରଣ ମୁଁ ଧୂଆଁ ଟାଣେନାହିଁ ।"

"ଓଃ ଅପଣ କଣ…" ପିରିକାରି ମାରିଲା ପରି ହସି ହସି ଗଡ଼ିଲେ ଶୁଭ୍ରାଦେବୀ ।

Digitized by srujanika@gmail.com

ନୂଆ ରୂପ । ଯାଦବ ଅଣ୍ଟସ୍ଥି ହେଲା, ଏତେ ହସ ଥିଲା ଏଠି ! ଅନୁଭବ କଲା, ମନ ତାର ଫୁଲ୍ଲଉଠିଛି, ଭାବନାରେ ମାଦକତା । ଶୁଭ୍ରା ବି ତାକୁ ଆଉଜେଇ ଯାଇଛି, ତାଠି ଦ୍ୱେଷ ନାହିଁ । ଦେହ ହୃଦର ତାଳେ ତାଳେ ଘୂରି ଆସୁଛି ତାର ମନ ଶୁଭ୍ରା ଆଡ଼କୁ—ଶୁଭ୍ରାର ହସ ନାଲି ।

ଛନ୍ଦା ଚମକି ଆସିଲା । କହିଲା, "କଣ ହେଲା ତମର ?"

ଗପ ବେଶ ଜମିଲା । ମୂଳରୁ ଛନ୍ଦା ନୂଆ ପରିଚୟ ଦେଲା, 'ଏ ମୋର ଭାଇ ଶୁଭ୍ରାଙ୍କ, ଯାଦବବାବୁ, ବାପାଙ୍କ ସହପାଠୀଙ୍କ ପୁଅ । ପର ହୋଇ ବୁଲୁଥିଲେ ! ଧରାପଡ଼ି ଭାରି ଛଟପଟ ହେଉଛନ୍ତି, ଜିଦ ଧରିଛନ୍ତି ପଳେଇବେ, ଛାଡ଼ିଦେବା କଣ ଉଚିତ ଶୁଭ୍ରାଙ୍କ ?"

"କେବେ ନୁହେଁ । ବୁଝିଲେ ଯାଦବବାବୁ, ଆମେ କାବୁଲିଓ୍ୱାଲି, ନିସ୍ତାର ନାହିଁ ।"

"ବିଧର୍ମୀକୁ ଅଟକେଇ ରଖିଲେ କି ଲାଭ ଶୁଭ୍ରାଦେବୀ ?"

"ଦେବୀ ନୁହେଁ, ମୁଁ ମାନବୀ, ଆପଣ ମୋର ବି ଭାଇ, ଶୁଭ୍ରା ବୋଲି ଡାକିପାରନ୍ତି । କଣ କହିଲେ ? ବିଧର୍ମୀ ? କହାଦ୍ୱର ନା ଶୁଣିନାହାନ୍ତି ? ଅସଲ ଧର୍ମରେ ବଳେ ଆପଣଙ୍କର ପୁଣି ବିଶ୍ୱାସ ଫେରିଆସିବ । ଯାହା ମୁଁ ଶୁଣିଛି, ଆପଣ ତ ଏପରି ନଥିଲେ ସବୁଦିନେ—ନା ମୁଁ କଣ ଭୁଲ କହିଲି ? ରୋଗର ହେତୁ ଜାଣିପାରିଲେ ଔଷଧ ଅଭାବ ହେବନାହିଁ । ହୁଏତ ନୂଆ ପରିସ୍ଥିତିରେ ଦିପଣ୍ଡା ରହି ଆପଣ ବଦଳିବାକୁ ଆରମ୍ଭ କରିବେଣି ନିଜେ ନିଜେ ।"

"ମାନେ ?" ଶୁଭ୍ରାର କଥାରେ ସ୍ତବ୍ଧ ଦବୁଛି, ଆଙ୍କୋ ଉପୁଜୁଛି ।

"ମାନେ କଣ ମୁଁ ଜାଣେନାହିଁ । ମୋର କାମ ବ୍ରାହ୍ମଣର ଫର୍ମା ବଖାଣିବା, ଯାହାକୁ ଯେପରି ସେ ଲାଗିବ ସେ ତାକୁ ବଳେ ବୁଝିନେବା । ଗୋଟାଏ ଉଦାହରଣ ଦିଏ । ଜଣେ ଥିଲା ଜନ୍ମରୁ ଏକ ପ୍ରକାର । ତାପରେ ସେ ପଡ଼ିଲା କୌଣସି ପ୍ରବଳ ପ୍ରଭାବର କବଳରେ । ହଠାତ୍ ତା ପକ୍ଷରେ କହିଉଠିବା ସମ୍ଭବ—"କେଡ଼େ ସୁନ୍ଦର ଏ ମଣିଷ ଜାତି !"

ପଣ୍ଡାପର ନୂଆ ଯାଦବ ପଧାନ ପୁରୁଣା ଯାଦବ ପଧାନକୁ ପାଉଛ ତଳେ ରଖି ଉପରେ ରହି ଚିତ୍କାର କରୁଥାଏ—ହେଇ ଦେଖ, ଏଠି ଶାନ୍ତି ଅଛି, ଏଠି ବିଶ୍ୱାସ ଅଛି, ଏଇ ସ୍ୱରଗର ଆତ୍ମା ।

ଛଦାବ ଅପାତଙ୍କୁ ପ୍ରତିପାତ ଦେବାକୁ ଯାଦବ ପ୍ରଧାନ ବଦଳିଛି । ଅତୀତ ଆଉ ବର୍ତ୍ତମାନର ଦୁଇଟା ଯାଦବ ପଧାନ ମଝିରେ ଗୋଟିଏ ନାସ୍ତ, ସେ ପ୍ରତିଜ୍ଞା କରିଛି ଭଉଣୀପଣ ଅତୁଟ ରଖିବ, ସ୍ନେହରୁ ଭଉଣୀର ଅଧିକାର ହାସଲ କରି ନେବ 'ଦି' ସମ୍ବୋଧନ ।

ଛଦା ବୁଲିଯାଇଛି । କାଠ ଅଲମାରର ସୁନ୍ଦର କାରୁକାର୍ଯ୍ୟ ଆଲୁଅରେ ବାରି ହେଉଛି—ତାର ପାଲିସ୍, ତାର ରଙ୍ଗ, ତାର କାଚର ଢଙ୍ଗା ଅଭୁ ହାତ ।

ଘରଟି ସୁନ୍ଦର ସଜା ହୋଇଛି । ପଢ଼ିବାକୁ ଟେବୁଲ, ବହିଅଲମାରି, କାନ୍ଥରେ ହଲ୍ ବୁଣା ଛବି, ସୂତାବୁଣା ଛବିର ଦୃଶ୍ୟ । ଖଟରେ ଧୋବ ଫର୍ ଫର୍ ସୁନ୍ଦର ତଳେ ତକିଆ ଗଦର କୋଡ଼ । ପାଖ ଟେବୁଲ ଉପରେ ସ୍ୱୀମା ଲଗି ହୋଇ କୃତାର୍ଥ ଅସ୍ପର୍ଶ ଧଅଣ ସମ୍ବଲପୁରୀ ଓଢ଼ଣୀ । କରଙ୍କେ ଅସ୍ଥାନ ଉପରେ ତାର ବହଣୀ ଓ ବୁଜୁଲା ବୁଜୁଲି ପନ୍ଦରେ ଦଜା ହୋଇ ଥୁଆ ହୋଇଛି ।

ଏହି ହେବ ତାର ଘର !

ପ୍ରଶ୍ନ ପଚାରିଲା ମନେ ମନେ ।

ହଜୁ ଅବସ୍ଥା ସଙ୍କଟିଗଲା । ବୃଥା ଆକ୍ରୋଶରେ ଉତ୍ତରପଡ଼ିଲା ବିଦ୍ରୋହର ଦ୍ରାବକ । ସ୍ୱବଳ, ଏ ତାର ଘର କଦାପି ନୁହେଁ । ଏହି ମୁହୂର୍ତ୍ତରେ ଏ ଗ୍ରାତଙ୍କୁ ଛାଡ଼ିଯାଇ ପାରିଲେ ତାର ପ୍ରାଣ ଶାନ୍ତି ପାଆନ୍ତା । ଏ ତା' ପାଇଁ ଲଙ୍କାର କାରାଗାର ।

Digitized by srujanika@gmail.com

ଚତର

ଧାରଣା ଆସିଲା, ଧାରଣା ଗଲା, କସାକସି ହେବାକୁ ଛନ୍ଦା ଅବକାଶ ଦେଲାନାହିଁ । କଇଁଛ ପରି ଦେହ କାଢ଼ି କଇଁଛ ପରି ପୁଣି ଖୋଳପା ଭିତରେ ପଶିଗଲା ଯାଦବର ନୂଆ ବ୍ୟକ୍ତିତ୍ୱ । ଛନ୍ଦାର ନୂଆ ପରିକଳ୍ପନାକୁ ଉପେକ୍ଷା କରିବାକୁ ଚେଷ୍ଟା କଲା । ଧନେ ନାହିଁ କାଳେ ନାହିଁ ଛନ୍ଦା ତାର କିଏ ? କିନ୍ତୁ ବାରମ୍ବାର ଭାବ ହେଲା ସେହି କଥା । ଅଚିହ୍ନା ସେ ନୁହେଁ, ବାପାଙ୍କ ସହପାଠୀଙ୍କର ଝିଅ । ଅଥଚ କଣ ତାର ସେ ଚିହ୍ନିଛି ? କଣ ସେ ପଢ଼େ, କଣ ତାର ମତାମତ, ରୁଚି ଅରୁଚି ? କେଉଁଠି ତାର ବଳ, କେଉଁଠି ତାର ଦୁର୍ବଳତା ? ପାଖରେ ଥାଇ କେତେ ଦୂରକୁ ସେ ଅପସରି ଯାଉଛି । ଅଳ୍ପ କଥା ଭାଷାରେ ସୂଚନା ମିଳୁଛି ତାର ନୂଆ ନୂଆ ଦିଗର । ଫୁଲ ପରି ଦିଶେ, ଛୁଇଁଲେ ଲାଗେ ଟାଣୁଆ ଦାଢ଼ୁଆ, ଆଘାତ ଦେଲେ ଛୁରିକି ଉଠେ ନିଆଁ । ସେ ଗୋଟାଏ ମାୟା ।

ଅଥବା ତାର ନିଜତ୍ୱ ନାହିଁ, ଗ୍ରହୀତା ମନର ପ୍ରବଣତା ଅନୁସାରେ ସେ କେବଳ ଗୋଟାଏ ଅନ୍ଧବିଶ୍ୱାସ, ଭାବିଲେ ମାଡ଼ି ପଡ଼େ, ନଭାବିଲେ ତାର ଅସ୍ତିତ୍ୱ ନାହିଁ, ସହରରେ ଏତେ ଝିଅଙ୍କ ପରି ଜଣେ ସେ, ଅଧିକା କିଛି ନାହିଁ । ଟିକିଏ ଫାଜିଲ, କୁହାଳିଆ ଟିକିଏ, ମୁହଁ ସଜେଇବାକୁ ତର୍କର କଥା ଗୋଟେଇ ରଖିଛି । ତାର ଗୋଟାଏ ବିପ୍ଳବୀ ମତ—ଗୋଟାଏ ନୂଆ ପ୍ରକାରର ଅଳଙ୍କାର ପରି । ବାଇସ୍କୋପ୍‌ର ରୁପେଲି ପର୍ଦ୍ଦାରୁ ଯେପରି କେତେ କେତେ ନିତ ଓହ୍ଲାଏ ସହରର ସଡ଼କ ଧୂଳିକୁ—ନୂଆ ବ୍ରୁଚ୍, ଫ୍ୟାଶନ୍, କାନପାଶା, ତାହାରି ପରି ଖିଆଲ ତାର ନୂଆ ନୂଆ ଦୃଷ୍ଟିକୋଣ, ନୂଆ ନୂଆ ବୋଲି । ତାର ଭିତ୍ତି ନାହିଁ, ବୁନିଆଦ ନାହିଁ । ସେ ବୁଝେ ନାହିଁ ସେ କଣ କହୁଛି । କେବଳ ବିଦେଶୀ ମତବାଦର ଗ୍ରାମୋଫୋନ୍ ରେକର୍ଡ ହୋଇ ଗାଁଗହଳରେ ବାଜି ଚମତ୍କୃତ କରେ ଅଧନିଆଁ କଲେଜପିଲା ବାର୍ଣ୍ଣାଡଶ ହାଙ୍କିଲା ପରି ।

ଗୋଟାଏ ଚୌକିରେ ଏକପ୍ରକାର ବସି ବହୁତ ବେଳ କଟିଛି, ସାମାନ୍ୟ ଶବ୍ଦ ଶବ୍ଦରେ ସମାଧି ଭାଙ୍ଗିଗଲା । ବଡ଼ ଦର୍ପଣରେ ଅସ୍ପଷ୍ଟ ହୋଇ ଠିଆ

Digitized by srujanika@gmail.com

ଟେମେଷ୍ଟରୁ ନଜର୍ । କିନ୍ତୁ ସେହି ପ୍ରସ୍ତାବକୁ ଯଦି ଅନ୍ୟାନ୍ୟ ପ୍ରସ୍ତାବ ସହିତ ତୁଳନା ହେବାକୁ ସମୟ ଦିଆଯିବ ତେବେ କାର୍ଯ୍ୟ କରିବ ମଣିଷର ବସ୍ତୁବୁଦ୍ଧି, ଭଲମନ୍ଦ ବାଛିବାର ଗୁଣ । ଅଦ୍ଦନଆ ପ୍ରସ୍ତାବ କଟିଯିବ, ଆକସ୍ମିକ ଆଲୁଅର ଝଲକା କଟିଯିବ । ତାପରେ—ତାପରେ ତ ମଣିଷ ଅସଲ ଧର୍ମକୁ ସ୍ୱୀକାର କରିବ—ନା ନୁହେଁ ?"

ଗ୍ଲୁଢ ଦବୁଛି । ସୁପ୍ରଭା ଦାସ୍—ସେ ଖାତାରେ ଲେଖିଦେଇଥିଲେ ଆପଣ ଆଜ ଅସିବେ । ଶୁଭ୍ରାର କଥା ଅନ୍ଧାରରେ ଶରପରି ବିନ୍ଧୁଛି, କିଛି ବୁଝି ହେଉନାହିଁ, ଦୁଃଖ ଦେଉଛି ।

"ଏସବୁ କାଳ୍ପନିକ ଭିତ୍ତି ଉପରେ ଯୁକ୍ତି ଅର୍ଥଶାସ୍ତ୍ରର ଭାଷାରେ ଯେପରି କହନ୍ତି—"ସବୁ କଥା ସମାନ ହେଲେ···" କିନ୍ତୁ ସବୁ କଥା ସମାନ ହୁଏ ନାହିଁ, ଅତଏବ ଯୁକ୍ତି ଚିତ୍‌ପଟାଂ ହୁଏ ।"

"ସେ ଯାହାହେଉ, ଆମେ ପ୍ରଚାର କରିବୁ, ସେ ବି ଆମ ଧର୍ମର ଗୋଟିଏ ନୀତି । ସତ୍ୟ ସନ୍ଦେଶ ସମସ୍ତଙ୍କ ପାଖକୁ ନେବାକୁହିଁ ହେବ ।"

"ସନ୍ଦେଶ ମିଠା ନ ହେଲେ ?"

"ତେବେ ତ ସେ ସନ୍ଦେଶହିଁ ନୁହେଁ । କିନ୍ତୁ ଆମେ କହିବୁ –ହଜାରେ ଟଙ୍କା ପୁରସ୍କାର, ଥରେ ପରୀକ୍ଷା ଦରକାର । ଅଷ୍ଟର୍ମି ମଲମ୍—ପାଚିଲାବାଳ ଆଉ ରହିବ ନାହିଁ । ଦେଖିଛନ୍ତି ତ ବିଜ୍ଞାପନ ? ଭୁଲ ଦେଖାଇ ଦେଲେ ହଜାରେ ଟଙ୍କା ପୁରସ୍କାର ।"

"କିନ୍ତୁ ଭୁଲ କେହି ଦେଖାନ୍ତି ନାହିଁ ।"

"ଅତଏବ ପ୍ରମାଣ ଯେ ଔଷଧ ଠିକ୍—ପାଚିଲାବାଳ ଆଉ ରହିବ ନାହିଁ ।"

"ନରନ୍ତୁ" । ସମସ୍ତେ ଅଟ୍ଟହାସ ହସିଲେ ।

ସାଧାରଣ ଆଳାପ ଲର୍ଢି ହସାହସି ଟପିଗଲା ସମ୍ବନ୍ଧ, ଅଥଚ ବ୍ୟକ୍ତିଗତ ଚିହ୍ନାଚିହ୍ନି ନାହିଁ । କିଏ ଏଠି କଣ ସେକଥା ଜଣାନାହିଁ, ସେକଥା ଉଠେ

Digitized by srujanika@gmail.com

ନାହିଁ । ଯାଦବକୁ ଲାଗିଲା, ଯେପରି ଅଚାନ୍ଧା ବାରୁଛି ସେ ଏକା, ଅପ୍ରସ୍ତୁତ ସେ ଏକୁଟିଆ, ଅନ୍ୟମାନେ ନୁହଁନ୍ତି ।

ଭାବି ଭାବି ସାହସ କରି ପଚାରିଲା, "ଛନ୍ଦା, ଶୁଭ୍ରାଦେବୀଙ୍କ ସହିତ ଟିକିଏ ପରିଚୟ କରେଇ ଦେଲେ ଭଲ ହୁଅନ୍ତା ନାହିଁ ? ଏ ପର୍ଯ୍ୟନ୍ତ ଆମେ ଅପରିଚିତ ଯେ ।"

ଶୁଭ୍ରା ଗମ୍ଭୀର ହୋଇଗଲା । ଛନ୍ଦା କିଛି କହି ପାରିଲା ନାହିଁ । ତୁନି ରହି ଅତର୍କିତରେ ଶୁଭ୍ରା ପ୍ରଶ୍ନ ଅକାଡ଼ିଦେଲା—"ପରିଚୟ କହିଲେ ଆପଣ କଣ ବୁଝନ୍ତି ?"

ହଠାତ୍ ଯେପରି ପଟ୍ଟ ପରିବର୍ତ୍ତନ ହୋଇଗଲା । ହାଲୁକା ସନ୍ଧ୍ୟା ବଦଳି ଯାଇ ଲେଉଟି ଆସିଲା ସକାଳର ସଂଘର୍ଷର ବେଳ । ପରିଚୟ—ସେ କେବେ ଭାବିନାହିଁ । ମଣିଷ କଥାହିଁ କହେ, ସବୁବେଳେ ଭାବେନାହିଁ ସେ କଣ କହୁଛି । ତଥାପି ସହଜ ହୋଇ କହିଲା, "ପରିଚୟ ସେତେ କଠିନ ଧେ ନୁହେଁ । ନା ଗୋ, କିଏ କଣ କରେ, ମଣିଷ ବିଷୟରେ ସମାଜରେ ଚଳିଲା ଭଳି ଖବର ଟିକିଏ, ଏତିକି ତ, ଏଥିରେ ଗର୍ହିତ କିଛି ଅଛି ? ଆପଣ ଅପରାଧ ନେଲେ ମୋର ବଳେଇବା ଦରକାର ନାହିଁ ।"

ଟାଣ ହୋଇ ଶୁଭ୍ରା କହିଲା, "ପରିଚୟ ! ପରିଚୟ ! କି ପରିଚୟ ଦୁନିଆଁ ଚାହେଁ ? କଣ ବା ବୁଝେ ? ବୃଥା ରୁଣ୍ଡ ସଂଖ୍ୟା, ଖାଲି ଗୋଟାଏ ସୁବିଧାବାଦୀ ନୀତି, ଅନ୍ୟକୁ ପଢ଼ିଆରା । ନା ଗାଁ, କଣ ମୁଁ କରେ—ସବୁ ବର୍ଣ୍ଣନା କରିବି, ସେଥିରେ ଲାଭ ହେବ ଆପଣଙ୍କର କିଛି ?"

"କ୍ଷମା କରିବେ ଶୁଭ୍ରାଦେବୀ, ଲାଭ କ୍ଷତି ଉପରେ କଥାଭାଷା ଚାଲେ ନାହିଁ ।"

"ତେବେ କାହା ଉପରେ ଚାଲେ, ବୁଝାନ୍ତୁ ତ ମତେ । ନାଁ । ଫାଁ ହେଲେ ଗୋଟାଏ କିଛି ହୋଇଥିବ, ଗାଁ ବି ସେହିପରି, ଆକାଶ ତଳେ କେଉଁଠି ଟିକିଏ ସ୍ଥାନ । କିଏ କଣ କରେ—ସେଥିରେ ବା ଅନ୍ୟ କାହାର ଯାଏ କଣ ଆସେ କଣ ? କିଛି ଗୋଟାଏ ନିଶ୍ଚୟ କେହି କରୁଥିବ, କାରଣ

Digitized by srujanika@gmail.com

କିଛି ନକରି କେହି ରହିପାରିବ ନାହିଁ । ଖବର—କେତେ ଲୋକଙ୍କର ଖବର ରଖିବେ ଆପଣ ? ପୃଥ୍ୱୀ ସଂସାରରେ କୋଟିକୋଟି ପ୍ରାଣୀ । ସ୍ୱାର ନାଁ । ପରିଚୟ ! ଏବଂ ସେଥିପାଇଁ ସତ୍ୟ ଲୋକ ପ୍ରଶ୍ନ ପଚାରି ଉତ୍ତରକୁ ଅପେକ୍ଷା କରି ସମୟ ନଷ୍ଟ କରେ ?"

"ହେଉ ଥାଉ, ମୁଁ ଆଉ ପଚାରିବି ନାହିଁ । ଆପଣ ଏପରି ଭାବିବେ ଜାଣିଥିଲେ ମୁଁ କେବେ ପଚାରିନଥାନ୍ତି ।"

"କିଛି ନାହିଁ, ଦୁଃଖ କିଛି ନାହିଁ । ସମସ୍ତେ ଯାହା କରନ୍ତି ଆପଣ ତ ତାହିଁ ତ କଲେ, ମୁଁ ନୂଆ କିଛି ଭାବିବି କାହିଁକି ? କିନ୍ତୁ କେହି ପରିଚୟ ପଚାରିଲେ ମତେ କ୍ଲାନ୍ତ ଲାଗେ । ଜାଣିବାର ଇଚ୍ଛା ଥିଲେ ମଣିଷ ତା ନିଜେ ଆବିଷ୍କାର କରନ୍ତା, ପଚାରି ବୁଲନ୍ତା ନାହିଁ । କିନ୍ତୁ ମଣିଷ ତା ଚାହେଁନାହିଁ, ସେ ଖୋଜେ ଦଶମିନିଟ୍ ଲାଗି ଖବରକାଗଜ ପରି ଫୋପାଡ଼ି ଦେବାକୁ, ଏବଂ ସାଧାରଣ ମଣିଷ ଚରିତ୍ରର ଏ ସୁବିଧାବାଦୀ ନୀତିକୁ ଯଦି ମୁଁ ଛଳ କରେ ଆପଣ ମତେ କ୍ଷମା କରିବେ । ହେଉ ମୁଁ ଯାଏ, ନମସ୍କାର !"

ଶୁଭ୍ରା ଉଠି ଚାଲିଗଲା । ଛନ୍ଦା ରହିଲା, ଗଲାନାହିଁ । ଯାଦବ ଭାବିଲା, ପରିଚୟ ସେପରିକି ସେ ଯଥେଷ୍ଟ ପାଇଛି । କିନ୍ତୁ ସେ ମନେ ମନେ ବିଶ୍ଲେଷଣ କରି ହୁଏନାହିଁ । ପାଣି ପରି ଓଦା କରିଯାଏ ବ୍ୟକ୍ତିତ୍ୱର ସ୍ପର୍ଶ, ପୁଣି ପବନରେ ଶୁଖେ ।

ଗମ୍ଭୀର ଭାବନାରେ ମୁଣ୍ଡ ନଇଁଥିଲା, ଆଖି ବୁଜି ଦେଖୁଥିଲା ଶୁଭ୍ରା ଚାଲିଯିବା ପଛର ଦୃଶ୍ୟ । ଥର ଥର ଓଠ, ଛଳ ଛଳ ଆଖି, ମୁହଁରେ ଉଦାସର କାଳିମା, ଯିବା ପଛେ ପଛେ ଗୋଟାଏ ଦୃଢ଼ତାର ଭଙ୍ଗି । ଭାବୁଥିଲା—ଅତି ସାଧାରଣ ଏଇ ମଣିଷର କେଉଁ ସୂକ୍ଷ୍ମ କଳରେ ଅଜଣାରେ ହାତ ପଡ଼ିଗଲେ ମୁହୂର୍ତ୍ତିକେ କେମିତି ସେ ବଦଳିଯାଏ—କେତେଟା ବ୍ୟକ୍ତିତ୍ୱ ଥାଏ ଗୋଟାଏ ମଣିଷଠି !

ସ୍ୱପ୍ନରେ ବୁଡ଼ିଥିଲା । ଫୁଁ କରି ଗୋଟାଏ ଦୀର୍ଘଶ୍ୱାସ ଶୁଭିଲା । ମୁହଁ ଟେକି ଦେଖିଲା ଛନ୍ଦା । ଦୁହେଁ ଦୁହିଁଙ୍କୁ ଚାହିଁ ମୌନ ହୋଇ ବସିଦେଲେ । ଗୋଟାଏ

Digitized by srujanika@gmail.com

ନୀରବ ନିଭୃତ ଭାବନାର ବଦଳାବଦଳି । କେମିତି ଫେର୍, ଦୋଷୀ ପରି ଲାଗିଲି, ଲାଜରେ ମୁହଁ ସଙ୍କୋଚିଲି । ଛନ୍ଦା କହିଲା, "ଚହ୍ନିପାରିଲେ ଆମ ଶୁଭ୍ରାଦିଙ୍କୁ ?"

"ଅଶ୍ଳୀଳ !" ଯାଦବ କହିଲା ।

"ମଣିଷର ବନ୍ଧୁ ଭଳି, ପାଣିପାଗରେ ସେ ବଦଳେ, ଢଙ୍ଗ ଗୋଟାକର ନୂଆ ନୂଆ ଆଲୁଅରେ ସେ ନୂଆ ଦିଶେ, ତେଣୁ ସେ ଅଶ୍ଳୀଳ ତ', କିନ୍ତୁ ତା' ବୋଲି ହିସାବ ଆଡ଼େଇ ଗନ୍ଧ ଖାଲି ପ୍ରଶଂସା କରି ଠିଆହେଲେ କାମ ଚଳେନାହିଁ । ଅଶ୍ଳୀଳ କିଏ ନୁହେଁ, ଆପଣ କିଏ ନୁହଁନ୍ତି ?"

"ମୁଁ !"

"ନିଶ୍ଚୟ । ପୃଥିବୀର ସବୁ ଅଶ୍ଳୀଳ ବୋଲି କେଉଁ ମୋଟାବୁଦ୍ଧିଆ କେବେ କହିଥିଲା ସେ ବହୁଦିନ ତଳେ, ତାର ଅନ୍ତର୍ଦୃଷ୍ଟି ନ ଥିଲା, ସେ ମୋଟାଦାର ବ୍ୟବସାୟୀ, କିନ୍ତୁ ଜାଣିଥିଲେ ସେ ଅଶ୍ଳୀଳ କେତେ ଗୁଣରେ ମୋଟେ ଧନ-ନ ଥାନ୍ତା, କାରଣ ସବୁ ତ ଅଶ୍ଳୀଳ !"

କିଏ କହୁଚି, ଗୋଟିଏ ଚିଅଟିଏ !

ଯାଦବ ବୁଝିଲା ସେ ତା ଅନ୍ତରର ଧ୍ୱନି । ସ୍ତ୍ରୀ ଜାତି ବିଷୟରେ ତାର କେବେ ଗବେଷଣା ନ ଥିଲା, କେବଳ ଶୁଣାକଥା ପଢ଼ାକଥାରୁ କାନରେ ପଡ଼େ ଯେ ତାଙ୍କର ବୁଦ୍ଧି ବୟସ ଅନୁପାତରେ ଅଟକେ ନାହିଁ, କିନ୍ତୁ ଏଥିରେ ବିଶ୍ୱାସ ତାର ନାହିଁ । ମନକୁ ମନ ସେ ବିଳବିଳେଇ ହେଲା—"ସ୍ତ୍ରୀ ଜାତି କିଣ ମନସ୍ତତ୍ତ୍ୱର ସୂକ୍ଷ୍ମ ବୁଝନ୍ତି ? ନା ଏ କାହାର ପୋଷାକଥା ଛନ୍ଦା ! କିଣ ତମେ ପଢ଼ୁଛ ?"

"ହଁ। ନାଁ କିଣ ମନସ୍ତତ୍ତ୍ୱ ? ମୁଁ ଜାଣେ ନାହିଁ । ମାନେ, ସାଧାରଣ କଥାକୁ ଧରି ଆପଣ ପ୍ରଶଂସା କରି ବସୁଛନ୍ତି ଶୁଭ୍ରାଦି ପରି । ତେବେ ତ ମଣିଷ କଥା କହିପାରିବ ନାହିଁ !"

Digitized by srujanika@gmail.com

"ନିଶ୍ଚୟ ତୁମେ ମୋଠୁ ଯଥେଷ୍ଟ ଅଧିକ ପଢ଼ିଛ ଛନ୍ଦା, ତୁମର ଯାହା ସାଧାରଣ ସେ ବୋଧେ ମୋର ପାଠ୍ୟ ।"

"ସତେ ! ତେବେ ଆପଣ ଗ୍ରୁଲଯିବାକୁ ଆଉ ଛଟପଟ ହେବେ ନାହିଁ, ଏଠି ରହ ମୋଠୁ ପଢ଼ିବେ । ପ୍ରତିଜ୍ଞା କରନ୍ତୁ, ରହିବେ ତ ?"

ଯାଦବ ତାର ହସରେ ଭସିଗ୍ରଲଲ । ମନ୍ଦିରେ ଅପଣାକୁ ସମ୍ଭାଳନେଇ କହିଲ—"ମୋର ଧାରଣା ଥିଲ ସ୍ତ୍ରୀ ଜାତି ଆଲୋଚନା କରନ୍ତି..."

"କଣ ? କଣ ? କହନ୍ତୁ !"

"ନାଇଁ କହିବ ନାହିଁ । ତେବେ ମୋର ଧାରଣା ନ ଥିଲ ଯେ ଜଟିଳ ଶାସ୍ତ୍ର ଆଲୋଚନା; ଯଥା ମନସ୍ତତ୍ତ୍ୱ—ସେ ସ୍ତ୍ରୀ ଜାତିର କଅଁଳ ମନକୁ ରୁଚୁଥିବ ବୋଲି ।"

"ଆପଣମାନଙ୍କ ଧାରଣାରେ ଆମେ ସବୁ ଭାରି କଅଁଳ—ନୁହେଁ ?"

ଯାଦବ ହସିଲ ନାହିଁ ।

"କିନ୍ତୁ ସ୍ତ୍ରୀ ଜାତି କଥା ଭାବିଲେ ଲୋକେ ଚଣ୍ଡୀଗ୍ରମୁଣ୍ଡାଙ୍କ କଥା ଭୁଲି ଯାଆନ୍ତି କାହିଁକି ବୁଝି ହୁଏ ନାହିଁ । ତା ଛଡ଼ା ବାଘୁଣୀ ବି ସ୍ତ୍ରୀ, ନାଗୁଣୀ ବି ସ୍ତ୍ରୀ ଜାତିର ।"

"ସ୍ତ୍ରୀଜାତି ଆଉ ଗ୍ରମୁଣ୍ଡା—କାହିଁକି ଏକାଠି କରି ହୁଏ ନାହିଁ, ଯେପରି ସୌନ୍ଦର୍ଯ୍ୟ ଆଉ ବୀଭତ୍ସତା—"

"ସେ ମଣିଷର ଆଖିର ଭୁଲ । ସୌନ୍ଦର୍ଯ୍ୟ ଆଉ ବୀଭତ୍ସତା କହନ୍ତୁ ନାହିଁ, କହନ୍ତୁ ସୌନ୍ଦର୍ଯ୍ୟ ଆଉ ବଳ । ସେ ଏକ । ଦୁର୍ବଳର ସୌନ୍ଦର୍ଯ୍ୟ ନାହିଁ, ବଳ ଯିଏ ହିଁ ସୁନ୍ଦର ।"

"କିନ୍ତୁ ହିଂସା ?"

"ସେ ଦୁର୍ବଳର ଆଖିରେ ବଳର ପ୍ରୟୋଗ—ବଳର ଗତି ।"

Digitized by srujanika@gmail.com

"ସ୍ୱୀକାର କଲି ନାହିଁ । ମନସ୍ତତ୍ତ୍ୱ ପଢ଼ିବା ଓ ସ୍ତ୍ରୀ ଜାତି—ଏ ବି ଚଣ୍ଡୀ ଗୃମୁଣ୍ଡା ଓ ସ୍ତ୍ରୀ ଜାତି ପରି ବେସୁରା ଲାଗେ ।"

"ଟିଅ କଣ ଦର୍ଶନ ଶାସ୍ତ୍ରରେ ଏମ୍. ଏ.ରେ ଫାଷ୍ଟକ୍ଲାସ ଫାଷ୍ଟ ପାଉ-ନାହାନ୍ତି ?"

"ସେ ଆଧୁନିକ କଳିକାଳ, କଳିଯୁଗରେ ଅସମ୍ଭବରେ ଏମିତି ବି ଫଳେ, କିନ୍ତୁ ସେ ତାର ସ୍ୱଭାବ ନୁହେଁ ।"

"ଯୁକ୍ତିର ଫ୍ୟାଲସି ମୁଁ ଦେଖେଇବି ନାହିଁ, କିନ୍ତୁ ତାହାର ପ୍ରସଙ୍ଗ ନେଇ ମୁଁ ପଚାରୁଛି—ଅତୀତର ସଂସ୍କୃତି ତ ସ୍ୱାଭାବିକ ଥିଲା ?"

"ନିଶ୍ଚୟ ଥିଲା ।"

"ଭଲ, ଆପଣ ଏଥିରେ ଖୁବ୍ ଦୃଢ଼ମତ । ଅତୀତରେ ଅନେକ ଝିଅ ଥିଲେ ଯେଉଁମାନେ ମନସ୍ତତ୍ତ୍ୱ ଉପରେ ଗପ୍ପ ଦେଉଥିଲେ ।"

"ନଜିର୍ ?"

"ଅଷ୍ଟମ ଶତାବ୍ଦୀରେ ଥିଲେ ପ୍ରଫେସର୍ ଚନ୍ଦ୍ରାଦେବୀ, ଓଡ଼ିଶାର ବିଖ୍ୟାତ ଓଦନ୍ତପୁରୀ ୟୁନିଭର୍ସିଟିରେ ସେ ସାଇଣ୍ଟିଫିକ୍ ଫିଲୋସଫି ପଢ଼ାଉ-ଥିଲେ । ଏ ଦେଶର ଝିଅ ସେ । ଅବଶ୍ୟ ତାଙ୍କ ନାଁ ଥିଲା ସହଯୋଗିନୀ ଚନ୍ଦ୍ରା, ତାଙ୍କ ପାଠର ନାଁ ଥିଲା, ବିଜ୍ଞାନବାଦୀ ଦର୍ଶନ ଏବଂ ତାଙ୍କ ଥିସିସ୍—ସେ ବ୍ୟକ୍ତିସ୍ୱଭାବାନୁଗତ ତତ୍ତ୍ୱସିଦ୍ଧି ।"

"ହାରିଲି ।"

"ମା'ଲେ—ମା'ଲେ, ହାରନ୍ତୁ ନାହିଁ ଆପଣ, ତା'ହେଲେ ଚମୁଣ୍ଡା ତରକିଯାଇ ରନ୍ଧୁଥିବ ସୁଲକ୍ଷଣା । ଏଇ ବାଜେ କଥା ଶୁଣି ଆପଣ ଏପରି ଭାବୁଛନ୍ତି !"

"ବାଜେ କଥା ! ଆମ ଦେଶରେ ବସୁନ୍ଧରା ଝିଅ ଯଦି ଏପରି ବାଜେ କଥା ବକନ୍ତେ କଣ ନ ହୁଅନ୍ତା ଏ ଦେଶ ଛନ୍ଦା ?"

"ନଗପୁଛନ୍ତି ଆପଣ ଜାଣିଲେ କେମିତି ?"

Digitized by srujanika@gmail.com

"ଜନ୍ମ ଗଢୁଥିଲେ ଗଢୁଥିବେ । ଗଢିଲେ ମାଟି ଦବେ ନାହିଁ । ଆମର ଦରକାର ଗଢ ନୁହେଁ କାମ ଏବଂ ଶୁଭ୍ରାଦଳୁ ଆପଣ ଯେତକ ଚାହୁଁଥିବେ ଲୁଟୁଥିବେ ଏ କଥାର ମାନେ । ଓଃ, ଢେର ବେଳ ହେଲଣି, ଆସେ ମୁଁ !"

ଚାଲିଗଲ ।

ଯାଦବ ଅନୁଭବ କଲା ତାର ଅନେକ କଣ୍ଢେଇ ଭାଙ୍ଗିଯାଇଛି । ସେ କୃତୀଛାତ୍ର । ତା'ପରି ବିଦ୍ୱାନ୍ ଖୁବ୍ କମ୍ ଥିବେ । ସେ ପ୍ରଥମ ଛଡ଼ା ଦ୍ୱିତୀୟ କେବେ ହୋଇନାହିଁ । ସେ ବାଗ୍ମୀ । ବକ୍ତୃତା ସଭାରେ ତାହାର ନାଁ ଡାକ । ସେ ଲେଖକ । ସେ ଆଦର୍ଶବାଦୀ । କେତେ ପ୍ରିୟ କଣ୍ଢେଇ ଏସବୁ ତାର, ଥାକ ଥାକ ହୋଇ ସଜାହୋଇ ରହିଛି ।

ଅନୁଭବ କଲା ବିନା କାରଣରେ କିଏ ଏସବୁ ଭାଙ୍ଗିଦେଇଛି ତାର । ମନ ହାଉଁପାଉଁ ହେଲା । ଅଭିମାନ ହେଲା । ଚଞ୍ଚଳ କରିଦେଇ ଖେଞ୍ଚାଦେଲା ଚିନ୍ତା—କାହିଁକି ଏଠି ସେ ମାଣ୍ଡେଇଛି ? କିଏ ଏଠି ତାର କଣ ? ନଗୁଡ଼ିଆ ସହରର ଉଦାସୀ ବାଟ ଦିଶିଲା କବିତା ପରି । ନିସ୍ତବ୍ଧି ହୋଇଗଲା ମନେ ମନେ ।

ଚଉଦ

କଲେଜରେ ଗୁଜବଟାଏ ଚହଲା ଖେଳୁଛି—ଆଜି ଷ୍ଟ୍ରାଇକ୍ ହେବ । ଘଡ଼ଘଡ଼ ପୂର୍ବରୁ ଉଦୁମୁଦା ଆସିଲା। ବସ୍ତା ପରି ସେହି କଥା ବାଉଁଶୁଏ ପବନରୁ, କେହି ବଡ଼ପାଟିରେ କହୁନାହିଁ, ଅଥଚ ଖବର ଖେଳେ । ପଛ ବେଞ୍ଚ-ମାନଙ୍କରେ ମେଞ୍ଚମାଞ୍ଚ ହୋଇ ଗ୍ରୁପଦଳ ମୁଣ୍ଡପାଖେ ମୁଣ୍ଡ ରଖି ଫୁସ୍‌ଫାସ୍ ହେଉଥାନ୍ତି । କେହି କେହି ଡାଁରେଇହୋଇ ପିଣ୍ଡାରୁ ବୁଲାଆସୁଛନ୍ତି । ସବୁଦିନ ପରି କ୍ଲାସ୍ ଚାଲିଛି, କେବଳ ଛାତ୍ର ବିପ୍ଳବର ଦଳପତିମାନଙ୍କ କଅଁଳ ମୁହଁରେ ପ୍ରଚ୍ଛନ୍ନର ଗମ୍ଭୀର ଛବି, ଅନ୍ୟମାନଙ୍କ ଚାହାଣିରେ ପ୍ରତୀକ୍ଷା ଓ କୌତୂହଳ ।

Digitized by srujanika@gmail.com

ଷ୍ଟ୍ରାଇକ୍ ହେବ—ବୁଢ଼ା କଲେଜର ପଚଣାବନ୍ଧାନ ପଣ୍ଡାଘାର ଜୀବନରେ ଘଟିବ ବଡ଼ ଘଟନା, ଅଥଚ ଅଧ୍ୟାପକ ପାଠ ପଢ଼ାଉଛନ୍ତି, ବନ୍ଧ୍ୱ ଯାକ ବ୍ୟସ୍ତ-ହୋଇ ଛୁଟିଛନ୍ତି କ୍ଲାସରୁ କ୍ଲାସ, ଚପରାସୀ ଉଙ୍କୋଉଛନ୍ତି, ଅନେକ ଗୁଜବ କଚ୍ଛ ନଜାଣି ଅନ୍ୟମନସ୍କ ହୋଇ ପାଠସଙ୍ଗେ ତାଳ ରଖୁଚନ୍ତି ହରୁଦନପର । କେବଳ ଜାଣିବା ଲୋକେ ଅପେକ୍ଷା କରୁଛନ୍ତି ଉତ୍ତାସ୍ଥ ପଣ୍ଟାଙ୍କୁ ଓ ଦଙ୍ଗେଜଙ୍କୁ, ହଠାତ୍ ଯେତେବେଳେ ହୁଲସ୍ଥୁଲ ଲାଗିଯିବ । ସେମାନଙ୍କ ସଂଖ୍ୟା କମ୍ ନୁହେଁ, ତୃତ କ୍ଲାସରେ ଅଛନ୍ତି ତାଙ୍କର ପ୍ରତିନିଧି ଏବଂ ବସ୍ୟାଲଣ୍ ନମ୍ବରର ତୋଫାନ କାଇଦା ପ୍ରୟୋଗ କରିବାକୁ ସେମାନଙ୍କୁ ଆଜି ପ୍ରଥମଥର ଅବସର ମିଳୁଛି, ନୀତ ଆଜି ଲାଗିବ କାର୍ଯ୍ୟରେ ।

ପ୍ରଥମେ ହରମୋହନ କହିଲ, "ଯାଦବ ବାବୁ, ଆପଣ କଣ ସ୍ଥିରହୋଇ ବସିଛନ୍ତି, ଆଜି ଷ୍ଟ୍ରାଇକ୍ ହେବ ପରା !"

ତା'ପରେ ହିତାକାଂକ୍ଷୀ ଅନ୍ୟାନ୍ୟ ବନ୍ଧୁଙ୍କଠୁ ପ୍ରଶ୍ନ, "ଆପଣ କଣ କରୁଛନ୍ତି ସେ ବିଷୟରେ—ଆପଣ ତ ନେତୃତ୍ୱ ନେବେ ?"

ବିଶ୍ୱାସ ହୁଏ ନାହିଁ । ଷ୍ଟ୍ରାଇକ୍ ! ଶିକ୍ଷାମନ୍ଦିରରେ ! ତାର ଅପରାଧ ? "ଅପରାଧର ତାଲିକା ଅଧାର ସରିଛି", ଉତ୍ତର ଆସେ, "ପ୍ରଧାନ କାରଣ କଲେଜ କର୍ତ୍ତୃପକ୍ଷ କଲେଜ ହତାରେ ସମ୍ମିଳନୀ କରିବାକୁ ଗୋଟିଏ ବିଶିଷ୍ଟ ଦଳକୁ ନିଷେଧ କରିଦେଇଛନ୍ତି, ସ୍ୱାଧୀନ ମତକୁ ଶିକୁଳିରେ ବାନ୍ଧିବାକୁ ଚାହୁଁଛନ୍ତି—ପ୍ରଧାନ କାରଣ ଏ କଲେଜ ଜଡ଼, ଏ କଲେଜ ନିଷ୍କ୍ରିୟ, ଏ କଲେଜ ପୁଞ୍ଜିବାଦୀ ବ୍ୟବସ୍ଥାଉପରେ ପ୍ରତିଷ୍ଠିତ ପଥର ମନ୍ଦିର, ତାକୁ ଭାଙ୍ଗିବାକୁ ହେବ ।"

"ପୁଞ୍ଜିବାଦୀ ବ୍ୟବସ୍ଥା ! ତେବେ ଆମେ ଏଠି ପଢ଼ୁଛୁ କାହିଁକି ?"

"ସେ ଆମର ଭୁଲ୍ ।"

"ଆମ ଭୁଲପାଇଁ ପରକୁ ଦାୟୀ କରିବା କାରଣ କଣ ?"

"କିଏ କରୁଛି କି ? କେବଳ ଆମେ ଷ୍ଟ୍ରାଇକ୍ କରିବା ।"

Digitized by srujanika@gmail.com

"ଯଦି ଏଠି ପାଠପଢ଼ା ନାଁରେ ପୁଞ୍ଜିବାଦୀ ସ୍ୱବଧାସ୍ଥି ହିଁ ବଣ୍ଟାଯାଏ, ଯଦି ସ୍ୱାଧୀନତା ହାତଗୋଡ଼ରେ ଶୃଙ୍ଖଳ ବନ୍ଧାହୁଏ, ତେବେ ତ ଏ ରାକ୍ଷସ ପୀଠ, ଏଠୁ ଆମେ ଚାଲିଯିବା ହିଁ ଭଲ ।"

"ଠିକ୍ ତ ।"

"ତେବେ ଏଠି ରହି ଷ୍ଟ୍ରାଇକ୍ ଆଉ ଗଣ୍ଡଗୋଳ କରିବା କାହିଁକି ? ଯୁକ୍ତିଟା ଅଯୌକ୍ତିକ ନୁହେଁ କି ? ବରଂ ଯାହାର ଏଠି ପଢ଼ିବାର ଇଚ୍ଛା ନାହିଁ ସେ ଚାଲିଯାଉ, ସମସ୍ତଙ୍କୁ ଏକ ମତବାଦର ଆବର୍ତ୍ତରେ ପକେଇବା କି ଦରକାର ?"

"ବାଃ ବାଃ, ଯାଦବ ବାବୁ ।" ନଗେନ୍ କହିଲା—"ଆର ପକ୍ଷ ଯାହା ଉତ୍ତର ଦିଅନ୍ତେ ଆପଣଙ୍କ ତୁଣ୍ଡରୁ ଅବିକଳ ସେହି କଥାହିଁ ଶୁଣୁଛୁ । ଏଇ ତ ତାଙ୍କର ପୁଞ୍ଜିବାଦୀ ଯୁକ୍ତି, ଯେ ଯାହାର ଦରକାର ନାହିଁ ସେ ବାବା ଚାଲିଯାଅ, ଆଉ ଗୋଲମାଲ କର ନାହିଁ । ତମେ ଚାଲିଯାଅ, ଦରେ ଯାଇ ପାଟିକର; ଆମେ ଏଠି ସୁଖରେ ରାଜୁତି କରୁ, ପାଠପଢ଼ାଉ, ଗୋଟିପୁଅ ନାଚକରୁଁ, ତମେ—ଯାହାର ଇଚ୍ଛା ନ ହଉଚି, ତମେ ଚାଲିଯାଅ । ଏଇଆ ତ ?"

"ରାଜୁତି ବା ଗୋଟିପୁଅ ନାଚ କଥା ତ ମୁଁ କହିନାହିଁ ନଗେନ୍ ବାବୁ, ତା'ଛଡ଼ା ଏ ଯୁକ୍ତି ମୋର ନୁହେଁ, ଆପଣଙ୍କର ।"

"ଠିକ ଏଇ ଯୁକ୍ତି, ଠିକ୍ ଏଇ ଯୁକ୍ତି । ମାଲିକମାନେ କରିବେ ଲକ୍-ଆଉଟ, କଲେଜ କର୍ତ୍ତୃପକ୍ଷ କହିବେ ଗେଟ୍‌ଆଉଟ୍, କିନ୍ତୁ ସେମାନେ ଭୁଲି-ଯାଉଛନ୍ତି, ମଜଦୁରର ଅଧିକାର ନୁହେଁ ପୃଷ୍ଠଭଙ୍ଗ ଦେବା, ଅଭିମାନ କରି ଖପରରେ ଝାଳବା । ମଜଦୁର୍‌ର ଉଦ୍ଦେଶ୍ୟ ଉତ୍ପାଦନର ଉପାୟ—ଯେଉଁ ଯନ୍ତ୍ର, ଯେଉଁ କଳକାରଖାନା, ତାକୁ ଜବରଦସ୍ତି ଛଡ଼ାଇନେବା । ସେହି ସୂତ୍ରରେ ଏଠି ଷ୍ଟ୍ରାଇକ୍ ହେବ ।"

"କିନ୍ତୁ ସେ ନୀତ ଏ ନୀତ ଖାପିବ କେଉଁ ବୁଦ୍ଧିମଣାରେ ? ଏଠି ବିଦ୍ୟା ମନ୍ଦିରରେ ମଜଦୁର୍ କିଏ, ଯନ୍ତ୍ରପାତି କଣ, ଷ୍ଟ୍ରାଇକ୍ ଓ ଉତ୍ପାଦନର ଯନ୍ତ୍ର

ହାଦଲ୍—ଏ ମଧ୍ୟ ଏକା ହେଲ କପର ? କେଉଁ କଥା କେଉଁଠି ଲଗା ହେଉଛ ?"

"କଏ ଗୃହେଁ ତର୍କ ? କଏ ଗୃହେଁ ଯୁକ୍ତ ? ପୁଞ୍ଜିବାଦ ଧ୍ୱଂଦକର, ଇନ୍‌କ୍ଲାବ୍ ଜନ୍ଦାବାଦ୍ ।"

"ଆଉ ଆପଣଙ୍କ ରେଲ୍‌ଂ ମିଲ୍ ?"

"ସେ କଥା ଭେନ୍ନ, ତାର ସ୍ୱାର କଛ ସମ୍ବନ୍ଧ ନାହିଁ ।"

ଯାଦବ ରୂନହେଲ । ମନେ ମନେ ଜନତାଙ୍କୁ ଗାଳଦେଲ ବହେ । ନେପୋଲିୟନ୍ ଭଙ୍ଗୀରେ ଶ୍ରେଣୀକୁ ଗୃହିଁ ମନକୁ ମନ ଢଆଲେ—ଜନତା, ସେ ଗୋରୁପଲ, ସେ ହୋ'ରେ ମାତେ, ତାର ବୁଦ୍ଧିନାହିଁ, ତାର ବବେକ ନାହିଁ, ତାର କୃତଜ୍ଞତା ନାହିଁ । ଦେଖିଲ ଚୂନଲଲ ବସି ବସି ଦୁଇ ପାପୁଲି ଘସୁଛ ଓ ରୂନ ରୂନ ହସୁଛ । ପଗୃରଲ—ଅପଣଙ୍କର କଣ ମତ ଚୂନଲଲ୍‌ବାବୁ ?"

"ଅରେ ତ ହାମେ କହଦେଇଛୁ, ହାମର ଶ୍ରମାନୁଙ୍କ ମତ ।"

"ନାହିଁ ନାହିଁ, ସତରେ କହନ୍ତୁ ।"

"ସଚାବାତ୍—ଝୁଟ୍ ନହିଁ ।"

ଯାଦବ ବୁଲପଡ଼ି ପିଠି ଦେଖାଇ ଦେଲ, ଚୂନଲାଲ ପିଠିରେ ଖୁମ୍ପିଲ, କହଲ—"ଶୁନୋ ଦୋସ୍ତ, ଉତ୍ତେଜିତ ।" ପାଖକୁ ଡାକଲ । ସାମ୍ନାକୁ ହାତ ଦେଖାଇ କହଲ—"ସେଇଟା ପଢ଼େଇ ଲଗିଛ, ନଇଲେ ଖଣ୍ଡେ ସିଗାରେଟ୍ ଦଅନ୍ତୁ । ସିବା ପଦାକୁ ?"

ତାର ଭଙ୍ଗୀରେ ନର୍ଭରପଣର ଦୃଢ଼ତା । ଗମ୍ଭୀର ହୋଇ ଯାଦବ କହଲ, "ଶୁଲନ୍ତୁ—କଥା ହେବା ଏହ ଅସନ୍ନ ଷ୍ଟ୍ରାଇକ୍ ବିଷୟରେ ।"

"ଆପଣ ବଡ଼ ଦୁଃଖିତ ଜଣାପଡ଼ୁଛନ୍ତ ।"

"ଦେଖନ୍ତୁ, ଏ କନି ଗୋଲମାଲ ? ଏପର ଅରମ୍ଭ ହେଲେ କଲେଜ ଧ୍ୱଂସ ହେବ, ଶିକ୍ଷା ଧ୍ୱଂସ ହେବ, ସବୁ ବଗିଡ଼ିଯିବ । ଏପର ପ୍ରତ୍ୟେକ

Digitized by srujanika@gmail.com

ଗୋଳମାଳିଆ ଆନ୍ଦୋଳନ, ଶୃଙ୍ଖଳାଗତ ଶାନ୍ତିମୟ ସ୍ୱାଧୀନତାକାମୀ ସଂଗ୍ରାମର ପାଦମୂଳରେ ଲୁଟାଇଯାଉ ।"

"ଆପଣ ଅସଲ ଗଣତନ୍ତ୍ରବାଦୀ । ଆସନ୍ତୁ ପଦାକୁ, କଥାବାର୍ତ୍ତା ହେବା ।"

ସମସ୍ତେ ଉଠି ଚାଲିଗଲେ । ପଦାରେ ବାଡ଼ାକୁ ଆଉଜି ଠିଆ ହୋଇ ରହି ମନ୍ତ୍ରଣା ଲାଗିଲା । ଯାଦବ ବ୍ୟସ୍ତ ହୋଇ ଚାହିଁରହିଲା କଲେଜକୁ ।

ଚୁନିଲାଲ ଆରମ୍ଭ କଲା—"ଆପଣଙ୍କୁ ଦେଖି ମନେହେଉଛି, ଯେପରି ମୁଁ ଦେଖୁଛି ଜଣେ ପ୍ରାଚୀନ ଋଷି, ଉଦାସ ହୋଇ ସେ ଦେଖୁଛନ୍ତି ଭବିଷ୍ୟତକୁ, ଆପଣା ଜାତିର ଶୋଚନୀୟ ଭବିଷ୍ୟତକୁ, ଟିରେସିୟସ୍ ଦେଖୁଛନ୍ତି ଗୋଷ୍ଠୀର ନିପାତ !" "ଆପଣଙ୍କ ବୁଦ୍ଧିକୁ ମୁଁ ବରାବର ମନେ ମନେ ପ୍ରଶଂସା କରିଛି ଚୁନିଲାଲବାବୁ ।"

"ଶୁଣନ୍ତୁ, ମୁଁ ପ୍ରଶଂସା ମୁଖୀ ନାହିଁ । ମାନେ, କାମର ଲୋକ, ବେଳ ନାହିଁ । କଣ କହୁଥିଲେ—ଷ୍ଟ୍ରାଇକ୍ ?"

"ହବେ ହେବ ?"

"ନିଶ୍ଚୟ ।"

"କର୍ତ୍ତୃପକ୍ଷ ଜାଣନ୍ତି ?"

"ଜାଣି ନ ଥିବେ ହୁଏତ ।"

ତରତର ହୋଇ ଯାଦବ କହିଲା—"ତେବେ ଚାଲନ୍ତୁ । ବେଳ ଅଛି । ଜଲ୍‌ଦି ଯିବା । ଆଗରୁ କହିଦେଲେ ହୁଏତ ଅଟକେଇପାରିବା ।"

ଚୁନିଲାଲ ପୁଷ୍ଟରେ ଠିଆହୋଇ ଦ'ହାତରେ ଆଙ୍ଗୁଠି ଫୁଟେଇଲା । କହିଲା—"ବାହାର ମଠକୁ ମଠ ଲୁହାପାଏ, କାମର ମଠ ତାଠୁ ତଫାତ୍, ତା ନାଁ ବ୍ୟକ୍ତମଠ ।"

"ଆଗରୁ ସମ୍ବାଦ ଦେବାନାହିଁ ?"

ଚୂନିଲାଲ ହସିଲା । କହିଲା—"ଆଗରୁ ଜାଣିଲେ ସେମାନେ କିଛି କରି-ପାରିବେ ନାହିଁ, କରିବା ବି ଉଚିତ ନୁହେଁ । ସେଉଁଠି ସମସ୍ୟାର ବୀଜ ଅଛି ଦେଖିବେ ତାକୁ ଛାଡ଼ିଦେବେ ବଢ଼ି ଉଠି ବାଡ଼ାର ସମ୍ମୁଖୀନ ହେବାକୁ, ବରଂ ଉତ୍ତେଜିବେ, କଳି ଭିଆଇବେ, ସଂଘର୍ଷକୁ ନିମନ୍ତ୍ରଣ କରିନେବେ ଯେତେ ଜଲ୍‌ଦି ପାରନ୍ତି । ତାପରେ ନିର୍ଯାତିଆ ଚିତ୍କାର, ନଡ଼ିଆ ଭାଙ୍ଗିଯିବ, ବାସ୍ୱା ବସା ପୋଡ଼ିଯିବ, ଆନ୍ଦୋଳନ ଦବିବ ଯେ କେବଳ ତାହା ନୁହେଁ, ଚିରଦିନ ପାଇଁ ନିଭିଯିବ ।"

"ପାରିବେ ?"

"ଦେଖିବେ ଆପଣ ।"

"କିନ୍ତୁ କ କ୍ଷତି ଚୂନିଲାଲ ବାବୁ ! କେତେ ଲୋକଙ୍କର କ୍ଷତି ହେବ ।"

"ଗୋଷ୍ଠୀର ସମୂହ କ୍ଷତି ପରିବର୍ତ୍ତେ ଦଶ ପାଞ୍ଚଜଣ ଗୁଳିବୃଷ୍ଟିରେ ମଲେ କିଛି ଯାଏନାହିଁ ।"

"ଗୁଳି !"

"ଶାସନରେ ଦୁର୍ବଳ ସକେଇ ହେବାପାଇଁ ସ୍ଥାନ ନାହିଁ । ଆସୁ ସଂଘର୍ଷ, ଆମେ ପ୍ରସ୍ତୁତ ।"

"କିନ୍ତୁ—"

"କିଛି କିନ୍ତୁ ନାହିଁ, ଗଣତନ୍ତ୍ର ରକ୍ଷାପାଇଁ ଯେଉଁ ଯୁଦ୍ଧ ଘଟେ ସେଥିରେ ପାପ ଲାଗେ ନାହିଁ । ଆପଣ ନିଶ୍ଚିନ୍ତ ରହନ୍ତୁ । ଆପଣଙ୍କ ଗଣତନ୍ତ୍ର ରକ୍ଷା କରିବା-ପାଇଁ ସମଗ୍ର କଳ ଅତୁଟ ରହିଛି । ବାଡ଼ ବନ୍ଧୁକ ଶୃଙ୍ଖଳା ଶାସନ ଉପରେ ଯେଉଁ ସମାଜଯନ୍ତ୍ରର ଭିତ୍ତି, ସେ ଏତେ ସହଜରେ ଟଳେନାହିଁ, କୁକୁର ଭୁକିଲେ ବି କାରବାଁ ଚାଲିଥାଏ, ଅଟକେ ନାହିଁ, ତେଣୁ ଆପଣଙ୍କର ଭୟ ନାହିଁ ।"

ବଡ଼ ଗମ୍ଭୀର ହୋଇ ଚୂନିଲାଲ କଥାଗୁଡ଼ାକ କହିଗଲା, ସତେକି ସେ କାଳସୀ ଲାଗିଥିବା କବି, କହୁଛି ବିଶ୍ୱାସର କଥା, ସେଥିରେ ସନ୍ଦେହ ନାହିଁ । କିନ୍ତୁ ଶୁଣି ଶୁଣି ଯାଦବର ମନରେ କେଉଁଠି କିଏ ତାକୁ ଗୁଡ଼ିଲା ଚେତ୍ତ

Digitized by srujanika@gmail.com

ଚେଉ । ଅନୁଭବ କଲ ଯେପରି ସେ ଆପଣା ଦଳ ଛାଡ଼ି ଆରଦଳରେ ଆଶ୍ରୟ ନେଇଛୁ । ଏ କଣ କହୁଛୁ ଚନ୍ଦନଲାଲ, ଏ ତ ମାଲିକର କଥା, ପୁଞ୍ଜିବାଦୀ ଧନକର କଥା, କେଉଁଦିନ ଏଗୁଡ଼ା ହେଲା ତାର ମତ ? ଚମ୍ପକପତ୍ର ଗୁହିଁଲା, ଚନ୍ଦନଲାଲ ଥଟ୍ଟା କରୁନାହିଁ ତ ! ସେମିତି ମିଠା ହସଟିଏ ସେ ହସୁଛୁ, ହାଲୁକା ପବନରେ ବୃତ୍ତହେଉଛୁ ସିଗାରେଟ୍‌ର ଧୂଆଁ, ଧୂଆଁ ମଝିରେ ତାର ପ୍ରକାଣ୍ଡ ଗୋଲଗାଲ ମୁହଁଟି ଦିଶୁଛୁ ନିଦା ଓ ହସ ହସ, ମନର କଥା ଜାଣିବାକୁ ଉପାୟ ନାହିଁ ।

"କଣ ଭାବୁଛନ୍ତି ଦୋସ୍ତ, ଏତେ ଗୁଡ଼ାଏ ଭାବ ହେବାର କାରଣ କଣ ?"

"ନା, ମୁଁ ଭାବୁଛୁ—ବାଡ଼ ଦାନ୍ଦ୍ରକ, ଦମନ ଓ ଶିଙ୍କ୍ଲା, ଏ ସବୁ ଗଣ-ତନ୍ତ୍ରରେ ନୀତି ହେଲା କେବେ ଏବଂ ଏସବୁ ମୋର ଅଭିପ୍ରାୟ ବୋଲି ଆପଣଙ୍କର ବିଶ୍ୱାସ ହେଲା ବା କିପରି ?"

ଚନ୍ଦନଲାଲ କେଙ୍କିଲି ପରି ହସିଉଠିଲା । କହିଲା, "ଆକାରଟା ବଡ଼ ହେଲେ ବି ମୁଁ ଯେ ଗୋରୁ ନୁହେଁ, ଏକଥା ବିଶ୍ୱାସ କରିବେ ନିଶ୍ଚୟ ।"

ମାଧବ ଚନ୍ଦନଲାଲର ହାତ ଧରିପକେଇଲା । କହିଲା—"କିନ୍ତୁ ଏକଥା ତ ମିଛ ନୁହେଁ ଚନ୍ଦନଲାଲ ବାବୁ, ମୁଁ ପୁଞ୍ଜିବାଦର ଶତ୍ରୁ, ମୁଁ ଦମନର ଶତ୍ରୁ, ଶୋଷଣର ଶତ୍ରୁ ।"

"ଠିକ୍ ଠିକ୍ ।"

"ତେବେ ଆପଣ କେମିତି କହୁଛନ୍ତି ?"

"ବିଲାତର ଶତ୍ରୁ ହୋଇ ଆମେ ବିଲାତି ସିଗାରେଟ୍‌ରେ ନିଆଁ ଲଗାଉ ।"

"ଅସମ୍ଭବ ।"

"ଦେଖନ୍ତୁ, ଆପଣଙ୍କର କିଛି ଭୁଲ ନାହିଁ । ପୁସ୍ତ ମଣିଷ ଯାହା ଗୁହେଁ ଆପଣ ତାହା ଗୁହାନ୍ତି, ପୁସ୍ତ ମଣିଷ ଯାହା ଭାବେ ଆପଣ ତାହା ଭାବନ୍ତି,

Digitized by srujanika@gmail.com

ସେଥିରେ ଶୃଙ୍ଖଳା ଦରକାର । ଶାନ୍ତି ଓ ଶୃଙ୍ଖଳା ଅଭିନ୍ନ । ଶୃଙ୍ଖଳା ରକ୍ଷିବାକୁ ହେଲେ ଗୋଳମାଳ ଭାଙ୍ଗିଦେବା ଶକ୍ତି ଦରକାର, ସେଥିରେ ବାଡ଼ି ବନ୍ଧୁକ ଆପେ ଆସେ, କାରଣ ସେ ସହଜ ଉପାୟ । ଆପଣଙ୍କ ହୃଦ୍‌ଦ୍ୱନ୍ଦ୍ୱରେ ଇଚ୍ଛା ଓ ତୁଣ୍ଡର ଫଙ୍କାକୁ ଏକାଠି ମିଶାନ୍ତୁ, ଦେଖିବେ ମୁଁ ଯାହା କହୁଛି ଠିକ୍ କି ଭୁଲ ।"

"କିନ୍ତୁ ମୁଁ କେବେ ଦମନନୀତିକଥା ଭାବିନାହିଁ ।"

"ଦରକାର ପଡ଼ି ନଥିଲା, କିନ୍ତୁ ସେ ଥିଲା ଆପଣଙ୍କ ଗଣତନ୍ତ୍ରବାଦୀ ମନର ପଛଆଡ଼େ । ଗଣତନ୍ତ୍ର ବି ଗୋଟାଏ ଶୃଙ୍ଖଳାଗତ ସଙ୍ଗଠନ, ବିଶୃଙ୍ଖଳା ନୁହେଁ, ସେଠି ବି ବିଶୃଙ୍ଖଳତା ଦମନ ମୂଳଏ ।"

"ନା—ନା—ନା—"

"ଆପଣ ନିଜକୁ ନିଜେ ଚିହ୍ନି ନ ଥିଲେ, ଯୁଗର ଭାଷା ତୁଣ୍ଡରେ ଧାଙ୍କି ନିଜ ମନର ଭାଷାକୁ କାନରେ ପକାଉ ନ ଥିଲେ, କାରଣ ସମୟ ଆସି ନ ଥିଲା । ସମୟ ଆସିଲା, ରାଜା ମତ୍ସ୍ୟେନ୍ଦ୍ରନାଥଙ୍କ ସିଂହଦୁଆରେ ଠିଆହୋଇ ସିଦ୍ଧ ଗୋରକ୍ଷନାଥ୍ ଡମ୍ବରୁ ବଜାଇଲେ, ଡମ୍ବରୁ ବାଜିଲା—ଜାଗ୍ ମଚ୍ଛନ୍ଦର୍ ଗୋରକ୍ଷ ଆୟା, ଜାଗ୍ ମଚ୍ଛନ୍ଦର୍ ଗୋରଖ ଆୟା । ମତ୍ସ୍ୟେନ୍ଦ୍ରନାଥ ଶୁଣିଲେ, ଜାଣିଲେ ସେ ଭ୍ରାନ୍ତିରେ ବୁଡ଼ିଛନ୍ତି, ପ୍ରକୃତରେ ସେ ଗୋରଖନାଥଙ୍କ ଶିଷ୍ୟ ଓ ନିଜେ ସିଦ୍ଧ ଯୋଗୀ । ଅବିକଳ ସେହିପରି—ଆପଣ ତୁଣ୍ଡରେ କହୁଥିଲେ ଆପଣ ଗୋଟାଏ ପ୍ରକାରର, ସମୟ ଆସିଲା, ଷ୍ଟ୍ରାଇକ୍ ଲାଗିଲା ଚେତେଇ ଦେଲା ଆପଣଙ୍କୁ ଯେ ଆପଣଙ୍କ ପ୍ରକୃତ ଦଳ କିଏ—ଏପାଖ ନା ସେପାଖ । ଆପଣ ପଟ ବାଛିଲେ । ସେଥିପାଇଁ ଅନୁଶୋଚନା କାହିଁକି ? ହାଡଦାଣ୍ଟି ଆପଣଙ୍କ ରକ୍ତ ଓ ମୋ ରକ୍ତ ଏକାଠି କଲେ ଦେଖିବେ ଦୁହେଁ ଅଭିନ୍ନ । ଆପଣ ତ ନେତା ହେବେ, ବକ୍ତୃତା କରିବେ, ଖାଲି ସହରର ପଥରବୁହା ବାହିନୀରେ ନ ମିଶିଲେ ବୋଲି ଦୁଃଖ କାହିଁକି ? ଚାଲନ୍ତୁ ଫେରିଯିବା ।"

"ଶୁଣନ୍ତୁ ଚନ୍ଦ୍ରଲାଲ ବାବୁ, ମୁଁ ତା ନୁହେଁ, ମୁଁ ତା ନୁହେଁ—"

"ଚମତ୍କାର୍ ! ଏଇ ତ ଯୋଗ୍, ଏଇ ତ ଉପାୟ ! ମଣିଷ ତୁଣ୍ଡରେ କହେ ମୁଁ ମାରୁନାହିଁ ମୁଁ ମାରୁନାହିଁ, ଅଥଚ ହାତରେ ବନ୍ଧୁକ ଚଳାଏ । ସେଥିପାଇଁ ସାଧୁମାନେ ଗୋଟାଏ ସୁବିଧା ଉପାୟ କରିଛନ୍ତି । ଆପଣାକୁ 'ମୁଁ' ସମ୍ବୋଧନ

Digitized by srujanika@gmail.com

ନକର କହନ୍ତି 'ଏଇଟା', 'ଏଇଟା'ର ଦାୟିତ୍ୱ 'ମୁଁ' ଟା ନିଏ ନାହିଁ, କାମ ଠିକ୍ ଚାଲେ ।"

"ଆପଣଙ୍କ ବିଶ୍ଳେଷଣ ସଙ୍ଗେ ମୁଁ ଏକମତ ନୁହେଁ । ପ୍ରଭୁତ୍ୱ ବା ବଶିଷ୍ଟତାର ନିଶା ମୋର ନାହିଁ ।"

"ହୁଁ । ତେବେ ଆପଣ କ୍ଲାସରେ ଫାଷ୍ଟ ହେବାକୁ ଏତେ ଜିଦ୍ ଧରନ୍ତି କାହିଁକି ? କାହିଁକି ଏତେ ପରିଶ୍ରମ କରନ୍ତି ? ସବୁଥିରେ ନାଁଡାକ ହୋଇ ଆଗୁଆ ହୁଅନ୍ତି କି ହେଉରୁ ? କାହିଁକି ନିଜର ଭଲ ନାଁ ଭଲ ଚରିତ୍ର ଅକ୍ଷତ ରଖିବାକୁ ଆପଣଙ୍କର ଏତେ ଝୁଙ୍କ ? ଆଉ ଦଶଜଣଙ୍କ ସଙ୍ଗେ କେବେ କାଦୁଅରେ ଗଡ଼ିଥିଲେ ? କେବେ ଭୁଲ୍ କରିଥିଲେ ? ଯାଚିଲେ ଖଣ୍ଡେ ସିଗାରେଟ୍ ବି ଖାଇବେ ନାହିଁ ଅଥଚ କହିବେ ଆପଣ ଗଣତନ୍ତ୍ରବାଦୀ, ଆପଣାର ବଶିଷ୍ଟତା ଯାହାର ଏତେ ପ୍ରିୟ ସେ ମୁଁ-ପ୍ରଧାନ ଜୀବ ପ୍ରକୃତ ଫ୍ୟାସିଷ୍ଟ ।"

"ମୁଁ—"

"ଥାଉ, ଆଉ ଦ୍ୱିଧାରେ ପଡ଼ନ୍ତୁ ନାହିଁ । ଭୟର କାରଣ ନାହିଁ, ଆପଣଙ୍କ ସାଙ୍ଗରେ ଆମେ ଅଛୁ ।"

ଚୁନିଲାଲ୍ ଚାଲିଗଲା । ଗଲା କିଶୋର, ବ୍ୟଙ୍ଗରେ କହିଲା, "ଯାଦବ ବାବୁ, ଖୁବ୍ ଭଲ ଅଛନ୍ତି ନିଶ୍ଚୟ ।"

"ଇତିହାସ କଣ କହୁଛୁ ?"

"ଇତିହାସ କାମ କରେ, ସାହିତ୍ୟ ପରି ଗପେ ନାହିଁ ।"

"ଇତିହାସ ଏଥର କଣ କରୁଛୁ ? କଲେଜରେ ଷ୍ଟ୍ରାଇକ୍ !"

"ସାହିତ୍ୟ ଗୋଟିଏ ବିବୃତି ଲେଖୁ ଯେ ଏସବୁ ଭଲ ନୁହେଁ, ଏଥିରେ ଚୁନିଲାଲ୍ ଭୁନିଲାଲ୍ ହରିଲାଲ୍ ଜହରତ୍ ଲାଲ୍ ଏମାନଙ୍କର କ୍ଷତି ହେବ । ହଉ ମୁଁ ଯାଏ, ବଡ଼ କାର୍ଯ୍ୟବ୍ୟସ୍ତ ।"

ବକା ପରି ଯାଦବ ଠିଆହୋଇଥାଏ । ଗମ୍ଭୀର ହୋଇ ଚାଲିଗଲା ଜୀବନ, ପାଖକୁ ଆସି ଟିକିଏ ଦୋ ଦୋ ପାଞ୍ଚ ହେଲା, ପୁଣି ଚାଲିଗଲା । ଯାଦବ ତାର କ୍ଲାସ୍‌କୁ ଲେଉଟିଗଲା ।

Digitized by srujanika@gmail.com

ଦୁଆର ମୁହଁରୁ ପାଗ୍ରେଟି ନେଉଛି ସୁପ୍ରଭା ଦାସ୍‌ର କୁତୁହଳୀ ମୁହଁ, ପୁଣି ତେଙ୍କ ଉପରେ ଠିଆହୋଇଛି ପଦ୍ମଫୁଲ, ହଳଦୀ ରଙ୍ଗିଛି । ଅଷ୍ଟମ୍ଫ, କେମିତି ସେ ଠିକ୍ ମନର ମୁହୂର୍ତ୍ତ ବାରି ପଦ୍ମ ତୋଳେ, ମୁଣ୍ଡକୁ ନୁଆଇଁ ଦିଏ, ଚେତନାକୁ ପାଣି ଉପରେ ପଦ୍ମ ପତ୍ର ଉପରେ ଧୀରେ ଶୁଆଇ ପକାଇ ଫୁଲ ଧରି ବସେ, ପଦ୍ମର କେଶର ଝଡ଼େ, ଚେତନା ଶୁଏ । ଦୁଦ୍‌ଆର ଏହି ହାଟ ବଜାର ମଝିରେ ସୁପ୍ରଭା ଦାସ୍ ମୁହଁ ଟେକି ରହିଛି ହଳଦୀ, ଲ୍‌ପ୍‌ଷ୍ଟିକ୍ ମଖା ଓଠରେ ଖେଳୁଛି ସ୍ୟାକାରିନ୍‌ବୋଲା ହସ, ଦୁଆର ମୁହଁରୁ ପାଗ୍ରେଟି ନେଉଛି । ମନ୍ତ୍ରମୁଗ୍ଧପରି ଯାଦବ ଯାଇ ଆପଣା ସ୍ଥାନରେ ବସିଲା, ଯାଙ୍କେ ସାଙ୍ଗେ ଲଖିରହିଲା ସୁପ୍ରଭା ଦାସ୍‌ର ଦୃଷ୍ଟି । ସେ ପଗ୍ମରେ, ସେ ବୁଝେ, ସେ ସାନ୍ତ୍ୱନା ଦିଏ—କାହିଁକି ଏ ବୃଥା ଦୁଃଖ ? ଅଭିମାନ କାହା ଉପରେ ? କାହାର ଓଟସ୍ୱ ବେଶି, ଆପଣା ବ୍ୟକ୍ତିତ୍ୱର ନା ବାହାରର ଦ'ଦନିଆଁ ଦଳର ?

ଆପଣା କାଗାରେ ବସିପଡ଼ିଲା ବେଳକୁ ଲାଗିଲା ସେ ବାଟ ଭୁଲିଛି, ସେ ସମସ୍ତ ନଷ୍ଟ କରିଛି । ବାହାରର ବ୍ୟର୍ଥତା ମଝିରେ ଆଶ୍ୱାସ ଦିଏ ଆପଣାର ଏହି ସ୍ଥାନ, ଆପଣାର ଖୋଳ, ସେ ନିଜେ ଛତ ବଢ଼ତ କନ୍ତୁ ଯେପରିକି ଏକୁଟିଆ ବସି ସୃଷ୍ଟିହୋଇ ନିଜଠି ନିଜେ ଶାନ୍ତି ଖୋଜୁଛି । ସେ ଅଡ଼୍ଆ ସୃହେଁ ନାହିଁ, ପଦାର ଗୋଳମାଳଠୁ ଅପରେ ରହେ ।

କନ୍ତୁ ନିଜ ଚିନ୍ତାକୁ ନିୟନ୍ତ୍ରିତ କଲବେଳେ ମନେପଡ଼େ ଆଡ଼େଇ ହୋଇ ରହିଥିବା ହନୁମାଙ୍କଡ଼ର ଦୁଃଖ । ଝଲକେ ଝଲକେ ସେହି ଛବି ମନେ ପଡ଼େ, ମଫସଲ ଗାଁର ଚହ୍ଲା ଛବି—ଦଳ ବଳ ସମେତ ମାଙ୍କଡ଼ଦଳ ଯେତେବେଳେ ପିଢ଼ାକୁ ପିଢ଼ା ଡେଇଁଥାନ୍ତି, ସଜନା ଡାଳ ଭାଙ୍ଗୁଥାନ୍ତି, ବାରି ଉଜାଡ଼ୁଥାନ୍ତି, କରୁଣ ହୋଇ ଗୃହିଁ ବସିଥାଏ ଗୋଟିକିଆ ଗେଧଟିଏ, ସେ ଗୋଠ ଖଣ୍ଡିଆ ଜଣେ ।

ଦଳ ତାକୁ ଫୋପାଡ଼ି ଦେଇଛି, ଦଳର ହୋ'ହା'ରେ ତାର ଭାଗନାହିଁ । ସେତିକିବେଳେ ସୁପ୍ରଭା ଦାସ୍ ସେ କଣରୁ ସିଧା ଅନାଏ, ତାର ହସିଲା ଓଠ ଥରେ, ଜୋର୍‌ରେ ବାଜେ ଘରର ଘଣ୍ଟି—"ହସ, ହସ ।"

Digitized by srujanika@gmail.com

ସୁପ୍ରଭା ଦାସ୍ କହିଥିଲା କେବେ—କାଦମ୍ବିନୀ ମୁହଁ ମତେ ଅସୁନ୍ଦର ଦିଶେ, ଗମ୍ଭୀର ମୁହଁ ମତେ ଭଲ ଲାଗେ ନାହିଁ, ଯାହା ସୁନ୍ଦର ଦିଶେ ନାହିଁ ନିଶ୍ଚୟ ସେଥିରେ କିଛି ଭୁଲ ରହିଛି, ବିଧାତାଙ୍କ ବେଢ଼ଙ୍ଗ ଗଢ଼ଣ ସେ କୁତ୍ସିତ ।"

ତେଣୁ ସେ ନିର୍ଦ୍ଦେଶ ଦେଉଛି "ହସ, ହସ ।"

ଯେପରିକି ଗ୍ରାଇନେଉଟାଦେଲେ ନୀରସ ବନ୍ଧ ଘୋଷା । ଘର ବାହାରେ ଝରକା ବାଟେ ଦିଶୁଛି ବିସ୍ତୃତ ପଡ଼ିଆ, ସେଠି ଆଲୁଅ ଜକ ଜକ କରୁଛି, ପବନରେ ଘାସ ଉପରେ ଢେଉ ଖେଳୁଛି, ଫାଲେ ଫାଲେ ରଙ୍ଗା ହୋଇ ସ୍ଥିର ଶାନ୍ତିରେ ଗୋରୁ ଘାସ ଖାଉଛନ୍ତି, କାଲ ଟଙ୍ଗା ଘୋଡ଼ା ଖମ୍ବ ପାଖେ ପିଲାଏ ବଲ୍ ଖେଳୁଛନ୍ତି । ସେଠି ସମସ୍ୟା ନାହିଁ, ଅଖିଲ ହସ ଉଚ୍ଛୁଳୁଛି ।

କ୍ଲାସ୍ ମଝିରେ ହଠାତ୍ ଗର୍ଜନ ଶୁଭିଲା, "ଷ୍ଟ୍ରାଇକ୍-ଷ୍ଟ୍ରାଇକ୍-ଇନ୍‌କିଲାବ୍ ଜିନ୍ଦାବାଦ୍ ।" ବହୁ କଣ୍ଠରେ ଏକାଠି ଗର୍ଜନର ସ୍ରୋତ, ସଙ୍ଗେ ସଙ୍ଗେ ଚିତ୍କାର ଚଡ଼ି, କଳକଳା, ନାନା ଭଙ୍ଗୀରେ ନାନା ପ୍ରକାର ବୋଲ୍ । ହଠାତ୍ ଯେପରି ଭୂମିକମ୍ପ ଘୋଟିଛି, ଅତର୍କ ପାଟିତୁଣ୍ଡ ହୋହା ମଝିରେ ଶବ୍ଦ ଆସୁଛି, "ବାହାର ଆସ, ବାହାର ଆସ ।" ଟେବୁଲ୍ ଚୌକି ପଡ଼ିବାର ଶବ୍ଦ ଆସୁଛି, ଝରକା ଭାଙ୍ଗିବାର ଶବ୍ଦ ଆସୁଛି, କବାଟ ବାଡ଼ିଆ ହେଉଛି, ଜନତା ଏଣେ ତେଣେ ଛୁଟିଛନ୍ତି । ସଙ୍କେତ ଦେଲାପରି ଏହାରି ଅବସରରେ ବିଜ୍ଞାନ ଅଞ୍ଚଳରୁ ଦୁଇଥର ପ୍ରବଳ ବିସ୍ଫୋରଣର ଶବ୍ଦ, ଗ୍ରାଉ ଥରିଯାଉଛି, ଦଳେ ଧାଇଁଛନ୍ତି ତେଣେ ।

ପ୍ରଫେସର୍ ଶୁଖିଲା ମୁହଁରେ ପାଟି କରୁଛନ୍ତି, "ବସ ବସ, କେହି ଯାଅ ନାହିଁ ।" କ୍ଲାସ୍ ଖାଲି କରି ଦେଇ ନୂଆ ଉଲ୍ଲାସରେ ପାଟି କରି କରି ପିଲାଏ ଗଦା ହେଲେଣି ପଦାରେ, ଅବଶିଷ୍ଟ ପିଲାଙ୍କୁ ଓଟାରି ବାହାର କରିବା ପାଇଁ ପଟୁଆର ଚାଲିଲାଣି କ୍ଲାସ୍‌ରୁ କ୍ଲାସ୍ । ଗ୍ରାଉ ମନରେ ନୂଆ ପ୍ରକାର ଉଦ୍‌ବେଗ, ଗୋଟାଏ ହିଂସ୍ର ସ୍ୱାଧୀନ ସ୍ୱରର ପ୍ଲାବନ, ସଙ୍ଗାତ୍ମକ ସ୍ରୋତପରି ଚହଟି ଯାଉଛି, ଆୟତ୍ତ କରି ହେଉନାହିଁ । ସେ ଉଦ୍ଦେଶ୍ୟବିହୀନ ତୋଫାନ, ଆପଣା ମନକୁ ମନ ମାଡ଼ି ଚାଲିଛି, ଚଢ଼ିଚାଲିଛି । ବୃଦ୍ଧ ସ୍ଥିତିବାନ୍ କଲେଜରେ ଘଟିଛି ବିପ୍ଳବ ।

Digitized by srujanika@gmail.com

ଏମ୍. ଏ. କ୍ଲାସ୍ ଫାଙ୍କା ପଡ଼ିଗଲା, ଅଧିକାଂଶ ଉଠି ଚାଲିଗଲେ ତୋଫାନରେ ଭଉଁରି ବୁଲିବାକୁ । ରହିଲେ ପ୍ରଫେସର୍, ଯାଦବ, ଚୂନିଲାଲ୍ ଓ ସୁପ୍ରଭା ଦାସ୍ । ଚୂନିଲାଲ୍ ଚୁପ୍‌ହୋଇ ବସି ବହିରେ ମନ ଦେଇଛି, ଏପରି ମନୋଯୋଗ ସେ କେବେ ଦେବାର କେହି ଦେଖିନାହିଁ । ଝରକାପରି ପଛରେ ରହିଛି ସେ । ମଝିରେ ଯାଦବ, ପଦାକୁ ଚାହୁଁଛି, ଉଡ଼ିଯିବାକୁ ମନ ଛଟପଟ ହେଲାଣି, ପଦାରେ ତାର ବହୁ ଦିନର ସ୍ୱପ୍ନ ବାସ୍ତବ ହୋଇ କୁହାଟ ଛାଡ଼ୁଛି, ପଦାରେ ତାର ଅଣସ୍ୱସ୍ତି ଅତୀତର ରୂପ, ଦବୁ ବିପ୍ଳବ, ଦବୁ ସଂଘର୍ଷସଙ୍ଗେ ସହାନୁଭୂତି ଯାହାର ସେ । ତାହାରି ମତ କାର୍ଯ୍ୟକାରୀ ହେଉଛି, ତାହାରି ବାଣୀ ଧ୍ୱନିତ ହେଉଛି । ଯାଦବ ବସିଛି କ୍ଲାସ୍‌ରେ ।

ପଛଆଡ଼ୁ ଚୂନିଲାଲର ନିର୍ଲିପ୍ତଭାବର ପରିପୂର୍ଣ୍ଣ ଇଙ୍ଗିତ ତାକୁ ଚିହ୍ନେଇଦେଇ ରଖିଛି । କର ପଟରୁ ସୁପ୍ରଭା ଦାସ୍, ଗୋଟାଏ ବଳିଷ୍ଠ ପ୍ରତୀକ୍ଷାରେ ଯେପରି ସେ ଆହୁରି ସୁନ୍ଦର ଦିଶୁଛି । ଓଟାରିହୋଇ ଟାଣିହୋଇ ରହିଛି ତାର ଦେହର ସ୍ନାୟୁ । ଫରଖର ବେଳ ଆସିଛି, ଧନୁରେ ଗୁଣ ଚଢ଼ିଛି । ଓଠରୁ ଦାନ୍ତରେ ଚାପି ବସିରହିଛି ସୁପ୍ରଭା ଦାସ୍, କପାଳରେ ଝାଳର ବିନ୍ଦୁ, ମୁହଁରେ ମୂର୍ତ୍ତି ରାଜସିକତା । ତାପରେ ପ୍ରଫେସର । ମୁହଁ ଶୁଖିଯାଇଛି, ବ୍ୟକ୍ତିତ୍ୱ ନଇଁଯାଇ ରହିଛି ଖାଲି ଖୋଳପା ପରି ଗୋଟାଏ ଯନ୍ତ୍ର । ଅଣ୍ଟାରେ ମିଟି ମିଟି କରୁଣ ଆଖିରେ କେବଳ ବିକଳ ମିନତି, କାଠ ଚୌକିର ଆକର୍ଷଣରେ ମଣିଷଟା ରହିଯାଇଛି, ଯାଇପାରି ନାହିଁ । ଏହିପରି ଗୁରୁଜଣଙ୍କ ବର୍ଗପ୍ରେକ୍ଷଣ ପରିସରରେ କ୍ଲାସ ଚାଲିଛି । ଭୂତ ଦେଖି ମନ୍ତ୍ର ବୋଲିଲା ପରି ପ୍ରଫେସର ଗାଉଛନ୍ତି ଇଂରାଜୀ ସାହିତ୍ୟ, ଶୁଣୁଛି ଫାଙ୍କା କ୍ଲାସ୍, ବେଞ୍ଚ ଓ ଡେସ୍କ । ପଦାରେ ଗର୍ଜନ ଶୁଭୁଛି, କ୍ଲାସ୍‌ରୁ କ୍ଲାସ୍ ମାଡ଼ିଆସିଲାପରି ଷ୍ଟ୍ରାଇକର ପଦଶବ୍ଦ ଶୁଭୁଛି ।

କିନ୍ତୁ ଯାଦବକୁ ଲାଗିଲା ଯେପରି ବାହାରର ଏହି ଶକ୍ତିସଂଘର୍ଷ ମଝିରେ ପାଖକୁ ପାଖ ଘୁଞ୍ଚିଆସି ଆଉଜି ଯାଉଛନ୍ତି ସେ ଓ ସୁପ୍ରଭା ଦାସ, ଯେପରି ସେ ଆଉଜିବାରେ ବୀରତ୍ୱ ଅଛି, ଲାଗୁଛି ସେ ଟିକିଏ ତାହାରି ଦାୟିତ୍ୱ । ପ୍ରଫେସର ବ୍ୟକ୍ତିତ୍ୱହୀନ ପୁରୋହିତ, ଚୂନିଲାଲ ଦର୍ଶକ, ବାହାରର ବିପ୍ଳବ ଏ ଅଦ୍ଭୁତ ମିଳନର ପୃଷ୍ଠଭୂମି । ସମୁଦ୍ର ସ୍ପନ୍ଦିତ ହେଉଛି ।

Digitized by srujanika@gmail.com

ହଠାତ୍ ଦଳ ପହଞ୍ଚିଗଲେ ଦୁଆର ସାମ୍ନାରେ । ଗର୍ଜନକଲେ— "ବାହାରି ଆସ, ବାହାରି ଆସ" । ଭିତରକୁ ପଶି ଆସିଲେ । ଗୃହୁଁ ଗୃହୁଁ ଟେବୁଲ ଓଲଟିଲା, ବେଞ୍ଚ ଓଲଟିଲା, କବାଟ ଝରକାରେ ମାଡ଼ବସିଲା । ନାନାପ୍ରକାର ଗାଳି ଫଇଜତ୍ ବର୍ଷିଲା । ନାନାଜାତିର ଖେଞ୍ଚାମରା ଶ୍ଳେଷ ବିଦ୍ରୂପର ବାଣ । କାଠଚୌକିର ମୋହର ଡ଼ୋର ଛିଣ୍ଡିଗଲା, ଠେଲାଠେଲି ହୋଇ ଛିଟିକି ଗଲାଣି ଅତି ବେଗରେ ପଦାକୁ ଗଡ଼ିଗଲା ପ୍ରଫେସରଙ୍କ ଦେହ । ଚୂନିଲାଲ ରୁମାଲରେ ମୁହଁପୋଛି ଧୀରେ ଧୀରେ ବାହ୍ୟା ପ୍ରସାରକରି ପଦାକୁ ଚାଲିଗଲା, ଦୈହିକ କଷ୍ଟ ଭୋଗିବାର ପକ୍ଷପାତୀ ନଥିଲା ସେ କେବେ । ଯାଦବ ଦେଖିଲା, ସୁପ୍ରଭା ବ୍ୟୂହରେ ପଡ଼ିଛି । ଗୋଟାମୁହଁ ଲାଲ ହୋଇ ଥରୁଛି, ହାତଗୋଡ଼ ଛାଟି ଯୁକ୍ତି କରୁଛି ସେ କ୍ଲାସ୍‌ରୁ ଯିବନାହିଁ ।

"କଣ ଏ ଜବରଦସ୍ତି ? ମୁଁ ଫିସ୍ ଦେଇଛି, ପଢ଼ିବାକୁ ଆସିଛି, ମୁଁ ପଢ଼ିବି, ମୁଁ ଯିବନାହିଁ ।"

"ଆପଣ ଆମ ଅନୁରୋଧ ରଖନ୍ତୁ, ଚାଲି ଆସନ୍ତୁ, ଛାତ୍ରଦଳ ଏକ ହୁଅନ୍ତୁ ।"

"ମୁଁ ଏ ଷ୍ଟ୍ରାଇକ୍ କରିନାହିଁ, କାହିଁକି ଏ ହେଉଛି ମୁଁ ଜାଣି ନାହିଁ, ମୁଁ ଯିବନାହିଁ ।"

"କାହିଁକି ଏ ହେଉଛି ବୁଝିବାକୁ ଯଥେଷ୍ଟ ସମୟ ଅଛି, ଆପଣଙ୍କୁ ପ୍ରତ୍ୟେକ କଥା ବୁଝେଇବୁ, ଆପଣ ଚାଲିଆସନ୍ତୁ, ଦଣ୍ଡବତ କରୁଛୁ ।"

"ମୁଁ ଆଦୌ ଯିବନାହିଁ । ମୋର ସ୍ୱାଧୀନ ମତ ଉପରେ କାହାରି ହୁକୁମ୍ ମୁଁ ବରଦାସ୍ତ କରିବ ନାହିଁ, ଆପଣମାନେ ଯାଆନ୍ତୁ, ବୃଥା ସମୟ ନଷ୍ଟ କରନ୍ତୁ ନାହିଁ ।"

"ବାହାରି ଆସନ୍ତୁ, ସମୟ ଯାଉଛି, ଆହୁରି କେତେ କାମ ବାକି ଅଛି । ଗଣମତ ଆପଣଙ୍କୁ ଅନୁରୋଧ କରୁଛି, ବାହାରି ଆସନ୍ତୁ, ଆପଣଙ୍କୁ ଗୁପ୍ତ ସମିତିଙ୍କ ମତ ମନେଇ କାମକଲେ ଗଣତନ୍ତ୍ର ତିଷ୍ଠି ପାରିବନାହିଁ, ଏତେ ବଡ଼

Digitized by srujanika@gmail.com

ଗଣତାନ୍ତ୍ରିକ ଯୋଜନା ଆପଣ ପଣ୍ଡ କରନ୍ତୁ ନାହିଁ, କ୍ଷମା ମାଗି ଅନୁରୋଧ କରୁଛୁ ।" କହିଲାଗିଛି ନବୀନ, ଶ୍ରୀମକାନ୍ତ ନବୀନ ।

"ଏପରି ଗଣତନ୍ତ୍ର ମୁଁ ସ୍ୱୀକାର କରେନାହିଁ, ଯେଉଁଥିରେ ମତ ପଚରାହୁଏ ପଛେ, ବାଧ୍ୟ କରାହୁଏ ଆଗ । ଏସବୁ କେବଳ ଜବରଦସ୍ତି, ଗୁଣ୍ଡାରାଜ, ଯାଉନ୍ତୁ ଆପଣମାନେ, ମୁଁ ଯିବିନାହିଁ ।"

"ଓଃ ! ଗୁଣ୍ଡାରାଜ୍ ! ଗଣତନ୍ତ୍ର ଏ ସ୍ୱୀକାର କରନ୍ତି ନାହିଁ । ତେବେ ଦେଖିବ ଗଣତନ୍ତ୍ର କେମିତି ତମକୁ ସ୍ୱୀକାର କରିବ ।" ଗର୍ଜନକରି ଦଳ ମାଡ଼ି ଆସିଲେ, "ବୁର୍ଜୋଆ ' ବୁର୍ଜୋଆ ! ନିକାଲୋ ' ନିକାଲୋ !" ଜଣେ କିଏ ତାର ହାତଧରି ଓଟାରିଲା, ପଛଆଡ଼ୁ ଆଉ କେଉଁମାନଙ୍କର ଚାପ । ସୁପ୍ରଭା ଦାସ୍ ପାଗଳପରି ମୁଠି ଟଳେଇଲା । ସେତେବେଳେ ଭଉଁରିକି କୁଦାମାରିଲା ଯାଦବ, ସୁପ୍ରଭା ପାଟି କରୁଥାଏ—"ଅସଭ୍ୟ ! ବର୍ବର ! ଜନ୍ତୁ ! ଜାନୁଆର୍ !" ଚାରିଆଡ଼େ ହୋ ପଡ଼ିଛି, ସେଥିରେ ନାନା ପ୍ରକାର କଥା, ବିରୋଧୀ ମତାମତ, କିନ୍ତୁ ଏମ୍. ଏ. କ୍ଲାସର ଛାତ୍ରୀ ସୁପ୍ରଭା ଦାସ୍ ଯୁଦ୍ଧ କରୁଛି, ସମସ୍ତେ ଅପମାନଜର୍ଜର, ଦଳ ଦୋହଲି ଯାଉଛି, ଥୋକେ ହଟିଯାଉଛନ୍ତି, ପୁଣି ଥୋକେ ଆଗେଇ ଆସୁଛନ୍ତି, ହିଂସାତ୍ମକ ଅବସ୍ଥା ଦେଖି ସୁବିଧା ପାଇ ବର୍ବରତା ପ୍ରକଟି ଆସୁଛି ଜନତାର ମୁହଁରେ ।

ବିଧାଖାଇ ଚାପଡ଼ାଖାଇ ଠେଲାଖାଇ ଭିଡ଼ାଓଟରାଖାଇ ପହଞ୍ଚିଗଲା ଆସି ଯାଦବ ପଧାନ । ସୁପ୍ରଭା ଦାସ୍‌ର ଦେହକୁ ଓଡ଼ୁଆଳ କରି ଠିଆହୋଇ କହିଲା, "ଛି ! ଏସବୁ କଣ ହେଉଛି ! ନାରୀ ଉପରେ ଆକ୍ରମଣ ! ଏଥିପାଇଁ ଆମେ ଶିକ୍ଷିତ ହୋଇଛୁ, କଲେଜରେ ପଢ଼ୁଛୁ ?" ହଠାତ୍ ଏ ରଡ଼ି ଶୁଣି ଗୁଣ୍ଡା ଅବସ୍ଥା ଅଣ୍ଡା ପଡ଼ିଗଲା, ଯାଦବ କଥା କହି ଜିତିଲା ମଣିଷ ମନର ନିଦାନ ବିବେକକୁ ।

"କି ଲଜ୍ଜାର କଥା ! କି ଲଜ୍ଜାର କଥା !"

ଅଳ୍ପ ବେଳ ତୁନିତାନି । କଜିଆ ପରେ ବିଲେଇ ପରି ସୁପ୍ରଭା ଦାସ ଫଜାଡ଼ି ହେଉଥାଏ । ବିବେକୀ ମଣିଷ ପଛକୁ ଘୁଞ୍ଚିଗଲେଣି । ସାମ୍ନାରେ

Digitized by srujanika@gmail.com

କେବଳ 'ଗୁଣ୍ଡାଦଳ' । ପୁଣି ସେମାନେ ପାଟି କରି ଉଠିଲେ, "ଆସିଲେ ଫେର୍ ତାଙ୍କ ପାଖକୁ ଆଉ ଜଣେ । ସାର ବକ୍ତୃତା କରୁଥିଲେ, ନେତା ହେଉଥିଲେ, ମନ୍ତ୍ରୀଜନ୍ତ ଗପି ଗପି ଧରିଲେ ଟ୍ରେଜରୀ । ଭଗୋ ! ଭଗୋ ! ବୁର୍ଜୋଆ ! ବୁର୍ଜୋଆ !"

ଯାଦବ ସୁପ୍ରଭାର ହାତକୁ ଧରି ବାଟ କଢ଼େଇ ନେଇଗଲା ସେହି ଗୋଳ-ମାଳ ଭିତରେ । ଦେଖିଲା ଜୀବନ ନରେଇ ହୋଇ ଠିଆ ହୋଇଛି । କହିଲା, "ଛି ! ଜୀବନ !" ପଥରପରି ଠିଆ ହୋଇଥାଏ ଜୀବନ ମହାନ୍ତି, ଜବାବ ଦେଲନାହିଁ, ମୁହଁ ଟେକିଲା ନାହିଁ । ଯାଦବ ଗୁଲିଗଲା ପରେ ଧୀରେ ଧୀରେ ଆଡ଼େଇ ନେଇ ଗୁଲିଲା ତାର ଦଳକୁ ଅନ୍ୟ କୋଠରୀକୁ । ଠେଲାଠେଲି ଗୁଣ୍ଡାଦଳ ଭିତରେ, ଆଗେ ଆଗେ ଗୁଲିଛନ୍ତି ଯାଦବ, ପିଛପରି ତାର ହାତକୁ ଆଗ୍ରାକରି ଗୁଲିଛି ସୁପ୍ରଭା । ତାର କଅଁଳ ପାପୁଲି ଆତ୍ମସମର୍ପଣ କରି ଆପଣା ଭୁଲି ହୋଇ ରହିଯାଇଛି ଯାଦବର ମୁଠା ଭିତରେ ।

ବାଟରେ ଚହଲ ପଡ଼ିଛି, ସବୁ ଗ୍ରୁପ ଏକାଠି ହୋଇଛନ୍ତି । ପ୍ରଫେସର ଦଳ ଏକାଠି ଜମାହୋଇ ଗୁହିଁରହିଛନ୍ତି ।

ବୃଦ୍ଧ ଅଧକ୍ଷ ବିରଜା ଦାସ୍ ସୁଟ୍ ଓ ଟାଇ ଭିଡ଼ି ଗମ୍ଭୀର ହୋଇ ଠିଆ ହୋଇ ଦେଖୁଛନ୍ତି ଏତେ ବର୍ଷର ଅଧ୍ୟାପନା ଜୀବନରେ ପ୍ରଥମ ବିକ୍ଷୋଭ ଅଭିଜ୍ଞତା । ଗ୍ରୁପଦଳ ଧାଡ଼ି ଗଢ଼ିନେଲେ, ମୁଣ୍ଡରେ କଣ୍ଢେଇ । ତାଙ୍କର ସାମ୍ନାରେ ଲମ୍ବା ହୋଇ ମାର୍ଚ୍ଚ କରି ଯାଉ ଯାଉ କଣ୍ଢେଇ ଚିତ୍କାର କଲେ ।

"ବିରଜା ମରଯା—ବିରଜା ମରଯା !"

ତାପରେ ଜଣ ଜଣ କରି ସେହିପରି ଚିତ୍କାର କରିଗଲେ ।

"ବିରଜା ମରଯା—ବିରଜା ମରଯା !"

ମିଟିଂ ପଡ଼ିଆକୁ ମାର୍ଚ୍ଚ ଆରମ୍ଭ ହେଲା ।

ଯୁଗ ପୂଜା ଓଲଟେଇଲା । ସମ୍ଭ୍ରାନ୍ତ ଅଧକ୍ଷଙ୍କୁ ମୁହାଁମୁହିଁ ମରଯା କହି ଗ୍ରୁପ ଦଳ ସଙ୍କେତ ଦେଲେ ନୂଆ ଯୁଗର ସେଉଁଠି ବିଶ୍ୱାସ ନାହିଁ ଭକ୍ତି ନାହିଁ ପ୍ରାଚୀନତା ପ୍ରାଚୀନ ବୋଲି ଭୁଲି ସମ୍ଭାର ବୋଲି ବର୍ଜନୀୟ

ନୂତନତା ନୂତନବୋଲି ଗ୍ରହଣୀୟ, ଛଟଫଟ ମନର ସାଧାରଣ ପ୍ରକ୍ରିୟା କେବଳ ଓଲଟା କରିବାରେ, ସେହି ତାର ସ୍ୱାଧୀନ ଭାବର ପ୍ରଥମ ବିକାଶ ।

ବାଟରେ ସୁପ୍ରଭା କହିଲ, "ଚାଲନ୍ତୁ ଆଗକୁ ।"

"ହେଇତ ଗାଡ଼ି, ଯାଅ ଏଥର ।"

ଟାଣିକରି ତାର ହାତକୁ ଚୁପିଧିରି ସୁପ୍ରଭା ଥରିଥରି କହିଲା—

"ଆପଣ ଆସନ୍ତୁ, ମତେ ଏକୁଟିଆ ଛାଡ଼ନ୍ତୁ ନାହିଁ, ଗୋଡ଼ତଳେ ପଡ଼ୁଛି ।"

ଯାହାବର 'ଆପଣ' ହୋଇଯାଇଥାଏ 'ତୁମେ' ।

ଉଦ୍‌ବେଗରେ ଥରଥର ସୁପ୍ରଭା ଲାଗୁଥାଏ ଅତି ଆପଣାର ହରି, ଯେ ଆଶ୍ରୟ ଚାହେଁ, ଅଳକରେ, ରୂପେ ।

ତାର ସାଧାରଣ ଇଚ୍ଛା ପୂର୍ତ୍ତି କରିବାକୁ ଗଲେ ବୀରତ୍ୱର ଗୌରବ ଘୋଟିଥାଏ ।

ପନ୍ଦର

ଗାଡ଼ି ଚାଲିଯାଉଛି—ଗାଡ଼ି ଚାଲିଯାଉଛି—ପଛରେ ପଡ଼ିରହିଛି କଲେଜ୍—ଯେଉଁଠି ଷ୍ଟ୍ରାଇକ୍ ଲାଗିଛି, ସଭା ବସିଛି, କାନ ଅତଡ଼ା ପଡ଼ୁଥିବ ଛାତପାଟିର ହେଣ୍ଡାଲରେ । ଗର୍ଜୁଥିବ "ଇନ୍‌କିଲାବ୍ ଜିନ୍ଦାବାଦ୍—ବର୍ଜୋ ମରଧା ।" ଚାଲିଥିବ ଅଗ୍ନିଗର୍ଭ ବକ୍ତୃତା—ବଜ୍ରପରି ହୁଙ୍କାର, ପ୍ରାଚୀନ ଅନୁଷ୍ଠାନର ନୀତି ଓ ସମ୍ମାନ ଉପୁଡ଼ିପଡ଼ି ଭୂଇଁରେ ଲୋଟୁଥିବ । ଜଳିହେଉ ଜ୍ୱଳିହେଉ, ଯେଉଁଠି ଛାତ୍ରଦଳ ନୂଆ ଇତିହାସ ଗଢ଼ୁଛି, ନାଁ ତାର ବିଶୃଙ୍ଖଳା, ନାଁ ତାର ବିଦ୍ରୋହ, ଯେଉଁଥିରେ ଉତ୍ତେଜନା ଅଛି, ବଳ ଅଛି—ହେଉପଛେ ଉଦ୍ଦେଶ୍ୟ ତାର ପାଉଁଶ । ଯେଉଁଥିରେ ବିକ୍ଷୋଭ ଅଛି, ମୁଁ' ପଣର ବଡ଼ିମା ଅଛି, ପ୍ରତ୍ୟେକେ ନେତା

Digitized by srujanika@gmail.com

ହୋଇଯାଇ ରୁଦ୍ଧରଖା ଧ୍ୱଂସ ପ୍ରବୃତ୍ତିକୁ ଅମଡ଼ା ମଡ଼େଇ ଦେବାର ସୁବିଧା ଅଛି, ଆପଣାକୁ ଜାଳି ଆପେ ଉଜ୍ଜ୍ୱଳ ହେବାର ସୁଯୋଗ ଅଛି ।

ସେଥିରେ ଯାଦବର ଭାଗ ନାହିଁ । ଗାଡ଼ି ଚାଲିଯାଉଛି । ମନେପଡ଼ୁଛନ୍ତି ମେସ୍‌ର ସଙ୍ଗୀମାନେ—କିଶୋର, ଜୀବନ, ସାନପିଲ୍ ଦୀପକ । ଆଉ କେତେ ନୂଆ ବୀର ଆଜି ଜନ୍ମ ହୋଇଥିବେ, ଆପଣା ଭବିଷ୍ୟତ ପାଇଁ ସଞ୍ଚି ରଖିଥିବେ ସ୍ମରଣୀୟ ଘଟଣା—ସେମାନେ ଷ୍ଟ୍ରାଇକ୍‌ରେ ମିଶିଥିଲେ !

ଆପଣା ବିବେକ ଦୁଆ ଦେଉଛି, ସମସ୍ତିଙ୍କୁ ଛାଡ଼ି ସେ ଚାଲିଯାଉଛି ଗାଡ଼ିରେ ବସି ।

କିନ୍ତୁ ଏ ଆନ୍ଦୋଳନ ଭୁଲ୍, ଏ ଖରାପ—ଏ ବିୟାଳିଶ ନମ୍ବର ଦଳଙ୍କର ଗୁପ୍ତ ଷଡ଼ଯନ୍ତ୍ରର ଫଳ—ଏହାର ବିଷମୟ ପରିଣତି—ଏହାର ବିନାଶ ଅନିବାର୍ଯ୍ୟ, ଏଥିରେ ହେତୁ ନାହିଁ ।

ଯୁକ୍ତିରେ ପେଟ ପୂରୁନାହିଁ । ମନେପଡ଼ୁଛି—ବିଭୀଷଣ ବି ଠିକ୍ ଏହିପରି ଭାବୁଥିଲା । ଭୁଲ୍ ସୁଧୁରିବ, କିନ୍ତୁ ଦୁନିଆଁର ଆଖିରେ ନିଜେ ସେ ରହିଯିବ କି ବିଭୀଷଣ ହୋଇ ?

ଦଳଦଳ ଲୋକ ଛୁଟିଛନ୍ତି କଲେଜମୁହାଁ, ପଙ୍ଗପାଳପରି ଚାରିଧାଇଁଛନ୍ତି ବିଭିନ୍ନ ଅନୁଷ୍ଠାନରୁ, ଖବର ଖେଳିଲାଣି । ଶାସନ ଶୃଙ୍ଖଳା ଧାଇଁଲାଣି ତାର କର୍ତ୍ତବ୍ୟ କରିବାକୁ । ବାଡ଼ିଧରି ମାର୍ଚ୍ଚ କରି ପୁଲିସ୍‌ଦଳ ଗଲେଣି, ଧୂଳିଉଡ଼ାଇ ପ୍ରଚଣ୍ଡ ବେଗରେ ଧାଇଁଲେଣି ପୁଲିସ୍ ମଟର । ମଟରଗାଡ଼ି ଛୁଟିଚାଲିଛି, ଧାଇଁଛନ୍ତି ହାକିମ, ନାଗରିକ, ସାମ୍ବାଦିକ, ସହାନୁଭୂତି ଦେଖାଇ । ଭିଡ଼ର ମୁହଁ ବୁଲିପଡ଼ୁଛି କଲେଜ୍ ଯିବା ରାସ୍ତାରେ ।

ପୁଲିସ୍—ଲାଠି—ଗିରଫ୍—ବିଚାର—

ସତେ କଣ ଚନ୍ଦ୍ରଲାଲର କଥା ଠିକ୍ ହେବ ? ଦେହ ଶୀତେଇଉଠେ ।

କିନ୍ତୁ ଗାଡ଼ି ଚାଲିଯାଉଛି; ଗାଡ଼ି ଚାଲିଯାଉଛି—କଲେଜ୍ ରହିଲାଣି କେତେ ଦୂରରେ । ଦୂରରେ ଦୁଃସ୍ୱପ୍ନପରି ସେହି ଭାବନାର ମୋହ ଧୀରେ ଧୀରେ ମିଳେଇଗଲାଣି; ଦୀର୍ଘଶ୍ୱାସ କେଉଁଠାରେ ଶୋଷିହୋଇ ଅଲିପିଗଲାଣି ପରିକଥା । ଛାତିର ବୋଝ ହାଲୁକା ହେଉଛି ।

Digitized by srujanika@gmail.com

ଥାଉ ସେ, ଦୂରର ବିଘଟନ, କୃତକର୍ମର ଫଳରୁ ଅବ୍ୟାହତି ନାହିଁ କାହାରି—ଉପସଂହାର କରି ଯାଦବ ଗାର ଟାଣିଦେଲା ।

ସୁପ୍ରଭା ବ୍ୟସ୍ତ ହେଲା । ରଙ୍ଗ ଛାଡ଼ିଯାଇଛି ଓଠରୁ ଗାଲରୁ । ମୁଣ୍ଡବାଳ ଅଲରା । ଶାଢ଼ୀର ଭଙ୍ଗ ମାଡ଼ିମକଚି ହୋଇଛି । ମନର ରାଗ ଓ କର୍ମ ଦର-ନାହିଁ । ତେଣୁ ସେ ମୁଣି ଫିଟାଇ ସାନଦର୍ପଣ କାଢ଼ି ପ୍ରସାଧନ ଖୋଲି ସଜାଡ଼ି ହେଉଥିଲା । ଗାଡ଼ିର ନିରୋଳାରେ ଯାଦବ ପ୍ରତି ସେତିକି ଦୃଶ୍ୟ ତାର ପ୍ରଥମ ଉପହାର ।

କିନ୍ତୁ ଯାଦବ ତାର ଚିନ୍ତାରେ ବ୍ୟସ୍ତ ଥିଲା, ଦୃଶ୍ୟମାନ ପ୍ରକୃତିଠୁ ବହୁ ଦୂରରେ ସେ । ସୁପ୍ରଭା ବିରକ୍ତ ହେଉଥିଲା, ସାମ୍ନା ସିଟ୍‌ର ଏହି ପଥରଟା ତାର ନିଭୃତ ବ୍ୟକ୍ତିତ୍ୱକୁ ସ୍ୱୀକାର କରୁନାହିଁ, ସେ ଯେପରି ନିର୍ଜୀବ, ଜଡ଼ । ଅନୁଭବ କରୁଥିଲା, ସେ ଉଦ୍ଧାର କରିଛି ଯାଦବକୁ, କିନ୍ତୁ ଅତି ଶ୍ରଦ୍ଧା ଲାଗୁଥିଲା ସେ ବିଜୟ ଏବଂ ପ୍ରସାଧନ ମଝିରେ ଥରେ ଥରେ ଚାହିଁଦେଇ ସେ ଭାବୁଥିଲା—ଆପଣା ବାଟରୁ ଗଡ଼ିଯାଇ ପରବାଟରେ ପଦ ଦେବା କଣ ପ୍ରକୃତରେ ଦରକାର ଥିଲା ।

କିନ୍ତୁ ଯାଦବକୁ ସେ ଭଲକରି ଦେଖିପାରିନଥିଲା, ଆପଣାଠି ବ୍ୟସ୍ତଥାଇ ଦେଖୁଥିଲା ଯାଦବ ଉପରେ ପ୍ରତିଫଳିତ ଆପଣାର ପ୍ରତିବିମ୍ବକୁ । ଯାଦବ ସେଠି ଦର୍ପଣ ମାତ୍ର । ପ୍ରସାଧାନ କଲାବେଳେ ଦର୍ପଣର ଦୋଷକୁ ସେ ନିକୁଟି ନିକୁଟି ବାଛୁନଥିଲା । ତାପରେ ସେ ଦୃଷ୍ଟିର କୋଣ ବୁଲେଇ ଚାହିଁଲା, ନିଜକୁ ନ ଦେଖି ଦେଖିଲା ଯାଦବକୁ ଏବଂ ବୁଝିଲା, ଯାଦବ ଏଠି ନାହିଁ, ଉଦାସ ଅବସନ୍ନ ରୂପଟାଏ କେବଳ ଖୋଲପାପରି ପଡ଼ିରହିଛି, ଯାଦବ ରହିଲାଣି କାହିଁ ଦୂରରେ । ଏରୂପ ତାର ଅଚିହ୍ନା ନୁହେଁ, ଯୋଗୀଟାଏ କେହିନୁହେଁ, ନିତି ଦେଖା ଚେହେରା, ବଜାର ମୁଣ୍ଡିଧରି ମୁଣ୍ଡକୁ ତଳକୁ ପୋତି ରାସ୍ତାରେ ବୁଲିଯାଉଥିବାର ଦଶେ ବାରମ୍ବାର, ଗାଡ଼ିର ସୁପ୍ରଭା ସହିତ ତାର ସମ୍ବନ୍ଧ ନାହିଁ, ନାଁ ଗାଁ ଜଣାନାହିଁ, କାହିଁର କିଏ ଜଣେ ।

ଏହି କି ଯାଦବ—ଯାହାକୁ ସେ ଗାଡ଼ିରେ ବସେଇ ନେଇଯାଉଛି ! ଦୃଷ୍ଟି ଶାଣିକରି ନିଠେଇ ନିଠେଇ ପଢ଼ି ଲାଗିଲା ତାର ମୁହଁ, କାଳେ କେଉଁଠି ଚିହ୍ନଏ ଥିବ ପରା ଆପଣାପାଇଁ କିଛି ।

Digitized by srujanika@gmail.com

ଚିତ୍ତପଟରେ ଯୋଷା ଚଢ଼େଇଟି ଯେମିତ ମନ ଦୋଳଉଛୁ; ପାଖକୁ ଗଲେ ନାଁ ଧର ଡାକିବ ନାହିଁ, ପାଖେ ଆସିବ ନାହିଁ ।

ଏହା ଝଲକରେ ଲେଉଟି ଆସିଲ ସମ୍ବିତ୍ ଓ ସ୍ୱାଭାବିକତା ଦଖଲର ମୋଡ଼, ରେକର୍ଡ ଯନ୍ତ୍ରରେ ବଜୁଥିଲା ସୁର ଖେଳଲ ପରି ଭୁଷ୍ କରି ସୁପ୍ରଭା ଦାସ୍ ତାର ସବୁଠୁ ମିଠା ମିଠା ହସ ବାଜିଲ, "ଓଃ ! ଆପଣ—ଆପଣ ଆଜି ନ ଥିଲେ ମୋର କି ଦଶା ହୋଇଥାନ୍ତା ଯାଦବବାବୁ !"

ଗମ୍ଭୀର ରହି ଯାଦବ ମୁଣ୍ଡ ଝୁଙ୍କାଇଲ, କହିଲ—"ଗୋଟାଏ ଅନର୍ଥକ ଦୁର୍ଘଟନା ।"

"ଦୁର୍ଘଟନା !" ସୁପ୍ରଭା ରାଗିଲ, "ଜଣେ ଯେପରିକି ତାର କାମୁଡ଼ା କୁକୁରର ଦଉଡ଼ି ଖୋଲି ଦେବ, ଧୁଡ଼ଧୁଡ଼ କହି କୁକୁର ଲଗେଇ ଦେଇ ଭଦ୍ରଲୋକ ହୋଇ ଆଡ଼େଇ ହୋଇଯିବ, କୁକୁର ଭିଣିଭିଣା କରି ମଣିଷକୁ କାମୁଡ଼ିପକେଇଲେ କହିବ ଦୁର୍ଘଟନା ! ତା'କୁ ଆପଣ ଦୁର୍ଘଟନା କହନ୍ତୁ ଯାଦବବାବୁ; ମୁଁ କହେନାହିଁ ।"

"ବାସ୍ତବିକ ମୁଁ ଭାରି ଦୁଃଖିତ । କିନ୍ତୁ କୁକୁର କିଏ ଲଗାଇଲ ବୋଲି ଭାବୁଛନ୍ତି ଆପଣ ?"

"ସେହିମାନେ ଯେଉଁମାନେ ମୂଳରୁହିଁ ପ୍ରଚାର କରୁଥିଲେ ସାମାଜିକ ବିଦ୍ୱେଷ, ନିଆଁ ଗିଳା ବକ୍ତୃତା ଦେଉଥିଲେ, ଗୁଳି ଗୁଳି ମତୋଉଥିଲେ, ଯାଙ୍କ ଥିଲେ ହିଂସାତ୍ମକ ଉଚ୍ଛୃଙ୍ଖଳ ଉପାୟ, ଆଜି ସେମାନେ ଅଡ଼େଇ ହୋଇ ରହିଲେ ବି ସେମାନେ ହିଁ ଦାୟୀ, ସେହିମାନେ ଦୋଷୀ ।"

"ଆପଣଙ୍କ ଇଙ୍ଗିତ ମୁଁ ବୁଝିଲପରି ଲଗୁଛି ମିସ୍ ଦାସ୍, କିନ୍ତୁ—"

"ଆଦୌ ବୁଝି ପାରିବେନାହିଁ, ଆପଣ ତାଠୁ ବହୁତ ଉଚ୍ଚରେ । ପ୍ରିନ୍‌ସିପାଲ ଠୁ ମଣିଯା, ଲେଡ଼ିଷ୍ଟୁଡ଼େଣ୍ଟଙ୍କୁ ଅତ୍ୟାଚାର, ଯେତେ ପ୍ରକାର ବର୍ବରତା ସେ ଦବୁଠୁ ଆପଣ ବହୁତ ଉଚ୍ଚରେ, ତେଣୁ ଆପଣ ତାଙ୍କ ଯୋଜନାରେ ପଶିନଥିବେ କି ତାକୁ ବୁଝି ନ ଥିବେ, କିନ୍ତୁ ଦେଖନ୍ତୁ, କି ଅଧଃପତନ !"

Digitized by srujanika@gmail.com

"ପ୍ରକୃତରେ..." ସୁପ୍ରଭା ଦେଖିଲା ଯାଦବର ମୁହଁ ଉପରୁ ମେଘ କଟି-ଗଲାଣି, ସେ ଶୁଣି ରହୁଛି ପ୍ରଶଂସା କଲାପରି ।

"ପ୍ରତିକାର ଦରକାର ।"

"ପୁଲିସ୍ ତ ଗଲେଣି", ଦୀର୍ଘଶ୍ୱାସ ପକାଇ ଯାଦବ କହିଲା, ଫେର୍ ତାର ମୁହଁ ଲେଉଟିଯିବାକୁ ଲାଗିଲା ପୁରୁଣା ଭଙ୍ଗୀକୁ ।

"କିନ୍ତୁ ଆପଣ ହିଁ ବୁଝିପାରୁଥିବେ, ଗୋଟାଏ ନାରୀକୁ ଏପରି ଅତ୍ୟାଚାର ଓ ଅପମାନର ପ୍ରକୃତ ପ୍ରତିକାର ହୁଏ ନାହିଁ ଖାଲି ଶାସନଯନ୍ତ୍ର ଅଶ୍ରୟରେ । ସେମାନେ ହୁଏତ ତାଙ୍କର ଦେହର କ୍ଷତି କରିବେ, ମନର ପିଶାଚର ବଳ ହଟିବ ନାହିଁ । ସେ ପିଶାଚକୁ ଧ୍ୱଂସ କରିବାର ଶକ୍ତି ଅଛି ଆପଣଙ୍କର, କେବଳ ଆପଣଙ୍କର । ଯେପରି ବୀରତ୍ୱରେ ଆଜି ଆପଣ ମତେ ଉଦ୍ଧାର କଲେ, ସେହିପରି ବୀରତ୍ୱରେ ଆପଣ ଧ୍ୱଂସ କରିପାରିବେ ପିଶାଚର ଯନ୍ତ୍ର, କେବଳ ଆପଣଙ୍କର ବିଶ୍ୱାସ ହେବା ଦରକାର, ଉଚିତ୍ କି'ନା । ଏ ମନୋବୃତ୍ତି ଭାଙ୍ଗି ଉଡ଼ାଇ ଦେବାକୁ ହେବ, ଏ ପ୍ରୋପାଗାଣ୍ଡାକୁ ଧୂଆଁ କରି ଦେବାକୁ ହେବ, ନହେଲେ ଆଜିର ଘଟଣା ପୁଣି ଘଟୁଥିବ ।"

ମାତ୍ରା ଟିକିଏ ବେଶି ହୋଇଯାଉଛି । ଯାଦବ ପ୍ରସନ୍ନ ହେଲନାହିଁ । ତାର ମୁହଁକୁ ନିରେଖି ରହୁ ସୁପ୍ରଭା କହିଲା, "ଆଜି କଥା ଭାବିଲେ ମତେ ଲାଜ ମାଡ଼ୁଛି ।"

ଲାଜରେ ତାର ଦେହ ଥରିଉଠିଲା । ଅଭିମାନରେ କାନ୍ଦ କାନ୍ଦ ହେଲାପରି ସେ କହିଲା—"କି ଭୟାନକ ! କି ଲଜ୍ଜା ! କି ଅପମାନ ! ମାଲେଃ, ଛୁଆଁ ଲାଗିଲେ ପୋଡ଼ି ଛିଃ—ଛିଃ ! ସେ ଗୁଣିହୋଇ ଥରିଲା ।

ଯାଦବ କମ୍ପାଇଲା, ଧୀରେ ଧୀରେ କମ୍ପାଇ ଉପୁଜିଲା ଆତଙ୍କ । ଯେଉଁ କଥା ଏ ପର୍ଯ୍ୟନ୍ତ ସେ ଭାବିନଥିଲା ହଠାତ୍ ଭାବି ସେ କୁଣ୍ଠିତ ହେଲା । ଆପଣା ଔଦାସୀନ୍ୟପାଇଁ ନିଜକୁ ଦୋଷୀକଲା, କହିଲା । "ମିସ୍ ଦାସ୍ ! ମିସ୍ ଦାସ୍ ! ଆପଣଙ୍କ ଦେହରେ କଣ ଆଘାତ ଲାଗିଛି ? ସତେ ମୁଁ କଣ ଯେ ! ସେକଥା

Digitized by srujanika@gmail.com

ଆଉବୌ ମତେ ଷ୍ଟ୍ରାଇକ୍ ହିଁ କର ନାହିଁ । ଦେଖେ, କଣ କାଟୁଛି ବେଶି ? ଓଃ କି ଦୁଃଖର କଥା !"

ସୁପ୍ରଭା ପକ୍ଷୀ ଝାଡ଼ିଲା ପରି ଦେହକୁ ଥରେଇ ଦେଲା ପରସ୍ତେ, ମୁହଁକୁ ତଳକୁ ପୋତି ରହିଲା, ମୁହଁରୁ ବୁଝୁଛି ସେ କଷ୍ଟ ଅନୁଭବ କରୁଛି ।

"କେଉଁଠି ବାଜୁଛି ?"

ନୀରବରେ ଥର ଥର ହାତରେ ସେ ଯାଦବର ହାତକୁ ଉଠେଇ ନେଲା ।

"ବେଶି ଦାବିବେ ନାହିଁ, ଖୁବ ଦରଜ ! ଉଃ—ଫଟା ଫଟା ହୋଇ ଚିରିଯାଇଛି ପରି ଲାଗୁଛି—ହାତରେ ବ୍ରଣ୍ଡି—ନଖ—କଣ ଯେ—ଓଃ ବ୍ରୁଟ୍ସ୍ ।"

ଯାଦବ ସ୍ପର୍ଶ କରିପାରିଲା ନାହିଁ, ହାତ ଅଟକି ରହିଲା । ଅନୁଭବ କଲା ଗୋଟାଏ ଝାଳେଇ ଦେଉଥିବା ଅଜଣା ଭୟ । କଥା କହିପାରିଲା ନାହିଁ । ଥରି ଥରି ପ୍ରକାଶ କଲା, "କଣ ହେଲା, ଦେ—ଖେ—ରକ୍ତ ବୋହୁଥିବ କାଳେ —ଉଃ ! କୋଉଠି କଣ ହେଲା ? ରକ୍ତ ବୋହୁଛି ?"

ସୁପ୍ରଭା ଥରୁଛି । ଘୋଡ଼ହୋଇ ପଡ଼ୁଛି ବେଶି ବେଶି । ସୁପ୍ରଭାର ହାତରେ ଯାଦବର ହାତ । ସେହି ଥରିଲା ଥରିଲା ସ୍ପର୍ଶର ପରିଚୟରେ ସହାନୁଭୂତିର ବଦଳ ଉଦଳ, ସେହି ପ୍ରଶ୍ନ, ସେହି ଉତ୍ତର ।

ଧୀରେ ଧୀରେ ଯାଦବର ହାତକୁ ସୁପ୍ରଭା ଆଉଁଷି ଲାଗିଲା । ତା'ପରେ କେଉଁ ଅଜଣା ଘଡ଼ିରେ ନାଟକର ଅଭିନୟ ହେଲା ଜୀବନର ସତ୍ୟ, ଭିତରୁ ନଇମୁଣ୍ଡ ଡ଼ାକିଲା, ଦେହରେ ଘୋଟିଲା ବନ୍ୟା, ଏକା ଉଚ୍ଛ୍ୱାସରେ ଯାଦବର ହାତପାପୁଲିକୁ ଆପଣା ଓଠକୁ ଉଠେଇନେଇ ସୁପ୍ରଭା ଆଖିବୁଜି ଅଜାଡ଼ି ହୋଇ ପଡ଼ିଲା ଯାଦବର ବାହା ଉପରେ । ସେହି ଆଶ୍ରାରେ ସେ ତୋଫାନ ଟାଳିଗଲା । ଯାଦବ ଅଶ୍ଚର୍ଯ୍ୟ ହେଲା ନାହିଁ, ଚାଟକା ହେଲା ନାହିଁ, ଏ ଯେପରି କି ଗୋଟାଏ ପ୍ରତ୍ୟାଶିତ ସହଜ କର୍ମ, ଆସିବାର ଥିଲା, ଆସିଛି ।

Digitized by srujanika@gmail.com

କରୁଛି ଆସିଛି ସେ ଯାତନାରେ । ଯାଦବ ଆପଣା ଭିତରେ ଅନୁଭବ କରୁଛି ଯାତନା, ନୂଆ ଅନୁଭୂତ, ବିଶ୍ୱାସ ହୁଏ ଏ ଆନନ୍ଦ । ଉତ୍ତେଜନା ବାଙ୍ଗୁଆଣି ହେଲା, ଯାଦବ ଦେଖିଲା ଅର ହାତରେ ସେ ସୁନ୍ଦରର ମୁଣ୍ଡ ଆଉଁସୁଛି, ତଣ୍ଟିପାଖେ କେଉଁଠିକଥା, ପାଟି ଗୋଦରେ ହୋଇଛି । ଅଧ କଣ୍ଠରେ ସେ ପଚାରିଲା, "ବଡ଼ କଷ୍ଟ ହେଉଛି ସୁପ୍ରଭା ? କହ, ସୁ—କଥା କହ—"

ସୁପ୍ରଭା ମୁହଁ ଟେକିଲା । ତାର ଝାଉଁଆ ମୁହଁରେ ପାଗଳର ହସହାଣି, ହସି ଦେଲା । କହିଲା "ବେଶି କଷ୍ଟ ନାହିଁ ।"

ମନର ବନ୍ଧନ କଟିଗଲାପରେ ପୁତ୍ରଳରେ ଜୀବନ ଫେରିଲା, ବ୍ୟକ୍ତିତ୍ୱ ଆଦରନେଲା ତାର ଲୋକ ଦେଖାର ଭେକପାଇଁ ନନ୍ଦନବନର ସ୍ଥାନ । ଯାଦବ ଝାଳ ପୋଛିଲା ।

ସୁପ୍ରଭା କହିଲା, "ଆପଣ ଆଉ ତେଣେ ମାଡବେ ନାହିଁ—ମୋର ବଡ଼ ଆଶଙ୍କା ହୁଏ—ମୋ ପ୍ରାଣ ପକାନ୍ତୁ, ଅପଣ ଆଉ ହେବେ ନାହିଁତ ତେଣେ ?"

"ହିଂସାବାଦୀ ବସ୍ତ୍ରାଳଣ ନମ୍ବରର ଘଣ୍ଟା କେବେ ମୋର ଉପାସ୍ୟ ନଥିଲା ସୁପ୍ରଭା ଦେବୀ ।"

"ହଁ, ମତେ ସୁପ୍ରଭା ଦେବୀ ବୋଲି ଡ଼ାକି ପାରିବେ ନାହିଁ । ସାମାନ୍ୟ ଅଳ୍ପଟାଏ, କହନ୍ତୁ—"

"ମାନିଲି ।"

"ଜାଣେ ମୁଁ"—ସୁପ୍ରଭା କହିଲା । କେଉଁ କଅଁଳ ତାର କଥା, ଦୁଃସହ-ପର, ଯେପରିକି ତାର ନୂଆ ଜୀବନର ପ୍ରଥମ ବାଣୀ "ମୁଁ ଜାଣେ, ନଷ୍ଟ ହେଲା ଆପଣଙ୍କଠି ନାହିଁ, ଆପଣ ସରଳ, ସଫା, ଉଦାର ଓ ଉନ୍ନତ ।"

"ହଁ, ଏତେଗୁଡ଼ାଏ ବିଶେଷଣ !"

"ସତକୁ ବାରମ୍ବାର କହୁଥିଲେ ବି ସେ ସୁନ୍ଦର ଶୁଭେ, ମନ୍ଦରେ ।"

"ମନ୍ଦ ପରେ ଏ ନିରର୍ଥକ ।"

Digitized by srujanika@gmail.com

"ମନ୍ତ୍ର କେବେ ନିରର୍ଥକ ହୋଇପାରେ ? ତେବେ ପରମ୍ପରା ପାଇଁ ସ୍ଥାନ କାହିଁ ? ସଂସ୍କୃତି ରହିଲା କେଉଁଠି ? ଆଧାର ଆଧେୟ ଯେମିତି ମନ୍ତ୍ର ସତ ହୁଏ ।"

"ତୁମେ ବି ବିଶ୍ୱାସ କର ?" ଉଚ୍ଛ୍ୱସିତ ଆନନ୍ଦ ସହକାରେ ଯାଦବ ପଚାରିଲା, "ତୁମେ ଏସବୁ ବିଶ୍ୱାସ କର ସୁପ୍ରଭା ?"

ସୁପ୍ରଭା ହସିଲା, କହିଲା, "ଏ ବୋଧହୁଏ ଆପଣଙ୍କଠି ମୋର ନୂଆ ପରିଚୟ ।" ଯାଦବ ମୁଗ୍ଧ ହୋଇ ଅନ୍ୟମନସ୍କ ହୋଇ ରହିଁରହିଲା । ସୁପ୍ରଭା କହିଲା—"ଆପଣଙ୍କୁ ମୁଁ ଚିହ୍ନିଛି, ଆପଣଙ୍କ ଉଦାରମାନବିକତାରେ ହିଂସାର ସ୍ଥାନ ନାହିଁ, ଈର୍ଷାର ସ୍ଥାନ ନାହିଁ, ସଂଘର୍ଷ ଆପଣଙ୍କ ପନ୍ଥା ନୁହେଁ । ପୁଞ୍ଜିବାଦ ଅପୁଞ୍ଜିବାଦ—କାହିଁକି ଲୋକଙ୍କର ଏ ଅନର୍ଥକ ଆତ୍ମପ୍ରତାରଣା ? ବାରମ୍ବାର ମୁଁ ନିଜକୁ ପଚାରେ । ବାଦ କରିବାକୁ ମନ ଥିଲେ ଗୋଟାଏ କିଛି ନାଁ ଦେହକରେ ଗୋଟେଇଦିଏ, ହେଉପଛେ ସେ ଚେତପୁଞ୍ଜି ବା ଧ୍ୟାନପୁଞ୍ଜି । ଶାନ୍ତ କରିବାକୁ ଇଚ୍ଛା ଥିଲେ ବାଦୁଆ ନା ତୁଣ୍ଡରେ ଆସେ ନାହିଁ । ଦେଖନ୍ତୁ, ମହାତ୍ମା ଗାନ୍ଧୀ—ପୁଞ୍ଜି ଯୁଦ୍ଧରେ ସେ ମାତନ୍ତି ନାହିଁ ଗୃହାନ୍ତ ମାନବିକତାର ବିକାଶ ।"

ମହାତ୍ମା ଗାନ୍ଧୀଙ୍କ ନାଁ ସେ ନେଇଛି !

ପବିତ୍ରତାରେ ପୂରିଗଲା ଯାଦବର ଅନ୍ତର । କହିଲା, "ତୁମେ କଣ କହୁଛ ?"

"ଅବିକଳ ଯାହା ଆପଣ ଭାବୁଛନ୍ତି । ଧ୍ୱଂସ, ସଂଘର୍ଷ, ହିଂସା ଏସବୁ ଅତି ଆଦିମ, ବର୍ବର ନୀତି । ଆମର ବି ବଞ୍ଚିବାର ଅଧିକାର ଅଛି ।"

ଗାଡ଼ି ଚାଲିଯାଉଛି । ସାମ୍ନାରେ କେ. ସି. ଦାସଙ୍କ ପ୍ରକାଣ୍ଡ ପ୍ରାସାଦ । ଯାଦବର ମନରେ ଅନୁଶୋଚନାର କଲୁଷ ନଥାଏ ।

Digitized by srujanika@gmail.com

ଚ୍ୟାମ୍ପିଅନ୍

ବଡ଼ କୋଠା ମୁହଁରେ ଶଙ୍ଖମଲମଲ ବେଦୀ ଉପରେ ଦୂରକୁ ଦୃଷ୍ଟି ନିଶ୍ଚଳ ହୋଇ ଠିଆହୋଇଛି ଜଣେ—ସେ କେ. ସି. ଦାସ୍ । ଗମ୍ଭୀର ପ୍ରତୀକ୍ଷାରେ ନିର୍ମିତ ପଥର । ପଛକୁ ଟିକିଏ ଗୁଡ଼ ବାଏଁ ଡାହାଣେ ଦଳଣ ଯାନ ମଣିଷ, କରଣୀ କର୍ମଗୃହୀ ବା ସେକେଟେରି କାଉର । ସେମାନେ ବି ନିଶ୍ଚଳ । ଦୃଶ୍ୟର ବର୍ତ୍ତୁଳରେ ଯାଉଁଶିଆ ଉଦାସ । ଦିନ ସରି ଆସୁଛି । ଚଳନ୍ତି ଦୁନିଆଁରେ ଖଣ୍ଡେ ନିଶ୍ଚଳ ଛବି ।

ଗାଡ଼ି ପହଞ୍ଚିଲା । ଚିତ୍ରର ରଙ୍ଗ ବଦଳିଲା । ନିଦଭଙ୍ଗା ପଥରର ଦୁନିଆଁ ଚହଲିଉଠିଲା । କବାଟ ଖୋଲି ସୁପ୍ରଭା ଓହ୍ଲେଇଗଲା ବେଳକୁ ଧୀରେ ଧୀରେ ମାପିଲା ଚାଲିରେ କେ.ସି. ଦାସ୍ ଆସି କହିଲେ, "ଆରେ ଆସିଗଲୁ ? ସବୁ ଭଲ ତ ମା ? ଫୋନ୍‌ରେ ଶୁଣିଲି କଲେଜରେ ଗଣ୍ଡଗୋଳ ଲାଗିଲା, ଲୋକ ଗଲାବେଳକୁ ତୁ ଚାଲିଆସିଛୁ । ଆଚ୍ଛା, ତୁ କାର୍ ନ ନେଇ ଯାଉ କାହିଁକି କହିଲୁ ? ଖିଆଲ କଣ ମଣିଷ ସବୁଦିନେ କରେ ?"

ସୁପ୍ରଭା ବାପା ପାଖକୁ ଚମକିଗଲା । ହଠାତ୍ ତାର ଦମ୍ଭ ଭାଙ୍ଗିଗଲା । ଯାଦବ ଦେଖିଲା, ବାପାଠି ଆଉଜିପଡ଼ି ପିଲାଙ୍କ ପରି ସୁପ୍ରଭା କାନ୍ଦୁଛି ।

କେ. ସି. ଦାସ୍‌ଙ୍କ ମୁହଁ କଠିନ ହୋଇ ତଳକୁ ଝୁଙ୍କିପଡ଼ିଲା । ଯେପରି ସେ ଲୁହାରେ ଗଢ଼ା ଯନ୍ତ୍ରର ମଣିଷ ମୁହଁ, କଠିନ ଓ ଦୁର୍ଦ୍ଧର୍ଷ । ଯନ୍ତ୍ର ଯକେଇ ହୁଏନାହିଁ, ଆଶ୍ୱାସନା ଦିଏନାହିଁ । କିନ୍ତୁ ଯାଦବ ଭାବିଲା, ଯେପରି ସେ ଦେଖୁଛି ସେ ଲୁହାର କଳ ଚ୍ୟାଲେଞ୍ଜ ନେଇ ଥରୁଉଠିଛି, ତାର ନୀରବତା କେବଳ ନୀରବରେ ଶପଥ ଗ୍ରହଣ । ତରମାଜେ, କିନ୍ତୁ ଧ୍ୟାନ ଅସେ । ଧୀରେ ଧୀରେ କେ. ସି. ଦାସ କହିଲେ, "ଥାଉ ମା, ଏଠି ନୁହେଁ, ଚ, ଚାଲ ଭିତରକୁ ।"

Digitized by srujanika@gmail.com

ସୁପ୍ରଭାର କାନ୍ଦ ଅପ୍ କରି ଅଧାରୁ ବନ୍ଦହୋଇଗଲା, ଯେପରି ସେ ସ୍ୱିଚ୍‌ରେ ଚାଲେ, ସ୍ୱିଚ୍‌ରେ ବନ୍ଦ ହୁଏ । ମୁହଁ ପୋଛିଦେଲା । ସୁପ୍ରଭା ପ୍ରମାଣ ଦେଲା ସେ କେ. ପି. ଦାସ୍‌ର ଝିଅ ।

କେ. ପି. ଦାସ ହାତରେ ଇଙ୍ଗିତ ଦେଲେ, ଦୂରରେ ଥିବା ଦୁଇଜଣ କର୍ମଚାରୀ ନମସ୍କାର କରି ଚଞ୍ଚଳ ଚଞ୍ଚଳ ଚାଲିଗଲେ । ସୁପ୍ରଭାକୁ ଘରଆଡ଼କୁ ମୋହିନେଲାବେଳେ କେ.ପି. ଦାସ ମୁହଁ ବୁଲାଇ ପଛକୁ ଚାହିଁଲେ ଯାଦବକୁ । ସାଙ୍ଗେ ସାଙ୍ଗେ ସୁପ୍ରଭା କହିଲା, "ବାପା, ସେ ଯାଦବବାବୁ, ଆଜି ସେ ନଥିଲେ ମୋ ଅବସ୍ଥା ଯେ କଣ ହୋଇଥାନ୍ତା ! ସବୁ ସେ କହିବେ । କେତେ ବିପଦ ଭିତରୁ ମତେ ଉଦ୍ଧାର କରି ଆଣିଛନ୍ତି । ଆସନ୍ତୁ !"

ଯନ୍ତ୍ରର ଆଖିରେ ହଠାତ୍ ମଣିଷର ଚାହାଁଣି । ଭ୍ରୂଲତା ଉଠିଗଲା ଅଳକେ ଓଠର ବାଙ୍କରେ ଥରିଲାପରି ଭୁଲ, ଅବହେଳା—ମାନେ ନାହିଁ ବୋଲି ବୁଝେଇ ଦିଏ, ଏଥିରେ ବଶିଷ୍ଟତା ଅଛି । କେ. ପି. ଦାସ କହିଲେ, "ଓ ତୁମେ ! ଆସୁନା କାହିଁକି ? ଠିଆହେଲ ଯେ ।"

ସଲଜ୍ଜ ବିନମ୍ରରେ ଝାଉଁଳପଡ଼ି ଭକ୍ତିରେ ଯାଦବ ପ୍ରଣାମ କଲା । କେ. ପି.-ଦାସ ଦୁଇଥର ବେକ ଝାଙ୍କିଲେ । ଯାଦବ ଗଲା ।

ଭିତରର ଇନ୍ଦ୍ରପୁରୀରେ ଆଶ୍ରୟ ନେଲାପରେ ଯେତେବେଳେ ବିଜୁଳି ଆଲୁଅ ଜଳଉଠି ପ୍ରକାଶକଲା ମାର୍ଜିତ ଧନୀର ପ୍ରାସାଦ ଭିତରର ବିଜ୍ଞାନ-ଲବ୍ଧ ଶ୍ରୀ ଓ ସୌଷ୍ଠବ ଏବଂ ଯାଦବ ଅଭିଭୂତହୋଇ ଚାହିଁରହିଲା ଆବିଷ୍କାରକର ମୁଗ୍ଧ ଦୃଷ୍ଟିରେ, ସେତେବେଳେ କଥା ପଡ଼ିଲା । ସୁପ୍ରଭା କହିଲା, ଧୀର ହୋଇ ବସି କେ. ପି. ଦାସ୍ ଶୁଣିଲେ, ମନ୍ତବ୍ୟ ଦେଲେନାହିଁ, ବାଧା ଦେଲେ ନାହିଁ । ସୁପ୍ରଭା କହିଗଲା—କଲେଜରେ ଷ୍ଟ୍ରାଇକ୍, ବସ୍ତିଲୁଣ୍ଠନ ନମ୍ବର ଦଳର କାର୍ଯ୍ୟକ୍ରମ, ଟ୍ରେନିକ ମହଲରେ ଧର୍ମଘଟକରିବା ଉଦ୍ୟୋଗ । ଯାଦବକୁ ପ୍ରଶଂସା କଲା, ଯାଦବ କାନରେ ଶୁଣିଲା, ତାର କେତେ ନୂଆନୂଆ ଗୁଣ, ସେ ଅଭିନବ, ସେ ମହତ୍ ଏବଂ ସେ ବିପ୍ଳବର ଶତ୍ରୁ, ସମ୍ଭ୍ରମନ୍ତ ସମାଜର ବନ୍ଧୁ ସେ—ଯାଦବ ପଧାନ ।

Digitized by srujanika@gmail.com

କଏ ଦେଲା ତାକୁ ଏ ନୂଆ ବଶ୍ଳେଷଣ ? ଏ ନନ୍ଦା ନା ପ୍ରଶଂସା ?

ଜୀବନ ମହାନ୍ତିର ଗମ୍ଭୀର ମୁହଁ, କଶୋରର ବାହାସ୍ଫୋଟ, ଯାନପିଲା ଦୀପକର ଆସ୍ଫାଳନ । ତାପରେ ଛନ୍ଦା, ଶୁଭ୍ରା ଏବଂ ତାଙ୍କର ଦଳ ।

ଯାଦବ ପଧାନ ବପ୍ଳବର ସ୍ୱପ୍ନ ଦେଖିଥିଲା, ଝଣ୍ଡାକୁ ଥାପିଥିଲା ଗ୍ରୁଢତଳେ, ଅଗ୍ନି ଗର୍ଭ ବକ୍ତୃତା ଦେଇଥିଲା ।

କନ୍ତୁ ଏ ନୂଆ ଘରେ ନୂଆ ପରସ୍ଥିତିରେ ବସି ସୁପ୍ରଭାର ତୁଣ୍ଡରୁ ନୂଆ କଥା ଶୁଣି ତାକୁ ବଶ୍ୱାସ କରହୁଏ ନେ ତ ବୋଲି । ସେ ମହନ୍ତି, ସେ ବପ୍ଳବର ଶତ୍ରୁ, ସମ୍ପୂର୍ଣ୍ଣ ସମାଜର ବନ୍ଧୁ, ଏହ ବଶ୍ୱାସରେ ଛନ୍ଦହୋଇଯାଏ ସେ ସୁପ୍ରଭା ସହିତ, ତାପରେ—ସହଧର୍ମୀ ଦୁଇଜଣ । କେ. ସି. ଦାସ୍ ଗମ୍ଭୀର ହୋଇ ବସି କଥା ଶୁଣୁଥାନ୍ତି, ବେଳେ ବେଳେ ପ୍ରଶଂସାରେ ଚୃହୁଁଥାନ୍ତି ଯାଦବକୁ ।

ହଠାତ୍ ସେ ପଚାରିଲେ—"ତୁମର କେତେ ଟଙ୍କା ଦରକାର ?"

"ଟଙ୍କା ?"

"ହଁ, ଟଙ୍କା । ନୂଆ ଯୁଗର ଅବୋଦ୍ଧ ଅନ୍ଧ ଗୁଣ୍ଡାମିକୁ ଧ୍ୱଂସ କରିବାକୁ ହେଉଁ ମହତ୍ ଆଦର୍ଶ ଗଢ଼ିଉଠିଚ ତୁମର ହେଥିପାଇଁ ସଙ୍ଗଠନ ଦରକାର, ଦଳ ଦରକାର । ଖାଲି ତୁଣ୍ଡରେ ଗର୍ଜିଲିଗଲେ ତ କାମ ହୁଏ ନାହିଁ ବାବୁ, ବୃଥା ଛଟଫଟ ହେଉଥିବ, ହାଇଁପାଇଁ ହେଉଥିବ, କାମ ହେବ ନାହିଁ । ସେଥିପାଇଁ କହୁଛି ଯୋଜନାକୁ ଦୃଢ଼ମତ କର, ହିସାବ କର ଆବଶ୍ୟକ କେତେ, କହ, କେତେ ଟଙ୍କା ଦରକାର ।"

ସୁପ୍ରଭା ଓଠ ଚୋକ ବେ ମୃଦୁକ ହସୁଛି, ଆଖିରେ ମାୟା ।

ଘର ଭିତରେ ସାବୁଜା ଆଲୁଅ, ଅଧ ପାର୍ଥିବ ଅପାର୍ଥିବ ଧ୍ୱନ । ଯାଦବ ସ୍ୱପ୍ନ ଦେଖୁଛି ।

"କନ୍ତୁ ଟଙ୍କା ତ ମୋର ଦରକାର ନାହିଁ ।"

Digitized by srujanika@gmail.com

"ଦରକାର ନାହିଁ ! ହସେଇଲ ମତେ ।" ବିଖ୍ୟାତ କେ. ସି. ଦାସ୍ ହସିଲେ, କହିଲେ—"ପିଲାଲୋକ । ଟଙ୍କା ନ ହବ ତ କାମ ହେବ କିପରି—ମତେ ବୁଝା ଏଥର ।"

"ଟଙ୍କାର ନିଜର ମୂଲ୍ୟ ନାହିଁ ଏବଂ ଟଙ୍କାରେ ସବୁ କିଣିହୁଏ ନାହିଁ ।"

"ମୂଲ୍ୟ ନାହିଁ ! ତୁମେ ଗୋଟିଏ—ତୁମେ ଯାହା କହୁଛ ମୁଁ ସେଥିରେ ଏକମତ ନୁହେଁ । ଶୁଣ, ଅତି ପୁରାତନ ଏ କଥା । ବାଇବେଲ୍‌ରେ ବି ଲେଖା ଅଛି, ସବୁ କଥାକୁ ଟଙ୍କା । ଟଙ୍କାର ମୂଲ୍ୟ ନ ଥିଲେ ହିନ୍ଦୁ ଲକ୍ଷ୍ମୀଦେବୀଙ୍କୁ ପୂଜା କରନ୍ତେ ନାହିଁ । ଟଙ୍କାର ମୂଲ୍ୟ ସବୁଦିନେ ଥିଲ ଓ ଥିବ ।"

"କିନ୍ତୁ ଟଙ୍କାରେ ସବୁ କିଣିହୁଏ ନାହିଁ ।"

"ହୁଏ, ତୁମେ ଜାଣନା । କାହାର ଦାମ୍ ଏକ ପଇସା, କାହାର ବା ଲକ୍ଷେ ଟଙ୍କା, କିନ୍ତୁ ଦାମ୍ ଅଛି ଏବଂ ପରୀକ୍ଷା କରି ଦାମ୍ ଜାଣି ରଖିବା ବୁଦ୍ଧି-ମାନର କାମ । ଶୁଣିଥିବ, କଲିକତାରେ ଜଣେ ଅଜଣା ଲୋକ ମରିଗଲେ ତାର ଶବ ବହିବା କାନ୍ଦି କାନ୍ଦି ଯିବାପାଇଁ ବି ଲୋକ ଭଡ଼ାରେ ମିଳନ୍ତି । ଭଲ ମାର୍କେଟିଂ ଅର୍ଗାନାଇଜେସନ୍ ଥିଲେ ଟଙ୍କା ଖର୍ଚ୍ଚ କଲେ ସବୁ ମିଳେ ଏବଂ ସେଥିରେ ତଫାତ୍ ନାହିଁ ସହର ଓ ମଫସଲ ଭିତରେ, ଶିକ୍ଷିତ ଓ ଅଶିକ୍ଷିତ ଦେଶ ଭିତରେ । ସେ ସବୁ କଥା ଯାଉ, କହ କେତେ ଟଙ୍କା ଦରକାର, ନେଇ ଯାଅ, ଟିକିଏ କୁଣ୍ଠା କରନାହିଁ ।"

ଫେର୍ ସୁପ୍ରଭା ଗୃହକୁ ଚାହିଁଛି । କିନ୍ତୁ ମୁହଁକୁ ତଳକୁ ପୋତି ଯାଦବ କହିଲା, "ମୁଁ ଟଙ୍କା କଣ କରିବ ? ମୋର ଟଙ୍କା ଦରକାର ନାହିଁ ।"

"ଆଃ, ଲଜ୍ଜା କରୁଛ ତୁମେ ବାବୁ । ଲଜ୍ଜା କଲେ କିଛି କାମ ହୋଇ-ପାରେ ? ଏ ଗୋଟିଏ ଜାତୀୟ ଉଦ୍ଦେଶ୍ୟ, ଗୋଟିଏ ମହତ୍ ଉଦ୍ଦେଶ୍ୟ । ଏଥିରେ ଖର୍ଚ୍ଚ କରିବା ଉଚିତ ଏବଂ ତା ମୁଁ କରିବି । ମୁଁ କାହାଠାରୁ ହିସାବ ଖୋଜୁନାହିଁ, ପ୍ରଶ୍ନ ପଚାରୁ ନାହିଁ । ଯେତେ ଦରକାର ନିଅ, ଖର୍ଚ୍ଚ କର, ତୁମର ଅଭିଯାନ ଜୟଯୁକ୍ତ ହେଉ, ଦେଶରୁ ଗୁଣ୍ଡାମି ଦୂର ହେଉ, ଅଶାନ୍ତି ଦୂର ହେଉ ।"

Digitized by srujanika@gmail.com

"ମୁଁ ବୁଝେଇ ପାରୁନାହିଁ, କିନ୍ତୁ ମୁଁ ଆପଣଙ୍କଠୁ କିଛି ନେବନାହିଁ କି କିଛି ଚାହୁଁନାହିଁ ।"

କେ. ସି. ଦାସ୍ ଭ୍ରୂଲତା ଟେକିଲେ । ଯେପରିକି ଅଧୀରତା ଆସିଲାଣି— ତାଙ୍କର ସମସ୍ତର ଟଙ୍କା ମୂଲ ଅଛି, କିନ୍ତୁ ଅଧୀରତା ଚାପି ରଖୁଛନ୍ତି । ବରଂ ଅତି ସୁନ୍ଦର ମନଭୁଲା ହସ ହସି ଗେହ୍ଲାଳିଆ ହୋଇ ପଚାରିଲେ, "କାହିଁକି ନେବନାହିଁ ? ମୋର ଅପରାଧ ? ଜାଣିଥିବ ହୁଏତ, ମୁଁ କାଙ୍ଗ୍ରେସ୍ ଦଳର ସଭ୍ୟ—"

"ଆପଣ !"

"ହଁ, ମୁଁ ।"

ତାପରେ ସୁପ୍ରଭା କହିଲା, "ବାପା ଜଣେ ପ୍ରାଚୀନ ଯୋଦ୍ଧା, ଆପଣ ଜାଣନ୍ତି ନାହିଁ ?" ଯାଦବ ଉତ୍ତର ଜାଣିବାକୁ ଅପେକ୍ଷା କରି ରହିଗଲା । ସୁପ୍ରଭା କହିଗଲା—

"ଆମେ ଖଦଡ଼ ପିନ୍ଧୁନାହିଁ, ଟୋପି ନାଉ ନାହିଁ, କିନ୍ତୁ ଭାବନ୍ତୁ ନାହିଁ ଅନ୍ୟମାନଙ୍କଠୁ ଆମର ରକ୍ତ ଶୀତଳ । କାହାର ଦେଶପ୍ରେମ କେବଳ ଭେକ ହୋଇପାରେ, ଦେହର ଚମଡ଼ାଟି ଯାହା, ଆମର କିନ୍ତୁ ଅନ୍ତରରେ ସେ । ବାପା ଟଙ୍କା ରୋଜଗାର କରନ୍ତି, ଜାତୀୟ ସଂଗ୍ରାମରେ ଯୁଦ୍ଧ କରେ ତାଙ୍କ ଟଙ୍କା । ଦେଶ ଆଟେଇଚାଲେ, ବାପା ନାମ ଚାହାନ୍ତି ନାହିଁ, କାମ କରନ୍ତି । କେତେ ପାଣ୍ଠି, କେତେ ସଂଘ, କେତେ ଜଣ ବଳପାଇ ବଞ୍ଚିଉଠେ ତାଙ୍କର ସାହାଯ୍ୟରେ, ଭିତରେ ସମସ୍ତେ ଜାଣନ୍ତି, ବାହାର ରାଜମଞ୍ଚରେ ପଶି ହୋ ହା କରିବାକୁ ତାଙ୍କର ବେଳ ନାହିଁ ।"

ସୁପ୍ରଭା ଗୋଟାଏ ପେଚ ଢିଲିଦେଇଥିଲା, ଆଦର୍ଶବାଦୀର ଅବତାରରେ ବିଳବିଳେଇ ଲାଗିଲେ କେ. ସି. ଦାସ । କେଉଁଠି ବାଡ଼ିମାଡ଼ରେ ମୁଣ୍ଡ ଫାଟେ, କାହାର ମୁଣ୍ଡ ? ସେ ମୋର । କେଉଁଠି କିଏ ଜେଲରେ ସଢ଼େ, କିଏ ସଢ଼େ—ସେ ମୁଁ । କେଉଁଠି ଅଦାଲତରେ କିଏ ଓକିଲ ଲଗେଇ ଲଢ଼େ, ଦେଶରେ ଚହଲପକାଏ । କିଏ ଲଢ଼େ ? ସେ ମୁଁ । ବାହାରୁ ମୁଁ ପ୍ରଶଂସା

Digitized by srujanika@gmail.com

ସୃହେଁ ନାହିଁ, କାହା ନନ୍ଦାକୁ ମୁଁ ଡରେ ନାହିଁ । ମୁଁ ମୋର କର୍ତ୍ତବ୍ୟ କରିବି, ସେ ମୋର ଈଶ୍ୱରନିର୍ଦ୍ଧିଷ୍ଟ କର୍ତ୍ତବ୍ୟ । ଦେଶ ସ୍ୱାଧୀନ ହେବ—କେବଳ କ'ଣ ରାଜନୀତିରେ ସ୍ୱାଧୀନ ? ନୁହେଁ । ସେଠି ଅଭାବ ନଥିବ, ଆମରି ଫ୍ୟାକ୍ଟ୍ରିରେ ଯୋଗୋଉଥିବ କୋଟି କୋଟି ଲୋକଙ୍କ କାମ, ଆମରି ଜିଆରି ଜିନିଷ ଆମ ଦେଶର ଅଭାବ ପୂରଣ କରୁଥିବ । ଅଶାନ୍ତି ନ ଥିବ, ଗୁଣ୍ଡାମି ନ ଥିବ, ଗୋଲମାଲ ନ ଥିବ, ସେଇ ହେବ ଆମ ଆଦର୍ଶର ରାମରାଜ୍ୟ ।"

ଯାଦବ ଆଶ୍ଚର୍ଯ୍ୟ ହୋଇ ଶୁଣିଲା । ହଠାତ୍ କେତେ ଅଯୋଡ଼ ବଯୋଡ଼ ଏକାଠି ହେଲାପରି ଲାଗୁଥାଏ, ଯେପରିକି ସବୁ ଅସମ୍ପର୍କିତ, ସବୁ ବିସଦୃଶ ନୂଆ ନୂଆ ଦିଗରୁ ଧାଇଁ ଆସି ଏକାଠି ହୋଇଯାଇଛି, ହଠାତ୍ କେତେ କନ୍ଥରୁ କେତେ ବାଟ ଫିଟିଯାଇ ଦିଶୁଛି ନୂଆ ନୂଆ ଦୃଶ୍ୟ, ବଡ଼ ଚଞ୍ଚଳ ଚଞ୍ଚଳ—ଗ୍ରହଣ କଲାବେଳକୁ ନିଶ୍ୱାସ ଅଟକି ଯାଉଛି, ସେ ପାରୁନାହିଁ ।

ଫ୍ୟାକ୍ଟ୍ରିର ଧୂଆଁ ଉଗୁଳା କଳା ଚିମ୍ନି ଯେପରିକି ସଫାଳ ହୋଇ-ଯାଇଛି, ଦିଶୁଛି ପେଟ ଭିତରେ ତାର ଫୁଲଫୁଟା ଗୋଲାପ ବଗିଚା । ପୁଞ୍ଜିପତି କଳକାରଖାନା ମାଲିକ କେ. ସି. ଦାସ୍ ଓ ଜାତୀୟତା ଦୁଇଟି ଯେପରି ଏକାଠି ଖାପି ହେଉନାହିଁ ।

ଯୋଗଧ୍ୟାନ ଭଙ୍ଗି କେ. ସି. ଦାସ୍ ମୁହଁ ବୁଲେଇଲେ । କହିଲେ, "ଲଜ୍ଜା କ'ଣ ବାବୁ, ଶୁଭ ଉଦ୍ଦେଶ୍ୟ ଲାଗି ଟଙ୍କା ନେଇ ତୁମେ ଖରଚ କରିବ, ତୁମର ନଜର ତ ସେଥିରେ କିଛି ସ୍ୱାର୍ଥ ନାହିଁ, ନିଅ ଯେତେ ଇଚ୍ଛା, ମୋଠୁ ନହେଲେ ତାଠୁ ନିଅ । ତାକୁ କୁହ, ସୁପ୍ରଭାକୁ, ତୁମର ଅନୁଷ୍ଠାନକୁ ବଳିଷ୍ଠ କରିବା ଲାଗି କଣ ଦରକାର ।"

ଯାଦବ ବିମିତ ହୋଇ ହସିଲା । ଉତ୍ସାହ ଦେଇ କେ. ସି ଦାସ୍ କହିଲେ, "ଅନୁଷ୍ଠାନ ଗଢ଼, ଲୋକଙ୍କ ହାତରେ ରଖ, ଟ୍ରସ୍ଟ ଚଳାଅ, ଦେଖିବ, କାମ ହେବ ଯଥେଷ୍ଟ । ପ୍ରତ୍ୟେକ ସମ୍ପ୍ରଦାୟ, ପ୍ରତ୍ୟେକ ଦଳକୁ ଟଙ୍କା ଖର୍ଚ୍ଚ କରିବା ଦରକାର ପଡ଼େ । ବିଶୁଦ୍ଧ ସାତ୍ତ୍ୱିକ ଧର୍ମପ୍ରବର୍ତ୍ତକ ସମ୍ପ୍ରଦାୟର ପୋଥି ଝିଟିଲା ବ ଯଦି ଅଣ୍ଟାଳି ବସିବ, ସବୁଠୁ ତଳେ ପୋଥିଟି ଦେଖିବ କଣ ? ଅର୍ଥଶାସ୍ତ୍ର

Digitized by srujanika@gmail.com

ତାହାର ଉପରେ ଧର୍ମଶାସ୍ତ୍ର । ଧନଯାକ ସ୍ତ୍ରାଏ ସ୍ତ୍ରାଏ ବୁଲି ସ୍ଲୋଗାନ ଗାଇ ଗାଇ ସ୍ତଠକ ବଚସ୍ତିମାନେ ଗଡ଼ିପଡ଼ିବେ ବାଣପଟ୍ଟୁ ଗୋଟିକ ଗୋଟି । ତେଲ ଦରକାର, ମସଲ ଦରକାର । ଠିକ୍ ଅପେକ୍ଷା କରି ମୁଁ ବସିରହିଥିବ କମ୍ ଅନ୍ ଟୁ ମାଇଁ ଲିଟଲ ଚିଲ୍ଡ୍ରେନ୍ (ଗ୍ରୁଲିଆସ ମୋ କଡକ ଆରେ ମୋର ଟିକି ପିଲାମାନେ) ନିଅ, ଆଉ ସ୍ୱର୍ଗ ର ରାଜ୍ୟ ଆଣ ।”

କେ. ସି. ଦାସ୍ ସିଗାରେଟ୍ ଲଗାଇଲେ । ଆପଣା କଥାରେ ଅପେ ହୋ ହୋ ହୋଇ ହସି ହସି ଗଡ଼ିଗଲେ ।

ଯାଦବ ଦେଖୁଥାଏ, ଏ ଲୋକର ସେପରିକ ଶଙ୍କା ନାହିଁ କ ଦରକାହିଁ, କୌଣସି ସମସ୍ୟା ତା ପାଇଁ ଅତ ବଡ଼ ନୁହେଁ, ନୁହେଁ କଲେଜରେ ଷ୍ଟ୍ରାଇକ୍, ସ୍ତ୍ରବାର କାନ୍ଦଣା, ବସ୍ତ୍ରାଳଣ୍ ନମ୍ବରର ଷ୍ଟ୍ରାଇକ୍ ଧମକ ।

ତାଙ୍କଠି ପଦେ କଥା—“ମୂଲ କେତେ ? ନେଇଯା ।”

ମନେପଡ଼ିଲା ଦୁନିଆର ସବୁ ଦେଶରେ ପ୍ରକୃତି ଏହିପରି, ଉପରର ଜମିର ପତନ ତଳେ ବଡ଼ ବଡ଼ ବ୍ୟାଙ୍କିଙ୍ଗ୍ ହାଉସ୍, ବେପାର, କାରବାର । ତାଙ୍କର ଅବସ୍ଥିତର ତାରତମ୍ୟରେ ଦେଶର ଉପର ଜମିର ଉଠାଣି ଗଡ଼ାଣି, ତାଙ୍କର ଚଳନ୍ତି ଅଭ୍ୟନ୍ତରର ଉତ୍ତାବା ଡେଇଁବାରେ ପୃଥିବୀରେ ବିକ୍ଷୋଭ ଆଉ ଭୂମିକମ୍ପ । ଉପରର ମାଟି ଦୁଲୁକି ଉଠେ, ଫାଟେ, ଦବେ—ଫସାର ରଚନା ହୁଏ । ସବୁ ସାଗ୍ୟକୁହିଁ ଦ୍ୱାହି, ତଳର ପଥରକୁ କେହି ଚହ୍ନେ ନାହିଁ ।

କେବେ ପର୍ବତ ଉଡ଼ିବୁଲୁଥିଲେ, ପକ୍ଷ କଟା ହେଲା, କିନ୍ତୁ ମଣିଷ ପର୍ବତର ପକ୍ଷିକୁ କାଟୁନ ନାହିଁ, ଗୋଡ଼କୁ ବେଢ଼ ନାହିଁ ଏବଂ କେ. ସି. ଦାସ—ଏ ମଣିଷ ନୁହନ୍ତି, ଗୋଟାଏ ପର୍ବତ, ଗୋଟାଏ ଅନୁଷ୍ଠାନ ।

ଜାତୀୟ ଯଜ୍ଞ ଆଉ କେ. ସି. ଦାସ୍ ! ଯୀଶୁଖ୍ରୀଷ୍ଟ ଆଉ ରାଜସିକ ପୋପ୍ ଧର୍ମଯାଜକ !

କାହିଁ ଯୁଗ-ଅବତାର ସର୍ବତ୍ୟାଗୀ ମହାପୁରୁଷ—ଅର୍ଦ୍ଧନଗ୍ନ ଫକୀର ଆଉ କାହିଁ କେ. ସି. ଦାସ୍ ! କାହିଁ ଜାତୀୟ ସ୍ୱପ୍ନ ଖଦ ଚରଖାର ସମାଜ,

Digitized by srujanika@gmail.com

କୃଷୀ ମଜଦୁର୍‌ର ରାମରାଜ୍ୟ ଗ୍ରାମସଂଗଠନର ତପୋବନ ମଣ୍ଡି ଆଉ କାହିଁ କେ. ସି ଦାସ୍—ଜାଠର ରାଜ୍ୟ, ମିଲ ଓ ମିଲ୍ ଲୁଗାର, ବେପାରୀ ଓ ସାହୁକାର—ସମ୍ପ୍ରଦାୟର—ପ୍ରକାଣ୍ଡ ପ୍ରକାଣ୍ଡ ସହର ତଳର କଳକାରଖାନା କଳୁଷିତ !

ସୁପ୍ରଭାର ସାନ୍ନିଧ ବିଦ୍ରୋହୀ ଚିନ୍ତାକୁ ଉଷ୍ମ କଅଁଳ ଚିନ୍ତାରେ ଘୋଡ଼େଇ ପକାଉଛି, ଧୀରେ ଧୀରେ ତାର ଗୁଣୁଗୁଣୁ ବି ଶୋଇ ଶୋଇ ଆସୁଛି । ସୁପ୍ରଭା ବାଙ୍କ ଓଠ କରି ଚାହିଁ ରହୁଛି, କେ. ସି. ଦାସ୍ ହସୁଛନ୍ତି, ଆପଣା ଉପରେ ଭାରି ଖୁସି ।

ଅଠର

ସୁଠ ପଡ଼—ସେହି ବେଳ ଯେତେବେଳେ ଯନ୍ତ୍ରର ଚୁଲି ପରେ ଖିଆପିଆ ଆଗରୁ ମଣିଷ ଦିନସାକର ଅଶ୍ରାନ୍ତ କାମକୁ ଟିକିଏ ମଠାମଠିକରେ, ସବେ କାମ କରୁଛି । ଚିନ୍ତା କରେ, ସାତପାଞ୍ଚ ଭାଉଲେ, ଦୂରର ଆଲୁଅରେ ଜଳଇ ଚହଟେଇ ଚହଲିଯାଉଥିବା ସ୍ମୃତିକୁ ନରେଖି ଦୀର୍ଘଶ୍ୱାସ ପକାଇ ତାର କର୍ତ୍ତବ୍ୟ ଶେଷ କରେ । ବେଳ ନଅଟା, ଶୀତ ରାତି । ରାସ୍ତାରେ ମଟର ଅଟକାଇ ଯାଦବ ହାତ ଦେଖାଇ କହିଲା, "ଏଇ ଘର, ଏଇଠି ମୁଁ ଓହ୍ଲେଇବି ।"

ମଟରର ଚଳନ୍ତ ବେଗରେ ଅପଣୋଭୋଳ ହୋଇ ସିଧା କଥାଟା ସେ ଭୁଲିଯାଇଥିଲେ । ବାସ୍ତବତାର ରୂପ, ଯାହାକୁ ସେ ଦେଖିବାକୁ ପାଉଛି, ପ୍ରତ୍ୟାଶିତ ଆଶଙ୍କା—ଇସ୍ପାତ୍ ପରି ନେଳଚିଆ ଜକ୍ ଜକ୍, ଶୀତ ରାତି ପରି ଅଣ୍ଡା ଅଉ ମାନ୍ଦା । ବଙ୍କାଟଙ୍କା ବ୍ୟୂହ ବାଟରେ କତ ଘୂରିବୁଲୁଥିବା ଜୀବନର ଗୋଟାଏ ଖଣ୍ଡର ମୁହୂର୍ତ୍ତିକର ଅଶ୍ରାସ୍ତ ଦିଲ ଏହି ମଟର, ଯେ ତାର ନୁହେଁ ପରର, ଯେ ଚିହ୍ନା ନୁହେଁ, ଅଚିହ୍ନା, ଏକାଠି ଦସ୍ତୋକ ଦିବା ହଠାତ୍—

Digitized by srujanika@gmail.com

ସାଙ୍ଗୀ ବାଟଖୋଇଦିଏ ପରି, ଆଉ ଟିକକୁ ବାଟ ସାଙ୍ଗେ ଚାଲିଯିବ ପଛେ କିନ୍ତୁ କ ନିର୍ଭର, କ ଆଶ୍ୱାସ ହେଉକେ ବେଳ ! ହେଇ ଦୂରରେ ସେ ଚାଲିଯାଉଛି, ପଛରେ ତାର ନାଲିଆ ଆଲୁଅ । ତାପରେ ସେ ଏକୁଟିଆ ।

କବାଟ ବନ୍ଦ ।

ଏପାଖ ସେପାଖ ହୋଇ ଯାଦବ ଦାଣ୍ଡ କବାଟର କଡ଼ା ହଲେଇ ଡାକିଲା, "ବେହେରା, ବେହେରା ।"

'ବେହେରା' ନିତାନ୍ତ ଅବାନ୍ତର ଏଠି, କିନ୍ତୁ ଅପଣା ଓ ଏଠା ମଝିରେ କପରି ଗୋଟାଏ ବାଡ଼ ବାଡ଼ ଲାଗୁଥିଲା, ସେ ଯେପରି ପର ।

ଛନ୍ଦା କବାଟ ଫିଟେଇଦେଲା, ଇଲେକଟ୍ରିକ୍ ଆଲୁଅରେ ହଠାତ୍ ଆଖି ବନ୍ଧହୋଇଗଲା ପରେ ଯାଦବ ଯେତେବେଳେ ପରିଷ୍କାର ଦେଖିଲା, ଲାଗିଲା ତାର ଆଶଙ୍କା ହିଁ ଠିକ୍ ପରା ! ଛନ୍ଦାର ମୁହଁରେ ବାଟ ପାଉଁଶ ହେଉଥିବା କୁତୂହଳ ନାହିଁ, ଚନାଡ଼ କାଶରେ ହାତର ଦଣ୍ଡେଇ ଦେବୀ ମୂର୍ତ୍ତି, ବିରୋଧୀ ଭାବର ସମାବେଶ, ତାହା ମଧ୍ୟ ଜୀଅନ୍ତା ନୁହେଁ, ମାଟିର ପ୍ରତିମା ।

ତୁନିହୋଇ ଅଡ଼େଇ ହୋଇ ଠିଆହୋଇଛି, ଯାଦବକୁ ବାଟ ଛାଡ଼ି ଦେଇଛି । କିଛି ତ କହିବାକୁ ହେବ, ଯାଦବ କହିଲା, "ବଡ଼ ଡେରି ହୋଇ-ଗଲା ଛନ୍ଦା !"

"କାମ ଥିଲେ ଡେରି ଆଉ କଣ ?"—ଛନ୍ଦା କହିଲା ।

ଦାଣ୍ଡଘରେ ବସି ଉପରେ ପଡ଼ି ଯାଦବ କହିଲା, "କଲେଜରେ ଆଜି ବଡ଼ ଧୂମ୍‌ଧାମ୍ ହେଲା ।" ଛନ୍ଦା କିଛି କହୁନାହିଁ କାହିଁକି ? ତାର ନୀରବତା ଭିତରେ ଫୁଟିଉଠୁଛି କେବଳ ଶତ୍ରୁତା ଏବଂ ଅପଣା ଭିତରେ ଟଣାଓଟରା ପରେ ଯାଦବର ଅନ୍ତତଃ ଏଇ ଘଡ଼ିକ ଶତ୍ରୁତା ଦରକାର ନାହିଁ, ଦରକାର ଆଶ୍ରା ଓ ଶୁଶ୍ରୂଷା ।

ଟେବୁଲରେ ସନ୍ଧ୍ୟାର ଖବରକାଗଜ, ଛନ୍ଦା ଦେଖିଆକୁ ଅନେଇ ରହିଛି । କାଗଜକୁ ଓଲଟେଇ ଆଲୋଚନା କରିବାକୁ ଯାଦବର ସାହସ ହୁଉ ନାହିଁ ।

Digitized by srujanika@gmail.com

ବୁଲେଇ ବୁଲେଇ ଯାଦବ ପଗ୍ଭରିଲା, "ପ୍ରକୃତରେ ଛନ୍ଦା, ପାଠ ପଢ଼ିବା ଜାଗାରେ ଏ ଗୋଲମାଲ, ଏ ବିଶୃଙ୍ଖଳା, ଏ କଣ ଉଚିତ ?"

ଛନ୍ଦା ଦୀର୍ଘଶ୍ୱାସ ଛାଡ଼ିଲା ।

ଯାଦବ କହିଲା, "ବିଶୃଙ୍ଖଳାର ଫଳ ଅଶାନ୍ତି, ଫଳ ଆପଦ, ଅରାଜକତା । ପାଠପଢ଼ା ଜାଗାରେ ଏସବୁ—ଏ କ'ଣ ଦରକାର ?"

ଗମ୍ଭୀର ହୋଇ ଛନ୍ଦା କହିଲା, "ଯେଉଁମାନେ ଏସବୁ କରୋଉଛନ୍ତି, ଏଥିପାଇଁ ବିପଦ, ଠେଙ୍ଗାମାଡ଼, ଜେଲ୍ ବରଣ କରୁଛନ୍ତି ଓ ଆହୁରି ବରଣ କରିବାକୁ ପ୍ରସ୍ତୁତ, ସେମାନେ ହୁଏତ ଭାବୁଛନ୍ତି ଏସବୁ ଦରକାର । ଆଉ ଅନ୍ୟମାନେ, ଯେଉଁମାନେ ଏ ବିପଦଠୁ ଦୂରରେ ଲୁଚିଲରେ ନିରାପଦରେ ରହିବାକୁ ଭଲପାଆନ୍ତି, ସେମାନେ ଏସବୁ ବିଷୟ ଯାଞ୍ଚି କରି ଏଥିରେ ମତାମତ ଦେବା ବା କଣ ଦରକାର ? ଦୁହିଙ୍କ ମତ ତ ସମାନ ନୁହେଁ !"

"କିନ୍ତୁ ଏ ଅନର୍ଥକ ବିପଦ ବରଣ କରିବା କଥା, ଏଥିରେ ଆଦର୍ଶ ନାହିଁ, ଏହାର ଉଦ୍ଦେଶ୍ୟ ଭୁଲ୍, ଉପାୟ ଭୁଲ, ସବୁ ଭୁଲ୍ ମୂଳରୁ ଶେଷଯାକେ ।"

"ଶେଷ ତ ହୋଇନାହିଁ, ଛନ୍ଦା ହସିଲା । କହିଲା ମୂଳ ଭୁଲ୍ କି ନୁହେଁ ତା ଜଣାପଡ଼ିବ ଶେଷରେ । ଆଉ ଆଦର୍ଶ ଭୁଲ୍ ବୋଲି କାହିଁକି କହୁଛନ୍ତି ? ନିରାପଦରେ ଆପଣା ଗ୍ଭଲି ବଞ୍ଚେଇ ରହି ପାରିଲେ କ'ଣ ଆଦର୍ଶ ଜଣାପଡ଼େ ? ଗ୍ଭଲନ୍ତୁ ଭିତରକୁ, ବୋଉ ଅପେକ୍ଷା କରିଛି ।"

"ଭୁଲ୍ ବୁଝିଛ ଛନ୍ଦା, ପଢ଼ାପଢ଼ି ମାଟିହେବ, ବୋଧେ ପିଲା ପାଠ ନ ପଢ଼ି ଫେଲ୍ ହେବେ, ଅନ୍ୟାନ୍ୟ ବର୍ଷ ପରି ଏ ବର୍ଷ ଆମ କଲେଜ୍ ପିଲା ଆଉ ୟୁନିଭର୍ସିଟିରେ ଫାଷ୍ଟ ହେବେ ନାହିଁ, ପାଠ ମାରି କରି ମୂର୍ଖ ହୋଇ କେହି ଦେଶୋଦ୍ଧାର କରିନାହିଁ ।"

ଛନ୍ଦା ଜବାବ୍ ଦେଲନାହିଁ, ଆଗେ ଆଗେ ଭିତରକୁ ଗ୍ଭଲିଲା । ଯାଦବର ତୁଣ୍ଡରେ ଯୁକ୍ତିର ଖଇ ଫୁଟୁଛି, କିନ୍ତୁ ଛନ୍ଦାଠୁ ତାର ସମର୍ଥନ ନାହିଁ । ନିଜର କଥା ନିଜକୁ ଶୁଭୁଛି ଫମ୍ପା, ନିର୍ଜୀବ । ନୀରବତା ଭିତରେ ଛନ୍ଦା

Digitized by srujanika@gmail.com

ଦୂରେଇ ଦୂରେଇ ଯାଉଛୁ ଏବଂ ଠିକ୍ ସେହି ମୁହୂର୍ତ୍ତରେ ରଙ୍ଗମଞ୍ଚରେ କର ପଟ୍ଟ ପଡ଼ୁଥିବା ନୂଆ ଆଲୁଅରେ ଝଲସି ଉଠିଲା ପରି ସେହି ଛନ୍ଦାଢ଼ି ଦିଶୁଛି କେଡ଼େ ଭିନ୍ନ ପ୍ରକାରର ଅତି ନୂଆ, ଅତି କାମ୍ୟ । ଅଜଣା ଦୁଃଖରେ ମନ ଭିତର କରତି ହେଉଛି, ଆସୁଛି ତୀବ୍ର ଅନୁଶୋଚନା । କିନ୍ତୁ ତାର ପ୍ରତିକାର ନାହିଁ, ସାଧାରଣ ସାମାଜିକ ଜୀବନରେ ନାହିଁ ନାଟକୀୟ ଭେଟାଭେଟି ସଫେଇ କୈଫିୟତ୍ ପାଇଁ ସ୍ଥାନ ବା ସୁଯୋଗ ।

ଫେର୍ ମାଉସୀ, "କୁଆଡ଼େ ଥିଲ ବାବୁ, ଦିନ ଗୋଟାକ ଧିଏ ଧିଏ କଟିଛି, କଲେଜ୍‌ରୁ ଫେରି ବାଧିକା ଲାଗିଥିବ ଯେ ମୁହଁରେ ଟୋପେ ପାଣି ନାହିଁ ! ମୁଁ ଅନେଇଛି ।"

ଏବଂ ମଉସା, "ଆଃ ଯାଦବ ଆସିଲ କି, କ'ଣ ହେଲା କଲେଜ୍ କଥା ଟିକିଏ କହିବଟି, ଅବଶ୍ୟ ଖବର କାଗଜରେ କିଛି ବାହାରିଛି, କିନ୍ତୁ କ'ଣ ଘଟଣାଟା ? ପାଠପଢ଼ା ଜାଗାରେ ଏମିତି ସବୁ ଗୁଣ୍ଡାମି, କେବେ ନ ଦେଖିବା କଥା, କେବେ ନଶୁଣିବା କଥା । ପ୍ରଫେସର, ମାଷ୍ଟର, ଗୁରୁ—ଆମ ସମୟରେ ତାଙ୍କ ଆଗରେ ଠିଆହେବାକୁ ଡର ମାଡ଼ୁଥିଲା, ମୁହଁକୁ ଚାହିଁ କଥା କହୁ ନ ଥିଲୁ, ଆଉ ଆଜି ଷ୍ଟ୍ରାଇକ୍, ଷ୍ଟ୍ରାଇକ୍ ଆରେ ବାପ୍‌ରେ ଏ କି କାଣ୍ଡ !"

ଛଦା କହିଲା, "କାହା ବେଳର କଥା ଆଉ କାହାବେଳକୁ ରହେନାହିଁ ବାପା ।"

"ସେଇ କଥାତ ମୁଁ କହୁଚି । ଏ ପିଲାଗୁଡ଼ାଙ୍କର ହେଇଚି କ'ଣ ? ବାପା ମା କ'ଣ ଉପଯୁକ୍ତ ପରିମାଣରେ କାନମୋଡ଼ା ଦେଉନାହାନ୍ତି ଯେ ସବୁ ପିଲା ହେଲେ ଅମଣିଆଁ ବଳଦ ।"

ଛଦା ଗାରଡ଼େଇ ଚାହିଁଛି । କହିଲା "ଏସବୁ ଗୋଳମାଳ ପାଇଁ ଖାଲି ପିଲଗୁଡ଼ାଙ୍କ ଉପରେ ଦୋଷ ଅଜାଡ଼ି ଦେଲେ ଚଳିବ ନାହିଁ, ପିଲା ସବୁଦିନେ ପିଲା, ତାଙ୍କର ଦୋଷ ନାହିଁ, ଦୋଷ ହେଉଛି ସେହି ଗୁରୁଜନମାନଙ୍କର ଯେଉଁମାନେ—"

ଛଦା ଅଟକି ଗଲା, ମଉସା ଗମ୍ଭୀର ହୋଇ କହିଲେ "ହଁ, କହି ଯା, ଯେଉଁମାନେ—"

Digitized by srujanika@gmail.com

"ଯେଉଁମାନେ ପିଲାମାନଙ୍କର ବି ସ୍ୱାଧୀନତା ଅପହରଣ କରି ବସିଛନ୍ତି ।"

"ସ୍ୱାଧୀନତା ! ପିଲାମାନଙ୍କର ଫେର୍ କି ସ୍ୱାଧୀନତା ?"

"ସ୍ୱାଧୀନ ଚିନ୍ତାର ଅଧିକାର, ସ୍ୱାଧୀନ ଭାବେ ଭଲମନ୍ଦ ବାଛି ନୀତି ଗ୍ରହଣ କରିବାର ଅଧିକାର, ସ୍ୱାଧୀନ କଥା କହିବା ଅଧିକାର, ସ୍ୱାଧୀନ ଗତି-ବିଧିର ଅଧିକାର ।"

ମାଉସୀ ଆଶ୍ଚର୍ଯ୍ୟ ହୋଇ ଗୁହିଁଲେ, ମଉସା କହିଗଲେ,

"ବେଶ୍ ବେଶ୍ ହେଲା, ଶୁଣ ତୁମ ଝିଅଙ୍କ କଥା । ମୁଁ ଯୋଡ଼ି ଦେଉଛି ଶୁଣ ନା —ସ୍ୱାଧୀନ ଭାବେ ପାଠ ନ ପଢ଼ି ସ୍ୱାଧୀନ ଭାବେ ଫେଲ୍ ହେବାକୁ ଅଧିକାର, ସ୍ୱାଧୀନଭାବେ ଦୁଷ୍ଟାମି କରିବା ଅଧିକାର, ସ୍ୱଧୀନଭାବେ ବଗୁଲିଆ ହେବା ବୁଲିକି ଯିବା ଅଧିକାର, ସାଙ୍ଗକୁ ଫେର୍ ଦାବୀ, ବହି ସଙ୍ଗେ ଦେଖାନାହିଁ, କ୍ଲାସ୍ ଯିବା ନା ନାହିଁ ଅଥଚ କ୍ଲାସ୍ ଉଠିଉଠିକା ଯିବାକୁ ଦାବୀ ।"

"ବାପା ତୁମେ ଥଟ୍ଟା କରୁଛ ।"

"ଆଉ କଣ ତୁ ଭାବୁଥିଲୁ ମା ବଲୁଆ ଘରି ମୁଁ ବି ଭୁକିବା ଶୁଣି ଭୁକିବି । ଗୁହର ସ୍ୱାଧୀନତା, ଗୁହର ସ୍ୱାଧୀନତା, ନା ମା ଠାକୁରଙ୍କ ଦୟା ଯେ ମୁଁ ଆଉ ଗୁହ ନୁହଁ ।"

"ଗଣତନ୍ତ୍ର ଯୁଗରେ ସ୍ୱାଧୀନତାକୁ ଥଟ୍ଟା କରିବା—"

"ବଡ଼ ଖରାପ୍, ମୁଁ ମାନିଲି । କିନ୍ତୁ ତୁ ବି ମତେ ବୁଝା ବାପାମା ଛୁଆ-ପିଲଙ୍କୁ ଇସ୍କୁଲ କଲେଜକୁ ପଠାନ୍ତି କାହିଁକି, ଆମେ ବା ତତେ କାହିଁକି ବୋର୍ଡ଼ିଂରେ ଥୋଇ ପଢ଼ୋଉଥିଲୁ ? କଣ ପାଠ ପଢ଼ିବାକୁ ନା ମାଷ୍ଟରଙ୍କ ସଙ୍ଗେ କଳିଗୋଳ କରି ଅବାଧ ହୋଇ ପାଠ ନପଢ଼ି ଗୋଳମାଳ କରିବାକୁ । ସ୍ପାଶ ନା ତୁ କହୁ ସ୍ୱାଧୀନତା ? ତୁମେ ତ ଗୁହ, ମୂଳରୁ ନାବାଳକ, ପରାଧୀନ ବାପମା ପଇସା ନଦେଲେ ମୁଠି ବି ମିଳିବ ନାହିଁ, ପାଠବା କାହିଁ, ତୁମର ସବୁ ସ୍ୱାଧୀନତା ସ୍ୱାଧୀନତା, କହି ଅପଣା କର୍ତ୍ତବ୍ୟରେ ଫାଙ୍କିଦେଇ ବୁଲିବାର ମାନେ ? ନା କଣ ଯାଦବ ?"

Digitized by srujanika@gmail.com

"ତୁମେ ବୁଝିବ ନାହିଁ ବାପା—"

"ତେବେ ମତେ ବୁଝାନା, ଆଉ ।"

ଅତଏବ ଛନ୍ଦାର ବାୟାଳିଶ ନମ୍ବର ଫେଲ ତା'ର ସ୍ୱତନ୍ତ୍ର ଜୀବନରହିଁ ଗୋଟାଏ ଦଗ ଦର ଲୋକଙ୍କ ଆଖି ଉହ୍ଲୁଅଳରେ—ଯାଦବ ଏହି କଥା ଭାବୁଥାଏ । ଏତେ ଏଠି ଯୁକ୍ତିତର୍କ ପଢ଼େ, ଶୁଭ୍ରା ଅଟେ, ଶିଖାଏ, ସେଥିରୁ କଣ କିଛି ଠଉରାନ୍ତି ନାହିଁ ଏ ବାପା ମା ! ଛନ୍ଦା ବି ପଦାକୁ ଯାଏ, କିନ୍ତୁ ସେ ବିଷୟରେ ପ୍ରଶ୍ନ ପଚରା ହୁଏ ନାହିଁ, ବାପା ମା ଭାବୁଥିବେ ସେ ଖାଲି ମିଛ ମିଛକିଆର ଖେଳ ଘରେଇ, ଶୁଭ୍ରା ଛନ୍ଦା, ଝୁଣ୍ଡୁରୁକୁଣ୍ଡୀ ଏଷା । ଏତେ ବଡ଼ ଏ ସହରର ମଣିଷ, ଆପଣା ଘରେ ବି କେହି କାହାକୁ ଚହ୍ନେନାହିଁ । ଚହ୍ନିବାକୁ ଚାହେଁ ନାହିଁ, ତଥାପି ଏତେ ସ୍ୱାଧୀନତା ଥାଇ ଛନ୍ଦା କଳ୍ପନା କରୁଥିବ ସ୍ୱାଧୀନତା ଅଭାବରୁ ତାର ଦମ୍ ଅଟକି ଯାଉଛି ଏବଂ ଏହିପରି ଅଶାନ୍ତ କଳ୍ପନା କରିବାହିଁ ବିକ୍ଷୋଭକାମୀ ନୂଆ ଯୁଗର ଆଦର୍ଶ—ଅଶାନ୍ତିରେ ଛଟପଟ ହୋଇ ମରିବା, ନାକରେ କାନ୍ଦ ଝରଝର ପରି ଝୁରି ଝୁରି ମରିବା । ଏହି ଫ୍ୟାସନ୍ ।

ଯାହାହେଉ, ତାର ଅବସ୍ଥା ଏଠି ଅଚଳ, ଛନ୍ଦାର ଦୋହଦିଆ ଚାହାଣି ଆଗରେ ପଟ ନେବା ଅସମ୍ଭବ ଏବଂ ଭିତରୁ ଫୁଲି ଫୁଲି ଉଠୁଛି ଅନୁଶୋଚନା ଯେ କେଉଁଠି ସେ ଥିଲା, ଯାଦବ ପଧାନ ? ବିପ୍ଳବକୁ ଯେ ସ୍ୱପ୍ନ ଦେଖୁଥିଲା, ବିପ୍ଳବ ଆସିଲା, କେଉଁଠି ରହିଲା ସେ ?

ଝିଅାଟିଆ ସରିଲା । ଛଟପଟ ଲାଗୁଥାଏ । ଧୀରେ ଧୀରେ ଟହଲ କମି କମି ଆସୁଛି, ତା'ପରେ ଅପଣା ଭିତରେ ବଢ଼ିଉଠୁଛି କଳରବ, ଝରକା ବାହାରେ ଉଭେଇ ପଡ଼ୁଛି ମହାନଗରୀ, ମିଟିମିଟି ଜକଜକ ସହରର ଅଳିଅ ନଦରେ ବି ଅଶାନ୍ତିର ସ୍ଫୁଲିଙ୍ଗ । ଉପରେ କୁହୁଡ଼ି ଘୋଡ଼େଇଛି । ଭାବିଲେ ଉଦାସ ଲାଗେ । ସମାଧାନ କାହିଁ ?

ଏହିପରି କେତେ ଯୁଗ ବିତିଯାଇଛି, ପୃଥିବୀ ପିଠିରେ ମଣିଷ ଲୁହଣୀ ଶୋଇପଡ଼ିଛି, ଚେଇଁ ଉଠିଛି, ନିତି ତାର କାମ କରିଯାଇଛି ମଣିଷ ମଡ଼ା-ବାଟର ଶଗଡ଼ ଗୁଳାରେ, ଭଲ ହେଉ କି ମନ୍ଦ ହେଉ । ଅଣା ବାନ୍ଧି କରି-ପଟିଆ ଠିଆହୋଇ କେତେ ବୋଧ ଭାବିଛନ୍ତି, କେତେ ଯୁଗରେ କେତେ ଅଗଣିତ

Digitized by srujanika@gmail.com

ତରୁଣ-ତରୁଣୀ—ବଦଳେଇ ଦେବେ ପୃଥିବୀର ମୁହଁ, ପ୍ରତିଷ୍ଠା କରିବେ ସାମ୍ୟ, ଶାନ୍ତି, ସ୍ୱାଧୀନତା । ଉଚ୍ଛ୍ୱାସରେ ଆପଣାର ନିଶ୍ୱାସହିଁ ତାତିଯାଇ ପବନରେ ପୁଣି ଶୀତଳ ହୋଇଛି । କଣ ବଦଳିଛି ?

ସେମାନେ ବି ଏଇ ପୃଥିବୀରେ ହିଁ ପାଦ ରଖିଥିଲେ, ତାର ଘୂର୍ଣ୍ଣନ ସଙ୍ଗେ ଆପେ ଘୂରିଥିଲେ, ଦିନ ରାତିରେ, ଛଅ ଋତୁରେ, ଆପେ ଘୂରି ଘୂରି ଭାବିଥିଲେ, ନିଜେ ମରଣଶୀଳ ହୋଇ ଇଚ୍ଛିଥିଲେ ଅମରତ୍ୱ । କେବେ କେଉଁ ବୈଜ୍ଞାନିକ କହିଥିଲେ, ପୃଥିବୀ ବାହାରେ ଠିଆହେବାକୁ ଯଦି ଜାଗା ଟିକିଏ ମିଳନ୍ତା, ସେଇଠି ଥାଇ ଲିଭର୍‌ରରେ ଟେକି କରିଦ୍ଧ ପାରନ୍ତି ମୁଁ ଏ ପୃଥିବୀକି । ଜାଗା ମିଳିନାହିଁ, ଉଜାଣି ମାଡ଼ିବାର ସ୍ୱପ୍ନ ଦେଖି ଦେଖି ଆଦର୍ଶବାଦୀ ଭାସି ଯାଇଛନ୍ତି ସୁଅ ତୋଡ଼ରେ—ଗଡ଼ାଣି—ଗଡ଼ାଣି—

ତାହାର ଗୋଟାଏ ଭଗ୍ନାଂଶ ଝରକା ସେପାଖେ ମହାନଗରୀ । ଅସଂଖ୍ୟ ମନରେ ଅସଂଖ୍ୟ ଇଚ୍ଛା, ହିଂସାର ଅଗଣ୍ଡି ପ୍ରତି ପିଣ୍ଡରେ, ଅଣା ବୁଡ଼ିଯାଏ ଭାବି ଭାବି ।

ତେବେ କଣ ଏ ଅସମ୍ଭବ ? ଆଦର୍ଶ ଆଦର୍ଶରେ ହିଁ ରହିଥିବ, ସ୍ୱପ୍ନ ଉଭେଇ ଯାଉଥିବ ଜାଗରଣରେ, ତାର ସତ୍ତା ହିଁ ନାହିଁ ? ଏତେ ଯୁଗର ଏତେ ଯେ ଭାବନା, ସବୁ କଣ ବୃଥା ?

ନା, ମନ ପରାଜୟ ସ୍ୱୀକାର କରେନାହିଁ, କାର୍ଯ୍ୟର ଫଳ ଅଛି, ଏ ଯୁଗର ମଣିଷ ସମାଜ, ଅତୀତ ଯୁଗର ମଣିଷ ହାତର ହିଁ କରଣି । ସମସ୍ତେ ତାର କାରିଗର, କେହି ଭାବନାରେ, କେହି କାର୍ଯ୍ୟରେ, କେହି ସଂସ୍କାରରେ, କେହି ଅବା ପ୍ରତିକ୍ରିୟାଶୀଳ ବିରୋଧରେ, ମଣିଷ ହାତର ଶିଳ୍ପ ତାର ସମାଜ ଓ ସଭ୍ୟତା—କିଏ ପଥର ବୋହିଛି, କିଏ ଖୋଳିଛି ଲତାରେ ପତ୍ର, କିଏ ମଗରମୁହଁ, କିଏ ଦହିଖିଆ, ଶିଳ୍ପ ହିଁ ରହିଛି, କାରିଗରଙ୍କ ନାଁ ନାହିଁ । ଜଣଙ୍କର କାମ ସମଗ୍ର ମନୁଷ୍ୟଜାତିର, ମନୁଷ୍ୟ ସମାଜ ବଞ୍ଚିଥିବା ଯାକେ ସମଷ୍ଟିଙ୍କ ନାଁରେ ଜଣଙ୍କର ନାଁ, ଆଉ ନାଁ କାହିଁକି ରହିବ ? ତାର ପ୍ରୟୋଜନ ନାହିଁ ।

Digitized by srujanika@gmail.com

ସୁତରାଂ ତାର ଆପଣା ମନରେ ଏହି ଯେଉଁ ଆଦର୍ଶନିଷ୍ଠ, ଯେଉଁ ଇଚ୍ଛା, ତାହାର ଭିତରେ ଗୋଳେଇ ମିଶିହୋଇ ରହିଛି ଅତୀତରେ ଯେତେ ଯୁଗର ଯେତେ ଆଦର୍ଶବାଦୀଙ୍କ ହାତର କାମ, ତାହାର ଅପଣାର ଅନ୍ତର ଭିତରୁ ସେହିମାନେ ଡାକ ଛାଡ଼ୁଛନ୍ତି, ଆଗେଇ ଚାଲ, ଆଗେଇ ଚାଲ ।

ଚରିଦିନ ଯୋଡ଼େଇ ରହିଥିଲ ପୃଥିବୀକୁ ଅନ୍ଧାର କୁହୁଡ଼ି ପରି ଅବିଶ୍ୱାସ ଓ ଆଶଙ୍କା । କେହି କାହାର କଥାକୁ ବିଶ୍ୱାସ କରନାହିଁ, ସ୍ୱାର୍ଥଜଡ଼ିତ ଅପଣା ଚନ୍ତାରେ ଦୁନଆଁର ଚନ୍ତାର ଦୁଆ ଦେଇ ମଣିଷ ମନେକରୁଛି, ସେ ପୃଥିବୀ ପାଇଁ ଭାବୁଛି, ଅଭିମାନ କରୁଛି, କେହି ତା କଥା ଶୁଣିନାହିଁ, ଆପଣା ହତାର ସାନ ପରିସର ଚେଦପାଖେ ପାଚିରି ଟେକି ମଣିଷ ବନ୍ଦ କରିଦେଇଛି ବାହାରର ଆଲୁଅ ଓ ପବନକୁ, ବାହାରର ବିଶାଳ ଗଣବାଦ ତାର ଜଣେବାଦ ଆଢ଼ୁଆଳରେ ଛପିରହିଛି ବାରମ୍ବାର । କିନ୍ତୁ ତଥାପି, କାମିକା ଲୋକେ କାମ କରି ଯାଇଛନ୍ତି, ଆସିଛନ୍ତି କେତେ ମହାତ୍ମା, କେତେ ଯୁଗ ପ୍ରବର୍ତ୍ତକ, ଅନ୍ଧାର କାଟି ଆଲୁଅ କାଳିଛନ୍ତି, ଅବିଦ୍ୟାଜାତ ସନ୍ଦେହର ଅନ୍ଧାର କୁହୁଡ଼ି ବାଟ ଛାଡ଼ିଦେଇଛି ସେମାନଙ୍କପାଇଁ, ଆପଣା ବ୍ୟକ୍ତିତ୍ୱର ବିରାଟ ଭିତ୍ତି ଯନ୍ତ୍ରରୁ ସେମାନେ ଅନ୍ୟମାନଙ୍କ ମନରେ ଉତ୍ତପ୍ତ ଶକ୍ତିର ଢେଉ ଖେଳେଇ ପାରିଛନ୍ତି, ସଭ୍ୟତା ଆଗକୁ ଗତି କରୁଛି, ହଟିନାହିଁ ।

ସତ୍ୟର ନିକଷ ଉପରେ ସବୁରି କଥାର ପରୀକ୍ଷା ହେବ ଯେବେ, ବହୁଧାଳଣ ନମ୍ବର ଦଳର ଆଦର୍ଶ ଓ କ୍ରମ, ପ୍ରଗତିବାଦର ଯନ୍ତ୍ରବାଦର ଯୋଜନା, ଅହିଂସାବାଦର ନୀତି, ସେତେବେଳେ କୁଏତ ଛନ୍ଦା ଚୁଟିବ, ମୁଖା ଚୁଟିବ, ସାଦବ ପଧାନ ଭୁଲ୍ କରେ ନାହିଁ ।

ମୁହଁରେ କାକର ବାଜୁଛି, ମନରେ ଜଳୁଛି ଆଦର୍ଶ, କିଛି କାଳ ଫାଙ୍କା ଚନ୍ତା ପରେ ସାଦବ ନୂଆ ବ୍ୟକ୍ତିତ୍ୱ ଯେନ ଠିଆହେଲ, ସେଠି ଦୁଃଖ ନାହିଁ, ଜଞ୍ଜାଳ ନାହିଁ, ଆପଣାକୁ ଠିକ୍ ବୋଲି ସାବ୍ୟସ୍ତ କରୁଛି, ମହତ୍ ବୋଲି ବିଶ୍ୱାସ କରୁଛି, ଏହି ପଢ଼ିକ ଅନ୍ତତଃ ସେ ଧର୍ମ ପ୍ରଚାରକ ।

Digitized by srujanika@gmail.com

ପ୍ରଶସ୍ତ ଧାରଣାର ଶାନ୍ତିରେ ସୌମ୍ୟ ମନ କରି ସେ ପଦାକୁ ଆସିଲା, ତାର ନିଦର ବେଳ ନୁହେଁ, ନିଦ ଆସୁନାହିଁ । ଇଚ୍ଛାରେ ଅପରନ୍ତ ପ୍ରବଣତା, ଯେ ସନ୍ଦେଶ ବିଖାଣନ୍ତା—ମୋ କଥା ଶୁଣ, ବିଶ୍ୱାସ କର ।

ଆଉ ପାଖେ ଛନ୍ଦାର ବଖୁରି । ତଥାପି ସେଠି ଆଲୁଅ ଜଳୁଛି । କବାଟ ମେଲା ଅଛି । ଯାଦବ ଦେଖିଲା ଛନ୍ଦା ଟେବୁଲ ପାଖେ ଖାଲିଟାରେ ବସି-ରହିଛି । ଧୀରେ ଧୀରେ ସେ ତାପାଖକୁ ଚାଲିଗଲା । ତାର ଉଦବୁଦ୍ଧ ମନରେ ସଙ୍କୀର୍ଣ୍ଣ ସାମାଜିକ କଟକଣା ପାଇଁ ସ୍ଥାନ ନଥିଲା ସେତେବେଳେ ।

"ଆପଣ !" ସେ ଚମକି ପଡ଼ି ବିଳିବିଳାଇଲା ।

"ହଁ ମୁଁ ଛନ୍ଦା, ମୁଁ ବୁଝେଇବାକୁ ଆସିଛି ।"

"ଓଃ ! କଣ ଆଉ ବୁଝେଇବ," ତାର ଉଦାସ ମୁହଁରେ ଫୁଟିଉଠିଲା କରୁଣ ଦୁଃଖର ଛବି, ଗଭୀର ହତାଶାରେ ଦୀର୍ଘଶ୍ୱାସ ପରି ସେ କଥା କହିଗଲା "ଭୁଲ୍—ଭୁଲ୍—କେଡ଼େ ଭୁଲ୍ ଆମେ କରୁ ଯେ ମଣିଷକୁ ବିଶ୍ୱାସ କରୁ । ଏତେ ବଡ଼ ଷ୍ଟ୍ରାଇକ୍ ହେଲା, ପ୍ରଥମ ଆଘାତରେ ଲୋକେ ଛତର ଭୁଙ୍ଗଳ ହୋଇଗଲେ, କିଶୋର ବାବୁ, ଏତେ ଯେ ବକୁଥିଲେ, ହଷ୍ଟେଲର ଷ୍ଟୋର୍‌ରେ ଘରେ ଭାତ ହାଣ୍ଡିରେ ପଶି ଡାଲି ହାଣ୍ଡି ଘୋଡ଼େଇ ହୋଇ ରହିଲେ, ଆଉ କିଏ କେତେ ଗଲେ, ପ୍ରଫେସରଙ୍କ ଜାଠ ଦଳ ସବୁଥର ପରି ଏଥର ବି ହାସଲ କଲେ ବିଜୟ—ଓଃ, କି ନୀଚତା, କି ଭୟ, ଖାଲି ଆପଣାର ଚୁଲିରେ ଆଞ୍ଚ ଲାଗିବ ବୋଲି, ଆଉ ଆପଣ, ଆପଣ ଯେ ମହତ୍ ଯେ ଆଦର୍ଶ ଯେ ନେତା—ଆପଣ ବି କଥାରେ କିଣିହୋଇ ଆରପାଖକୁ ଲେଉଟି ଗଲେ ମେରୁ-ଦଣ୍ଡ ବଙ୍କା କରି ! ଓଃ !"

ଛନ୍ଦା ଟେବୁଲରେ ମୁହଁମାଡ଼ି ଅଜାଡ଼ିହୋଇ ଲଟିରହିଲା, ଯାଦବ ଠିଆ ହୋଇ ରହିଲା କାଠ ପରି । ଏ ତାର କଳ୍ପନାତୀତ । ଜ୍ୱରଗ୍ରସ୍ତ ପରି ଛନ୍ଦା ଲାଗୁଛି, ଦେହ ପାଣ୍ଡୁ ଶାଳ, ଦୁର୍ବଳ ଦିଶୁଛି । ଆହତା ଛନ୍ଦା ଅଶ୍ରୁସ୍ନାତ ଶୋଜୁଛି । କିନ୍ତୁ ଯାଦବର ହାତ ଯାଉନାହିଁ, ଲୁଚୁଛି ସେ ପଛକୁ, ଥରି ଥରି କଣ୍ଠରେ ଯାଦବ କହିଲା, "ଛନ୍ଦା, ମୁଁ କିଣି ହୋଇନାହିଁ, ମୁଁ ଆର ପାଖକୁ ଲେଉଟି ନାହିଁ, ମତେ ବିଶ୍ୱାସ କର ଛନ୍ଦା—"

Digitized by srujanika@gmail.com

"ଯାଉ, ଆପଣ ଯାଆନ୍ତୁ । କାହିଁକି ଆସିଲେ, ମତେ ବୁଝେଇବା କି ଦରକାର ଥିଲା ! ଓଃ, ବିଶ୍ୱାସ ! ଯାଆନ୍ତୁ ।"

କ୍ଷଣକେ ବଦଳିଗଲା ଯାଦବ ପଧାନ, ଅସହାୟ ଅଜ୍ଞାନ ଶିଶୁ ପରି, ଯେ ମାଡ଼ଦିଏ, ପୁଣି ପରକ୍ଷଣେ ମାଡ଼ଖାଇ କାନ୍ଦିବାର ଦେଖି ଠିଆହୋଇ ନିଜେ ରଡ଼ି ଛାଡ଼େ । ଖାଲି ଘରେ ଖୋଲା ଝରକା ପାଖେ ନିରୋଳାରେ ଗୁନ୍ଥି ଥିବା କବିତ୍ୱବର ସୌମ୍ୟ ଆଦର୍ଶବାଦ ଛିଣ୍ଡିପଡ଼ି ବିଚ୍ଛିନ୍ନହୋଇ ଦଳିଗଲା କୁଆଡ଼େ, ସେ ଆକୁଳହୋଇ ପଡ଼ିଗଲା ଉଚ୍ଛୁଳା ମରମଭାବରେ ଭିତିର ଖେଳୁଥିବା ଫେଣୁଆ ଦଳଦଳରେ, ଆପଣାଠୁ ଯେପରିକି ତାର ନିସ୍ତାର ନାହିଁ ।

"ଶୁଣ, ଛନ୍ଦା, ସେମିତି ହୁଅନାହିଁ । କାହିଁ—ମୁଁ କଣ କଲିକି ?—ଛନ୍ଦା—"

ସେଠୁ ଉତ୍ତର ନାହିଁ ।

ଆପଣାର ଗଢ଼େଇ ଉପରୁ ପରସ୍ତକୁ ପରସ୍ତ ଯେପରିକି ଖୋଲି ଖୋଲି ପଡ଼ୁଛି, ସେ ସରୁ ହୋଇଯାଉଛି, ଦୁର୍ବଳ ହୋଇଯାଉଛି, ଦୁର୍ବଳ ଖୋଳପା ଭିତରେ ଅତି ଥରି ଥରି ଗୋଟାଏ ବିବେକର ମର୍ତ୍ତି କେଉଁଠି, ସେ ରାଜନୀତିର ବଡ଼ପାଟିଆବାଦ ନୁହେଁ; ଖାଲି ମଣିଷର ଉଚ୍ଚାଟ ଡାକ, ଆର୍ତ୍ତି, କରୁଣ ।

ବାହାରେ ମହାନଗରୀ ଶୋଇଛି, କି ବୁଝିବ ସେ ଅତି ସାଧାରଣ ଜୀବନର ଆସ୍ତରଣ ତଳର ଏ ପାଣି ଫୋଟକାର ଭୁଟ୍‌ଭୁଟ୍‌କର ଗୋପନ ନାଟକ ? ଯାଦବ ବୁଝୁନାହିଁ, ଛନ୍ଦା ବୁଝୁନାହିଁ, ସେତିକି ବେଳପାଇଁ ବାହାରର ପରିବେଷ୍ଟନୀ ନାହିଁ, କେବଳ ଶୋଇଛି ।

ବିଚ୍ଛେଦର ଯବନିକା ଓହ୍ଲେଇଗଲା । ଛନ୍ଦାକୁ ସେହିପରି ଛାଡ଼ିଦେଇ ଯାଦବ ତାର ଭଙ୍ଗା ମନକୁ ଧରି ଧୀରେ ଧୀରେ ଲେଉଟି ଆସିଲା, ସଜାଡ଼ିବାକୁ ଚେଷ୍ଟାକଲା ନାହିଁ, ଭାବିବାକୁ ଚେଷ୍ଟା କଲାନାହିଁ, ପାଦ ତଳେ ଖାଲି ଘୁସୁରି ଘୁସୁରିକା ଗଳିଗଲା ତାର ଜୀବନର କେତେ ବର୍ଷ, ବାରଣ୍ଡାଟା ପାରି ହେଉ ହେଉ ସେ ବର୍ଷ ବର୍ଷର ବ୍ୟବଧାନ ଲମ୍ବେଇଦେଇ ଆସିଥିଲା, ଭୁଲିଯାଇଥିଲା ସଂସାରରେ କୈଫିୟତ୍ ବାଢ଼ି ମନ ବଦଳେଇବା ବୋଲି କିଛି ଥାଏ ।

Digitized by srujanika@gmail.com

ପରାଜୟକୁ ସେ ମାନି ନେଇଥିଲା, ଗୌରବରେ ନୁହେଁ—କେବଳ ଯାହା ଯେମିତି ଆସେ, ମଣିଷ ପରି ।

ଉଣେଇଶ

କିନ୍ତୁ ଛନ୍ଦା ସେଦିନର ଆଘାତକୁ ଟାଳି ଯାଇଥିଲା, ହେଲେ ହେଲା ପଛେ ସେ ଝିଅ, ସ୍ୱଭାବରେ ଅବଳା, କଲେଜ୍‌ର ବିଦ୍ୟାର ମାପରେ ନ ହେଉ ପଛେ ତାର ମୂଲ୍ କଷାକଷି, ସେ ଟାଳି ଯାଇଥିଲା । କାରଣ ସେ ବିଶ୍ୱାସ କରିଥିଲା, ନ୍ୟାୟର ବଳ ତାହାରି ପଛେ, ଆଦର୍ଶର ମଶାଲ୍ ତାହାରି ହାତରେ, ଆଉ ପାଖେ ଆୟୁଧ ନାହିଁ । ସେ ଶୁଣିଲା, କଲେଜ୍‌ରେ ଷ୍ଟ୍ରାଇକ୍ ଭାଙ୍ଗିଗଲା । ଅଳ୍ପ କେତେଜଣ ନଗଣ୍ୟ, ନେତାପଣରେ ଯାହାଙ୍କ ନା ଗଣତି ହୋଇ-ନାହିଁ, ସେହିମାନେହିଁ ନିଜ ଅଣ୍ଟା ଧରି କଲେଜ୍ ଛାଡ଼ି ଚାଲିଗଲେ ବେକାର ହୋଇ କୂଳି ବେଗାଡ଼ି ଖଟିବାକୁ । ପଢ଼ାରେ ମାରି ଦହିଲା କେତେ ଜଣଙ୍କର, ବୃତ୍ତିଟଙ୍କା ଅଭାବରୁ ନା କଟିଗଲା । କେତେଜଣ ପୁଣି, ଜୋରିମନା ଦେଇ ଭଲ ପିଲା ହେଲେ, କେତେ କେତେ କ୍ଷମା ମାଗି, ଅଞ୍ଚ ନିବାଜୁଣୁ ଦୋଷ ପାଳନ କରି, ପଦାରେ କହି ବୁଲିଲେ ବୀରତ୍ୱର ଗରିମା, ଯେ ତାଙ୍କର କିଛି କ୍ଷତି ହୋଇନାହିଁ, ତେଣୁ ସେମାନେ ଜିତିଛନ୍ତି । ସବୁ ଦିନ ପରି କଲେଜ୍ ପଢ଼ା ଚାଲିଲା, ଜିତିବାର ପ୍ରମାଣ କଣ ଜଣାପଡ଼ିଲା ନାହିଁ । ଦୂରୁ-ଦେଖାଳି ଛନ୍ଦାର କିଶୋର ପର୍ବର ଗୋଲିଅମାଳିଆ ସ୍ୱପ୍ନ ଉପରେ ଠାଏ ସ୍ୱାର୍ଥ ତାଳି ହୋଇଗଲା । କିନ୍ତୁ ତଥାପି ସେ ଦବିଲା ନାହିଁ, ଅଶା ଉଚ୍ଛ୍ୱାସର କାହାଣୀ ଶୁଣିଲା ବେଳେ କିର ଓଠ ସାମାନାରେ ବଙ୍କା ହୋଇ ରହିବା ତାର ଅଭ୍ୟାସ ହୋଇଗଲା, ସେ ବି ଅତି ଅଳ୍ପକେ, ଅତି ସାଧା-ରଣରେ ନିଜାରେ ପଡ଼େ ନାହିଁ ।

ସେହି ରାତିକ ପରେ, ଅତି ସକାଳୁ ଯେତେବେଳେ ଯାଦବ ତାର କିନ୍ନଷପଙ୍କ ରିକ୍ସାରେ ଲଦି ଗାଡ଼ିଟେଶ ଚାଲିଗଲେ, ଛନ୍ଦା ଦେଖିଥିଲା । ଦେଖିଥିଲା,

Digitized by srujanika@gmail.com

ସହରର କବିତା ସକାଳୁଆ ଅସନା ସ୍ରୋତରେ କେମିତି ଅସମ୍ଭବ ଦିଶେ । କିନ୍ତୁ ସେଦିନ ସେ ଯାଦବ ପଧାନ ଟେକ୍ସୀରେ ବସିଲା, ଯେଉଁ ମଣିଷ, ମଣିଷ ବୁହା ଗାଡ଼ିରେ ଚଢ଼ିବାକୁ କେତେ ଆପତ୍ତି କରେ, ସେତିକିବେଳୁ ଛନ୍ଦାର ଓଠରେ ବାଙ୍କ ରହିଗଲା । ତାପରେ ସେଦିନ, ବାପମା ଯେତେବେଳେ ଶୁଣିଲେ ଯେ ଯାଦବ ଚାଲି ଯାଇଛି, ଅନୁସନ୍ଧାନ କଲେ, ମୁନିଅାଁ ପ୍ରଶ୍ନରେ ଛନ୍ଦାର ଭିତରଟାକୁ ଫୋଡ଼ି ଫୋଡ଼ି ଦେଖିଲେ ବାରମ୍ବାର, ତାପରେ ତାଙ୍କର ଗମ୍ଭୀର ଚାହାଣି, କିଛି ନ କହି ବି ଦୋଷ ଦିଏ ବାରମ୍ବାର । ଛନ୍ଦାର ବଙ୍କା ଓଠ ଖୋଲେଇ ପରି ରହୁଥିଲା, ସେଇ ଥିଲା ତାର ନୀରବ ଉତ୍ତର ।

ଶୁଭ୍ରା ତାର ପରିବର୍ତ୍ତନ ଦେଖିଥିଲା, ଦେଖିଥିଲା ଉଚ୍ଛ୍ୱାସରେ ଯେ ତାଳମାରି ନାଚି ଉଠେ, ସେ ଗମ୍ଭୀର ହୋଇଛି, କଥା ତାର ଭଣ୍ଡାରି ଜଲାରେ ଯାଇଛି, ଦେଖିଛି, ମୁହଁରେ ଯାହାର ହସ ଜାଗା ପାଏ ନାହିଁ ତାର ତଳି ଓଠ ବଙ୍କା, ସେ ଆଖିର ମେଘ, ସେ କପାଳର କୁଞ୍ଚୁଡ଼ି ଶୁଭ୍ରାର ନଜର ଏଡ଼ି ପାରି ନଥିଲା, ନାରୀର ନିଜସ୍ୱ ମରମଭାବ କଳିବା ସୂକ୍ଷ୍ମ ସତ୍ତାକୁ ନାରୀର ମନରେ ଖୋଜି ଶୁଭ୍ରା ବୁଝିଥିଲା, ଉଚ୍ଛୁଳା ସୁଅ ଅମ୍ବି ଯାଇ ହୋଇଛି ଶାନ୍ତ ଗମ୍ଭୀର, ତାର ଗମ୍ଭୀରପଣ ନେଇଛି ସୌନ୍ଦର୍ଯ୍ୟ କମ୍, ହେଉଛି ଯାହାର ଆଉ ଫେରି ଆସିବ ନାହିଁ ।

“ଟାଣ ହେଇଗଲୁ ଛନ୍ଦା,” ହସି ଦେଇ ଶୁଭ୍ରା କହିଲା, “ସବୁଥିଲା ସବୁଦିନେ ଥିବୁ ନରମ ପୁତୁ ପୁତୁ, ତୋ ଦେଇ କାମ ହେବ ନାହିଁ । ହଠାତ୍ ତୁ ଆଗେଇ ଯାଇଚୁ ।”

“ଆଗେଇବା ମାନେ ଯଦି ଚୌକିଟା ଏଠୁ ନେଇ ସେଠି, ତେବେ ଆଗେଇଛି ମୁଁ ନିଶ୍ଚୟ ଶୁଭ୍ରାଦି ।” ଛନ୍ଦା ପ୍ରଶଂସାବି ମାନୁନାହିଁ ।

“ବେଶ୍” ଶୁଭ୍ରା କହିଲା, “ଉପରଟା ଟାଣ ହେବାହିଁ ଭଲ, ଅଉ ଯଦି କଣ୍ଟା ବାଜି ଚିରି ବି ଯାଏ ଦିଫଡା, ଅନ୍ତର ଭଲ ସେ । ଯେତେ ଚଞ୍ଚଳ ଫୁଲରୁ ଝଡ଼ପଡ଼ିବ ହଳଦିଆ ଧୂଳି, ଭଲ ସେତିକି, ଖରା କାକର ମେଘ ତୋଫାନ ଅଛି, ଧୂଳି ମାଖି ପାଉଁଲେଇ ହେବାହିଁ ଯଥେଷ୍ଟ ନୁହେଁ । ତେଣୁ କହୁଛି, ତୁ ଆଗେଇଚୁ ।”

Digitized by srujanika@gmail.com

"ଉହୁଁ ! ମୋଟେ ନୁହେଁ । ଯଦି ତୁମର ଦର୍ଶନହିଁ ଆଦର୍ଶ ହୁଏ ତେବେ ମୋର ବହୁତ ବାକି । ପାଦଦିଟା ଖୁର୍ ହେବା ଦରକାର, ଦେହର ଛାଲ ଗଣ୍ଡାରର, ଅଥବା ନହାତ କମ୍‌ରେ ଡକ୍‌ବାକ୍ ଓ୍ୱାଟରପ୍ରୁଫ୍, ମୁଣ୍ଡର ସୁନ୍ଦା ପରିବର୍ତ୍ତେ ଟାଣ ଟାଣ ଶିଙ୍ଗ ଦିଟା ଟାଣ ହେଲେ ମଣିଷ ଆଗୁଆ ମାଡ଼େ ନାହିଁ ଶୁଭ୍ରାଦି, ଗନ୍ଧ କମେ, ପ୍ରାଣ କମେ, ଆଉ ଫୁଲର ଯେ ସୁବାସ, ବଡ଼ ଷ୍ପେଲଟାଇଲ୍ ସେ, ଉଡ଼ିଯାଏ, ଖର୍ସାଙ୍ଗେ ଲଢ଼ିବାକୁ ବଢ଼େଇ ନକରେ ବୋଲି ଭାବ ନାହିଁ ତାର ବଳ ନାହିଁ ।"

ଶୁଭ୍ରା ଖାଲି ହସିଲା । ଏ ନିରାଶା ସେ ଦେଖିଛି, କବାଟଟା ଧଡ଼କିନା କିଳିଦିଏ, ଅଥଚ ଆପଣା ଉପରେ ରଖେଇ ଖବେଇ ହୁଏ, ମୋଟାମୋଟିରେ ଶେଷକୁ ତାର ବଳ ବଢ଼ିଯାଏ ।

କେବଳ କଥା ସେ—ଗ୍ରନ୍ଥରେ ପହିଲି ଦାଗ ତାର ସ୍ମାରକ, ଜୀବନ ନୂଆ ବାଟ ନେଇଥିଲା, ଆପଣା ଜୀବନରେ ସୁଷ୍ଟିଯଣ ବିଶ୍ୱାସୀ ପରେ ସମାଧି, ତାପରେ ପୁନର୍ଜନ୍ମ, ଲୁହା ଯୁଗର ବସ୍ତୁବାଦୀ ଦୁନିଆଁରେ ନୂଆ ଜୀବନ, ଅତୀତ କଥା ଭାବିଲେ ହସ ମାଡ଼େ । ତଥାପି ଆପଣାକୁ ଅଣ୍ଡାଳି ଅଣ୍ଡାଳି ଖୋଜିଲି ଆଦ୍ୟାପି ଦୀର୍ଘଶ୍ୱାସ ପାଇଁ ସେ କାରଣ ପାଏ, ଆପଣା ଅନୁଭୂତିରେ ଆଉ ଜଣକୁ ବୁଝିପାରି ଛନ୍ଦା ପାଇଁ ତାର ସହାନୁଭୂତି ବଢ଼ିଯାଏ ବହୁଗୁଣ, ବିଚରା ଛନ୍ଦାର ଆଶାଭଙ୍ଗ। ଅନ୍ଧବିଶ୍ୱାସଭଙ୍ଗ। ନୂଆ କଳେବର ଲାଗି ।

ଶୁଭ୍ରାର ନଜର ଅତୀତର ସ୍ମୃତି ମୁହଁରେ ବୋଲିଥିଲା ଦୁଃଖର କଅଁଳ ଛବି, ଦୂରର ସେ କ୍ଷୀଣ ପାଦଶବ୍ଦକୁ କାନେଇବାର ଭଙ୍ଗୀରେ ଥିଲା ବିବେଚିତା, ଅଧାଖୋଲା ଆଖିରେ ମିଟି ମିଟି ଚାହିଁ ଛନ୍ଦାର କାନ୍ଧରେ ହାତ ରଖି ବହୁତ ଭାବି ଶୁଭ୍ରା କହିଲା,

"ଉଠ୍ ଛନ୍ଦା, ଦୁଃଖରୁ ବଳ ନେ, ଭାବି ଭାବି ଭାଙ୍ଗି ପଡ଼ନା ।"

ଛନ୍ଦା ଉତ୍ତର ଦେଲା ନାହିଁ ।

ଏ ରାସ୍ତାରେ ଦିନେ ଆଉ ଯାଦବର ପାଦ ପଡ଼ିନାହିଁ ।

Digitized by srujanika@gmail.com

ଯାଉ, ଦୁନିଆଁରେ ଯାଦବ କିଛି ଏକା ନୁହେଁ, ସମସ୍ତ ସବୁଦିନେ ଖୋଜି ପଡ଼ିଛି ସେଖା ବୁଲିବା ଗୁଲିବା ପାଇଁ, ଏବଂ ଆଦର୍ଶମୟୀ ତରୁଣୀର ଅଖିରେ ସେ ମଣିଷଟିଏ ନୁହେଁ ଯାହାର ଆଦର୍ଶ ନାହିଁ, ଯେ ନିଜରୁ ଟଳି ପଡ଼ିଛି, ଯେ ବଙ୍କା, ଯେ ନଇଁ ପଡ଼ିଛି ।

ଛନ୍ଦାର ଫାଙ୍କା ଅବସରକୁ ଶୁଭ୍ରାର ଶିକ୍ଷା ଓ ଅନୁଶୀଳନ ପୂର୍ଣ୍ଣ କରି ରଖିଥିଲା, ଛନ୍ଦା ଦିନୁ ଦିନ ବଢ଼ି ଉଠିଥିଲା ବୟାଳିଶ ନମ୍ବର ଦଳର ଦୀକ୍ଷାରେ । ଗୁପ୍ତ ଚିଠି, ଗୁପ୍ତ ବୈଠକ, ଗୁପ୍ତ କାମ, ସବୁ ଗୁପ୍ତ ଏ ଦଳର ଏବଂ ଗୋପନୀୟତାର ସ୍ୱପ୍ନମୟ ଆକର୍ଷଣ ପାଇଁ ମଣିଷ ମନରେ ମୂଳରୁ ଥାଏ ପ୍ରବଣତା, ଶିଶୁକାଳରୁ, ଯେତେବେଳେ ସେ ମା ପିଠିରେ ମୁହଁ ଲୁଚାଇ ମା'ର ମୁହଁକୁ ଚାହିଁ ହସିଦେଇ ବାହାଦୁର ହୁଏ, ଅଥବା—ହାତଗୋଡ଼ ପାଇଲେ ଲୁଚକାଳି ଖେଳ ଖେଳେ । ବିଦେଶରୁ ଚିଠି ଆସେ, ଶୁଭ୍ରାଦ୍ର ଦେଖାଏ, ତାର ସରଳ ଅର୍ଥକୁ ସଙ୍କେତର ଗ୍ରନ୍ଥରେ ଖୋଲି ଫିଟାଇ ଦେଖାଇଦିଏ ତାର ପ୍ରକୃତ ଅନର୍ଥ ଅଥବା ଗୁପ୍ତ ପରମାର୍ଥ—ଚିଠିରେ ସାହସ ଆସିଛି, ଆଶାର ବଳ ଆସିଛି, ଖବର ଆସିଛି ବିଭିନ୍ନ ଦେଶରେ ବୟାଳିଶ ନମ୍ବର କର୍ମୀଦଳ ଲୁଚି ଲୁଚି କେତେ କାମ କରିଗଲେଣି । ସବୁ ସବୁ ଦୁନିଆଁଟା ଲାଲ୍ ହୋଇ ଜଳିଉଠେ ଚେତନାରେ, ହାତୁଡ଼ିର ମୁଣ୍ଡି ଧରି ଟାଣ ହୋଇ ଟେବୁଲରେ ମାଡ଼ ଦିଏ ଶୁଭ୍ରାଦ୍ରର ଯାନ ମୁଠାଟି, ତାର କ୍ଷୀଣ ତନୁ ସଙ୍କି ଉଠି ଚେଷ୍ଟା କରେ ଫୁଲି ଫୁଲି ପୃଥିବୀମଧ୍ୟ ବଢ଼ିଇ ହେବାକୁ, ସାପ ଅକ୍ଷି ପରି ସମ୍ମୋହନ ଶକ୍ତିରେ ପୂରି ଶୁଭ୍ରାଦ୍ରର ଆଖି ଛନ୍ଦାକୁ ମେସ୍ମେରାଇଜ କରିବାକୁ ଚେଷ୍ଟା କରେ, ଛନ୍ଦା ଆଁ କରି ରହେ, ଦେହ ଥରି ଉଠେ, ଶୁଭ୍ରାଦ୍ର ମୁଠି ଟେକି ଥରି ଥରି ଦାନ୍ତ ଚିପି ଚିପି ଚିତ୍କାର କରେ "ଅହ ଡେରି ନାହିଁ ଛନ୍ଦା, ଆଉ ଡେରି ନାହିଁ, ଆକାଶରେ ମାଡ଼ିଛି ବଜ୍ର, ପୃଥିବୀରେ ଚାଲିଛି ତୋଫାନ, ନିଷ୍ପେଷିତ ନିପୀଡ଼ିତ ଦୁନିଆର ଲାଲ୍ ରକ୍ତ ଜମାଟ ବାନ୍ଧିଛି ବନ୍ଧୁବର, କାନଡ଼େରି ଶୁଣ୍ ବିପ୍ଳବର ପଦ ଶବ୍ଦ, ହେଇ ସେ ଆସୁଛି ହେଇ ସେ ଆସୁଛି ।"

ଶୁଭ୍ରାର କଥା ଶୁଣି ଶୁଭ୍ରାର ପଛେ ପଛେ ଧାଇଁ ଛନ୍ଦା ସବୁ ସେ କାମ କରୁଛି, ସୃଷ୍ଟିକାରିଣୀର ଆନନ୍ଦରେ ତାର ମନ ଭରିଯାଏ, ଅକ୍ଷିରେ

Digitized by srujanika@gmail.com

ଗଙ୍ଗର ତେଜ ଆସେ, ହେଉ ପଛେ ସେ କାର୍ଯ୍ୟ ଖାଲି ଘରୁ ଘର ବୁଲି, ମଜୁରିଆ ପଲ୍ଲୀରେ, ଏବଂ ଗପ । ଶୁଭ୍ରା ଉଡାଏ, ମଡାଏ, ସହାନୁଭୂତି ଦେଉ ଦେଉ ଦରିଦ୍ରର ଘରଣୀର ମନରେ ଅଙ୍କି ଦିଏ ଅନୁଭୂତ, ଅତ୍ୟାଚାର, ଅନ୍ୟାୟର ଛବି, ମାଲିକ ତାକୁ ଫାଙ୍କି ମାରୁଛି, ତାର ବରକୁ ଫୁଲ ଶୁଙ୍ଘେଇ ପଶୁ କରି ରଖିଛି, ରକ୍ତ ମାଂସ ହାଡ଼ ସବୁ ଗୁଣ୍ଡା କରି ଶୋଷି ନେଉଛି ରସ, ତାରି ଲଭ, ତାରି ଟଙ୍କା । ଅଦେଖାରେ ରହି ତନ୍ତ୍ର ଭିଆଇ ଭାତ ଥାଳରୁ ବଡ଼ ଭାଗ ଝାମ୍ପି ନେଇଯାଉଛି । ଶ୍ରମିକର ଝାଳରେ ଧନର ସୃଷ୍ଟି, କିଏ ତ୍ୱେ ମହିଳେକ ସେ ଫାଉ ମାରି ନେଇ ପୋଲ ଖଡିସ୍ କରି ପୋପାଡ଼ ଦେଉଛି ମଣିଷଙ୍କୁ ? କାହାପାଇଁ ଏ ଘରେ ଚିର ଦାରିଦ୍ର୍ୟ, ରୋଗ, ଦୁଃଖ ? କାହା ନ୍ୟାୟରେ ଏ ଘରର ପିଲ ଜନ୍ମରୁ ମଲମୁଣ୍ଡିଆ ମୂଳିଆ, ହଳିଆ ?—ଅଭାବ ମେଣ୍ଟିବ ନାହିଁ, ପେଟ ପୂରିବ ନାହିଁ, ଦେହ ଲୁଚିବ ନାହିଁ, ଭୂତ ପାଇଁ ପରିଶ୍ରମ ଆଉ ନିର୍ଯ୍ୟାତନା ?

ଘରର ଘରଣୀ ଉଦାସ ହୋଇ ଶୁଣେ, ଆପଣା ଘରକରଣାକୁ ନୂଆ ଆଖିରେ ଦେଖେ, ଛିଣ୍ଡା ଦଦରା ଭଙ୍ଗା ଫୁଟା—ଧୂଳି ଧୂଆଁ ଅଳିଆ ଅସନା । ଦେଖେ ରୋଗିଣା ପିଲକୁ, ନାକରେ ଶିଂଘାଣି, ଛାତିରେ ହାଡ଼, ସରୁ ସରୁ ହାତଗୋଡ଼, ପେଟଟି ଫୁଲା । ଦେଖେ ଆପଣା ଦେହକୁ, ମଳି ନଖ, କେମ୍ପା ପାଦ, ଦେହସାକ ଖାଲ ଖାଲ ହାଡ଼ ହାଡ଼, ରୁକ୍ଷୁରା ମୁଣ୍ଡରେ ଉକୁଣୀ ବସା । ଛାରପୋକମୟ କନ୍ଥା ଓ ଛିଣ୍ଡାକନାର ସହାର ଉପରେ ବସି ସେ ପ୍ରଶ୍ନ ପଚାରେ ନିଜକୁ, ବରର ଦୁଃଖ ବୁଝେ—ସ୍ନେହ ଆଦରରେ କାନରେ ବାନ୍ଧି ହୋଇ କଅଁଳ ଅଖିରେ ତାର ମୁହଁକୁ ଚାହିଁ ବସିବା ଥିଲ ଯାହାର ତାରୁଣ୍ୟର ଅଳସ ଜୀବନ । ସେ ଆଜ ବଞ୍ଚିଛିକା, କାରଖାନାର ଗୋଟାଏ କଳ, ଧରୁ- ବେଳେ ତରତର ଫରଫର । ବୁଢ଼ିଆ ମୁହଁରେ ତମତମ ରାଗଅଛି, ସୁଆଗ ନାହିଁ, ଆଶାନାହିଁ, ଉଚ୍ଛ୍ୱାସ ନାହିଁ, ଭବିଷ୍ୟତ୍ ନାହିଁ, ଧନ କଟେଇବାହିଁ ଜୀବନର ଉଦ୍ଦେଶ୍ୟ ।

ଶୁଭ୍ରାକଥା କହେ, ଘରର ଘରଣୀ ହାତରେ ଗାଲ ରଖି ଆପଣା ଜୀବନକୁ ଅନ୍ତାଳେ, ଅତୀତକୁ ପ୍ରଶ୍ନ ପଚାରେ, କାହିଁ ? ଏମିତିତ ନଥିଲ

Digitized by srujanika@gmail.com

ତାର କଣ୍ଠର୍ । ନରମ ମାଟିରେ ଶରତର ଘାସ ପରି ଦେହରେ ଲାଗିଥିଲା ବଅସ; ନାକ ସଜପବନ ଶୁଙ୍ଘିଥିଲା, ଆଖି ସ୍ବପ୍ନ ଗ୍ରଧଆକାଶର ବିସ୍ତୃତ ଦେଖିଥିଲା, କଲାବେଣୀ ପରି ଦୂର ନଇତଡ଼ର କାଶତଣ୍ଡି ଫୁଲର ସ୍ବପ୍ନ ଦେଖିଥିଲା ହୃଦୟ, ଘାଗୁଡା ଚୋଟା ଉହାଡ଼ରୁ ସଙ୍ଗୀତର ମୁରୁଜ ବଣ୍ଣ ବଣ୍ଣ ବାଜି ଉଠିଥିଲା ଗାଇଅଲର ବଇଁଶୀ, ସେହିଥିଲା ଜୀବନର କଣ୍ଠର୍, ସ୍ବେ ନୁହେଁ ।

ଶୁଭ୍ରାର କଥା ଫଟା ଫୋପଡ଼ା ହାଣ୍ଡି ଭିତରେ ତୋଫାନ ପୂରାଇ ରଚେ ହାହାକାର, ଘରର ଘରଣୀ ଆଁ କରି ଶୁଣେ । ଶୁ ଭ୍ରା ଗପେ, ସଙ୍ଗ-ବାଦର ମନର ନାଦକୁ କେଞ୍ଚାମାରି ଡଡ଼ି ହେତୁବାଦର ଜାଗ୍ରତ ପଣେ । ଦୂରର ଦୃଷ୍ଟିକୁ କଡକ୍ ଅଣି ଥାପେ ଘଟନା ଉପରେ, ତୁଳନା କରେ, ଈର୍ଷାର ନିଆଁ ଜାଳି ଦିଏ । ଏହି ମାଲିକ, ଏହି ଧନକୁବେର, ଦେଖ ତାଙ୍କର ଐଶ୍ବର୍ଯ୍ୟର ସ୍ୱାଚ୍ଛନ୍ଦ୍ୟ, ଧନର କଳନା, କୋଠାବାଡ଼ି, ମଟରଗାଡ଼ି ଅସେସ୍ ମଉଛବ ।

କାହା ଧନରେ ? ଚଷିଙ୍କ ରକ୍ତ ଏକାଠି କରି ମାଠିଅରେ ସାଇତେଛି ଯେପରିକି ସ୍ତୁତିପଦ ସ୍ରବଣ । ଶୋଷିତ ଯେମାନେ, ପଦାଙ୍କପୁଷ୍ଟ, ଦେବେ ନାହିଁ ନେବେ,କରିବେ ନାହିଁ ଖାଇବେ । ଏଇଟା କଣ ଜଗତରେ ନ୍ୟାୟ ? ସର୍ବସ୍ୱାସ ଗୁଡ଼ ଭାଗ୍ୟକୁ ମୁଣ୍ଡ ନୋଇଁ ଅଭ୍ୟାସ ଅନୁସାରେ ଚଲ୍ତାର କବାଟ କାଇ ଦେବା ପୂର୍ବରୁ ଶୁଭ୍ରା ଶୁଣାଳିର ମନକୁ ଦଖଲ କରେ ବିପ୍ଲବର ଷଡ଼ଯନ୍ତ୍ରରେ । ବାଟ ବତାଏ, କହେ ଏକଜୋଟ ହୁଅ, ଅଣା ଦିଏ, କହେ ହାତକୁ ହାତ ଛନ୍ଦ ଠିଆହୋଇ ପାରିଲେଣି ଜଗତର ଅଗଣିତ ମଜୁରିଆ । ବଳଦେଇ କହେ ଜଗତଟା ଅମର, ଆମେ ଧୂଳିମାଟିର ମଣିଷ, ମନକଲେ ଜିତ୍ତିର ଛୁଡ଼ ପଡ଼ିବ, ଅଟକେଇବ ଶକ୍ତି କାହାର ?

ଆଶାର ବତୀ ଜାଳି ଜାଳି ବୁଲେ ଅନ୍ଧାର କୁଡ଼ିଅରୁ ଅନ୍ଧାର କୁଡ଼ିଅ । ଛନ୍ଦା ପଛେ ପଛେ ଥାଏ ।

"ଦେଖୁଛ ତ ଛନ୍ଦା," ଶୁଭ୍ରା କହିଲା, "କେଡ଼େ ଚଞ୍ଚଳରେ ଏଠି ବିପ୍ଲବର ମର୍ଜି ବୁଣି ହୁଏ । ପ୍ରଥମେ ନୂଆ ଲୋକ ପ୍ରତି ଘୃଣା, ବାବୁ ପୋଷାକପିନ୍ଧା ଧୋବଧାଉଳିଆଙ୍କ ପ୍ରତି ଅବିଶ୍ୱାସ; ସେ ମଧ ନୂଆ ନୁହେଁ,

Digitized by srujanika@gmail.com

ଚିରଦିନ ଅତ୍ୟାଗ୍ରହୀ ଦଳିତ ଜନ୍ତୁର ଆତ୍ମରକ୍ଷା ପାଇଁ ଫାଟିବାଉ, ତାଟି କବାଟ, ଆପେ ପ୍ରବୃତ୍ତିରୁ ବସେ, କେହି ଖିବଚନ୍ତ୍ର ବଥାଏ ନାହିଁ । ସେପରିକି ଠେଲି ଦେଲେ—କେଡ଼େ ସହଜ ଚେଣିକି ଛନ୍ଦା, ଆଖିରେ ଦେଖୁଚୁ ?"

"ସେ ତମର ବକ୍ତୃତାର ମୋହନ ଶୁଭ୍ରାଡ, ଆଉ କିଛି ନୁହେଁ ।"

"କେବେ ନୁହେଁ, କେବେ ନୁହେଁ, ତା ଯଦି ଥାଆନ୍ତା, ତେବେ ବହୁ ଦିନୁ ବହୁ ଲୋକଙ୍କ ଆତ୍ମାର ସଦ୍‌ଗତି ହୋଇସାରନ୍ତାଣି । ବାବୁ ଶ୍ରେଣୀ ହୁଅନ୍ତେଣି ବନ୍ଧ୍ୟାଳଣ ନମ୍ବର ଦଳର ପଣ୍ଡା ପଇଗମ୍ବର । କଥା ସେଠି ନାହିଁ, ଯହୁଁ ରୁ ପୂରୁଖା ହେବୁ, ତହୁଁ ରୁ ବୁଝିବୁ । ଖୋଳିଲ ପେଟରେ ଯେତେ ଚଞ୍ଚଳ ନଶା ଧରେ ପୂର୍ଣ୍ଣ ପେଟରେ ସେତେ ଚଞ୍ଚଳ ନୁହେଁ । ତାଛଡ଼ା, ଏଠି ଅଛି ମାଟି, ସେଠି ପଥର ।" ଛନ୍ଦା ହସିଲା, କହିଲା, "ତୁମେ ନିଜେ କେଉଁ ଶ୍ରେଣୀର ଶୁଭ୍ରାଦ ? ମାଟି ନା ପଥର ?"

ଦୁହେଁ ହିଁ ହସି ଚାଲିଲେ । ଷ୍ଟ୍ରାଇକ୍‌ର ଯୋଗାଡ଼ ପାଖେଇ ଆସୁଥାଏ । ଭିତରେ ମଜୁରିଆଙ୍କ ଗୁପ୍ତ ମିଟିଂ, ସେଠି କାଳ୍ପନିକ ଆଶାର ବକ୍ତୃତା, ଗୁପ୍ତ ପ୍ରତିଜ୍ଞାର ଶପଥ, ଅଳପ ଦିନପାଇଁ ମୁଠି ସଞ୍ଚୟ, ଚୂନା ସଞ୍ଚୟ, ଦିନରେ ଘରେ ଘରେ ଗୃହିଣୀମାନଙ୍କ ପାଖେ କାନକୁହା, ସେହି ଆଶା କଳ୍ପନାର ପୁନରାବୃତ୍ତି ଏବଂ ଅଭୟ ଦେବା କାମ । ଛନ୍ଦାର ମନ ଚଞ୍ଚଳ ଥାଏ ବଡ଼ ଘଟନା ଦେଖିବାକୁ । ଦେଖିବ, ଭାବିବ ପଚେ, କେହି କିଛି ନକହୁ ପଛେ, ଯେ ନାଁ ନ ପଢ଼ିଲେହେଁ ତାର ବି ଲାଗିଥିଲା ଏତେ ବଡ଼ ଷ୍ଟ୍ରାଇକ୍‌ରେ ।

କୁତୂହଳ ବଢ଼ି ଉଠୁଥାଏ, କିନ୍ତୁ ଘଟନାର ଦିନ ସ୍ମରଣ କରି ଆଶଙ୍କା ଉପୁଜେ, ସନ୍ଦେହରେ ମନ ଘାରେ ! ଏଇ ଶୁଭ୍ରାଦ, କେତେ ଦିନର ଚିନ୍ତା ବା ସେ ତାର ? କଣ ଏ ଶୁଭ୍ରାଦ ଅତୀତର ଇତିହାସ ? କଣ ତାର ବର୍ତ୍ତମାନ ? ଏ ମଣିଷଟିର ଭିତରର କଣ ଜାଣିଛି ଛନ୍ଦା ? ଏବଂ ତାର ଏ ମାର୍ଗ, ବନ୍ଧ୍ୟାଳଣ୍ ନମ୍ବର ଦଳର ଉପାସ୍ୟ ପନ୍ଥା—ସତେ କଣ ସେ ଅଭୀଷ୍ଟ— ସିଦ୍ଧ କରିବ ଭାରତର ବାତାବରଣରେ ? ଏଡ଼େ ବଡ଼ କଳକାରଖାନା, ଏତେ

Digitized by srujanika@gmail.com

ଶ୍ରମିକ ସ୍ୱାର୍ଥରେ । ସେହି ଛାବିକା ଉପରେ ନିର୍ଭର କରି ପ୍ରତ୍ୟେକେ ନିଜ ନିଜର ପରିଜନଗଣାର ହୁଲଡ଼ଙ୍ଗା ଭସେଇ ଚାଲିଛନ୍ତି । ହାତର ବଳ ଛଡ଼ା ଅନ୍ୟ ଧନ ନାହିଁ, ସତେ ସେମାନେ କାମ ବନ୍ଦକରି ଅଡ଼ି ବସିବେ ଦିନ ଦିନ ମାସ ମାସ । ଯଦିବା କଲେ, ସାମାନ୍ୟରେ ମଜୁରି ବଢ଼ିବ ହୁଏ ତ, ସେତିକି ପାଇଁ ଏତେ ଗଣ୍ଡଗୋଳ ? କିନ୍ତୁ ଶୁଭ୍ରାର ଆଦର୍ଶ ଭିନ୍ନେ, ଶ୍ରମିକର ରାଜ୍ୟ ହେବ, କଳ ତାର, ଦେଶ ତାର । ଏମିତି ଏଠି ଅଡ଼ାଅଡ଼ି ଘୁଷାଘୁଷିରେ ସତେ ଓଲଟି ପଡ଼ିବ ଯୁଗ ଯୁଗର ସ୍ଥିତିବାନ ପୁଞ୍ଜିବାଦୀ ସମାଜର ସଂଗଠନ ?

କିନ୍ତୁ ସତ୍ୟ ବୋଲି ମନ ଯାହାକୁ ଗ୍ରହଣ କରିନେଇଛି ତାହା ଆଗରେ ସବୁ ଆଶଙ୍କା, ସବୁ ଅବିଶ୍ୱାସ ଉଇଁ ପୁଣି ଅସ୍ତ ହୁଏ । ଛନ୍ଦା ସ୍ତବେ, ସତ୍ୟର ପଥ ଦୂର, ତେଣୁ ବାଧାବିଘ୍ନ ଅଦର୍ଶଠୁ ବଡ଼ ଦିଶେ, କିନ୍ତୁ ସତ୍ୟହିଁ ଚରମ । ସେହି ସତ୍ୟ ଯଦି ହୁଏ ଶ୍ରମୀ ମଜଦୁରର ରାମରାଜ୍ୟ, ତେବେ ସେଠିକି ପହଞ୍ଚିବାର ସବୁ ଉପାୟ ଠିକ୍, ଯେତେହେଉ ମୂଳ ମୂଳର ଭୁଲ୍ ବା କ୍ଷତି । ଉପାୟରେ ସତ୍ୟର ଆଦର୍ଶ ସେ ସ୍ୱୀକାର କରେ ନାହିଁ, କହେ ଉପାୟ କେବଳ ଯନ୍ତ୍ର ତାର ପରଖ ଦେବ ତାର କାର୍ଯ୍ୟ କୁଶଳତା, ତାର ଉପାଦାନର ବସ୍ତୁ ଲୁହା ହେଉ କି କାଠ ହେଉ, ସେ ବସ୍ତୁର ଉପାୟର ପରଖ ନୁହେଁ ।

ସଞ୍ଜ ପାଖ ହେଲା, ବୁଲିସାରି ଫେରିବା ବେଳ । ମଜୁରିଆ ପଲ୍ଲୀର ଛକ ପାଖେ ଉଠାଣି ରାସ୍ତାବାଟେ ତାର ହାତ ଝାଂକିନେଇ ଶୁଭ୍ରା କହିଲା, "ଆ, ହେଇ ଦେଖ୍ ।"

ଅନ୍ଧାର ହେବା ପୂର୍ବରୁ ଅସ୍ୱାଭାବିକ ପ୍ରକାରେ ନାଲି ହୋଇଯାଇଛି ଆକାଶ, ଗୁଣ୍ଡି ଗୁଣ୍ଡି ଝୋପି ଝୋପି ଚଢ଼େଇ ଉଡ଼ି ଯାଉଛନ୍ତି ସେହି ଅସୀମ ବିସ୍ତୃତିର କ୍ଷଣଭଙ୍ଗୁର ସୀମା ରଚି ରଚିକା । ତଳେ ଦୂରରେ କେ. ଡି. ଦାସଙ୍କ ବିରାଟ ଫ୍ୟାକ୍ଟରି ଉପରକୁ ଉଦ୍ଧତ ମୁଣ୍ଡ ଟେକି ରହିଛି ତୈମୁରଲଂ ପରି । କୁତବ୍‌ମିନାର ପରି ଚିମ୍ନିରୁ ବସୁବସୁମ୍ ଧୂଆଁ, ହଳଦିଆ ମୁଗୁରି ଦିଶୁଛି ବଡ଼ ବଡ଼ କୋଠା, ଧକ୍ ଧକ୍ ଘଡ଼୍ ଘଡ୍ ଶବ୍ଦ ଗମ୍ଭୀରହୋଇ ମାଡ଼ି

Digitized by srujanika@gmail.com

ଅସୁସ୍ଥ ପବନ ଦୁଲୁକେଇ, ଏଣେ ଜଙ୍ଗାଜଙ୍ଗ ମଜୁରିଆ ପକ୍ଷୀ, ଗୁଳକୁ ଗୁଳ ଲଗାଲଗି। ସତେ ଯେପରି ଲୁଚିବାପାଇଁ ନଇଁ ପଡ଼ୁଛି ମାଟିରେ ଛପିବାକୁ, ତଥାପି ତାର ଲଜ୍ଜା ଲୁଚୁନାହିଁ, ଅଲୁଗ୍ନ ଦୁନିଆଁରେ ସବୁ ଯେପରି ରହେ ସେପରି ସେ ବି ରହିଛି, ତାର ଦାରିଦ୍ର୍ୟର ବର୍ମ ନାହିଁ।

ନୀରବହୋଇ ଦୁହେଁ ଠିଆହୋଇ ରହିଲେ, ମୁଣ୍ଡପାତ ଗ୍ରହଣ କରି ଲଗିଲେ ନିରର୍ଥକ ଅଡୁଆ ଝିଅର ଗୋଳମାଳିଆ ଦୁନିଅରୁ ସରଳହୋଇ ଗୋଟିଏ କଣ୍ଟୁ ଅର୍ଥ, ଦିନାନ୍ତର ସନ୍ଧ୍ୟା ଯୋଗାଇଛି ତାର ମଲ୍ଲିନାଥୀ ଭାଷ୍ୟ, ଆସନ୍ନ ଅନ୍ଧାର ତାର ବିନ୍ୟାସ।

ଯେପରି ଦୁହେଁ ଏବେବେଳେକେ ସ୍ପନ୍ଦିତ ହେଉଛନ୍ତି ଜଗତର ସବୁ ଦୁଃଖୀ, ଦରିଦ୍ର, ମଜୁରିଆଦିଲଙ୍କ କରୁଣ ଜୀବନର କଳା ହତାଶାରେ। ଅତି ଗଭୀର ସେ ଅନୁଭୂତି, ଭାଷାଠୁ ବହୁତ ଉଚରେ, ସେଠି ଭାଷା ନାହିଁ।

ତାରୁଣ୍ୟର ପ୍ରତୀକ ସେ ଦୁହେଁ ସେହି ବେଳାରେ, ତାରୁଣ୍ୟ, ଯେ ନିଜର ଟିନ୍‌ଟ୍ରଟ୍ ଭୁଲିଯାଏ, ପରର ଦୁଃଖକୁ ଆପଣାର କରେ, ପରଠୁ ବେଶୀ ଖୋଜେ ଆଶୁ ପ୍ରତିକାର, ଛଟପଟ ହୁଏ, ବାଟ ଭୁଲ୍ କରେ—ସେହି ଭୁଲ ତାର ବିଜୟ, କାରଣ ଭୁଲ୍ ହେଉ ଭଲ ହେଉ ସେ କିଛି ହେଲେ କରେ; ଅନ୍ୟମାନେ ଠିକଣା ଭାବନ୍ତି, ଭୁଲ୍ କରନ୍ତି ନାହିଁ, କିଛି କରନ୍ତି ନାହିଁ।

"ଏଇ ଜୀବନ !" ଶୁଭ୍ରା କହିଲା।

ଛନ୍ଦାର ଓଠ ଥରିଲା, ସେ କିଛି କହିଲା ନାହିଁ।

ଧୀରେ ଠିଆ ହୋଇଛି ଆସି ଝଣ୍ଡେ ଗ୍ରେଟ ମଟରଗାଡ଼ି, ସେ ବେଗର୍ ବଡେଇ କରେ, ଶବ୍ଦର ବଡେଇ କରେ ନାହିଁ। ପଛଆଡୁ ସମ୍ଭାଷଣ, "ନମସ୍କାର।"

ଚମକି ପଡ଼ିଲେ ଦୁଇ ବନ୍ଧୁ। ଜଣେ ମୋଟା ଭଦ୍ରଲୋକ, ଅତି ଟେଳା ଅତି ପାତଳ ସିଲ୍କ୍ ପଞ୍ଜାବୀ, ଆଙ୍ଗୁଠିରେ ଦଶଟା ଜକ ଜକ ପଥରବସା ମୁଦି, ହାତରେ ଜଳନ୍ତା ସିଗାରେଟ୍‌ର ଭଙ୍ଗୀରେ ବେପରୁଆ ଉଦ୍ଧତପଣ। ମଣିଷ କିନ୍ତୁ ପରସ୍ପରକୁ ନରେଖି ଦେଖିଲେ ଜନ୍ମର ଶତ୍ରୁ ଗୁହାଣିରେ।

Digitized by srujanika@gmail.com

'ମତେ ଚିହ୍ନି ପାରୁନାହାନ୍ତି ? କି ଆଶ୍ଚର୍ଯ୍ୟ ! ଯିଏ ଆଗରୁ କେତେଥର ଯେ ଦେଖାଦେଖି । କିନ୍ତୁ ମଣିଷର ସ୍ମୃତି ଠିକ୍ ପାଣିର ଗାର ପରି, ସେଇତ ଦୁନିଆଁର ଦୁଃଖ ।"

"ଆପଣଙ୍କୁ ଯିଏ ପୂର୍ବରୁ ଦେଖିଲି ପରି ମନେ ହେଉନାହିଁ । ହଉ ନମସ୍କାର ।" ଶୁଭ୍ରା ସବୁଦିନ ପରି ଚଟୁଳ ମାତ୍ର କବାଟ ହୋଇ ଛନ୍ଦାକୁ ଉଢ଼୍ଆଲ କଲା ।

ଭଦ୍ରଲୋକ ହସିଲେ, କହିଲେ "ଦେଖିଛନ୍ତି । ଦେଖିଛନ୍ତି । ଅନେକ ଥର । ହଉ ସେ କଥା ଛାଡ଼ନ୍ତୁ । ନଦେଖିଲେ ବା କଣ ହେଲା, ସାତ ପଦ କଣ ହୋଇନାହିଁ ଯେ ଚିହ୍ନା ବାକି ଅଛି ? ମନୀଷିଣାଂ ସାପ୍ତପଦୀନଂ ଉଚ୍ୟତେ । ଏବଂ ଅନ୍ୟଥା ଭାବି ଶଙ୍କିତା କରିବାର କୌଣସି କାରଣ ନାହିଁ, ଯେହେତୁ ଆମେ ମନୁଷ୍ୟ ଏବଂ ମନୁଷ୍ୟ । ମନୁଷ୍ୟ ସହିତ କଥାଭାଷା ହେବାର ଅଧିକାର ଅଛି, ନା ଆପଣମାନେ ତା ବି ମାନନ୍ତି ନାହିଁ ?"

ଦୁଇ ବନ୍ଧୁ କୁତୂହଳୀ ହେଲେ । ଶୁଭ୍ରା କହିଲା, "ଯାହାହେଉ ଗୋଟିଏ ପରିଚୟ ଖୁବ୍ ପରିଷ୍କାର ଭାବେ ମିଳିଗଲା ଯେ ଆପଣଙ୍କର ସଂସ୍କୃତ ସାହିତ୍ୟ ପ୍ରତି ଖୁବ୍ ଶ୍ରଦ୍ଧା ଅଛି ଏବଂ ଆପଣ ସଂସ୍କୃତରେ ଖୁବ୍ ଜ୍ଞାନୀ ।"

କରୁଣ ହୋଇ ଚୁନିଲାଲ୍ ଅଗରୱାଲ ହାତ ଯୋଡ଼ି କରପଟିଆ ଚାହିଁ କହିଲା, "ଭଗବାନ କ୍ଷମା କର ଏମାନଙ୍କୁ, ଏମାନେ ଜାଣନ୍ତି ନାହିଁ ।" ତାର ଭଙ୍ଗୀ ଦେଖି ଦୁହେଁ ହସ ରୋକଲେ । ଚୁନିଲାଲ କହିଲା, "ଦେଖନ୍ତୁ, ମୁଁ କଣ ସଂସ୍କୃତ ପଣ୍ଡିତ ପରି ଦିଶୁଛି ? କାହିଁ ମୋର ଲମ୍ବା ମୁଣ୍ଡା, ମୋର ଚୁଟି, ମୋର ଚଟା, ମୋର ମାଳ, କାହିଁ ସେ ସଂସ୍କୃତର ସନ୍ତକ, ମନର ସେ ସୌମ୍ୟ, ଆଖିର ସେ ପବିତ୍ର ଟୋ' ଦୃଷ୍ଟି । ମୁଁ ଯେ ପଢ଼ିଛି, ଏଣୁ ତ କାଶୀ-ବାବୁ ବରାବର କହନ୍ତି, ଗଧ, ତୁମଦେଇ ସଂସ୍କୃତ ହେବନାହିଁ, ଅଥଚ ଆପଣ—ଆପଣ ଧରିନେଲେଣି ଯେ ମୁଁ କାଶୀ ପଣ୍ଡିତ—କଣ୍ଠାଂସନ୍ତି ନିଗୁଣାଃ । ମୁଁ ବିଦ୍ୟାସାଗର, ମୁଁ ଭଟ୍ଟାଚାର୍ଯ୍ୟ, ମୁଁ ସିଦ୍ଧାନ୍ତଚନ୍ଦ୍ରିକା—"

ଛନ୍ଦା ଓ ଶୁଭ୍ରା ଦୁହେଁ ହସି ହସି ଗଡ଼ିଲେ । ଆପଣାକୁ ସଂଯତ କରି ଶୁଭ୍ରା କହିଲା, "ଦେଖନ୍ତୁ, ଆପଣଙ୍କ ଅଭିନୟ ବଡ଼ ଚମତ୍କାର, ତାର ପ୍ରମାଣ

Digitized by srujanika@gmail.com

ତାର ଫଳ । ଆମେ ଅଚହ୍ନା ହେଲେହେଁ ଆପଣ ଆମକୁ ହସେଇ ହସେଇ ଗଢ଼େଇଦେଲେ । ଆପଣା ପର ଭେଦ ଆପଣଙ୍କ ଅଭିନୟ କାଳରେ ଆଦୌ ନାହିଁ । ହଉ, ଆଳାପ ହୋଇ ବେଶ୍ ହେଲ, ଏଥର ଆମେ ଯାଉ, ନମସ୍କାର ।"

"ଆପଣା ପର ଭେଦ କଣ, ତାହା ମୋର ଅଭିଧାନରେ ନାହିଁ । ମୁଁ ଆପଣାକୁ ଦାନ କରିସାରି କରି ପରକୁ ଆତ୍ମସାତ୍ କରେ, ଏହି ଯେପରି ଆପଣଙ୍କ ବହୁମୂଲ୍ୟ ସମୟ୍ଟକ । କିନ୍ତୁ ମୋର ସହନାହିଁ, ଆତୁର ବାକି ଅଛୁ, ମତେ କହିଲେ ଅଭିନୟକୁଶଳ ବୋଲି; କିନ୍ତୁ ମୁଁ ପଚାରୁଛୁ, ମନରେ କିଛି ଭାବବେ ନାହିଁ—ଆପଣଙ୍କ ସୁକୋମଳ ଜୀବନରେ କଣ କେଉଁଠି କେବେ ଆଘାତ ଲଗିଛି ?"

ହସର ତୁଳା ଶେଯ ଭିତରେ ଠାଏ ଯେପରି କଣ୍ଟା ମୁନିଆଁ ହୋଇ ଥାଇ କଣ ଗୋଟିଏ ଶୁଭ୍ରାର ମେରୁଦଣ୍ଡ ପାଖେ ଗ୍ରନ୍ଥିକନା ଗବ ଗଲ, ଶୁଭ୍ରା ଚମକିଲ, ରାଗ ନଲୁଚାଇ ହାଣିଲ ପରି ପଚାରିଲ, "ସ୍ୱା ମାନେ ? ହଠାତ୍ କାହିଁକି ଏ ବ୍ୟକ୍ତିଗତ ପ୍ରଶ୍ନ ?"

"କାରଣ ହୃଦୟରେ ଆଘାତ ନ ଲଗିଲେ ମଣିଷର ସରଳ ବିଶ୍ୱାସ ଭାଙ୍ଗେ ନାହିଁ, ସେ ପର୍ଯ୍ୟନ୍ତ ସେ ଭାବେ ନାହିଁ ଦୁନିଆଁଟା ସୁନ୍ଦର ଅଭିନୟ, ସବୁ ମିଥ୍ୟା, ସମସ୍ତେ ଙ୍କପ୍ରଣ, ସବୁରି କଥାରେ ଦୁରଭିସନ୍ଧି ଇତ୍ୟାଦି—।" ଶୁଭ୍ରା ଚେଷ୍ଟା କରି ହସିଲ, କହିଲ, "ଅର୍ଥାତ୍ ଆପଣ ଜଣେ ଦାର୍ଶନିକ ।" ଛଦ୍ମ ମୌନ ରହି ବିଶ୍ଳେଷି ଦେଖୁଛି ଏହି ଅବାନ୍ତର ଅଥଚ ଆନ୍ତରିକ ଲୋକଟିକୁ, ଉପରେ ପଡ଼ି କଥା ଯୋଡ଼ି ଯୋଡ଼ି ସେ କେତେଦୂର ଆଗେଇ ଗଲଣି । ଅନୁମାନରୁ ଜଣାପଡ଼ୁଛି ସେ ଆକସ୍ମିକ ନୁହେଁ, ଜାଣିଶୁଣି କଥା ହେବାକୁ ଆସୁଛି ଏବଂ ତାର ଉଦ୍ଦେଶ୍ୟ ମଧ୍ୟ ସନ୍ଦେହର ବସ୍ତୁ, କାରଣ ପ୍ରକୃତ ଉଦ୍ଦେଶ୍ୟକୁ ଦୂରରେ ରଖି ଅଠର ବାଙ୍କରେ କଥା ବାହି ନେବାକୁ ସେ ସମସ୍ତ ରଖିଛି ।

ସେ ଉତ୍ତର ଦେଉଛି, "ଦାର୍ଶନିକ ! ଆପତ୍ତି ନାହିଁ । ଦାର୍ଶନିକର ଅର୍ଥ ଯଦି ହୁଏ ସତ୍ୟବାଦୀ ମହାପୁରୁଷ, ସେ ମୁଁ । ଖୁସି ହେଲେତ ? ତେବେ

Digitized by srujanika@gmail.com

ହସନ୍ତୁ । ଦାର୍ଶନିକ ଦେଖେ, ତେଣୁ ସେ ହସିପାରେ, ହସିଲେ ଜୀବନର ସବୁ ଦୁଃଖ ଦୂର ହୁଏ, ସବୁ ଈର୍ଷା, ସବୁ ହିଂସା ପାଣି ଫାଟିଯାଏ । ଗୁଡ଼ନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଆପଣମାନେ ଏସବୁ ଜାଗାକୁ ଆସନ୍ତି କାହିଁକି ?"

ଛନ୍ଦା ହସିଦେଇ ପଗ୍ଭରିଲା "କାହିଁକି ? କଣ ମନା ଅଛି ?"

"ମନା !" ଚନ୍ଦ୍ରନାଥ ଦ ଆଖି ଖୋଷିଦେଲା, କହିଲା "ମନା କରିବାକୁ ଶକ୍ତି କାହାର ! କିନ୍ତୁ ସହରତଳିଟର ଏପରି ନଅଁଚ୍ଛୁଣା ପଲ୍ଲୀରେ ଆପଣମାନଙ୍କୁ ଠିଆ ହୋଇଥିବାର ଦେଖି ମତେ କେମିତି ବଡ଼ କେମିତି କେମିତି ଲାଗିଲା । ମାନେ ଯେ ଯେଉଁଠିକୁ ନୁହେଁ, ତାକୁ ସେଠି ରଖିଲେ ସଂସାରର କିଛି ଉପକାର ହୁଏ ନାହିଁ ।"

ଛନ୍ଦା ପଛେଇ ଗଲା ।

ଶୁଭ୍ରା କହିଲା, "କିନ୍ତୁ ଆପଣ ଦେଖିଛନ୍ତି, ଏଠୁ ସୂର୍ଯ୍ୟାସ୍ତ କେତେ ସୁନ୍ଦର ଦଶେ—"

"ସୂର୍ଯ୍ୟାସ୍ତ ଅନେକ ଜାଗାରୁ ଦଶେ ଆହୁରି ସୁନ୍ଦର ।"

"ତା ହୋଇପାରେ, କିନ୍ତୁ ସମସ୍ତିଙ୍କର ସୌନ୍ଦର୍ଯ୍ୟବୋଧ ସମାନ ନୁହେଁ ।"

"କିନ୍ତୁ ବିପଦର ଧାରଣା ପ୍ରାୟ ସମାନ ।"

"କି ବିପଦ ?"

"ମଦୁଆ ଫେରିବା ବେଳ, ମଦୁଆ ମଦପିଇ ଫେରିଲେ ବେଳେ ତାର ହୋସ୍ ନ ଥାଏ, ମଜୁରିଆ କାମ ସାରି ଫେରିଲା ବେଳେ ତାର ଧୈର୍ଯ୍ୟ ନ ଥାଏ । ସେ ଅଶାନ୍ତ, ସେ ନିଜକୁ ଭାବେ ଅତ୍ୟାଗ୍ଭରିତ, ସେ ଉପରୋଧ ରଖିବ ନାହିଁ ।"

ଶୁଭ୍ରା ହସିଲା, "ଆପଣ ଆପଣଙ୍କେ ଗାଡ଼ିକି ନେଉଛନ୍ତି ଯାଆନ୍ତୁ, ବିପଦର ଧାରଣା ବି ସମସ୍ତିଙ୍କର ସମାନ ନୁହେଁ ।"

"ଅନୁରୋଧ କରିପାରେ ? ଆଉନ୍ତୁ ଆପଣମାନଙ୍କୁ ଗ୍ଭଡ଼ି ଦେଇ ଆସିବ ।"

Digitized by srujanika@gmail.com

"ଧନ୍ୟବାଦ ।" ଶୁଭ୍ରା ଛନ୍ଦାର ହାତ ଧରି ଚାଲିପଡ଼ିଲା ।

ଚୁନିଲାଲ୍ ପଛରୁ ଡ଼ାକି କହିଲା, "ମନେ ରଖିବେ, ଏଠି ବିପଦ ଅଛି, ଏସବୁ ଜାଗା ଆପଣମାନଙ୍କ ପାଇଁ ନୁହେଁ ।"

କେହି ଉତ୍ତର ଦେଲେ ନାହିଁ । ଦୁଇ ବନ୍ଧୁ ଚାଲିପଡ଼ି ତାର ଗାଡ଼ି ଆଡ଼କୁ ଚାହିଁଲେ । ଚୁନିଲାଲ ଗାଡ଼ିରେ ବସୁଛି । ଛନ୍ଦା ଏକା ଅଖିରେ ଅନେଇ ଦେଖୁଛି ଗାଡ଼ିରେ ବସିଛି ଆଉ ଜଣେ—ମାଡବ ପଧାନ । ଗାଡ଼ି ଚାଲିଗଲା । ଛନ୍ଦାର ମୁହଁ କଳାକାଠ ପଡ଼ିଗଲା, ମୁଣ୍ଡ ଘୂରିଗଲା । ଟଳିଲା ଛନ୍ଦାକୁ ହାତୁଆ ହାତରେ ଧରି ପକାଇ ଶୁଭ୍ରା ପଚାରିଲା "କଣ ହେଲା ଛନ୍ଦା, ସେଇ ଲୋକ-ଟାର ଧୂଆଁ ବାଣ ତୋର ମୁଣ୍ଡରେ ବାଜିଲାକି ?"

ଛନ୍ଦା ନିଜକୁ ସମ୍ଭାଳି ନେଲା ଯାହାହେଉ, ଶୁଭ୍ରା ଦେଖିନାହିଁ । ଅଖିପୋଛି କହିଲା, "ଦେହଟା ଅସୁସ୍ଥ ହେଲା ବୋଧହୁଏ, ଚାଲ ଫେରିଯିବା ।"

"ରକ୍ଷାକର, ଭାବିଲି ବା ସେ ଲୋକଟାର କଥା । ବଡ଼ ଷ୍ଟ୍ରାଇକ୍ ଆସୁଛି, ଏପରି କେତେ କଥା ଦେଖିବାକୁ ପଡ଼ିବ । ଜଣାପଡ଼ିଲା ଯେପରି କି ସେ ଲୋକଟା ଆସିଥିଲା ଆମକୁ କୋକୁଆ ଭୟ ଦେଖାଇବାକୁ ।"

ଦିନ ଆଲୁଅ ଝିକିମିକି ସରି ସରି ଅଳ୍ପ ଧାସେ ମାତ୍ର ଥିଲା । ଛନ୍ଦା ଭାବିଲା, ଆଲୁଅ ନିଭି ଯାଉଛି ।

କୋଡ଼ିଏ

ମୋହ ପରି ଭୁଲେଇ ଦଏ, ରୋଗ ପରି ଦୁର୍ବଳ ଲାଗେ, ହୃଦରେ ଶାନ୍ତି ହିଏ, ସ୍ୱପ୍ନରେ ଆଣେ ପରିଚୟ, ତେଣୁ ଉଠି ଚାରିଆଡ଼ ଅନ୍ଧକାରଦେଖିଲାବେଳକୁ ଲାଗେ ଦୁର୍ବଳ—କି ଦୁର୍ବଳ ! ମୁଣ୍ଡ ଘୂରିଯାଏ ।

Digitized by srujanika@gmail.com

ଆଖି ବୁଜି ପର ଆଶ୍ରାରେ ପଡ଼ିବାକୁ ମନ ବ୍ୟାକୁଳ ହୁଏ—ଜୀବନର ଯେଉଁସବୁ ଜାଅନ୍ତା ଦାୟିତ୍ୱ—ଭାଲିବା, ଦେଖିବା, ଭାବିବା ସେଗୁଡ଼ାକ ପରର ଇଚ୍ଛା ଉପରେ ଛାଡ଼ିଦେଇ ଦିନ ବଞ୍ଚିବାକୁ ମନ ଖୋଜେ । ବେଳେ ବେଳେ ଯେତେବେଳେ ଚେତନା ଫେରି ଥାଏ, ମନରେ ପଡ଼ୁଥାଏ ଅଳ୍ପ, ଯାଦବ ପଧାନ ନିଜ ଅବସ୍ଥାରେ ଗୋଟାଏ ମୋଟାମୋଟି ଧାରଣାଙ୍କ ସମାଲୋଚନା କରିଦେଇ ଭାବେ ବେଗ ହେଲଣି ।

ସେପରି ଭାବିଲେ ଏକପ୍ରକାର ଆନନ୍ଦ ଆସେ । କାରଣ ବେଗର ନିଦାନ ବୋଲି ସେ ମନକୁ ମନ ଧରିନିଏ କେତେଗୁଡ଼ିଏ କାରଣ, ଯେ ସେ ପାଠ ପଢ଼ିବାରେ ଖୁବ୍ ପରିଶ୍ରମ କରୁଛି, ରାତିରୁ ଉଠି ଲାଗିପଡ଼ୁଛି, ତାର କଠୋର କର୍ତ୍ତବ୍ୟନିଷ୍ଠା—ଶଙ୍କର ବା ପାଉଣ୍ଡେନ୍ ବାର୍ଟିଂ ବା ସାଧସେବ୍ । ଏବଂ ସେ ଭାବେ ଦେଶପାଇଁ ଗଣପାଇଁ ସେ ଖୁବ୍ ପରିଶ୍ରମ କରୁଛି । ନିଜେତ ଭାବୁଛି ଖୁବ୍, ପରର ଧାରଣା ବଦଳାଉଛି, ପୁଞ୍ଜିପତିଙ୍କ ମନକୁ ତରଳେଇ ଦେଉଛି, ତେଣେ ମଜ୍‌ଦୁରମାନଙ୍କୁ ରକ୍ଷା କରୁଛି ଆସନ୍ନ ବିପଦର ମୁହଁରୁ । ଏତେ କଲେ ଦେହଯାଏ, ସେ ଦିବାରେ ଖୁବ୍ ଗୌରବ ଅଛି ।

କିନ୍ତୁ ଏତେବଡ଼ ବଳିଷ୍ଠ ଧାରଣାକୁ ମନ ଦବୁବେଳେ ଧରି ରଖିପାରେ ନାହିଁ । ବେଳେବେଳେ ବାଡ଼ ହାତରୁ ଖସିଯାଏ, ଯଥା ଏ ମୁହୂର୍ତ୍ତିରେ, ଛନ୍ଦା ଓ ଶୁଭ୍ରାକୁ ସେ ଦେଖିଛି । ଦନ୍ଦ୍ର ଗଣମେଳରେ ଗୋଟିଏ ଶୂନ୍ୟ ଆସନର ପରିକଳ୍ପନା । ତାର ଦେହ ଶୀତେଇ ଦେଇଛି, ସହିଯାଇଥିବା ଗୋଟାଏ ସାନ କଡ଼ର ଦୃଶ୍ୟ, କେବଳ ସେ ପୁଣି ଅକସ୍ମାତ୍ ଦେଖା ।

ତାପରେ ବେଗ ଫେରିଆସିଛି, ପିଞ୍ଜର ହାଡ଼ରେ ଦୀର୍ଘନିଶ୍ୱାସ ପରି ଥରେଇ ଥରେଇ ପଶୁରିଛି, ବିପ୍ଳବ ତ ଆସିଲା, ଯାଦବ ପଧାନ—ତୁମେ କେଉଁଠି ?

ଭଉଁରରେ ବୁଲି ବୁଲି ଉଡ଼ି ଅକୂଳର ହୋଇ ଭାସିଯିବା ବୋଧହୁଏ ମଣିଷର ସ୍ୱଭାବ, ତା ନହେଲେ ଭଗବାନ ମନେ ପଡ଼ନ୍ତେ ନାହିଁ—ଉଦାସ ହୋଇ ଯାଦବ ପଧାନ ଭାବିଲା ।

Digitized by srujanika@gmail.com

ଚୂନିଲାଲ କହିଯାଉଛି, "ଦେଖିଲେ ତ ଆପଣ, କେମିତି ଝିଅ ହଟା, ସ୍ୱୀକାର କରିବାକୁ ହେବ ତାଙ୍କଠି ବଳ ଅଛି, ଏକଆଖିଆ ଅନ୍ଧବିଶ୍ୱାସ ଯେଉଁଠି, ବଳ ବୋଧହୁଏ ସେଠି ଥାଏ ।" ଚୂନିଲାଲ୍ ନିଜ କଥାରେ ହସୁଛି; ଉଚ୍ଛ୍ୱସିତ ହେଉଛି, ବକ୍ତୃତା ଦେଉଛି, "କଳ୍ପନା କରିପାରୁଛନ୍ତି କେଡ଼େ ଭୟଙ୍କର ଏମାନେ ? ସ୍ତ୍ରୀ ଜାତିର ଚେହେରା, ପୁରୁଷର ଗୁଣ ଓ ଦୁଃସାହସ, ଜନ୍ତୁର ପ୍ରବୃତ୍ତି ଓ ନିର୍ମମପଣ, ଗୋଟାଏ ନୂଆ ଜାତି । ସପଦ କଥା କହିଲେ ବୁଝିପାରିବେ ନୂଆଯୁଗ ନାନା ପ୍ରକାର ଜୀବ ସୃଷ୍ଟି କରୁଛି, ପୁରୁଣା ଯୁଗ ସେମାନଙ୍କୁ ଅଟକାଉଛି, ଧ୍ୱଂସ କରିବାକୁ ଖୋଜୁଛି, ଏଠି ଅର୍ଥନୈତିକ କ୍ଷେତ୍ରରେ ବି ସେହି ପୁରୁଣା ସଂଘର୍ଷ—ବୁଢ଼ା ଟୋକା, ପୁରୁଣା ନୂଆ ନହେଲେ ପ୍ରକୃତରେ କିଏ କେହି ଭାବୁଛି ଯେ ହଠାତ୍ ପୁଞ୍ଜିବାଦୀ ସମାଜ ପ୍ରସବ କରିଛି ଗୋଟିଏ ଅଶାନ୍ତିର ରାକ୍ଷସ ? ଆଜି ଯାହା ଅଛି କାଲି ତାହା ଥିଲା, ଅଶାନ୍ତିର କାରଣ ଏଇ ନୂଆ ଜନ୍ତୁ, ବୁଝିଲେତ ? କାଲି ସେମାନେ ନଥିଲେ ।"

"କାଲି ଯାହା ନଥିଲା ଆଜି ଅଛି ବୋଲି ସବୁ ଝଗଡ଼ା କହିଲେ ଆମଙ୍କୁ ଜାଠିଦଳର ବୁଢ଼ା ମୁରବି କୁହାଯିବ ଚୂନିଲାଲ୍‌ବାବୁ, ଆପଣ ଚର୍ଚ୍ଚିଲ୍ ହେବେ ।"

ଗମ୍ଭୀର ହୋଇ ଚୂନିଲାଲ୍ କହିଲା, "ଚର୍ଚ୍ଚିଲ ବା ଆମେରିକା ହେବା ସମସ୍ତଙ୍କ ଭାଗ୍ୟରେ ଘଟେ ନାହିଁ ଯାଦବବାବୁ, ପୂର୍ବଜନ୍ମର ତପସ୍ୟା ଦରକାର । ସ୍ୱେମ୍ କଲାଲେ ବି ଯେଉଁ ନିଗ୍ରୋ କେନେରା ବଜାଉଥାଏ, ତାର ଆଦର୍ଶବାଦ ପାଖେ ମୁଁ ନତମସ୍ତକ । ସେହି ସେ ବୀର, ଯାହାର ମେରୁଦଣ୍ଡ ବଙ୍କା ହୁଏନାହିଁ, ଅର୍ଥାତ୍ ସେ ମନୁଷ୍ୟ ଜାତିର ଗୋଟିଏ ଶ୍ରେଷ୍ଠ ବିକାଶର ନମୁନା । ସେ ଆପଣା ବିଶ୍ୱାସରେ ଅଟଳ ରହେ । ତେଣୁ ତାଠି ଅନ୍ୟମାନେ ବିଶ୍ୱାସ ରଖନ୍ତି । ସେ ନିନ୍ଦା ସ୍ତୁତି ଖାତିର ନ କରି ତାର କଠୋର କର୍ତ୍ତବ୍ୟ କରେ । ଅତଏବ, ସେ ଗୀତାର ସ୍ଥିତପ୍ରଜ୍ଞ ଆଦର୍ଶର ଖୁବ୍ ପାଖ । ତା ହାତରେ ଜାତିର ଇଜ୍ଜତ୍, ଦେଶର ସଂସ୍କୃତିର ପରମ୍ପରା, ଗୋଷ୍ଠୀର ଶୃଙ୍ଖଳା । ଏସବୁ ନିବଦ୍ଧରେ ଅତୁଟ ରହିବ ବୋଲି ମୋର ଦୃଢ଼ ବିଶ୍ୱାସ । ସେ ଆପଣାର ଜୀବନ ଲବ୍ଧ ନୀତିକୁ ଭାଙ୍ଗିଚୂରି ଲଙ୍ଗଡ଼ କାଟିଲା ନାହିଁ, ନେଲା ବର୍ଣ୍ଣି ହେଲା

Digitized by srujanika@gmail.com

ନାହିଁ ବା ହୁଟକେ ହୁଟକେ ହେଲନାହିଁ ବୋଲି ତାକୁ ନିନ୍ଦା କରିବା ମୁଁ ସମର୍ଥନ କରେନାହିଁ, ମୁଁ ତାକୁ ସମ୍ମାନ କରେ ।"

"ଏ ଆପଣଙ୍କ ଗୋଷ୍ଠୀର ସପେଇ—"

"କେବେ ନୁହେଁ, ଏ ଅତି ପବିତ୍ର ଧର୍ମଚର୍ଚ୍ଚା ।"

"ତଥାପି ଆପଣ ନିଜକୁ କହିବେ ଗଣତାନ୍ତ୍ରିକ ?"

"ଅବଶ୍ୟ କହିବି, ଆପ୍ ରୁଚି ଖାନା, ପର୍ ରୁଚି ପହିରନା, ଏ ନା ପରର ରୁଚି ଲାଗି, ମୋ ବକ୍ତବ୍ୟ ନୁହେଁ ।"

"ଓଃ ! ଏହି ପ୍ରକାର ଗଣତାନ୍ତ୍ରିକ ହେବାକୁ ଆପଣ ମତେ ମତାଉଛନ୍ତି ?"

"ଛିଃ କଣ ସବୁବେଳେ ମତେଇଲି ? ଯାହା ଆମେ କରୁ, ତାହା ପରର ମଙ୍ଗଳ ଲାଗି, ଆମେ ପରକୁ ମତେଉ ପରର ଆତ୍ମାର ସଦ୍‌ଗତି ଲାଗି, ଆମେ ଶୁଭସମ୍ବାଦ ବାଣ୍ଟୁ, ଲିଭର ବାଟ ଦେଖାଉ, ଯିଏଁ କଥା ଆମର, ଲିଭ ଆଉ ଶୁଭ, ତା ଆପଣ ଆମ କାନ୍ଥରେ ସୁଦ୍ଧା ଦେଖିପାରିବେ । ସମସ୍ତିଙ୍କର ମଙ୍ଗଳ ଲାଗି ଆମେ ସତ୍ମାର୍ଗର କଥା ପ୍ରଚାର କରୁ ।"

ଷ୍ଟିଅରିଂରେ ହାତ ଅଳସେଇ ହୋ ହୋ ହୋଇ ଚନ୍ଦ୍ରଲାଲ୍ ହସିଲା, କହିଲା "ଯେତେ ଫକୀର ଯେତେ ଧର୍ମଯାଜକ ସମସ୍ତେ ପରକୁ ମୋକ୍ଷ ଦେବା ଲାଗି ପରକୁ ଆତ୍ମସାତ୍ କରିଥାନ୍ତି, ତେବେ କିଏ ଖୋଜେ ବୁଝ ଦେଶର ପୀର୍ ପୈଗମ୍ବରଙ୍କ ପେଟରେ ପଡ଼ିବାକୁ, କିଏ ଏ ଦେଶରେ ଅମର କାମ ବୁହିବା ଦେଖି ଜାତି ଜାତିକା ମାଲ୍ ଯୋଗେଇବା ।"

ବସା ପାଖ ହେଲାଣି, କଲେଜ୍ ଅଞ୍ଚଳରେ ଗୋଟିଏ ନୂଆ ମେସ୍, ଯାଦବ ଛଟପଟ ହେଲାଣି ସେତକରୁ ଝସି ହେଠି ହଜିଯିବାକୁ । କହିଲା, "ବହୁତ ଧନ୍ୟବାଦ, ଖୁବ୍ ଘେଞ୍ଚିଏ ବୁଲେଇ ଆଣିଲେ, ନମସ୍କାର, ମୁଁ ଯାଏ ।"

"କାଲି ଆପଣଙ୍କୁ ଫେର୍ ସଇତାନ କରିବୁ । ଷ୍ଟ୍ରାଇକ୍ ଯେ ଆସୁଛି, ଲୋକଗୁଡ଼ାକୁ ବୁଝେଇ ଶୁଝେଇ ବାଟକୁ ଆଣିବାକୁ ହେବତ, ଆପଣ ପଦେ କହିବେ

Digitized by srujanika@gmail.com

ନାହିଁ ? ସେମାନଙ୍କୁ ଷଣ୍ଢରେ ପଡ଼ିବାକୁ ଛାଡ଼ିଦେବେ ? ମଝିରେ ମଝିରେ ସିବାକୁହିଁ ହେବ ।"

"ସତ କହିବେ ଚୁନିଲାଲବାବୁ, କେ. ସି. ଦାସ ସାଙ୍ଗରେ ଆପଣଙ୍କର କ ସମ୍ବନ୍ଧ ?"

"ସମ୍ବନ୍ଧ ! କାହିଁକି—ତାଙ୍କ ଝିଅ ଯେ ଆମ ସାଙ୍ଗରେ ପଢ଼େ ।"

"ଆପଣ ମୋର କଥାଟାକୁ ହସରେ ଉଡ଼େଇ ଦେବାକୁ ବସିଛନ୍ତି । ଦେଖନ୍ତୁ ମୁଁ ଜାଣିବାକୁ ପଚାରୁଛି —"

"ଯେ ଜାଣିବାକୁ ପଚାରେ, ସେ ଉତ୍ତର ପାଏନାହିଁ, କଥାଟା ମନେ ରଖିପାରିବେ ?"

"ଆପଣ ବି ଷ୍ଟ୍ରାଇକ୍ ଭଙ୍ଗେଇବା କୋଣେ ଅଣ୍ଟାଭିଡ଼ି ଲଗି ପଡ଼ିଛନ୍ତି । କାହିଁକି ? ଆପଣଙ୍କର କ ଯାଏ ?"

"ଯେଉଁ ସୁନା ସଂସାରରେ ନିଆଁ ଲଗିଛି ସେଠି ମୋର ବି ଘର, ଆପଣଙ୍କର ବି । ଆଜି କେ. ସି. ଦାସ୍‌ର ଫ୍ୟାକ୍ଟେରି, କାଲି ମୋର ବେପାର, ପହରଦିନ ଆପଣଙ୍କର କ୍ଷେତ, ସ୍ୱାର୍ଥ ସମସ୍ତଙ୍କର । ବୁଝିଲେ ତ ?"

"ଗୁଡ଼ାନ୍ତୁ ବୁଝେଇବା ଦରକାର ନାହିଁ, କିନ୍ତୁ ମତେ ଏ ଭିତରକୁ ଟଣା ହେଉଛି କାହିଁକି ? ମୁଁ ତ ନଗଣ୍ୟ, ମୋଦ୍ୱାରା ହେବ କଣ ?"

"ଆପଣ ନିଜକୁ ସାନ କରନ୍ତୁ ନାହିଁ, ଆପଣ ମୋଟେ ନଗଣ୍ୟ ନୁହନ୍ତି, ଅନ୍ତତଃ ଏତିକି ବିଶ୍ୱାସ କରନ୍ତୁ । ଫେର୍ ଆସିବି, ହଉ ନମସ୍କାର ।"

ତାପରେ ବଙ୍କାଟଙ୍କା ହୋଇ ସାନ ଗଳିବାଟ, ବାଙ୍କ ବୁଲି ବୁଲି ଯାଉ ଯାଉ ବଡ଼ ଛକର ଲେନ୍ତି । ଦୁନିଆଁ ଖୁବ୍ ପଛରେ ରହିଯାଏ, ଯଦିଚ ଦୂରତା ବେଶୀ ନୁହେଁ । ତାପରେ ସାନ ଘରଟିଏ, ସେହି ମେସ୍ । ସାମ୍ନାରେ ବର ଗଛରେ ସିନ୍ଦୂର ବୋଳାହୋଇ ଠାକୁରାଣୀ, ପାଖେ ଅଧାପୋଡା ଘୋଡ଼ାଟି, କେଉଁଠି କେ ବାଉଁଶବଣ, ସାହିର ରାସ୍ତା, ଦୁଆରେ ହେଁସ ପରିହୋଇ ଧାନ ଶୁଖେ, କଲେଜଠୁ ପାଏ ବାଟ ବି ନୁହେଁ ।

Digitized by srujanika@gmail.com

ଟେବୁଲ ପାଖେ ପଡ଼ିଥିଲ ବେଲକୁ ପଠେଇ ସାନ୍ଦ୍ରା ଲଫାଫାରେ ଚଠି ଥୁଆହୋଇଛୁ, ପୁଷ୍ଟାଗ୍ନି କହିଲ, ଲୋକଟି ଅପେକ୍ଷା କରି କରି ଫେରିଯାଇଛୁ । ସେହି ଚଠି, ଦୂରରୁ ଦେଖିଲେ ବି ଆକୃଷ୍ଟ କରେ । ଯାଦବର ପରିବର୍ତ୍ତନ ହୋଇଗଲ, ଅବସାଦ କଟିଗଲେ, ଚଞ୍ଚଳ ପ୍ରସ୍ତୁତହୋଇ ସେ ବାହାରିପଡ଼ିଲ । ରାସ୍ତାରେ ଝିହୋଇଥିବା ମହମ୍ମଦ ଖଲିଫା କହିଲେ, "ସିନେମା ଯିବେ କି ? ଭଲ ଖେଳ ଅଛୁ । ଭାରି ଡେରି ହୋଇଗଲ ।" ଏ ସାହିରେ ଘମସ୍ତେ ସମସ୍ତିଙ୍କ କଥା ପଚାରନ୍ତି । ପୁଣି ଛକ, ପୁଣି ଲୋକ ଗହଳି, ଘହରର ଆଲୁଅ ଓ ଗାଡ଼ି । ଶୀତୁଆ ପବନରେ ସ୍ରୋତ ବହନ୍ତ ଝରୁଥିଲ । ଗଛ ଉପରୁ ଅଲ ଅନ୍ଧାର ମେଞ୍ଚାମେଞ୍ଚାଠି କହୁଆଲୁଅ ପଡ଼ୁଥିଲ । ଖିଆ ହୋଇନାହିଁ । ପଢ଼ା ସମ୍ବନ୍ଧେ ଗୋଟିଏ କଠିନ ପ୍ରବନ୍ଧ ଲେଖିବା ବାକି ଅଛୁ । ଆପଣା ସମସ୍ୟା ସେ ଭାବୁଥାନ୍ତି ।

କିନ୍ତୁ ସେ ଯାଦବକୁ କେଉଁଠି ବସେଇଦେଇ ଆସିଛୁ, ତାର ଅବତାର ହେବ ଫେରିଲ ପରେ ବା କାଲି ସକାଳେ ।

ନୂଆ ଉତ୍ତେଜନାରେ ବାଟ ଭୁଲରେ ଭୁଲରେ କଟିଯାଉଛୁ ।

ନାଘା ପଡ଼ୁଛୁ—ଏହି କାର୍ଯ୍ୟବସ୍ତ ସହରରେ, ଯେଉଁଠି ନାଶ ଖାଇଲପରି ଗାଡ଼ି ଚାଲେ, ମଣିଷ ଚାଲନ୍ତି ଭୁସ୍ ଭୁସ୍, ସେଠି ଗହଳି ରାସ୍ତାରେ କୁକୁର ବୁଲୁଛନ୍ତି, ମଠେଇ ମଠେଇ ଗୋରୁ ଚାଲୁଛନ୍ତି, ପୋଲ ଉପରେ ଗୋଡ଼ ଲମ୍ବେଇ କିଏ ବସିଛନ୍ତି ।

ରାସ୍ତାରେ ଖବରକାଗଜବାଲା ପାଟି କରୁଛୁ ଦେଶ ବିଦେଶର ଖବର । ଦୋକାନରେ ରେଡ଼ିଓର ଘଲଘା ମୁହଁବାଟେ ଖବରର ଘୁ' ଘୁ । ଭିକାରି ବାଟ ଓଗାଳୁଛୁ—ଏ ବାବୁ, ଦେବ ନାହିଁ ପଇସାଟିଏ ? ବଡ଼ ସହରର ନିରର୍ଥକ ଭାଷା ।

କିନ୍ତୁ ଦୂରର ଅର୍ଥ ପାଖକୁ ଘୁଞ୍ଚି ଆସୁଛୁ, ଭାସି ଆସୁଛୁ, ଭାସି ଆସୁଛୁ । ରକ୍ତର ସ୍ପନ୍ଦନରେ ତାର ପଦଧ୍ୱନି । ନୂଆ ଅର୍ଥର ନୂଆ ସୂଚନା ଲେପି ଦେଉଛୁ ପୁରୁଣା ପଦାର୍ଥରେ, ଯେ ମାଟି ମାଟିନୁହେଁ, ରାସ୍ତା ରାସ୍ତାନୁହେଁ, କଛୁ କଛୁ

Digitized by srujanika@gmail.com

ନୁହେଁ । ଦୁଆର ଯେ ପାର ହୋଇଛି, ଆଉ ଅଚହ୍ନାପଣର ଶଙ୍କା ନାହିଁ । କବାଟ ସେପାଖୁ ଉଠି ଆସି ସୁପ୍ରଭା ଦାସ ପାଛୋଟି ନେଉଛି ହସି ହସିକା—"ଆସିଲେ ! ଓଃ ଉଦ୍ଧାର କଲେ । କେତେ ଯେ ଧନ୍ଦ ହେଉଥିଲି ! କାଲିର ପାଠ ପଢ଼ୁ ପଢ଼ୁ ଝୁଣ୍ଟି ବସିଛି ଯେ କଣ କରିବ ବୁଦ୍ଧି ହଜିଯାଇଛି ।"

ତା'ପରେ ତା'ର ହୋ ହୋ ହସ । କିନ୍ତୁ ସେ ଏକୁଟିଆ ନାହିଁ, ଘର ଭିତରୁ ଉଠି ଆସୁଛନ୍ତି ଆହୁରି କେତେ ଝିଅ । "ଏ ଦେବତା, ଏ ସିପ୍ରା, ଏ ମଲିନା, ଏ ଝୁଂଝା, ଏ ଚନ୍ଦ୍ର ରେଖା ଏବଂ ଏ ଶ୍ରୀଯୁକ୍ତ ଯାଦବ ପଧାନ ଯାହାଙ୍କ କଥା ମୁଁ କହୁଥିଲି । ହେଇ ଦେଖେସ ଯାଅ ବାପାଙ୍କୁ ଡାକ, କାର୍ ଆଣ, ତା'ପରେ ?—ଯାଦବବାବୁ, ବଡ଼ ଜରୁରି କଥା ଅଛି, ଆ ମୁଁ ଭୁଲିଯାଇଛି, କହୁନାହିଁ, ମିଟିଂକୁ ଯିବା ।"

ସବୁ ଅତି ଚଞ୍ଚଳ, ବ୍ୟବଚ୍ଛେଦ ନାହିଁ । ବାଟର କୁହୁଳାନିଆଁରେ କିଏ ପାଣି ଢାଳି ଦେଉଛି । ସ୍ଥିର ହୋଇ ଦେଖୁଛି, ଏ କଣ ହେଲା ? କୁଆଡ଼େ ସେ ଆସିଛି ? କୁତୂହଳୀ ପାଞ୍ଚଜଣ । ଅଚହ୍ନା । କ୍ରମେ ମନ ନାନାଜାତର ପରିଚ୍ଛଦ ଉଠାଇ ନେଇ ଦେଖୁଛି ସବୁଠି ସେହି ଏକା ନାରୀ ଦେହକୁ । ସବୁଠି ଅପ୍ରସ୍ତୁତ ହୋଇ ଦୃଷ୍ଟି ଶାଣକର ସୁପ୍ରଭାକୁ ଖୋଜୁଁଛି । ସୁପ୍ରଭା ଏକା ନାହିଁ ।

"ଆରେ ଏ କଣ ? ଚିହ୍ନାପରିଚ କରେଇଦେଲି କଣ ଚୁନିତାନ ବସି ରହିବାକୁ ? କଥା କହ ।"

ତାପରେ ମୁହଁରେ ଲୁଗା ମାଡ଼ି ହସ; ଦେବତା, ସିପ୍ରା, ମଲିନା, ଝଂଝା, ଚନ୍ଦ୍ରରେଖା ସମସ୍ତେ ହସୁଛନ୍ତି । ଫର୍ଦ୍ଦା ଉଠିଛି, ସେମାନେ ତାକୁ ଦେଖି ହସୁଛନ୍ତି, ଅଜଣା କାରଣରେ ଧୀରେ ଧୀରେ ରାଗ ଉଠିଛି ।

"ଏମାନେ ମୋର ବନ୍ଧୁ," ସୁପ୍ରଭା ଶୁଧୁରେଇଲେ, "ଅନେକ ଦିନ ଆପଣଙ୍କ କଥା ମୋଠୁ ଶୁଣି ଶୁଣି ଆପଣଙ୍କ ସଙ୍ଗେ ଚିହ୍ନାପରିଚ ହେବାକୁ ଏମାନଙ୍କର ଇଚ୍ଛାଥିଲା । ଗୃହଚକ୍ଷୁ ଏକାଠି କରେଇ ଦେଲି, କିନ୍ତୁ ମଣିଷ କି ଦୁର୍ବଳ—ଯେଉଁଥିପାଇଁ ହାଇପାଇଁ ହେଉଥାଏ ପାଇଲେ ଅଗ ଅବାକାବା ହୋଇ ଠିଆହୁଏ, ଆଖି ବୁଜିଦିଏ । ମଣିଷର ଚରମ ଦୁର୍ବଳତା ସେ ବର୍ତ୍ତମାନ-

Digitized by srujanika@gmail.com

ତାଙ୍କୁ ଚିହ୍ନେ ନାହିଁ ଅଥଚ ଅତୀତପାଇଁ ଝୁରେ, ଭବିଷ୍ୟତ୍‌ପାଇଁ ସ୍ୱପ୍ନ-ଦେଖେ—" ଅଦ୍ଭୁତ ହସ । ସାହାସ ବାନ୍ଧି ସିପ୍ରା ପଚାରିଲା,

"ଆପଣ କେଉଁ କ୍ଲାସ୍‌ରେ ପଢ଼ନ୍ତି ?"

"କ୍ଲାସ୍ !"

"ଆଃ, ଯେଉଁ ପ୍ରଶ୍ନ," ସୁପ୍ରଭା କହିଲା, "କେଉଁ କ୍ଲାସ୍‌ରେ ପଢ଼ନ୍ତି !"

"କଣ ଅନ୍ୟାୟ ହେଲା ?"

"କଲେଜ୍‌ରେ କ୍ଲାସ୍ ନାହିଁ ସିପ୍ରା—"

"ଓଃ —"

"କିମ୍ବା ଯାଦବବାବୁ ଶିଶୁ ଶ୍ରେଣୀର ନୁହନ୍ତି ।"

"ମୁଁ ଯେତେବେଳେ ଫାଷ୍ଟ୍ କ୍ଲାସ୍‌ରୁ ପଢ଼ା ଛାଡ଼ିଲି, ମୁଁ ବି ଶିଶୁ ଶ୍ରେଣୀରେ ନଥିଲି ଯେ, ମତେ ତ ଅନେକ ପଚାରୁଥିଲେ କେଉଁ କ୍ଲାସରେ ପଢ଼ ? କାହିଁ ସେଥିରେ ମୋର କିଛି କ୍ଷତି ହୋଇନାହିଁ—"

"ଆପଣ ଫାଷ୍ଟ କ୍ଲାସ୍‌ରୁ ପଢ଼ା ଛାଡ଼ିଲେ" ଯାଦବ କହିଲା, "କାହିଁକି ?" ସିପ୍ରା ତୁନିହୋଇ ଅନ୍ୟମାନଙ୍କୁ ଚାହିଁଲା, ଅନ୍ୟମାନେ ହସିଲେ ।

କବିତା ଫଡ୍ ଫଡ୍ ହେଲା—ଚଳବଚଳ ଚଢ଼େଇଟିଏ ଯେପରି ଖେଳର ପାହାନ୍ତାରୁ ନଦେଇ ଉଡ଼ିବାକୁ ବସିଛି ! ମୁହଁକୁ ନଚାହିଁ ଟୋଟ ହାକିହିଏ ମାରି ଅଲଗେଇ ହୋଇ କହିଲା, "ଆପଣ କବିତା ଲେଖନ୍ତି ! କାହା ବିଷୟରେ ?"

"ବିଷୟରେ ! କାହିଁକି ମୁଁ ତ—"

"ହଁ ଆପଣ ଲୁଚାଉଛନ୍ତି, ସୁପ୍ରଭା ଆପଣଙ୍କର କଥା କେବେ କହେ, କହନ୍ତୁ, କବିତା ତ ଲେଖନ୍ତି, କାହା ବିଷୟରେ ?"

"ଯେ କବିତା ଲେଖେ, ସେ କଣ କାହା ବିଷୟରେ ଲେଖେ ?"

"ହଁ, ମୁଁ ଜାଣି ନାହିଁନା ! ଆମ ସାଙ୍ଗରେ ଗୋଟିଏ ଝିଅଟିଏ ପଢ଼ୁଥିଲା । ସେ କେତେ କବିତା ଲେଖିଥିଲା ଜଣକ ବିଷୟରେ । ତା'ପରେ ଆମ

Digitized by srujanika@gmail.com

ପୂର୍ବାହ୍ନ, କାମ ମାରିକରି ସେ କଣ ବସି ଗାଉଥାଏ, ଦିନେ ଦେଖିଲି ବେଳାକୁ ସେ କବିତା ସବୁ ଲେଖିଛ, କାହା ବିଷୟରେ କହିଲେ ?"

"ଆପଣଙ୍କ ବିଷୟରେ ସମସ୍ତିଙ୍କର କବିତା ଲେଖିବାକୁ ଇଚ୍ଛା ହେବ—"

ଏତେ ବଡ଼ ଗୁଡ଼ିକଥାଟା ଅତି ସହଜରେ ସେ ଏଡ଼ିଦେଲା, କହିଲା, "ଧ୍ୟାତ୍, ଅପଣ ବଡ଼ ଦୁଷ୍ଟ । ପୂଜାରୀ କବିତା ଲେଖିଥିଲି ଗୃହିଣୀ ବିଷୟରେ । କଣ ହେଲି ଜାଣନ୍ତି, ଦିହେଁ ବିଦା ହେଲେ ?"

ସମସ୍ତେ ହସିଲେ, କିଏ ଜଣେ ହାଇ ମାରୁ ମାରୁ କହିଲା, "ଅହା"

ସବିତା ମୁହାଁମୁହିଁ ପଚାରିଲେ, "କବିତା ଆପଣ ଲେଖନ୍ତି । ଆମେ ଦେଖିବା ନାହିଁ ?"

ଛେଉ ପରି ଜଣକୁ ଜଣେ ଅପୁଛନ୍ତି, ପଥରରେ ପିଟି ହେବାକୁହିଁ ତାଙ୍କର ଆନନ୍ଦ । ସ୍ଥିର ହୋଇ ରହିଛି ଦୁଇ ଖୁଣ୍ଟ ମଝିରେ ସୂତାର ଡୋର, ଜଣକୁ ଜଣେ କୁଦାମାରିବାକୁ ଆସୁଛନ୍ତି, କାହାର ମନୋଭବ ଯେନ ଅଉ କାହାର କି ଯାଏ ? କିନ୍ତୁ କି ଅଦ୍ଭୁତ ମନର ସ୍ତର ତାଙ୍କର, କେତେ ଯାନ, କେତେ ହେୟ—ମୂଲ୍ୟବାନ ପରିଚ୍ଛଦ ପିନ୍ଧି ପୁଷ୍ଟି ନିର୍ଯ୍ୟାତନରେ ଯାଇତା ହୋଇଥିବା ପୁଷ୍ଟିକର ଖାଦ୍ୟ ଗଢ଼େଇ ସୁସ୍ଥସବଳ ମଣିଷର ଦେହ ମନ କେତେ ଯାନ, କେତେ ଅଜ୍ଞାନ ।

ଯାଦବ ଭାବୁଥାଏ ।

ବିରକ୍ତି ବଢ଼ୁଥାଏ । କୁଥାଟାରେ କାହିଁକି ସେ ଅସିଲା ? ଏ ସୁପ୍ରଭାର କଣ୍ଢେଇ ଖେଳର ଖିଆଲ ତାର ଦାମୀ କଣ୍ଢେଇତକ ବାକ୍ସଖୋଲି ଗୋଟି ଗୋଟି କରି ସମସ୍ତିଙ୍କି ସେ ଦେଖେଇବ । ହସରେ ଉଚ୍ଛୁଳି ପଡ଼ୁଛି ତାର ଅସ୍ଥିର ଦୃଷ୍ଟି, କିନ୍ତୁ ମୋହ କାଟି ଉଠିଯିବାକୁ ଶକ୍ତି ନାହିଁ ।

ବେଶୀ ବେଳ ଅପେକ୍ଷା କରିବାକୁ ପଡ଼ିଲା ନାହିଁ । ପ୍ରସ୍ତୁତ ହୋଇ କେ. ସି. ଦାସ୍ ଆସି ପହଞ୍ଚିଲେ । ଗୋଟାଏ ନୂଆ ଭାବ ଖେଳିଗଲା, ଯାଦବକୁ କହିଲେ, "ବାଃ, ତୁମେ ଆସିଛ ? ଭଲ ହେଲା, ଚାଲ ପିବା ଗୋଟାଏ ଘଣ୍ଟେଇ ମିଟିଂ—"

Digitized by srujanika@gmail.com

ଏକୋଇଶି

କ୍ଲବ୍ ଘରେ ଆଲୁଅ ଜଳୁଛି ।

ସେହି ଘରକୁ ଲକ୍ଷ୍ୟ କରି ଗ୍ଭରିଆଡ଼୍ ଛୁଟିଆସୁଛି କେତୋଟି ଦାମୀ ମଟର । ସହରର କେତେଜଣ ବରିଷ୍ଠ ମଣିଷଙ୍କ ଭେଟାଭେଟି, ଅଳ୍ପ କେତେ ଜଣ । ସ୍ତ୍ରୀଲୋକ ଅଳ୍ପ, କିନ୍ତୁ ସେମାନଙ୍କ ଉପସ୍ଥିତି ଆଣିଦେଇଛି ଗୋଟିଏ ଘରୋଇ ଛାଞ୍ଚା, ଖାଲି ଅଳସ କଥାବାର୍ତ୍ତା, କାମର ଗନ୍ଧ ବି ନାହିଁ । ପିଣ୍ଡାରେ ଭେଟାଭେଟି, ଝିଅମାନଙ୍କର କୁଣ୍ଢାକୁଣ୍ଢି, ଖଲ ଖଲ ହସ, ଟୁପ୍‌ଟାପ୍ କଥା । ଚୂନିଲାଲ୍ ବି ଆସୁଛି, କହିଲା, "ଏତେ ଚଞ୍ଚଳ ପୁଣି ଦେଖାହେବା ମୁଁ ଭାବି-ପାରି ନଥିଲି, ଭଲ ହେଲା ।" ଯାଦବ ତାର ପାଖକୁ ଠେଲିହୋଇ ପଗ୍ଭରିଲା, "କଣ ଏଠି ହେଉଛି ?" ଚୂନିଲାଲ୍ ଉତ୍ତର ଦେଲିନାହିଁ, ଆଉ କାହାକୁ ପାଛୋଟିବାକୁ ତରତର ହୋଇ ଗ୍ଭଲିଗଲା ।

ଘର ଭିତରେ, ଟେବୁଲରେ ବି ସାଜସଜ୍ଜା, ଗୋଟାଏ ବଣିଷ୍ଠ ଗ୍ଭ' ଭୋଜର ଅଯୋଜନ ପରି ଦିଶୁଛି । ଦି'ଦି ଜଣ ହୋଇ ଏକାଠି କଥାବାର୍ତ୍ତାରେ ଲାଗିଗଲେଣି । ସ୍ତ୍ରୀଲୋକମାନେ ଏକାଠି ଦଳେ । କରପଟିଆ ହୋଇ ଯାଦବ ବସିଛି । ସୁପ୍ରଭା ତା'ର କଥା ଗ୍ଭଡ଼ୁନାହିଁ ।

ପରସା ଲାଗିଲା, ଜଳଯୋଗ ଆରମ୍ଭ ହେଲା । ମଝିରେ ମଝିରେ ବେପାରର କଥା, ଦୁନିଆଁର ହାଲଗ୍ଭଲି । ତାପରେ କେ. ସି. ଦାସ୍ ଉଠିଲେ, ଅବସ୍ଥା ଗମ୍ଭୀର ହୋଇଗଲା, ଠିଆହୋଇ କହିଲେ,

"ଆପଣମାନେ ସମସ୍ତେ ଜାଣନ୍ତି ଆଜି ଆମେ କାହିଁକି ଏକାଠି ହୋଇଛୁ । ଅଧିକ ବୁଝାଇବା ଦରକାର ନାହିଁ । ଖୁବ୍ ଶୀଘ୍ର ବସ୍ତାଳିଶ ନମ୍ବର ଦଳ ଷ୍ଟ୍ରାଇକ୍ ଆରମ୍ଭ କରିବେ ।"

ତା'ପରେ ସେ ଅଟକିଗଲେ ।

ଘର ନିସ୍ତବ୍ଧ ।

ସେ କହିଗଲେ, "ଏ ବିଷୟରେ ସମସ୍ତେ ନିଜ ନିଜର ଘରୋଇ ବନ୍ଦୋବସ୍ତ କରିବେ ନିଶ୍ଚୟ, ତାର ଆଲୋଚନା ଏଠି ଉଠି ନପାରେ, କିନ୍ତୁ

Digitized by srujanika@gmail.com

ସମବେତ ଶତ୍ରୁ ବିରୁଦ୍ଧରେ ଠିଆ ହେବାକୁ ସମବେତ ଯୋଜନା ଯେ ଦରକାର, ଏକଥା ସମସ୍ତେ ସ୍ୱୀକାର କରିବେ ।"

ତାପରେ ସେ ବସ୍ତ୍ରାକ୍ରଣ ନମ୍ବର ଦଳର ସଂକ୍ଷିପ୍ତ ଇତିହାସ ବର୍ଣ୍ଣନା କଲେ, ଏପରି ଭାଷାରେ ସନ୍ଧିରେ ଶୃଙ୍ଖଳ୍ୟ ଖେଳିଗଲା, ଗୋଟାଏ ଭୟଙ୍କର ସର୍ବଗ୍ରାସୀ ମୂର୍ତ୍ତି ଧରି ଠିଆହେଲା ସେ ଠିକ୍ ଭୋକଘରର ଦୁଆର ମୁହଁରେ । କହିଲେ, "ସ୍ଥାନ ଦେଖି ସୁବିଧା ଭଣ୍ଡି ସେମାନେ ବିଷର ମଞ୍ଜି ବୁଣି ଚାଲି-ଛନ୍ତି, ସରଳ ଛାତ୍ର ମହଲରେ, ସରଳ ଅବୋଧ ମଜୁରିଆ ଦଳରେ । ଖୁବ୍ ଶୀଘ୍ର ସମୟ ଆସିବ ଯେତେବେଳେ ଆପଣମାନେ ଦେଖିବେ ଘରେ ଘରେ ପିଲା ଆପଣଙ୍କର ଶତ୍ରୁ, ସବୁ ଚାକର ଆପଣଙ୍କର ଧନଜୀବନ ନେବାକୁ ହକଦାର୍ ବୋଲି ଆଶାବାନ୍ଧି ବସିଛନ୍ତି, ସବୁ କାର୍ଯ୍ୟ ଅଚଳ, ଦେଶ ଅନ୍ଧାର । ସାମାନ୍ୟ ଷ୍ଟ୍ରାଇକ୍‌ଟାଏ ସାଲିସ୍ ହୋଇଗଲେ ତୁଟିଯାଏ, କିନ୍ତୁ ସାଲିସ୍ କାହା ସାଙ୍ଗରେ ? ଏ କଣ ଏଇଠି ସରିବ ? ଅନ୍ତର ଆନ୍ତର ! ଲାଗିଥିବ ଏ ଷ୍ଟ୍ରାଇକ୍, ଧ୍ୱଂସର ନିଆଁ ଜଳି ଉଠିବାଯାକେ । ମୂଳରୁ କଠିନ ପ୍ରତିକାର ନକଲେ ଅବସ୍ଥା ସୁଧୁରିବା ଆଶା ନାହିଁ ।"

କେ. ସି. ଦାସ୍ ବସି ପଡ଼ିଲେ । ତୁମୁଳ ଆଲୋଚନା ଲାଗିଲା । ଜଣେ ଉଠି ପଚାରିଲେ, "ଚିରକାଳ ଯେଉଁ ଶାସନକଳକୁ ଖୁଣ୍ଟପରି ଆମେମାନେ ଧରିରହିଛୁ, ସେ ଏ ବିଷୟରେ କଣ କରୁଛନ୍ତି ?"

ଉତ୍ତର ହେଲା, ଜଣେ ଭଦ୍ରଲୋକ ଉଠି କହିଲେ, "ଏ ବିଷୟରେ ଆପଣମାନଙ୍କର ଓ ଶାସନକଳର ଉଦ୍ଦେଶ୍ୟ ଅଭିନ୍ନ, ଆପଣମାନେ ବୁଝନ୍ତୁ । ଉଚିତ୍ ପ୍ରତିକାର କରାଯିବ, ତାହା ଆପଣମାନେ କାର୍ଯ୍ୟରେ ଦେଖିବେ ।"

"କିନ୍ତୁ ମୂଳରୁ ପ୍ରଚାର ଦରକାର," କେ. ସି. ଦାସ୍ କହିଲେ, "ଶତ୍ରୁ ଯେଉଁ ଉପାୟରେ ତାର ଗରିଲ୍ଲା ଯୁଦ୍ଧ ଚଳେଇ ଲାଗିଛି, ଠିକ୍ ସେହି ଉପାୟରେ ଭଣ୍ଡି ଭଣ୍ଡି ତାର ଗୋଡ଼ କାଟିବାକୁ ହେବ ପ୍ରଚାର ଦ୍ୱାରା । ସୌଭାଗ୍ୟର କଥା ଛାତ୍ରଦଳରେ ଆମେ ପାଇଛୁ ଜଣେ ଉପଯୁକ୍ତ ପ୍ରତିନିଧି, ସେ ଶିକ୍ଷିତ, ସେ ସାହସୀ, ସେ ଛାତ୍ରଦଳର ବିଶିଷ୍ଟ ନେତା ଏବଂ ବସ୍ତ୍ରାକ୍ରଣ

Digitized by srujanika@gmail.com

ନମ୍ବର ଦଳର ଘୋର ଶବ୍ଦ । କହନ୍ତୁ, ଯାଦବ ପଧାନ, ଦେଶର ଏ ସମୂହ ବିପତ୍ତିବେଳେ ଆପଣ ଦେଶୋଦ୍ଧାର ଲାଗି ଯେଉଁ ସାହସରେ, ଯେଉଁ ନିଷ୍ଠାରେ ବଣ୍ଟାଳିଆ ନମ୍ବର ଦଳର ପ୍ରତିରୋଧ କରିଆସିଛନ୍ତି ସେହି ବିକ୍ରମରେ ଭବିଷ୍ୟତରେ ମଧ୍ୟ କାର୍ଯ୍ୟ କରିବାକୁ ସମ୍ମତ ଅଛନ୍ତି ତ ?···କୁହନ୍ତୁ—"

ଗୋଡ଼ ଉପରେ ଲଦିହୋଇ ପଡ଼ୁଛି କାହାର ଅସ୍ଥିର ଗୋଡ଼, କାନ ପାଖେ ଉଷୁମ ନିଃଶ୍ୱାସ, ଚୌକିର ପିଠିପାଖେ ଗୋଟାଏ ମନର ସ୍ପର୍ଶ, ସେ ଉଦ୍ଦୀପନା ଦେଉଛି, ଶୁଭୁଛି—" ଉଠନ୍ତୁ—ଉଠନ୍ତୁ—କହି ଦିଅନ୍ତୁ ମୁଁ ସମ୍ମତ ।"

ଥରି ଥରି ଯାଦବ ଉଠି ଠିଆହେଲା । ସମସ୍ତଙ୍କ ଦୃଷ୍ଟି ତାହାର ଉପରେ ବନ୍ଧାହୋଇ ଠିଆହୋଇ ରହିଲା, ଝାଳ ଫିଟିଗଲା । ଦୂରରୁ ଶୁଭୁଛି "କହନ୍ତୁ ଆପଣ ସମ୍ମତ ତ ?" ତାପରେ ଫେର୍ ସେହି ଚୁପ ।

"ହଁ—"ଉଠି ଯାଦବ କହିଦେଇ ବସି ପଡ଼ିଲା ।

ଚାରିଆଡ଼ୁ ପ୍ରଶଂସାର ଧ୍ୱନି, କିଏ କଣ କହୁଛି ।

ଟିକିଏ ପରେ—

ସୁପ୍ରଭା କହିଲା, "ଆସନ୍ତୁ ପଦାକୁ ଯିବା ।" ଦୁହେଁ ଉଠିଗଲେ ।

ଘରେ ଆଲୋଚନା ଚାଲିଛି ।

ପଦାରେ ପବନ କେଡ଼େ ସଜ, କି ସୁନ୍ଦର ଜହ୍ନରାତି । ଯାଦବ କହିଲା, "ଡେରି ହେବ, ମୁଁ ଯାଏ ।"

"ଚାଲନ୍ତୁ ଆପଣଙ୍କୁ କାର୍‌ରେ ନେଇ ଛାଡ଼ିଦେଇ ଆସିବି," ସୁପ୍ରଭା କହିଲା । "ଆପଣ ମୋର ଡ୍ରାଇଭିଂ ଦେଖିନାହାନ୍ତି, ଆସନ୍ତୁ ଯିବା ।"

"ସେମାନେ ?"

"ସେମାନଙ୍କ ପାଇଁ ଭାବନ୍ତୁ ନାହିଁ, ସେମାନେ ତାଙ୍କର ଯତ୍ନ ନେବେ । ଆସନ୍ତୁ, ଆଃ, କେଡ଼େ ସୁନ୍ଦର ରାତି, ଦୁଃଖର କଥା ହୁଡ୍‌ଟା ଖୋଲି ହେବ ନାହିଁ ।"

Digitized by srujanika@gmail.com

କାହାକୁ ଟିକଏ କହିଦେଇ ଆସି ସୁପ୍ରଭା ଗାଡ଼ିକୁ ଗଲା । ପଛେ ବସିଲେ । ଗୋଳମାଳ ନକରି ଖସଡ଼ାରେ ଖସିଗଲା ପରି ବଡ଼ ଗାଡ଼ିଟି ଅତି ବେଗରେ ଅଦୃଶ୍ୟ ହୋଇଗଲା ।

କ୍ଲବ ଘରେ ଲାଗିଥିବ ଗୁରୁ ଗମ୍ଭୀର ମନ୍ତ୍ରଣା । ଆରମ୍ଭ ହିଁ ହୋଇଥିଲା । ଯୋଜନା, ଉପାୟ, ସରଳ କଥାରେ—ଫନ୍ଦ ଫିକର । ପୁସ୍ତାଏ ଲେକ, ବିରାଟ ଜନତା ଭିତରୁ ବୁନ୍ଦାଏ ପାଣି । ଗୋଲା ଟେବୁଲରେ ତାଙ୍କର ନିଷ୍ପତ୍ତିରେ ଗଢ଼ାହେବ କାଲିର ଇତିହାସ ।

କଣ ହେବ ? ଏହି ମୁଠାଏ ଲେକ, ଯେଉଁମାନଙ୍କ ପାଶୁପତ ଅସ୍ତ୍ରର ଅଧିକାରୀ, ଅଥବା କୁମ୍ଭକର୍ଣ୍ଣର, ବଜ୍ରଥାଇ ଇନ୍ଦ୍ରଜା, ଆଉ ପାଖେ ସମଗ୍ର ଦୁନିଆଁ ଥାଇ କଣ ହେବ ?

ଗୁରୁ ଭାବନା ଉଶ୍ୱାସ ହୋଇ ଉଡ଼ିଯାଉଛି, ଥାଇ ଥାଇ କହିଁ ଉଠିଲା ପରି ମନ ଭିତରେ ତାର ଫମ୍ପା ପ୍ରତିଧ୍ୱନି କ୍ଷୀଣରୁ କ୍ଷୀଣତର ହେଉଛି । ଫୁଙ୍ଗା ରାସ୍ତାରେ ମଟର ଗୁଲୁଛି ଜହ୍ନମୁହାଁ, ଭାବିବାକୁ ଅବସର ନାହିଁ, ପ୍ରବୃତ୍ତି ଅମଡ଼ା ଗୁଲୁଛି ଅନ୍ୟ ବାଟରେ ।

ବାହାରେ ଜହ୍ନରାତି, ଅଣନିଶ୍ୱାସୀ ମଟର ଗାଡ଼ିକୁ ଦିଶୁଛି ଦୃଶ୍ୟମାନ ଜଗତ ତରଳିଯାଇ ମିଶିଯାଇଛି ଜହ୍ନରେ । ତାହାରି ଭିତରେ ପହଁରି ଗଲା ପରି ଦୁଇଜଣ, ନାଁ ନାହିଁ ଗାଁ ନାହିଁ ଜାତି ନାହିଁ ପତି ନାହିଁ ପାଖକୁ ପାଖ ଦୁଇଜଣ ମଣିଷ, ଗୋଟାଏ ଅନ୍ଧାରି ଖୋଳ ଭିତରେ ଏକୁଟିଆ । ଆପଣା ଭିତରେ ସାମୁଦ୍ରିକ ଜନ୍ତୁ ଅକ୍ଟୋପସ୍ ପରି ଅନୁଭୂତିଗ୍ରାହୀ ଜୀବନ, ଆକାଙ୍କ୍ଷାରେ ତା'ର ଦଉଡ଼ି ପରି ଗୋଡ଼ ଥର ଥର, ବାନ୍ଧିଦେଇ ଶୋଷି-ନେବାକୁ ଗୁହେଁ ସହସ୍ର ମୁହଁରେ । ସେଠି ରାଜନୀତି ନାହିଁ, ଜ୍ଞାନଚର୍ଚ୍ଚା ନାହିଁ, ଅଛି ସାଧାରଣ ଜନ୍ତୁଜୀବନର ପ୍ରକାଶ ଓ ବିକାଶ, ନୀରବ କିନ୍ତୁ ସକ୍ରିୟ ।

"କଥା କହିବେ ନାହିଁ ?" ସୁପ୍ରଭା ପଚାରିଲା ।

ଉତ୍ତର ନାହିଁ ।

Digitized by srujanika@gmail.com

"ସ୍ଥିତ ଦେଖି ଡରମାଡ଼ୁଛୁ ? ଭୟ ନାହିଁ, ଘୁଞ୍ଚି ଆସନ୍ତୁ ।".

"କୁଆଡ଼େ ଆମେ ଚାଲିଛୁ ?" ଯାଦବ ପଚାରିଲେ ।

ସୁପ୍ରଭା ହସିଲା, କହିଲା, "ମୁଁ ବି ଆଶ୍ଚର୍ଯ୍ୟ ହେଉଛି, ଚାଲିଛୁ ଆମେ କୁଆଡ଼େ ! ଜାଣି କି ଦରକାର ? ଚାଲିବାରେହିଁ ଆନନ୍ଦ, ଭାବିଲେ ସବୁ ମାଟି ହେବ ।"

ଯାଦବ ଦୀର୍ଘନିଃଶ୍ୱାସ ପକାଇଲା । "କି ସୁନ୍ଦର ରାତି !" ଯାଦବ କହିଲା ।

ପାଖକୁ ଘୁଞ୍ଚିଆସି ଗୁନଗୁନ ସୁପ୍ରଭା କହିଲା, "ତା ବି ମନା, ତୁଣ୍ଡରେ ତାର ପ୍ରଶଂସା ଗାଇବା । ସୁନ୍ଦର କହିଲେ କୁତ୍ସିତ ବି ମନେପଡ଼େ, ଲାଭ କଣ ?" ଯାଦବ ତୁନହୋଇ ସାମ୍ନାକୁ ଚାହିଁଲା । ଦୁଇଧାଡ଼ି ଗଛ ମଝିରେ ଅତି ବେଗରେ ଉଡ଼ି ପଳାଉଛନ୍ତି । ପେଚର ପଛରେ ପଡ଼ିଲେଣି । ଆରପାଖେ ନଈବନ୍ଧ । ଜହ୍ନ ଆଲୁଅରେ ସବୁ ଉଜ୍ଜ୍ୱଳ, ସବୁ ସୁନ୍ଦର । ଲାଗିଲା ଥରେକେ, ଆଜିର ରାତି ସବୁଠୁ ସୁନ୍ଦର । ଏମିତି ବି କେବେ ହୁଏ ? ଅସ୍ପଷ୍ଟ ସ୍ୱପ୍ନ ଓହ୍ଲାଇ ଆସି ହୁଏ ବାସ୍ତବ ଜୀବନ ? କବିତା ସତ ହୁଏ ? ପୁଣି ଉଦାସ ଲାଗିଲା, ପାଖକୁ ପାଖ ସତ, କିନ୍ତୁ କେତେ ଫାଙ୍କ ! କେତେ ଦୂର ! କାହିଁ ସୁପ୍ରଭା ଦାସ୍, କାହିଁ ସେ ଯାଦବ ପଧାନ ! ଜେଲଖାନାର ଉଞ୍ଚ ପାଚେରି ଲମ୍ବିଯାଇଛି ଏ ମୁଣ୍ଡରୁ ସେ ମୁଣ୍ଡ । ଏ ଜୀବନରେ ଯେତେଦୂର ଗଲେ ସୁଦ୍ଧା ଯେଉଁଠି ଅଛି ସେ, ଅତି ପାଖରେ, ଲଙ୍ଘି ହୁଏ ନାହିଁ, ଲଙ୍ଘି ହୁଏନାହିଁ । ଜାତି—ଦେମାକ —ଟଙ୍କାର ଉଚ୍ଚନୀଚ—କୋଠା ଚାଳଘରର ଭେଦାଭେଦ ।

ଅଥଚ ଏତେ ପାଖରେ ସେମାନେ । ଝୁଅାଁ ଝୁଅଁେ ପରି ଅବସ୍ଥିତିରେ ଗୋଟାଏ ନିଦାରୁଣ ଉପହାସ ।

ନିର୍ଜନତା ଖାଲି ମୂକ ବ୍ୟର୍ଥତାମୟ । ନିରାଶା ।

ସୁପ୍ରଭାର ଯେପରିକି କବିତା ଫୁଟୁଛି, ସ୍ୱରରେ ଦୁର୍ବଳତା ନାହିଁ, ଥରେକେ ସେ ଏହି ନିର୍ଜନତାରହିଁ ବାଣୀ, ଜ୍ୟୋତ୍ସ୍ନାର ରଶ୍ମି, କୌତୁକରେ କହିଲା, "ଦୁଃଖ ଲାଗେ କଣ ଜାଣନ୍ତି ? ମଣିଷ କାହିଁକି ଖୋଲି ମନରେ କ୍ଷଣିକକୁ

Digitized by srujanika@gmail.com

ଗ୍ରହଣ କରିପାରେ ନାହିଁ ? କାହିଁକି ଠିକ୍ ଯେତେବେଳେ ମୁହୂର୍ତ୍ତି ଆସେ ମଣିଷ ଦଣ୍ଡି ଧରି ମାଟି ବସେ ଲଭ କ୍ଷୋକସାନ, ଜଡ଼ ପରିଣାମ, ଟ୍ୟାଣ୍ଡାଲସ୍‌ର ଓଠପାଖେ ଉଠି ପାଣି ପୁଣି ଖସିଯାଏ, ମଣିଷ କାମନାରେହିଁ ଭାଗୀ ହୁଏ, ହସରେ ନୁହେଁ ।"

"କ୍ଷଣିକର ଦୁର୍ବଳତା କେତେଦୂର ସୁପ୍ରଭା ଦେଖା, ମଣିଷକୁ ଆପଣ ଦୋଷ ଦେବେ ନାହିଁ, ତାର ଅଭ୍ୟାସ ବା ଅଜ୍ଞତାରୁ ଜନ୍ମ ।"

"କି ଅଜ୍ଞତା ? ମୃତ୍ୟୁର ନା ଜୀବନର ? ଜୀବନପାଇଁ ସେ ଆସେ, ମରି ଭୂତ ହୁଏ । ମଣିଷ ନିଜ ବୁଦ୍ଧିରେ ଯାହାକୁ ଚିରନ୍ତନ କହେ, ସେ ବି କ୍ଷଣିକ ଛଡ଼ା ଆଉ କିଛି ନୁହେଁ । ଚିରନ୍ତନ ସମୟର ପରିମାପରେ ଏକ ମିନିଟ୍ ଗୃକଣ ବର୍ଷଠୁ ବେଶୀ ତଫାତ୍ ନୁହେଁ । ନା, କଥା ସେଠି ନାହିଁ । ଅସଲ୍ ଅଭାବ ମଣିଷଠି ଗ୍ରହଣ କରିବା ଶକ୍ତି, ସେ ଖାଇପାରେ ନାହିଁ, ତେଣୁ ତାର ମୃତ୍ୟୁ ସୁନିର୍ଦ୍ଦିଷ୍ଟ । ଏଇ ଦେଖନ୍ତୁ ଯେପରି ଜହ୍ନରାତି, ଯେତେ କବିତା ଲେଖନ୍ତୁ ମଣିଷର ବ୍ୟବହାରରୁ ବିଚାର କଲେ ଦେଖିବେ ସେ ତା ପକ୍ଷରେ ନାଲ୍‌ଟେଣ ଆଲୁଅଠୁ ଭିନ୍ନ ନୁହେଁ—"

"ଦେଖନ୍ତୁ, ବିଚାରବୁଦ୍ଧି ଅଛି, ଭଲମନ୍ଦ ଉପକାର ଅପକାର ଅଛି—"

"ତେଣୁ ନାଲଟେଣ ଆଲୁଅକୁ ଲୋକେ ପସନ୍ଦ କରନ୍ତି ଜହ୍ନରାତିଠୁ ବେଶୀ । ଦୁର୍ବଳ ମଣିଷର ନିଜକୁ ଭୁଲାଇବା ପାଇଁ ପଥଆଡ଼ି ଚେତନ, ଭଲ ମନ୍ଦ, ତେଣୁ ମୁଁ ମଣିଷକୁ ଦୟାକରେ ।"

"ଓଃ......"

ସୁପ୍ରଭା ଆପଣାକୁ ପ୍ରକାଶ କରୁଛି ।

ନିର୍ଜନ ଜହ୍ନରାତିରେ ପ୍ରକୃତି ସୁବିଧା ଦିଏ ନୂଆ ପ୍ରକାଶ ଲାଗି । ଝଙ୍କୁର ଗଛ ବି ଶାଢ଼ି ପିନ୍ଧି ସ୍ତ୍ରୀଲୋକ ହୁଏ, ଗଛତଳ ଧୂଳିରେ ଅଙ୍କା ହୁଏ ଚନ୍ଦକା-ବର ଗ୍ରୁଇଆଲୁଅରେ ଛବି ।

ସୁପ୍ରଭା ଆତ୍ମପ୍ରକାଶ କରିଛି, କିନ୍ତୁ ସେ ବ୍ୟକ୍ତିତ୍ୱକୁ ଗ୍ରହିଁ ଦେଖିବାକୁ ଯାଦବର ବଳ ନାହିଁ, ସାହସ ନାହିଁ ।

Digitized by srujanika@gmail.com

କଥା ଶୁଣିଲେଇ ସେ କହିଲା, "ମତେ ଲାଗୁଛି ମୁଁ ଯେପରି କବିତାଟିଏ ପଢ଼ୁଛି ।"

"ହେଲା ନାହିଁ, ବରଂ କହନ୍ତୁ ଆପଣ ନିଜେ କବିତାର ଗୋଟିଏ ଧାଡ଼ି ।"

ଆପଣଙ୍କ ସାହିତ୍ୟର ଅର୍ଥ ବୁଝିଛନ୍ତି ସୁପ୍ରଭା ଦେବୀ, ଆମେ ସବୁ ମୂର୍ଖ—"

"ବଡ଼ କଳରବ ହେଲା, ସାହିତ୍ୟ କଥା ଓ ମୋର ପ୍ରଶଂସା ନହେଲେ ଆପତ୍ତି ଅଛି ? ଏଇ ଦେଖନ୍ତୁ, କେଡ଼େ ଚୁପ୍‌ଚାପ୍, କେଡ଼େ ଅର୍ଥବହୁଳ । ଏଇ ଅଚଳ ଜୀବନ । ଭାଷାରେ ସ୍ୱର ପ୍ରକାଶ ନାହିଁ । ତୁଳୀର ରଙ୍ଗ ଖାଲି ମାଙ୍କଡ଼ାମି । ସୂର୍ଯ୍ୟାସ୍ତରୁ ନାଲି ନାଚ ଯେତିକି ତଫାତ, ଯେତିକି ତଫାତ୍ ସକାଳର ଦୃଶ୍ୟରୁ କାନ୍ଥରେ ଟଙ୍ଗା ହୋଇଥିବା ଛବି, ଏ ବୃନ୍ଦରୁ ମଣିଷ ଭାଷାରେ ସ୍ୱର ବନ୍ଦନା ସେତିକି ଦୂର, ଅବା ଟିକିଏ ଅଳ୍ପ ଦୂର । ବରଂ ଆସନ୍ତୁ ଜହ୍ନରାତିରେ ଆନନ୍ଦ ଦେଖିଯିବା ।"

ସୁପ୍ରଭା ମଟର ଅଟକେଇଲା । ଦୁହେଁ ଓହ୍ଲେଇଗଲେ ।

ଜହ୍ନରାତିରେ ନଈ ଆନନ୍ଦ । ପାଖେ ଗାମ୍ଭୀର୍ଯ୍ୟ, ପାଖେ ଚପଳତା, ଆନନ୍ଦର ବନ୍ୟାପରେ ଦୁହେଁ କେତେକ କାଳ । ନଈ ଉପରେ ଜହ୍ନ ଖେଳୁଛି, ଅସଂଖ୍ୟ ଜଳପ୍ରପାତ । ଶବ୍ଦରେ କାନ ଅତଡ଼ା ପଡ଼ୁଛି, କ୍ଲାନ୍ତ ଆସୁନାହିଁ । ପାଖେ ନଈ ବାଲି ଦିଶୁଛି କରଣେ ବାଲି ରେଣୁ ପରି, ଅତି ଶାନ୍ତ, ଅତି କୋମଳ । ପାତଳ କୁହୁଡ଼ି ଘୋଟିଛି, ଆରପାଖେ ଦୂର ଗାଁର ଧାଡ଼ି ଭାସିଲା ପରି ଚହଲୁଛି । ନିର୍ଜନ ବସ୍ତୁତ, ସହରଠୁ ଦୂରରେ ।

ଚଟାଣ ଉପରେ ଶୋଇ ରହି ସୁପ୍ରଭା ଦାସ ତଳକୁ ଚାହିଁଲା, ଡାକିଲା, "ପାଖକୁ ଆସନ୍ତୁ ।"

ତାର ପାଖରେ ବସି ଦୂରକୁ ଚାହିଁ ରହିଲା ବେଳେ ଯାଦବ ଭାବିଲା, ଜଞ୍ଜାଳ ଓ ଦହନଆଁ, ରାଜନୀତି ମିଛ, ପୁଞ୍ଜିବାଦ ସାମ୍ୟବାଦ୍ୟ ବନ୍ଧୋଳଣ ନମ୍ବର,

Digitized by srujanika@gmail.com

ଘନ ନମ୍ବର ଦଲ ବେବୁରେଠୁ ଉନ୍ନତତାର ଜନ୍ମ ସ୍ୱଭରେ ଏ ଶୀତଳ ବାଲୁକଣା,
ଏହି ଦୃଶ୍ୟ, ଏ ଝମ୍ ଝମ୍ ପାଣି ।

ସୁପ୍ରଭା ନିଷ୍ପନ୍ଦ ହୋଇ ଶୋଇ ରହିଛି । ଯାଦବ ମୂକହୋଇ ବସିଛି ।
ହୃଦସ୍ପନ୍ଦରେ ଝଂଝା ଆସୁଛି । ତାର ଭାଷା ନାହିଁ ।

ଅଳସ ଭଙ୍ଗି ସୁପ୍ରଭା ତାର କର ଲେଉଟେଇଲା, ଆସ୍ତେ ଧରିନେଲା
ଯାଦବର ହାତକୁ । ହାତକୁ ମୁହଁକୁ ଟାଣି ନେଲା, ଦେହରେ ଥୋଇଲା,
ନକାଣିଲା ପର ପାଣିକି ଗୁହିଁରହିଲା ।

ସେହି ସ୍ପର୍ଶରେ ଧୀରେ ଧୀରେ ତାତ ତାତ ଟାର୍କ ହୋଇ ଆସିଲା
ଯାଦବର ଦେହ । ମୁଣ୍ଡ ଭିତର ଝାଇଁ ଝାଇଁ ହୋଇଯାଉଛି । ରାଜନୀତି ନାହିଁ,
ଦର୍ଶନ ଶାସ୍ତ୍ର ନାହିଁ, ସାଧାରଣ ମଣିଷ ଦେହରେ ଲାଗିରହିଛି ଅନ୍ଧ ଯାତନାର
ସର୍ବନାମୁହାଁ ତୋଫାନ । ବିଶ୍ୱର ଅନାଦି କାଳର ପ୍ରଣବ ଧ୍ୱନିରେ ଝଂକୃତ
ତାର ଶରୀର, କ୍ଲାନ୍ତ ମନର ଆୟତ୍ତ ନାହିଁ, ଆଉ କ୍ଷଣେ, ତାପରେ ରେଡ଼ିଓ
ବାଜିବ, କଣ୍ଠ ପାଖେ ଦେହ ଥର ଥର ଜଡ଼ିତ ଭାଷା ।

ହଠାତ୍ ଗୋଟାଏ ଅଜଣା ଭୟ—ପାପ । ଯାଦବ ବଡ଼ଡ଼ା ପକ୍ଷ ପର
ଥର ଉଠିଲା । ଖଲ ଖଲ ହୋଇ ବିକୃତ କାନ୍ଦୁରି ହସ ହସି ସୁପ୍ରଭା ଗୁଟିପିଟି
ହୋଇ ବସି ପଡ଼ିଲା, କହିଲା, "ହୁସିଆର, ଥରୁଛନ୍ତି, ପଡ଼ିଯିବେ ତଳେ, ବଡ଼
ଗଭୀର ।"

ଯାଦବ ଏତେ ଚଞ୍ଚଳ ଅବସ୍ଥାକୁ ଆୟତ୍ତ କରିପାରିଲା ନାହିଁ, ଭୂନହୋଇ
ଗୈରପଡ଼ି ଠିଆ ହେଲା ।

ସୁପ୍ରଭା କହିଲା, "ବହୁତ ବେଳହେଲା, ନୁହେଁ, ଓଃ କି ଥଣ୍ଡା ! ଚାଲନ୍ତୁ
ଫେରିଯିବା ।"

ଶେଷ ଥରକ ନଈ ଆଡ଼େ ଗୁହିଁରହି ବିହ୍ୱଳହୋଇ କହିଲା, "କେଡ଼େ
ସୁନ୍ଦର ସ୍ଥାନ ! ଏତେ କଣ ମନେ ରଖିବାକୁ ସମ୍ଭବ ସେ ଦେଇପାରିଛି
ଭାବୁଛନ୍ତି !···ଭୁଲିଗଲେ ଭଲ, ନ ହେଲେ ତାର ଅପମାନ ହେବ ।"

Digitized by srujanika@gmail.com

ମଟରରେ ବସିଲେ । ଗାଡ଼ି ଚାଲିଲା ।

ସହରର ଆଲୁଅ ଚଢ଼େଇ ଦେଲା ବନ୍ଧାଗତରେ ଜବନକୁ । ସେଠି ସମସ୍ତିଙ୍କ ପାଇଁ ଶ୍ରେଣୀ ବିଭାଗ ଅଛି, ବିଶିଷ୍ଟ ଆସନ ଅଛି । ସେହି ସଭ୍ୟ ଜୀବନ ଦେଖିବାକୁ ହେଲେ ନାନାଜାତର ଟିକଟ ଦରକାର ପଡ଼େ, ଚାରଣିଆଠୁ ଦଣ୍ଡଙ୍କିଆ ଯାକେ । ସେଠି ମଣିଷ ଚାହେଁ ତାହାର ମଣିଷ ହାତରେ ଗଢ଼େଇ ଦୁନିଆଁରେ ରହିବାକୁ, ଚରି ବୁଲିବାକୁ, ପ୍ରାକୃତିକ ସୃଷ୍ଟି ବା ପ୍ରବୃତ୍ତି କେବଳ ଅନ୍ତରାୟ, ଯେଉଁଠି ପାଣିରେ ଭଉଁରି ପଡ଼େ, ଦଲ୍‌ଦଲ ଉଠେ, ପାଣି ତଳେଁ ।

ସହରର ସଡ଼କରେ ଗାଡ଼ି ଚାଲିଛି । ଯାଦବ ମନରେ ନଈପୋଲରେ ରେଲ ଚାଲିବାର ଘର୍ଘର ଶବ୍ଦ । କଣ ହେଲା ! କଣ ହେଲା ' କଣ ହେଲା ! ମୁହଁଟେକ ସୁପ୍ରଭାକୁ ସେ ଚାହିଁପାରୁନାହିଁ ।

କିନ୍ତୁ ସୁପ୍ରଭା ନିର୍ବିକାର । ବନ୍ଦୁ ହୋଇଥିବା ଶାମୁକାଭିତରୀ ପରି ସେ ବନ୍ଦହୋଇ ବସିଛି, ଯେପରି ଅତି ଶାନ୍ତ । ସ୍ରୋତପରେ ସ୍ରୋତ ଝପି ଚାଲିଛି ତାର ମଟର, <ତେ ଟିକଏ ଭୁଲ୍ ନାହିଁ ।

କଲେଜ ପାଖ ହେଲା । ଗାଡ଼ି ରହିଲା । "ଆପଣ ଏଇଠି ଓହ୍ଲେଇବେତ ?" ସୁପ୍ରଭା କହିଲା । ବିଦାୟ ବେଳର ନମସ୍କାର କାହାର ତୁଣ୍ଡରେ ଆସିଲା ନାହିଁ । ଗାଡ଼ି ଚାଲିଗଲା ।

ଧୀରେ ଧୀରେ ଚାଲ୍ ଚାଲି ବସାକୁ ବାହୁଡ଼ି, ବାହୁଡ଼ି, ଯାଦବ ପାଇଁ ହେଲା ଗତ କଥା, ଯେପରି ସେହି ଜହ୍ନ ହସୁଛି, ସେହି ପାଣି ଦେଉଛି, ଅନ୍ଧକାରର ଓଦା ପବନ କାନ ଶିର ଶିରେଇ ଗୋପନରେ କଥା କହୁଯାଉଛି ।

ବାସ୍ତବ ଜଗତ ଅଚଳହୋଇ ଶୋଇ ରହିଛି । ବୈଜ୍ଞାନିକ ଓ ବସ୍ତୁବାଦୀ ଦର୍ଶନ ଗାଧୋଇ ଗଲେଣି, ଅଉ ଫେରେନାହିଁ । ଯାଦବ ପଧାନ ପଥେର ହୋଇଛି ।

Digitized by srujanika@gmail.com

ବାଇଶି

ସକାଳ ନ'ଟା ବାଜୁଥାଏ ।

ଡାକ୍ତରଖାନାରେ ଟାଏ ବଡ଼ ଗହଳି, ଅନେକ ଛାତ୍ର, ଛାତ୍ରୀ, ନର୍ସ ଓ ସାଧାରଣ ଭଦ୍ରଲୋକ । ଭିଡ଼ର ମୁହଁ ଗୋଟିଏ କୋଠରୀର ଦୁଆରମୁହଁ ଆଡ଼କୁ ଯେଉଁଠି ଦୁଇଜଣ ଡାକ୍ତରଙ୍କ ବାହା ଆଶ୍ରାରେ ଧୀରେ ଧୀରେ ଚାଲି ଚାଲିକା ଜଣେ ବଳିଷ୍ଠ ଯୁବକ ବାହାରି ଆସୁଛନ୍ତି । ମୁହଁ ମଳିନ ପଡ଼ିଯାଇଛି, ଦେହ ହୋଇଛି ଅବଶ, ଚେରପାଟିହୀନ ସରଳ ବେକ ଭିତରୁ କପାଳ ନୀରବ ଆନନ୍ଦର ଛବି ଝଲସି ଉଠୁଛି । ଦେଖିଲା ମାତ୍ରେ ଗହଳିରୁ ଆନନ୍ଦର ହୋ ହୋ ଶୁଭିଲା, ଭିଡ଼ ଚାପିହୋଇ ଆସିଲା, ଡାକ୍ତରମାନେ ଭିଡ଼ ଫଟେଇବାକୁ ହାତ ହଲେଇଲେ, ତଥାପି ଭିତରେ ଲହଡ଼ା ଖେଳୁଛି, ଉତ୍ତେଜନା ଆଉ ଚିତ୍କାର— "ଜୀବନବାବୁ, ଜୀବନବାବୁ ।"

ଜୀବନ ମହାନ୍ତି ଠିଆ ହେଲା । ଜନତାର ଅଭିନନ୍ଦନରୁ ବଳ ସଞ୍ଚୟ କଲା । ଦେହ ଯେତେ ଦୁର୍ବଳ ହେଉ ଏଇ ତା'ର ଗୌରବମୟ ମୁହୂର୍ତ୍ତ । ସରଳ ମୁହଁରୁ ହସ ଉଚ୍ଛୁଳେଇ ସେ ଜଣେଇ ଦେଲା, ସେ ସମସ୍ତଙ୍କ ପାଖେ କୃତଜ୍ଞ, ସେ ଭଲ ଅଛି ।

ଜଣେ ଡାକ୍ତରୀ ପଢ଼ାଳୀ ଛାତ୍ରୀ ଜନତାକୁ ଚାହିଁ ଗୋଟିଏ ଶ୍ରେଷ୍ଠ ବକ୍ତୃତା ଦେଲେ, ତାଙ୍କର ଫୁଲୁକା ଥାକୁଲି ଦେହ ହର୍ଷରେ ଫୁଲିଫୁଲି ନାଚିଲା, ଦୁଇ-ପାଖେ ଦୁଇଜଣ ଡାକ୍ତର ହସି ହସି ରହିଲେ । ବକ୍ତୃତା ପ୍ରଚାର କଲା—"ହଁ ଆପଣମାନଙ୍କର ଜୀବନବାବୁ ଭଲ ଅଛନ୍ତି, ଭଗବାନଙ୍କ ଦୟା । ଥରେ ନୁହେଁ, ଦ ଥର ନୁହେଁ, ଆପଣା ଦେହରୁ ରକ୍ତ କଢ଼େଇଦେଇ ଅଚେହ୍ନା ରୋଗୀଙ୍କି ବଞ୍ଚେଇବା ହେଲା ତାଙ୍କର ନଅ ଥର । ସେ ଗୋଟାଏ ଆଦର୍ଶ, ଯାହା କଳ୍ପନା କରି ହୁଏନାହିଁ ଅଥଚ ଯାହା ସତ । ମଫସଲରୁ ନିରକ୍ତିଆ ରୋଗିଣୀଟିଏ ଆସିଥିଲା, ହୁଏତ ତାର ଆତ୍ମା ଆଜି ଦେହ ମଫସଲକୁ ଉଡ଼ିଯାଇ

Digitized by srujanika@gmail.com

ସାରନ୍ତାଣି, ତାର ହାଡ଼ଚମମସ୍ତ ସାନ ଶିଶୁଟିର ଅବସ୍ଥା କଣ ହୋଇଥାନ୍ତା ? ଜୀବନବାବୁଙ୍କ ରକ୍ତପାଇ ରୋଗିଣୀଟି ବଞ୍ଚିଯାଇଛି—"

ଜୋ' ଘା ବଢ଼ିଲା, ଲଜ୍ଜା ବିନମ୍ରରେ ଜୀବନ ମହାନ୍ତି ମୁହଁ ପୋଛି ଦେଲ। ବକ୍ତୃତା ଚାଲିଲା, "ଏ ଜଣେ କଲେଜ ଛାତ୍ର । ଆମ ଭିତରେ ଅନେକ ଛାତ୍ର ଅଛନ୍ତି । କିନ୍ତୁ ପରପାଇଁ ରକ୍ତ ଢାଳିଦେବାକୁ ବାହାରି ଆସନ୍ତି କେତେ ଜଣ ? ଆପଣମାନେ ଜୀବନବାବୁଙ୍କୁ ଦେଖିଛନ୍ତି, କିନ୍ତୁ ତାଙ୍କର ଆଦର୍ଶ ଅନୁସରଣ କରି ରକ୍ତ ଦେବାକୁ ଯଦି ବାହାରି ଆସନ୍ତେ ଆଉ କେତେ ଜଣ, ତେବେ କେଡ଼େ ମୂଲ୍ୟବାନ୍ ବ୍ଲଡ୍ ବ୍ୟାଙ୍କ ଆମର ଗଢ଼ା ହୋଇପାରନ୍ତା ଭାବନ୍ତୁ—"

ଏଭଳି କଥା ଶୁଣିଲେ ଜନତାର ମନ ଦୋଳି ହୋଇପଡ଼େ, ଭିଡ଼ ଫାଟି-ଗଲା, ତଥାପି ଚାହିଁ ରହିବା ଲୋକେ ଚାଲିଗଲେ ନାହିଁ ।

ପାହାଚକୁ ଓହ୍ଲାଇଆସିବା ପୂର୍ବରୁ ଜୀବନ ମହାନ୍ତି ଠିଆ ହେଲେ, ଧୀରେ ଧୀରେ କହିଲେ, "ଏ କିଛି ନୁହେଁ, ପ୍ରଶଂସା ପାଇଲା ଭଳି ମୁଁ କିଛି କରିନାହିଁ । ମୁଁ ରକ୍ତ ଦେଇଛି । କାହାର ରକ୍ତ ? ସେ ମୋର ନୁହେଁ, ସେ ଏହି ଦେଶର ମାଟିର ରସ, ସେ ଆପଣମାନଙ୍କର । ଚାଷୀ ମଜଦୁର ଜିନ୍ଦାବାଦ—ବପ୍ଲ କ୍ଲିଣ୍ ନମ୍ବର ଜିନ୍ଦାବାଦ୍ ।" ଏବଂ କାନଅତରା ପକାଇ ଗର୍ଜି ଲାଗିଲା ସମବେତ କଣ୍ଠରେ ସେହି ଚିତ୍କାର—"ଚାଷୀ ମଜଦୁର ଜିନ୍ଦାବାଦ୍—ବଦ୍‌କ୍ଲିଣ୍ଡୀ ନମ୍ବର ଜିନ୍ଦାବାଦ୍ । " ପାହାଚ ତଳେ ଖଣ୍ଡେ ଦୂରରେ ଅମ୍ବଗଛ ଛାଇରେ ଟହଲ । କିଏ ଆଣି ଜୀବନ ମହାନ୍ତିର ଗଳାରେ ଫୁଲହାରଟିଏ ଲାଇ ଦେଲେ । ଠିକ୍ ସେତିକବେଳେ ପୁଲିସ୍ ମଟର ଖଣ୍ଡେ ଧାଇଁଆସି ଠିଆ ହେଲା, ଧାଡ଼ି ଧାଡ଼ି ବନ୍ଧୁକଧାରୀ ଗମ୍ଭୀର ଶାନ୍ତିରକ୍ଷକ ଦଳ, ଜଣେ ଓହ୍ଲାଇ ଆସିଲେ, ଜନତାର ଆଶ୍ଚର୍ଯ୍ୟ ଜନ୍ମାଇ ଜୀବନ ମହାନ୍ତିର ସାମ୍ନାକୁ ଆସି ନମସ୍କାର କଲେ, କାଗଜ ବାହାର କରି ପଢ଼ିଦେଲେ, ଅଙ୍ଗୁଠି ଅଗରେ ତାଙ୍କ ଦେହକୁ ଛୁଇଁଦେଇ କହିଲେ, "ଆପଣ ଗିରଫ୍ ହେଲେ, ଗାଡ଼ିକୁ ଆସନ୍ତୁ ।"

ଜନତାର କ୍ରୋଧ ଜଳିଉଠିଲା, ଗର୍ଜନ ଉଠିଲା "ଯେ ପରପାଇଁ ଆପଣାର ରକ୍ତ ଦେଇପାରେ ନିଅ ଟର, କି ଅପରାଧରେ ସେ ଗିରଫ୍ ହେବ ? ଆମେ ତାଙ୍କୁ ଛାଡ଼ିବୁ ନାହିଁ ।"

Digitized by srujanika@gmail.com

ଜୀବନ ମହାନ୍ତି ଗାଡ଼ିକି ଯାଇ ହାତ ଦେଖାଇ ଜନତାଙ୍କୁ ନିରସ୍ତ ହେବାକୁ ଇଙ୍ଗିତ ଦେଲେଣି, ଗାଡ଼ି ଛାଡ଼ିଦେବା ପୂର୍ବରୁ କର୍ମଚାରୀ କେନଦ୍ରୀ ହୋଇ କହିଗଲେ, "ଉଚିତ ଅନୁଚିତ ଆମକୁ ପଚାରନ୍ତୁ ନାହିଁ । ଆପଣ-ମାନଙ୍କୁ ଦଣ୍ଡବତ, ବାଧାଦେଇ ଶାସନ ଶୃଙ୍ଖଳା ଭାଙ୍ଗନ୍ତୁ ନାହିଁ । କିନ୍ତୁ ମନେ ରଖନ୍ତୁ ଗୋଟାଏ କଥା, କେବଳ ଜଣକୁ ବଞ୍ଚାଇବାକୁ ଆପଣାର ରକ୍ତ ଢାଳିଦେଲେ ହିଁ କେହି ବିଶୃଙ୍ଖଳା ଘଟାଇବା ଅପରାଧରୁ ନିଷ୍କୃତି ପାଏନାହିଁ । ଯଦି ତାର ଅନ୍ୟାନ୍ୟ କାର୍ଯ୍ୟଦ୍ୱାରା ସହସ୍ର ସହସ୍ର ନିର୍ଦ୍ଦୋଷ ଲୋକଙ୍କ ରକ୍ତ ବୁହାଇବାର ଦେ ଉପାୟ ଖୋଜିଥାଏ । ଜାଣି ରଖନ୍ତୁ, ଦେଶର ଏ ସମସ୍ତ ଲୁହେଁ, ଯେତେବେଳେ ଆମେ ବିଶୃଙ୍ଖଳା ଘଟାଇବାର ଖେଳ ଖେଳୁଥିବା—"

"କିଏ କହୁଛି ଆପଣଙ୍କୁ ଏସବୁ ଜ୍ଞାନ ବଖାଣିବାକୁ, ଆପଣ ଆମ ନୌକର୍ ଆପଣ ଖାଲି ମେସିନ—"

"ମୋର ଚୌଦପୁରୁଷ ହଉ ପଛେ ଆପଣମାନଙ୍କ ନୌକର୍, ଛାଡ଼ି-ଦିଅନ୍ତୁ, ନୌକର ତାର ନୌକରି କରୁ, ମେସିନ୍‌ର ଦାନ୍ତ ଉଗାଳନ୍ତୁ ନାହିଁ, ମେସିନ୍ ତାର କାମ କରୁ—" ମଟର ଘସ୍ ଘସ୍ ହୋଇ ଚାଲିଗଲା ।

ନାନା ପ୍ରକାର ଆଲୋଚନା କରି କରି ଲୋକେ ବାହୁଡ଼ି ଚଳେ ।

ଲାଗିଛି ଧର୍‌ପଗଡ୍ ଚାଲିଯାକ । ମଟର ଦଉ ବୁଲୁଛି । ଘର ଘର ଖୋଜା ଲାଗିଛି, ଖାନ୍‌ତଲାସ ଲାଗିଛି ।

ଶାସନକଳ ଘୋଷଣା କରିଛି ଗଣ୍ଡଗୋଳ ବରଦାସ୍ତ କରିବ ନାହିଁ । ଗଣ୍ଡଗୋଳ ବନ୍ଦ ହେବ । ବୟାଳିଶ୍ ନମ୍ବର ନିର୍ମୂଳ ହେବ ।

ଏକାଦିନକେ ପାହାର ପଡ଼ିଛି ଅନେକ ସହରରେ ।

ଷ୍ଟେସନରୁ ଧରାହୋଇ ଆସିଛି ଜଣେ ନିଶ ଦାଢ଼ି ବାଲା ବିଶିଷ୍ଟ ବିଦେଶୀ ଭାଲୁଆ ଲୋକ ଓଟରିଲାଗିଛି ନିଶଦାଢ଼ି ଅସଲ କି ନକଲ ଦେଖିବାକୁ । ନାନା ପ୍ରକାର କଳ୍ପନାଜଳ୍ପନା, ଯୁକ୍ତିତର୍କ ।

ସନ୍ଧ୍ୟାକୁ ସହରରେ ଗମ୍ଭୀର ନୀରବତା । ରେଡିଓ ସମ୍ବାଦ ଦେଉଛି— ବୟାଳିଶ ନମ୍ବର ଦଳର ଭୀଷଣ ଷଡ଼ଯନ୍ତ୍ର ଧରାକୁ ଫୁଟିଛି, ବ୍ୟର୍ଥ ହୋଇଛି ।

Digitized by srujanika@gmail.com

ଷଡ଼ଯନ୍ତ୍ରକାରୀମାନେ ହତ୍ୟା ଓ ଲୁଣ୍ଠନର ତାଣ୍ଡବଲୀଳା ଲଗାଇବାକୁ ସଜ ହୋଇଥିଲେ, ସରକାର ତାହା ବ୍ୟର୍ଥ କରିବାକୁ ସମର୍ଥ ହୋଇଛନ୍ତି ।

ସନ୍ଧ୍ୟାର ଖବର କାଗଜ ଷ୍ଟାମ୍ପ ଖବର ବାଣ୍ଟୁଛି, ଆଜି ମୋଟରେ ଗିରଫ ସତାଅଶୀ ଜଣ, ଆଉ କେତେ ସ୍ତ୍ରୀ ବେଶଧରି ଖସି ପଳାଇଥିବା ଗୁଜବ । ବିଶ୍ୱସ୍ତ ସୂତ୍ରରୁ ସମ୍ବାଦ ମିଳୁଛି, ଷଡ଼ଯନ୍ତ୍ରକାରୀମାନେ କୌଣସି ଗୋଟିଏ ଦେଶ ବା ଗୋଷ୍ଠୀରେ ଆବଦ୍ଧ ନୁହନ୍ତି, ସେମାନଙ୍କ କର୍ମକ୍ଷେତ୍ର ସମଗ୍ର ପୃଥିବୀ ଏବଂ ସମଗ୍ର ପୃଥିବୀରେ ଏକକାଳୀନ ବିକ୍ଷୋଭ ଜନ୍ମାଇ ମାନବ ସଭ୍ୟତା ଓ ସୃଷ୍ଟି ଦେହରେ ହଠାତ୍ ପକ୍ଷାଘାତ ରୋଗ ଜନ୍ମାଇବା ସେମାନଙ୍କ ଅଭିପ୍ରାୟ । ନିଜ ସମ୍ବାଦଦାତା ଲେଖିଛନ୍ତି, ବିଦ୍ରୋହୀମାନେ ଜୀବନ ମହାନ୍ତିଙ୍କୁ ଯେଉଁ ଘାଉଁଥିବା ମଟର ପଛରେ ଗୋଡ଼ାଇ ଆସିଥିଲେ, ମଟର ତାର ବେଗ ବଢ଼ାଇ ଦେବାରୁ ସେମାନଙ୍କ ଧାଡ଼ଧାପ ବିଫଳ ହୋଇଛି । ଘୋଷଣାର ସୂଚନା ଜଣାପଡ଼ୁଛି, ଅନେକ ଗୁରୁତର କାଗଜପତ୍ର ଜବତ କରାହୋଇଛି, ସେଥିରୁ ଜଣାପଡ଼ୁଛି ଦେଶର ଅନେକ କର୍ଣ୍ଣଧାରଙ୍କ ଜୀବନ ନେବାକୁ ଶତ୍ରୁମାନଙ୍କର ଯୋଜନା ଚାଲିଥିଲା, ଆବଶ୍ୟକ ହେଲେ ବିଶଦ ବିବରଣୀ ପରେ ପ୍ରକାଶ ପାଇବ ।

ପୋଖରୀରେ ଢେଉ ପଡ଼ୁଛି ।

ହୋଟେଲରେ, ସିନେମା ଥିଏଟରରେ, ପାନ ଦୋକାନରେ, ସବୁଆ ଆଡ଼୍ଡ଼ାରେ, ଚାହା ଟେବୁଲ ଉପରେ ଚର୍ଚ୍ଚା ଚାଲିଛି ।

ସହରର ମଣିଷ ପାଇଁ ଖବର ମିଳୁଛି ।

ଜାଠ ଦଳ ଦମ୍ଭ କରି ନକଲ ଦାନ୍ତରେ ପାନ ଚୋବାଉଛନ୍ତି, ଏଯୁଗର ଟୋକାଟୋକିଙ୍କ ଉଚ୍ଛୃଙ୍ଖଳତା ବିରୁଦ୍ଧରେ ମତ କଥାର ଭାଷଣ ଦେଉଛନ୍ତି । ମାଦାଦଳ ମୁଣ୍ଡ ଝୁଙ୍କାଉଛନ୍ତି । ନରମପନ୍ଥୀ କୋମଳ ସ୍ୱରରେ କହୁଛନ୍ତି—"ବାସ୍ତବିକ୍, କି ଅନ୍ୟାୟ ! ଦେଶର ଅବସ୍ଥା ବର୍ତ୍ତମାନ ଯେଉଁଭଳି ତହିଁରେ ପୁଣି ଏପରି ଭୀଷଣ ଷଡ଼ଯନ୍ତ୍ର ! ଘୋର ଅନ୍ୟାୟ ! ଘୋର ଅନ୍ୟାୟ । ଏତେ ଦିନ ଭୁଲ ରହି ଏତେ ଦୂରକୁ ଗଡ଼ଦେବାଟା ଅପଟୁତାହିଁ ବୁଝାଉଛି; ଅତ ଭଲ ହେଲେ ମଣିଷ ଅପଟୁହିଁ ହୁଏ ।"

Digitized by srujanika@gmail.com

ଚରମପନ୍ଥୀ ଗରଜ ଲାଗିଛନ୍ତି, ଧ୍ୱଂସ, ରକ୍ତ !

"ରକ୍ତ ଲୋଲୁପଗୋଷ୍ଠୀ ବର୍ବରଚିତ୍ତ ଦମନନୀତିରେ ଉଦ୍ଦେଶ୍ୟ ହାସଲ କରିବ । ଭୟ ନାହିଁ, ଆମେ ଜାଗିଛୁ । ବିଷଧର ତାର ମୁଖା ଖୋଲିଦେଇ ଠିଆହୋଇ ରହିଛି ତାର ପ୍ରକୃତ ବିଭତ୍ସ ପରିଚୟରେ ଓ ବରଂ ଭଲ ମୁହାଁ-ମୁହିଁ । ପ୍ରତ୍ୟେକ ଆଘାତ ଆମର ଅଭିଯାନକୁ ଆଗୁଆର କରିବ, ପ୍ରତ୍ୟେକ କ୍ଷତ ଆମକୁ କରିବ ବଳୀୟାନ୍, ସର୍ବହରାର ସର୍ବଗ୍ରାହୀ ବହ୍ନି ମାଡ଼ି ଆସୁଛି ହେଇ ଲେଲିହାନ୍ ଶିଖା ବିସ୍ତାର କରି, କେଉଁବାଟେ ଯିବ ତୁମେ ବନ୍ଧୁ ? ପଥ କାହିଁ, ପଥ କାହିଁ ?"

ଯାଦବର ନୂଆ ମେସ୍‌ରେ ନଲ୍‌ଟଣ ଜାଳି ପଢ଼ାବନ୍ଦ ଖୋଲିରଖି ଆଜକା ଖବରର ଚର୍ଚ୍ଚା କରାଯାଉଛି ।

ଶାମବାବୁ—ଶାମ୍ ସୁଲ—ମୂଳକ—"ଧରପଗଡ଼ ନୀତିରେ ଏ ଦେଶ ଫାସିଷ୍ଟ ଦେଶକୁ ବଳି ପଡ଼ିଲାଣି ଦେଖନ୍ତୁ । ଅପରାଧ ଜଣାନାହିଁ, ବିଚାର ନାହିଁ, କିଛି ନାହିଁ, ଧରିଲେ କି ପୂରେଇଲେ ।"

ବିପ୍ର ବାବୁ, "ଧରପଗଡ଼ ହେବ ନାହିଁ କିଛି ହେବ ନାହିଁ, ସ୍ୱେଚ୍ଛାଗୃହକୁ ଖାଲି ଦୁଧ ପାଚିଲା କଦଳୀ ଦେଇ ବଢ଼ିବାକୁ ଛାଡ଼ିଦେବେ ନା କଣ ? ତେବେ ରାଷ୍ଟ୍ର ରହିବ କିପରି ? ଆରେ ବାବୁ, ଚାରୋଟି ଉପାୟ, ସାମ ମୈତ୍ରୀ ଭେଦ ଦଣ୍ଡ—"

ବିଭୂତିବାବୁ, "ତୁଚ୍ଛା ବାଜେ କଥା । ଡ଼େମୋକ୍ରାସିର ଭଣ୍ଡାମି ଚଳିବା ପାଇଁ ଯେତେ ପ୍ରକାର ମନଇଚ୍ଛା ଆଇନ୍, ମନ ଇଚ୍ଛା ଯୁକ୍ତି । ଏଣେ ଲୋକେ ତାଙ୍କର ଦାବୀ ପାଇଁ କଥା କହିଲେ ତାଙ୍କୁ ଆପଣ ଗାରଦରେ ଭର୍ତ୍ତି କରିବେ ! ମନେ ରଖିଥାନ୍ତୁ ଶହୀଦର ରକ୍ତ—"

ପଦ୍ମବାବୁ—"ଏଇ, ବାହାରିଲା ଆପଣଙ୍କର ରକ୍ତ—ସୁବିଧା ମିଳିଲେ କି ନା ! କିଏ ମୁଣ୍ଡ ପୋତିଥିବେ କିଛି କହିବେ ନାହିଁ, ଯେଉଁଠି ଯିବ ଗୋଳମାଳ କିଛି ଲାଗିବ ସେଠିକି ଧାଇଁଯାଇ ଆବିଷ୍କାର କରିବେ ଶହୀଦର ରକ୍ତ ସୁବିଧାବାଦୀମାନେ !"

Digitized by srujanika@gmail.com

ଜାତି ଜାତି ମତଧାରା ବିଭିନ୍ନ ଦିଗରୁ କଥାଟିକୁ ଆଲୋଚନା କରି ଦେଖୁଛନ୍ତି, 'ଦେଖିବାପାଇଁ ନଜର୍ ଦେବାଲାଗି ଲାଇବ୍ରେରୀରୁ ବହି ଆସିଛି, ଖବର କାଗଜରୁ ଖଣ୍ଡ ଅଂଶ ଆସିଛି । ତର୍କ ବଢ଼ୁଛି, ସିଦ୍ଧାନ୍ତ ନାହିଁ । ଯାଦବ ପଢ଼ାରେ ମନଦେବାକୁ ଚେଷ୍ଟା କରୁଛି, ହେଉନାହିଁ ।

ରାତି ଘଣ୍ଟେ ଆଠ । ହଠାତ୍ ଗୁରିଜଣ ପୁଲିସ୍ ସହିତ ଜଣେ କର୍ମଚାରୀଙ୍କ ଆଗମନ । ଯାଦବର ଛାତି ଗୁରିଁ କଲା, ହେଲେ ସେମାନେ କଟମଟ କରି ତାହାର ଆଡ଼କୁ ଗୁହିଁ ରହିଛନ୍ତି । ଭୁଲ୍—ବଡ଼ ଭୁଲ୍, ସେମାନଙ୍କର—ଯାଦବ ଭାବିଲା । ଭୁଲ୍‌ଟିର କଣ ଭାଗ୍ୟ ଆଣିଦେଇଛି ନେତୃତ୍ୱର ଗୌରବ ମୁକୁଟ ! କିମ୍ବା ଗିରଫ୍ ! ତାପରେ ଅନ୍ଧାରୁଆ ଶୀତୁଆ ଗଳିରେ ପୁଲିସ୍ ପଛେ ପଛେ ଗୋଟିଏ ଗୋଟିଏ—ଗୌରବର ଧାରଣା ଏଠି କେମିତି ସୂକ୍ଷ୍ମ ଲାଗେ ।

ଗର୍ଜନକରି ପଢ଼ା ଆରମ୍ଭ କଲେଣି ଆଉ କେତେ ଜଣ । ବିପ୍ରବାବୁ ଖେଙ୍କି ଉଠିଲେଣି, "ପରୀକ୍ଷା ପାଖ, ପଢ଼ା ଭିଡ଼, ହଠାତ୍ ପଢ଼ାପଣ୍ଡା ମଝିରେ ଏପରି ଗୋଳମାଳ କାହିଁକି ଆଜ୍ଞା ।"

"ଆପଣଙ୍କର ଏ ମେସ୍‌ରେ କେହି ସ୍ତ୍ରୀଲୋକ ଅଛନ୍ତି କି ଆଜ୍ଞା ?" କର୍ମଚାରୀ ପଚାରିଲେ ।

"ସ୍ତ୍ରୀ ଲୋକ !" ଚିତ୍କାର କରି ଉଠିଲେ ସମସ୍ତେ ।

"କଣକରି ପାଇଲେ ଆଜ୍ଞା ! ଛାତ୍ର ମେସ୍‌ରେ ସ୍ତ୍ରୀଲୋକ ଖୋଜି ଆସିଛନ୍ତି ଯେ ଆପଣ !"

ଗାଳି, ପାଟି, ରାସ୍ତାକୁ ଓହ୍ଲାଇଯିବାକୁ ସଂକେତ ।

ସମସ୍ତେ ଏକମତ, ଯେତେ ଦଳ ! କାରଣ ମୂଳତଃ ସେମାନେ ଛାତ୍ର, ଛାତ୍ର ପକ୍ଷରେ ଚରିତ୍ରହିଁ ଆଦର୍ଶର ପୃଷ୍ଠଭୂମି ।

କର୍ମଚାରୀ ହାତଯୋଡ଼ି ନେହୁରା ହେଉଛନ୍ତି, "କ୍ଷମା କରିବେ, ଆପଣମାନଙ୍କର ଚରିତ୍ର ଉପରେ ଆକ୍ଷେପ କେହି କରୁନାହିଁ—"

"କରୁନାହିଁ ଆଉ କଣ କରୁଛି ? ମଦୁଆଙ୍କ ପରି ପଢ଼ିବା ଜାଗାକୁ ପଶି ଆସି ଯାଙ୍ଗେ ଯାଙ୍ଗ ପ୍ରଶ୍ନ ପଚାରି ହେଉଛି କଣ ନା ସ୍ତ୍ରୀଲୋକ କେହି ଏଠି ଅଛନ୍ତି ?—ଶେଷ୍ ଆଉଟ୍ ଆପଣ —"

Digitized by srujanika@gmail.com

"ଗେଟ୍ ଆଉଟ୍—ଗେଟ୍ ଆଉଟ୍—"

"ଏଇଓ—" ଉଚ୍ଚ ଖଟ ଉପରୁ ଗଡବାବୁ ଡ଼ାକ ଛାଡ଼ୁଛନ୍ତି, ତାଙ୍କ ବିଶାଳ ବପୁ ହଲହଲ ତଳକୁ ଗୁଡି ପକୋଉଚ୍ଛ ତକିଆ ଗୋଟା ଗୋଟା, ଗଡବାବୁ ଆଇନ୍ ପଢ଼ନ୍ତି, "କିଏ ସେ ସେଠି ? ଓ, ହୁଁ—କେଉଁ ଆଇନ ଅନୁସାରେ ଭିତରକୁ ପଶି ଆସିବା ହୋଇଛୁ, ତାର କୈଫିୟତ୍ ଦେବାକୁ ପଡ଼ିବ, ଆଗ ପଦାକୁ, ନହେଲେ ଅନ୍ୟାୟ ପ୍ରବେଶକାରୀ ପାଇଁ ଆଇନ୍‌ସମ୍ମତ ବିଧି ହେଲ, ତାକୁ ଆଗ ଧକ୍କାଦେଇ ପଦାରେ ଛାଡ଼ିବା, ଅର୍ଥାତ୍ ବଲଖଟାଇ ବାହାର କରିଦେବା ।"

କର୍ମଗୁରୁ ଗମ୍ଭୀର ହୋଇ କହିଲେ,

"ବଡ଼ ଦୁଃଖିତ ହେଉଛି—ଆପଣମାନଙ୍କ ଅଧୀରତା ଦେଖି । ବିନା କାରଣରେ ଏତେ ଶୀଘ୍ର ଆପଣମାନେ ଶାନ୍ତ ଭଙ୍ଗ କଲେ, ଅଥଚ ଆପଣମାନେ ଆମର ଭବିଷ୍ୟତର ଶାସକ, ଦେଶର ଭାଗ୍ୟବିଧାତା—"

"ଆପଣ ? ହୁଁ, ଶାନ୍ତିର ରକ୍ଷକ ସତ୍—"

"କାଲି ଯେ ହୁକୁମ ଜାରିକରିବେ ଆଜି ତାଙ୍କୁ ହୁକୁମ୍ ମାନିବାକୁ ଶିଖିବା ଅଭ୍ୟାସ କରିବା ଉଚିତ୍ । ଶାନ୍ତିରକ୍ଷା ହେବା ଉଚିତ ପ୍ରଥମ ପାଠ—"

"ଆପଣ କିଏ ଆମକୁ ନୀତି ପାଠ ପଢ଼େଇବାକୁ ଆସିଛନ୍ତି ? ଦେଖିଲେଣି କେତେ ସମୟ ନଷ୍ଟ ହେଲଣି, ଯାଉଛନ୍ତି ନା—" ଗଡବାବୁ ଆପଣାକୁ ବିସ୍ତାର କରି କହିଲେ ।

"ଆଜ୍ଞା ମୋଟେ ନୁହେଁ, ହେଇ ଦେଖନ୍ତୁ ସ୍ୱେ ଓ୍ୱାରଣ୍ଟ୍ ଓ ସ୍ୱେ ସାର୍ଚ୍ଚ ଓ୍ୱାରଣ୍ଟ୍ । ଆମର ବିଶ୍ୱସ୍ତସୂତ୍ରରୁ ଖବର ଅଛି ଯେ ଯାହାଙ୍କ ନାଁ ଏଥିରେ ଲେଖା ଅଛି ସେହି ବିପ୍ଳବକାରିଣୀ ନାରୀ ଏଠି ଲୁଚି ରହିଛନ୍ତି, ବର୍ତ୍ତମାନ—ଆମେ ଖୋଜିବୁ, ଆପଣମାନେ ଶିକ୍ଷିତ ଛାତ୍ରବୃନ୍ଦ ତାହାଙ୍କର ଏଥିରେ ବାଧା ନଦେଇ ଶାସନ ଅନୁଷ୍ଠାନକୁ ସାହାଯ୍ୟ କରିବେ—"

"ଶାସନ ଚକ୍ର କହନ୍ତୁ ଆଜ୍ଞା, ଚକ୍ରମାନେ ସ୍ୱସ୍ତିକ", ବିଭୂତିବାବୁ କହିଲେ—

Digitized by srujanika@gmail.com

"ଯାହା କହନ୍ତୁ ଆଜ୍ଞା—"

"ଏଠାହା ଗୁଣ୍ଡାଙ୍କ ଅଡ୍ଡା ନୁହେଁ ଅଜ୍ଞା—"

"ସେ ବିଷୟରେ ମୋର ମତାମତ ନାହିଁ ।"

ଖୋଜା ଆରମ୍ଭ ହେଲ, ଘର, ବାଡ଼ି, ଷ୍ଟେସନଘର, ପାଇଖାନା, କାଠଘର, ଛାତ ଉପର । କାମ ସାରି ଦଳ ଯେମିତି କର୍ମକ୍ଳାନ୍ତ ବାହାରି ଚାଲିଗଲେ ।

ତାପରେ ମେସରେ କଳରବ ଲାଗି ରହିଲା ଘଣ୍ଟାଏଯାକେ ।

ରାତି ଗୋଟାଏ ପର୍ଯ୍ୟନ୍ତ ଯାଦବ ପାଠ ପାଖେ ବସି ରହିଲା । ଅପଣା ଆଉ ପାଠ ଭିତରେ କେତେ ଦିନ ପରେ ନୂଆହୋଇ ସମ୍ବନ୍ଧ ଯୋଡ଼ା ହୋଇଛି । ଲାଗୁଛି, ଏଇ ବହିର ଦୁନିଆଁ, ଖାତାପତ୍ରର କର୍ମକ୍ଷେତ୍ର, ଏଠି ଗଣ୍ଡଗୋଳ ନାହିଁ, ପୁଲିସ୍ ନାହାନ୍ତି, ବାହାରର ବାଦବିତଣ୍ଡା ନାହିଁ । ଏ ନିରାପଦ, ଏଠି ଶାନ୍ତି ଅଛି, ଅପଣାକୁ କାଗଜକରି କାଗଜରେ ମାଡ଼ିଦେଇ ପାରିଲେ ଜଞ୍ଜାଳର ସାଧ ନାହିଁ ଏଠି ଦାଉ ସାଧିବ । ଏଣ୍ଟ୍ରାନ୍ସ ପୁଣି ଜୋଉଟି ଆସୁଛି ଯେ ତାର ଜ୍ଞାନ କମିନାହିଁ, ଅର୍ଥ ଓ ତତ୍ତ୍ୱ କାଢ଼ିବା ଲାଗି ତାର ବୁଦ୍ଧିରର ଶାଣ ଅତୁଟ ରହିଛି, ଉନ୍ନତି ତାର ହାତମୁଠାରେ ।

ସମସ୍ତେ ଶୋଇ ପଡ଼ିଲେଣି, ଘୁଙ୍ଗୁଡ଼ି ଶୁଭୁଛି, କିଏ ଜଣେ ବିକୃତ କଣ୍ଠରେ ବକବକୋଉଛି ।

ନିଜେ ବିଦ୍ୟାଚର୍ଚ୍ଚାରେ ମନେ ମନେ ଆତ୍ମାଭିମାନ ପାଇଁ ଆନନ୍ଦ ହେବା ପରେ ଧୀରେ ଧୀରେ ମନ ଚହଲି ଯାଉଛି, ଏଇ ବହି ସ୍ୱାଇଜର ବାଡ଼ କାନ୍ଥ ଟପି ଦିନେ ସେ ପଦାକୁ ଡେଇଁ ପଡ଼ିଥିଲା, ବୁଲିଥିଲା, ଦେଖିଥିଲା । ଆପଣା ଦୃଷ୍ଟିର ଫୋକସ୍ ତଳେ ସ୍ମରଣରେ ସମସ୍ୟାର ଦୃଢ଼ତା ସ୍ପଷ୍ଟହୋଇ ଆସୁଛି । ପୁଣି ସେ ପଦାରେ ଠିଆହୋଇ ଦେଖୁଛି ।

ବିପ୍ଳବ ମୁଣ୍ଡ ଟେକୁଛି, ସୁବିଧାବାଦର ଚକଆ ତଳେ ଜଡ଼ବାଦର ପଥର ଅସ୍ଥାନ ତଳେ, ବାସୁକୀ ମୁଣ୍ଡ ଟେକୁଛି, ପୃଥିବୀ ଦୋହଲୁଛି, ଅନସ୍ତିତ୍ୱ ମନ୍ଥନ ଲାଗିଲାଣି, ବିପ୍ଳବବାହିଣୀ ନାଚ—କାହିଁ ସେ ?

Digitized by srujanika@gmail.com

ବୃତ୍ରାସୁର ବର ପାଇଥିଲା, ଆସିବ ସେ ଦିନେ ଆସିବ, ବଜ୍ର ତୋଫାନରେ ତାର ଆବର୍ତ୍ତନ, ଧୂଆଁରେ ତାର ପ୍ରକାଶ, ତ୍ରିଲୋକ୍ୟ ତାର ଅନ୍ତର୍ଦୃଷ୍ଟି । ଭସ୍ମରେ ଅମୃତ ଛିଞ୍ଚି ସ୍ୱପ୍ନ ବାଢ଼ିଦେଇ ସେ ଯିବ, ସେହି କିଏ ସେ ?

ନଳ୍‌ଟଣର କଳା ଲଗି ଆଲୁଅ ହେଲଣି ପାଉଁଶିଆ ନାଲିଆ, ବନ୍ଧଖୋଲା ହୋଇ ପଡ଼ି ରହିଛି । ଦୁଇ ପାପୁଲରେ ମୁଣ୍ଡକୁ ଥୋଇ ମୁହଁ ପୋତିଦେଇ ଯାଦବ ପଧାନ କବିତାର ରୂପ ଦେଖୁଛି, ଶବ୍ଦବକାରଣୀ ନାରୀ, ଯାହାପାଇଁ ସ୍ୱୋପନକଲ ଉନ୍ନିଦ୍ର ।

କିଏ ସେ ?

ଢଳିଯାଉଛି ଅନ୍ଧାର ଆଗରେ କ୍ଷୀଣଦେହା ଗୋଟିଏ ଯୁବତୀ, ତାର ବଡ଼ ବଡ଼ ଆଖି, ପାତଳ ଓଠ ଏକାଠି ଘସାଘସି. ମୁହଁରେ ତାର ଆଦର୍ଶର ଅନ୍ଧ ମୋହ, ହାଡ଼ୁଆ ମୂଠାରେ ନିର୍ଦ୍ଦୟ ଶଭଲ୍‌ଭର୍, ସେହି କିଏ ସେ ?

ଚେତଣି

ଅନ୍ଧାର ଘୋର ।

ସବୁଦିନ ପରି ଛନ୍ଦା ଦୁଆରଖୋଲ ଅ.ଲୁଅ ଜାଲ ପଡ଼ୁଛି, ମନ ଲଗୁନାହିଁ ବାରମ୍ବାର ପଦାକୁ ଗ୍ରହୁଁଛି, ଅ.ପଣା ଭିତରୁ ଉପୁଜାଉଛି ଅଜଣା ପ୍ରତୀକ୍ଷାମୟ ଚକିତ ଚକିତ ଭାବ, ସତେକି ନିତି ଦିନର ସହର୍ ବାଟ ମାଡ଼ି ନୂଆ କିଛି ବୈଚିତ୍ର୍ୟ ଆସି ଦୁଆର ମୁହଁରେ ଛିଡ଼ା ହେବ, କହିବ, ଛନ୍ଦା, ଜୀବନର ଅଠର ବାଙ୍କରେ ଅଠର ଗୁଟଣ ଛଡ଼ାଣି ଆସ୍ମୀ, ଜୀବନ ବଚନ, ଜୀବନ ସୁନ୍ଦର ।

ଚହଳ କରି ଗାଡ଼ି ଗୁଲିଯାଉଛି, ଟ୍ରେନ ଗୁଲିକେନ୍ତି, ବୁଲାବିକାଳି ଅଦ୍ୟାପି ତାର ଘଣ୍ଟି ଝଣଝଣେଇ ଗାଡ଼ି ଠେଲି ଗୀତ ଚ୍ୟମ୍‌କଦେଇ ଗୁଲଛି, ସହରର

Digitized by srujanika@gmail.com

ଥିଲା ଅନୁମାନ କରି ନେଇ ଆସୁଛି ଘରକୁ ବୋଲି । ତଥାପି ଛନ୍ଦା ଉଦାସ ଓ ନିସ୍ତୁଟିଆ, ଅନ୍ୟମନା, ବହି ଖୋଲି ଗୋଟିଏ ପଢ଼ିଆର ମନର ଏହି ଅବସ୍ଥା ପାଇଁ ।

ଆପଣା ଜୀବନକୁ ଛନ୍ଦା ଏହି ମନରେ ଚାହିଁ ଦେଖୁଛି । ଦଶ ଜଣଙ୍କ ଅବସ୍ଥା ଭାବିଲେ ଆପଣା ଅବସ୍ଥାର ଅଭାବ କମି ହୁଏ । ପଢ଼ା ସରିଲା, ବୟସ ହେଲାଣି, ମାଷ୍ଟ୍ରେଇ ରହିଲେ ବି ସବୁଦିନ ଏଡ଼ି ହେବ ନାହିଁ । ସମାଜରେ ଓଟରି ଗୋଟରି ଖାଇ ଦିନେ ତାକୁ ବି ଏଠୁ ଚାଲିଯିବାକୁ ହେବ ଅନିର୍ଦ୍ଦିଷ୍ଟ ଘରକରଣା ପାଇଁ । କେଉଁଠି ସେ ? କଣ ତାର ସୁଖଦୁଃଖ ? ମନ ଭଲ ଥିଲେ ଭବିଷ୍ୟତ ଦିଶେ ସ୍ୱପ୍ନ ପରି ସୁନ୍ଦର, ଅତି ଆପଣାର, ଅତି ବିଶିଷ୍ଟ । କିନ୍ତୁ ଏ ମନରେ—ନିଗୁଟିଆ ମନର ନିକୁଟା ବିଶ୍ଳେଷଣରେ ବିଶିଷ୍ଟତା ପରିବର୍ତ୍ତେ ଆସେ ସାର୍ବଜନୀନତା, ସମସ୍ତଙ୍କର ଯାହା ଘଟୁଛି ତାର ବି ତାହା ହେବ, ସେହି ଲୋକାଚାର, ସେହି ଅଭ୍ୟାସ, ନୀରସ ଯନ୍ତ୍ର ମାନବ ହୋଇ ଦିନ ବିତେଇ ଯିବ, ମନର କବିତା ମଠିଆ ରାଗିଣୀରେ ଗାଇବାକୁ ମନଗଢ଼ା ନିବେଳା ବରିଷ୍ଠ କାହିଁ ?

ବାପା ଆସି ତୁନିହୋଇ ଠିଆହେଲେ, ଛନ୍ଦା ପୁସ୍ତା ଓଲଟେଇଲା, ବାପା ଚାଲିଗଲେ । ବୋଉ ଆସି ବସି ପଡ଼ିଲେ । କହିଲେ "ଦି ଦିନ ହେଲା ତୋ ସାଙ୍ଗଟି କାହିଁକି ଆସିନାହିଁ କଲେ ଝିଅ ? ନିତି ତ ଆସୁଥିଲା ।"

ସାଙ୍ଗ—ହଁ—ଶୁଭ୍ରା ଆଉ ଆସିନାହିଁ, ତାଠୁ କିଛି ଖବର ବି ନାହିଁ । ବୋଉ କହିଲା, "ସେ ଆସିନାହିଁ ବୋଲି ମତେ ଭାରି ଖରାପ ଲାଗୁଛି । ପାଖରେ ବସି କେତେ କଥା କହେ, ସତେ କି ନଅଁ ଝରେ, କେତେ ନବ-ରଙ୍ଗ ଲଗାଏ, ନିଜେ ଥିରହୋଇ ବସିବ ନାହିଁ କି ମୁହଁଲଦି କାହାଙ୍କୁ ବସିବାକୁ ଦେବ ନାହିଁ । କୁଆଡ଼େ ଗଲା ସେ ?"

"ମୁଁ ତ ଜାଣିନାହିଁ ବୋଉ—"

"ଆଉ ଯାଦବ, ଗଲା ଯେ ଗଲା, ଏମିତି ପାଠ ଲାଗିଛି ଯେ ଆଉ ଦିନେ ବି ଫୁରୁସତ୍ ନାହିଁ ! ଦଣ୍ଡକ ପାଇଁ କେଡ଼େ ଆପଣାର କରିଦେଲା, ଅଉ ଆସିଲା ନାହିଁ ! ଭାରି ଭଲ ପିଲାଟିଏ ସେ, କେଡ଼େ ଶାନ୍ତ, କେଡ଼େ ଗମ୍ଭୀର, କୁଆଡ଼େ

Digitized by srujanika@gmail.com

ଖର ଭଲ ପଢ଼େ, ସେ କହୁଥିଲେ । ଆଉ କେଇଟା ମାସରେ ତ ତାର ପଢ଼ା ସରିଯିବ, ସେଉଠୁ ତାପରି ସେ, କେତେ ମଣିଷ ହେବ ।”

ବୋଉ କିଛି ତ ଦେବନାହିଁ, ସବୁବେଳେ ସେହି କଥା ।’ ଶୁଭ୍ରା କଥା ଗୋଟାଏ ପ୍ରସ୍ତାବନା, ଅସଲ ଯାଦବର ପ୍ରଶସ୍ତି ।

“କିଏ ମନା କରୁଛି—” ଛନ୍ଦା ମୁହଁ ଫୁଲେଇ କହିଲା ।

“ସବୁ କର୍ମଲେ ଢିଅ । ଆମେ ମନା କଲେ କି ନକଲେ କିଛି ଫଳ ନାହିଁ ।”

“ଆଛା ବୁଝିଲୁ ତୁ ତୁଛାକୁ ଘୋରଡେଇ ହେଉଛୁ । ’ଯାଦବବାବୁ ଭଲ ପଢ଼ନ୍ତି, ବଡ଼ ମଣିଷ ହେବେ, ପଢ଼ା ସରିଆସିଲା, ବଡ଼ ଘରେ ବାହା-ହେବେ, ଆମକୁ ସବୁ ନିମନ୍ତ୍ରଣ ଆସିବ—” ଛନ୍ଦା ଟିକିଏ ଥକେଇ ହସିଲା, କହିଲା “କିତ ଏମିତ କେତେଲୋକ ବଡ଼ଲୋକ ହେଉଛନ୍ତି, ହେଉଥିବେ, ଏତେ ବଡ଼ ସହର, କାହାର ଆମେ କି ଖବର ରଖୁଛେ ଖାଲି ଯାଦବ ବାବୁଙ୍କ ପ୍ରଶସ୍ତି ଗାଇ ପାଲିଆହୋଇ ପାଳି ଧରୁଥିବା—”

ବୋଉ ଶଙ୍କିଗଲେ । ଏଗୁଡ଼ା ଏ ପିଲା କଣ କହୁଛି ? ପାଠ ପଢ଼ା ପିଲା, ଅନ୍ଧ ନୁହେଁ, ଖୁରଆଡ଼େ ଆଖି । ତେବେ ଆଉ କଣ କେହି ଅଛି, ଯାହା ତେଜରେ ଯାଦବ ପରି ପିଲା ମଳିନ ପଡ଼ିଯାଉଛି । ଧରିବାକୁ ହେବ ଶୁଭ୍ରାକୁ ବୋଉ କହିଲେ,

“ଅନେକ ବସିଛ ମୁଁ ତୋ ସାଙ୍ଗକୁ । କେଡ଼େ ସୁନ୍ଦର ଝିଅଟିଏ । ଆପଣା ପେଟରୁ ଜନ୍ମ କଲା ଝିଅଙ୍କ ସାଙ୍ଗେ ଆଜକାଲି କଥା କହି ହଉ ନାହିଁ’ କହିଲେ ମାଡ଼ ବସିବେ ଗାଉଁକନା । ମାଲେ ମଣିଷ ସିଧାକଥା ବ କହିବନାହିଁ ? ସେ ଯୋଉ ପିଲାଟି, କେଡ଼େ ସୁନ୍ଦର ଗପେ !’ଯାଉଚ ଲୋ, ତୋର ତୁ ପଢ ।”

ବେଶ୍ ହୋଇଛି । ଏଥର ବୋଉ ଯାଇ ବାରେଇହୋଇ ବାପାଙ୍କ ସାଙ୍ଗେ କଥା ପକେଇବେ । କେତେ ସାତପାଞ୍ଚ, କେତେ ଗୁଣାଗୁଣି, ସସାର ଯାକର ଅଦଧ ଲୋକଙ୍କ ଖବର ଏମାନେ ଗୁଣି ରଖିଛନ୍ତି, ଚୌଦପୁରୁଷର ଖବର, ଜମିବାଡ଼ ଘରଦୁଆର ଖବର,ବ୍ୟକ୍ତିଗତ ଖବର, ତୁଳନାତ୍ମକ ଖବର, ଅନ୍ୟ କଥାରେ ଅପଣା ଦୁଆର ମୁହଁ ସେପାଖେ ପଡ଼ଶା ଘରକୁ

Digitized by srujanika@gmail.com

ଯେଉଁମାନେ ଆଉ ଆଖିରେ ଅନାନ୍ତି ନାହିଁ ଅଧେ ଦୁନିଆର ଖବର ସେମାନେ ମୁଖସ୍ଥ କରି ରଖିଛନ୍ତି । ଭାବିଲେ ହସ ମାଡ଼େ, ଦୟା ହୁଏ । ଛନ୍ଦା ଗମ୍ଭୀର ହୋଇ ଭାବୁଥିଲା, କିନ୍ତୁ କାହାରି ଦୋଷ ନକରି ବି କେଡ଼େ ବଡ଼ ସମସ୍ୟା ସେ ନିଜେ । ପାଠ ପଢ଼ିଲା, ବ୍ୟବହାର ପାଇଁ ନୁହେଁ, ଅଳଙ୍କାର ପରି । ହାତଗୋଡ଼ ଥାଇ ପରର ସେ ବୋଝ ।

ଏହି ତାର ଆଦର୍ଶର ସମାପ୍ତି ଘଟିଲାଣି । ବେଶୀ ଡେରି ନାହିଁ ।

ଜୀବନର ବାଟ ବଡ଼ ନୀରସ ।

କଳ୍ପନାରେ ସେ ଭାବିଲା ସେ ମରୁଛି । ଜୀବନରେ ଯେଉଁ କବିତାର ସାର୍ଥକତା ଭାବି ହେଉନାହିଁ, ଆରୋପି ହେଉଛି ତାକୁ ଅଜଣା ମରଣଠି । କେଡ଼େ ସୁନ୍ଦର ନିଃଶବ୍ଦ ବିଦାୟ । ଜଞ୍ଜାଳ ଓ ଦୁଶ୍ଚିନ୍ତାକୁ ଛାଡ଼ିଦେଇ ଚାଲି-ଯାଇଛି ସତେ ଯେପରି ଖୋଲପା ଛାଡ଼ିଲା ପରି । ମନେ ପଡ଼ିଲା, ଗାଧୋଇ ସାରି ଆସି ଦର୍ପଣରେ ଦେଖେ ଯେଉଁ ମୁହଁ, ଶାନ୍ତ ସୃଷ୍ଟିରେ ଉଡ଼ି ଚାଲିଯାଉଛି ମରଣର ଅନ୍ଧାର ଭିତରେ ଅଛି ଅସରନ୍ତି ଅଜଣା ଉଦ୍ଦୀପନା, ନିତି ନୂଆ ତାରୁଣ୍ୟର ସୁଅ ।

ଛନ୍ଦା ଆଖି ବୁଜି ଦେହ ଶିଥିଳ କରି ଅନ୍ଧାରରେ ମନଦେଇ ପ୍ରାଣପଣେ ମନେ ମନେ ଡାକିହେଲା—ସେ ମରୁଛି—ମରୁଛି ।

ଦିଶିଯାଉଛି, ଧନିକର ଦାମୀ ମଟରରେ ଚଢ଼ି ବସିଛି ଯାଦବ ପଧାନ, ଧୀରେ ଧୀରେ ରୂପ ବଦଳେଇ ହେଉଛି ଚୂନିଲାଲ୍ ।

ଛନ୍ଦାର ଜୋର୍ କରି ବନ୍ଦ କରିଥିବା ଆଖି କଣ ଓଦାକରି ପଦାକୁ ବାହାରୁଛି ଟୋପାଏ ଲୁହ । ତଥାପି ଆଶାୟୀ ହୋଇ ଇଚ୍ଛା ଶକ୍ତି ପ୍ରୟୋଗ କରି ସେ ଡାକି ହେଉଛି—ସେ ମରୁଛି ।

"କଣ, ଧ୍ୟାନ ହେଉଛି ? କହ, କିପରି ବର ଦରକାର ?"

ଚମକି ପଡ଼ି ଚାହିଁଦେଲା ଛନ୍ଦା ଚୌକି ପୋସାଗ ପଛକୁ ଘୁଞ୍ଚି ଠିଆ ହେଲା, ଲଜ୍ଜିଲା ସେ ଚକ୍କାର କରିବ । ମୁହଁରେ ହାତଦେଇ ଅନେଇଁ ରହିଲା ଆଗନ୍ତୁକକୁ ।

Digitized by srujanika@gmail.com

ଦୋ ଦୋ ଚହ୍ଲା ମିଠା ଗଳାରେ ପୁଣି ସମ୍ଭାଷଣ ଆସିଲ,

"ସହର ଜାଗାରେ ରାତିରେ ଦାଣ୍ଡଦୁଆର ଖୋଲରଖି ବସି ରହିଲେ ଅନେକ ଆଶ୍ଚର୍ଯ୍ୟ କଥା ଦେଖିବା ପାଇଁ ପ୍ରସ୍ତୁତ ରହିବା ଦରକାର । ଦୋଷ କାହାର ? ମୋର ତ ନୁହେଁ ।"

ଆଗନ୍ତୁକ ଝଟ କରି ଆଗେଇ ଦୁଇହାତ ବଢ଼େଇ ଛନ୍ଦାକୁ କୁଣ୍ଢେଇବାକୁ ଗଲା, ଛନ୍ଦା ଠକ ଠକ ଥରି ପଛେଇଲା, ସହଜ କଥାଟା ଯେପରି ସେ ଭୁଲିଗଲା ପାଟି କରିବାକୁ । ଆଗନ୍ତୁକ କେଡ଼େ ତେଢ଼ା ଦିଶୁଛୁ, ମୁଣ୍ଡରେ ଟୋପି, ଆଖିରେ ଚଷମା, ଦେହରେ ସୁଟ୍, ନକେନକା ହେଲେ ବି ସରୁ ଅଣ୍ଟା ଓ ମୋଟା ଛାତି ଜଣେଇ ଦେଉଛି କ୍ଷିପ୍ର ଅଭ୍ୟସ୍ତ ବ୍ୟାୟାମ କୁଶଳତା, ସରୁ ସରୁ ନିଶ ଯୋଡ଼ା ଓଠତଳୁ ସିଗାରେଟ୍‌ଟା କାଢ଼ିଧରି ହସିଦେଇ ଚହ୍ଲା ସ୍ୱର କହିଲା, "ଛି ଛନ୍ଦା, ଆତ୍ମରକ୍ଷାର ଏତେ ଉପାୟ ଶିଖାଇଲି ସିଷ୍ଟିଠୁ ଭେଲଭରି ଯାକେ, ଏଇ କଣ ତାର ପରୀକ୍ଷା ?"

"ଆରେ, ଶୁଭ୍ରାଦ !"

"ଚୁପ୍ ଚୁପ୍—ପାଟି କରନା, ସତେ ଯେମିତି ଗୁପ୍ତଟା ଓଟାରି ଆଣିବୁ ।" ଶୁଭ୍ରା ଦାଣ୍ଡକୁ ଯାଇ ଟହଲି ଆସି କବାଟ ଆଉଜେଇ ଆଣିଲା, ବସିପଡ଼ି କହିଲା "ଖାଇବାକୁ ଦେ, ମୁଁ ଭୁଖାଛୁଁ—"

"କଣ ଥିଏଟରରୁ ଉଠି ଆସିଛ ଶୁଭ୍ରାଦ ।"

"ଏକ୍‌ଦମ୍ ଠିକ୍ । ବଡ଼ ସୁନ୍ଦର ହୋଇଥିଲା, ତିନି ଘଣ୍ଟା ପାଇଁ ଯଥେଷ୍ଟ ମଉଜ । ଭଲ ଉପନ୍ୟାସ ଗୁଡ଼ାକ ବି ହୁଅନ୍ତା ସେହିପରି, ତା' ହେଲେ ତ କଥା ନ ଥିଲା । ତତେ କେତେ ନାଇଁ ବୋଲି ଦୁଃଖ କର୍‌ନା ଛନ୍ଦା, ତୁ ଏକଦମ୍ ଅଳେ, ତତେ ବୋଝି ବୁଝିବାକୁ ମୋର ଶକ୍ତ ନାହିଁ ।"

"ସତେ ତୁମେ ଥିଏଟର ଦେଖି ଯାଇଥିଲ ନା, ଥିଏଟର କଣ ? ମାଲେ କେମିତି ଦିଶୁଛ, ନିଶଟା କୋଉଠୁ ପାଇଲ, ମତେ ଦିଅନ୍ତ ନାହିଁ ?"

"ହେଲେ ତୋର ଶାଢ଼ି ସାଙ୍ଗରେ ସେତ ଠିକ୍ ମାନିବ ନାହିଁ । ମୁଁ ଥିଏଟର ଦେଖି ଦେଖି ଆସୁଛି, ରଙ୍ଗମଞ୍ଚରେ ସୁନ୍ଦର ଅଭିନୟ, ରାସ୍ତାରେ

Digitized by srujanika@gmail.com

ତାଠୁ ଆହୁରି ସୁନ୍ଦର, ବନ୍ଧୁମାନେ ସହରଯାକ ଖୋଜି ବୁଲୁଛନ୍ତି ଶୁଭ୍ରା କାହିଁ ? ଶୁଭ୍ରା କାହିଁ ? ମୁଁ ବି କହୁଚି, ଶୁଭ୍ରା କାହିଁ ? ଆପଣଙ୍କୁ ଦେଖୁଛି, ଅନୁଭବ କରୁଛି, ମୁଁ କିଣ ସେହି ? ସତ କହିଲୁ ? ମୁଁ କିଣ ସେହି ?"

ଛନ୍ଦା ଶୁଭ୍ରାର ହାତ ଧରି ପକେଇଲା, କହିଲା, "ଶୁଭ୍ରାଦି, ଏହିରୁ କିଣ ? କାହିଁକି ?"

ଗମ୍ଭୀରହୋଇ ଶୁଭ୍ରା କହିଲା, "ଏ ବ୍ୟକ୍ତିତ୍ୱ । ଅବସ୍ଥା ଯେପରିକି ପୃଷ୍ଠଭୂମି, ବ୍ୟକ୍ତିତ୍ୱ ତହିଁରେ ଛବି । ଯେଉଁ ଅବସ୍ଥାକୁ ଯେପରି ବ୍ୟକ୍ତିତ୍ୱରେ ଜୟ କରି ଆପଣାକୁ ବିକାଶ କରି ହୁଏ ସେହି ବ୍ୟକ୍ତିତ୍ୱହିଁ ଅବଲମ୍ବନ କରିବା ଉଚିତ । ଅବସ୍ଥା ବଦଳିଛି, ତେଣୁ ମୋର ନୂଆରୂପ । ବହ୍ମାଳିଣ ନମ୍ବର ଦଲ ଗିରଫ ଛନ୍ଦା, ମତେ ଖୋଜା ଲାଗିଛି ।"

ଛନ୍ଦା ଆଁ କରିଦେଲା ।

କହିଲା "କେତେଦିନ ଲୁଚି ଲୁଚି ହୋଇପାରିବ ଶୁଭ୍ରାଦି ?"

"ଯେତେଦିନ ପାରିବି । ତାପରେ, ଧରା ପଡ଼ିଲେ ଭାବିବି ଆପଣେ ଅପାରଗପଣରୁ ଧରା ହେଲି, ଭାଗ୍ୟ ମୁଁ ମାନେନାହିଁ । ଯଦିବା ଧରା ହେଲି, କ୍ଷତି କିଣ ? ପୁଣି ପଦାକୁ ଆସିବି, ପୁଣି ଲାଗି ରହିବି ମୋ କାମରେ, ଯଦି କେବେ ପଦାକୁ ବି ଆସି ହେବ ନାହିଁ କେଉଁ ଅଜଣା ଗୁମ୍ଫାରେ ଝଡ଼ିପଡ଼ିବ ଏ ଦେହ, କି ଯାଏ ତହିଁରେ ? ସମସ୍ତ ଅଛୁରି କେତେ କର୍ମୀ ଆଣି ଠିଆ କରିଦେବ, ସେହି ତାର ଆବଶ୍ୟକ ପାଇଁ ଗଢ଼େ, ହେହି ଭାଙ୍ଗେ—ସମସ୍ତ, ଆମର ନିଜତ୍ୱ ନାହିଁ ।"

ଛନ୍ଦା ଚୁପହୋଇ ମୁହଁପୋତି ରହିଲା । ଗୁଡ଼ ଭିତରେ କିଣ ଛନ୍ଦାଛିଣ୍ଡି ଓଟରାଓଟର ଲାଗିଛି, ଚୁଟିପାରୁଛି, ଶୁଭ୍ରାଦି ବଡ଼ା ହେବାକୁ ଆସିଛି । ସେ ଥିଲା କେଉଁ ଅଜଣା ତୋଫାନର ପ୍ରତୀକ, ଯାହା ପାଇଁ ପ୍ରାଣ ଝୁରିହୁଏ, ଯାହା ସବୁଦିନେ ସାଧାରଣର ହାତ ପାଅନ୍ତର ବାହାରେ ଉଦନ ପାଇଁ ଆସି ତାର ସ୍ଥିତିବାନ୍ ପୃଷ୍ଠିପରେ ମାନ୍ଦା ଧାରଣାକୁ ଓଲଟ ପାଲଟ କରି ଜୀବନକୁ

Digitized by srujanika@gmail.com

ସରସ କରିଥିଲ, ତାପରେ ସେ ଗୁଲିଯିବ, ହଜିଯିବ ହୁଏତ, ଆଉ ଫେରିବ ନାହିଁ ।

ଲୁଅଣିଆଁ ମୁହଁରୁ ଲୁହ ଜାଲ ଜାଲ ଆଖିରେ ଗୁହିଁ ଛନ୍ଦା ପଗୁରିଲେ, "କାହିଁକି ଏ ବାଁଟ ଶୁଭ୍ରାଦ, କାହା ପାଇଁ ? ଦେଶ ଯାହା ଗୁହେଁନାହିଁ ସାଧାରଣ ମଣିଷ ଯେଉଁଥିରୁ ଶଙ୍କି ରହେ, ଦୂର୍ ଦୂର୍ କରେ ସେପରି ବିପଦ ଆଉ ବିପ୍ଳବର ମାର୍ଗଦର୍ଶ ନିଜକୁ ଉଜାଡ଼ି ଦେଉଛ କାହିଁକି ? ତୁମେ କି କଣ ସାଧାରଣ ହୋଇପାରନ୍ତ ନାହିଁ ?"

ଶୁଭ୍ରା ଉତ୍ତେଜିତା ହେଲ, କହିଲ "ସୁନାଟି ପରି, ସେତିକି କହିବୁ ନାଇଁ ଆଉ ସବୁ କହ । ମୁଁ ଯାଉଛି, ଯିବାବେଳେ ଏତିକି କହନା ଭଉଣୀ, ଯେ ଆଦର୍ଶ ମାଟି ମେଞ୍ଚାଏ । ତା ହେଲେ ମୋ ଜୀବନର ଭିତ୍ତି ଉଡ଼ିଯିବ । ଦେଶ ଗୁହେଁନାହିଁ ? ଦେଶ କିଏ ? ମୁଁ ବି' ଦେଶ ତୁ ବି' ଦେଶ । ଅନ୍ୟମାନେ, ଯାହାଙ୍କ ତୁଣ୍ଡ ଫିଟେ ନାହିଁ ଖାଲି ଗାଇ ପରି ଗୁହିଁ ଅଡ଼େଇ ହୋଇଯିବା ଯାହାଙ୍କ ଧନ ବଞ୍ଚିବାର ଉପାୟ, କିଏ ତାଙ୍କୁ ବୁଝେଇଛି । ନ ବୁଝିବାଯାକେ କଣ ଅଛି ତାଙ୍କର ମତାମତ ଯେ ତୁ ଏଡ଼େ ବଡ଼ କଥା କହୁଛୁ ?"

"ତମର ପାଇଁ କହୁଛି ଶୁଭ୍ରାଦ, ତୁମେ ପୁରୁଷ ନୁହଁ, ତୁମେ ନାରୀ, ତୁମର ଏ ବେଶ ନୁହେଁ—"

"ତେବେ ମୁଁ ବୁଝେଇପାରିବି ନାହିଁ, କାହା ବେଶ ତୁ କଣ ଜାଣୁ ? କଣ ବା ବୁଝ ? ହଉ ତୁ ଥା ଛନ୍ଦା, ମୁଁ ଗୁଲିଲି ।"

ଛନ୍ଦା ଠିଆ ହେଲ । କଇଁ କଇଁ ହୋଇ କାନ୍ଦ ଉଠି କହିଲ "ନା,

ତୁମେ ରହ ।"

ଶୁଭ୍ରା ତାକୁ କୋଳ କରି ତାର ଲୁହ ପୋଛିଦେଲ, କହିଲ "ହେଇ ଦେଖ, ବେଶର ଟାଣ କେତେ ବଡ଼, ଭଲ ପାଇଲୁତ ?" ତାର ହସ ନିଭିଗଲ, ଚନ୍ଦ୍ରାର ରେଖା ଫୁଟି ଉଠିଲ ମୁହଁରେ, ଛନ୍ଦା ଅଶ୍ରୁର୍ଯ୍ୟ ହୋଇ ଦେଖିଲ, ଶୁଭ୍ରା ବୁଢ଼ୀପରି ଦିଶୁଛି, ଅତି ଦୂରକୁ ତାର ଦୃଷ୍ଟି, କହିଲ "ବିପଦ ମୋର ପଦେ

Digitized by srujanika@gmail.com

ପଡେ, ଯାହାକୁ ଭଲପାଏ ତା ପରେ ବିପଦର ବୋମା ଥୋଇଦେଇ ଯିବାକୁ ମୁଁ ଚାହେଁ ନାହିଁ । ଛାଡ଼ ମୁଁ ଯାଏ, ଘରର ଶାନ୍ତି ମୋର ନୁହେଁ ଛନ୍ଦା, ମୁଁ ଅଯୋଗ୍ୟ ।"

ଶୁଭ୍ରା ଉଠି ଠିଆ ହେଲା, ଗାଢ଼ ଆବେଗରେ ଛନ୍ଦାକୁ ଚୁମ୍ବେଇ ଧରି ଗେଲ କଲା, ଚଞ୍ଚଳ ଛାଡ଼ିଦେଇ ଢ଼' ପାଖୁଣ୍ଡି ଚାଲିଗଲା, ଛନ୍ଦା କହିଲା, "ସ୍ନେକ କରୁଥିଲି କହୁଥିଲି—ଆଉ ଦଣ୍ଡେ—"

"ନାହିଁ । ଏଇତ ପେଟପୂରା ଖାଇନେଲି, ଆଉ କଣ ?"

"ବାପା ବୋଉ ? କହିଯିବ ନାଇଁ ?

"ପାରେନି !"

"କେବେ ଆଉ ଆସିବ ?"

"ଏ ଦେଶରେ ଗଢ଼ିଗଲି ଦଳର ବଗିଚା, ଅଜି ତୋଫାନ ଉଠିଛି, କେତେ ଗଛ ମୋର ଭାଙ୍ଗି ପଡ଼ୁଛି, ଝଳ ପଡ଼ୁଛି, ପୁଣି ଆସିବ, ପୁଣି ମଞ୍ଜି ପୋତ ଯିବ । କେତେ ଦୂର ଦେଶରୁ କେଉଁ ଧନୁଁ ଡ଼କରା ଆସିଲାଣି, କେତେଠି କେତେ ପ୍ରକାର ସମସ୍ୟା । କେଉଁଠି ବସ୍ତ୍ରାଳଣ ନମ୍ବର ବାହିନୀ ମୋର ଅସ୍ତ୍ରଧର ଜୀବନମରଣ ଯୁଦ୍ଧରେ ମାତିଛନ୍ତି, କେଉଁଠି ଦେଶ ପଡ଼ୁଛି ମରୁଭୂମି ହୋଇ, ନୂଆକରି ପାଣି ଢ଼ାଳା ହେବ, କେତେ କାମ । ଖବୁଛି କାହିଁକି ମୁଁ ମାଣ୍ଡେଇଥିଲି ଏଠି, ଏ କଣ ଏ ଦେଶର ମାୟା ?—କଦଳୀ ଗଛର ଛାଇ, ଖୋଲା କ୍ଷେତର ଢ଼େଉ, ଦରିଦ୍ର ଗଣକୁଟୀରର ସରଳ ସ୍ନେହ ?"

"କିନ୍ତୁ ଏ ଦେଶର ଅହିଂସା ଶାନ୍ତି ତୁମକୁ ବଦଳେଇ ପାରିଲା ନାହିଁ—"

"ମଶାଣିର ଶାନ୍ତି ଦୁର୍ବଳର ଅହିଂସା, ମୋର ସେ ନୁହେଁ ।"

ଶୁଭ୍ରା ଚାଲି ଯାଉଛି, ଦୁଆରବନ୍ଧରେ ହେଲାଣି । ହଠାତ୍ ଛନ୍ଦା ପଚାରିଲା,,, "ତୁମେ କଏ ଶୁଭ୍ରାଦ ?"

"ଏତେ ଡ଼େରିରେ ପଚାରିଲୁ ?"

Digitized by srujanika@gmail.com

ଖଲ ଖଲ ହସ ଶୁଭିଗଲା । ତାପରେ ନଗୁଣ୍ଠିଆ ଅନ୍ଧାର ।
ମୁକୁଳା ଦୁଆର ମୁହଁ ସେପାଖେ ଫୁଙ୍ଗା ପଡ଼ା ଶୋଇ ରହିଛି ।

ଚବିଶ

କଲେଜ୍ । ସବୁଦିନ ପରି ପଢ଼ା ଚାଲିଚି, ସେହି ପୁରୁଣା ଦୃଶ୍ୟ—କ୍ଲାସ୍‌କୁ କ୍ଲାସ ଅଧ୍ୟାପକ ଓ ଛାତ୍ର, ଲାଇବ୍ରେରୀକୁ ଯିବା ବାଟରେ ବନ୍ଧ ପାକଧର ପୁସ୍ତା ପୁସ୍ତା ଛାତ୍ର, ଘଣ୍ଟା ଉପରୁ ଘଣ୍ଟା ପିଟା ହେଉଛି, ଲାଗି ରହିଛି କଲେଜ୍ ।

ଇଂରାଜୀ ଏମ୍. ଏ. କ୍ଲାସରେ ଆଧୁନିକ ସାହିତ୍ୟ ବିଷୟରେ ବକ୍ତୃତା ଲାଗିଚି, ଅଦ୍ଭୁତ ବିଷୟ, ଅଦ୍ଭୁତ ଅଧ୍ୟାପକ । ଶୁଣିବାକୁ ଅନ୍ୟାନ୍ୟ ବିଭାଗର ଅନ୍ୟାନ୍ୟ ଶ୍ରେଣୀର ଛାତ୍ର ଉଠି ଆସିଛନ୍ତି । ଛାତ୍ରୀ ଦଳରେ ସୁପ୍ରଭା ଦାସ ସାମ୍ନାରେ ବସି ଅଧ୍ୟାପକଙ୍କ ଅଭିନୟରେ ମୁଗ୍ଧ ହୋଇ ମନ ଭସାଇ ଦେଇଛି, ଏକ ପ୍ରକାର ଅନୁଭୂତି ଆସୁଛି, ଅର୍ଥ ଧରିବାକୁ ଅବସର ନାହିଁ । ପାଖ ଦୂର ବେଞ୍ଚରୁ କେତେଗୁଡ଼ିଏ ଆଖି ସେଇଠି ଅଟକିଛି, ସେତିକ ଆଧୁନିକ ସାହିତ୍ୟ ସେଇଠି ମୂର୍ତ୍ତିମନ୍ତ ହୋଇଛି । ମାଧବ ପଧାନ ମନଦେଇ ଶୁଣୁଛି, ଶୀଘ୍ର ଶୀଘ୍ର ଭାବୁଛି, ଅଳପ ଲେଖୁଛି, ଅଧ୍ୟାପକ ବାରମ୍ବାର ଚାହୁଁଛନ୍ତି ତାହାର ମୁହଁକୁ, ପ୍ରତିଫଳିତ ଅର୍ଥର ଛବି ଅର୍ଥର ହେତୁକୁ ଓଟାରି ନେଉଛି । ନମାଜ ଦୀର୍ଘଶ୍ୱାସ ପକାଉଛି । ଖଗେନ୍ ନଗେନ୍ ଦୁହେଁ ଖାଳନାଳ ହୋଇ ଲାଗିଛନ୍ତି ବକ୍ତୃତା ଉତାରି ନେବାରେ, ଖାତ ପାକ ସୁବିଧାକ ଛବି, ହଠାତ୍ ନଗେନ୍‌ର ପେନସିଲ ଭାଙ୍ଗିଛି, ଖଗେନ୍ ମୁରୁକି ହସି ଆହୁରି ଚଞ୍ଚଳ ଲେଖି ଯାଉଛି । ଚୂନିଲାଲ୍ ଗମ୍ଭୀର ହୋଇ ବସି କ୍ଲାସସାକ ସମସ୍ତଙ୍କି ଥରେ ଥରେ ଦେଖି ନେଉଛି, ଆଶ୍ଚର୍ଯ୍ୟ, ବିସ୍ମୟ, କ୍ରୋଧ ବିଷାଦ ନାନା ଜାତିର ମୁଖଭଙ୍ଗୀ କରି ଅଧ୍ୟାପକଙ୍କ ବକ୍ତୃତାକୁ ବାସ୍ତବ ରୂପ ଦେବାକୁ ଚେଷ୍ଟା କରୁଛି ।

ଅଧ୍ୟାପକ ସଂକ୍ଷେପରେ ସମାପ୍ତି ଜଣାଇଲେ —"ଅତଏବ ଆମେ ଦେଖୁଛେ କଣ ? ଆଧୁନିକ ସାହିତ୍ୟ ମନୁଷ୍ୟର ସମସ୍ୟା ଓ ଜୀବନ ସହିତ ଅଧିକତର

Digitized by srujanika@gmail.com

ଘନିଷ୍ଠ ଭାବେ ଜଡ଼ିତ ହୋଇପଡ଼ିଛି, ଆଜି ତାହା କାଳ୍ପନିକ ଖିଆଲ ନୁହେଁ, ନିଶ୍ୱାସ ପରି ଅତି ବାସ୍ତବ ଜୀବନ । ଯୁଦ୍ଧପରେ ଯୁଦ୍ଧ ଲାଗି ରହିଛି, ଦୁର୍ଭିକ୍ଷ ଓ ଅନାଟନ, ଅତି ଜଟିଳ ଜୀବନର ଚାପ, ଅତି ତୀବ୍ର ଅତି ହିଂସ୍ର ଜୀବନ ଧାରଣ ପାଇଁ ସଂଘର୍ଷ, ଆଶଙ୍କା ଓ ଅନିଶ୍ଚିତତା ଘେରି ରହିଛି । ଅତୀତ ଯୁଗର ସମାଜ, ସଂସ୍କାର ଓ ବିଶ୍ୱାସର ସୌଧ ଭିତରୁ ଦୋହଲି ଭାଙ୍ଗି ପଡ଼ୁଛି । ଏ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁନାହାନ୍ତି । ଆସ୍ଥା ନାହିଁ, ନିର୍ଭର ନାହିଁ ।

ବିଜ୍ଞାନଯୁଗର ସଙ୍କୁଚିତ ପୃଥିବୀର ବିଭିନ୍ନ ଦେଶରେ ଜନସାଧାରଣ ସମଦୁର୍ଦ୍ଦଶାରେ ଘଞ୍ଚି ଆସିଛନ୍ତି ପାଖକୁ ପାଖ ।

ଆଧୁନିକ ସାହିତ୍ୟ ଏହି ପାଜରେହିଁ ରୂପ ଦେଇଛି, ଏହି ଅନିଶ୍ଚିତ କରୁଣ ଅବସ୍ଥା ପ୍ରଭାବିତ କରିଛି ତାର ଶିଳ୍ପର ଶୈଳୀକୁ, ତାର ଭାଷା ଓ ଭାବକୁ ।

ଆଜି ମନୁଷ୍ୟ ଚରିତ୍ର କେବଳ ରୂପ ପ୍ରକାଶ ନୁହେଁ, ଅଥବା ନୁହେଁ ଦୈନନ୍ଦିନ ଘଟଣାର ବର୍ଣ୍ଣନା, ଆଲୋକ ବଦଳିଛି, ଆଜିର ଆଲୋକ ମନୁଷ୍ୟର ସମସ୍ୟାର । ଅବସ୍ଥାର ଆଘାତ ମନୁଷ୍ୟ ମନରେ ପ୍ରତିଘାତ ଉପୁଜାଉଛି, ତଥାପି ସେ ବଞ୍ଚିବାକୁ ଚାହେଁ, ଚାହେଁ ବଳିଷ୍ଠ ଆତ୍ମପ୍ରକାଶ । ନାନା ବାଟ ଖୋଜି ସବୁଠୁ ନିରାଶହୋଇ ଫେରି ତଥାପି ସେ ଉପାୟର ସନ୍ଧାନରେ ଆଗୁସାର, ଧ୍ୟାନ ଓ ଗବେଷଣାରେ ରତ । ସାହିତ୍ୟ ତାହାର ଅନୁଗାମୀ ହୋଇଛି, ତାହାର ଉଦ୍ଦେଶ୍ୟକୁ ଅନ୍ୱେଷଣ କରିଛି, ବିଶ୍ଳେଷଣ କରି ଦେଖିଛି ସେହି ମନୁଷ୍ୟକୁ ତାର ବିଭିନ୍ନ ନୂତନ ପୃଷ୍ଠଭୂମିରେ । ଜାଣିବାକୁ କଣ ଅଛି ତାଠି ଚେତନ ଯାହା ଅବସ୍ଥାକୁ ଜୟ କରି ବଞ୍ଚି ରହିପାରିବ, କେଉଁଠି ବା ତାର ଦୁର୍ବଳତା, ତାର ସ୍ଖଳନ ? ତେଣୁ ଆଧୁନିକ ସାହିତ୍ୟରେ ମନୁଷ୍ୟ ପରିଚୟର ବିନ୍ୟାସ ବିଭିନ୍ନ ଦିଗରୁ ବିଭିନ୍ନ ଭୂମିକାରେ ସ୍ଥୂଳଦେହ କାମକାମୀ ମନୁଷ୍ୟ, ସୁପ୍ତ ବା ଗୋପନ ଭାବ ସ୍ୱପ୍ନ ଅଭିଳାଷାମୟ ମନୁଷ୍ୟ, ଗୋଷ୍ଠୀ ଚରିତ୍ର ବିକାଶରେ ମନୁଷ୍ୟ ଏହିପରି ନାନା ଦିଗରୁ । ଏବେ ଏଥିରେ ଘଟନାର ଉତ୍ଥାନ ପତନର ଚାପ କେବଳ ଗୁଡ଼ିଏ ସମ୍ବାଦର ସମଷ୍ଟି ନୁହେଁ, ତାହା

Digitized by srujanika@gmail.com

"ମନୁଷ୍ୟର ବିଭିନ୍ନ ଭାବର ଉତ୍ଥାନ ଅଭିବୃଦ୍ଧି ଘାତପ୍ରତିଘାତ ଓ ଈଶ୍ୱର ଚିନ୍ତା ଏବଂ ତାହା ମଧ୍ୟ ପୃଷ୍ଠଭୂମି ଅଥବା କାରଣ ସବୁସ୍ଥଳରେ ରାଜନୈତିକ, ଅର୍ଥନୈତିକ ଏହିପରି ମନୁଷ୍ୟର ନାନାଦି ଜାଗତିକ ସମସ୍ୟା ସହିତ ନିରବଚ୍ଛିନ୍ନଭାବେ ଜଡ଼ିତ କିମ୍ବା ନିକଟତମ ହୋଇ ସମାନ୍ତରାଳ । ମନୁଷ୍ୟ ତାର ଦୁଃଖ ନିରାକରଣପାଇଁ ସମାଜ କ୍ଷେତ୍ରରେ ଯେତେବେଳେ ପୁଞ୍ଜିବାଦ, ସମାଜବାଦ, ସାମ୍ୟବାଦ, ଗାନ୍ଧିବାଦ ପ୍ରଭୃତି ମଧ୍ୟରେ ଅନୁଶୀଳନ ଚଳାଇଛି, ଯେତେବେଳେ ସାମ୍ପ୍ରଦାୟିକ ଚିନ୍ତାଜନିତ ଏହିସବୁ ରାଜନୈତିକ ଅର୍ଥନୈତିକ ଦିଗ ତାର ଜୀବନମରଣର ସଙ୍ଗୀ ଓ ସମସ୍ୟା ହୋଇପଡ଼ିଛି, ସେତେବେଳେ ଏହା ତାର ଜୀବନ୍ତ ସାହିତ୍ୟର ପ୍ରତ୍ୟେକ ପୃଷ୍ଠାରେ ବାଧ୍ୟତଃ ପ୍ରତିଫଳିତ ହେବା ସ୍ୱାଭାବିକ, ଏହାର ଗନଗୋଷ ମଧ୍ୟରେ ସଂସାର ଖେଳାଇଥିବା ମନୁଷ୍ୟ ତାର ଚିରସ୍ଥାୟୀ ଚରିତ୍ର ଓ ଆଦର୍ଶକୁ ଖୋଜି ବୁଲୁଛି, ସେହି ପ୍ରଚେଷ୍ଟାହିଁ ତାର ଆଧୁନିକ ସାହିତ୍ୟର ଭିତ୍ତି ।

ପ୍ରାଚୀନ ପନ୍ଥୀ ଏ ସାହିତ୍ୟକୁ ଉଦ୍ଭଟ କହିବେ, କାରଣ ସୃଷ୍ଟିବାଦରେ ତାଙ୍କର ବିଶ୍ୱାସର ଶୈଶବ, ଏହା ତାଙ୍କ ଚକ୍ଷୁରେ ଯେତିକି ଉଦ୍ଭଟ ଯେତିକି ଆଧୁନିକ ସାହିତ୍ୟର ଦୃଷ୍ଟିକୋଣରୁ ସେକ୍‌ସପିଅରଙ୍କ ସାହିତ୍ୟ କାଳିଦାସଙ୍କ ସାହିତ୍ୟ, ଭକ୍ତଙ୍କ ସାହିତ୍ୟ, କେତେକାଂଶ ତହିଁରୁ ଅକ୍ଷତ ରହିଛି, ଯାହା-ଥିଲା [illegible]ଗଜମୀନ, ଆଉ ଦବୁ ଯାଉଛି ।

ଆଟମ୍ ବମ୍‌ର ଆଘାତରେ ଯେଉଁ ସାହିତ୍ୟ ବଞ୍ଚି ରହିବାର ଦର୍ପ ଓ ଆଶା ପୋଷେ, ତାହା ନିଶ୍ଚୟ ତାଠାରୁ ପୃଥକ୍ ଯାହା ଫୁଲଶରର ମୃଦୁ ତାଡ଼ନା ଖାଇ ଉଲ୍ଲସି ଉଠୁଥିଲା ।

ସୁତରାଂ ବିବାଦ କରି ଲାଭ ନାହିଁ, ଆଧୁନିକ ସାହିତ୍ୟକୁ ଦୁର୍ଭାଗ୍ୟ ବ୍ୟବହାର କରି ଏଡ଼ିଦେବା ପୂର୍ବରୁ ଆଗ ବୁଝିବା ପ୍ରୟୋଜନ । ଏହାର ଅର୍ଥ କଅଣ ଏବଂ ବୁଝିଲାବେଳେ ସ୍ମରଣ ରଖିବା ଉଚିତ ଯେ ବର୍ତ୍ତମାନ ଅତୀତ-ଠାରୁ ବିଚ୍ୟୁତ ନୁହେଁ, ବର୍ତ୍ତମାନରେ ଅତୀତର ମଧ୍ୟ ସମଷ୍ଟି ରହିଛି ଯେପରି ଅଛି ଭବିଷ୍ୟତ ବୀଜ ଏବଂ ଆଧୁନିକ ସାହିତ୍ୟର ସ୍ରଷ୍ଟାମାନଙ୍କ ସମକ୍ଷରେ ଅତୀତ ସାହିତ୍ୟର ମନୀଷୀମାନଙ୍କର ସମସ୍ତ ଉପାୟ, ଜ୍ଞାନ ଓ ଉପକରଣ ସଞ୍ଚିତହୋଇ ରହିଥିଲା ଓ ରହିଛି ।"

Digitized by srujanika@gmail.com

ଘଣ୍ଟା ଡ଼ିଂ କଲା । ବକ୍ତୃତା ସରିବା ପରେ ପ୍ରଫେସର ଚାଲିଗଲେ । ଅଧ-ମିନଟ୍ କଟିଲା ଉତ୍ତରେ କ୍ଲାସ ଅନୁଭବ କଲା ବକ୍ତୃତା ସରିଛି । ଗୋଳମାଳ ହେଲା । ଛାତ୍ରୀଦଳ ଉଠି ଚାଲିଗଲେ । ସିଗାରେଟ୍‌ର ଚଟକ ମେଣ୍ଟାଇବାକୁ କେତେକ ପଦାକୁ ଉଠିଗଲେ, ଅନ୍ୟ କେହି ଝରକା ଗଲେ ଦୂରର ଦୃଶ୍ୟ ଦେଖିବାକୁ ।

ଏହି ବେଳ, ଦୁଇ କ୍ଲାସ୍ ମଝିରେ ସନ୍ଧି, ତାପରେ ପ୍ରାଚୀନ ଇଂରେଜ ଭାଷା ସମେତ ଲୁପ୍ତ ଭାଷାତତ୍ତ୍ୱ ଖାଲି ହୋଇ ଅଳସର ଘଣ୍ଟା ।

ଖଗେନ୍ ତାର ସମ୍ପତ୍ତି ଦେଖିଲା—ଗୋଟାଏ ଖାତାରୁ ଅଧେ ଯାକେ ସେ ଲେଖିଯାଇଛି, ଆଧୁନିକ ସାହିତ୍ୟପର କଠିନ ବିଷୟର ଶ୍ରେଷ୍ଠ ବକ୍ତୃତା ରହିଛି ତାର ଖାତାରେ । ଥରେ ଘୋଷି ଦେଲେ ପରୀକ୍ଷାରେ ନମ୍ବର ଥୁଆ । ଆଉ ଏ ବକ୍ତୃତା ଆସିବ ନାହିଁ, ଯାହା ଯାଇଛି ତାହା ଯାଇଛି ଏବଂ ଏହି ଯେତେ ମୂର୍ଖଦଳ, ଖଗେନ୍ ଭାବିଲା, ଯେଉଁମାନେ ଲେଖିପାରିନାହାନ୍ତି, ପରେ ସେ ବୁଝିବେ । ନରେନ୍ ସନ୍ତୁଷ୍ଟ ନୟନରେ ଚାହିଁରହିଛି ସେହି ଖାତାକୁ, ରାଣୀ ଦୁର୍ଗାବତୀ ଯେପରି ସନ୍ତୁଷ୍ଟ ନୟନରେ ଚାହିଁଥିଲେ ଭୃତ୍ୟର ଶାଣିତ ତରବାରିକୁ, ଖଗେନ୍ ତାକୁ ଦେବ, ପରୀକ୍ଷାରୁ ଉଦ୍ଧାର କରିବ । ଖଗେନ୍ ହସିଲା । ଦୁଇବନ୍ଧୁ ଖାତା ଖୋଲି ପଢ଼ିବାକୁ ଲାଗିଲେ ।

କିନ୍ତୁ ଏ କଣ ହୋଇଛି ! ଲେଖା ପୃଷ୍ଠାରେ ଅନାଗତର ସ୍ୱପ୍ନ, ଖାଲି ବଙ୍କାଟଙ୍କା ଗ୍ରାମ୍ୟ ପଥ, ନିରୁଦ୍ଦେଶ, ଯଦିବା କେଉଁଠି ବାକ୍ୟ ଦିଶୁଛି କେବଳ ଦିଶୁଛି ତାର ସୂଚନା, ଅସମ୍ପୂର୍ଣ୍ଣ ବାକ୍ୟ, ଅସମାପିକାର ଛନ୍ଦ, ସ୍ଥାନେ ସ୍ଥାନେ ସ୍ଥାନର ସୀମା ଉତ୍ତରରେ ଉଇହୁଙ୍କା ଦକ୍ଷିଣରେ ଭୂତଖିଆ ନଡ଼ିଆଗଛ ପରି ଭାବର ସୀମା ସ୍ୱରୂପ କେତେଟା କେତେଟା ଶବ୍ଦ—'ଆଧୁନିକ ସାହିତ୍ୟ', 'ପ୍ରାଚୀନ ସାହିତ୍ୟ', ମଝିରେ ଖାଲି ଦ୍ରୁତ ଗତିର ପଦ ସଙ୍କେତ ।

ଖଗେନ୍ ହତାଶ ହୋଇ ଚାହିଁରହିଲା ।

ନରେନ୍ ଆଶା ଦେଲା, "ପଢ଼ା ହେଉନାହିଁ, ହଉ, ଆଉ କାହାଠୁ ଦେଖିନେବା ।"

Digitized by srujanika@gmail.com

ଚନ୍ଦ୍ରଲାଲ କହିଲା, "ଦୁଃଖ ନାହିଁ, ପାଇବାଠୁ ଚେଷ୍ଟାଟା ଅଧିକ ମୂଲ୍ୟବାନ ।"

"କଣ କହିଲେ ?"

"କିଛି ନାହିଁ, ମୋଠୁ ଦେଖିନେବେ ।"

"ଆପଣ କଣ ଲେଖିଛନ୍ତି ?"

"ତାଠୁ ବ ବଡ଼ କାମ କରିଛି । ସମସ୍ତେ ଲେଖିଛନ୍ତି ବା ଶୁଣିଛନ୍ତି ବା ଭାବିଛନ୍ତି, ମୁଁ ସମସ୍ତିଙ୍କୁ ଦେଖିଛି । ତେଣୁ ଲେକ୍‌ଚରର ସାରାଂଶ ବା ଇମ୍ପ୍ରେସନ୍ ମୁଁ ଆପଣଙ୍କୁ କହିଦେଇପାରେ ।"

ପୁଣି ସମସ୍ତେ କ୍ଲାସକୁ ଲେଉଟି ଆସୁଛନ୍ତି । ଦୂରରୁ ଅଧ୍ୟାପକ ଆସୁଛନ୍ତି, ବାର୍ଦ୍ଧକ୍ୟ ଆସୁଛି— ବ୍ୟାକରଣ ।

ହାଇ ଉଠିଲାଣି, ସମସ୍ତେ ପ୍ରସ୍ତୁତ ହେଲେଣି ଘଣ୍ଟାଟା କୌଣସି ମତେ ବିତେଇ ଦେବାପାଇଁ ।

କେବଳ ଚଞ୍ଚଳ ହେଉଛି ହରମୋହନ, ଛନ୍ଦା, ବ୍ୟାକରଣ ଓ ଭାଷାତତ୍ତ୍ୱ-ପାଇଁ ତାହାର ମସ୍ତିଷ୍କର ବିଶିଷ୍ଟ ପ୍ରବଣତା । ଓଠ ଗୁଟି ଗୁଟି ଗ୍ରୁପ୍ସୀ ଆସନ ଆଡ଼କୁ ଗୃହିଁ କହିପକାଇଲା, "ଆଜି ବୋଧହୁଏ ଶବ୍ଦର ଇତିହାସ । କି ସୁନ୍ଦର !"

ନଗେନ୍ ପଚାରିଲା, "କଣ ସୁନ୍ଦର ଦେଖିଲେ ?"

"ଆଉ କଣ ଅସୁନ୍ଦର ?"

"ମୁଁ କଣ କହୁଚ ?"

"ପ୍ରତ୍ୟେକ ଶବ୍ଦ ଖଣ୍ଡେ ଖଣ୍ଡେ ପ୍ରାଚୀନ ମନ୍ଦିରର ପଥରପଣ—ନା ନା —ଠିକ୍ ପଥର ନୁହେଁ—ତେବେ—"

ସୁପ୍ରଭା ଦାସ୍ ଗୃହୁଁଛି । ହରମୋହନ କହିଯାଉଛି, "ଶବ୍ଦ ଶୁଣି ଚରିତ୍ର ଜାଣିହୁଏ—"

"ଖୁବ୍ ।"

Digitized by srujanika@gmail.com

"ମାନେ କଣ ? ଜାତୀୟ ଚରିତ୍ର, ଜାତିର ଇତିହାସ ସବୁ ଜଣା ପଡ଼ିବ ଖାଲି ଗୋଟାଏ ଗୋଟାଏ ଶବ୍ଦରୁ । ଶବ୍ଦ ଆଲୋଚନା କରିବା ଠିକ୍ କାରୁକାର୍ଯ୍ୟ ଆଲୋଚନା କଲାପରି । ତେବେ କାରୁକାର୍ଯ୍ୟ କେବେ ସିନା ଗଢ଼ା ହୋଇ ଅଟକି ରହିଥିଲା, ଶବ୍ଦ ଅଦ୍ୟାପି ଗଢ଼ା ଗଢ଼ା ଆସୁଛି, ସବୁ ଯୁଗର ପୋଷାକ ପିନ୍ଧୁଛି—"

"ଗୋଲାପି ପୋଷାକ—ସାବ୍ଜା ଶାଢ଼ି—"

"କଣ, ଥଟ୍ଟା କରୁଛନ୍ତି ? ଗୋଟାଏ ଚପିଲେ—"

"ଏମିତି ନା ?"

"ଧରନ୍ତୁ ଗୋଟାଏ ଉଦାହରଣ—ଧରନ୍ତୁ—"

"ମୁଦୁସୁଲି"

"ଠିକ୍ ଠିକ୍—ମୁଦୁସୁଲି—ଦେଖନ୍ତୁ ତ ! ମୃଦୁହାସିନୀରୁ ମୁଦୁସୁଲି ଅପଭ୍ରଷ୍ଟ—ଯେଉଁ ଜାତି, ଯେଉଁ ସମାଜ, ଏତେ ସଭ୍ୟଥିଲା ଯେ ଅତିଥିଙ୍କୁ ଚର୍ଚ୍ଚା କଲାବେଳେ ପରିସ୍ତରକାର କର୍ତ୍ତବ୍ୟ ଥିଲା ମୃଦୁ ମୃଦୁ ହସିବା—"

"ଝିଗେନ୍ ଯୋଗ ଦେଲା, କହିଲା—ବାବା ବନ୍ଦକର ।"

"ଏମିତି ବନ୍ଦ କଲେ ହେବ ବାଲି ? ଦେଖେଇଲେ ଆଉ କେଉଁ ଭାଷାରେ ଏମିତି ଗୋଟାଏ ଶବ୍ଦ—ମୁଦୁସୁଲି—ଦେଲେ ଆଉ ଗୋଟାଏ ଶବ୍ଦ—"

"ଶଳା—"

"କଣ ?" ହରମୋହନ ମୁଣ୍ଡ ବୁଲେଇଲା, ଚୁନିଲାଲ୍, କହୁଚ "ଶଳା ଶବ୍ଦରୁ ଜାତୀୟ ଚରିତ୍ର ଜାତିର ଇତିହାସ ବୁଝାନ୍ତୁ ।"

ଅଧ୍ୟାପକ ଆସିଲେ । ତର୍କ ବନ୍ଦହେଲା ।

ଆରମ୍ଭ ହେଲା 'ବାପା' ଶବ୍ଦର ବ୍ୟୁତ୍ପତ୍ତି ।

ପନ୍ଦର ମିନଟ୍ ଯାଇଛି କି ନାହିଁ ହଠାତ୍ ଶୁଭିଲା ଘୋର କୋଳାହଳ । କ୍ଲାସ୍ ଛାଡ଼ି ପିଲାମାନେ ଚଞ୍ଚଳ ଚଞ୍ଚଳ ବାହାରିଯାଉଛନ୍ତି । ବୃନ୍ଦାବନ ପୁଅ ପଡ଼ିଛି ଦଶଘର ଆଡ଼କୁ । ଶବ୍ଦର ଅର୍ଥ ମଝିରୁ ଅଟକିଗଲା । କ୍ଲାସ୍ ଭାଙ୍ଗିଗଲା ।

Digitized by srujanika@gmail.com

ପଦାରେ ଯେମିତିକି ଶୃଙ୍ଖଳା ଶାସନ ଟିକି ଟିକି ହୋଇ ଭାଙ୍ଗିପଡ଼ୁଛି । ସେଇ ଷ୍ଟ୍ରାଇକ୍ ଧନପର । ଚିତ୍କାର । ରଡ଼ି । ସ୍ଲୋଗାନ । ସମସ୍ତେ ଠେଲା-ଠେଲିହୋଇ ସଭାଘରେ ଭିଡ଼ କରୁଛନ୍ତି । ଦୀପକବାବୁ ଛାଡ଼ୁଛନ୍ତି ଅଗ୍ନିଗର୍ଭ ବକ୍ତୃତା — "ଗୁଳି ଚାଲୁଛି—ଗୁଳି ଚାଲୁଛି । ଶ୍ରମିକର ରକ୍ତ ପିଚ୍ ପିଚ୍ ବୋହି ଲାଲ୍ କରୁଛି କେ. ସି. ଦାସ ଫ୍ୟାକ୍ଟ୍ରିର ପଡ଼ିଆ । ହାଡ଼ମାଂସ ଖାଇ ସନ୍ତୁଷ୍ଟ ନ ହୋଇ ପିଶାଚ ଆମ୍ଭର ରକ୍ତ ଖାଉଛି, ଆମ୍ଭର ରକ୍ତ ଚାଟୁଛି । ଆଜି ଜୀବନ ମହାନ୍ତି କାହିଁ ? କାହିଁ ଆମ ଭାଇ କିଶୋର ? କାହାନ୍ତି ଅନ୍ୟ ସାଙ୍ଗୀ, ଅନ୍ୟ କର୍ମୀ ? କାଲିଠୁ ଧରାହୋଇ ଚାଲିଗଲେଣି । ଦେଶର ସ୍ୱାଧୀନ ମୁହଁରେ ଚୁମ୍ବି ପଡ଼ୁଛି, ପିଠିରେ ଚାବୁକ୍, ବାଡ଼ି ସଙ୍ଗୀନ ମୁନର କେଞ୍ଚା । କି ପାଠପଢ଼ିବା ଆମେ - କାହିଁକି ପଢ଼ିବା - ବିପ୍ଳବର ଚ୍ୟାଲେଞ୍ଜ ଆଜି ମୁହାଁମୁହିଁ ଆମର, ଚାଲ ଯିବା, ଦେଖିବା କେତେଶକ୍ତି—"

ଉତ୍ତେଜିତ ଚିତ୍କାରରେ ବକ୍ତୃତା ଅଟକୁଛି, ସଭାଘର କମ୍ପୁଛି, ଅଧ୍ୟାପକ-ମାନେ ଗମ୍ଭୀରହୋଇ ମନ୍ତ୍ରଣା କରୁଛନ୍ତି, କେହି କେହି ଛାତ୍ରମାନଙ୍କୁ ଅତି ବ୍ୟସ୍ତ ହୋଇ ବୁଝାଇବାରେ ଲାଗିଛନ୍ତି । ପ୍ରଭାତ ପଡ଼ୁଛି ସଂସ୍କୃତ ଅଧ୍ୟାପକଙ୍କ ହାବୁଡ଼େ ।

"ମୋବାପ, ମୋଧନ, ଏବୁଝି ଛୁଆ, ତମେ ପିଲାଲୋକ, ପାଠ ଯିନା ପଢ଼ିବାକୁ ଆସିଚ ଏଗୁଡ଼ା କଣ ? ଚାଲ, ଚାଲବୁଟି କ୍ଲାସକୁ --"

"ଆଉ ପଢ଼ି କଣ ହେବ ସାର୍—" ଉତ୍ତେଜିତ ପ୍ରଭାତ କହୁଛି, ସେ ଫାଷ୍ଟ ଇଅରରେ ପଢ଼େ, "ତୋଫାନ୍ ଡାକୁଛି, ରକ୍ତ ବୋହୁଚି, ଆମେ ଏଠି ସୁସ୍ଥିରେ ବସି ବହି ଘୋଷିଲେ କଣ ହେବ ?"

"ଆରେ ବାଇଆ—"

"ଛାଡ଼ନ୍ତୁ ସାର୍..." ପ୍ରଭାତ ଛିଟିପିଟି ହୋଇ ପଳାଇଲା । ଜଣେ ଅଧ୍ୟାପକ ଉଦ୍‌ବିଗ୍ନ ହେଲପରି ହାତ ଛାଟି ଛାଟି ବୁଲୁଛନ୍ତି, ଥାଇ ଥାଇ ପାଟି କରୁଛନ୍ତି, "ସବୁଗଲା—ବୁଡ଼ିଗଲା—ମରିଯିବେ—"

Digitized by srujanika@gmail.com

ବକ୍ତୃତା ଶୁଭୁଛି, "ଅତଏବ ଗର୍ଜ୍ଜନରେ ମାଡ଼ିଆସ ଧୂମ୍ରଶ୍ରର ଲହଡ଼ି ପରି—ଆଉ ଅଳସ ନାହିଁ—ଅବ୍ଧ ବିଶ୍ରାମ ନାହିଁ—ଦୈନ୍ୟ ହେଉ ଆମର ସଙ୍ଗୀ, ମୃତ୍ୟୁ ଆମର ଅଭୀଷ୍ଟ, ଅ.ସ—"

ସଭାଘରେ ଗ୍ରାମ୍ୟଦଳ ପଶୁଛନ୍ତି । ସେହି ଉଗ୍ରଚଣ୍ଡ ପାଗଳ ପରସର ଭିତରେ ବାଟ ଖୋଲି ଯାଉଛି । ବୋକାପରି ବୋ ବୋ ପାଞ୍ଚହୋଇ ଯାଦବ ପଧାନ ଆସୁଛି, ସମ୍ମାନରେ କେତେ ଗ୍ରାମ ତାର ସ୍ୱପ୍ନିଳ ମୁହଁକୁ ଚାହିଁ ଆଡେଇ ହୋଇଯାଉଛନ୍ତି । ଅଦ୍ୟାପି ସେ ନେତୃତ୍ୱ ହରାଇ ନାହିଁ, ବକ୍ତା ଯାଦବ ପଧାନ । ବୋକାପରି ଚାହିଁ ରହିଛି । ଧୀରେ ଧୀରେ ତାର ରକ୍ତ ତାତି ଆସୁଛି, ଦେହ ଟିକେ ଉଠୁଛି । ବନ୍ଧୁଜନ ଟାଳି ଦେଇଛି ସେ, ଏହି ପୁଣି ମୁହୂର୍ତ୍ତ ଆସିଲାଣି, ପୁଣି ଗାଇଯିବ ସେ ତାର ଅତି ପରିଚିତ, ଅତି ବାଞ୍ଛିତ ଅଦ୍ଭୁତ ବିପ୍ଳବର ବାଣୀ—ମଣେଇ ତଟେଇ ଅଡ଼େଇ ଯେଜାଯିବ ତାର ଶ୍ରୋତାମାନଙ୍କୁ କଲେଜର ହତା ପାଚେରୀ ଡ଼ିଆଁଇ ଦୂରକୁ—କେତେ ଦୂରକୁ ।

ହଠାତ୍ ତାର ଭାବନା ଭିତରେ ପଶିଗଲା ଗୋଟାଏ ଦୈହିକ ଚେତନା, କାହିଁ ଯେପରି ଗୋଳିଆ ପାଣିର ଧାରଟିଏ ଆସି ତାର ସ୍ୱଚ୍ଛ ପାଣି ଧାରକୁ ଭେଟି ମିଶିଗଲା । ଅନୁଭବ କଲା, କଣ କଅଁଳ ନରମ ଉଷ୍ମ ଯେପରି ତା ଦେହରେ ଚୁପିହୋଇ ଯାଉଛି, ନୂଆ ଭାବ ଆସୁଛି, ମନର ମମତା ସ୍ୱର୍ଗ ବୁଜ ଗଢ଼ିହେଉଛି ଧାରଣାରେ ନୂଆ ଚିନ୍ତା ନୂଆ ଆକର୍ଷଣ, ସେ ମାଟିର ମୋହକୁ ଛାଡ଼ି ପାରେନାହିଁ । ଜୀବନକୁ ଆବେଗରେ କୁଣ୍ଢେଇ ଧରେ, ପ୍ରତି ଲୋମକୂପରେ ଚାଖେ ତାର ସ୍ୱାଦ, ନାକ ପୂରା ଫୁଲୁକେଇ ରଖେ । ଯାଦବ ପଧାନ ଦେହକୁ ଲାଗି ଠେଲି ଠେଲିରେ ଚପିହୋଇ ରହିଛି ସୁପ୍ରଭା ଦାସ । ଯାଦବ ପଧାନ ଅଟୁଛି,ବିପ୍ଳବ ତାର ମନରୁ ଝଡ଼ିପଡ଼ୁଛି ।

ଯାଦବ ଦୂରକୁ ଘୁଞ୍ଚିବାକୁ ଚେଷ୍ଟାକଲା । କିନ୍ତୁ ଭିଡ଼ ବଢ଼ିଲା ପରି, ଗୁପ ବଢ଼ିଲା ପରି ସୁପ୍ରଭା ବ ଯେପରିକି ଠେଲି ହୋଇଆସୁଛି । ନିର୍ଭର ନେଇପରି ଦେହରେ ତାର ଛନ୍ଦ ହୋଇଯାଉଛି ଲତାର ନଟି, ଶେଷ ଚେଷ୍ଟା କରି ବ ଯାଦବ ନିଜକୁ ଖାଲି ଗଛ ପରି ହଲାଇ ଓ ଟାଣ କରିପାରୁନାହିଁ ।

Digitized by srujanika@gmail.com

ତାର ମୁଗ୍ଧ ଇନ୍ଦ୍ରିୟଗୁଡ଼ିକୁ ନୂଆ ଭାବରେ ମତେଇ କାନ ପାଖେ ସୁଭଦ୍ରା ଯେପରି ମନ୍ତ୍ର ପଢ଼ୁଛି…“କଣ ଠିଆହୋଇ ଚାହିଁଛନ୍ତି ଯାଦବବାବୁ କଣ ଆଉ ଦେଖୁଛନ୍ତି, ଯାଉନ୍ତୁ ନା, ଖାଲି ଠିଆ ହୋଇ ଏ ନିଆଁକୁ ଜଳିବାକୁ ଛାଡ଼ି ଦେବେ ? କଣ ପରିଣାମ ହେବ ଭାବିପାରୁ ନାହାନ୍ତି ! କି ଭୟଙ୍କର ! ଏ ବିପ୍ଳବ ନୁହେଁ, ଏତ ଧ୍ୱଂସ…ଅଟକାନ୍ତୁ…ଯାଉନ୍ତୁ ଆଉ ବେଳ ନାହିଁ ।” ଯାଦବ ବକ୍ତୃତା ଦେବାକୁ ଧୀରେ ଧୀରେ ଆଗେଇଗଲେ । ଗୃଣଅଜୁ କରତାଳି, ଆନନ୍ଦର କୋଳାହଳ ।

ଏହି ଛାତ୍ର ନେତା ଯାଦବ ପଧାନ, ପାଞ୍ଚବର୍ଷ ହେଲା ପ୍ରତ୍ୟେକ ହୃଦୟରେ ଯାହାର ପରିଚୟ ମିଳିଛି, ପ୍ରତ୍ୟେକ ସଂଗଠନରେ ଯେ ଉଦ୍ୟୋକ୍ତା, ନିରଳସ କର୍ମୀ, ନିରାଡ଼ମ୍ବର ଜନପ୍ରିୟ ନେତା, ଅସାଧାରଣ ପ୍ରତିଭାମନ୍ତ, ଜ୍ଞାନୀ ମେଧାବୀ, ନିର୍ଭୀକ, ସ୍ପଷ୍ଟବାଦୀ ଛାତ୍ର-ଆଦର୍ଶ, ବହ୍ନିଲକ୍ଷଣ ନମ୍ବର ଆନ୍ଦୋଳନ ବେଳେ ସେ ଅଲଗାହୋଇ ରହିଥିଲା, ପୁଣି ଫେରି ଆସିଛି ଯୁଗସନ୍ଧିବେଳେ ତାର ଛାତ୍ର ସମ୍ପ୍ରଦାୟକୁ ।

ଘନ ଘନ କରତାଳି, ହର୍ଷରୋଳ…ଯାଦବ ପଧାନ, ଯାଦବ ପଧାନ ।

ଯାଦବ ସେହି ଅଭିନନ୍ଦନ ଗ୍ରହଣ କଲା, ବିନୟରେ ମୁଣ୍ଡ ନୁଆଁଇ ଦେଲା, ଆନନ୍ଦରେ ଛାତି ଫୁଲି ଉଠୁଛି, ଏତେକାଳ ରୁଦ୍ଧହୋଇ ରହିଥିବା ଟଳମଳ ବିରାଟ କଳ୍ପନା ଅସମ୍ଭାଳହୋଇ ଠେଲିହୋଇ ଭିତରୁ ପଦାକୁ ଆସୁଛି, ଅସ୍ତବ୍ୟସ୍ତ କେଶ, ଉନ୍ମାଦ ପରି ଦୃଷ୍ଟି । ଯାଦବ ପଧାନ ସାମ୍ନାକୁ ଚାହିଁଲା, ଏଥର ସେ ଆପଣାର ସ୍ଥୂଳ ବାସ୍ତବତା ଭୁଲିଯାଇ ଦେବ ଏହି ସମୟର ଅଗ୍ନିମୟ ବାଣୀ ।

ସାମ୍ନାରେ ତାର ଦୃଷ୍ଟିକୁ ଛେକି ଧରୁଛି ସୁପ୍ରଭ୍ର ଦାହ । ତାର ବିପ୍ଳବ ପାଣି ଫାଟି ହଜିଗଲା ସୁଭଦ୍ରାର ଦୁଇ ଆଖିରେ । ମସ୍ତିଷ୍କ ଅତି ଶୀଘ୍ର ଘୂରି ଯାଉଛି, ସଂଘର୍ଷ ତଳେ ଜୀବନ୍ତ ମନ ଅତି ଦ୍ରୁତ ଖୋଜି ଲାଗିଛି ପ୍ରକାରେ ନୂଆ ବାଟ, ନିରାପଦ ଆଶ୍ରୟ ଖୋଜୁଛି, ସେହି ଏକ ନିମିଷକେ ଘଟିଯାଉଛି ଗୋଟାଏ ଯୁଗର ଘଟଣା, ବହୁଳ କ୍ରାନ୍ତି ଓ ପରିବର୍ତ୍ତନ । ମନେ ପଡ଼ିଗଲା

Digitized by srujanika@gmail.com

ମହାତ୍ମାଙ୍କ ଛବି,ସତ୍ୟ ଅହିଂସା ତ୍ୟାଗ ସଂଯମର ଚିରନ୍ତନ ସରଳ ଆଦର୍ଶ, ଯେଉଁଠି ମହାବିପ୍ଳବର ବେଗ ପାଇଁ ପଥ ଅଛି, ହିଂସାର ବିଭୀଷିକାରୁ ଅଛି ବିରତି, ତୋଫାନ ଅଛି, ଧ୍ୱଂସ ନାହିଁ, ସଂଘର୍ଷର ସମାଧାନ ହେଲା, ଯାଦବ ପଧାନ ବକ୍ତୃତା ଚାଲିଗଲା ।

"ଇନ୍‌କିଲାବ୍ ଜିନ୍ଦାବାଦ୍ ।

ବିପ୍ଳବ ଦୀର୍ଘଜୀବୀ ହେଉ ।"

କି ବିପ୍ଳବ ସେ ? ସେ କଣ ପଶୁବଳର ? ମଣିଷ କଣ ପଶୁ ?

ନୁହେଁ ।

ସେ ନୁହେଁ ବର୍ବରର ରକ୍ତଲୋଲୁପ ଅଭିଯାନ, ତୋପ କମାଣ ଉଡ଼ାଜାହାଜ ବୋମାର ଧ୍ୱଂସୋଦ୍‌ଗାରୀ ଆସୁରିକ ଲୀଳା କଳାକାଳ, ପୃଥିବୀ ତା ଅନେକ ଦେଖିଛି, ଅନେକ ସହିଛି । ସେ ନୁହେଁ ନିର୍ମମ ହତ୍ୟା, ନିଷ୍ଠୁର ପାଶବିକ ଦୈହିକ ଆଘାତ ସ୍ୱାର୍ଥ ପାଇଁ, କ୍ଷମତା ପାଇଁ, ଭୋଗ ବିଳାସ ପାଇଁ । ରକ୍ତର ନାମ ଶୁଣିଲା ମାତ୍ରେ ମଣିଷ ମନର ନିଭୃତ ଦାନବ ଚେଇଁ ଉଠି ଆକ୍ରମଣ ପାଇଁ ହିଂସ୍ରମନକୁ ଉତ୍‌କ୍ଷିପ୍ତ କରେ ସତ, ଧ୍ୱଂସର ତାଳ ମନର କନ୍ଦରରେ ପ୍ରତିଧ୍ୱନି ଉପୁଜାଇ ମନୁଷ୍ୟଦଳଙ୍କୁ ପାଗଳ ଅଭିଯାନ ପାଇଁ ଏକାଠି କରି ଓସ୍କାର ଯୋଗଯାଏ ସତ, କିନ୍ତୁ ସେ ଇନ୍‌କିଲାବର ଆଦର୍ଶର ଅନେକ ତଳେ, ସେ କ୍ଷଣଭଙ୍ଗୁର କ୍ଷତବିକ୍ଷତ ଦୁଃଖଦୁର୍ଦ୍ଦଶାମୟ ଦେହ ଧ୍ୱଂସ ବିନାଶରହିଁ ମାର୍ଗ । ପ୍ରାଗୈତିହାସିକ ଜୀବଜନ୍ତୁ ଆପଣା ଭିତରେ ଯୁଦ୍ଧ କରି କରି କେଉଁ ଅତୀତରେ ବିଲୟ ପାଇ ଯାଇଛନ୍ତି, ମନୁଷ୍ୟକୁ ଦେଇଯାଇଛନ୍ତି ଉତ୍ତରାଧିକାର ସୂତ୍ରରେ ସେହି ରକ୍ଷ ବର୍ବରତାର ସଇତାନ ଫଳ, ଭେଦର, ଯୁଦ୍ଧର, ଲକ୍ଷ୍ୟର । ଲୋକେ ତାକୁ କହନ୍ତି ବୀରତ୍ୱ, ପ୍ରକୃତରେ ସେ ଭୀରୁ, ଯାହା ବିଦ୍ୱେଷର ମୂର୍ତ୍ତି, ଅବିଶ୍ୱାସର କାରଣ, ବିନାଶର ହେତୁ । ଆଜି ଦେଖ, ପାଶ୍ଚାତ୍ୟ ଦେଶରେ କଣ ଘୋଟିଛି, କେତେ ଶୀଘ୍ର କେତେ ତଳକୁ ଖସି ପଡ଼ୁଛି ତାଙ୍କର ମଦାନ୍ଧ ସଭ୍ୟତା, କେବଳ ହିଂସାର ଘୃଣ ଲାଗି । ସେହି କଣ ଆମର ଆଦର୍ଶ ? ସେହି କଣ ଆମର ଉପାସ୍ୟ ?

ନୁହେଁ ।

Digitized by srujanika@gmail.com

'ସତ୍ୟ ଅନୁସନ୍ଧାନେ ଆମର ସଂଗ୍ରାମ
ଜୀବନ ବଳିଦାନେ ଆମର ବିଶ୍ରାମ
ଅହିଂସା ମନ୍ତ୍ରର ଜପି ନିରନ୍ତର
ନ୍ୟାୟ ନିର୍ମଳ ପଥେ ବ୍ରଜାମ ।'

ଆମର ବିପ୍ଳବର ଉପାୟ ନିରସ୍ତ୍ର ଅହିଂସା, ଆମର ବିପ୍ଳବର କ୍ଷେତ୍ର ମନୁଷ୍ୟର ମନ, ତାର ଇଚ୍ଛାଶକ୍ତି । ଯେଉଁ ଇଚ୍ଛାଶକ୍ତି ବଳରେ ସେ ତାର ହାତକୁ ଆଦେଶ ଦିଏ ପରର ତଣ୍ଟି ଚିପିବାକୁ ଅଥବା ଆପଣାର ଖାଇବା ଭାତ ପର ହାତରେ ଦେଇ ବୁଭୁକ୍ଷୁର ସେବା କରିବାକୁ, ଆମର ବିପ୍ଳବର ଉଦ୍ଦେଶ୍ୟ ମନୁଷ୍ୟକୁ ବଞ୍ଚାଇ ରଖି ତାର ମନରେ ହିଂସାର, ସ୍ୱାର୍ଥର, ଅତ୍ୟାଗ୍ରହର ଅରମା କାଟି ସଫା କରିବା, ସତ୍ୟ, ସେବା ଓ ଅହିଂସାର ମଞ୍ଜି ବୁଣିଯିବା, ପୃଥିବୀରେ ସାମ୍ୟ ଶାନ୍ତିର ସ୍ୱର୍ଗ ପ୍ରତିଷ୍ଠା କରିବା, ଭାରତର ଉଦ୍‌ବୁଦ୍ଧ ଅଗଣିତ ତେଣୁ ଡାକ ଦେଇଛି ଇନ୍‌କିଲାବ୍ ଜିନ୍ଦାବାଦ୍ । ପୃଥିବୀ ଚାହିଁ ଦେଖୁଛି ଆମର ପ୍ରଚେଷ୍ଟାକୁ, ଦେଖୁଛି ଆମର ଆଦର୍ଶର ଜୋର୍ କେତେ, ଆମେ ହାରିବା କି ଜିତିବା, ଆମର ଉଦ୍ଦେଶ୍ୟ ସତ କି ଠକାମି । ପଦେ ପଦେ ପୃଥିବୀର ଆଖି ଆଗରେ ସମସ୍ୟାରେ ଘେରିହୋଇ ଆମକୁ ପରୀକ୍ଷା ଦେବାକୁ ପଡ଼ୁଥିବ, ଆମେ କଣ ପ୍ରମାଣ କରିଯିବା । ଏ ଉଦ୍ୟମ ଖାଲି କାଳ୍ପନିକ, ଆମେ ବି ମାଂସଜୀବୀ ଶ୍ୱାପଦ୍, ରକ୍ତଲୋଲୁପ ପଶୁ, କେବଳ ସୁବିଧା ଅଭାବରୁ ଅହିଂସାର ନାମ ଘୋଷି ହେଉଥିଲୁ ? ଅସମ୍ଭବ ।

ଆମେ ପରର କାଠିରେ ନାଚ ପୌରୁଷ ଅରଜିବା ନାହିଁ, ଯେଉଁ ହିଂସାର ଅସ୍ତ୍ର ପର ଦେଶରେ ଅକାମୀ ବୋଲି ଫୋପଡ଼ା ହେଉଛି, ପର-କୁହାରେ ପଡ଼ି ତାର ସର୍ବନାଶୀ ପରୀକ୍ଷା ଆମ ଦେଶରେ ଚଳାଇବା ନାହିଁ, ଶୃଙ୍ଖଳା ଭାଙ୍ଗି ଅଧୀରହୋଇ ଲୋକହସା ହେବା ନାହିଁ, ନିଆଁଗିଳା ସାଙ୍କେତିକ ବକ୍ତୃତାରେ ଅଭିଷ୍ଟ ଭୁଲି ପାଗଳ ହେବାନାହିଁ···

ସଭାଘର କମ୍ପେଇ ଯାଦବ ପଧାନ ନୂଆ ତେଜରେ ଝଲସି ବକ୍ତୃତାଦେଇ ଚାଲିଛି, ବଢ଼ି ଉଠିଛି ତାର ଶବ୍ଦର ଗମ୍ଭୀରତା, ଭିଡ଼ରେ ଶାନ୍ତି ପଡ଼ିଛି, ତନ୍ମୟ ହୋଇ ସମସ୍ତେ ଶୁଣୁଛନ୍ତି ।

Digitized by srujanika@gmail.com

ଉଡ଼ୁଥିଲରେ ସସ୍ତୃତ ଅଧ୍ୟାପକଙ୍କ ଅଫିଗିରୁ ଲୁହ ବୋହୁଛି ।

ବକ୍ତୃତାର ପ୍ରଭାବରେ ଭାବନାର ଢଙ୍ଗ ବଦଳିଗଲା, କ୍ଷଣିକ ଉତ୍ତେଜନା ଗ୍ରସ୍ତ ବୁଦ୍ଧି ବିଗ୍ଭରର ଦୁଆର ଫିଟିଗଲା, ବୁଦ୍ଧିମନ୍ତ ବକ୍ତାର ବିଚକ୍ଷଣ ଦୃଷ୍ଟିରେ ଯାଦବ ପଧାନ ତାର ଶ୍ରୋତାମାନଙ୍କ ଭାବ ପରିବର୍ତ୍ତନ ଲକ୍ଷ୍ୟକଲା, ଉଚ୍ଛ୍ୱାସର କାନ୍ଦ ନାଦ ବନ୍ଦ କରି ଆରମ୍ଭ କଲା ସମ୍ବାଦ ଓ ସୂତ୍ରର ଗଣିତ ସାଧନ, କାରଣ ଅବସ୍ଥା ଓ ଫଳର ବିଗ୍ଭର । ଫ୍ୟାକ୍ଟରିର ମଜୁରିଆଙ୍କ ହିଂସାତ୍ମକ ଧର୍ମଘଟ ଓ ଆକ୍ରମଣ କରି ଅଛି, ତହିଁରେ ଗ୍ରୁପମାନଙ୍କ ସମ୍ବନ୍ଧୀୟ ମୂଳଭି- ବାକୁ ? ସାନ ସାନ ବିଖଣ୍ଡିତ ଆନ୍ଦୋଳନ କରି ଶୃଙ୍ଖଳାକୁ ଖଣ୍ଡ ଖଣ୍ଡରେ ଲଣ୍ଡଭଣ୍ଡ କଲେ କି ଉଦ୍ଦେଶ୍ୟ ସାଧନ କରିପାରିବ କିଏ ? ଯେ କୌଣସି ପ୍ରକାରେ ରାଜନୈତିକ ମତବାଦରେ ଗଢ଼ିଲାଗି ହେଉପଛେ ଯେ କୌଣସି ଦେଶରେ ପ୍ରତିଷ୍ଠିତ ଶାସନର ଭିତ୍ତି ଶୃଙ୍ଖଳା । ତେଣୁ ବିକ୍ଷୋଭକୁ ଦବାଇ ଶାନ୍ତ କରିବା ପ୍ରତ୍ୟେକ ଶାସନ ପଦ୍ଧତିର କର୍ତ୍ତବ୍ୟ । କେହି ଯଦି ଗୁପ୍ତରେ ଷଡ଼ଯନ୍ତ୍ର କରେ, ହତ୍ୟା ଓ ସନ୍ତ୍ରାସିକ ପଦ୍ଧତିରେ ଦେଶକୁ କ୍ଷତଗ୍ରସ୍ତ କରିବାକୁ, ତେବେ ତାକୁ ଅଟକ ରଖିବାକୁ ପ୍ରତିଷ୍ଠିତ ଶାସନ ନିଶ୍ଚୟ ଯତ୍ନ ନେବ । ଫ୍ୟାକ୍ଟରିର ଶ୍ରମିକ ଯଦି ଠେଙ୍ଗା ବାଡ଼ି ଧରି ଶାନ୍ତିରକ୍ଷକଙ୍କ ମୁଣ୍ଡ ଫଟାଇବାକୁ ଚଢ଼ାଉ କରିବେ, ସେଠି କି ପ୍ରକାର ନୀତି ପ୍ରୟୋଗ କରାଯାଇପାରେ ? ଯଦି ଆଜି ଦେଶର ଶାସନ ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଗ୍ରୁପଦଳଙ୍କ ଉପରେହିଁ ନ୍ୟସ୍ତ ହୁଅନ୍ତା, ସେମାନେ କି ଉପାୟ ନେଇନ୍ତେ ଏପରି ପରିସ୍ଥିତିରେ ? ଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ହେବା ଯେଉଁ ଗ୍ରୁପିଷ୍ଟଙ୍କର ଉଦ୍ଦେଶ୍ୟ ସେ ଦାୟିତ୍ୱହୀନ ସମାଲୋଚନାରେ ମାତି ଭାସିଯିବ କାହିଁକି ? ପରିବର୍ତ୍ତନ ଅବଶ୍ୟ ଦରକାର, କିନ୍ତୁ ତାକୁ ଆଣିବାକୁ ହେବ କି ଉପାୟରେ ? ସମବେତ ସଂଗଠନରେ ନା ବିଖଣ୍ଡିତ ସୁବିଧାବାଦୀ ଆକ୍ରମଣ ଓ ବିକ୍ଷୋଭରେ !

ଯାଦବ ପଧାନ ଅନୁଭବ କରୁଛି, ସେ ନିଜେ ନେଇଛି ଶାସନର ଦାୟିତ୍ୱ, ଯୁଗସନ୍ଧିବେଳେ ତାର ଦଳକୁ ସତର୍କ କରୁଛି । ରାଜନୀତିର ବ୍ୟାଖ୍ୟା ଦେଉଛି, ରାଷ୍ଟ୍ରନୀତି ନିର୍ଣ୍ଣୟ କରୁଛି । ଅନୁଭବ କରୁଛି, ସେ ରାଷ୍ଟ୍ରୀୟ ଗୁରୁତ୍ୱମୟ ନିଷ୍ପତ୍ତି ଦେଉଛି । ସମସ୍ତ ଗଡ଼ିଯାଇ ଆସିଛି ଭବିଷ୍ୟତ, ଭିତରର ବ୍ୟକ୍ତିତ୍ୱ

Digitized by srujanika@gmail.com

ବଢ଼ି ଉଠି ନିଜକୁ ପ୍ରଚାର କରୁଛି; ଭୁଲିଯାଇଛି ତା'ର ନୂଆ ଚେତନାରେ । କଲେଜ କଲେଜ ନୁହେଁ, ଛାତ୍ରନେତା ଛାତ୍ର ନୁହନ୍ତି, କଲେଜର ଛାତ୍ରସଂସଦର ଛାତ୍ରଦଳପତି ନୁହେଁ ।

ବିପ୍ଲବୀଗଣ ନମ୍ବର ଦଳପତି ଉକ୍ତିରେ ନିଶାଇଛି ମନ, ସେହି କାହିଁ ଅଭିଯାନରେହିଁ ତାର ରାଜନୈତିକ ପ୍ରତିଦ୍ୱନ୍ଦୀ, ତାର ପାଞ୍ଚବର୍ଷର ଛାତ୍ରସଂଗଠନରେ ଯେଉଁମାନେ ନାଆଁ ଲଗାଇଥିଲେ । ତାର ବକ୍ତୃତାରେ ଚିକି ଚିକି କରି କାଟି ଥୋଇ ଦେଉଛି ତାଙ୍କର ମତବାଦକୁ, ତାଙ୍କର କାର୍ଯ୍ୟକୁ । ସେମାନେହିଁ ବିଦେଶୀ କୁଟନୀତି ମୂର୍ତ୍ତିମନ୍ତ, ବିଦେଶୀ ଶକ୍ତିର ପଣାଗୁଡ଼ି, ତାଙ୍କର ମାର୍ଗ ଦେଶପାଇଁ ବିପଦର ଅସ୍ଥିର ବାଟ, ହିଂସା ତାର ଅସ୍ତ୍ର, ସ୍ୱାର୍ଥ ତାର ଦୁରଭିସନ୍ଧି । ସାବଧାନ ! ସାବଧାନ !

ବକ୍ତୃତା ସରିଗଲା, ସଭା ଭାଙ୍ଗିଗଲା ।

ପହିଲା ଘଣ୍ଟା ବାଜି ଉଠିଲା । ଆପଣା ମଧ୍ୟରେ ଯୁକ୍ତିତର୍କ କରୁ କରୁ ଛାତ୍ରମାନେ ଯାଇ କ୍ଲାସରେ ବସିଲେ । ଗୋଟାଏ କଥା ସୁନିଶ୍ଚିତ ହେଲା— ଯାଦବ ପଧାନଙ୍କର ଛାତ୍ର ସଂଗଠନର ପ୍ରାଚୀନ ମତବାଦହିଁ ଜୟ ହେଲା । ନାଆଁ କୁହୁଳିଲା ନାହିଁ, ତୋଫାନ ଟେକିଲା ନାହିଁ; ବଜ୍ର ଘଡ଼ ଘଡ଼ି ମିଳେଇଗଲା ଦୂର ଦିଗ୍‌ବଳୟରେ ।

ବିକ୍ଷୋଭ ସରିଗଲା ।

ପଚିଶି

"କାହିଁ ଗଲେ ସେ ? କାହିଁ ଯାଦବ ପଧାନ ?"

ତୁଣ୍ଡରେ ପ୍ରଶ୍ନ, ମନରେ ଉତ୍ପ୍ରେକ୍ଷା ।

ସମସ୍ତଙ୍କର ତାଠି କାମ ଅଛି, ଯାହାର ଯେପରି ।

ଅଧ୍ୟାପକ କୋଠରିରେ ହସ ଓ ତର୍କର ସୁନ୍ଦର କହବତ, ବିପଦ କଟିଛି । ସମସ୍ତେ ଆବିଷ୍କାର କରୁଛନ୍ତି ଯାଦବ ପଧାନ ମଣିଷଟି ଦେହରେ

Digitized by srujanika@gmail.com

ନୂଆ ନୂଆ ଗୁଣ, 'ସଂସ୍କୃତି' ତାର ମନର ପବିତ୍ରତା ସଂଯମ, ବନସ୍ତୁ, 'ଉଦ୍ଭିଦ' ତାର ବଂଶାନୁଗୁଣ, 'ଇତିହାସ' ତାର ଭବିଷ୍ୟତ୍, 'ପଦାର୍ଥ' ତାର ବର୍ତ୍ତମାନ—ଚେତନା, 'ଦର୍ଶନ' ତାର ମନର ଗଠନ, 'ରସାୟନ' ତାର ସ୍ମୃତି, 'ଅର୍ଥଶାସ୍ତ୍ର' ତାର ଯୋଜନାର ବାସ୍ତବତା, 'ଅଙ୍କ' ତାର ଧାରଣାର ସୁସ୍ପଷ୍ଟତା, 'ବ୍ୟାୟାମ' ତାର ଠାଣି ।

କାରଣ ଏତେ ବଡ଼ ବ୍ୟାପାରର କୁହୁଡ଼ି ତାର ତେଜରେ ମିଳେଇ ଉଡ଼ିଗଲା । ସେ ଗଲା କାହିଁ ? ସେବେ ବି ଶୁଣିଗଲା ନାହିଁ !

ଅନ୍ୟାନ୍ୟ— । ତାପରେ ବୃହ୍ନାହୋଇ ତାର କାଳସୀଲଗା ବକ୍ତୃତାର ସାରାଂଶର ଦୈବୀ ହୁକୁମ ସବୁ ଛାତ୍ରମଣ୍ଡଳରେ ବଣ୍ଟା ହେବାକୁ ଛପାଲଗିଛି । ଅଧ୍ୟକ୍ଷଙ୍କ ପାଖକୁ ଆଦେଶ ଆସିଲାଣି—"ଆପଣଙ୍କ ଯାଦବ ପଧାନଙ୍କୁ ଆଜି ସନ୍ଧ୍ୟା ସାଢ଼େ ଛଟାରେ ନିକଏ—"

ଦୁଇଟି ଚପସ୍ବିଣୀ ତିନିଜଣ ଅଧ୍ୟାପକଙ୍କ ତତ୍ତ୍ୱାବଧାନରେ ଖୋଜ ଲଗିଛନ୍ତି ଯାଦବ ପଧାନଙ୍କୁ ଶୁଭ ସମ୍ବାଦ ଦେବେ ବୋଲି । ଶାସନକଳ ଜଣେଇ ଦେବାକୁ ଗୃହେଁ ଛାତ୍ରଦଳ ସହିତ ମଧ୍ୟ ପରାମର୍ଶ କରି ଦେଶ ଚଳିବାକୁ ସେ ପ୍ରସ୍ତୁତ, ସେଠି ଭେଦାଭେଦ ନାହିଁ ।

ଛାତ୍ରୀଦଳରେ ତର୍କ ଉଠିଛି, ବରଷଣା ପାଣି ପ୍ରଭାବରେ ଦୁର୍ନିବାର କ୍ଷିତିଜ ପରି ।

"ମାଲେ, ଯୋଡ଼ି ମିଟିଂ ଯୋଡ଼ି ଭିଡ଼, ଠିକ୍ ଯେମିତି ବ୍ଲାକ୍ ହୋଲ ଟ୍ରାଜେଡ଼ି ।"

ଚମତ୍କାର ବକ୍ତୃତା । ହେଇ ବନ୍ଧ୍ୟା, ଦେଖିଲୁନା ତାଙ୍କର ଆଖି ଦିଟିକୁ ଶେଲି ମନେ ପଡ଼ୁଥାନ୍ତି ।"

ମତେ ଆଶ୍ଚର୍ଯ୍ୟ ଲାଗିଲା ବକ୍ତୃତା ବେଳର ନିସ୍ତବ୍ଧତା, ଯେପରିକି ସବୁ ତୃଣତାନ ପଡ଼ିଯାଉଛି, ଶୁଭୁଛି କିଏ ଜଣେ କହୁଚି ଠିକ୍ ମନ ଭିତରକୁ ।"

'ବୁର୍ଜୋଆର ବାକଚାତୁରୀ ଭୁଲଯା'ନା ।'

Digitized by srujanika@gmail.com

"କେଡ଼େ ଠିକ୍ କଥା ସେ କହିଲେ, ଏ ଦୁନିଆଁ ନଜର ଉଦ୍ଦେଶ୍ୟ ବୁଝେ ନାହିଁ, ପରିଣାମ ଭାବେ ନାହିଁ, ଖାଲି ନିଆଁରେ ଡେଇଁ ପଡ଼ିବାକୁ କହେ ସାରନ୍ତି!"

"ମୁଁ କିନ୍ତୁ କହିଥାନ୍ତି ଏ ଦୁନିଆଁର ସାବୁନ ଓ ଗରମ ପାଣି ଅତି ଦରକାର କିନ୍ତୁ ବଡ଼ ଖାଲି ଗନ୍ଧ।"

"ଯାଦବବାବୁ ମହାତ୍ମାଙ୍କ ଗୀତାର ନୂଆ ଅର୍ଥ ଦେଇଛନ୍ତି, ହୁଏତ ତାହାହିଁ ପ୍ରକୃତ ଅର୍ଥ।"

"ବେଶ୍ କଥାଟା ଆଲୋଚନା କରାଯାଉ, ମୁଁ କହିବ ଅର୍ଥନୀତି ଦିଗରୁ—"

ଗ୍ଭଲିଛି।

ସେ ନାହିଁ।

ଛାତ୍ର ମହଲରେ ଅଧିକାଂଶ ଛାତ୍ରଙ୍କ ମନରେ ସପକ୍ଷ ବା ବିପକ୍ଷରେ କୌଣସି ମତାମତ ନାହିଁ। ଗୋଟାଏ ଉତ୍ତେଜନା ଆସିଥିଲା, ସତ୍ତ୍ୱ ହେଲ ସେଇଟା ନଭିଗଲା। ପୁଣି ପଢ଼ାଗ୍ଭଲିଛି ପରୀକ୍ଷାପାଇଁ। କ୍ଲାସ୍‌ର ସାମ୍ନାପଟେ ଚରକାଳର କଳାପଟା, ପଛପଟେ, ଯେଉଁଠି ଟୁପ୍‌ଟାପ୍ ଫୁସ୍‌ଫାସ ହେଇଠି ଲୋକ ମୁଖରେ ସେ ଜୀବନ୍ତ—ଯାଦବ ପଧାନ।

ଦୂର ପଡ଼ିଆରେ ନିର୍ବଶାରେ କଲେଜକୁ ଗ୍ଭହିଁଛନ୍ତି ସାତଜଣ ଛାତ୍ର। ପଲେ ଗୋରୁ ଚରୁଛନ୍ତି।

ଜଣେ ଆବୃତ୍ତି କରୁଛି ମିଲ୍‌ଟନ୍ କବିତାରୁ କାଣ୍ଡେ, "ଦୁଃଖ କଣ ଯଦ ଯୁଦ୍ଧରେ ଗଲେ ହାରି, ସବୁ ଯାଇନାହିଁ, ହିଂସା ଅଛି।"

ଜୋର୍‌ରେ ଚିତ୍କାର କରୁଛି, ଅନ୍ୟମାନେ ଗମ୍ଭୀର ଉଦାସ।

ତା'ପରେ ମନ୍ତ୍ରଣା, ଖୁବ୍ ଚୁପ୍ ଚୁପ୍, ଯେପରିକି ଗୋରୁ ବି ଶୁଣିବେ ନାହିଁ।

"ସିଧା କାମ। ଆଚ୍ଛା କର ଗୋଟାକେତେ। ଫେରିଲ ବାଟରେ ପାଞ୍ଚଟା ଛକରେ ପାଞ୍ଚ ଜଣ। ହଠାତ୍ ପାନ ଦୋକାନରୁ ବାହାରି ପଡ଼ି ଗୁମ୍ ଗାମ୍ ଗୁମ୍ ଗାମ୍, ତାପରେ ଗଳି ସ୍ରୋତରେ ସିଧା ଦୌଡ଼।"

Digitized by srujanika@gmail.com

ଏମାନେ ସାମ୍ନାରେ ନ ଥାନ୍ତି, ପତାକା ଧରନ୍ତି ନାହିଁ, ଅନ୍ଧବିଶ୍ୱାସୀ ପଣ୍ଡା ସାତଜଣ, ଗୋଟାଏ ବିଶ୍ୱାସ ଯାହାଙ୍କ ଆଦର୍ଶର ଭିତ୍ତି ।

କିନ୍ତୁ ଯାଦବ ପଧାନ ନାହିଁ ।

ଛବିଶ

ମୁହଁ ତଳକୁ ପୋତି ଝିକି ଝିକି ପାଦ ଘୋଷାରି ଘୋଷାରି ଯେ ସେ କଲେଜରୁ ଚାଲିଗଲା ଆଉ ପଛକୁ ଫେରି ଚାହିଁଲା ନାହିଁ, ସେଇ ଶେଷ ବନ୍ଧୁଭାରେ ଛାଡ଼ି ଦେଇଗଲା ସ୍ମରଣମନ୍ଦ୍ର ଜୀବନର ଗୋଟାଏ ପର୍ଯ୍ୟାୟର ଅଧ-ବାସ୍ତବରୂପ ।

ଏଣିକି ନୂଆ ପଟ ତାର, ବାଟ ଭିନେ ।

ଏ କଣ ସେ ଥିଲା କେବେ ? ନିଜେ ଭାବିବାକୁ ଆଶ୍ଚର୍ଯ୍ୟ ଲାଗୁଛି, ଅନୁଭବରେ ବୁଝୁଛି, ସତ । ସବୁପରେ ଗହଳି ହାଟରେ ତାହାର ଗୁଣ୍ଡ ବାଟେ ନୂଆ ଯାଦବ ପଧାନ ଜନ୍ମ ହୋଇଛି, ଅନ୍ଧାର ମନ ଉହାଡ଼ରେ ଏକା ଦେହରେ କେତେ ଯାଦବ ପଧାନ, କେତେ ବ୍ୟକ୍ତିତ୍ୱ ତ ଛପି ରହିଛନ୍ତି, କିଏ କରେ ତାହା କଳନା ! ସେମାନେ ଅସ୍ପଷ୍ଟ । ମୁହୂର୍ତ୍ତିକରେ ଚିନ୍ତାର ସାଥୀ ଭାବୁ ଭାବୁ ଛପିଯାଆନ୍ତି, ଖୁଜୁଁ ଖୁଜୁଁ ହଜିଯାଆନ୍ତି । ସେମାନେ ପ୍ରବଣତା, କେତେକ କଳ୍ପନାର, କେତେକ ଆକାଂକ୍ଷାର, ଏରୁଣ୍ଡି ଟପି ପଦାକୁ ନବାହାରୁଣୁ ତାଙ୍କର ସତ୍ତ୍ୱ ନ ଥାଏ ।

କିନ୍ତୁ ଏ ଯେ ପଦାକୁ ଆସିଛି—କଳ୍ପନାର ଖିଅ ଏକାଠି ହୋଇ ଗଢ଼ିଛି ଅବୟବ । ଚିନ୍ତାର ଜାଲ ସରଳହୋଇ ଦେଖାଇଛି କାରଣ ଓ ଫଳର ଦାଗ, ବୁଦ୍ଧିରେ ପରଟି ହେଉଛି, ଅନୁଭୂତିରେ ଅନୁଭୂତ ହେଉଛି, ସନ୍ଦେହ ନାହିଁ, ଦ୍ୱିଧା ନାହିଁ, ସମ୍ପୂର୍ଣ୍ଣହୋଇ ପ୍ରକାଶ ଲଭିଛି ନୂଆ ବ୍ୟକ୍ତିତ୍ୱ । କୁହା କଥା ରୂପରେଖ ଧରି ମୂର୍ତ୍ତିମନ୍ତ ହୋଇଛି ।

Digitized by srujanika@gmail.com

ଏବଂ ମାଟି ଓ ଖପରର ପୃଥିବୀରେ, ଯେଉଁଠି ଥରେ ଜନ୍ମ ହେଲେ ସବ ପାଏ ଜମି ଗଢ଼େଇବାକୁ ଜନ୍ମଗତ ଅଧିକାର, ସେଠି ନୂଆ ଭାବଧାରାର ସେ ବ୍ୟକ୍ତିତ୍ୱ ବି ଯାଦବ ପଧାନ ଉପରେ ପ୍ରତିଷ୍ଠା ପାଇଛି, ନିଜକୁ ନିଜେ ନୂଆ କରି ଦେଇ ଯାଦବ ପଧାନ ଭାବୁଛି ଏଇ ତାର ସତ; ଏତିକି ଆଦର୍ଶ, ଏତିକି ଇଚ୍ଛା, କୌଣସି କଥା ଦେଖିବା ସକାଶେ ଏଇ ନୂଆ ଆଖି । ଭାବୁଛି ଏଇ ତାର ପୁରୁଣା କଥା, ମୂଳରୁ ତାର ଗଢ଼ଣ, ତାର ସଂସ୍କୃତିର ଛାଞ୍ଚ, ଶିକ୍ଷାର ଫଳ ।

ସଂସାରକୁ ଏଇ ତାର ସନ୍ଦେଶ, ଅନ୍ୟ କିଛି ନୁହେଁ ।

ଆପଣା କଥା ଆପଣା କାନରେ ଶୁଣି ଭାବୁଛି, ସେ ନିଜକୁ ଠକୁଛି । ଆଜି ଏ ନୂଆ ଦର୍ଶନରେ ଆପଣା ପରିସ୍ଥିତିକୁ ଯେତେଥର ସେ ଚାହୁଁଛି, ଦେଖୁଛି ସବୁ ଓଲଟା, ସବୁ ଅଡ଼ୁଆ, ସବୁଠି ସଂସ୍କାର ହେବାକୁ ଗଦାଗଦା । ତଥାପି ଅରମା କାଟିବାକୁ ଛୁରୀ ଉଞ୍ଚେଇଲାବେଳକୁ ହାତ ଥରିଉଠୁଛି, ପୁରୁଣା ବନ୍ଧନ ନୂଆ ଦୁଃଖ ଉପୁଜାଉଛି । ଜଞ୍ଜିର ପରି ବଜ୍ରର ବୋଝ, ନୂଆ ଦିନ ଉଇଁଛି ବିଷଣ୍ଣ ଗମ୍ଭୀର ମେଘତଳୁ ।

ସତେଇଶି

ଗୟା ମନ୍ଦିରେ ବାଟ ବୁଦ୍ଧଦେବଙ୍କ ମଠର ଗାଡ଼ିଟା ଠିକ୍ ବସି ପଡ଼ିଲା । ତରତରରେ ଓହ୍ଲେଇ ପଡ଼ି ଚୂନିଲାଲ ଛୁଟିଗଲା ସେଇ ଆଡ଼କୁ, ଯେଉଁଠି ଗୋଟିଏ ମଇଳା ଝଦଡ଼ ପିନ୍ଧା ନଗଣ୍ୟ ଲୋକ ଅନ୍ୟ ମନସ୍କ ଅଥଚ କ୍ଷିପ୍ରଗତିରେ ଗାଡ଼ି ଶଗଡ଼ ସନ୍ଧିରେ ଝସି ପଳାଉଛି ।

ହାତ ଧରିପକେଇ ଝାଙ୍କିଦେଇ ଚୂନିଲାଲ କହିଲା, "ଯାଦବବାବୁ, ହୋ ଯାଦବବାବୁ, ଜମା ଦେଖାନାହିଁ ଯେ ଆପଣଙ୍କର, କଣ ହେଇଚ କହିଲେ । ଆସନ୍ତୁ କାର୍‌କୁ ଯିବା !"

Digitized by srujanika@gmail.com

"ନାଇଁ ଥାଉ, ମୁଁ ଯାଏଁ ।"

"କିନ୍ତୁ ସେ ଅପଣଙ୍କର କଣ ହେଇଚ ? କେତେ ଶୁଖିଯାଇଛନ୍ତି, ଆଖି ପଶିଯାଇଛି, ମୁହଁରେ ଶିରୀ ନାହିଁ, କଣ ବେମାର ଥିଲେ ?"

"କାହିଁ ନାହିଁ ତ ।"

"ତେବେ କଣ ହେଲା ? ଅପଣଙ୍କୁ ଦେଖିଲେ ଜଣାପଡ଼ୁଛି ଯେପରିକି ଷୋଳଅଣା ଅତ୍ୟାଚାର ହୋଇଛି ଅପଣଙ୍କ ବେଶ ଉପରେ, ଅପଣଙ୍କ ଦେହ ଉପରେ ।" ହସିଲା, କହିଲା, "ହୃଦସ୍ପନ୍ଦ କେଉଁଠି ବନ୍ଧକଦେଇ ଅସିଲେ କି ?"

ଯାଦବ ହସିଲା । ଚୂନିଲାଲ କହିଲା, "ଆରେ ଭୁଲି ଯାଉଛି, ସିଗାରେଟ୍ ନିଅନ୍ତୁ । ଅପଣଙ୍କ ଆଗେ ଗଦା ଗଦା ପାହାଡ଼ ପାହାଡ଼ କଥା ଅଛି ଯେ, କୁଆଡ଼େ ଯାଉଛନ୍ତି ? ଚାଲନ୍ତୁ କାର୍‌ରେ ଯିବା ।"

ଯାଦବ ଉତ୍ତର ଦେଲା ନାହିଁ ।

ଚୂନିଲାଲ ଚିନ୍ତିତ ହେଲା । ହଠାତ୍ ପଚାରିଲା, "କଲେଜ ଯିବେ କେବେ ?"

ଯାଦବ ମୁଣ୍ଡ ହଲେଇଲା ।

"ଓ ହଁ—" ଚୂନିଲାଲ କହିଲା, "ଯିବା କି ଦରକାର । ବହୁତ ହାଜିରା ଆପଣଙ୍କର । ପରୀକ୍ଷା ଦବାକୁ ବାଧା ନାହିଁ, ତା'ହେଲେ କଣ, ଘରେ ବସି ଦନଘଣ୍ଟ ପରୀକ୍ଷା ପଢ଼ା ଚଲେଇଛନ୍ତି ନା କଣ ?" ଯାଦବ ହସିଦେଲା, କହିଲା, "ପରୀକ୍ଷା ମୁଁ ଦେବ ନାଇଁ ।"

"ଏଁ ! ଏବର୍ଷ ଡ୍ରପ୍ କରିବେ ! କାହିଁକି ? ଆପଣ ତ ଆଜି ପରୀକ୍ଷା ଦେଲେ ବି ଫାଷ୍ଟ କ୍ଲାସ୍ ଥୁଆ—"

"ସେସବୁ କଥା ପକେଇ ପ୍ରୟୋଜନ ନାହିଁ ଚୂନିଲାଲବାବୁ, ମୁଁ ଯାଉଛି ।"

Digitized by srujanika@gmail.com

"ପ୍ରୟୋଜନ ଢେର୍ ଅଛୁ." ଚୂନୀଲାଲ ଚକ୍ରାର କଲ, "ଆପଣ ଯେ କଣ କହୁଛନ୍ତି ? ଆପଣ ପରୀକ୍ଷା ଦେବେ ନାହିଁ, ତେବେ ଦେବ କଏ ? କଲେଜର ନାଁ ବୁଡ଼ିଯିବ —"

"କଲେଜ ମୋଠୁ ଯଥେଷ୍ଟ ବଡ଼ ଚୂନୀଲାଲବାବୁ ।"

"ସେ କଥା ବରଂ ସ୍ୱୀକାର କଲ, କିନ୍ତୁ ଆପଣ—କଣ ହେଲ ? କଣ ହେଲ—" ବାଁରେଇହୋଇ କହିଲ, "କଣ ଟଙ୍କା ପଇସା କଛୁ—ମତେ କହିଥିଲେ ତ—"

"ଧନ୍ୟବାଦ । ନାଁ, ମୋର ଟଙ୍କା ଦରକାର ନାହିଁ ।"

"ନା ନା, ମାନେ ଉଧାର—"

"ନାହିଁ ।"

"ଦେଖନ୍ତୁ କେତେ ଲୋକ ଆପଣଙ୍କ ପାଖେ ଋଣୀ । ଗଣ୍ଡଗୋଳ ଛୁଟିଗଲ । ଛାତ୍ରମାନେ ପାଗଳ ପର ଆଉ କାହାକୁ ମତେଇ ବୁଲୁଲେ ନାହିଁ । ଫ୍ୟାକ୍ଟ୍ରି ଚାଲୁଛି, ସାମାନ୍ୟ ଅଧିକା ମଜୁରିରେ ମଜୁରିଆମାନେ ବେଶ୍ ଖୁସି । ଚବୁଠି ଶାନ୍ତି ଶୃଙ୍ଖଳା । ଏତେ ବଡ଼ କାମ ପାଇଁ ଯାଦବବାବୁଙ୍କ ସାହାଯ୍ୟ କେହିବେ ଭୁଲି ନାହିଁ । ଆଉ କାହା କଥା ଛାଡ଼ନ୍ତୁ, ଆପଣଙ୍କର କଛି ଅଭାବ ଅଛୁ ଶୁଣିଲେ କେ. ସି. ଦାସ୍—"

"ଓଃ, କହନ୍ତୁ ନାହିଁ ହେଗୁଡ଼ାକ ଚୂନୀଲାଲବାବୁ, ବାସ୍ତବକ୍ ଆପଣ ମୋ ପାଇଁ ଏତେ ଭାବନ୍ତୁ ନାହିଁ ।"

"ତେବେ କଣ ଅବୌ ପରୀକ୍ଷା ଦେବେ ନାହିଁ ।"

"ନା ।"

"କଣ ଆର ବର୍ଷ ?"

"ନା—"

"ଏଁ !"

"ହଉ ନମସ୍କାର, ମୁଁ ଯାଉଛି ।"

"ଆଶ୍ଚର୍ଯ୍ୟ !"

Digitized by srujanika@gmail.com

ଚନ୍ଦ୍ରଲାଲ ମୁହଁରେ ଯୋଖିଥିବା ସିଗାରେଟ୍‌ଟା କାଢ଼ି ପକେଇ ଜୋର୍‌ରେ ଦୂରକୁ ଫୋପାଡ଼ି ଦେଲା । ମୁହଁରେ ମନର ଭାବର ପ୍ରବଳତା ଲୁଚେଇ ହେଉନାହିଁ, ମୁହଁ ପୋଡ଼ୁଛି । ହରିଦ୍ରାକ୍ଷେତ୍ରର ହରଷ ଅଶ୍ରୁ ଓ ହସ ହଠାତ୍ ଯେପରିକି ସରିଯାଇଛି । ଯେଉଁ ଲୋକଟା ବୁଦ୍ଧି ବଗ୍ବଗର ଦର୍ଶନ ପ୍ରକରଣ ବାଟେ ଦୁନିଆଁକୁ ଦେଖେ ଧଳା ଆଲୁଅରେ ହଠାତ୍ ସେ ଆତ୍ମସ୍ଥ ନେଇଛି ମରମ ଭାବର, ଧଳା ଆଲୁଅ ଫଡ଼ାହୋଇ ଫାଟିଯାଇ ଦିଶୁଛି ନାନା-ରଙ୍ଗ । ଗଲା ଥରେଇ ଥରେଇ ଦୀର୍ଘଶ୍ୱାସ ଛାଡ଼ି ଚନ୍ଦ୍ରଲାଲ କହିଲା, "ଯାଦବ-ବାବୁ କଣ କହିବି—"

ଯାଦବ ତରଳିଗଲା । ଚନ୍ଦ୍ରଲାଲର ମୋଟା ମୁହଁଟି ସ୍ମରଣ ପକେଉଛି ତାର ପୁରୁଣା ପୃଥିବୀକୁ । ହସିଦେଇ କହିଲା ।

"ଚନ୍ଦ୍ରଲାଲବାବୁ, ପରୀକ୍ଷାଟା ନଦେଲ ବୋଲି ଏତେ ଭାବୁଛନ୍ତି କାହିଁକି ? କଣ ଥାଏ ସେଥିରେ ?"

"ଜୀବନ ମହାନ୍ତି ବି ପରୀକ୍ଷା ଦେବନାହିଁ, କିଶୋର ଦେବନାହିଁ—"

"ସେମାନେ ତ ଜେଲ୍‌ରେ । ସେଥିପାଇଁ କଣ ?"

"ଛାଡ଼ନ୍ତୁ, କଣ ଥାଏ । କେତେ ପିଲା ପରୀକ୍ଷା ଦେବେ ନାହିଁ । କେତେ ପିଲା ଫେଲ୍ ହେବେ । ଶହେ ଜଣରେ ବାରଜଣ ଯେଉଁ ଦେଶରେ ସାକ୍ଷର, ସେଠି ଶହେ ଜଣରେ ଅଠାଅଶୀ ଜଣ ଆଦୌ ଜାଣନ୍ତି ନାହିଁ ପରୀକ୍ଷା କଣ । ସେମାନେ କଣ ମଣିଷ ହେବେ ନାହିଁ ?"

ଚନ୍ଦ୍ରଲାଲ ଠିଆ ହୋଇଥାଏ, ଯାଦବ ଚାଲିଗଲା ।

ବାଲିବାଲେଇ ଉଠିଲା ପରି ଧାଇଁ ଯାଇ ଚନ୍ଦ୍ରଲାଲ ବେକଭାଙ୍ଗି ନମସ୍କାର କଲା, କହିଲା "ନମସ୍କାର ଯାଦବବାବୁ, ଜାଣେ ଖୁବ୍ ଶୀଘ୍ର ପୁଣି ଦେଖା ହେବା, ସେତେବେଳେ ଯେପରି ଭୁଲିଯିବେ ନାହିଁ ।"

ଗହଳି ସହର । ଆପଣା କାମରେ ଏକମୁହାଁ ହୋଇ ଲୋକ ଚାଲିଛନ୍ତି, ଗାଡ଼ି ଚାଲିଛି । ଯାହା ଯେମିତି ହୁଏ, ବିକାକିଣା, ଦୋକାନ ପାଟ, ବଜାର

Digitized by srujanika@gmail.com

ବାଟ, କାମ । ଝୋଲା ଟ୍ରକରେ ଲୁହାଛଡ଼ ବୋଝେଇ କରି କଳା ଟୋପି ନାଇ ବଡ଼ ଫୁର୍ତ୍ତି ଫୁର୍ତ୍ତି ବେପାରୁଆ ଚଳେଇଛି ଗାଡ଼ିବାଲା । ସେ କଣ ଜାଣେ, ଏଇ ଯାଦବ ପଧାନ ? ଘଣ୍ଟି ବଜେଇ ରିକ୍‌ସାବାଲା ଦୌଡ଼ୁଛି । କୁକୁରଧରା ଗାଡ଼ି ଠେଲିଠେଲି ମଣିଷ ବୋଝେଇହୋଇ ଟାଉନ୍‌ବସ୍ ଆସୁଛି । ବୁଲା ବଙ୍ଗାଳୀ ବୋଝ ବୋହି ଚାଲିଛି । ପରିବା ଦୋକାନରେ ଦ ପଇସା ପାଇଁ ଲାଗିଛି ବକାବକ୍ । ସେମାନେ କଣ ଜାଣନ୍ତି ?

ଯାଦବ ପଧାନ ଦେଖି ଦେଖି ବୁଲୁଛି । ଦେଖୁଛି ନୂଆ ଦୃଷ୍ଟିରେ, ନୂଆ ସମସ୍ୟା ଉପୁଜୁଛି । ଅତି ଦ୍ରୁତ ଘୂରି ଲାଗିଛି ମନ ଭିତରେ ନୂଆ ବିଚାରର ଚକ, ଛେଦ ଲାଗିଛି । ପରସ୍ତକୁ ପରସ୍ତ କାଟି ପକେଇ ନିରେଖି ଲାଗିଛି ଅନ୍ତର ତଳକୁ । ସହରର ସବୁ କୋଠାର ଚେର ଯେପରି ଲମ୍ବି ଯାଇଛି ଗଣ୍ଡ ମଫସଲର ମାଟି ଭିତରକୁ । ହଠୁ ସମସ୍ୟା ସରଳହୋଇ ଡୋରି ଲମ୍ବେଇଛି ସହରର ସେପାରି, ନଈ ସେପାରି ।

ସହର ତଳେ ଏହି ନଈ ବାଲିରେ ଦିନେ ଠିଆହୋଇଥିଲେ ଜଣେ, ଦେଶ ତାର, ସନ୍ଦେଶ ଶୁଣିବାକୁ ବ୍ୟାକୁଳହୋଇ ଧାଇଁ ଆସି ରୁଣ୍ଡ ହୋଇଥିଲେ ଏଠି । ଉଲୁସି ଉଠି ଆକାଶ ଚିରିଥିଲା ଉଦ୍ଦାନ୍ତ ଆଶାର ଧ୍ୱାନ୍ତନାଦ- "ମହାତ୍ମା ଗାନ୍ଧୀଙ୍କ ଜୟ !"

ଯାଦବ ସେହି ନଈବାଲିକି ଚାହିଁ ମୁଗ୍ଧ ପରି ଠିଆହେଲା । ବାଲି ଶୋଇଛି, କାହିଁ ତାର ପଦଚିହ୍ନ ? ଆକାଶ ଥମ୍ବିଛି, କାହିଁ ତାର ଆଶାର ବାଣୀ ? ତଥାପି ସେହି ମରୀଚିକା ଭିତରେ ଦିଶିଯାଉଛି ସେହି ହାତର ଚିରକାଳର ନିର୍ଦ୍ଦେଶ—ସେପାରିକି—ସେପାରିକି—

ସେଇଠି ଆରମ୍ଭ ହେବ ଅମରପଣର ଅ ଆ, ଯେଉଁଠି ବର୍ଷି ମଡ଼କ କାଦୁଅ ମିଶା ବଲବାଡ଼ ଭିତରେ ଜୀବନର ଜମ ସିଝୁଆ ନଈରେ ଗଡ଼ିଚାଲେ ପାହାଚେ ପାହାଚେ, ପଲ୍ଲି ଘରେ ଜଳେ ଶୁଖିଲା ପତ୍ର ଓ ନଡ଼ିଆ ବାହୁଙ୍ଗାରେ ଧାନ ଉଷୁଆଁ ନିଆଁ । ଢିଙ୍କି ପାହାର ଶୁଭେ, ଶୁଭେ ଘଣା ପେଲିବାର କେଁ କଟର, ନଡ଼ା ଛାତ ବାଟେ ମଠେଇ ମଠେଇ ଧୂଆଁ ଉଠେ ।

Digitized by srujanika@gmail.com

ଚଳନ୍ତ ବେଳକୁ ଉପେକ୍ଷା କରି ଗାଁ କଣ୍ଢିଆରେ ବିରାଟ ଓସ୍ତଗଛ ଉପରକୁ ଉପରକୁ ବଢ଼ି ବଢ଼ି ଉଠି ପଦ ଝାଡ଼େ । ସେଇଠି ।

ବାଲିର ମସ୍ୱଚକା ତାକୁ ଆପଣାର କଲା, ବାଲିର ମମତା ଦେଲା ଆଶୀର୍ବାଦ । ଫେରିଆସିଲା ।

ଫ୍ୟାକ୍ଟରୀରେ ଗହଳ ଚହଳ ପକେଇ କାମ ଲାଗିଛି । ଜଣଙ୍କୁ ପଚାରିଲା, “କୋଉଠି ଏଠି ଗୁଳି ଚାଲିଥିଲା ଭାଇ ।” କୁଲି ଥରେ ସନ୍ଦେହରେ ତାକୁ ଚାହିଁଦେଲା, କିଛି ନ କହି ନ ଅଟକି ବୋଝ ବୋହି ଚାଲିଗଲା ତାର ବାଟେ ବାଟେ । ଲୋକ ଲାଗିଛନ୍ତି ପଙ୍ଗପାଳ ପରି । ଯନ୍ତ୍ର ଘୂରି ଲାଗିଛି କାନ ଅତଡ଼ା ପକେଇ । କାମ । ଝାଳ । ଭାବିବାକୁ ସମୟ ନାହିଁ ।

ବାଟରେ—ଏଇ ଘରେ ଛନା ରହେ ।

କବାଟ ବନ୍ଦ ।

ମଣ୍ଟୋଉ ମାଣ୍ଟୋଉ ଦୂରକୁ ଚାଲିଗଲା ।

କଲେଜ ପାଖ ହେଲା ।

ଘଣ୍ଟା ଶୁଭୁଛି ।

ଗାଡ଼ିରେ ଚାଲିଗଲା ସୁପ୍ରଭା ଦାସ ।

ଫାଟ ବାଟେ ସଡ଼କ ଧୂଳିକି ଫୋପାଡ଼ି ଦେଇଗଲା ଗୋଟାଏ ଫମ୍ପା ‘ନମସ୍କାର ।’

ଯାଦବ ମୁଣ୍ଡ ଟେକିଲା ।

ଗାଡ଼ି ଚାଲିଯାଇଛି ।

ହଠାତ୍ ଗମ୍ଭୀର ଚେତନାରେ ସେ ଝାଙ୍କି ହୋଇଗଲା ।

ସମୟ ନାହିଁ—ସମୟ ନାହିଁ ।

ତରତର ହୋଇ ତାର ବସାକୁ ଯିବା ଗଳିରେ ପଶିଗଲା ।

ଆସ୍କା □

୧୪-୯-୪୮

Digitized by srujanika@gmail.com